ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅକ୍ଟୋବର ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବନ୍ଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଶାରଦୀୟ ପାର୍ବଣ ପର୍ବର ହାର୍ଦ୍ଦିକ ଅଭିନନ୍ଦନ ।**

**ମା ମହାମାୟୀ ଜଗତ୍‌ଜନନୀ ସମସ୍ତଙ୍କ ମଙ୍ଗଳ କରନ୍ତୁ, ସମସ୍ତଙ୍କ ସ୍ୱପ୍ନ ସାକାର ହେଉ । ଏ ଧରାରୁ କରୋନା ରୋଗ, ଦୁଃଖ ଓ କ୍ଳେଷ ଦୂର କରନ୍ତୁ ।**

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| **କାହାଣୀ ବିଭାଗ** | | **୧୮** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ | ଅଶୋକ ବିଶ୍ୱାଳ | ୧୯ |
| ସିନ୍ଦୁର ହେଲା ସାତ ସପନ | ସରୋଜ କୁମାର ଜେନା | ୨୮ |
| ପ୍ରାୟଶ୍ଚିତ | ସୁଦୀପ ରୋହନ୍ ବାଘ | ୩୦ |
| ପ୍ରତିମୂର୍ତ୍ତିଙ୍କ ଆଖିରେ ଲୁହ | ଡଃ ପ୍ରଫୁଲ୍ଲ କୁମାର ପାଣି | ୩୪ |
| ଏଜେଣ୍ଡା | ପ୍ରୀତମ୍ ଅଭିଶେକ୍ ପାଣି | ୩୯ |
| କିଛି ଗପ, କିଛି ସତ | ବିନୟ ମହାପାତ୍ର | ୪୩ |
| ଜରା ନିବାସର ଜଟାୟୁ | ଗଦାଧର ବଳ | ୫୩ |
| ପାହାଡ଼ର ଲୁହ | ଦୁଷ୍ମନ୍ତ ବେହେରା | ୫୮ |
| ଖରାପ ମାଆ | ମୋନାଲିସା ତ୍ରିପାଠୀ | ୬୩ |
| ଦୁଇଟି ମିନିଗଳ୍ପ | ପ୍ରଦୀପ୍ତ କୁମାର ବିଶ୍ୱାଳ | ୭୨ |
| ଆଶିଷ ଦିଅ ମା | ବାସନ୍ତୀଲତା ଜେନା | ୭୬ |
| ତେଲିଆ ମୁଣ୍ଡରେ ତେଲ | ବୈଦ୍ୟନାଥ ପଣ୍ଡା | ୮୦ |
| ବାର୍ତ୍ତା | ଡମ୍ବରୁଧର ଦାଶ | ୮୪ |
| ଅପମୃତ୍ୟୁ ପାଇଁ କିଏ ଦାୟୀ | ଇଂ ବିଦ୍ୟାଧର ପଣ୍ଡା | ୯୧ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ପିତାଙ୍କ ଚାଲିଯିବା ପରେ | ଭବାନୀ ଶଙ୍କର ପଟେଲ | ୯୭ |
| ମୁକ୍ତିଦୂତ | ବି. ନିରୁପମା | ୯୯ |
| ଏକାଗ୍ରତାର ଫଳ | ପ୍ର. ଡଃ ସଞ୍ଜୟ ରାଉତ | ୧୦୫ |
| ସଂଗୀତବିଦ୍ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୧୦ |
| ମାଆ | ସ୍ୱର୍ଣ୍ଣରେଖା ପଣ୍ଡା | ୧୧୯ |
| ଢଗଢମାଳି ସଂଗ୍ରହ | ପି. ପୂରବୀ ମହାନ୍ତି | ୧୨୦ |


## ଗଳ୍ପସ୍ୱର୍ଦ୍ଧା ବିଭାଗ ୧୨୨


| | | |
|---|---|---|
| ଚତୁର୍ଥ ଗଳ୍ପସ୍ୱର୍ଦ୍ଧା ପ୍ରତିଯୋଗୀତା | | ୧୨୩ |
| ଆତ୍ମବିଶ୍ୱାସ | ସରୋଜିନୀ ମିଶ୍ର | ୧୨୫ |
| ନିକିର ସ୍ୱପ୍ନ | ସୁଧାଂଶୁ ମୋହନ ସାହୁ | ୧୩୨ |
| ବନ୍ଧୁତ୍ୱର ଖୋଳପା | ସରୋଜିନୀ ଦାସ | ୧୪୬ |
| କିଛି ଲୁହ ପିଇଯାଏ ଓଠ | ଜନ୍ମଜୟ ନାୟକ | ୧୫୦ |


## କବିତା ବିଭାଗ ୧୫୩


| | | |
|---|---|---|
| ଅମରଜ୍ୟୋତି କାବ୍ୟସ୍ୱୟମ୍ବର | ଦେବଦତ୍ତ ସୁନା | ୧୫୪ |
| ତୁମକୁ ଆଉଥରେ ଦେଖିବାକୁ ଇଚ୍ଛା | ଡା ନୀଳମାଧବ କର | ୧୫୬ |
| ସଖ ବୋଲି ଡାକିବା ପରେ | ଦୁର୍ବାଦଳ କରାଳି | ୧୫୮ |
| ମାନସିକତାର ଧାରା | ଅମରନାଥ ବାରିକ | ୧୬୦ |
| ଶୀତ | ମୃତ୍ୟୁଞ୍ଜୟ ପାତ୍ର | ୧୬୨ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନୂତନ ସୂର୍ଯ୍ୟ ଉଇଁବ | ରଶ୍ମୀବାଳା ଶତପଥୀ | ୧୬୫ |
| ଭାବନାର ଶବ୍ଦ | ଲିପ୍ସା ଆଚାର୍ଯ୍ୟ | ୧୬୭ |
| ସଂପର୍କର ହଜାରେ ଭିଡ଼ରେ | ବିଶ୍ୱରଞ୍ଜନ ଦାସ | ୧୬୮ |
| ଭଲ ପାଇବାରେ | ପୁଷ୍ପାଞ୍ଜଳୀ ପଣ୍ଡା | ୧୭୦ |
| ଚୀର ନମନଃ ଅଚ୍ୟୁତ | ଛବିରାଣୀ ପତି | ୧୭୧ |
| ହେ ମାଁ ଦୁର୍ଗେ | ବେବୀ ନାଏକ | ୧୭୩ |
| ସିଂହବାହିନୀ | ଲକ୍ଷ୍ମଣ ମହାନ୍ତି | ୧୭୬ |
| ଆସ ଗୋ ମା' ଦୁର୍ଗା | ମନୀଷା ପଣ୍ଡା | ୧୭୭ |
| ଦୁର୍ଗେ ଦୁର୍ଗତିନାଶିନୀ | ସରୋଜିନୀ ମିଶ୍ର | ୧୭୮ |
| ଦେବୀ | ମୀନାକ୍ଷୀ ପାଢ଼ୀ | ୧୮୦ |
| ଆସ ମା' | ସତ୍ୟବ୍ରତ ସାହୁ | ୧୮୧ |
| ମାଆ ଆସୁଛନ୍ତି | ପର୍ଶୁରାମ ସାହୁ | ୧୮୩ |
| ଆସୁଛନ୍ତି ମାଆ | ପ୍ରିୟଦର୍ଶିନୀ ମହାପାତ୍ର | ୧୮୪ |
| ମା | ଚୈତନ୍ୟ ବାଗ | ୧୮୬ |
| ଦଶହରା - ୨୦ | ବରୁଣ କୁମାର ଦାସ | ୧୮୭ |
| ଶାରଦୀୟ ସ୍ତୋତ୍ର | ମନୋରଞ୍ଜନ ସୁରୁଜାଳ | ୧୮୮ |
| ଶାରଦୀୟ ସ୍ପର୍ଶ | ସମ୍ୟଜିତ ପାତ୍ର | ୧୮୯ |
| ଶରତ | ହାସ୍ୟମୟୀ ରାଜ | ୧୯୦ |
| ଶରତ ଆସିଲା | ତ୍ରିନାଥ ବେହେରା | ୧୯୨ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବାଳକୁମାରୀ | ରଶ୍ମିତା ସାହୁ | ୧୯୩ |
| ମହିଷାସୁରର ଦୁର୍ଗାପୂଜା | ମଧୁସୂଦନ ମିଶ୍ର | ୧୯୪ |
| ମାଟିର ମହକ | ଶରତ କୁମାର ଦାସ | ୧୯୬ |
| ଆଗୋ ପଳାଶ | ରାଧାମୋହନ ପୂଜାହାରୀ | ୧୯୯ |
| ବାବୁଟିକେ ଦୃଷ୍ଟି ଦେବ | ଅଶ୍ୱିନୀ କୁମାର | ୨୦୦ |
| ତ୍ରିରଙ୍ଗା ଆହ୍ୱାନ | ରମାକାନ୍ତ ମାଝୀ | ୨୦୨ |
| ଅସୁରକ୍ଷିତ ପରୀ | ପୁଷ୍ପଲତା ସାହୁ | ୨୦୪ |
| ଆଶା | ସଂଯୁକ୍ତା ମହାପାତ୍ର | ୨୦୫ |
| ସପନର ସୌଦାଗର | ଡଃ ପ୍ରତିମା ଉପାଧ୍ୟାୟ | ୨୦୬ |
| ଯୌବନର ଆଗମନେ | ଭାରତୀ ସାହୁ | ୨୦୮ |
| ମାଆ ସିନା ଜାଣେ | ଗୁପ୍ତେଶ୍ୱର ଚାନ୍ଦ | ୨୦୯ |
| ଭ୍ରମରେ ଭ୍ରମିଲୁ ଧରା | ଅଲେଖ ମେହେର | ୨୧୧ |
| ମୁଁ କିଏ | ଅଶୋକ କୁମାର ପଧାନ | ୨୧୩ |
| ଗୁହାରୀ ଶୁଣିବା ହେଉ | ରାଜେନ୍ଦ୍ର ଶତପଥୀ | ୨୧୪ |
| ବୁଝୁନାହିଁ ମନ | କୁମାର ଲୋକେଶ | ୨୧୫ |
| ହାରିନାହିଁ କେବେ ନ୍ ହାରିବି | ପ୍ରତିମା ମେହେର | ୨୧୬ |
| ଅମଣିଷ | ଭବାନୀ ଶଙ୍କର ଗିରି | ୨୧୭ |
| ଜନେ ଉଠ | ଦୁଷ୍ମନ୍ତ ବେହେରା | ୨୧୮ |
| ପରମାତ୍ମାରୁ ଆତ୍ମା | ସୁନିତା ପରିଡ଼ା | ୨୨୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କର୍ତ୍ତବ୍ୟ | ଦେବେନ୍ଦ୍ର ଭୁଏ | ୨୨୧ |
| ନୂଆ ସକାଳ, ନୂଆ ଉଲ୍ଲାସ | ଆଶୁତୋଷ ମେହେର | ୨୨୨ |
| ପଞ୍ଚଗନୀ ଗିରିମାଳା | ପ୍ରଫୁଲ୍ଲ କୁମାର ପାଣି | ୨୨୩ |
| ଇନ୍ଦ୍ରଧନୁର ଛିଟାରେ ଜୀବନର ସ୍ୱପ୍ନ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୨୫ |
| ପ୍ରଦୂଷିତ | ଅନନ୍ତ ପଟେଲ | ୨୨୭ |
| ଗରିବର ସ୍ୱପ୍ନ | ରାମଚନ୍ଦ୍ର ପ୍ରଧାନ | ୨୨୮ |
| ନିଦ | ବିରଞ୍ଚିନାରାୟଣ ମିଶ୍ର | ୨୨୯ |
| ମୁଁ ଟିକିଏ ହସିଦେଲି | ନେପାଳ କୁମାର ବେହେରା | ୨୩୧ |
| ସୁଖମୟ ଦାମ୍ପତ୍ୟ ଜୀବନ | ବାସନ୍ତୀଲତା ଜେନା | ୨୩୨ |
| ବର୍ଷା | ପ୍ରଦୀପ କୁମାର ସିଂହ | ୨୩୪ |
| ଉଦବୋଧନ | ସୌମେନ୍ଦ୍ର ମହାନ୍ତି | ୨୩୬ |
| ଜହ୍ନିଫୁଲ | କ୍ଷୀରସିନ୍ଧୁ ନାୟକ | ୨୩୭ |
| ମୁଁ ଆଉ ତମେ | ଲିଟନ୍ କୁମାର ବେହେରା | ୨୩୮ |
| ମୁଁ ଖୋଜୁଛି | ଅଜୟ କୁମାର ଜେନା | ୨୩୯ |
| ପୃଥିବୀ | କାହ୍ନୁଚରଣ ସାହୁ | ୨୪୦ |
| ଆଉଥରେ ଆସ ଫେରି | ଶାନ୍ତନୁ କୁମାର ରାଉତ | ୨୪୧ |
| ଘାଗରା | ଯତିନ୍ଦ୍ର ସ୍ୱାଇଁ | ୨୪୨ |
| ଜୟ ଶିବଶଙ୍କର | ବୈଦ୍ୟନାଥ ପଣ୍ଡା | ୨୪୪ |
| ଶିଉଳୀ ଫୁଲର ଗୀତ | ସୌମ୍ୟରଞ୍ଜନ ପାଲ | ୨୪୫ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମୋ ଗାଁ ତାଳପଦା | କମଳଲୋଚନ ମଲ୍ଲିକ | ୨୪୬ |
| ବିଶ୍ୱାସ ଅବିଶ୍ୱାସ | ବାଲାଜୀ ସେଠୀ | ୨୪୭ |
| ପ୍ରେମର ଆରମ୍ଭ ଇତି | ପ୍ରଶାନ୍ତ କୁମାର ପଧାନ | ୨୪୮ |
| ପ୍ରାର୍ଥନା | ପ୍ରଜ୍ଞାଭାରତୀ ପାଣି | ୨୪୯ |
| ନୀଳ ଆକାଶ | ଭାଗିରଥୀ ଯାନୀ | ୨୫୦ |
| କଙ୍କାଳ | ଧୀରେନ୍ଦ୍ର କୁମାର ପ୍ରଧାନ | ୨୫୧ |
| ତୁମେ ବର୍ଷାକୁ ଭଲପାଅ ବୋଲି | ମୈତ୍ରେୟୀ ତ୍ରିପାଠୀ | ୨୫୨ |
| ଜାଣିନି ମୁଁ | ଅଞ୍ଜଳୀ ପଣ୍ଡା | ୨୫୩ |
| ଗାନ୍ଧୀ ତୁମେ ପୁଣି ଫେରିଆସ | ସ୍ୱାଗତ ମିଶ୍ର | ୨୫୪ |
| ବିସ୍ମୟ ତୁମେ ଗାନ୍ଧୀ | ସେବକ ବସନ୍ତ କୁମାର ମହାପାତ୍ର | ୨୫୫ |
| ଗାନ୍ଧୀ ହେ | ଜ୍ୟୋତ୍ସ୍ନାମୟୀ ପୋଲାଇ | ୨୫୭ |
| ମାନସପଟରେ ଗାନ୍ଧୀ | ଏସ୍ ଶ୍ରୀମନ୍ ନାରାୟଣ ପାତ୍ର | ୨୫୯ |
| ଅହିଂସା | ଅନାମ ଚରଣ ସାହୁ | ୨୬୨ |
| ବ୍ୟଥିତ ହୃଦୟ | ସନ୍ତୋଷ ପଟ୍ଟନାୟକ | ୨୬୩ |
| କଥା କିଞ୍ଚିତ୍ | ହରେରାମ ପଣ୍ଡା | ୨୬୪ |
| ପ୍ରାୟଶ୍ଚିତ | ରୋହିତ ସେଠୀ | ୨୬୫ |
| ଏକ ଜୋକରର କାହାଣୀ | ଅନସୂୟା ପଣ୍ଡା | ୨୬୬ |
| କେବେ ଲିଭିଗଲା | ସୁଶାନ୍ତ କୁମାର ଧଳ | ୨୭୦ |
| ଅପା | ଶୁଭସ୍ମିତା ଜେନା | ୨୭୧ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆଶ୍ୱାସନା | ପ୍ରଦୀପ ବନ୍ଧ | ୨୭୩ |
| ସ୍ୱପ୍ନ | ବିଜୟ କୁମାର ପଣ୍ଡା | ୨୭୫ |
| ନିଦ ଛୁଏଁ ଆସି ଆଖି | ତପନ କୁମାର ସ୍ୱାଇଁ | ୨୭୭ |
| କେଡ଼େ ଅସହାୟ ଆମେ | ନିତ୍ୟରଞ୍ଜନ ନନ୍ଦ | ୨୭୮ |
| ହଜିଲା ଦିନ | ଗୌରୀ ପଣ୍ଡା | ୨୮୦ |
| ବାଜି ରାଉତ କହୁଛି | ରିପୁନ୍ ଜୟ ମହାପାତ୍ର | ୨୮୨ |
| ଆଉ ନାହିଁ ସେ କାଳର ବେଳ | ସୋନାଲି ସରିତା ବେହେରା | ୨୮୩ |
| ବନ୍ଧୁତ୍ୱ | ଜ୍ଞାନେଶ୍ୱର ମିଶ୍ର | ୨୮୫ |
| ସମ୍ପର୍କ ଗୁରୁଶିଷ୍ୟର | ତପନ କୁମାର ପଣ୍ଡା | ୨୮୬ |
| ଖବର | ମନୋରଞ୍ଜନ ବିଷୋୟୀ | ୨୮୭ |
| ମୋ ପିଲାଦିନ | ସୁଧିର କୁମାର ବାରିକ | ୨୮୮ |
| ମୁକ୍ତିର ଗାଥା | ଦୀପକ ଷଡ଼ଙ୍ଗୀ | ୨୯୧ |
| ତୁମ ନୂଆ ରୂପ | ସିଦ୍ଧେଶ୍ୱର ତ୍ରିପାଠୀ | ୨୯୨ |
| ସୁନୀଳ ଆକାଶ | ଅଳକା ପ୍ରିୟଦର୍ଶିନୀ | ୨୯୩ |
| ତୁମେ ଓ କବିତା | ନିରଞ୍ଜନ ସାହୁ | ୨୯୪ |
| ଚନ୍ଦ୍ରମା | ମନୋଜ କୁମାର ବେହେରା | ୨୯୫ |
| କଲମ ଝର | ହେମନ୍ତ ପଲେଇ | ୨୯୬ |
| ଚିତ୍କାର | ସୋନାଲି ଗଡ଼ନାୟକ | ୨୯୭ |
| ଅଭାବ | ପ୍ରଣତୀ ସାହୁ | ୨୯୮ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅଳସୀ ପ୍ରିୟା ମୋ ପ୍ରବାସି | ପ୍ରହ୍ଲାଦ ସାହୁ | ୨୯୯ |
| ଗୃହବନ୍ଦୀ ଛାତ୍ରୀ ଜୀବନ | ଲୋପାମୁଦ୍ରା ତ୍ରିପାଠୀ | ୩୦୧ |
| ବଟବୃକ୍ଷ | ମୀନକେତନ ବୋଡ଼କିଆ | ୩୦୨ |
| ଆର୍ତ୍ତତ୍ରାଣ ଜଣାଣ | ସୁରେନ୍ଦ୍ର କୁମାର ସାହୁ | ୩୦୩ |
| ଶିକ୍ଷା | ଜୟନ୍ତ କୁମାର ସାହୁ | ୩୦୫ |
| ଶିକ୍ଷା | ବର୍ଷାରାଣୀ ବିଶ୍ୱାଳ | ୩୦୬ |
| ଭୂତାଣୁ | ଅନସୂୟା ପଣ୍ଡା | ୩୦୭ |
| ଥରେ ତ ଆସ | ପ୍ରିୟଦର୍ଶୀ | ୩୦୮ |
| ମନେ ପଡ଼େ ପ୍ରିୟା | ସାଗର ନାୟକ | ୩୦୯ |
| ଦିଅ କୁନିଭାଇ, ନେବି ଯେ ଆଦରି | ପ୍ରଭାତ ମିଶ୍ର | ୩୧୦ |
| ବହୁରୂପୀ ନାରୀ | କୈଳାଶ ଚନ୍ଦ୍ର ସାହୁ | ୩୧୧ |
| ସିନ୍ଦୁର | ଭକ୍ତବନ୍ଧୁ ବିଶ୍ୱାଳ | ୩୧୪ |
| ଆଇନା | ବିଶ୍ୱନାଥ ସେଠୀ | ୩୧୫ |
| ରାତିଟା କେମିତି କଟିଛି | ତୃପ୍ତି (ଲିମନ୍) | ୩୧୭ |
| ଅଫେରା ଅତୀତ | ସୀତାକାନ୍ତ ମହାପାତ୍ର | ୩୧୮ |
| ସେହି ମୋ ଜନମଭୂଇଁ | ନବନୀତା ଚକ୍ରବର୍ତ୍ତୀ | ୩୧୯ |
| ମୋ ମାଟି ମାଁ ଓଡ଼ିଶା | ରାକେଶ କୁମାର ଦାସ | ୩୨୦ |
| ଖୁଣରେ ଗୁଣ | ସୁବାସ ଚନ୍ଦ୍ର ମୁଦୁଲି | ୩୨୨ |
| ନୁହେଁ ମୁଁ ଲେଖିକା | ଅଲିଭା ସାହୁ | ୩୨୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପ୍ରକୃତିରାଣୀର କେତେ କାହାଣୀ | ବାବାଶେଖର ବେହେରା | ୩୨୪ |
| ବାହାଘର | ଆଲୋକ କୁମାର ସାହୁ | ୩୨୫ |
| ଘର | ସରୋଜ କୁମାର ସାହୁ | ୩୨୯ |
| ଅପେକ୍ଷା ଅଫେରା ଅତିଥିର | ସାଇ ଉଜ୍ଜୟିନୀ ଜେନା | ୩୩୦ |
| ନାରୀ | ମଞ୍ଜୁରାଣୀ ମିଶ୍ର | ୩୩୨ |
| ହେ ମହାନଗୁରୁ | ଚନ୍ଦ୍ରକାନ୍ତ ଜେନା | ୩୩୪ |
| ଅତୀତ | ସୌମ୍ୟରଞ୍ଜନ ପାତ୍ର | ୩୩୬ |
| ରାଧାଗୋପାଳ | ଶ୍ରୀରାଜଶେଖର ସି 'ଚିମା' | ୩୩୭ |
| ଆସନ୍ତୁ ନୀରବ ରହିବା | ରମଣୀକାନ୍ତ ସାହୁ | ୩୩୮ |
| **ସମ୍ବଲପୁରୀ ବିଭାଗ** | | **୩୪୧** |
| ମାଁ ଗୋ | ସୁଦଣ୍ଡ ପ୍ରସାଦ ନନ୍ଦ | ୩୪୨ |
| ଜଏ ମାଁ ଦୁର୍ଗେ | କୌଶିକ ସାହୁ | ୩୪୪ |
| ଗୁହାରି କରୁଛେଁ ପାହାତଲେ | ମନୋରଞ୍ଜନ ସୁରୁଜାଳ | ୩୪୬ |
| ଜୁହାର୍ ମାଁ ମଂଗଲା | ସହଦେବ ଧରୁଆ | ୩୪୮ |
| ଚାଷୀର ମନ | ବିଶ୍ୱନାଥ ଭୁଏ | ୩୫୧ |
| ଚାଷୀ ଘରର୍ ପିଲା ଆମେ | ରାଜେନ୍ଦ୍ର ବୋଡ଼କିଆ | ୩୫୨ |
| ନୂଆଁ ଧାନ୍ ଚାଷୀର ମାନ୍ | ଦେବଦତ୍ତ ପଣ୍ଡା | ୩୫୪ |
| ନୂଆଁ ଧାନ୍ ଚାଷୀର ମାନ୍ | ବିପ୍ଳବ କୁମାର ନାଥ | ୩୫୫ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମାଁ ମାଏଟ୍ ଡାକୁଛେ | ଦେବେନ୍ଦ୍ର ଭୁଏ | ୩୫୭ |
| ତାହାକେ ପାସ୍‌ରି ଦେ'ରେ ମନ୍ | ହୃଷିକେଶ ସାହୁ | ୩୫୯ |
| ପଲାଉଡ଼ା | କ୍ଷମାନିଧି ସାହୁ | ୩୬୧ |
| ସୁବିଧା ଥି ଅସୁବିଧା | ବରୁଣ କୁମାର ପାଣି | ୩୬୫ |
| ଶିକାରୀ | ଦେବଦତ୍ତ ସନ୍‌ସ | ୩୬୭ |
| ଭେବା | ସତ୍ୟନାରାୟଣ ମିଶ୍ର | ୩୭୦ |
| ସ୍ୱାମୀ ସାର୍ | ଦେବେନ୍ଦ୍ର ଭୁଏ | ୩୭୨ |
| ମାତୃଭାଷା : ଗୁଟେ ଅନୁଚିନ୍ତନ | ଦେବେନ୍ଦ୍ର ଭୁଏ | ୩୭୯ |
| ଧାଡ଼ିନୁ ଟିକେ ଅଲ୍‌ଗେ ଚାଲବାର୍ କଥା | ସାଇ ପ୍ରସାଦ ସାହୁ | ୩୮୩ |


## ପ୍ରବନ୍ଧ ବିଭାଗ ୩୮୫


| | | |
|---|---|---|
| ବୈବାହିକ ଜୀବନ ଓ ମାନବିକ ମୂଲ୍ୟବୋଧତା | ପଙ୍କଜ କୁମାର ପାଣିଗ୍ରାହୀ | ୩୮୬ |
| ଦିଆସିଲି | ବୈକୁଣ୍ଠନାଥ ଖଟୁଆ | ୩୯୦ |
| ନାରୀ | ଜ୍ୟୋତ୍ସ୍ନାମୟୀ ପଲେଇ | ୪୦୧ |
| ଯୌତୁକ ଦୈତ୍ୟ ଓ ଯୁବଶକ୍ତି | ସୌଭାଗ୍ୟବତୀ ଗିରି | ୪୦୪ |
| ଗାନ୍ଧୀ ଦର୍ଶନ : ଏକ ଦୃଷ୍ଟିପାତ | ଶରତ କୁମାର ଦାସ | ୪୦୯ |
| ମହାତ୍ମା ଗାନ୍ଧୀ | ଦେବେନ୍ଦ୍ର ସାମଲ | ୪୧୬ |
| ହେ ବୀର... ତୁମପାଇଁ ପଦେ | ପି ପୂରବୀ ମହାନ୍ତି | ୪୩୦ |
| ସମାଜ ଓ ସଚେତନତା | ପ୍ରିୟଦର୍ଶିନୀ ମହାପାତ୍ର | ୪୩୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମାୟାନଗରୀର ମାୟା | ଅଭିମନ୍ୟୁ ବେହେରା | ୪୩୫ |
| ବହୁପ୍ରତିଭାର ଅଧିକାରୀ ସୁଧୀର | | ୪୩୮ |
| ବିଶେଷ ସୂଚନା | | ୪୪୧ |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ୱଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

# http://anchor.fm/aahwaan

ଆହ୍ୱାନ ଇ-ପତ୍ରିକାର ନୂତନ ଅନଲାଇନ୍ ପୋଡ଼କାଷ୍ଟ ଚ୍ୟାନେଲକୁ ସବସ୍କ୍ରାଇବ୍ କରନ୍ତୁ ପ୍ରତ୍ୟେକ ମାସରେ ଆହ୍ୱାନରେ ପ୍ରକାଶିତ ଗଳ୍ପ ଓ କବିତାକୁ ଆମେ ଅନଲାଇନ୍ ରେଡ଼ିଓ ଦ୍ୱାରା ପ୍ରସାରଣ କରିବୁ । ଆପଣମାନେ ଶୁଣନ୍ତୁ ଏବଂ ଅନ୍ୟମାନଙ୍କୁ ଶୁଣାନ୍ତୁ ପୋଡ଼କାଷ୍ଟ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

*ଯା ଦେବୀ ସର୍ବଭୂତେଷୁ, ଶକ୍ତିରୂପେଣ ସଂସ୍ଥିତା*

*ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ, ନମୋ ନମଃ ।*

ଶରତର ଛଟା, ନଦୀ, ବଣ, ବିଲ, ପାହାଡ଼ କନ୍ଦରରେ ଧୋବ ଫରଫର ଚାଦର ପରି କାଶତଣ୍ଡୀ ରୂପରେ ସବୁଆଡ଼େ ବିସ୍ତାର ଲାଭ କରିଛି । ଅନ୍ୟବର୍ଷ ମାନଙ୍କରେ କଣ ଏତେ ମାତ୍ରାରେ କାଶତଣ୍ଡୀ ଦେଖା ଯାଉଥିଲା ? ମନେ ପଡୁନି । କାରଣ ହୋଇପାରେ ସେଇ ସବୁ ବର୍ଷ କର୍ମବ୍ୟସ୍ତତା ଭିତରେ କାଶତଣ୍ଡୀର ମନମୋହକର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା କଥା କେବେ ମନରେ ଆସିନାହିଁ । ଚଳିତ ବର୍ଷ କରୋନା କାଳରେ କିଛି ସମୟ ବ୍ୟସ୍ତତାରୁ ଦୂରରେ ପାଇବାପରେ ଦେଖୁଛି, ସବୁଆଡ଼େ କେବଳ କାଶତଣ୍ଡୀ ଭରି ହୋଇ ରହିଛି ।

ଧରାର ଏ ସୁନ୍ଦର ସମୟରେ ଆସୁଛନ୍ତି ଜଗତଜନନୀ, ମହିଷାମର୍ଦ୍ଦିନୀ ମା ଦୁର୍ଗା । ମା'ଙ୍କ ଆଗମନ ପାଇଁ ଯେଉଁଭଳି ଉତ୍ସାହ ଉଦ୍ଦୀପନା ଥାଏ, ସମ୍ଭବତଃ ଚଳିତ ସମୟରେ ତାହା ନ ହୋଇପାରେ, କିନ୍ତୁ ଦେଶବାସୀ ଆଶା କରିଛନ୍ତି, ମା ଆସିଲେ ଦୁଃଖ ନିଶ୍ଚୟ ଦୂର କରିବେ । ମହିଷାସୁର ଭଳି ଦୈତ୍ୟକୁ ନିପାତ କରିଥିବା ମା, କରୋନାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମକୁ ନିସ୍ତାର ଦେବେ । ଭଗବତୀଙ୍କ ଚରଣରେ ସମସ୍ତ ଭକ୍ତ ଓ ଜନତା ଏହି ଗୁହାରି ଜଣାଇବାକୁ ତତ୍ପର ଅଛନ୍ତି ।

କରୋନା ପାଇଁ ଯେତେବେଳେ ସମୁଦାୟ ଦେଶ ବା ବିଶ୍ୱ ବୋଲି କହିହେବ, ଲକ୍ ଡାଉନ୍ ଓ ସଟ୍ ଡାଉନରେ ବ୍ୟତିବ୍ୟସ୍ତ ହୋଇପଡିଥିଲା, ଏହି ସମୟ କିନ୍ତୁ ସାହିତ୍ୟିକ ମାନଙ୍କ ପାଇଁ ଏକ ଉତ୍କୃଷ୍ଟ ସମୟ ଆଣିଦେଇଥିଲା, ନୂତନ ସର୍ଜନା ଏବଂ ଆତ୍ମବିଶ୍ଳେଷଣ କରିବା ପାଇଁ । ବିଗତ ଅନେକ ସଂସ୍କରଣରେ ଆହ୍ୱାନ ପତ୍ରିକାରେ ଲେଖକଲେଖିକାଙ୍କ ଉଚ୍ଛ୍ୱସିତ ଅଂଶଗ୍ରହଣ ଏହାର ଅନନ୍ୟ ଉଦାହରଣ । ଆମ ଭାଷା ସାହିତ୍ୟର ରଥୀ ମହାରଥୀମାନେ ଏହି ସମୟକୁ ସୁବିନିଯୋଗ କରି ପାରିଛନ୍ତି । ଆଶା କରୁଛି ଏହାଦ୍ୱାରା ଆମ ଭାଷା ଭଣ୍ଡାର ନିଶ୍ଚୟ ଭାବରେ ସମୃଦ୍ଧ ହୋଇଥିବ ।

ଗୋଟିଏ ବିଷୟ ପ୍ରତି ଆପଣଙ୍କ ଧ୍ୟାନ ଚାହୁଁଛି । ଆପଣ ଯେଉଁମାନେ ସମସ୍ତେ ଆହ୍ୱାନ ଇ-ପତ୍ରିକା ପାଇଁ ଲେଖାଲେଖି ଦେଉଛନ୍ତି, ହୃଦୟର କେଉଁ ନିଭୃତ କୋଣରେ କେବେ ନା କେବେ ଆଶା କରିଥିବେ ଯେ ନିଜଦ୍ୱାରା ଲିଖିତ କୃତୀକୁ ନେଇ ଏକ ପ୍ରକାଶିତ ପୁସ୍ତକର କଳେବର ଦେଇ ପାରିବି କି ? ପ୍ରତ୍ୟେକ ଲେଖକ ଲେଖିକାଙ୍କ ମନରେ ଏହି ଆଶା ନିଶ୍ଚୟ ରହିଥାଏ । ବୈଷୟିକ ଜ୍ଞାନକୌଶଳ ଏବଂ ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା ପୂର୍ବରୁ ଏଭଳି ଏକ ସମୟ ଥିଲା, ଯେତେବେଳେ ପ୍ରାୟ ଅଧିକାଂଶ ନବୀନ ଏବଂ ପ୍ରବୀଣ ଲେଖକଲେଖିକା ନିଜ ବହି ପ୍ରକାଶନ ପାଇଁ ଆଗଭର ହେଉଥିଲେ ଏବଂ ପ୍ରକାଶିତ ପୁସ୍ତକକୁ ପ୍ରସିଦ୍ଧ ଗ୍ରନ୍ଥାଗାର ମାନଙ୍କରେ ଦେଖିବାର ସ୍ୱପ୍ନ ଦେଖୁଥିଲେ । ରାଜା ରାମମୋହନ ରାୟ ଲାଇବ୍ରେରୀରେ ଯଦି ଆପଣଙ୍କ ପୁସ୍ତକକୁ ସ୍ଥାନ ମିଳୁଥିଲା, ମନେ ହେଉଥିଲା ଜୀବନ ଧନ୍ୟ ହୋଇଗଲା । ଧିରେ ଧିରେ ଇଣ୍ଟରନେଟର ପରିବ୍ୟାପ୍ତି ପରେ ଲୋକମାନେ ବହି କିଣି ପଢ଼ିବା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅପେକ୍ଷା ଅନଲାଇନ୍ କମ୍ପ୍ୟୁଟର ଏବଂ ପରେ ପରେ ମୋବାଇଲ୍ ପଟ୍ଟଳରେ ଦେଖିବା ଓ ପଢ଼ିବାକୁ ଆଗ୍ରହ ପ୍ରକାଶ କଲେ । ତଥାପି ଅନେକ ଲେଖକ ଲେଖିକା ପୁସ୍ତକ ପ୍ରକାଶନ ପ୍ରତି ବିଶେଷ ଆଗ୍ରହ ଦେଖାନ୍ତି । ଏହାର ଗୋଟିଏ କାରଣ ହୋଇପାରେ ପୁରସ୍କାର ପ୍ରାପ୍ତି ଏବଂ ଅଧିକ ଜନ ଆଦୃତି । ସେ ଯାହା ବି ହେଉ, ଏହି କଥା କହିବାର କାରଣ ହେଉଛି, ବିଗତ ଦିନରେ ଆମ ପତ୍ରିକାର ଜଣେ ନିୟମିତ ଲେଖକ ନିଜର ପୁସ୍ତକ ପ୍ରକାଶନ ପାଇଁ ବନ୍ଧୁ ଏବଂ ପାଠକଙ୍କ ଦ୍ୱାରା ପ୍ରୋତ୍ସାହନ ପାଇବା ପରେ ଏହି ପ୍ରଶ୍ନ ପଚାରିଛନ୍ତି । ଆପଣ ମାନଙ୍କ ମତ କଣ ? ଆପଣଙ୍କୁ କଣ ଲାଗେ ? ପୁସ୍ତକ ପ୍ରକାଶନକୁ ପ୍ରୋତ୍ସାହନ ଦେବା ଉଚିତ ନା ନାହିଁ । ଏହି ବିଷୟରେ ଆପଣ ନିଜସ୍ୱ ମତାମତ ଆମକୁ ଇମେଲ୍ ମାଧ୍ୟମରେ ଦେଇ ପାରିବେ । ସଂପାଦକୀୟ ମତାମତ ଆଗାମୀ ସଂସ୍କରଣରେ ପ୍ରକାଶିତ ହେବ ।

ଅନଲାଇନ୍ ସାହିତ୍ୟର ଅନ୍ୟ ଏକ ଦିଗ ହେଉଛି ପୋଡ଼କାଷ୍ଟିଂ ଯାହାକୁ ଆପଣ ଅନଲାଇନ୍ ରେଡ଼ିଓ ବୋଲି ମଧ୍ୟ କହି ପାରନ୍ତି । ଏହି ମାଧ୍ୟମରେ ଆହ୍ୱାନ ଇ-ପତ୍ରିକା ପଦାର୍ପଣ କରିବାର ଏକ ମାସରୁ ଅଧିକ ସମୟ ହୋଇଗଲାଣି ଏବଂ ପାଠକୀୟ ଆଦୃତି ପାଇ ଏହା ବହୁତ କମ ସମୟରେ ବହୁତ ଲୋକପ୍ରିୟ ବି ହୋଇପାରିଛି । ଆଗାମୀ ଦିନରେ ଏଥିରେ ଆମେ ସାକ୍ଷାତକାର କାର୍ଯ୍ୟକ୍ରମ ରଖିବୁ ସେଥିପାଇଁ ଆପଣଙ୍କ ମତାମତ ଆମକୁ ଆବଶ୍ୟକ । ଆମ ପୋଡ଼କାଷ୍ଟ ନିଶ୍ଚୟ ଶୁଣନ୍ତୁ ଏବଂ ନିଜ ବନ୍ଧୁମାନଙ୍କୁ ଶୁଣାନ୍ତୁ ।

ଆଶା କରୁଛି ଚଳିତ ସଂସ୍କରଣ ଆପଣ ମାନଙ୍କୁ ଭଲ ଲାଗିବ । ମା ଦୁର୍ଗା ସମସ୍ତଙ୍କୁ ଅଭୟ ବର ଦିଅନ୍ତୁ । ସଂସାରରୁ ଦୁଃଖ ଓ କ୍ଲେଷ ଦୂର କରନ୍ତୁ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ



ଅଶୋକ ବିଶ୍ୱାଳ

"ତଳ ଅଞ୍ଚଳର କାଦୁଆ ଆଉ ଜଳୀୟ ଜମିରେ ସତରେ ଆଲେୟା ଦେଖାଯାଏ ।"-ପାଓଲି ନିଜ କଥାକୁ ନାଟକୀୟ ଢଙ୍ଗରେ କହିଲେ । ଏକଥା ସେ ତ ଆଗରୁ କେତେବାର କହିସାରିଛନ୍ତି । ସେଥିରେ କିଛି ଦ୍ୱିମତ ମଧ୍ୟ ଅଛି । ତଥାପି ଗୁପ୍ତରେ କିଛି କଥା ଫୁସଫୁସ କରି କହିଲେ କଥା ସିଧା ମନ ଭିତରକୁ ଚାଲିଯାଏ କିଛି ବାଧା ନମାନିକି । ଏମିତିଆ ଅଜଣା ବିଷୟରୁ ପରେ କିଛି ତଥ୍ୟ ବାହାରକରି କିଛି ଥେସିସ ଲେଖିହେବ ।

ଏମିତି ବି ବେଙ୍ଗଲର ତଳୁଆ ଅଞ୍ଚଳରେ ଅନେକ ଜଳୀୟ ଜମି ଅଛି । ବେଙ୍ଗଲରେ ଅସଂଖ୍ୟ, ନଦୀ, ନାଳ, ଗଙ୍ଗା ଆଉ ବ୍ରହ୍ମପୁତ୍ରର ତିକୋଣଭୂମି । ସବୁଆଡେ ପାଣି କାଦୁଅ ପଚପଚ । ମଝିରେ ମଝିରେ ଚାଷଜମି ଆଉ ଆଖି ନପାଉଥିବା ବଡବଡ ଜଳୀୟ ପାଟ । ଅନେକ ଯାଗାକୁ ଲୋକେ ଏ ପର୍ଯ୍ୟନ୍ତ ପାଦ ପକାଇ ନାହାନ୍ତି । ସୁନ୍ଦରବନ ଅଞ୍ଚଳଟା ପାଣି ଭିତରୁ ଯେମିତି ବାହାରି ଆସିଛି । ଜୁଆର ମାଡିଆସେ । ଉପରୁ ନଦୀରୁ ତଳକୁ ପାଣି ବୋହିଯାଏ । ଆଉ ଖାଲୁଆ ଜମିରେ ପାଣି ଭରିଯାଏ । ସେମିତିଆ ପାଣି ଭିତରେ କେତେ ସାଧାରଣ ବିଚାର ବାହାରର ଅସ୍ୱାଭାବିକ କଥାମାନ ଘଟିଯାଏ । ଏମିତି ଏକ ଘଟଣା ହେଉଛି ଆଲେୟା ।

ସୁନ୍ଦରବନର ପାଣି ଭିତରକୁ ଗଲେ ଅନେକ ଘଟଣା ନିଜ ଆଖିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିବେ । ଏକ ତଲୁଆ ଅଞ୍ଚଳର ଜମିରେ ପତ୍ର, ଦଳ ସବୁ ସଢିଗଲାଣି । କାଳିଚିଆ ପାଣି । ରାତି ଅଧିକ ହୋଇଗଲାଣି । କେଉଁଠି ସୋରଶବ୍ଦ ନାହିଁ । ଏମିତିଆ ଯାଗାରେ ଲୋକେ ରୁହନ୍ତିନି । ସେଇ ସମୟରେ ଏକ କ୍ଷୀଣ ନୀଳ ଆଲୋକ ଦୂରରେ ଜଳି ଉଠିବ । ଏଠି ସେଠି ଜଳି ଲିଭି ଯାଉଥିବ । ପାଖରେ କେହି ନାହାନ୍ତି । ତାହେଲେ ଆପଣମାନେ କଣ କରିବେ ? ଜୀବନ ବିକଳରେ ଦୌଡି ପଳାଇବେ ନା କଥାଟା କଣ ଜାଣିବାକୁ ସେଇ ଆଲୁଅ ଆଡକୁ ଯିବେ ?– ପାଓଲି ଏକ କଳ୍ପନାର ଦୁନିଆ ତିଆରି କରି ପ୍ରଶ୍ନ ପଚାରୁଥିଲେ ।

ସମସ୍ତଙ୍କର ମୁଣ୍ଡ ପ୍ରାୟ ଏକାଠି ହୋଇଯାଇଛି । ସେ ଏକ ଅଲଗା ଅନୁଭୂତି ନେଇ ଆସୁଥିଲେ । ସେଠି ଯେମିତି କିଛି ଘଟୁଛି । ଜଣକର ରୋମାଞ୍ଚ ଯେମିତି ଆଉ ଜଣକୁ ଟ୍ରାନ୍ସଫର ହେଉଛି । ଏ ଭିତରେ ଗରମ କଫିକପ ଟେବୁଲ ଉପରକୁ ଆସିଗଲା । ସମସ୍ତେ ପୂର୍ବଭଳି ଚେୟାରରେ ସିଧାହୋଇ ବସିଗଲେ । କଫି କପରୁ ତରଙ୍ଗାୟିତ ଧୂଆଁ ବାହାରୁଥିଲା । ପାଓଲି ଦେବଶ୍ରୀଙ୍କ ଭଳି ସିଗାରେଟ ଟାଣନ୍ତିନି । କିନ୍ତୁ କଫିର ଓଦା ବାମ୍ପ ମୁହଁରେ ବାଜିଲେ ତାଙ୍କୁ ତାଜା ଲାଗେ । ସେ କଫିକପ ଉପରେ ନଇଁ ପଡିଲେ । ବାଁ ହାତରେ କପ୍ ଉଠାଇ ଏକ ଲମ୍ବା ଢୋକ ନେଇଗଲେ । ତାଙ୍କ ଭିତରଟା ଗରମ ହୋଇଯାଉଥିଲା । ନିଜ ଭିତରେ ଏକ ଦୃଢବିଶ୍ୱାସ ଆସିଲା । ସେ ଦେବଶ୍ରୀଙ୍କ ଆଡକୁ ଅନାଇଲେ । ଦେବଶ୍ରୀ ତାଙ୍କ କଥାରେ ଏତେବେଳକୁ ଉତ୍ସାହିତ ହୋଇଯାଇଥିବେ ବୋଲି ଭାବୁଥିଲେ । କିନ୍ତୁ ଦେବଶ୍ରୀଙ୍କ ଆଡୁ ନୁହଁ ଅନ୍ୟ ଆଡୁ ଏକ ସ୍ୱର ଆସିଲା ।

"କଥାଟା ବଡ଼ ଚମତ୍କାର । ମନଟାକୁ ଟାଣି ଓଟାରି ସେହି ଆଡକୁ ଧରିଆଣୁଛି ।"- ଅରିନ୍ଦମ ଜୋରରେ କହିଉଠିଲେ । ଅରିନ୍ଦମ ଅନେକ ସମୟ ଅଳସୁଆ ଭଳି ଚୁପଚାପ ବସିଥିବେ । ତାପରେ ନିଜ କଥାଟା ଜୋରରେ କହିଉଠିବେ । ସମସ୍ତଙ୍କ ଆଖି ଅରିନ୍ଦମଙ୍କ ଆଡକୁ ବୁଲିଗଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ପାଓଲି, ତାହେଲେ ବେଙ୍ଗଲର ତଳୁଆ ଜମିରେ କିଛି ଚମତ୍କାର ଘଟଣା ଘଟୁଛି ! ଏକଥା କଲିକତାର ବହୁତ ଲୋକେ ଜାଣିବି ନାହାନ୍ତି । ଠିକଭାବେ ଶୁଣିଲେ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇଯିବେ । ଘର ପାଖରେ ଅତିଭୌତିକ ଘଟଣା ! ବାଃ । କି ମଜା । ବାକି ଯାହା କେଉଁଠାରେ କିଛି ବଡ଼ ଅତିଭୌତିକ ଘଟଣା ଘଟୁଛି ତାହା ଅନ୍ୟ ଯାଗାରେ । ରାଜସ୍ଥାନର ଭାନଗଡ ଦୁର୍ଗର ଭୌତିକ ଘଟଣା ଏପର୍ଯ୍ୟନ୍ତ ଲୋକଙ୍କୁ ଚକିତ କରିରଖିଛି । ସେଇଠି କିଏ ରାତିରେ ରହିପାରନ୍ତି ନାହିଁ । ଏତେ ସୁନ୍ଦର ଦୁର୍ଗ । କିନ୍ତୁ କିଏ ସେଠି ରାତିରେ ରହିପାରିବେ ନାହିଁ । ଏମିତିଆ କିଛି ଭୌତିକ ଘଟଣା ଏଇଠି ଆମର ଏତେ ପାଖରେ ଘଟୁଛି ଆଉ ଏ ବିଷୟରେ ଆମେ କିଛି ଜାଣିନାହେଁ । ତାହେଲେ ଭାବ, ଲୋକେ ଜାଣିଲେ ଏ ଅଞ୍ଚଳ କେତେ ପ୍ରସିଦ୍ଧ ହୋଇଯିବ ?"- ଅରିନ୍ଦମ ଏକ ନିଃଶ୍ୱାସରେ କହୁଥିଲେ ।

ଅରିନ୍ଦମଙ୍କୁ ଏମିତି ଭିନ୍ନ ଆଉ ରୋମାଞ୍ଚକର କଥାମାନ ଭଲ ଲାଗେ । ଭାରତବର୍ଷରେ କେତେ ଅବିଶ୍ୱାସନୀୟ ସ୍ଥାନ ସବୁ ଅଛି । ସେ ସବୁ ଯାଗାକୁ ଅନେକ ଲୋକ ଯାଇଛନ୍ତି । କିନ୍ତୁ ସେଠାକାର ଘଟଣାକୁ କେହି ଭଲ ଭାବରେ ବୁଝି ପାରି ନାହାନ୍ତି । ଅତିଭୌତିକ ଘଟଣାର ଉତ୍ତର ଏ ଜୀବିତ ଦୁନିଆରେ ସମ୍ଭବ ନୁହେଁ । ମଣିଷ ଯେତେ ଚାହିଁଲେ ବି ବୁଝିପାରିବ ନାହିଁ । କିନ୍ତୁ ଏମିତି ଅବିଶ୍ୱାସନୀୟ କିଛି ଘଟଣା ଅଜଣା ଅଶୁଣା ସ୍ଥାନକୁ ପ୍ରସିଦ୍ଧ କରିଦେବ । ଆଜିକାଲି କେତେ ଜଲ୍ଦି ଲୋକମାନେ ଅନ୍ୟ ଅଞ୍ଚଳର କଥା ଜାଣି ଯାଉଛନ୍ତି । ତାଙ୍କ ଆଖି ତାରା ଭଳି ଉଜ୍ଜ୍ୱଳ ହୋଇଉଠିଲା । ତାଙ୍କୁ ଲାଗୁଥିଲା ପାଓଲି ଏକ ବିରାଟ ଆବିଷ୍କାରର କଥା କହୁଛନ୍ତି ।

"ଅରିନ୍ଦମ, ତୁମେ କଥାଟା କିଛି ନ ବୁଝି କଣପାଇଁ ଏମିତି ଏକସାଇଟେଡ ସ୍କୁଲପିଲା ଭଳି ହୋଇଯାଅ ? ବିଶ୍ୱବିଦ୍ୟାଳୟର ଅଛ, କିଛି ସାଇଣ୍ଟିଫିକ କଥା କୁହ । କିଛି ତାତ୍ତ୍ୱିକ କଥା କୁହ । କିଛି ଗବେଷଣାର କଥା କୁହ ।"- ଦେବଶ୍ରୀ ଅରିନ୍ଦମଙ୍କୁ ଏକଦମ ଚାଗିଦ୍ଦ କଲାଭଳି

 Magazine Downloaded from www.aahwaan.com

କହିଲେ । ଛୋଟ ଛୁଆ କିଛି ଭୁଲ କହିଦେଲେ ଶିକ୍ଷକ ତାଗିଦ କରେ । ସେମିତି ଦେବଶ୍ରୀଙ୍କ ସ୍ୱର ଥିଲା ।

ଅରିନ୍ଦମ ଟିକେ ଅପ୍ରସ୍ତୁତ ହୋଇଗଲେ । ସେ କଣ କିଛି କଥା ବୋକା ଭଳି କହି ଦେଇଛନ୍ତି ? କିଛି ଭୁଲ କହିଲା ଭଳି ତାଙ୍କୁ ଲାଗୁ ନଥିଲା । ତାଙ୍କ ମୁହଁ ଶେତା ପଡିଗଲା । ଦେବଶ୍ରୀ ଟିକିଏ ରହିଗଲେ । ତାଙ୍କ ଆଖି ପାଓଲିଙ୍କ ଭିନ୍ନ ସମସ୍ତଙ୍କ ଉପରେ ବୁଲିଗଲା । ସେ ହାତରେ ଥିବା ସିଗାରେଟ ଓଠ ଉପରେ ରଖି ଏକ ଲମ୍ବା ଢୋକ ନେଲେ । ଧୂଆଁ ପୁଣି ଚକ୍କର କାଟି ଉଠିଲା । କଫିର ଧୂଆଁ ସହ ସେ ଧୂଆଁ ମିଶିଯାଉଥିଲା । ତାଙ୍କୁ ଲାଗୁଥିଲା ତାଙ୍କର ବୁଦ୍ଧିମାନ ବନ୍ଧୁମାନେ ସମାନ୍ୟ କଥାକୁ କିଛି ନବୁଝି ଏକ ମୂଲ୍ୟହୀନ ଦିଗକୁ ନେବାପାଇଁ ଚାହାନ୍ତି । ଦିଗହୀନ କଥାରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ କାଠଗରର ଦରକାର । ସ୍ୱର ଟିକେ ଉଚ୍ଚ ହେବା ଦରକାର ।

"ଅରିନ୍ଦମ, ତୁମେ କେଉଁଠୁ ଅତିଭୌତିକ କଥାରେ ଏତେ ବିଶ୍ୱାସ କଲଣି ? କିଛି ନବୁଝି ସାମାନ୍ୟ କଥାକୁ ଚନ୍ଦ୍ରରେ ପହଞ୍ଚାଅନି । "– ଦେବଶ୍ରୀଙ୍କର କଥାଗୁଡା ନିମ୍ବପତ୍ର ଭଳି ପିତା ଥିଲା । ଅରିନ୍ଦମ କିଛି କହିବେ କହିବେ ହେଉଥିଲେ । କିନ୍ତୁ ଦେବଶ୍ରୀ ତାଙ୍କୁ ସୁଯୋଗ ନଦେଇ କହିଚାଲିଲେ ।

"ମୁଁ ହୋଇଥିଲେ ଘଟଣାକୁ ଭଲଭାବରେ ଜାଣିବାକୁ ଚାହିଁଥାନ୍ତି, ଶୁଣା କଥାକୁ ମୋଟେ ଗୁରୁତ୍ୱ ଦେଇ ନଥାନ୍ତି । ନିଜ ଆଖିରେ କିଛି ନଦେଖି ମନ୍ତବ୍ୟ ରଖନ୍ତି ନାହିଁ । "- ଦେବଶ୍ରୀ ମୁହଁ ଟିକିଏ ମୋଡିଦେଲେ । ଆକ୍ଷେପ ଯେ ପାଓଲିଙ୍କ ଆଡକୁ ତାହା ବୁଝି ହେଉଥିଲା । ମନେମନେ ସେ ଭାବୁଥିଲେ ପାଓଲି ଆଉ ଅଧିକ କଣ କହିବେ ? ବିଜ୍ଞାନର ଦୁନିଆରେ ଏମିତିଆ ଆଲୁଅ ଥିଲେ ସେ ନିଶ୍ଚିତ ଭାବରେ ତା'କୁ ଦେଖିବାକୁ ଚାହିଁଥାନ୍ତେ । କିନ୍ତୁ ସେମିତିଆ କିଛି ଆଜିକାଲି ଘଟୁଛି ବୋଲି ସାଇଣ୍ଟିଫିକ ପତ୍ରିକାରେ ଖବର ଆସୁନି ।

 Magazine Downloaded from www.aahwaan.com

ଦେବଶ୍ରୀଙ୍କ ଏମିତି ଶାଣିତ ଆକ୍ଷେପରେ ପାଓଲି ହଠାତ୍ କିଛି କହିଲେନି । କିନ୍ତୁ କେଇଯୋଡା ଆଖି ପାଓଲିଙ୍କ ଉପରେ ପୁଣି ପହଁରିଗଲା । ପାଓଲି ମନେମନେ ହସିଲେ । ତର୍କ ତ ଏହା ଚାହେଁ । ଏକ ତଥ୍ୟ ଉପରେ ସମସ୍ତେ ଅବିଶ୍ୱାସ କରନ୍ତୁ । ପ୍ରଥମରୁ କେହି ଗ୍ରହଣ କରନ୍ତୁ ନାହିଁ । କିନ୍ତୁ ତର୍କର ବିଚାରର ଦୂରକୁ କେହି ଯାଆନ୍ତୁ ନାହିଁ । ଦେବଶ୍ରୀ ନିଜ ଅଜାଣତରେ ପାଓଲିଙ୍କ କଥାର ଖିଅ ଭିତରକୁ ମନକୁ ମନ ଟାଣି ହୋଇ ଆସୁଛନ୍ତି । ପାଓଲିଙ୍କ ବିଚାରମାନ ତ ଏମିତି । ଏହା ଭିତରକୁ ଶ୍ରୋତା ନଜାଣି ମଧ୍ୟ ଟାଣି ହୋଇଯାଏ । ଅରିନ୍ଦମ କଥାଟାକୁ କେଉଁଠିକି ନେଇ ଏକ ଆଡଭେଞ୍ଚରରେ ପହଞ୍ଚାଇଥିଲେ । ଦେବଲ ନିଜର ମତାମତ ରଖିଥିଲେ । ଠିକଅଛି ଏବେ କଥାଟା ଦେବଶ୍ରୀଙ୍କ ପାଇଁ ଅବାନ୍ତର ହୋଇପାରେ, କିନ୍ତୁ ସମସ୍ତେ ଏମିତିଆ କଥାରେ ନିଜକୁ ବ୍ୟସ୍ତ ରଖିଛନ୍ତି । ଏହାର ଅର୍ଥ ହେଉଛି କଥାରେ କିଛି ବିଶେଷତା ଅଛି, ବେଶ ଓଜନ ତ ଅଛି ।

ଏବେ ଅନ୍ୟ ବନ୍ଧୁମାନେ ଚଉକି ଉପରେ ଆଉଜି ପଡିଥିଲେ । ପ୍ରଶ୍ନ, ଉତ୍ତର ଆଉ ଆକ୍ଷେପମାନ ବାତାବରଣକୁ ଅଧିକରୁ ଅଧିକ ଉଷ୍ମ କରୁଥିଲା । ତର୍କ ବିତର୍କ ମଣିଷକୁ ଉତ୍ତେଜନାର ଏକ ଚରମ ସୀମା ପର୍ଯ୍ୟନ୍ତ ନେଇଯାଏ । ହାତ ଲଢେଇର କିଛି ଆବଶ୍ୟକତା ନାହିଁ । କେତେ ନୂଆ କଥା ବାହାରି ଆସେ ମନରୁ । ଏହି ବିତର୍କ କରିବା କ୍ଷମତା ମଣିଷକୁ ଆଜି ଜଙ୍ଗଲର ଆଦିମ ଜୀବନରୁ ସଭ୍ୟତାର ଚରମ ଶିଖର ଆଡକୁ ନେଇଯାଉଛି ।

ହଲ ଭିତରେ ସବୁ ଟେବୁଲ ଚାରିପାଖରେ ଲୋକ ଘେରି ବସିଛନ୍ତି । କିଛି ଚେୟାର ମଧ୍ୟ ଖାଲି ନାହିଁ । ସମସ୍ତେ ନିଜ ନିଜ ଭିତରେ ଗପ କରିବାରେ ବ୍ୟସ୍ତ । କାହାର କାହାପ୍ରତି ନଜର ନାହିଁ । ଘର ଭିତରେ ଏକ ଉଷୁମ ବାତାବରଣ । ଏମିତିଆ ବାତାବରଣ ପାଓଲିଙ୍କୁ ଭଲଲାଗେ । ଚାରିପାଖେ ବନ୍ଧୁମାନେ ଥାଆନ୍ତୁ, ସେମାନେ ତାଙ୍କର କଥା ଶୁଣନ୍ତୁ । ଦେବଶ୍ରୀଙ୍କୁ ମଧ୍ୟ ଏଠିକି ଆସିବାକୁ ଭଲ ଲାଗେ । ସେମାନେ ତର୍କବିତର୍କ ଆଉ ଧୂଆଁର ଏକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୁରିବୁଲୁଥିବା ବାତାବରଣ ଭିତରେ ରହିବାକୁ ଭଲ ପାଆନ୍ତି ।

ପାଓଲି ତ ଆଲେୟା ବିଷୟରେ ବହୁତ ପଢିଛନ୍ତି । କିନ୍ତୁ ସେ ସବୁ ପୋଥି ଜ୍ଞାନ । ସେଥିରୁ ବହୁତ ଖିଅ ଏବେ ହୁଏତ ବାହାର କରାଯାଇ ନପାରେ । କିନ୍ତୁ କଥା ଛଳରେ ବହୁତ ସିଦ୍ଧାନ୍ତ ପାଖରେ ପହୁଞ୍ଚା ଯାଇପାରେ । ହୁଏତ ତାହା ପରେ ଭୁଲ ହୋଇପାରେ । ଏମିତି ବି ତାଙ୍କ ପାଖରେ ଆଉ ଅନେକ ତଥ୍ୟ ଥିଲା । ସେ ନିଜର କଥାକୁ ବେଶ ଲମ୍ବାଇ ଦେଇପାରିବେ । ଅରିନ୍ଦମଙ୍କ ଭଳି ଏତେ ଜଲଦି ଚୁପ ହୋଇଯିବେ ନାହିଁ ।

ପାଓଲି ସବୁ ବନ୍ଧୁମାନଙ୍କୁ ଅନାଇଲେ । ଦେବଶ୍ରୀଙ୍କର ଆକ୍ଷେପ ପରେ ସମସ୍ତେ କେମିତି ଚୁପ ହୋଇଯାଇଛନ୍ତି । କଫି କପରୁ ଧିରେ କଫି ପିଉଛନ୍ତି । ବାମ୍ପ ସମସ୍ତଙ୍କ ମୁହଁକୁ ଓଦା କରି ଦେଉଛି । ପାଓଲିଙ୍କ ମନ ଏକ ଦରଦୀ ହୃଦୟ ଖୋଜୁଥିଲା । ତାଙ୍କର ଆଖି ସପନ ଦାସଗୁପ୍ତାଙ୍କ ଆଡକୁ ବୁଲିଗଲା । ସେ ଏକ ଭିନ୍ନ ମଣିଷ ।

ସପନବାବୁ ଧିରେ କଫି ପିଉଥିଲେ । ସେ ଏ ପର୍ଯ୍ୟନ୍ତ ସେମିତି କିଛି କହି ନାହାନ୍ତି । କିନ୍ତୁ ପାଓଲି ଏମିତି ଭିନ୍ନ ବିଷୟ ଉପସ୍ଥାପନା କରୁଥିବାରୁ ସେ ନିଜ ଭିତରେ ସେହି ଅଜଣା ଡାକକୁ ଶୁଣିପାରୁଥିଲେ । ବିଶ୍ୱବିଦ୍ୟାଳୟରେ ରହି ସେହି ଡାକ ଅନେକ ଦିନ ହେଲା ଧୀର ହୋଇଯାଇଥିଲା । ତାଙ୍କ ଆଖି ପାଓଲିଙ୍କ ଉପରେ ଲାଗିଥିଲା । କେତେ ଉତ୍ସାହର ସହ ପାଓଲି ତାଙ୍କ ମନ ଭିତରେ ଖେଳିବୁଲୁଥିବା ଏକ ବିସ୍ମୟର କଥା କହୁଛନ୍ତି । ତାଙ୍କ ଦୃଷ୍ଟି ସ୍ଥିର ଥିଲା । ମୁଣ୍ଡ ମୋଟେ ହଲୁ ନଥିଲା । ସେ ପାଓଲିଙ୍କୁ ତାଙ୍କ ଆଡେ ଅନାଇଥିବା ଦେଖି ମୁଣ୍ଡ ହଲାଇଲେ । ପାଓଲି ଠିକ କହୁଛନ୍ତି ।

ପାଓଲି ନିଜ ଭିତରେ ଏକ ଉତ୍ସାହର ସ୍ରୋତ ଯେମିତି ଖୋଜିପାଇଲେ । ତାହେଲେ ସପନବାବୁ ତାଙ୍କର କଥା ବୁଝିଛନ୍ତି । ଗୁଣ ଚିହ୍ନେ ଗୁଣିଆ । ଅନ୍ୟମାନେ ଏତେ ବୁଝି ପାରିବେ ନାହିଁ । ପାଓଲିଙ୍କ ଦେହରେ କିଛି ଗରମ ଲାଭା ଯେମିତି ବହିଗଲା । ମନରେ ନୂଆ ବିଶ୍ୱାସ ।

 Magazine Downloaded from www.aahwaan.com

ବନ୍ଧୁତା ତ ଏମିତି । ପାଖରେ ବନ୍ଧୁ ଉତ୍ସାହର ଦୃଷ୍ଟରେ ଦେଖିଲେ ମନକୁ ସାହାସ ମାଡିଆସେ । ସେ ଦେବଶ୍ରୀଙ୍କୁ ଏକ ଲୟରେ ଅନାଇଲେ । ଦେବଶ୍ରୀ ସେମିତି ଲମ୍ବା ଢୋକରେ ସିଗାରେଟ ଟାଣୁଥିଲେ । ଦେବଶ୍ରୀ ଯାହାତାହା ଭାବନ୍ତୁ, କିନ୍ତୁ ତାଙ୍କ କଥାରେ ବିଶ୍ୱାସଯୋଗ୍ୟ ତଥ୍ୟ ଅଛି । ସେ ଏଇଟା ପ୍ରମାଣ କରିପାରିବେ । ତାଙ୍କ ବକ୍ତବ୍ୟକୁ କେହି ଏମିତି ବାଏଁବାଏଁ ଉଡାଇ ଦେଇପାରିବ ନାହିଁ । ଏକ ଆବିଷ୍କାରକ ତାଙ୍କୁ ଦେଖି ମୁଣ୍ଡ ହଲାଉଛନ୍ତି ଅର୍ଥ ହେଉଛି ସେ ନିଶ୍ଚିତ ଭାବରେ ଆଲେୟା କଥାଟା ଠିକ ବୋଲି ଜାଣିଛନ୍ତି ।

"ଠିକ ଅଛି ଦେବଶ୍ରୀ । ତୁମେ ସମୟ ଦେଖି ନିଜେ ଯାଇକରି ବିଷୟଟା ପରୀକ୍ଷା କରିବ । କୁହାଯାଏ ଯେ ଯେମିତି ମଣିଷ ସେ ଆଡକୁ ଯିବ ଆଲୁଅ ମନକୁ ମନ ଧିମା ହୋଇଯିବ ଆଉ ଲିଭିଯାଇ ଟିକିଏ ଦୂରରେ ପୁଣି ଜଳି ଉଠିବ । ମଣିଷ ଆଲୁଅକୁ ଏକଦମ ପାଖରୁ ଦେଖି ପାରିବ ନାହିଁ । ଏମିତିଆ ଆଲୁଅ ଲୋକଙ୍କୁ ବିପଦ ଭିତରକୁ ଟାଣିନିଏ ।"– ପାଓଲି ଏକା ରାହାରେ କହିଚାଲୁଥିଲେ ।

ଦେବଶ୍ରୀଙ୍କ ଛଡା ଅନ୍ୟମାନେ ପାଓଲିଙ୍କୁ ନିଃଶ୍ୱାସ ରୋକି ଅନାଇଥିଲେ । ଏତେ ଲୋକଙ୍କ ନିଃଶ୍ୱାସ ଆଉ ଧୂଆଁରେ ରୁମଟା କେମିତି ଧୂଆଁଳିଆ ହୋଇ ଯାଇଥିଲା । ଦେବଶ୍ରୀ କିଛି କହିଲେନି । ସେ ସେମିତି ନିସ୍ପୃହ ଭାବେ ସିଗାରେଟ ଟାଣି ଚାଲିଥିଲେ । ତାଙ୍କ ଆଖି ଶୂନ୍ୟ ହୋଇଯାଇଥିଲା । ଅନ୍ୟ ବନ୍ଧୁମାନେ ସିଗାରେଟ ସହ କଫିର ମଜା ନେଉଥିଲେ । ଦେବଶ୍ରୀ କିଛି ନକହୁଥିବାରୁ ପାଓଲି ଏବେ ଉତ୍ସାହିତ ହୋଇ ପଡିଲେ । ଅରିନ୍ଦମ ମଧ୍ୟ ଦେବଶ୍ରୀଙ୍କର ତାଗିଦ ଭୁଲିଯାଇ ତାଙ୍କ କଥା ବେଶ ମନ ଦେଇ ଶୁଣୁଛନ୍ତି । ଭଲକଥା । ପାଓଲିଙ୍କର ଖୁସି ଯେ ଅନେକ ଲୋକ ତାଙ୍କର ଲଜିକ ବୁଝୁଛନ୍ତି ।

"ଅନେକ ତ ପରୀ ଭାବନ୍ତି । ପରୀ ରାଇଜର ଅପସରାମାନେ ଏମିତିଆ ନିର୍ଜନ ଯାଗାରେ ନାଚୁଥାନ୍ତି ।" – ସେ କହିଲେ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦେବଶ୍ରୀଙ୍କ ମୁହଁ ଟିକିଏ ବିକୃତ ହୋଇଗଲା । ପାଓଲି କେଉଁଠି ନିଜର କଳ୍ପନାକୁ ପହଁଚାଉଛନ୍ତି । କିନ୍ତୁ ସେ କିଛି କହିଲେନି । ଏକ ବହୁତ ଲମ୍ବା ଢୋକରେ ଧୂଆଁକୁ ଛାତି ଭିତରକୁ ନେଇଗଲେ । ତାଙ୍କ ଦାନ୍ତ ଚିପି ହୋଇଗଲା । ସେ ଧୂଆଁଗୁଡା ଫୁସଫୁସର ମାଂସପେଶୀକୁ ଜୋରରେ ଜବୁଡି ଧରିଥିଲା । ତାଙ୍କ ଭିତରର ଶ୍ୱାସ ଗରମ ହୋଇଯାଉଥିଲା । କିଛି ସମୟପରେ ବାନ୍ତି କଲାପରି ଭକ୍‌ଭକ୍ କରି ପୁଳାପୁଳା ଧୂଆଁ ବାହାର କଲେ । ତାଙ୍କ ଆଡକୁ ପାଓଲି ଲକ୍ଷ୍ୟ କରି ନାହନ୍ତି । ସେ ନିଜର କଥା କହିବାରେ ବ୍ୟସ୍ତ ଥିଲେ ।

"ପ୍ରାୟ ଲୋକଙ୍କର ବିଶ୍ୱାସ ହେଉଛି ସେହି ଆଲୁଅ ବାଘ ଆକ୍ରମଣରେ ମରିଯାଇଥିବା ବା ଏମିତି କିଛି ଅଘଟଣରେ ମରିଥିବା ଲୋକମାନଙ୍କର ଅତୃପ୍ତ ଆତ୍ମା । ମୁକ୍ତି ନପାଇ ଘୁରି ବୁଲୁଥାଏ । ସେଇ ଆତ୍ମା ଆଲୁଅ ଭାବରେ ଜଳି ଉଠି ପୁଣି ଲିଭିଯାଏ । ଅନେକ ଯାଗାରେ ଏମିତି ଆଲୁଅ ଦେଖାଯାଇଛି ।"- ପାଓଲିଙ୍କ କଥାରେ ଇମୋସନ ଥିଲା । ସତେ ଯେମିତି ସେ ନିଜେ ଆଲେୟା ଦେଖିଛନ୍ତି । ଅତିଭୌତିକ କଥାଗୁଡାକ ତ ଏମିତି । ଲୋକଙ୍କୁ ହଠାତ୍ ଉତ୍ତେଜନାର ଚରମ ସୀମାକୁ ନେଇଯାଏ । ଭିତରେ ଏକ ଶିହରଣ । ମନଟା ଏମିତିଆ କଥା ଭିତରେ ବାନ୍ଧି ହୋଇଯାଏ ।

"ପାଓଲି ତୁମେ ସେଇ ଗାଁବାଲାଙ୍କ କଥା ସତ ମାନୁଛ ?" – ଦେବଶ୍ରୀ ଆଉ ରହିପାରିଲେ ନାହିଁ । ଏ ଧୂଆଁଭରା ନିଃଶ୍ୱାସ ଚମତ୍କାର । ଅଙ୍ଗ ପ୍ରତ୍ୟଙ୍ଗକୁ ଯେମିତି ବିଜୁଳି ଛୁଇଁଯାଏ । ତାଙ୍କ ଭିତରେ ନିକୋଟିନର ଅଣୁମାନ ଛୁଟୁଥିଲା ଆଉ ତାଙ୍କ ମନକୁ ଥୟ ହେବାକୁ ଦେଉ ନଥିଲା ।

"ସେମାନେ ଅନ୍ଧ ବିଶ୍ୱାସ ଭିତରେ ଅବାନ୍ତର କାହାଣୀମାନ ସୃଷ୍ଟି କରନ୍ତି । ମଫସଲି ଲୋକଗୁଡାକ କିନ୍ତୁ ତମ ମନରେ ଏମିତି ଉଦ୍ଭଟ ଚିନ୍ତାମାନ କେମିତି ଭରିଲେ ?"- ଦେବଶ୍ରୀ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କହିଲେ । ତାଙ୍କର ସୁନ୍ଦର ମୁହଁ କୁଞ୍ଚିତ ହୋଇ ଯାଉଥିଲା । କଣପାଇଁ ପାଓଲି ଏତେ ଜଲଦି ଅନ୍ୟମାନଙ୍କ କଥା ବିଶ୍ୱାସ କରି ଯାଆନ୍ତି ? ପାଓଲିଙ୍କ ହୃଦୟଟା କୋମଳ । ଏମିତି ମହିଳାମାନେ ଅନ୍ୟମାନଙ୍କ ପାଇଁ ଭଲ ଯୁକ୍ତି କରି ପାରନ୍ତି । କିନ୍ତୁ ଏକ ଉଚ୍ଚ ଶିକ୍ଷିତା ତରୁଣୀ ସବୁ କଥାକୁ ଭଲଭାବରେ ବୁଝିବା ଦରକାର ।

"ସେଇ ଗାଁବାଲାଙ୍କୁ ତୁମେ ବିଶ୍ୱାସ କରିବାକୁ ରାଜି ନୁହଁ । ସେମାନେ ମଫସଲି କହି ସେମାନଙ୍କ ଯୁକ୍ତିକୁ ଉଡେଇ ଦେଉଛ । କିନ୍ତୁ ଏମିତି କରିବାଟା କେତେଦୂର ଠିକ ? ଯୁଗ ଯୁଗ ଧରି ସେମାନେ ଏମିତିଆ ଆଲୁଅ ଦେଖି ଆସିଛନ୍ତି ।"- ପାଓଲି ଛେପ ନଢୋକି ଏକା ରାହାରେ କହୁଥିଲେ । ତାଙ୍କ ନିଃଶ୍ୱାସ ଟିକିଏ ଭାରି ହୋଇଗଲା, କଣ୍ଠ ରୁଦ୍ଧି ହୋଇଗଲା । ସେ ପାଟି ଖୋଲି ଏକ ବଡ଼ ଢୋକ ନିଃଶ୍ୱାସ ଛାତି ଭିତରକୁ ନେଲେ । ସେ ଇମୋସନାଲ ହୋଇ ଯାଉଥିଲେ ।

ଘଟଣାକୁ ନିଜ ଆଖିରେ ସବୁ ଦେଖିବା ଦରକାର । କଥାଟା ଯୁକ୍ତିଯୁକ୍ତ ଲାଗିବା ଦରକାର । ସେମିତି ଓଜନିଆ ଯୁକ୍ତି କାହିଁ ନାହିଁ ତ । – ଦେବଶ୍ରୀ କହିଲେ ।

କିନ୍ତୁ ସବୁ ଘଟଣା ତ ପ୍ରତ୍ୟକ୍ଷରେ ହେବା ସମ୍ଭବ ନୁହେଁ । ବିଜ୍ଞାନର ଅନେକ ଅକାଟ୍ୟ ପ୍ରମାଣ ଅନ୍ୟ ତଥ୍ୟସହ ଯୋଗକରି ବିଶ୍ୱାସ କରାଯାଏ ।- ପାଓଲି ଉତ୍ତର ଦେଲେ ।

କ୍ରମଶଃ-

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସିନ୍ଦୂର ହେଲା ସାତସପନ

ଆଜିବି ଗୁମୁରି ଗୁମୁରି କାନ୍ଦୁଛି ରାନୀ ନିରୋଳାରେ ବସିଲା ବେଳେ । ସେ ଦିନର ହସ କୁଆଡ଼େ ଉଭେଇ ଯାଇଛି ।

ହଠାତ୍ ମୁଁ ସେ ଦିନ ଯାଇଥାଏ ରାନୀ ଘରକୁ ତାର ମାମୁଁଙ୍କ ନିକଟକୁ । ଯାଇ ଦେଖେ ତ ରାନୀ ବସି କାନ୍ଦୁଥାଏ ।

ଅସଲ କଥା ହେଲା । ଇତି ମଧ୍ୟରେ ପାଞ୍ଚବର୍ଷରୁ ଉର୍ଦ୍ଧ ବିତିଗଲାଣି କିନ୍ତୁ ରାନୀ କେବଳ ଦୁଃଖରେ କାଳାତିପାତ କରିବା ବ୍ୟତୀତ କିଛି ବାଟ ନାହିଁ । ଦୀର୍ଘ ପାଞ୍ଚ ବର୍ଷ ତଳର କଥା । ନୂଆ ନୂଆ ରାନୀ ନିଜ ମାମୁଁ ଘର ଗାଁର ଜଣେ ପୋଲିସ ଚାକିରିଆ ପୁଅକୁ ବିବାହ କରିଥିଲା । ଯାହାର ନାମ ସୁଶିଲ । ଦେଖିବାକୁ ବହୁତ ସୁନ୍ଦର । ବହୁତ ଧୁମ୍‌ଧାମରେ ବିବାହ ହୋଇଥିଲା । ଏମିତିରେ ଉଭୟଙ୍କ ବିବାହ ସାତ ମଙ୍ଗଳା ସରିଥାଏ । ହଠାତ୍ ସେହିଦିନ ରାତିରେ ସୁଶିଲ ନିଜ ଦୁଇଜଣ ସାଙ୍ଗଙ୍କ ସହିତ ବାହାରି ପଡ଼ିଲା । ଟିକିଏ ବୁଲି ଯିବାକୁ । ହଠାତ୍ ସେଦିନ କିନ୍ତୁ ଯାହା ଘଟିଲା । ତାହା ଏକ ନବ ବିବାହିତା ପାଇଁ ସବୁଠାରୁ ଦୁଃଖଦ ଖବର । ସେହି ରାତିରେ ଖବର ଆସିଲା । ସୁଶିଲ କିଛି କିମି ଦୂରରେ ଦୁର୍ଘଟଣା ହୋଇଛି । ଆଉ ସବୁଦିନ ପାଇଁ ସୁଶିଲ ଆଉ ପାରିକି ଚାଲିଯାଇଛି । ଏଥିରେ ମଧ୍ୟ ଅନ୍ୟ ବନ୍ଧୁ ତାର ବି ମୃତ୍ୟୁ କରିଛି ଆଉ ଜଣେ ଗୁରୁତର ହୋଇ ମେଡିକାଲ୍ ଯାଇଛି । ଏହି ଖବର ଶୁଣି ସେ ଦିନ ରାନୀ



ସରୋଜ କୁମାର ଜେନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେତାଶୂନ୍ୟ ହୋଇପଡ଼ିଲା । ଯେଉଁ ଛଅଦିନ ପୂର୍ବରୁ ହାତରେ ଶଙ୍ଖା ଆଉ ପାଦରେ ଅଳିତା ସେ ପିନ୍ଧି ନବବୋହୂ ସାଜି ଆସିଥିଲା । ସେ ଆଜି ବିଧବା ହୋଇଗଲା ।

ଏଥି ନିମନ୍ତେ ସେ ସାହି ଲୋକଙ୍କ ଠାରୁ କେତେ ଯେ ଠାଇ ଟାପରା ଶୁଣିଛି । ଅଲକ୍ଷଣୀର ଆଖ୍ୟା ବି ଲୋକେ ଲଦି ଦେଲେ । ଆଉ ଏପଟେ କିନ୍ତୁ ନିଜ ଶଶୁର ସବୁ ବୁଝି ପାରୁଥାନ୍ତି । କିନ୍ତୁ କଣ ହେବ । ଆଉ ଦିଅର ଥିଲେ ବିବାହ କରିଦେଇଥାନ୍ତେ କିନ୍ତୁ ସୁଶିଲ ଥିଲା ସବା ସାନ । ଶେଷରେ କିଛି ଦିନ ପରେ ଝିଅର ମାମୁଁ ଘରକୁ ଶାନ୍ତ୍ୱନା ଦେଇ ସୁଶିଲର ବାପା କହିଥିଲେ ତୁମେ ଝିଅକୁ ଅନ୍ୟତ୍ର ବିବାହ କରିଦିଅ, କାରଣ ସେ ଏବେ ଯୁବା ଅବସ୍ଥା । ଏମିତିରେ ସେ କେତେ ଦିନ ବିଧବା ହୋଇ ରହିବ । ଆଉ ଶୁଣ ଆଜି ଠାରୁ ଇଏ ମୋ ଝିଅ । ଏହାର ସବୁ ବୁଝାବଣା ମୁଁ କରିବି ।

ଏମିତି କିଛି ବର୍ଷ ବିତିଗଲାଣି କିନ୍ତୁ । କିନ୍ତୁ ଏହି ସମାଜ ସବୁ ଅଲକ୍ଷଣୀ ଶବ୍ଦଟି ଲଦି ଦେଇଛି ରାନୀ ଉପରେ । ଯାହା ଫଳରେ । କୌଣସି ବି ବରପାତ୍ରଟିଏ ଜୁଟୁ ନାହାନ୍ତି ରାନୀ ପାଇଁ । ଯଦିଓ ବି କେହି ଆସୁଛନ୍ତି । ବାହାରୁ ଏହି କଥା ଶୁଣି ଆପେ ଆପେ ଦୂରେଇ ଯାଉଛନ୍ତି ।

ଆପଣ ମାନେ କୁହନ୍ତୁ ଏମିତି କେଉଁ ଭୁଲ୍ କରିଛି ରାନୀ ଯେ, ସେ ଆଜି ଏତେ ବଡ଼ ଶାସ୍ତି ପାଉଛି । କଣ ଏହାର ସମାଧାନ ନାହିଁ ? ହଁ ଅଛି, କିନ୍ତୁ ସମସ୍ତେ ଏଠି ଅପାରଗତାରେ ଛନ୍ଦି ହୋଇ ରହିଛନ୍ତି ଅନ୍ଧ ବିଶ୍ୱାସ ସହିତ । ତେଣୁ ଆଜିବି ଏଠି ସରକାରଙ୍କ ତରଫରୁ ଏହି ସବୁ ଅନ୍ଧବିଶ୍ୱାସକୁ ଦୂର କରିବାକୁ ପଡ଼ିବ । ନଚେତ ଏମିତି କେତେ ଯେ ରାନୀ ନିଜ ସିନ୍ଥିରେ ସିନ୍ଦୂର ନାଇବା ପାଇଁ ସାତ ସପନ ହୋଇଯିବ ।

ବାଲିଝରୀ, ନରସିଂହପୁର, କଟକ, ମୋ -୯୩୪୮୭୭୩୭୯୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରାୟଶ୍ଚିତ



ସୁଦୀପ ରୋହନ ବାଘ

ଅଜିତ ବାବୁ, ଭୁବନେଶ୍ୱରରେ ପ୍ରଶାସନିକ ଅଧିକାରୀ, ସ୍ତ୍ରୀ ସୁମିତ୍ରା ଆଉ ତିନି ପିଲାଙ୍କୁ ନେଇ ତାଙ୍କ ସଂସାର । ବଡ଼ପୁଅ, ଇଞ୍ଜିନିୟର ନାମୀ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି । ବୋହୂ ଗୃହିଣୀ । ଘରର ସବୁଠୁ ସାନ ନିକିତା, ବଡ଼ ପୁଅ କୃଷ୍ଣ ଆଉ ବୋହୂ ନମିତାର ଝିଅ । ଝିଅ ପୂଜାକୁ ଦୁଇ ବର୍ଷ ହେବ ବାହା ଦେଇଛନ୍ତି । ସେ ବି ଜ୍ୱାଇଁ ସହ ଭୁବନେଶ୍ୱରରେ ଅବସ୍ଥାପିତ । ଶ୍ୱଶୁରଙ୍କ କୃପାରୁ ଭଲ ଜାଗାରେ ଚାକିରି କରିଛନ୍ତି ଅମିତ୍ ବାବୁ । ସବୁଠୁ ଗେହ୍ଲା ଆଉ ଦୁଷ୍ଟ ହେଲା ସାନ ପୁଅ ଋଷି ।

+୨ ଆରମ୍ଭ ହେଇଚି କି ନାଇଁ, ଜିଦ୍ ଧରିଲା KTM ବାଇକ୍ ପାଇଁ । ପଇସାର କଣ ଅଭାବ । ଜିଦି ବି ପୁରଣ ହେଲା । ସେମିତି ଋଷି, ଭାଇ ଆଉ ଭିଣୋଇଙ୍କଠୁ ଆଗୁଆ ଶିଖି ସରିଛି । ବେଳେ ବେଳେ ମମ୍ମୀ କି ଭାଉଜଙ୍କୁ ନେଇ ପାଖକୁ ଯାଏ ତ କେତେବେଳେ ନିକିତାକୁ ସ୍କୁଲରୁ ନେଇ ଆସେ । ଦୁଷ୍ଟ ହେଲେ ବି ଭାରି ସମ୍ବେଦନଶୀଳ ପିଲାଟା । ଜେଜେ ବାପା, ଜେଜେ ମା କଥା କେବେ ଭୁଲେନି, କେହି ଯାଆନ୍ତୁ କି ନାହିଁ, ମାସକୁ ଥରେ ଯେମିତି ହେଲେ ଗାଁ ଆଡୁ ବୁଲି ଆସେ । ଜେଜେ ମା ପାଖେ ପଖାଳ ବାଇଗଣ ପୋଡ଼ା ନ ଖାଇଲେ ତା ଦେହ ହାତ କଣ ହେଇ ଯାଏ । ଜେଜେ ବାପା ଭାରି ଖୁସି ଏମିତି କି ମନେ ମନେ ଭାବି ସାରିଲେଣି ମୁଖାଗ୍ନି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଧେ ଏଇ ଦେବ । ବୁଢ଼ୀ କୁ ବି ଦି ଥର କହି ସାରିଲେଣି । ବୁଢ଼ୀ କିନ୍ତୁ କୁହେ ନାଇଁ, ଛୋଟ ପିଲାଟା, ସିଏ ବତୀ ଜାଳିବ, ମୁଖାଗ୍ନି ଟା ଅଜିତର ପ୍ରାପ୍ୟ ।

ରିଶି ଭାବିଲା ଏଇ ରବିବାର ଗାଁକୁ ତା KTM ନେଇକି ଯିବ । ଜେଜେ ବାପା ଆଉ ଜେଜେ ମାଙ୍କୁ ଟିକେ ବସେଇ ବୁଲେଇବ । ସେମିତି ବି ଗାଡ଼ି ପୂଜା ହେଇନି, ଜେଜେଙ୍କୁ କହି ଗାଁ ମନ୍ଦିରରେ ଭଲକି ପୂଜା କରେଇ ଦେବ । ରବିବାର ସକାଳୁ ସମସ୍ତେ ଉଠିବା ଆଗରୁ ବାହାରି ପଡ଼ିଲା, ଆଜି ସକାଳ ଜଳଖିଆ ଜେଜେଙ୍କ ସାଙ୍ଗେ ଚୁଡ଼ା ଗୁଡ଼ ଖାଇବା ଆଶାରେ ନୂଆ ଗାଡି ଚଲେଇ ଜେଜେଙ୍କ ଖିଆ ପୂର୍ବରୁ ପହଞ୍ଚି ଗଲା । ଆଉ ଆଶା ମୁତାବକ ଚୁଡ଼ା ଗୁଡ଼ ନଡ଼ିଆ ଛେନା କଦଳୀ ଖାଇ ଗାଡି ପୂଜା କଥା ଜେଜେଙ୍କୁ କହିଲା । ଜେଜେ କହିଲେ ଆଜି ତ ଖାଇ ପି ସାରିଲୁଣି, ଗାଡ଼ି ବି ଅସନା ହେଇଚି, କାଲି ଭଲ କି ସଫା କରିଦେବା, ଆଉ ସକାଳୁ ଗାଧେଇବା ପରେ ପୂଜା କରି ଆସି ଖାଇବା ତୋ ପସନ୍ଦର ତାଳ ପିଠା । ହଉ ଠିକ୍ ଅଛି କହି ଦାଣ୍ଡରେ ପଡିଥିବା ଲମ୍ବା ବେଞ୍ଚରେ ଗଡ଼ି ପଡିଲା ।

ଠକ୍ ଠକ୍ ଶବ୍ଦରେ, ଟିକେ ସାବଧାନ ହେଇ ଉଠି ପଡ଼ିଲା, ଦେଖିଲା ଜଣେ ଲୋକ ଖଣ୍ଡେ ଗାମୁଛା ପିନ୍ଧି ବେକରେ ଦଉଡି ପକେଇ, ପାଟିରେ କିଛି କୁଟା (ନଡ଼ା) କାମୁଡ଼ି ଛିଡ଼ା ହେଇଚି । ଆଗରୁ କେବେ ଦେଖି ନଥିଲା, ଏମିତି ଦେଖି ଟିକେ ଡରିଗଲା ଅବଶ୍ୟ । ଜେଜେ ମା ଙ୍କୁ ଡାକିଲା, ଜେଜେ ମା ଆସି ଦେଖିଲେ, କିଛି ଚାଉଳ ଆଉ ପରିବା ଦେଲେ ଲୋକଟି ଚାଲିଗଲା ।

ଜେଜେମା'ଙ୍କ ସାଙ୍ଗେ ଘର ଭିତରକୁ ଯାଇ ପଚାରିଲା ଲୋକଟି କଣ କଥା କହି ପାରୁନି ? ସେ ଏମିତି କାଇଁ ଆସିଥିଲା ? ବେକରେ ପଘା କାଇଁ ପକେଇଥିଲା ? ପାଟିରେ କୁଟା କାଇଁ ଧରି ଥିଲା ? ଜେଜେମା କହିଲେ, ଆରେ ସେ ଲୋକ ଘୁଙ୍ଗା ନୁହେଁ କି ତାର କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭାବ ନାହିଁ । ସେ ପାଖ ଗାଁ ଲୋକ । ତା ଘରେ ଦଉଡିରେ ବନ୍ଧା ହେଇ ଥିବା ବେଳେ ଗାଇ କି ବଳଦ ମରି ଯାଇଚି । ସେଇ ପାପର ପ୍ରାୟଶ୍ଚିତ ପାଇଁ ସେ ସାତ ଦିନ, ସାତ ଗାଁରେ ଏମିତି ଭିକ୍ଷା କରି ଖାଇବ । ତା ପରେ ତାର ଶୁଦ୍ଧି ହେବ । ସେ ଏହି ସାତ ଦିନ ଭିତରେ କାହା ସହ କଥା ହେବ ନାହିଁ କି ତାକୁ କେହି ଛୁଇଁବେ ନାହିଁ । କଥା ହେଲେ, ଆଉ ସାତ ଦିନ ପାଳନ କରିବାକୁ ପଡ଼ିବ ।

କୋମଳମତି ମନଟା ଟିକେ ଦୋହଲି ଗଲା ଜେଜେ ମା ଙ୍କ କଥା ଶୁଣି । ଆଉ କୋଉଠି ତା ମନ ଲାଗିଲାନି, ଖାଲି ତାକୁ ବାରମ୍ବାର ଗୋଟିଏ କଥା ଶୁଭୁଥାଏ, ନିକିତା ପରେ ଆଉ ଗୋଟେ ଝିଅ ? ନାଁ ପୁଅ ନାହିଁ ତ ଗର୍ଭପାତ କର । ସେଦିନ ବାପାଙ୍କ ସାମ୍ନାରେ ବୋଉ କହିଦେଇ ଥିଲା ଭାଇ ଆଉ ଭାଉଜଙ୍କୁ । ଆଉ ବୋଉର ନିର୍ଦ୍ଦେଶରେ ସେମାନେ ଗର୍ଭପାତ କରି ଦେଇଥିଲେ । କିଛିଦିନ ଭାଉଜଙ୍କୁ ଲୁଚି ଲୁଚି କାନ୍ଦିବା ଦେଖିଚି ଋଷି । ହେଲେ କିଛି କହି ପାରିଲାନି ।

ଆଉ ଗାଡ଼ି ପୂଜା ନକରି, ପଖାଳ ନଖାଇ, କାହାକୁ କିଛି ନକହି ପଳେଇ ଆସିଲା ଭୁବନେଶ୍ୱର । ଜେଜେମା ବ୍ୟସ୍ତ ହେଇ ଅଜିତକୁ ଫୋନ୍ କରି କହିଲେ, ଆରେ ଋଷି କିଛି ନ ଖାଇ ପଳେଇ ଗଲା, ତାକୁ ଟିକେ କହ ଖାଇସାରି ଯିବ ସନ୍ଧ୍ୟାରେ । ଅଜିତ ବାବୁଙ୍କ ପାଖରେ ସମୟ ନଥିଲା ଶୁଣିବାକୁ, ସେ ହଉ କହି ଫୋନ କାଟିଦେଇ କାମରେ ବ୍ୟସ୍ତ ହେଇଗଲେ ।

ଋଷି ଗାଁରୁ ଆସି ନିଜ ରୁମ୍ ରେ କବାଟ ବନ୍ଦ କରି ଶୋଇଲା, ଯିଏ ଡାକିଲେ ବି କବାଟ ଖୋଲିଲାନି, ରାତିରେ ବାପା ଆସି ଡାକିବା ପରେ କବାଟ ଖୋଲିଲା । ବାପା ପଚାରିବାରୁ କିଛି କହିଲାନି, ଖାଇବା ଟେବୁଲ୍ ରେ ବସି କହିଲା, ବାପା ଆଜି ଗାଁରେ ଲୋକଟି ଦେଖିଲି, ସେ ବେକରେ ପଘା ଆଉ ପାଟିରେ ନଡ଼ା ଧରି......

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ହଁ, ଡ଼ରିଲୁ କି ? ଗାଁରେ କାହା ଘରେ ଗାଇ ଯଦି ପଘାରେ ବନ୍ଧା ହେଇଥିବା ଅବସ୍ଥାରେ ମରିଯାଏ, ତାହାଲେ ପ୍ରାୟଶ୍ଚିତ ପାଇଁ ସେମିତି ଭିକ୍ଷା କରିବାକୁ ପଡ଼େ ।

- ନାଇଁ, ମୁଁ ଡରିନି । ହେଲେ ଗାଇ କାହିଁକି ?

- ଶାସ୍ତ୍ରରେ ଗାଇକୁ ଗୋମାତା କୁହା ହେଇଚି, ଗୋ ମାତା, ତେଣୁ ତାକୁ ଅବହେଳା କଲେ, ଯଦି ସେ ମରିଯାଏ ପ୍ରାୟଶ୍ଚିତ କରିବାକୁ ପଡେ । ନହେଲେ ଗାଁରୁ ନିଆଁପାଣି ବାସନ୍ଦ କରିବେ ଲୋକ ।

- ଗାଇ ଗୋଟେ ପଶୁ, ମଣିଷର ଅଜାଣତରେ ଯଦି ବନ୍ଧା ହେଇଥିବା ପଘାରେ ମରିଲେ ଏତେ ପ୍ରାୟଶ୍ଚିତ କରୁଛନ୍ତି, ତାହାଲେ ତମ ଆଉ ବୋଉ ନିର୍ଦ୍ଦେଶରେ ବଡ଼ ଭାଇ, ଭାଉଜଙ୍କ ପେଟରେ ଥିବା କନ୍ୟା ସନ୍ତାନକୁ ମାରିଦେଲେ, ତା ପାଇଁ ତମମାନଙ୍କୁ କଣ ପ୍ରାୟଶ୍ଚିତ କରିବାକୁ ପଡ଼ିବ ?

ହତବାକ୍ ହେଇ ରହିଗଲେ, ଅଜିତ ବାବୁ, ହାତରୁ ଖାଇବା ଖସି ପଡିଲା । ସେପଟେ ସୁମିତ୍ରା ଦେବୀ ଜୀବନରେ ପ୍ରଥମ ଥର ପାଇଁ ଅଜାଣତରେ ଝୁଣ୍ଟି ପଡ଼ିଥିଲେ ରୋଷେଇ ଘର ବନ୍ଧକୁ । ଭାଇ ଅନେଇ ରହିଥିଲା ଋଷି ମୁହଁକୁ । ଅମାନିଆ ଲୁହ ବୁନ୍ଦା ଝରି ଯାଇଥିଲା ନମିତା ଆଖିରୁ । ନିକିତା କହିଲା ମାମା କାଇଁ କାନ୍ଦୁଛ ? ନିକିତା କଥାରେ ପ୍ରକୃତିସ୍ଥ ହେବା ପରେ ଋଷି ଅଜିତ ବାବୁଙ୍କୁ କହିଲା "ବାପା, ମୁଁ ଆସିଥିଲି ମୋର ସବୁ ଜିନିଷ ଏଠୁ ନେଇଯିବା ପାଇଁ, ମୁଁ ଗାଁରେ ରହିବି । ସେଠୁ କଲେଜ୍ ଯିବା ଆସିବ କରିବି ଯେମିତି ତୁମେ କରୁଥିଲ । ଆଉ ଏଇ ଘର ଦୁଆର ମାଡିବିନି ଯେ ପର୍ଯ୍ୟନ୍ତ ପ୍ରାୟଶ୍ଚିତ ନ କରିଚ ।" ସବୁ ଥର ଭଳି ଆସନ୍ତା ସକାଳୁ ବାହାରି ଯାଇଥିଲା ଋଷି ଗାଁକୁ ।

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତିମୂର୍ତ୍ତିଙ୍କ ଆଖିରେ ଲୁହ



ପ୍ରଫୁଲ୍ଲ କୁମାର ପାଣି

ବୃତ୍ତିର ବ୍ୟସ୍ତବହୁଳ ଜୀବନରୁ ସମୟ କାଢି ମାସକୁ ଥରେ ଦିଥର ପୈତୃକ ଗ୍ରାମର ବାସଭବନକୁ ଯାଇ ବିଧବା ରୋଗୀଣା ମା'ଙ୍କର ଭଲମନ୍ଦ ବୁଝି ଔଷଧପତ୍ର ବ୍ୟବସ୍ଥା କରିବା ଇତ୍ୟାଦି କାମ ଅବିନାଶ ବାବୁଙ୍କର ଅଭ୍ୟାସରେ ପଡି ଯାଇଥିଲା । ମା' ଗାଁରେ ଭାଇମାନଙ୍କ ପାଖରେ ଥିଲେ ମଧ୍ୟ ଅବିନାଶବାବୁ ନିଜର କର୍ତ୍ତବ୍ୟପାଳନରେ କେବେ ହେଳା କରିନାହାନ୍ତି । ଘରର ମୁଖ୍ୟଦ୍ୱାର ପାର୍ଶ୍ୱକୁ ସ୍ୱର୍ଗୀୟ ପିତାଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି ଭାଇମାନଙ୍କର ଶ୍ରଦ୍ଧା ଓ ପିତୃଭକ୍ତିର ନିଷ୍ଠାରେ । କିନ୍ତୁ ପିତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବାର ସ୍ୱପ୍ନ ଅବିନାଶ ବାବୁ ହିଁ ଦେଖିଥିଲେ । ଆଜକୁ ଚାଳିଶି ବର୍ଷ ତଳେ କଟକରୁ ପ୍ରତିମୂର୍ତ୍ତି ଗଢାଇ ଗାଁର ସେଇ ଅନ୍ଧାରି ମୂଲକରେ ସ୍ଥାପନ କରିବା କାଠିକର ପାଠ ଥିଲେ ମଧ୍ୟ ଅବିନାଶ ବାବୁ ଭାଇମାନଙ୍କ ସାହାଯ୍ୟରେ ସଂପନ୍ନ କରାଇଥିଲେ । ଏକ କାରୁକାର୍ଯ୍ୟଖଚିତ ସିମେଣ୍ଟ ପିଣ୍ଡି ଉପରେ ପ୍ରତିମୂର୍ତ୍ତି ସ୍ଥାପନ ହୋଇ ଚାରୋଟି ଖମ୍ବ ସାହାଯ୍ୟରେ ଛାତ ପକା ଯାଇଛି । ପିଣ୍ଡିସମ୍ମୁଖ ତଳଭାଗରେ ମାର୍ବଲ ପଥର ଦେହରେ ଖୋଦେଇ ହୋଇ କଳା ଅକ୍ଷରରେ ଲେଖା ଯାଇଛି– "ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ । ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା ।" ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱରେ ନାନା ପ୍ରକାର ଫୁଲ ଗଛର ଭରପୁର ସମ୍ଭାର ମନ୍ଦିର ପରିବେଶପରି ମନ ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଣକୁ ଆହ୍ଲାଦିତ କରୁଥିଲା । ପରିବାରର ସମସ୍ତେ ଭକ୍ତି ଓ ଯତ୍ନ ସହକାରେ ସ୍ମାରକୀସ୍ଥଳକୁ ଶୁଦ୍ଧପୂତ କରି ରଖୁଥିଲେ । ଆମ ସମସ୍ତଙ୍କର ଏହି ପିତୃଭକ୍ତିର ନିଦର୍ଶନ ଆମ ଗାଁ ଓ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ଏକ ନୂତନ ଅନୁଭୂତି ଦେଇଥିଲା ।ପ୍ରତିମୂର୍ତ୍ତି ସ୍ଥାପନର ପ୍ରତିଷ୍ଠା ଅବସରରେ ଆକର୍ଷଣୀୟ ଭୋଜିଭାତ ଦାନଦକ୍ଷିଣାର ଆୟୋଜନ କରାଯାଇଥିଲା । ବାପା ଆମ ଅଞ୍ଚଳର ଜଣେ ଧର୍ମପ୍ରାଣ ତଥା ନାମକରା ବ୍ୟକ୍ତିତ୍ୱ ଥିଲେ । ପାଞ୍ଚ ପଚିଶି ଖଣ୍ଡ ଗାଁରେ ତାଙ୍କର ସୁନାମ ଥିଲା । ଅବିନାଶ ବାବୁ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ଥିବାରୁ ଉକ୍ତ ପବିତ୍ର ସ୍ଥଳକୁ ଆଉ କେମିତି ଅଧିକ ଆକର୍ଷଣୀୟ କରାଯିବ ବରାବର ମନୋନିବେଶ କରୁଥିଲେ ଓ ପ୍ରତି ଶ୍ରାଦ୍ଧବାର୍ଷିକୀରେ ରଙ୍ଗ ଲେପନ କରାଉଥିଲେ ।

କିଛି ବର୍ଷର ବ୍ୟବଧାନ ପରେ ସବୁ ବଦଳି ଯିବାକୁ ଲାଗିଲା । କଥାରେ ଅଛି ଯେତେ ଭାଇ ସେତେ ଘର । ଉଗଣ ମାନସିକତାର ନଖଦନ୍ତରେ ବୈକୁଣ୍ଠ ସମାନ ଯୌଥ ପରିବାରଟି ତାସ୍ ଘର ପରି ଭୁଷୁଡି ପଡିଲା । ପୈତୃକ ସମ୍ପତ୍ତି ସବୁ ବାଣ୍ଟି ନେଲାପରେ କେବଳ ସ୍ମାରକୀସ୍ଥଳଟି ସମୂହଙ୍କ ସ୍ଥାନ ଭାବରେ ରକ୍ଷା ପାଇଗଲା । ସ୍ନେହ ଶ୍ରଦ୍ଧା ପ୍ରେମ ଭକ୍ତି ବିଶ୍ୱାସର ସେହି ବୈକୁଣ୍ଠପୁରଟି ଧ୍ୱଂସହେବାକୁ ବେଶୀ ସମୟ ଲାଗିଲା ନାହିଁ । ଯୌଥ ପରିବାରର ସେହି ପୁରାତନ ସଂସ୍କୃତି ସ୍ୱାର୍ଥଲାଳସା ମୋହର ଅନ୍ଧାରଗହ୍ୱର ମଧ୍ୟରେ ସତ୍ତା ହରାଇଲା । ପରିବେଶର ବାଧ୍ୟ ବାଧ୍ୟକତାରେ ଅବିନାଶ ବାବୁ ତାଙ୍କ ଛୋଟ ସଂସାରକୁ ଧରି ଚାକିରୀକ୍ଷେତ୍ରକୁ ଚାଲି ଆସିଥିଲେ । ଏହା ମଧ୍ୟରେ ମହାନଦୀରେ ଅନେକ ଜଳ ବୋହିଗଲାଣି । ସନ ସାଲ ତାରିଖ ମଧ୍ୟ ବଦଳି ଯାଇଛି । ଅବିନାଶ ବାବୁ ଭାଇ ମାନଙ୍କର ଯେଉଁ ପିଲାମାନଙ୍କୁ କୋଳେଇ କାଖେଇ ଜହ୍ନମାମୁଁ ଦେଖାଉଥିଲେ ପାଠ ପଢାଉ ଥିଲେ, ଭଲମଣିଷ ହେବା ପାଇଁ ମହାପୁରୁଷଙ୍କ ଗପ ଶୁଣାଉଥିଲେ, ଆଜି ସେହି ପିଲାମାନେ ସାବାଳକ । ମତାମତ ଉପସ୍ଥାପନ କରିବାର ବୟସ ହୋଇଛି । ପିତୃଦେବଙ୍କ ପ୍ରତିମୂର୍ତ୍ତି

 Magazine Downloaded from www.aahwaan.com

ସ୍ଥଳଟିର ଯତ୍ନ ନେବା ପାଇଁ ଆଗଭଳି ଆଉ କାହାରି ନଜର ନାହିଁ । ପରିବାର ସହିତ ଅବିନାଶ ବାବୁଙ୍କର କେତେଥର ମନୋମାଳିନ୍ୟ ଓ ଯୁକ୍ତି ମଧ୍ୟ ହୋଇସାରିଲାଣି । କୋଳରେ ବଢିଥିବା ପିଲାମାନେ ମୋ ସମ୍ମୁଖରେ ନିରୁତ୍ତର ରହୁଥିଲେ ମଧ୍ୟ ସେମାନଙ୍କର କାର୍ଯ୍ୟକଳାପ କେମିତି ଅଲଗା ବାରି ହୋଇ ପଡୁଥିଲା । ପିତାଙ୍କ ଅର୍ଜିତ ଅଧିକାଂଶ ସଂପତ୍ତି ଭୋଗ ଦଖଲ କଲା ପରେ ମଧ୍ୟ ଏହି ସ୍ଥାନଟି ପାଇଁ ସେମାନଙ୍କର ଅକୃତଜ୍ଞ ମାନସିକତାକୁ ମର୍ମେ ମର୍ମେ ଅନୁଭବ କରି ପାରୁଛନ୍ତି ଅବିନାଶ ବାବୁ । କାହିଁକିନା ସେ ନିଜେ ଅଙ୍ଗେ ନିଭାଇଛନ୍ତି ଓ ଦେଖିଛନ୍ତି ନାତି ନାତୁଣୀଙ୍କ ପ୍ରତି ବାପାଙ୍କର ଅପତ୍ୟ ସ୍ନେହ । ସେମାନଙ୍କର ସବୁ ଅଳିଅର୍ଦଳି ପୂରଣ ସହିତ ସାଙ୍ଗରେ ଖୁଆନ୍ତି, ପାଖରେ ଶୁଆନ୍ତି । ବେଳେବେଳେ ଏମାନେ ସବୁ ବାପାଙ୍କ ପିଠିରେ ଲାଉ ହେବା ପାଇଁ ଜିଦି ଧରନ୍ତି । ବାପା ଶେଷରେ ଗାମୁଛା ସାହାଯ୍ୟରେ ପାଳି କରି ପିଠିରେ ଲାଉ କରି ବୁଲାନ୍ତି । ଜେଜେ ଡାକରେ ତାଙ୍କର ଅପରାହ୍ନ ପ୍ରାଣଟି ସରାଗରେ ସଂଚରି ଯାଏ । ଏ କଥା ବି ମନେ ଅଛି- ନାତି ନାତୁଣୀମାନେ ଅସୁସ୍ଥ ହେଲେ ସାରା ରାତି ଉଜାଗର ରହି କୋଳରେ ଜାକିଧରିଥାନ୍ତି । ଗ୍ରାମଦେବତୀଙ୍କୁ ମାନସିକ ଯାଚନ୍ତି ସେମାନଙ୍କର ଆଶୁ ଆରୋଗ୍ୟ ପାଇଁ । ଆଜି ସେହି ପିଲାମାନଙ୍କର ପ୍ରତିମୂର୍ତ୍ତି ପ୍ରତି ଅମର୍ଯ୍ୟାଦା ଅବିନାଶ ବାବୁଙ୍କର ହୃଦୟକୁ କୁଠାରାଘାତ କରୁଛି ।

ସବୁଥର ପରି ଏଥର ଘରକୁ ଆସିଲା ବେଳକୁ ଅବିନାଶ ବାବୁଙ୍କର କୌଣସି କାରଣ ପାଇଁ ଟିକେ ବିଳମ୍ବ ହୋଇଯାଇଥିଲା । କିଏ ଯେମିତି ତାଙ୍କୁ ହାତଠାରି ଡାକୁଛି । ଏମିତି ଗୋଳେଇଘାଂଟି ମନରେ ଗାଁରେ ପହଞ୍ଚିଲା ବେଳକୁ ବେଳ ରତରତ । ପ୍ରଥମେ ବାପାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମୁଣ୍ଡିଆ ମାରି ଘର ଭିତରକୁ ପଶନ୍ତି । ଏହା ତାଙ୍କର ଅଭ୍ୟାସ ହେଉ ବା ପିତୃଭକ୍ତି ହେଉ- ନିୟମିତ ଅଭ୍ୟାସ । ଆସ୍ତେ ଆସ୍ତେ ସଂଜ ନଇଁ ଆସୁଛି । ଅବିନାଶ ବାବୁ ଦେଖିଲେ ଲାଗିଥିବା ବିଜୁଳି ବତୀଟି ଆଉ ଜଳୁନି । ଚତୁଃପାର୍ଶ୍ୱ ବିଭିନ୍ନ ଲତାରେ ପ୍ରାଚୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାନ୍ଥ ସବୁଜାବୃତ । ତନ୍ମଧ୍ୟରୁ ହଳଦୀ ଗରଗର ପେନ୍ଥା ପେନ୍ଥା ଜହ୍ନିଫୁଲ ବାରି ହୋଇ ପଡୁଛି । ଠାଏ ଠାଏ ଲମ୍ବା ଲମ୍ବା ତରଡା ଫଳ ମୁଦ୍ଗର ଭଳି ଲମ୍ବିଛି । ପ୍ରତିମୂର୍ତ୍ତିଙ୍କର ଛାତ ଉପରକୁ କଖାରୁ ଗଛର ଲଟା ଭାଡା ସାହାଯ୍ୟରେ କାୟା ବିସ୍ତାର କରିଛି । ଚାରି ଛଅ ଗୋଟି ପୁରୁଷାଳିଆ ବୋଇତିକଖାରୁ ସଦର୍ପେ ଧ୍ୟାନ ମୁଦ୍ରାରେ ମୌନବ୍ରତ ପାଳୁଛନ୍ତି । ବିଭିନ୍ନ ରଂଗର ସୋ ଗଛଗୁଡିକ ଉପରେ କଲରାଲତା ଗୁଡେଇ ହୋଇ କଷି ଧରିଛି । ଏ ସବୁ ଅଭାବନୀୟ ଦୃଶ୍ୟ ଦେଖି ଅବିନାଶ ବାବୁଙ୍କର ହୃଦୟ ବୀଣାର ତାର ଛିଣ୍ଡି ଗଲା । ଧମନୀର ରକ୍ତକଣିକା ବରଫ ପାଲଟି ଗଲା । ପାଦ ତଳର ମାଟି ଖସି ଖସିଗଲା । ସେଇ ଛାଇ ଅନ୍ଧାରରେ ଅବିନାଶ ବାବୁ ଅନୁଭବ କଲେ ବାପାଙ୍କ ପ୍ରତିମୂର୍ତ୍ତିର ଦୁଇ ଆଖି କୋଣରୁ ଧାର ଧାର ଲୁହ ବୋହିଯାଇ ମାର୍ବଲ ଫଳକର କଳା କଳା ଅକ୍ଷରଗୁଡିକୁ ଓଦା କରିଦେଇଛି । ହଠାତ୍ ବାପାଙ୍କର ପରିଚିତ କଣ୍ଠସ୍ୱର ସହିତ ଏକ ଉଜ୍ଜଳ ଆଲୋକରଶ୍ମୀ ସେହି ଅନ୍ଧକାର ପରିବେଶକୁ ଉଦ୍ଭାସିତ କରି ପ୍ରତିମୂର୍ତ୍ତିଙ୍କ ଚିବୁକକୁ ସଂଚାଳିତ କରୁଛି । କହୁଛନ୍ତି, "ଅବିନାଶ ! ମୁଁ ତୁମର ବାପା । ତୁମକୁ ମୋର କିଛି କଥା କହିବାର ଅଛି । ତୁମେ ମନକୁ ଶାନ୍ତ କରି ମୋ କଥା ଶୁଣ । କହିବି କହିବି ବୋଲି ଅନେକ ଥର ଭାବିଛି । ହେଲେ କହି ପାରିନାହିଁ । ମୋ ବାପାଟା ମୋ ଧନ ଟା, ତୁମେ ଆଉ ମୋ ପାଇଁ ବିବ୍ରତ ହୁଅ ନାହିଁ । ମୋର ଆଉ ଏହି ସ୍ଥାନରେ ରହିବାକୁ ଇଚ୍ଛା ମଧ୍ୟ ନାହିଁ । ମୋ ପାଇଁ ତୁମେ କାହିଁକି ବରାବର ସେମାନଙ୍କ ପାଖରେ ଅପ୍ରିୟ ହେଉଛ । ତୁମେ ତ ମୋ ଠାରୁ ଏକା ଜନ୍ମ ହୋଇନାହଁ । ମୋ ଔରସରୁ ସେମାନେ ଜନ୍ମ ହୋଇ ଏ ସୁନ୍ଦର ଧରଣୀରେ ଦୁର୍ଲଭ ଜୀବନ ପାଇଛନ୍ତି । ସେମାନେ ଓ ସେମାନଙ୍କ ପିଲା ମାନେ ଯଦିଚାହୁଁଛନ୍ତି ମୋତେ ଏଠାରୁ ଉଚ୍ଛେଦ କରିବେ ତୁମେ କାହିଁକି ଆପତ୍ତି କରୁଛ । ମୁଁ ତ ଏବେ ପରଲୋକରେ । ଅନ୍ଧାରରେ ଆସି ଆଲୁଅରେ ଯିବା ପ୍ରଥାର କେବଳ ଏକ ବଡବଡୁଆ । ବାଇଶି ପାହାଚରେ ଗଡଗଡେଇ ହେବା ମୋର କାମ ।

 Magazine Downloaded from www.aahwaan.com

ଅନ୍ଧବିଶ୍ୱାସ ଅନ୍ଧଗଳି ଅଳିନ୍ଦ ମଧ୍ୟରେ ବାସ୍ତୁଦୋଷର ଛଳନା ଆଳରେ ମୋର ଉଚ୍ଛେଦ ସେମାନଙ୍କ ସ୍ୱାର୍ଥନ୍ୱେଷୀ ପଞ୍ଚାୟତରେ ସିଦ୍ଧାନ୍ତ ହୋଇଛି । ଏହା ମଧ୍ୟ ଆଲୋଚନା ହୋଇଛି - ଶୁଭ କାର୍ଯ୍ୟ ଅବସରରେ ମୋର ଛାଇ ସେମାନଙ୍କ ପାଇଁ ଅଶୁଭର ପ୍ରତୀକ । ଏସବୁ ଅନାତ୍ମୀୟ ମାନସିକତା ମଧ୍ୟରେ ମୋର ପ୍ରତିମୂର୍ତ୍ତି ରଖିବା ଅପେକ୍ଷା ବିସର୍ଜନ ଦେବା ଶ୍ରେୟସ୍କର । ମୋ ପ୍ରତିମୂର୍ତ୍ତିକୁ ନେଇ ତୁମମାନଙ୍କ ମଧ୍ୟରେ ଆଉ ଅଧିକ ମତାନ୍ତର ହେବା ମୋତେ ଭଲ ଲାଗୁନାହିଁ । ତୁମ ମା' ଏବେ ଜୀବନଯନ୍ତ୍ରଣାର ଶେଷ ପର୍ଯ୍ୟାୟରେ ଉପନୀତ ହୋଇ ସମସ୍ତଙ୍କ ଦୟାର ପାତ୍ରୀ । ଯାହାକି ମୋପାଇଁ ଅସହ୍ୟ । ମୁଁ ତ ପ୍ଲାଷ୍ଟର୍ ପ୍ୟାରିସ୍ ରେ ତିଆରି ନିଷ୍ପ୍ରାଣ ପ୍ରତିମୂର୍ତ୍ତି ମାତ୍ର ବୋଲି ସେମାନଙ୍କ ଧାରଣା । ସମସ୍ତଙ୍କୁ ଜନ୍ମ ଦେଇଛି । ସମସ୍ତେ ମୋର ରକ୍ତର । ପିତା ଭାବରେ ଆଶୀର୍ବାଦ କରିବା ମୋର ଧର୍ମ । ଯେଝା ଧର୍ମ ଯେଝାର । କେତେ କେତେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉପରେ ଖରା ବର୍ଷାର ପ୍ରକୋପ, ପଶୁ ପକ୍ଷୀ ମାନଙ୍କର ମଳତ୍ୟାଗ, ମଦୁଆ ଜୁଆଡି ମାନଙ୍କର ମନୋରଞ୍ଜନ ସ୍ଥଳ ।-ଆଉ ମୁଁ ତ ଏକ ସାମାନ୍ୟ ସାଧାରଣ ଲୋକଟିଏ । ଭାବୁଛି ମୋର କଥା ଏବେ ତୁମେ ବୁଝିଯିବ ।

ଅବିନାଶ ବାବୁ ବାପାଙ୍କର ସବୁ କଥା ଶୁଣି ସାରିବା ପରେ ନିର୍ବାକ୍ ନିଷ୍ପନ୍ଦ ହୋଇଗଲେ । କିଛି ସମୟ ପାଇଁ ଧମନୀର ରକ୍ତ ପ୍ରବାହ ଧିମେଇ ଗଲା । ସେଇ କିଟି କିଟି ଅନ୍ଧାରରେ ପାଟିରୁ ବାହାରି ଆସିଲା-ବାପା ! ଆପଣ ତ ମୋ ପାଇଁ ମହାପୁରୁଷ । ଆପଣଙ୍କ ଆଶୀର୍ବାଦରୁ ସମାଜରେ ମୁଁ ମଣିଷ ପରି ମଣିଷଟିଏ । ସୁନ୍ଦର ପୃଥିବୀର ସୁଷମାରେ ମୋ ନୟନ ,ମୋ ଆତ୍ମା, ମୋ ହୃଦୟ ପୁଲକିତ । ଏ ଦୁର୍ଲଭ ଜୀବନ ଆପଣଙ୍କ ଦାନ ।

କାମାକ୍ଷାନଗର
ମୋ: ୬୩୭୨୪୫୯୧୭୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଜେଣ୍ଡା



ପ୍ରୀତମ୍ ଅଭିଶେକ୍ ପାଣି

ସେଦିନ ସୁଲେମାନ ଚାଚା ଦୋକାନ ଆଗରେ ଲାଗିଥିଲା ଅସମ୍ଭବ ଭିଡ଼ । ସହଜେ ସେଦିନ ଥିଲା ଛାଡ଼ଖାଇ, ଲୋକମାନଙ୍କ ଭିତରେ ଆରମ୍ଭ ହେଇଯାଇଥିଲା ତୁମୁଳ ପ୍ରତିଯୋଗିତା ମାଛ, ମାଂସ ଦୋକାନରେ । ଫେସବୁକ୍, ହ୍ୱାଟସପ୍ ରେ ମାଳ ମାଳ ପୋଷ୍ଟ ଛାଡ଼ଖାଇ ପାଇଁ, Happy mutton day , chicken day ଇତ୍ୟାଦି । ଆଜିକାଲିକା ପିଲା ତ ପିଲା ବୁଢ଼ା ବି ମଟନ୍ ଝୋଳ ହାଣ୍ଡି ପୋଷ୍ଟ କରିଛନ୍ତି ତାଙ୍କ ପ୍ରୋଫାଇଲରେ ଆଉ ଘଡିକି ଘଡ଼ି ଦେଖୁଛନ୍ତି କେତେ ଲାଇକ୍ କମେଣ୍ଟ ମିଳିଲା । ଛାଡ଼ନ୍ତୁ ସେକଥା, ଏଥରକ ମାହୋଲଟା ଟିକେ ଗରମ ଥିଲା ସଦ୍ୟ ପ୍ରକାଶିତ ସୁପ୍ରିମକୋର୍ଟ ରାୟ ପାଇଁ । ସମସ୍ତଙ୍କ ମୁହଁରେ ଗୋଟିଏ କଥା ରାମଲାଲା ଜିତାପଟ ମାରିଲେ, ସରକାର ଜିନ୍ଦାବାଦ ଇତ୍ୟାଦି । ସତେ ଯେମିତି ଅଯୋଧ୍ୟା ନଗରୀଟା ଏଇ ଆମ ଗଳିକୁ ଉଠି ଆସିଛି । ଏସବୁ କଥାକୁ କିନ୍ତୁ ତିଳେମାତ୍ର ଭ୍ରୂକ୍ଷେପ ନ କରି ସୁଲେମାନ ମିଆଁ ତା'ର ଚିରାଚରିତ ଢଙ୍ଗରେ କଟୁରିକୁ ଧାର ମାରି ଖାସୀ କାଟିବାରେ ବ୍ୟସ୍ତ ଥାଏ ।

ଆମ ଗଳିରେ ସୁଲେମାନ ଚାଚାର ମାଂସ ଦୋକାନ । ପିଲାଦିନରୁ ଚାଚାକୁ ମୁଁ ଦେଖି ଆସୁଛି, ବହୁତ ଇମାନଦାର କିନ୍ତୁ ଏକଜିଦିଆ ଲୋକଟା । ଖାସୀ ତାର ଏକ ନମ୍ବର ଆଦୌ ପାଣି ମିଶାଏନି ଚାଚା ସେଇଥିପାଇଁ ତାର ବହୁତ ଡିମାଣ୍ଡ । ବାବୁ ଭାୟା ଓ ସାଧାରଣ ଖଟିଖିଆ ଭିତରେ ଫରକ୍ ଦେଖେନି ଚାଚା, ତା' ପାଇଁ ସବୁ ଗରାଖ ସମାନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଢ଼େ ବଡ଼ ବାବୁ ଆସି ମତେ ଆଗ ଦିଅ ମୋର ଟାଇମ୍ ନାହିଁ କହିଲେ ଜମାରୁ ଶୁଣିବନି, ଓଲଟା ମୁହଁ ଫଁ ଫଁ କରିବ । ଚିରାଚରିତ ଢଙ୍ଗରେ ମୁଁ ବି ମୋ ପାଳିକୁ ଅପେକ୍ଷା କରିଥାଏ ଠିକ୍ ସେହି ସମୟରେ ସୁଦର୍ଶନ ବାବୁ ତାଙ୍କ ବୁଲେଟ୍ ଫଟ୍ ଫଟ୍ କରି ମୋ ପାଖରେ ଠିଆ କଲେ । ସୁଦର୍ଶନ ବାବୁ , ସୁଢ଼ଳ ଚେହେରା ଚଉଡ଼ା ଛାତି ସଂକ୍ଷେପରେ କହିବାକୁ ଗଲେ ଏଠିକା ହିନ୍ଦୁ ଯୁବସେନାର ସଭାପତି । ଅନେକ ନାମ ଡ଼ାକ ତାଙ୍କର ଏଠି, ଆମ ସ୍ଥାନୀୟ ବିଧାୟକଙ୍କର ଅତି ନିକଟତର ଖାସ୍ ଲୋକ । ମତେ ଦେଖି ପଚାରିଲେ, ଅଧ୍ୟାପକ ମହୋଦୟ କେମିତି ଅଛନ୍ତି, ଆଉ ସବୁ ଠିକ୍ ତ ? ମୁଁ ବି ସୌଜନ୍ୟତା ପୂର୍ବକ ହଁ ମାରିଲି । ସୁଦର୍ଶନ ବାବୁ ମତେ ଅନେକ ଥର ତାଙ୍କ ପାର୍ଟି ତରଫରୁ ଆୟୋଜିତ ସଭା ସମିତିକୁ ଆମନ୍ତ୍ରଣ କରିଛନ୍ତି, କିନ୍ତୁ ରାଜନୀତିଠୁ ମୁଁ ସବୁବେଳେ ନିରାପଦ ଦୂରତା ରଖିଛି ତେଣୁ ମୁଁ ବିଭିନ୍ନ ବାହାନା ଦେଖାଇ ଖସି ଆସେ ।

ସୁଦର୍ଶନ ବାବୁ ମତେ ଦେଖି ସାଙ୍ଗେ ସାଙ୍ଗେ ତାଙ୍କ ଉତ୍ତେଜକ ଭାଷଣ ଆରମ୍ଭ କରିଦେଲେ ଓ କହିଲେ ଅଧ୍ୟାପକ ମହୋଦୟ ଏଥର ଆମ ସରକାର କମାଲ୍ କରିଦେଲା । ଯାହା ସତୁରୀ ବର୍ଷ ହେଲା ହେଇପାରୁନଥିଲା ଆମ ସରକାର ତାକୁ ଚାଳିଶି ଦିନରେ କରିକି ଦେଖେଇଲା, ଖାଲି ମନ୍ଦିର ଗଢ଼ିବା ବାକି । ସବୁ ଡ଼ିଜାଇନ୍ ସରିଚି ଭବ୍ୟ ମନ୍ଦିର ନିର୍ମାଣ ପାଇଁ, ପାଣ୍ଠି ଯୋଗାଡ଼ ବି ଆରମ୍ଭ ହେଲାଣି । ସୁଦର୍ଶନ ବାବୁ ଅନର୍ଗଳ କହି ଚାଲିଥାନ୍ତି, କାଶ୍ମୀର ଠୁ ନେଇ କନ୍ୟାକୁମାରୀ ଏଥର ସବୁଠି ଗେରୁଆ ବାନା ଉଡ଼ିବ, ଲାହୋରରେ ବି ଉଡ଼ିବା ଅସମ୍ଭବ ନୁହେଁ ଖାଲି ସଠିକ୍ ସମୟକୁ ଅପେକ୍ଷା । ପାର୍ଟି ହାଇକମାଣ୍ଡକୁ ଫଣ୍ଡ ବରାଦ ହେଇଛି, ରାମ ନବମୀ ରାଲି ଜୋରଦାର୍ କରିବା ପାଇଁ । ଆମ ଏଜେଣ୍ଡା ଏଥର ଅବ୍ କି ବାର୍ ଫିର୍ ହମାରା ସରକାର୍, ଅବ୍ କରେଙ୍ଗେ ଚାରଶୋ ପାର୍, ରାମଲାଲା ସେ କରତେ ହେ ହମ୍ ପ୍ୟାର୍ ।

ମୁଁ ପଚାରିଲି କେବଳ ଏତିକି ନା ଆଉ କିଛି ଅଛି ? ସୁଦର୍ଶନ ବାବୁ କହିଲେ ଅନ୍ୟ ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଜେଣ୍ଡା ହେଲା, ଗୋରକ୍ଷକ ସମିତି ଗଠନ ହେବ, ଚୋରା ଗୋଚାରଣକାରୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ, ଗୋଶାଳାନିର୍ମାଣ, ଗୋଶାଳା ପାଇଁ ପଶୁଡାକ୍ତର ନିଯୁକ୍ତି, ଆମ ସହର ଉପକଣ୍ଠରେ ଏକ ଭବ୍ୟ ରାମମନ୍ଦିର ନିର୍ମାଣ ପାଇଁ ଜାଗା ଚିହ୍ନଟ ଇତ୍ୟାଦି ଇତ୍ୟାଦି । ମୁଁ ମନେ ମନେ ଭାବୁଥାଏ ରାମଲାଲା, ଗୋମାତାଙ୍କ ଭିତରେ ଆମ ଭଳି ଆମ୍ ଆଦମୀ ମାନଙ୍କ ପାଇଁ ଜାଗା ନାହିଁ ପାର୍ଟି ଏଜେଣ୍ଡା ମଧ୍ୟରେ । ସୁଦର୍ଶନ ବାବୁଙ୍କ କଥାର କେନ୍ଦ୍ରବିନ୍ଦୁ ଯେ ସୁଲେମାନ ଚାଚାଙ୍କୁ ଶୁଣେଇବାର ଥିଲା ତାହା ଆଉ ମୋତେ ଅଗୋଚର ନଥିଲା । ଚାଚାର କିନ୍ତୁ ଟିକେ ବି ଖାତିର୍ ନଥିଲା, ସେ ଏ ସବୁ କଥା ଶୁଣୁଥିଲା କି ନାହିଁ କେଜାଣି ! ସୁଦର୍ଶନ ବାବୁଙ୍କ ପେଟରୁ ସବୁ ବାନ୍ତି ହେଲାପରେ କହିଲେ ଆରେ ! କଥାରେ କଥାରେ ଯେଉଁଥିପାଇଁ ଆସିଥିଲି ଭୁଲିଗଲିମ , କଥା କ'ଣ କି ଆଜି ରାତିରେ ପାର୍ଟି ଅଫିସ୍ ରେ ଆମର ଗୋଟେ ବଡ଼ ମିଟିଙ୍ଗ୍ ଅଛି । ଭୁବନେଶ୍ୱରରୁ ଆମ ହାଇ କମାଣ୍ଡ ଆସିବେ ତ, ରାତିରେ ରହିବେ ଗେଷ୍ଟ ହାଉସରେ, ଭୋଜି ଭାତ ହେବ, ଆମ ଆଗାମୀ ଏଜେଣ୍ଡା ଉପରେ ଚର୍ଚ୍ଚା ହେବାର ଅଛି । ରାତି ଭୋଜି ପାଇଁ ଆସିଥିଲି ମଟନ୍ ଅଗ୍ରୀମ ବୁକ୍ କରିବାକୁ, ହାଇ କମାଣ୍ଡଙ୍କ ମଟନ୍ ବିରିୟାନିରେ ବିଶେଷ ରୁଚି ।

ସୁଦର୍ଶନ ବାବୁ ଏବେ ସୁଲେମାନ ଚାଚା ଆଡ଼େ ମୁଁହେଇଲେ, ଚଢ଼ା ଗଳାରେ କହିଲେ, "ଏ ମିଆଁ ଆଜି ରାତିରେ ପାର୍ଟି ଅଫିସ୍ ରେ ଭୋଜି ଅଛି, ଦୁଇ ଶହ ଉପରେ କର୍ମକର୍ତ୍ତା ଖାଇବେ କୋଡିଏ କିଲୋ ମଟନ୍ କାଟିକି ରଖିଥିବୁ ସନ୍ଧ୍ୟାବେଳେ ଆମ ପିଲା ଆସିକି ନେବେ, ଆଉ ହଁ ପିଓର୍ ଖାସୀ ହେଇଥିବା ଦରକାର ପାଣି ମିଶେଇଥିଲେ ଦେଖିବୁ ।" ସୁଦର୍ଶନ ବାବୁଙ୍କ ପାଟିରୁ କଥା ସରିଚିକି ନାହିଁ ଚାଚାର ଆଖି ରଡ଼ ନିଆଁ ଭଳି ଲାଲ୍ ହେଇଗଲା, "ଓ ବାବୁ ! ଚାଳିଶି ବର୍ଷ ହେଲା ବେପାର କରୁଛି ଖୁଦା କସମ୍ କେବେ କାହାକୁ ଠକିନି, ମୋ ଇମାନ୍ ଉପରେ ଯଦି ଶକ୍ କରୁଚ ଯାଅ ଆଉ କାହାଠୁ ନବ ।" ସୁଦର୍ଶନ ବାବୁ କହିଲେ, "ବୁଢ଼ା କାଇଁ ଚିଲୋଉଚୁ ବେ, ଏଇନେ ହଜାରେ ଟଙ୍କା ରଖ ଅଗ୍ରିମ ବାକି ଟଙ୍କା ମଟନ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପହଞ୍ଚିଲା ପରେ ନେଇଯିବୁ ।" ଗଲା ବେଳେ ସୁଦର୍ଶନ ବାବୁ ମୋ କାନରେ ଫୁସ୍ ଫୁସ୍ କରି କହିଲେ, "ଆଜ୍ଞା ! ଏଗୁଡାଙ୍କୁ ଜମାରୁ ବିଶ୍ୱାସ ନାହିଁ । ସୁଦର୍ଶନ ବାବୁ ଜୟ ଶ୍ରୀରାମ କହି ତା'ଙ୍କ ବୁଲେଟ୍ ନେଇ ଚାଲିଗଲେ ।

ମୋ ପାଳି ପଡ଼ିଲା କିଛି ସମୟ ପରେ । ଚାଚା ପଚାରିଲା କ'ଣ ଦେବି ବେଟା ଆଗ ଫଡ଼ିଆ, ପଛ ଫଡ଼ିଆ ନା ପଞ୍ଜରା । ପଇସା ଦେଲାବେଳେ ପଚାରିଲି, ଚାଚା ଗୋଟେ କଥା ପଚାରିବି ଖରାପ ଭାବିବନି ତ ? ଚାଚା କହିଲା କ'ଣ ବେଟା କି କଥା ? ମୁଁ କହିଲି ଚାଚା, ତୁମର ମତ କ'ଣ ରାୟକୁ ନେଇକି ଖୁସି ତ ? ଚାଚା ମୁରୁକି ହସିଲା, ପାଚିଲା ଦାଢ଼ି ଉପରେ ହାତ ସାଉଁଳେଇ ସାଉଁଳେଇ କହିଲା ବେଟା ମନ୍ଦିର ହୋ କି ମସଜିଦ୍ ମୁଝେ କୁଛ୍ ଜାନା ଆନା ନେହିଁ । ମୋତେ ଖାଲି ଏତିକି ମାଲୁମ୍ ଯଦି ମୁଁ କାମ ନ କରିବି ଆଲ୍ଲା ମୋ ଉପରେ ରେହମ୍ କରିବନି, ମୋ ପିଲା ଛୁଆ ଖାଇବାକୁ ପାଇବେନି । ମୁଁ ଇମାନଦାର୍ ହେଇ ବେପାର କରିବି ବାକି ସବୁ ଆଲ୍ଲା ମାଲିକ୍ । ଏଇ ସମୟରେ ଆମ ଗଳିର ଅନତି ଦୁରରେ ଥିବା ମସଜିଦର ଅଜାନ ବାଜିଲା । ଚାଚା ଗରାଖ ମାନଙ୍କୁ କିଛି ସମୟ ଅପେକ୍ଷା କରିବାକୁ ଅନୁରୋଧ କଲା ଓ ଚାଦର ପାରି ତା' ନମାଜ ପଢିବା ଆରମ୍ଭ କରିଦେଲା । ମୁଁ ବାହାରିଲା ବେଳେ ଆଖି ପଡ଼ିଲା ଚାଚା ବାନ୍ଧିଥିବା ଛେଳି ଗୁଡାଙ୍କ ଉପରେ । ତାଙ୍କ ବିକଳ ମେଁ ମେଁ ରଡ଼ିରେ ଆଲ୍ଲା ହୋ ଆକବର, ଜୟ ଶ୍ରୀ ରାମ ଧ୍ୱନି ହଜିଗଲା ପରି ଅନୁଭବ ହେଉଥାଏ । ସେମାନେ ସତେ ଯେମିତି ପାଟି ଖୋଲି କହୁଛନ୍ତି ଆମକୁ ବି ସମାନ ଶ୍ରେଣୀରେ ସାମିଲ୍ କରିଯାଉ, ଗୋ ସୁରକ୍ଷା ପରି ଆମ ପାଇଁ ବି ଆଇନ୍ ହେଉ, ଆମ ପାଇଁ ମଧ୍ୟ ଏଜେଣ୍ଡା ରଖାଯାଉ । ଗେରୁଆ, ସବୁଜ ରଙ୍ଗ ମତେ ଫିକା ଲାଗିଲା ସଦ୍ୟ ହଲାଲ୍ ହେଇଥିବା ଛେଳିର ଲାଲ୍ ରକ୍ତ ଆଗରେ । ବଡ଼ ବଡ଼ ପାଦ ପକେଇ ଘରକୁ ଆଖି ପିଚ୍ଛୁଳାକେ ଅଗ୍ରସର ହେଲି ।

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଛି ଗପ, କିଛୁ ସତ



ବିନୟ ମହାପାତ୍ର

ଅଫିସରୁ ଫେରି ରମାକାନ୍ତ ବାବୁ ଗୁମମାରି ସୋଫାଟା ଉପରେ ବସିଗଲେ । ଯେପରି କିଛି ଗୋଟାଏ ବଡ ମାନସିକ ବୋଝ ତଳେ ଚାପିହୋଇ ପଡିଛନ୍ତି, ବଡ କ୍ଳାନ୍ତ ଅନୁଭବ କରୁଥିଲେ ସେଦିନ । ସବୁଦିନ କିନ୍ତୁ ଏମିତି ହୁଏନି । ଅଫିସରୁ ଫେରିଲା ପରେ ସୁରମା କବାଟ ଖୋଲିଦେଇ ସିଧା ରୋଷେଇ ଘରକୁ ଚାଲିଯାଆନ୍ତି ଆଉ ରମାକାନ୍ତ ବେଡରୁମକୁ । ଡ୍ରେସ ବଦଳେଇ ଖୋର୍ଦ୍ଧା ନାଲିଆ ଗାମୁଛାଖଣ୍ଡେ ପିନ୍ଧି ରମାକାନ୍ତ ବାଥରୁମରେ ପଶିଯାଆନ୍ତି ଅଧଘଣ୍ଟାକ ପାଇଁ । ଫ୍ରେସ ହୋଇ ବାହାରନ୍ତି, ଦେଶୀ ଖୋର୍ଦ୍ଧାବ୍ରାଣ୍ଡ ନେଳିଆ ଲୁଙ୍ଗିଟିଏ ପିନ୍ଧି ଲିଭିଙ୍ଗରୁମରେ ଆସି ସୋଫାରେ ବସିଯାଆନ୍ତି । ରିମୋଟ ଖୋଜୁ ଖୋଜୁ ପାଞ୍ଚ ସାତଥର ସୁରମାଙ୍କୁ ଡାକପକାନ୍ତି, ରିମୋଟଟା କୋଉଠି ରଖିଲ ? ସେ ସମୟରେ ସୁରମା ଦି'କପ୍ ଗରମା ଗରମ୍ ଚାହା ଏବଂ ପାଣିପାଗ ହିସାବରେ କେବେ ସଦ୍ୟ କଡେଇରୁ ବାହାରିଥିବା ଗରମ ପକୁଡି, କେବେ ଦୁଇ, ଚାରୋଟି ବ୍ରିଟାନିଆ ମେରୀ ବିସ୍କୁଟ ନହେଲେ କଟକି ବାରମଜା ।

ଚା ପିଉ ପିଉ ଟିଭିରେ ନିଉଜ୍ ଦେଖିବା ସହିତ ଦିନଯାକର ଖବର ଆଦାନ ପ୍ରଦାନ ହୋଇଯାଏ ଦୁଇଜଣଙ୍କ ଭିତରେ । ବଡଝିଅ ସୁଧାର ବାହାଘର କରିଦେଇଛନ୍ତି ଗଲାବର୍ଷ ଫେବୃଆରୀ ମାସର, ସରସ୍ୱତୀ ପୂଜାଦିନ ଭଲ ତିଥି ଥିଲା ବୋଲି ପଣ୍ଡିତେ ସେଇ ଦିନଟି ବାହାଘର ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠିକ୍ କରିଥିଲେ । ଗୋଟିଏ ବୋଲି ପୁଅ ସୁବୋଧ, ଭୁବେଶ୍ୱରରେ ହଷ୍ଟେଲରେ ରହି ମେନଜମେଣ୍ଟ ପଢୁଛି, ଏଇଟା ତାର ସେକେଣ୍ଡ ଇୟର ।

ରମାକାନ୍ତ ଅଫିସ ଚାଲିଗଲାପରେ ସୁରମା ଦିପହରରେ ଘଣ୍ଟାଏ ଶୋଇବା ବ୍ୟତିତ ବାକି ସମୟ ଟିଭିରେ ସିରିଆଲ ଦେଖି କଟେଇଦିଅନ୍ତି । କେବେ କେବେ ପଡୋଶି ମହାନ୍ତିବାବୁ, ପଣ୍ଡାବାବୁ କି ସାମଲବାବୁଙ୍କ ମିସେସ୍ ଆସିଯାଆନ୍ତି । ଛୋଟ ମୋଟର କିଟି ପାର୍ଟିଟିଏ ହୋଇଯାଏ ଲିଭିଂରୁମରେ । ଚାହା ବିସ୍କୁଟ ଖାଉଖାଉ ସାରା କଲୋନୀର ଖବର ମିଳିଯାଏ । କାହା ଘରେ କଣ ନୁଆ କିଣାହୋଇ ଆସିଲା, କାହାର ପୁଅ ଫେଲ କି ପାଶ କଲା, କାହା ଝିଅର ବୟପ୍ରେଣ୍ଡ ସାଙ୍ଗେ ବ୍ରେକଅପ ହୋଇଗଲା ଠାରୁ ଆରମ୍ଭ କରି ଦେଶ ଦୁନିଆର ଖବର ବି ଟିକିଏ ଆଲୋଚନା ହୋଇଯାଏ ।

ସଂଧ୍ୟାହେଲେ ରମାକାନ୍ତ ଅଫିସରୁ ଫେରନ୍ତି, କଲିଂବେଲ ବଜାନ୍ତି ଆଉ ସୁରମା କବାଟ ଖୋଲିଦିଅନ୍ତି । ଆଜିବି ସେମିତି ହେଲା, ରମାକାନ୍ତ ଅଫିସରୁ ଫେରି କଲିଂବେଲ ବଜେଇଥିଲେ, ସୁରମା କବାଟ ଖୋଲିଦେଇ ପୁଣି ଚାହା ବସେଇବା ପାଇଁ ରୋଷେଇଘରକୁ ଚାଲିଗଲେ । ଚାହା ତିଆରି ସରିଲାଣି, କପରେ ଚାହା ଢାଳୁଢାଳୁ ସୁରମା ଭାବୁଥିଲେ ରମାକାନ୍ତ କଣ ପୁଣି ବାହାରକୁ ଚାଲିଗଲେନା କଣ ? ଏବେ ଯାଏ ବାଥରୁମର କବାଟ ଖୋଲାହେବା ଅବା ବନ୍ଦ ହେବାର ଶବ୍ଦ ଶୁଭିନି କି ଟଏଲେଟ ଫ୍ଲସର ଶବ୍ଦ ମଧ୍ୟ ଶୁଣାଯାଇନି । ଏତିକି ବେଳକୁ ସେ ଫ୍ରେସହୋଇ ଲିଭିଙ୍ଗରୁମରେ ରିମୋଟ ଖୋଜି, ଚାରି ପାଞ୍ଚଥର ଡାକ ପକାଇ ସାରନ୍ତେଣି । କଣ ହେଲା କିଛି ସୋର ଶବ୍ଦ ଶୁଭୁନି ।

ସୁରମାଙ୍କ ମନରେ ଛନକା ପଶିଲା । ବ୍ୟସ୍ତହୋଇ ଲିଭିଙ୍ଗରୁମକୁ ଆସି ଦେଖନ୍ତି ତ ରମାକାନ୍ତ ଗୋଡ ଲମ୍ବାଇ ସୋଫାଟା ଉପରେ ଅଧାଶୋଇବା ପୋଜିସନରେ ଷ୍ଟାଚ୍ୟୁଟିଏ ପରି ବସିଛନ୍ତି । ଏତେ ଗରମରେ ଏ.ସି କି ଫ୍ୟାନ ବି ଅନ କରିନାହାନ୍ତି । ସୁରମାଙ୍କର ଚିନ୍ତା

 Magazine Downloaded from www.aahwaan.com

ବଢିଗଲା, କଣ ହେଲା ଆଜି ?

ପାଖକୁ ଆସି ରମାକାନ୍ତଙ୍କ ପାଖରେ ବସିପଡିଲେ, ଦେହରେ ହାତମାରି ଦେଖିଲେ, ପଚାରିଲେ ଦେହ କିଛି ଖରାପ ଲାଗୁଛିକି ? ତଥାପି ରମାକାନ୍ତ ଚୁପ ବସିଥାଆନ୍ତି, ସୁରମାଙ୍କର ଚିନ୍ତା ଆହୁରି ବଢିଗଲା, ବ୍ୟସ୍ତହୋଇ ପଚାରିଲେ, କଣ ହେଲା, କିଛି କହୁନଯେ ? ଅଫିସରେ କଣ କିଛି ବେଶି ଟେନସନ ବଢି ଯାଇଛି କି ? ଏମିତି କଣ ଏତେ ଚିନ୍ତା କରୁଛ, କଣ ହେଲା ? ଦେଖ ଖରାପ ଲାଗୁଛି ଯଦି ଡାକ୍ତରକୁ ଫୋନକରି ଆପଏଣ୍ଟମେଣ୍ଟ ନେଇଯାଉଛି ! ଚାହା ପିଇ ସାଙ୍ଗେ ସାଙ୍ଗେ ବାହାରିଯିବା । ଏଇ ସିଜନ ଚେଞ୍ଜ ସମୟରେ ସବୁବେଳେ ତୁମର ଦେହ ଖରାପ ହୋଇଯାଏ । ଆଉ କଣ ସେ ବୟସ ଅଛି ? ଏବେ ଟିକେ ଦେହପ୍ରତି ଧ୍ୟାନରଖ, ସନ୍ଧ୍ୟାବେଳେ ଅଫିସରୁ ଫେରି ଟିଭିଦେଖା ଛାଡ, କିଛି ଯୋଗା ପ୍ରାଣାୟମ କର ।

ସୁରମାଙ୍କର ବ୍ୟସ୍ତତା ଦେଖି ରମାକାନ୍ତ ସିଧାହୋଇ ବସିପଡିଲେ । ହାତ ପାପୁଲିରେ ମୁହଁ ପୋଛୁ ପୋଛୁ କହିଲେ ଆରେ ନାହିଁ, ସେମିତି କିଛି ହୋଇନି, ମୁଁ ଠିକ୍ ଅଛି । ଆଜି ଚାରିଟାବେଳେ ସୁବୋଧ ଫୋନ କରିଥିଲା । ତାର ଫୋନପରେ ଟିକେ ଚିନ୍ତା ଲାଗୁଛି ତା'ପାଇଁ । ପିଲାଟା ସେଠି ଏକୁଟିଆ ହଷ୍ଟେଲରେ ରହି ପଢୁଛି ! ପିଲାଏ ପାଖରେ, ଆଖି ସମ୍ନାରେ ଥିଲେ କଥା ଅଲଗା, ଦୂରରେ ରହିଲେ ମାଆ ବାପାଙ୍କ ଚିନ୍ତା କେତେଯେ ବଢିଯାଏ, ପିଲାମାନେ କଣ ସେକଥା ଭାବନ୍ତି ନା ବୁଝନ୍ତି । ସେମାନେ ସବୁ ମନେମନେ ବଡ ପିଲା, ସମଝଦାର ହୋଇଯାଆନ୍ତି ।

ସୁରମା ସଙ୍ଗେ କଥାକାଟି ପଚାରିଲେ, ତାର ଦେହପା ଠିକ୍ ଅଛିଟି ? ତୁମ ଚିନ୍ତାଦେଖି ମୋ ମନ ଛାନିଆ ହେଲାଣି, କଣ ହୋଇଛି ତାର ?

ରମାକାନ୍ତ ସୁଖିଲା ହସଟାଏ ହସି କହିଲେ, ଆରେ କିଛି ହୋଇନି ତାର, ସିଏ ସେଠି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଜାରେ ଅଛି । ଆଜି ଫୋନକରି କହୁଥିଲା ଆଉ ପନ୍ଦର ହଜାର ଟଙ୍କା ପଠାଇବାକୁ ।

ସୁରମା ସଙ୍ଗେ ସଙ୍ଗେ କହିଲେ, ଏମାସରେ ଆହୁରି ପନ୍ଦର ହଜାର ଟଙ୍କା ? କଲେଜ ଫି, ହଷ୍ଟେଲ ଫି ସବୁକିଛି ବର୍ଷକ ପାଇଁ ଆଗୁଆ ଜମା ସରିଛି । ହାତ ଖର୍ଚ୍ଚପାଇଁ ପ୍ରତିମାସରେ ଦଶହଜାର ତୁମେ ପଠାଉଛ, ଏ ମାସ ପାଇଁ ବି ଦଶହଜାର ତୁମେ ଦୁଇତାରିଖ ଦିନ ତା ଆକାଉଣ୍ଟକୁ ଟ୍ରନ୍‌ସଫର କରି ଦେଇଥିଲ । ସେ ପଇସା କଣ ତାକୁ ଏଯାଏ ମିଳିନି କି ? ତୁମେ ଟିକେ ବ୍ୟାଙ୍କରୁ ବୁଝି ନେଉନ । ଆଜିକାଲି ଅନଲାଇନ ଟ୍ରାନ୍‌ସଫରରେ ବି ବହୁତ ଗଡବଡ ହୋଇଯାଉଛି ।

ରମାକାନ୍ତ କହିଲେ କେମିତି କଥା କହୁଛ ତୁମେ ? ଏଇଟା କଣ ପୋଷ୍ଟାଲ ମନିଅର୍ଡର ହେଇଛି ଯେ ମାସକ ପରେ ଯାଇ ମିଳିବ, ନହେଲେ ବାଟ ମାରଣା ହୋଇଯିବ ? ତାକୁ ଦୁଇତାରିଖରେ ସେ ପଇସା ମିଳିଯାଇଛି ।

ସୁରମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ତାହେଲେ ପୁଣି କଣ ହେଲା । ଆଜି କେତେ ତାରିଖ ହେଲାକି, ସତର ନା ଅଠର ?

ରମାକାନ୍ତ ଟିକେ ନର୍ମାଲହୋଇ କହିଲେ ଆଜି ଅଠର ତାରିଖ ।

ସୁରମା ବ୍ୟସ୍ତହୋଇ କହିଲେ, କଲେଜରେ ଦୁଇ ସପ୍ତାହରେ ଦଶହଜାର ଖର୍ଚ୍ଚ ହୋଇଗଲା ତାର ? ତାକୁ ପଚାରିଲନି ଏତେ ପଇସା ପୁଣି କାହିଁକି ଦରକାର ପଡୁଛି ।

ରମକାନ୍ତ କହିଲେ, ହଁ ପଚାରିଥିଲି । ଜାଣିଛ ତୁମ ଗେହ୍ଲାପୁଅ କଣ କହିଲେ ? କହିଲା ପୁଲିସ ପରି ଏମିତି ଜେରା କରନି, ମୁଁ କୋଉ ଲକ୍ଷେଟଙ୍କା ମାଗୁଛି ଯେ ତୁମ ମୁଣ୍ଡ ବୁଲେଇ ଯାଉଛି ? ମୋର ଦରକାର ଅଛି ବୋଲିତ ମାଗୁଛି, କଣପାଇଁ ମାଗୁଛି ସେକଥା ଜାଣିବା ତୁମପାଇଁ କଣ ନିହାତି ଦରକାର ? ପଠେଇବ ଯଦି ପଠାଅ, ନହେଲେ ମୁଁ ଏଠି ଆରେଞ୍ଜ କରିନେବି । ମୋତେ ଏତେକଥା ପଚାରି ବ୍ୟସ୍ତକରନି କହି ଫୋନ କାଟିଦେଲା । କୋଉଠୁ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆରେଞ୍ଜ କରିବ ସିଏ ? ଟଙ୍କା କଣ ଗଛରେ ଫଳୁଛି ସେଠି ? ପିଲାଟି ଦିନରୁ ତୁମେ ଗେହ୍ଲା କରିଦେଇଛ, ସେଇଥି ପାଇଁ ସବୁବେଳେ ଏମିତି ଧମକଉଛନ୍ତି ।

ବୁଝିଲ ୧୯୭୫ମସିହାରେ ମୁଁ ଯେତେବେଳ ଅନୁଗୁଳ କଲେଜରେ ଇଣ୍ଟରମିଡିଏଟ ପଢୁଥିଲି ସେତେବେଳେ ହଷ୍ଟେଲରେ ସିଟ୍ ମିଳିଲାନି ବୋଲି ଗୋଟିଏ ବର୍ଷ ମେସରେ ରହୁଥିଲି । ଜାଣିଛ, ସେତେବେଳେ ଆମକୁ ମାସକ ଖର୍ଚ୍ଚ ପାଇଁ କେତେଟଙ୍କା ମିଳୁଥିଲା ? ସମୁଦାୟ ଏକଶତ ମୁଦ୍ରା, ତାରି ଭିତରେ କଲେଜ ଫି, ମେସରେ ରହିବା ଭଡା, ଖାଇବା ଖର୍ଚ୍ଚ, ସାବୁନ୍ ତେଲ ସବୁକିଛି ହୋଇଯାଉଥିଲା । ତାଛଡା ସେଇ ଶହେ ଟଙ୍କାରୁ କିଛି ଟଙ୍କା ବଳେଇ ଆମେ ମାସରେ ଚାରି ଛଅଟା ସିନେମା ବି ହଲରେ ଯାଇ ଦେଖୁଥିଲୁ । ଫାଷ୍ଟ କ୍ଲାସ ଟିକଟ ଦେଢଟଙ୍କା ଥିଲା ସେତେବେଳ । ଭାତ ଡାଲି ତରକାରୀର ମିଲ୍ ଦୁଇଟଙ୍କାରେ ମିଳି ଯାଉଥିଲା । ଦୁଇଟା ଅଣ୍ଡାର ଝୋଳ ଟଙ୍କାଏ, ହାପପ୍ଲେଟ ଆଠଣା ।

ଗୋଟେ ମଜାକଥା ଶୁଣିବ ? ମଝିରେ ଥରେ ଆମ ମେସର ରୋଷେୟା ଦୁଇଦିନ ପାଇଁ କହି ଛୁଟିରେ ଚାଲିଗଲା ଯେ ପୁରା ମାସେଯାଏ ତାର ଦେଖା ଦର୍ଶନ ନାହିଁ । ସେଇ ମାସ ଗୋଟାକଯାକ ଆମେ ଆମ କଲେଜ ପାଖରେଥିବା ଗୋଟିଏ ହୋଟେଲରେ ଖାଇଲୁ । ହୋଟେଲର ଗୋଟିଏ ପିଲା, ଯିଏ ମିଲ୍ ପରଶେ, ସେ ଆମକୁ ଗୋଟାଏ ପ୍ରସ୍ତାବ ଦେଲା । କହିଲା ବାବୁମାନେ, ତୁମେ ଯଦି ହାପ୍ ପ୍ଲେଟ ଅଣ୍ଡା କିମ୍ବା ମଟନ ଅର୍ଡର କରିବ ତେବେ ମୁଁ ତୁମକୁ ପୁରାପ୍ଲେଟ ଦେଇଦେବ, କେହି କିଛି ଜାଣି ପାରିବେନି, ବିଲ ଡାକିଲା ବେଳେ ମୁଁ ହାପପ୍ଲେଟର ହିସାବ ଲଗେଇ କହିଦେବି, ତୁମକୁ କମ୍ ପେମେଣ୍ଟ କରିବାକୁ ପଡିବ । ମାସ ଶେଷରେ ଆମେ ଦଶଜଣ ମିଶି ତାକୁ ଶହେଟଙ୍କା ତା ହାତଖର୍ଚ୍ଚ ଦେବୁ । ପ୍ରସ୍ତାବଟା ମନ୍ଦ ନଥିଲା । ମାତ୍ର ଦଶଟଙ୍କା ଅଧିକ ଦେଇ ମାସସାରା ଅଧାଦାମ୍ ରେ ଫୁଲ ପ୍ଲେଟ ମଟନ, ଚିକେନ କି ଅଣ୍ଡାକରି ଖାଇବା କିଏ ଚାହିଁବନି ? ଆମେ ଖୁସିରେ ହଁ କରିଦେଲୁ । ତା ପରଦିନ

 Magazine Downloaded from www.aahwaan.com

ଠାରୁ ପ୍ରତି ମିଲ୍ ରେ ଆମେ ଆଇଁଷ ଖାଇବା ଆରମ୍ଭ କରିଦେଲୁ । ମାସ ଶେଷରେ ତାକୁ ଶହେଟଙ୍କା ମଧ୍ୟ ଦେଇଦେଲୁ ସେ ଖୁସିଥିଲା ଆଉ ଆମେ ବି ।

ତା ପରେ ଆମେ ଯେତେବେଳେ ହିସାବକରି ବସିଲୁ, ମାସସାରା ପ୍ରତିଦିନ ଆଇଁଷ ଖାଇବାରେ କେତେ ଖର୍ଚ୍ଚହେଲା ବୋଲି, ସେ ହିସାବ ଦେଖି ଆମେ ମାସ ସାରା ଖାଇଥିବା ସବୁଯାକ ମଟନ, ଚିକେନରୁ ଯେତିକି ରକ୍ତ ତିଆରି ହୋଇ ଆମ ଦେହରେ ମିଶି ନଥିଲା, ତାଠାରୁ ଅଧିକ ରକ୍ତ ସୁଖିଗଲା । ସମସ୍ତଙ୍କ ମୁହଁ ସେତା ପଡିଗଲା, ହୋଟେଲ ଖାଇବା ଖର୍ଚ୍ଚ ଜଣକା ତିନିଶହ ଟଙ୍କାରୁ ଅଧିକ । ଯାହା ଆମର ମାସିକ ଖର୍ଚ୍ଚର ତିନିଗୁଣାରୁ ଅଧିକ କେବଳ ଆମର ଖାଇବା ଖର୍ଚ୍ଚ । କଣ କହି ଘରୁ ଏତେ ଟଙ୍କା ମଗାଇବୁ ସମସ୍ତଙ୍କ ପାଇଁ ବଡ ଚନ୍ତାର ବିଷୟ ହୋଇ ଯାଇଥିଲା । ମୁଁ ଘରକୁ ଯାଇ ବଡ କଷ୍ଟରେ ମାଆକୁ ସବୁକଥା ବୁଝେଇ କହିଲି, ମାଆ ଟିକିଏ ହସିଲା, କହିଲା ତୋର ଏ ଆଇଁଷ ଟକଳା ପ୍ରକୃତି ଏବେ କେତେ ଭାରିପଡିଲା ବୁଝିଲୁତ ।

ମାଆ ଓକିଲାତି କରି ବାପାଙ୍କୁ କହି ଟଙ୍କା ଆଣିଥିଲା ମୋ ପାଇଁ । କଲେଜ ଫେରିଲା ଦିନ ବାପା ମାଆକୁ କହିଲେ ପୁଅକୁ ଟିକିଏ ବୁଝେଇ ଦିଅ, 'ଏମିତି ଶସ୍ତାରେ, ସୁବିଧାରେ ମିଳୁଥିବା ଜିନିଷ ପ୍ରତି ସାବଧାନ ରହିବ । ଯାହା କିଛିବି କରିବ ନିଜ ପଇସାର ଆଉ ନିଜ କ୍ଷମତା ଭିତରେ ରହି ନିଜର ସାମର୍ଥ୍ୟ ଅନୁସାରେ କରିବ । ଯେତେ ଯାହା ମାଗଣାରେ ମିଳେ, ଆଉ ଆମେ ଖୁସି ହୋଇ ନିଜ ନିଜ ମୁଣାରେ ଭରିନେଉ, ପ୍ରକୃତରେ ସେସବୁ ମାଗଣା ମିଳେନା, ପରେ ମଣିଷକୁ ତାପାଇଁ ବହୁତ ବଡ ମୂଲ୍ୟ ଦେବାକୁ ପଡିଥାଏ' ।

ସେବେ ଠାରୁ କାନଧରି ନିୟମ କରିଥିଲି, ମାଗଣା ଲାଭ ଚକରରେ କେବେବି ପଡିବିନି । ତା'ପର ମାସ ଠାରୁ ଦିନରେ ଦୁଇଟଙ୍କାର ସାଧା ମିଲ ଆଉ ରାତିରେ ଖାଇବାପାଇଁ, ହଷ୍ଟେଲ ସାମ୍ନାରେ ଗୋଟିଏ ପଞ୍ଜାବୀ ଚା ଦୋକାନଥିଲା । ସେ ରାତିରେ ରୁଟି

 Magazine Downloaded from www.aahwaan.com

ଏବଂ ହରଡ ଡାଲି କରେ, ଜାଣିଚ ସେ ଡାଲି କେମିତି ଲାଗେ ? ଗାଆଁରେ ତ ଆମେ ସବୁବେଳେ ଦେଶୀ ଭଜା ହରଡ କି ମୁଗଡାଲି ଖାଉ, କିନ୍ତୁ ସେ ପଞ୍ଜାବୀ ବୁଢା କାନପୁରୀ ହରଡ ଡାଲି ତିଆରି କରେ । ଡାଲି କଣ ତାକୁ ହଳଦିଆ ଡାଲିପାଣି କହିଲେ ଭୁଲ ହେବନି । ଆଠ ଦଶଟା ଡାଲି ଗିନାତଳେ ଜୁଳୁଜୁଳୁ କରି ଚାହିଁ ରହିଥିବେ, ଆଉ ସେଇ ଡାଲି ପାଣିରେ ପହଁରୁଥିବେ ଦୁଇ ତିନି ଖଣ୍ଡ ଲମ୍ବାକଟା ଆଳୁ । କିନ୍ତୁ ସେଇ ଡାଲି ପାଣି ବି ଭୋକ ସମୟରେ ବଡ ସୁଆଦ ଲାଗୁଥିଲା । ଗୋଟିଏ ଟଙ୍କାରେ ଚାରିଟା ରୁଟି, ଗିନାଏ ଡାଲିପାଣି ଖଣ୍ଡେ କଟା ପିଆଜ ଆଉ ଗୋଟେ ବଡ କଞ୍ଚାଲଙ୍କା ।

ସେମିତି ସମୟ ଥିଲା ଆମର ପାଠପଢା ବେଳ, ଗାଆଁର ପିଲା ଆମେ ସହରକୁ ପଢିବାକୁ ଯାଉଥିଲୁ । କିନ୍ତୁ ଆଜି ଆମ ପିଲାଏ ଛୋଟ ସହରରୁ ବଡ ସହରକୁ ପଢିବାକୁ ଯାଉଛନ୍ତି । ଆମେ ସାତ ଭାଇଭଉଣୀ ସ୍କୁଲ କଲେଜରେ ପଢୁଥିଲୁ ସେତେବେଳେ, ବାପାଙ୍କ ଉପରେ ବୋଝ ପଡିବ ବୋଲି ଖୁବ୍ ସାବଧାନ ରହୁଥିଲୁ । ବାପାଙ୍କର ସୀମିତ ରୋଜଗାରରେ ସେ କେତେ କଷ୍ଟରେ ସବୁକିଛି ମ୍ୟାନେଜ କରୁଥିଲେ ଆମକୁ ଜଣାଥିଲା । ଆମେ ଟଙ୍କାଏ ମଧ୍ୟ ବାଜେଖର୍ଚ୍ଚ କରିବାକୁ ଦଶଥର ଭାବୁଥିଲୁ । କିନ୍ତୁ ଆଜି ଛୋଟ ପରିବାର, ପିଲାଙ୍କୁ ଲାଗୁଛି ବାପା ଏତେ ଦରମା ପାଉଛନ୍ତି କଣ କରିବେ ଏତେ ଟଙ୍କା ? ବିଚରା ବାପା ସତେ ଯେମିତି ଟଙ୍କାର ଗଛଟାଏ, ଯେତେଥର ହଲେଇବ ସେତେଥର ଟଙ୍କା ଗଳିପଡିବ । ବଡଲୋକି ଦେଖେଇ ହେବା କେତେ ମହଙ୍ଗା ପଡୁଛି ସେକଥା କଣ ପିଲାଏ ବୁଝୁଛନ୍ତି ?

ସୁରମା କଥାକାଟି କହିଲେ, ହଁ ଗଲାଣି ସେକାଳ ପଖାଳ, ଆଜି ସବୁକିଛି କେତେ ମହଙ୍ଗା ହୋଇଗଲାଣି । ଆଜି ପ୍ଲେସ୍କୁଲରେ ପିଲାଙ୍କୁ ଆଡମିଶନ କରେଇବାକୁ ପଚାଶହଜାର ଲାଗୁଛି, ତା ଉପରେ ମାସକୁ ଦୁଇ, ଚାରି ହଜାର ଟଙ୍କା ଫିସ ସବୁ ମାସରେ । ଲୋକଙ୍କର ରୋଜଗାର, ଦରମା ଦରମାବି ତ ବଢୁଛି । କିନ୍ତୁ ମୁଁ ସୁବୋଧ କଥା ଭାବୁଛି ତା ଫୋନ କଥା

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଶୁଣି ମୋତେ ମଧ୍ୟ ଚିନ୍ତା ହୋଇଗଲାଣି । ଭୁବନେଶ୍ୱର ପରି ସହର, ସେଠାରେ କେତେ ଆଡର କେତେ ପ୍ରକାରର ପିଲା ସବୁ ଆସି ପାଠ ପଢୁଛନ୍ତି । ପୁଅ ଖରାପ ପିଲାଙ୍କ ସାଙ୍ଗରେ ମିଶୁନି ତ ? ସିଗାରେଟ କି ମଦ ପିଉନି ତ ? ପୁଣି କଣ ଟିକିଏ ଭାବି ସୁରମା କହିଲେ, ମୋତେ ସେମିତି ଲାଗୁନି, ଗଲାଥର ଯେତେବେଳେ ସେ ଘରକୁ ଆସିଥିଲା ଏପରି କିଛି ତ ମୁଁ ନୋଟିସ କରିନି ।

ରମାକାନ୍ତ ଟିକେ ବ୍ୟସ୍ତହୋଇ କହିଲେ, ଆଜିକାଲି କେତେ ପ୍ରକାରର ନିଶା, ଡ୍ରଗସ୍ ସବୁ ଚୋରାରେ ମିଳୁଛି, ପୁଅ ଯଦି କୁସଙ୍ଗରେ ମିଶି କିଛି ଡ୍ରଗ ନେଉଥିବ ତାହେଲେ ତ ସତ୍ୟାନାଶ ।

ସୁରମା ସାଙ୍ଗେ ସାଙ୍ଗେ କହି ଉଠିଲେ, ନା, ନା ମୋ ପୁଅ ଏମିତି ସେମିତି କିଛି କରୁନଥିବ, ମୋତେ ଯାହା ଲାଗୁଛି ବୋଧହୁଏ ପୁଅ ଆମର କାହା ପ୍ରେମରେ ପଡି ଗଲାଣି, କିଛି ଗାର୍ଲ ଫ୍ରେଣ୍ଡ ଚକ୍କର ପରି ଲାଗୁଛି ।

ସେଦିନ ପଣ୍ଡାବାବୁଙ୍କ ମିସେସ୍ କହୁଥିଲେ, ମିଶ୍ରବାବୁଙ୍କ ପୁଅ, ତୁମେ ମିଶ୍ର ବାବୁଙ୍କୁ ଜାଣିଛନା', ଆରେ, ସେ ଏବିସି ବ୍ୟାଙ୍କରେ ଜେନେରାଲ ମ୍ୟାନେଜର ଅଛନ୍ତି । ପାଖ ବିଲଡିଙ୍ଗର ସେକେଣ୍ଡ ଫ୍ଲୋରରେ ରହନ୍ତି । ତାଙ୍କରି ପୁଅ ରଞ୍ଜନ ବାଙ୍ଗାଲୋରରେ ଇଞ୍ଜିନିୟରିଂ କରୁଥିଲା । କୋଉ ଗୋଟେ ଝିଅର ପ୍ରେମରେ ପଡିଗଲା, ମାସକୁ ଏମିତି ପଚିଶ ତିରିଶ ହଜାର ଟଙ୍କା ତା ପଛରେ ଉଡେଇଲା । ଚାରି ଛ ମାସ ଏମିତି ପ୍ରେମ ରହିଲା, ତାପରେ ଶେଷକୁ ସେ ଝିଅକୁ ମେଡିକାଲ କଲେଜର ଆଉ ଗୋଟେ ପୁଅ ସାଙ୍ଗରେ ପ୍ରେମ ହୋଇଗଲା । ମିଶ୍ରବାବୁଙ୍କ ପୁଅ ସାଙ୍ଗରେ କଟି କରିଦେଲା ସେ ଝିଅ ।

ସୁରମାଙ୍କ କଥା ଶୁଣି ରମାକାନ୍ତ ଥଟ୍ଟାରେ ଟିକେ ହସି କହିଲେ ଆରେ କଟି ନୁହେଁ, ତାକୁ ବ୍ରେକଅପ୍ କହନ୍ତି, ଅଚ୍ଛା ତାପରେ କଣ ହେଲା ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ସୁରମା ଟିକେ ରାଗିଯାଇ କହିଲେ, ସବୁବେଳେ କଥା ମଝିରେ କିଛିନାକିଛି କହିବା ତମର ଗୋଟେ ଖରାପ ଅଭ୍ୟାସ । ମୁଁ ଯେମିତି ଜାଣିନି ସେଇଟାକୁ ବ୍ରେକକ୍ କହନ୍ତି ବୋଲି-ହୁଁ, କହି ଚୁପ୍ ହୋଇଗଲେ ।

ରମାକାନ୍ତ ଟିକିଏ ହସିଦେଇ କହିଲେ, ହଉ ବାବା ହେଲା, ମୋର ଭୁଲ ହୋଇଗଲା, ଏବେ କୁହ ତାପରେ କଣ ହେଲା ।

ସୁରମା କହିଲେ, ଆଉ ହେବ କଣ, ପୁଅ ହଷ୍ଟେଲ ଛାଡି ଘରକୁ ଚାଲି ଆସିଲା, ଖିଆ ନାହିଁ, ପିଆ ନାହିଁ କାହା ସାଙ୍ଗରେ କଥାବାର୍ତ୍ତା ନାହିଁ, ଦାଢି ବଢେଇ ପାଗଳାଙ୍କ ପରି ନିଜ ରୁମରେ କବାଟ ବନ୍ଦ କରି ପଡିରହିଲା । ଦି'ଦିନ ଗଲା ଚାରିଦିନ ଗଲା ବାପା ମାଆ ଉଭୟେ ପୁଅକୁ ଏମିତି ଅବସ୍ଥାରେ ଦେଖି ବଡ ବ୍ୟସ୍ତ, ଯାହା ପଚାରିଲେ ପୁଅ କିଛି କହିଲାନି । ଆଉ କିଛି ବାଟ ନଦେଖି ଶେଷରେ ମିଶ୍ରବାବୁ ତାଙ୍କ ବଡଝିଅ ରଶ୍ମୀକୁ ଦିଲ୍ଲୀରୁ ଡକେଇ ପଠେଇଲେ ।

ଝିଅ ଜୋଇଁ ମିଶ୍ରବାବୁଙ୍କ ଠାରୁ ସବୁକଥା ଶୁଣି, ସେଇଦିନ ସଂଧ୍ୟା ଫ୍ଲାଇଟରେ ଆସି ଘରେ ହାଜର ।

ଭାଇ ଭଉଣୀ ଦୁଇଜଣ ବସି କଥାହେଲେ, ଭଉଣୀ ଯେତେବେଳେ ପଚାରିଲା କଣ ହେଇଛି କହ, କିଛି କହିଲେ ସିନା ଯାହାକିଛି କରିବା, ଏମିତି ଚୁପଚାପ୍ ରହିଲେ କଣ ସବୁ ଠିକ୍ ଠାକ୍ ହେଇଯିବ ? ରଶ୍ମୀର କଥାଶୁଣି, ରଞ୍ଜନ ଆଉ ନିଜର ଭଙ୍ଗାହୃଦୟକୁ ସମ୍ଭାଳି ପାରିଲାନି । ଭଉଣୀ କାନ୍ଧରେ ମୁଣ୍ଡରଖି ଭୋ ଭୋ ହୋଇ କାନ୍ଦିଉଠିଲା । ସବୁକଥା ମୂଳରୁ ଶେଷଯାଏ ଗୋଟି ଗୋଟିକରି ରଶ୍ମି ଆଗରେ କହିଗଲା । ଭଉଣୀ ଭେଣେଇ ତାକୁ ବହୁତ ବୁଝେଇ ସୁଝେଇ ସାଙ୍ଗରେ ଦିଲ୍ଲୀ ନେଇଗଲେ । ଏବେ ବାଙ୍ଗାଲୋରରୁ ନାଆଁ କଟେଇ ସେ ଦିଲ୍ଲୀରେ ପଢୁଛି । ବୁଝିଲ, ସେଇଥି ପାଇଁ ମତେ ଡର ଲାଗୁଛି ।


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିକାଲିକା ପୁଅ ଝିଅଙ୍କର କିଛି ଭରସା ନାହିଁ । ପ୍ରେମ ଏମାନଙ୍କ ପାଇଁ ସତେ ଯେମିତି ଗୋଟେ ଟାଇମପାସ ଖେଳ । ରମାକାନ୍ତ ଟିକେ ସିରିୟସ ହୋଇ କହିଲେ, ନାହିଁ କଥାଟା ସେମିତି ନୁହେଁ, ଆଜି କାଲିକା ପିଲା ଟିକେ ବେଶି ଆଡଭାନ୍ସ । ଏଇ ବୟସରେ ସବୁ ପୁଅ ଝିଅ ପ୍ରେମ କରନ୍ତି, ପୁଅକୁ ଯଦି କାହା ସାଙ୍ଗରେ ପ୍ରେମ ହୋଇ ଯାଇଛି, ସେଇଟା କିଛି ଖରାପ କଥା ନୁହେଁ । କିନ୍ତୁ, କେବଳ ଏତିକି ଡର, ସୁବୋଧ ପ୍ରେମ କରୁକରୁ ଦେବଦାସ ହୋଇ ନଯାଉ ।

କାଲି ତୁମେ ତା ସାଙ୍ଗରେ କଥାହୁଅ, ମୋତେ ସିନା କିଛି କହେନି, କିନ୍ତୁ ତୁମ ସହିତ ସେ ବହୁତ ଫ୍ରି ଫିଲ କରେ । ମୋତେ ଲାଗୁଛି ତୁମକୁ ସବୁ ସତ କହିଦେବ । ନହେଲେ ତାକୁ ଘରକୁ ଡକାଅ, ଆମେ ଏକାଠି ବସି ସବୁକଥା କ୍ଲିୟର କରିନେବା । ଆମେ ବାପା ମାଆ ପିଲାଙ୍କୁ ଜନ୍ମ ଦେଇଛେ, ଆମେ କଣ ତାଙ୍କର ଖରାପ ଚାହିଁବା ? ଆମେତ ଚାହୁଁଛେ ସେ ଖୁସିରେ ରହୁ କେବେ ବି କିଛି ଅସୁବିଧାର ନପଡୁ । ହେଲେ ପିଲାଏ କଣ ସେକଥା ଭାବୁଛନ୍ତି ? ସେମାନଙ୍କୁ ତ ଲାଗୁଛି ସେମାନେ ସବୁ ବଡ ହୋଇଗଲେଣି, ନିଜ ପ୍ରୋବ୍ଲେମ ସେମାନେ ନିଜେ ସମାଧାନ କରିପାରିବେ । କିନ୍ତୁ କିଏ ବୁଝେଇବ ସେମାନଙ୍କୁ ଯେ 'ମାଆ ବାପାଙ୍କ ପାଇଁ ତାଙ୍କ ପିଲାଏ କେବେବି ବଡ ହୁଅନ୍ତି ନାହିଁ' ।

ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜରା ନିବାସର ଜଟାୟୁ



ଗଦାଧର ବଳ

ଜରା ନିବାସ ହେଉ କି ବୃଦ୍ଧାଶ୍ରମ ବା ବୃଦ୍ଧମାନଙ୍କ ଆଶ୍ରୟସ୍ଥଳ । ଏପରି ଶବ୍ଦ ଯେମିତି କାନରେ ପଡିବା ମାତ୍ରେ ବୟସ୍କମାନଙ୍କ ପ୍ରତି ଆପେ ଆପେ ଶ୍ରଦ୍ଧା, ଭଲ ପାଇବା ମନର ରାଇଜକୁ ଧସେଇ ପାଶେ ଓ ସହାନୁଭୁତି ଗୁଡାକ ମନ ରାଇଜରେ ବିଚ୍ଛୁରିତ ହୋଇ ପଡେ । ଅନ୍ତେବାସୀମାନଙ୍କ ପ୍ରତି ସଭ୍ୟ ମୁଖାପିନ୍ଧା ମଣିଷମାନଙ୍କର ଅନୁକମ୍ପା, ଆତ୍ମୀୟତା, ଭଲ ପାଇବା ଜୋର ଜବରଦସ୍ତ ଧସେଇ ପଶି ଆସେ । ଆମେ ତଥା କଥିତ ଶିକ୍ଷିତ ବୋଲାଉଥିବା ଭଦ୍ର ମୁଖାପିନ୍ଧା, ଦାୟିତ୍ୱ ସମ୍ପର୍ଣ୍ଣ ମଣିଷମାନଙ୍କ ହୃଦୟ ସ୍ପନ୍ଦନ ବହୁ ମାତ୍ରାରେ ଦ୍ୱିଗୁଣିତ ହୋଇଯାଏ । ଆଶା ଆଶଙ୍କା ସୀମା ସରହଦ ଡେଇଁ ଆରପରିକୁ ପଳାଇ ଯାଇଥାଏ ଓ  ଚିନ୍ତା ଚେତନା କେଉଁ ଏକ ଅଜଣା ରାଇଜରେ ଶିହରଣ ସୃଷ୍ଟି କରିଥାଏ । ଏକ ଅଜଣା ଆତଙ୍କ ମନ ଭିତରକୁ ଧସେଇ ପଶି ଆସେ । ରୁମ ଟାଙ୍କୁରି ଉଠେ, ଦାୟିତ୍ୱ କର୍ତ୍ତବ୍ୟ, ବ୍ୟସ୍ତତାର ଦ୍ୱାହି ଦେଇ ଆମେ କେତେଜଣ କରିଥିବା ଅପରାଧ ଆମ ପିଲାମାନେ ଦ୍ୱାରା ପୁନରାବୃତ୍ତି ହେବନି ତ ! ସେପଟେ କିନ୍ତୁ ପିଲାର ଅମଙ୍ଗଳ ଆଦୌ ଚିନ୍ତା କରୁ ନଥିବା ବୃଦ୍ଧ ପିତାମାତା ବୃଦ୍ଧାଶ୍ରମରେ ବି ଜନ୍ମିତ ପିଲାମାନଙ୍କର ଅମଙ୍ଗଳ କଥା କେବେ ବି ଚିନ୍ତା ଚେତନାକୁ ଆଣନ୍ତି ନାହିଁ । ବରଂ ବ୍ୟସ୍ତ ବହୁଳ ଜୀବନ ଅତିବାହିତ କରୁଥିବା ପିଲା ମାନଙ୍କ ନିରୋଗ,ନିରାମୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥା ଦୀର୍ଘ ଜୀବନ କାମନା କରୁଥାନ୍ତି ।

ସହର ସନ୍ନିକଟ ଏକ ନିକାଞ୍ଚନ ବସ୍ତିରେ "ଶ୍ରୀକୃଷ୍ଣ ବୃଦ୍ଧାଶ୍ରମ" । ଅନେକ ବୃଦ୍ଧା ବୃଦ୍ଧ ନିଜର ଶେଷ ଜୀବନଯାପନ କରୁଛନ୍ତି, ଆଶ୍ୱାସିତ ହୋଇଛନ୍ତି ସେମାନଙ୍କ ପିଲାମାନଙ୍କ ଦ୍ୱାରା ସେମାନେ  କିଛିଦିନପରେ ତାଙ୍କୁ ଫେରାଇ ନେଇ ଯିବାର । କିଏ ବିଦେଶରେ ତ କିଏ ଦେଶ ଭିତରେ କର୍ମ ସଂସ୍ଥାନରେ ନିୟୋଜିତ । ନିଜର ସ୍ତ୍ରୀ ପିଲାମାନଙ୍କୁ ନେଇ ସେଠାରେ ଅବସ୍ଥାପିତ । ସେମିତି ଦୁଇ ବୃଦ୍ଧ ହରିହର ଓ ସାଧୁ । ପାଖାପାଖି ବୟସ । ବୟସ ବି ଅଶି ଉପରେ । ଉଭୟ ବେସରକାରୀ ଭାବେ କ୍ରମଶଃ ଛୋଟ ଚାକିରରୁ ଅବସର ନେଇଛନ୍ତି । ଉଭୟଙ୍କର ପତ୍ନୀ ଦୀର୍ଘ ଦିନ ହେବ ସେମାନଙ୍କ ହାତ ଛାଡି ଏ ଦୁନିଆରୁ ଆର ପାରିକୁ ଚାଲି ଯାଇଛନ୍ତି । କର୍ମନିପୁଣ, କାର୍ପଣ୍ୟତା ପରିହର, ପ୍ରଚଣ୍ଡ ସ୍ୱାଭିମାନୀ, ନିସ୍ୱାର୍ଥପର, ପରୋପକାରି ବ୍ୟକ୍ତିତ୍ୱ ଉଭୟ । କମ୍ପାନୀ ଚାକିରରୁ ଅବସର ନେବାର ପ୍ରାୟ କୋଡିଏ ବର୍ଷରୁ ଅଧିକ ହେଲାଣି । ଚାକିର କାଳର ଶେଷ ପାହାଚରେ ଉଭୟ ପତ୍ନୀଙ୍କୁ ହରାଇ ଥିବାରୁ ନିଃସଙ୍ଗ ପ୍ରାୟ । ଉଭୟଙ୍କର ଗୋଟିଏ ଗୋଟିଏ ପୁଅ । ପୁତ୍ର ମୋହରେ ଅନ୍ଧ ହୋଇ ତାକୁ ମଣିଷ କରିବା ଲକ୍ଷ୍ୟରେ ଦ୍ୱିତୀୟ ସନ୍ତାନ କଥା ଆଦୌ ଚିନ୍ତା ବି କରି ନାହାନ୍ତି ସେମାନେ । ହରିହର ପାଖ ଗାଁର ଖଣ୍ଡାୟତ କୂଳରେ ଜନ୍ମିତ । ମାତ୍ର ସାଧୁ ନିକଟସ୍ଥ ଯାଜପୁର ଜିଲ୍ଲାର ବାସିନ୍ଦା । ସମୟକ୍ରମେ ସେମାଙ୍କ ଏକମାତ୍ର ପୁଅକୁ ଇଞ୍ଜିନିୟରିଂ ଡିଗ୍ରୀ ଦେବା ପରେ ଉଭୟ ବାଙ୍ଗାଲୋର ସହରରେ ଏକ କମ୍ପାନୀରେ ଉଚ୍ଚ ବେତନ ଭୋଗ୍ୟ କର୍ମଚାରୀ ଭାବେ ଯୋଗ ଦେଇଥିଲେ । ସେମାନଙ୍କ ବିବାହ ମଧ୍ୟ ସେମାନଙ୍କ ପସନ୍ଦ ମୁତାବକ କନ୍ୟା ସହ କରାଇ ଦେଇଛନ୍ତି ଉଭୟ । ହରିହର ନିଜର ଜୀବଦ୍ଦଶାରେ କରିଥିବା ଆୟକୁ ଏକମାତ୍ର ପୁଅ ପାଇଁ ଖର୍ଚ୍ଚ କରି ତାକୁ ଉଚ୍ଚ ଶିକ୍ଷିତ କରିଛନ୍ତି । ସ୍ୱଳ୍ପ ରୋଜଗାରରେ ନିଜର ପରିବାର ପ୍ରତିପୋଷଣ ବାଦେ ଜମି ବାଡି କ୍ରୟ କରିବାର ଦୁଃସାହସ କେବେ ବି କରିନି ସେ । ବରଂ ପୁଅର ମତକୁ

 Magazine Downloaded from www.aahwaan.com

ସମ୍ମାନ ଜଣାଇ ପୈତୃକ ଭିଟାମାଟିକୁ ଅନ୍ୟକୁ ବିକ୍ରୟ କରିଦେଇ ବିକ୍ରି ଲବ୍ଧ ସମସ୍ତ ଟଙ୍କାକୁ ପୁଅ ପାଇଁ ଖର୍ଚ୍ଚ କରିବା ପରେ ସେ ଉଚ୍ଚ ଶିକ୍ଷିତ ହୋଇ ସେହି ବାଙ୍ଗାଲୋର ସହରରେ ଗୋଟିଏ ଫ୍ଲାଟ କ୍ରୟ କରିଥିଲା । ମାତ୍ର ନିଜର ପ୍ରମୋଶନ, ଉଚ୍ଚ ବେତନ, ଭବିଷ୍ୟତ ଦୁରଦୃଷ୍ଟି ସମ୍ପୂର୍ଣ୍ଣତାର ଦ୍ୱାହି ତଥା ବିଦେଶରେ କିଛିଦିନ ବୁଲିବାର ଲାଳସାକୁ ଚରିତାର୍ଥ କରିବାର ମୋହକୁ ସମ୍ମାନ ଜଣାଇ ହରିହର ପୁଅର ନିଷ୍ପତ୍ତିରେ ନିଜର ସହମତି ପ୍ରକାଶ କରିଥିଲା । ନିଜର ଇଚ୍ଛା ବିରୁଦ୍ଧରେ ଓ ପୁଅ ଫେରିବା ଯାଏଁ ବୃଦ୍ଧାଶ୍ରମରେ ରହିବାର ନିଷ୍ପତ୍ତି ନେଇଥିଲା ସେ । ପୁଅର ଇଚ୍ଛାକୁ ସମ୍ମାନ ଜଣାଇଥିଲା ସେ । ତାକୁ ଆଶ୍ୱାସନା ଦିଆ ଯାଇଥିଲା ଏକ ବର୍ଷ ମଧ୍ୟରେ ପୁଅ ତାର ସେଠାରୁ ଫେରି ତା ଘରକୁ ଫେରାଇ ନେବ ବୋଲି । ମାତ୍ର ଇତି ମଧ୍ୟରେ ତିନି ବର୍ଷରୁ ଉର୍ଦ୍ଧ ହେଲାଣି ପୁଅ ବୋହୂଙ୍କର ଦେଖାନାହିଁ । ଆସିବେ ଆସିବେ ବୋଲି କହୁଛନ୍ତି । ମାତ୍ର କାମର ବାହାନା କୁଆଡେ ସେମାନଙ୍କୁ ସମୟ ଦେଇ ପାରୁନାହିଁ । ହଁ, କିଛି ଦିନ ଅନ୍ତରରେ ଫୋନରେ ପୁଅ, ନାତି ସହ କଥା ହେଉଛି ସେ ।

ମାତ୍ର ସାଧୁ ଏଇ ମାତ୍ର ଦୁଇ ତିନି ମାସ ହେବ ବୃଦ୍ଧାଶ୍ରମର ନୂଆ ଅତିଥି । ତାର ବି ସମାନ ଅବସ୍ଥା । ତା ପୁଅ ମଧ୍ୟ ମୁମ୍ବାଇରେ ଚାକିର କରୁଥିଲା । ଚାକିର କରିବାରେ ଯ୍ୟା ଭିତରେ ଦୀର୍ଘ ଦଶ ବର୍ଷରୁ ଅଧିକ ହେଲାଣି । ଚାକିରିରୁ ବର୍ଷେ ଦୁଇ ବର୍ଷରେ ଥରେ ଘରକୁ ଆସେ । ସାଧୁ ଓ ତାର ପତ୍ନୀ ଅବସର ନେବାପରେ ଦଶ ପନ୍ଦର ବର୍ଷ ଏକୁଟିଆ ରହୁଥିଲେ । ମାତ୍ର କେଉଁ ଏକ ଅଜଣା ବେମାରରେ ପୀଡିତ ହୋଇ ତା'ର ପତ୍ନୀ ଗତ ପ୍ରାୟ ଛ ମାସ ହେବ ମୃତ୍ୟୁ ବରଣ କରିବା ପରେ ସେ ଏକୁଟିଆ ହୋଇ ଯାଇଛି । ପୁଅବୋହୂ ଅନେକ ବାର ତାକୁ ତାଙ୍କ ପାଖକୁ ଯିବା ପାଇଁ କହିଥିଲେ ବି ସେ ରୋଗିଣା ପତ୍ନୀକୁ ଛାଡି ଯାଇ ପାରୁ ନଥିଲା । ମାତ୍ର ପତ୍ନୀ ହାତଛାଡି ଆରପାରିକୁ ଚାଲିଯିବାପରେ ପୁଅବୋହୂଙ୍କ ଅନୁରୋଧ ତଥା

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କିଂକର୍ତ୍ତବ୍ୟମୂଢ଼ ହୋଇ ସେମାନଙ୍କ ପାଖରେ କିଛିଦିନ ହେବ ରହି ଆସୁଥିଲା । ବୋହୂର ଅତ୍ୟାଧୁନିକ ଉଗ୍ରମାନସିକତା ତଥା ସ୍ୱେଚ୍ଛାଚାରିତା ଏପରିକି କୃର ବ୍ୟବହାରରେ ଅତିଷ୍ଠ ହୋଇ ସେ ଘରକୁ ପଳାଇ ଆସିବାକୁ ଚାହୁଁଥିଲେ ବି, ପୁଅ ତଥା ନାତିର ମୁହଁକୁ ଚାହିଁ ସେ ସେଠାରୁ ଆସି ପାରୁନଥିଲା । ମାତ୍ର ପୁଅର କର୍ମକ୍ଷେତ୍ରରୁ ତାର ସୁଦୂର ଦୁବାଇକୁ ଟ୍ରାନ୍ସଫର ହୋଇଗଲା ଯେ, ସେଠାରେ ତାର ଯିବା ସମ୍ଭବପର ହେଲା ନାହିଁ । ତେଣୁ ପୁଅର ଅନୁରୋଧ କ୍ରମେ ସେ ମଧ୍ୟ କିଛିଦିନ ପାଇଁ ଏଠାରେ ଅବସ୍ଥାନ କରିବାକୁ ଆସିଛି । ଉଭୟ ସୁଖଦୁଃଖ ହୁଅନ୍ତି, ସାଥି ହୋଇ ବସନ୍ତି, ଅନ୍ୟମାନେ ଗୀତା ଭଗବତ ପ୍ରତି ମନ ଦେଉଥିବା ବେଳେ ସେ ଦୁଇଜଣ କିନ୍ତୁ ସବୁବେଳେ ନାତିର ଦୁଷ୍ଟାମି କଥା ମନେପକାଇ ନିଜ ନିଜ ମଧ୍ୟରେ ଆଲୋଚନାରେ ବ୍ୟସ୍ତ ଥାନ୍ତି । ଏପରିକି କଂସର ବନ୍ଦିଶାଳାରେ ବନ୍ଦୀ ଥିବା ରାଜା ଉଗ୍ରସେନ ପରି ମହାରାଜ କଂସର ଅମଙ୍ଗଳ କଥା ଯେପରି ଉଗ୍ରସେନ କେବେ ବି ଚିନ୍ତା କରି ନଥିଲେ, ସେମିତି ପିଲାମାନଙ୍କର ଅମଙ୍ଗଳ ସେମାନଙ୍କ ମନ ରାଇଜକୁ ଆଦୌ ଆସି ନଥାଏ । ବୟସର ଅପରାହ୍ନରେ ଜରା ବ୍ୟାଧିରେ ଜର୍ଜରିତ ଦୁଇ ବୃଦ୍ଧ କେବଳ କଂସର ମଙ୍ଗଳ ହିଁ ମଙ୍ଗଳ ମନାସି ଥାନ୍ତି ।

ଆଜି କିନ୍ତୁ ସାଧୁର ମନ କେଉଁଠି ଲାଗୁ ନଥାଏ, କାରଣ ସେ ଖବରକାଗଜ ଓ ଟି.ଭି.ରୁ ଜାଣିବାକୁ ପାଇଛି ଯେ କରୋନା ବୋଲି ଗୋଟେ ଭୟଙ୍କର ବ୍ୟାଧି ଚୀନରୁ ବାହାରି ବିଶ୍ୱର ଅନେକ ଦେଶର ଲୋକମାନଙ୍କ ଜୀବନ ନେଲାଣି ଓ ତାର ଭୂତାଣୁ ପଡୋଶୀ ଦେଶକୁ ମଧ୍ୟ ବ୍ୟାପିଗଲାଣି । ଏପରିକି ସାଉଦୀ ଆରବ, ଇଟାଲୀ, କୋରିଆ, ଆମେରିକା ପରି ଦେଶରେ ହଜାର ହଜାର ଲୋକ ଅକାଳରେ ପ୍ରାଣ ହରାଇଲେଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ମାହାମାରୀ ଭାବେ ଘୋଷଣା କରି ସରିଲାଣି । ଭାରତ ସରକାର ବିଦେଶରୁ ତାର ସମସ୍ତ ନାଗରିକ ମାନଙ୍କୁ ସ୍ୱଦେଶକୁ ଫେରାଇ ଆଣିବାକୁ ଆଡଭାଇଜରି ଜାରି କରିଅଛନ୍ତି । ସାଧୁ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ସେଦିନ ମନ ଦୁଃଖରେ ବୁଡାଇରେ ଥିବା ତାର ଏକମାତ୍ର ପୁଅର ଭଲମନ୍ଦ ବିଷୟରେ ହରିକୁ କହୁଥାଏ । ଏପରି ସମୟରେ ହରି ବି ତାକୁ ଆଶ୍ୱାସନା ଦେବ କଣ ଆଜି ଖବର କାଗଜରେ ଭାରତରେ ଜଣେ କରୋନା ପୀଡିତ ବୃଦ୍ଧ ଯିଏ କି ସୁଦୂର ସାଉଦୀ ଆରବରୁ ଫେରି ବେଙ୍ଗାଲୁରର ଏକ ଡାକ୍ତରଖାନାରେ ମୃତ୍ୟୁ ବରଣ କରଥିବା କଥା କହିଥିଲା । ସାଧୁର ଅସ୍ଥି କଙ୍କାଳ ଯୁକ୍ତ ସଶକ୍ତ ଶରୀର କେଉଁ ଏକ ଅଜଣା ଆତଙ୍କରେ ଥରି ଉଠିଥିଲା । କେବଳ ଭଗବାନଙ୍କୁ ଡାକିବା ବ୍ୟତୀତ ତାଙ୍କ ପାଖରେ କିଛି ଉପାୟ ନଥିଲା । ଏତିକି ବେଳେ ବୃଦ୍ଧାଶ୍ରମର ସାନ୍ଧ୍ୟ ଘଣ୍ଟିଟି ବିକଟାଳ ଚିତ୍କାର କରି ବାଜି ଉଠିଥିଲା ଓ ତା ପରେ ପରେ କେୟାର ଟେକର ବଡ ପାଟିରେ ଚିତ୍କାର କରି ଡାକ ପାକାଇ ଥିଲା ସାନ୍ଧ୍ୟ ପ୍ରାର୍ଥନା କ୍ଲାସକୁ ତୁରନ୍ତ ଆସି ସମସ୍ତେ ଯୋଗ ଦେବା ପାଇଁ । ସାଧୁର ଉଠିବା ପାଇଁ ଯେମିତି ଶକ୍ତି ପାଉ ନ ଥିଲା । ତାକୁ ଚାରି ଆଡେ ଅନ୍ଧାର ଦେଖା ଯାଉଥିଲା । ମାତ୍ର ହରି ତାର ଦୁଇ ହାତର ବାହୁକୁ ଧରି ଉଠେଇବା ପାଇଁ ଚେଷ୍ଟା ଜାରି ରଖିଥିଲା.... ଯେମିତି ଲାଗୁଥିଲା ସାଧୁ ନିଜେ କରୋନର ଭାଇରସରେ ପ୍ରପୀଡିତ ରୋଗୀଟିଏ, ଯିଏ ଆଉ କିଛି ମୁହୂର୍ତ୍ତର ଅତିଥିଟିଏ ଓ ନିଜର ଆତ୍ମା ସଦୃଶ ଜନ୍ମିତ ପିଲାର ନିରୋଗ ଶରୀର ପାଇଁ ଆକୁଳ, ନିଜ ଜୀବନ ଯାକର ହାଡ ଭଙ୍ଗା ପରିଶ୍ରମର ସଞ୍ଚିତ ପ୍ରାଣ ପ୍ରିୟ ଫଳକୁ ଯେମିତି କପଟ ଓ ପ୍ରତାରଣା ପୂର୍ବକ ପ୍ରବଳ ପରାକ୍ରମୀ ରାବଣ ଚୋରାଇ ନେଉଛି ଆଉ ସେମାନେ ଜଟାୟୁ ହୋଇ ଏହାର ପ୍ରତିରୋଧ କରି ରାବଣର ଅସ୍ତ୍ରାଘାତରେ ପ୍ରବଳ କ୍ଷତାକ୍ତ ଜଟାୟୁଟିଏ ପରି  ବଞ୍ଚି ରହିଛନ୍ତି ଓ ଅପେକ୍ଷା କରିଛି ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମକୁ ନିଜର ଶେଷ ବାର୍ତ୍ତା ଦେଇ ଇହ ଧାମ ସମ୍ବରଣ କରିବ ଓ ସ୍ୱର୍ଗଧାମ ପ୍ରତ୍ୟାବର୍ତ୍ତନ କରିବ । ନିଜ ହାତ ତିଆରି ମଣିଷ ଯନ୍ତ୍ରଟି ଯେମିତି ଆହତ ଜଟାୟୁଟିଏ ପରି ବ୍ୟାକୁଳ କେଉଁ ଏକ କ୍ଲାନ୍ତ ଅପରାହ୍ନରେ ,  ....

ବରିଷ୍ଠ ଆଇନଜୀବି, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାହାଡ଼ର ଲୁହ

ଝିଅ- ମୁନି

ବାପା - ଝରିଆ କୁଡ଼

ଜେଜେମା- ପୋଇ କୁଡ଼

ଗାଁ ମୁଖିଆ - ଦୁଡ଼ ମାଝି

ଗାଁର ନାମ - ଗଡ଼ ପଶି

ଗ୍ରାମଟିର ନାମ ଗଡ଼ପଶି । ଗଡ଼ପଶି ଗ୍ରାମରେ ଦୁଇଶହରୁ ଦୁଇଶହ ପଚାଶ ପରିବାର ରହିଛି । ଆଦିବାସୀ ପାହାଡିଆ ଅଞ୍ଚଳ । ପାହାଡ ଦୁର୍ଗମ ଅଞ୍ଚଳରେ କେହି ବି ପାଠପଢି ନାହାନ୍ତି । ସେହି ଗ୍ରାମର ଲୋକମାନେ ପାଠ ବୋଲି କ'ଣ ଜାଣନ୍ତି ନାହିଁ । ସେହି ଗ୍ରାମରେ ଝରିଆ କୁଡ଼ର ପରିବାର ବାସ କରନ୍ତି । ଝରିଆ କୁଡ଼ର ଝିଅ ହେଉଛି ମୁନି । ଗଡ଼ପଶି ଜଙ୍ଗଲକୁ ମୁନି ସବୁଦିନ ଛେଳି ଚରାଇବାକୁ ଯାଏ । ଜଙ୍ଗଲ, ପାହାଡ଼, ବୃକ୍ଷ, ଜୀବଜନ୍ତୁ ଓ ପକ୍ଷୀମାନେ ମୁନିର ବାଟ ଚାହିଁ ବସନ୍ତି ।



ଦୁଷ୍ମନ୍ତ ବେହେରା

ସବୁଦିନ ପରି ମୁନି ଜଙ୍ଗଲରେ ପହଞ୍ଚିଲା ବେଳେ କହେ, "ପାହାଡ଼ ବନ୍ଧୁ ମୁଁ ଆସିଗଲି, ଗଛ ବନ୍ଧୁ ମୁଁ ଆସିଗଲି, ଜୀବଜନ୍ତୁ ବନ୍ଧୁ ମୁଁ ଆସିଗଲି ।" ମୁନିର ସୁମଧୁର ସ୍ୱର ପାହାଡ଼ରେ ଗୁଞ୍ଜରିତ ହେଲା । ପାହାଡର ଗୋଟିଏ ବଡ଼ ପଥର ଉପରେ ବସି କେତେ କ'ଣ ତା ଜୀବନର ଦୁଃଖସୁଖ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଯାଏ । ଏମିତି ଏକ ଭଲ ପାଇବାରେ ମୁନି ଏବଂ ପାହାଡର ବନ୍ଧୁତା ସୃଷ୍ଟି ହୁଏ ।

ମୁନିର ବାପା ରୋଜଗାର ଆଶାରେ ସହରକୁ ଯାଆନ୍ତି । ସେଠାରେ ପହଞ୍ଚି କାମରେ ଲାଗିଯାଆନ୍ତି । ଦିନେ ଦୁଇଦିନ ଗଲାପରେ ସେ ଦେଖିଲେ ପିଲାମାନେ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଉଛନ୍ତି । ମୁନିର ବାପା ଝରିଆ କୁଡ଼ ଗାଁକୁ ଆସି ମୁନିକୁ କହିଲେ, "ତୁ ପାଠ ପଢ଼ିବୁ ।"

କ୍ରମଶଃ...

ମୁନି ଏହି କଥା ଶୁଣି ନାଚିବାକୁ ଲାଗିଲା । ନାଚ ସାରି କହିଲା, "ବା ଲୋ ପାଠ କଣ ଲୋ ।" ଗାଁରେ ଦୌଡି ଦୌଡି ସବୁ ଲୋକଙ୍କୁ କହିଲା, "ମୁଁ ପାଠ ପଢ଼ିବିରେ, ମୁଁ ପାଠ ପଢିବିରେ ।" ଗାଁର ଲୋକମାନେ ମୁନିର କଥା ଶୁଣି ପଚାରିଲେ, "ପାଠ କଣ ଲୋ । ମୋ ବା କହିଲା, ସହରକୁ ଯାଇ ପାଠ ପଢିବି ।

ମୁନି ସହରକୁ ଗଲା । ଦୁଇ ଦିନ ପରେ ବିଦ୍ୟାଳୟରେ ତାର ନାମ ଲେଖା ହେଲା । ଯେଉଁଦିନ ବିଦ୍ୟାଳୟରେ ମୁନିର ନାମ ଲେଖା ହେଲା, ସେହିଦିନ ମୁନିର ଜେଜେମା ପୋଇ କୁଡ଼ ଆର ପାରିକୁ ଚାଲିଗଲେ । ଗଡ଼ପଶି ଗାଁର ଲୋକମାନେ ମୁନିର ପାଠ ପଢିବା ଶୁଣି କହିଲେ, "ପାଠ କଣ ଲୋ, ପାଠ ପଢିଲେ କଣ ଲୋକ ମରିଯାଆନ୍ତି ।”

ମୁନି ପନ୍ଦର ଦିନ ପାଠ ପଢ଼ି ପୁଣି ଗାଁକୁ ଫେରିଆସିଲା ଦେଖିଲା ଯେ ତାର ଜେଜେମା ଆଉ ଏହି ଦୁନିଆରେ ନାହାଁନ୍ତି । ସେ ବହୁତ କାନ୍ଦିଲା । ଲୋକମାନେ ମୁନିକୁ କହିଲେ, "ଦେଖଲୋ ଇଏ ପାଠ ପଢ଼ିବାକୁ ଗଲା ଯେ ତାର ଜେଜେମା' କୁ ମରଣ ମୁହଁକୁ ଠେଲିଦେଲା । ଏହି କଥା ଶୁଣି ମୁନି ମନରେ ବହୁତ କଷ୍ଟ ହେଲା । ସେ ଆଉ ସହରକୁ ପାଠ ପଢ଼ିବାକୁ ଗଲା ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହରରୁ ବଡ଼ ବଡ଼ ବାବୁମାନେ ମୁନିର ଗାଁରେ ପହଞ୍ଚିଲେ । ଗାଁ ଦାଣ୍ଡରେ ଗାଡ଼ି ଯାଉଥିବାରୁ ଦେଖି ଗାଁର ପିଲାମାନେ ଗାଡ଼ି ପଛରେ ଦୌଡ଼ିବାକୁ ଲାଗିଲେ । ବାବୁମାନେ ମୁନିର ଘରେ ପହଞ୍ଚିଲେ । ମୁନି ବାବୁମାନଙ୍କୁ ଦେଖି ଜୁହାର କଲା । ବାବୁମାନେ ମୁନିକୁ ପଚାରିଲେ, "ତୁମେ କାହିଁକି ପାଠ ପଢ଼ିଲ ନାହିଁ । ଗାଁକୁ ଚାଲିଆସିଲ । ମୁନି କହିଲା, "ଗାଁ ମୋତେ ଭାରି ଭଲ ଲାଗେ । ଗାଁର ସାଙ୍ଗସାଥୀ, ପାହାଡ, ଜଙ୍ଗଲ ଓ ଝରଣା ମତେ ବହୁତ ଭଲ ଲାଗେ ।

କ୍ରମଶଃ....

ଏମିତିକି ଜଙ୍ଗଲର ପଶୁପକ୍ଷୀ ମଧ୍ୟ ମୋତେ ବହୁତ ଭଲ ଲାଗନ୍ତି । କାହିଁ ମୋର ସାଙ୍ଗମାନେ ପାଠ ପଢ଼ନ୍ତି ନାହିଁ ତ ।

ବାବୁମାନେ ସ୍ଥିର କଲେ ଗଡ଼ପଶି ଗାଁରେ ବିଦ୍ୟାଳୟଟିଏ ତିଆରି କରିବା ପାଇଁ । ଗାଁର ମୁଖିଆ ଦୁଡ଼ ମାଝୀ ଗାଁର ଲୋକମାନଙ୍କୁ ଡାକିଲେ । ଗାଁରେ ଗୋଟିଏ ସଭା ଅନୁଷ୍ଠିତ ହେଲା ।

ସଭାରେ ବାବୁମାନେ କହିଲେ, "ତୁମ ଗ୍ରାମରେ ଗୋଟିଏ ବିଦ୍ୟାଳୟ ହେବ । ଗାଁର ଲୋକମାନେ ବିଦ୍ୟାଳୟ କଥା ଶୁଣି କହିଲେ, "ବିଦ୍ୟାଳୟ କଣ ଲୋ ।" ବାବୁମାନେ କହିଲେ, "ବିଦ୍ୟାଳୟରେ ପାଠ ପଢିବେ, ଶିକ୍ଷା ପାଇବେ ।" ଗଡ଼ପଶିର ଲୋକ ଏହା ଶୁଣି କହିଲେ, "ତୁମ ପିଲାମାନେ ମଣିଷ ହେବେ । ସେମାନେ ପାଠ ପଢି ଶିକ୍ଷିତ ହେବେ । ଶେଷରେ ଗାଁ ମୁଖିଆ ଗ୍ରାମରେ ବିଦ୍ୟାଳୟ ପ୍ରତିଷ୍ଠା ହେଉ ବୋଲି ସ୍ଥିର କଲେ ।

ବାବୁମାନେ ଗଡ଼ପଶି ଜଙ୍ଗଲର ପାହାଡ଼ ଉପରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ଥାନ ଠିକ କଲେ ଓ ମାପଚୁପ କରିନେଲେ । ଚାହୁଁ ଚାହୁଁ ଗଛ ସବୁ କଟା ହେଲା । ପକ୍ଷୀମାନେ ବାସହରା ହେଲେ । ଜୀବଜନ୍ତୁମାନେ ଏଣେତେଣେ ଧାଇଁବାକୁ ଲାଗିଲେ । ବଡ଼ ବଡ଼ ଡ୍ରୋଜର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଡ଼ି ପହଞ୍ଚିଲା ।

ପାହାଡ ଖୋଳା ହେଲା । ପାହାଡ଼ରୁ ପଥର ବାହାର କରାଗଲା । ଚାହୁଁ ଚାହୁଁ ଜଙ୍ଗଲ, ପାହାଡ ଧ୍ୱଂସ ହୋଇଗଲା । ତା' ଉପରେ ବିଦ୍ୟାଳୟ ଗଢ଼ା ହେଲା ।

ମୁନି ପାହଡ଼କୁ ଛେଳି ଚରାଇବାକୁ ଗଲା । ଦେଖିଲା ଗଛ ନାହିଁ, ପଶୁ, ପକ୍ଷୀ କେହି ନାହାନ୍ତି । ପାହଡ଼କୁ କହିଲା, "ପାହାଡ ବନ୍ଧୁ ତୁମର ଇଏ କି ଦଶା । ମୋ ବନ୍ଧୁ, ମୋ ବନ୍ଧୁ ! ମୋ ପଥର କାହିଁ । ମୋ ପଥର କାହିଁ କହି ମୁନିର ଆଖିରୁ ଲୁହ ଧାର ଧାର ବୋହିଗଲା । ମୁନିର ମନ କଥା ଶୁଣି ପାହାଡର  ଲୁହ ବୋହିବାରେ ଲାଗିଲା । ପାହାଡ କାଳ କାଳ ହୋଇ କହିଲା, "ଏଇ ଯେଉଁ ବଡ଼ ଶିକ୍ଷିତ ବାବୁମାନେ ମୋର ଏହି ଅବସ୍ଥା କରିଛନ୍ତି । ମୁଁ ଅସୁନ୍ଦର ହୋଇଗଲି । କେହି ମୋତେ ଆଡ଼ ଆଖିରେ ଚାହିଁଲେ ନାହିଁ । ମୋର ଉପହାସ କରିବାକୁ ଲାଗିଲେ  ।

କ୍ରମଶଃ....

ମୁନି ଆଖି ଛଳ ଛଳ କରି ଘରକୁ ଆସିଲା । ଘରେ ଆସି ଦେଖିଲା ତାର ବାପା ଦେହ ଖରାପ ଥିବାରୁ ସହରରୁ ଘରକୁ ଫେରି ଆସିଛନ୍ତି । ମୁନିକୁ କହିଲେ "ଆରେ ! ବିଦ୍ୟାଳୟ ତ ହେଇଗଲା, ତୋର ନାମ ଲେଖି ଦେବା । ମୁନିର ବିଦ୍ୟାଳୟରେ ନାମ ଲେଖା ହୋଇଗଲା ।

ମୁନି ବିଦ୍ୟାଳୟକୁ ଗଲା । କିନ୍ତୁ ଶ୍ରେଣୀ ଗୃହରେ ବସି କାନ୍ଦିବାକୁ ଲାଗିଲା । ସାର ଆସି ପଚାରିଲେ, "ମୁନି ତୋର କଣ ହୋଇଛି କିରେ ! ମୁନି କହିଲା, "ସାର ପାହଡ଼ର ଲୁହ ଝରୁଛି । ସାର ପଚାରିଲେ, କାହିଁକି ? ମୁନି କହିଲା ଆମର ଜୀବନ ଜୀବିକା, ଜଙ୍ଗଲ ପାହଡରୁ କିଛି କିଛି ଫଳ, ଫୁଲ, ଆବଶ୍ୟକ ଜିନିଷ ସଂଗ୍ରହ କରୁଥିଲୁ । ସେଠାରେ କେହି ନାହାନ୍ତି । ଆମେ କଣ ଖାଇବୁ ସାର । ଆମ ପାହଡ଼ର ଭଲପାଇବା କିଏ ଆମକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରାଇଦେବ ସାର । ଖାଇଲେ ସିନା ପାଠ ପଢ଼ିବୁ । ପାଠରେ କେମିତି ମନ ଲାଗିବ ଯେ ସାର ।

ମୁନି କାନ୍ଦି କାନ୍ଦି ଘରକୁ ଆସି ଦେଖିଲା ତା' ବାପା ମରି ପଡ଼ିଛି । ଗାଁର ଲୋକମାନେ ମୁନିକୁ ଦେଖି କହିଲେ, "ପାଠ ଗୋଟିଏ ତୋ ପାଇଁ ଅଭିଶାପ । ସହରକୁ ପଢ଼ିବା ପାଇଁ ଗଲୁ ତୋ ଜେଜେମା ଚାଲିଗଲେ । ଗାଁ ବିଦ୍ୟାଳୟରେ ପଢ଼ିବାକୁ ଗଲୁ ତୋ ବାପା ମରିଗଲେ । ଏହି କଥା ଶୁଣି ମୁନି ଭାବିଲା ସତରେ ପାଠ କଣ ତା' ପାଇଁ ଅଭିଶାପ । ସେହି ସମୟରେ ସାର ଆସି ପହଞ୍ଚିଲେ ଓ କହିଲେ, "ପାଠ ଗୋଟିଏ ଅଭିଶାପ ନୁହେଁ । ପାଠ ମଣିଷର ଜୀବନକୁ ସୁଧାରି ଥାଏ । ପାଠ ଆମକୁ ଆଲୋକ ଦେଖାଇଥାଏ । ପାଠ ଜୀବନ ଜୀବିକାର ମାର୍ଗ ଦେଖାଇଥାଏ । ଏଥିରେ ମୁନିର କଣ ଦୋଷ ! ସେ ତ ନିରୀହ ଝିଅଟିଏ ! ସେ ବା କ'ଣ କରିପାରିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖରାପ ମାଆ

"ହଁ ତୁ ଗୋଟେ ଖରାପ୍ ମା, ତୋ ଭିତରେ ମାଆ ହେବାର କୌଣସି ଗୁଣ ନାହିଁ । ପେଟରେ ଦଶମାସ ଛୁଆ ପୁରେଇଲେ କେହି ମା ହେଇ ଯାଏନି । ପିଲାକୁ ଭଲ ପାଇଲେ ହିଁ ଭଲ ମା ହେଇ ପାରିବ ଜଣେ । ଆଉ ତୁ ନିଜକୁ ପଚାରେ ତୁ କଣ ତୋ ପିଲାକୁ ଭଲ ପାଉ ? ? "

"ମୁଁ କଣ ସତରେ ଭଲ ମା ନୁହେଁ ? ମୁଁ କଣ ମୋ ପିଲାକୁ ଭଲ ପାଉନି ? ? ? "

"ଭଲ ପାଉଛୁ ! ! ! ବର୍ଷକର ଛୁଆକୁ ଛାଡ଼ି କାମକୁ ଯାଉଛୁ, ଭଲ ପାଉଛୁ କୋଉପଟେ ? କହିଲା କଣ ନା ଭଲ ପାଉଛି । ଆଲୋ ଚାକିରୀ ଚାକିରୀ ହେଇକି ତ ଦିନ ଗଲା ତୋର, ଛୁଆ କଥା ଭାବିଲେ ସିନା ହେବ, ଘରର ବୋହୂଟିଏ ହେଇ ଆସିଛୁ, ଘର କଥା ଦିନେ କେବେ ଭାବିଛୁ ? ଛୁଆଟେ ହେଲାଣି ଏବେ ବି ଚାକିରି ଛାଡିଲୁନି । କର ଯାହା ତୋ ଇଛା ।"



ମୋନାଲିସା ତ୍ରିପାଠୀ

"ବାପା ପୁଣି ସେଇ ଚାକିରି କଥା କାହିଁ ଉଠାଉଛନ୍ତି, ମୁଁ ତା ବାହା ହେବା ଆଗରୁ ଚାକିରୀ କରିଥିଲି, ଆଉ ଆପଣମାନେ ରାଜି ହେଇ ବାହା ଘର କରେଇଥିଲେ, ସବୁବେଳେ କାହିଁ ଏମିତି କହୁଛନ୍ତି ? ?"

"ହଁ ରାଜି ହୋଇଥିଲୁ ହେଲେ ଆମେ ଭାବିଥିଲୁ ତୁ ବାହା ହେଲା ପରେ ବଦଳି ଯିବୁ, ଘର କଥା ବୁଝିବୁ, ଆମ ପୁଅ ସହ ରହିବୁ, ହେଲେ ତୁ ନିଜେ ଭାବେ ତୁ କଣ କରୁଛୁ ? ? ଛୁଆ ଟେ ହେଲା ପରେ ବି ବଦଳିଲୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ।"

"ବାପା ଆପଣ ଜାଣିଛନ୍ତି ବାହା ଘର କେତେ ଜଲ୍ଦୀ ରେ ହେଇଥିଲା, ମୁଁ ବାହା ହେବା ପାଇଁ ରାଜି ହଉ ହଉ ଆପଣଙ୍କ ପ୍ରସ୍ତାବ ଗଲା ଆଉ ସବୁ କିଛି ଏତେ ଜଲ୍ଦୀ ରେ ହେଲା । ସେଇ ପାଇଁ ତ କହିଥିଲି ମୁଁ ଚାକିରି ଛାଡିବିନି, ହେଲେ ଇଏ୍ଁ ଆଉ ଆପଣମାନେ ରାଜି ହେଲେ, ବୋଲି ମୁଁ ଖୁସିରେ ବାହା ହେଲି । ତା'ପରେ ମାସେ ନ ହଉ ମୋତେ ଆପଣ ଆଉ ବୋଉ ପିଲାଟେ ହେଉ ହେଉ ବୋଲି କହିଲେ । ବାହା ବର୍ଷ ପୁରିନି ଝିଅ ହେଲା । ମୁଁ କଣ ଏଇ ଅବସ୍ଥାରେ ତାଙ୍କ ପାଖରେ ଯାଇ କୋରାପୁଟରେ ରହି ପାରିଥାନ୍ତି ? ? ସେ ବୁ ତ କହିଲେ ଏଇଠି ଥାଇ ଚାକିରି କର, ସେ ମୋତେ ଚାକିରୀ ପାଇଁ ମନା କରୁନାହାନ୍ତି ଆପଣ ମାନେ କାହିଁକି ମୋତେ ରାଗୁଛନ୍ତି ? ? ?"

"ଛାଡ ଛାଡ ତୋ ଶିକ୍ଷାଦୀକ୍ଷା ସେତିକି, ତୋ ବାପା ମା'ତ ସାରା ଜୀବନ ଅଲଗା ରହିଲେ ତୁ ଆଉ କଣ ଶିଖିବୁ ? ସ୍ୱାମୀ ସ୍ତ୍ରୀର ସମ୍ପର୍କ କଣ ମୋ ପୁଅ ଜାଣିଲାନି । ଦୋକାନ ଖାଇବା ଖାଇ ଖାଇ ଦିନ ଗଲା । ଛୁଆଟାକୁ କି ସ୍ନେହ ଦଉଛୁ ତୋତେ ଜଣା । ଛୁଆ ମା'କୁ ଖୋଜିଲା ବେଳକୁ ମା ବାହାରେ । ସ୍ୱାମୀ ଏତେ ବଡ଼ ଚାକିରି କରିଛି ଟିକିଏ ଲାଜ ସରମ୍ ନାହିଁ ତୋର ତଥାପି ଚାକିରୀ କରୁଛୁ । ଭାବେ ବୋଉ ମୋ ଛଡା କେବେ ଏକ ଯାଏନି ବାହାରକୁ, ଯାହା ଦରକାର ତାର ସବୁ ମୁଁ ଆଣେ ହେଲେ ତୁ ସବୁଦିନ ଘରୁ ବାହାରକୁ ହଉଛୁ ଆମର କି ଇଜ୍ଜତ ରହୁଛି ସମାଜରେ କହିଲୁ । ଦେଖେ ତୋ ଭଲ ପାଇଁ କହୁଛି ଏବେ ହେଲେ ସୁଧୁରି ଯାଆ, ତୋ ବାପା ମା'ଙ୍କ ପରି ନିଜ ଘରକୁ ନିଜେ ଭାଙ୍ଗି ଦେ ନା । ଯେତିକି ଦିନ ବୁଲିଲୁ ବୁଲିଲୁ, ଆଉ ତୋ ମାଆ ପରି ବୁଲିଲେ ହେବନି । ତୋର ସିନା ବଡ଼ ବାପା ବୋଉ ଥିଲେ ତୁମ କଥା ବୁଝିଲେ, ହେଲେ ତୋ ଛୁଆ କଥା କିଏ ବୁଝିବ, ତୁ ତ୍ ନିଜେ ବଡ଼ । ସ୍ୱାମୀ ଛୁଆ କଥା ବୁଝେ, ଘରକରଣାରେ ମନ ଦେ । ବୋଉ କେବେ କୁଆଡେ ଯାଏ ଦେଖିଛୁ ? ?

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଘର କାମ କିଏ କରିବ ଯଦି ତୁ ଏମିତି ବାହାରେ ବୁଲିବୁ ? "

"ବାପା ମୋ ବାପା ମାଆଙ୍କୁ କିଛି କୁହନ୍ତୁନି । ଆପଣ ଆଉ ବୋଉ ତ କହିଥିଲେ ଏବେ ପିଲାଟିଏ ହେଲେ ଆମେ ତାକୁ ବଡ଼ କରିଦେବୁ ତୁ ତ ଚାକିରି କରୁଛୁ । ଆଉ ଏବେ ଏମିତି କହୁଛନ୍ତି କାଇଁ କି ? ଝିଅ ବର୍ଷେ ହେଲା ପରେ ମୁଁ ଚାକିରି ଜଇଁନ୍ କଲି । ଛଅ ମାସ ବିନା ଦରମାରେ ଛୁଟି ନେଲି ।"

"ହେଃ ଚୁପ୍ ରହ, ଏମିତି ଅଭଦ୍ର ଝିଅ ମୁଁ ଦେଖିନଥିଲି ଖାଲି ମୋ ପୁଅ ବାଧ୍ୟ କଲା ବୋଲି ତୋ ପରି ଝିଅକୁ ବାହା କଲୁ ନହେଲେ ତୋତେ ବଡ଼ ବୋହୂ କରି ଘରକୁ ଆଣିବାକୁ ଜମା ଆତ୍ମା ନଥିଲା ମୋର । କଥା ଶୁଣିବୁ ନାହିଁ ଓଲଟି ଉତ୍ତର ଦେବୁ । ଛି କି ଶିକ୍ଷା, ତୋ ବାପା ମା ଯାହା ତୋଠୁଁ ଆଉ କଣ ଆଶା କରିହେବ । ଯାହା କରୁଛୁ କର । ମୋ ପୁଅ ଜୀବନ ତ ନଷ୍ଟ କରିଦେଲୁ ।"

କହିକି ଶଶୁର ସୋଫାରୁ ଉଠି ଚାଲିଗଲେ ।

ଲୁହ ଟଳମଳ ଆଖିରେ ଶୋଭା ଭାବୁଥିଲା କଣ ଭୁଲ କରିଛି ସେ ? ବି ଟେକ ସାରି କ୍ୟାମ୍ପସ ପାଇଥିଲା ଟି. ସି. ଏସ. ରେ, ପ୍ରଥମ ପୋଷ୍ଟିଂ ହାଇଦ୍ରାବାଦ୍ । ସାରା ଜୀବନ ବାହାରେ ରହିଲି ଆଉ ଯିବିନି ମୁଁ କହି ମନାକଲା ଏଇ ଚାକିରି କରିବନି ବୋଲି । ହେଲେ ବହୁତ୍ ବୁଝେଇ ସୁଝେଇ ବାପା ମା ପଠେଇଥିଲେ, ସର୍ତ୍ତଥିଲା ଦୁଇ ମାସରେ ଥରେ ଶୋଭା ଘରକୁ ଆସିବ ନହେଲେ ବାପା ମା ଯିବେ । ବର୍ଷେ ପୁରିନି ପ୍ରମୋସନ୍ ହେଇଗଲା ଆଉ ପ୍ୟାକେଜ ୧୫ ଲକ୍ଷ । ବହୁତ୍ ଭଲ ପଢୁଥିଲା ସେ, ଗୁଣ ଚିହ୍ନେ ଗୁଣିଆ ପରି ଅଫିସ୍ ରେ ବହୁତ୍ ଜଲ୍‌ଦୀ ନାଁ କରି ଦେଇଥିଲା ସେ । ଶୋଭା ସମୟ ନଷ୍ଟ କରେନି ସେ କୁହେ ଯେତିକି ସମୟ ଅଫିସ୍ ରେ ରହିବି ସେତିକି ସମୟରେ ନିଜ କାମ ଠିକ୍ ସେ ସାରିବି, ଠକିବା ଗୁଣ ତାର ନଥିଲା । ଦୁଇ ବର୍ଷ ପରେ ତାକୁ ଅଫର୍ ଆସିଲା କାନାଡା ସିଫ୍ଟ ହେବାକୁ, ପ୍ୟାକେଜ

 Magazine Downloaded from www.aahwaan.com

ପୁରା ଡବଲ । ହେଲେ ସେ ଏଇଟା ଇଗ୍ନୋର କଲା, ଘରେ ଯିଏ ଯେତେ କହିଲେ ବି ମାନିଲାନି । ଏକ ଜିଦି ଏତେ ଦୂରକୁ ତୁମ ସମସ୍ତଙ୍କୁ ଛାଡି ଯିବିନି । ଓଲଟି ବଦଳି ହେଇ ଭୁବନେଶ୍ୱର ପଳେଇ ଆସିଲା । ଆସିବାର ଛଅ ମାସ ପରେ ଆକାଶଙ୍କ ପ୍ରସ୍ତାବ ଆସିଲା, ଘରେ ଏମିତି ବି ବାହାଘର କଥା ଉଠିଥିଲା । ଆକାଶ ଡେପୁଟେସନ୍ କୋରାପୁଟ ସେଣ୍ଟ୍ରାଲ ଉନିଭର୍ଶିଟିରେ ଥିଲେ । ଘର କିନ୍ତୁ କଟକ ଆଉ ଖୁବ୍ ଶୀଘ୍ର ରେଭେନ୍ସା ଫେରି ଆସିବାର ଥିଲା । ସେ ଫିଜିକ୍ସର ଆସିଷ୍ଟାଣ୍ଟ ପ୍ରଫେସର ଥିଲେ । ଶୋଭାର ବାପାମା ଉଭୟ ଶିକ୍ଷକ ହେଇଥିବାରୁ ଏଇ ପ୍ରସ୍ତାବ ସମସ୍ତଙ୍କ ମନକୁ ପାଇଲା । ଆକାଶକୁ ଦେଖିଲା ପରେ ଶୋଭା ବି ପସନ୍ଦ କଲା । ତା ଛଡା କଟକ ଭୁବନେଶ୍ୱର କେତେ ବାଟ, ଘରକୁ ବି ଆସି ପାରିବ ଆଉ ନିଜ ଚାକିରୀ ବି କରି ପାରିବ । ତା ଛଡା ଏତେ ପଠା ପଢିଥିବା ପିଲାଟିଏ ଭାଗ୍ୟରେ ଥିଲେ ମିଳେ ।

୨୫ ହଉ ହଉ ବାହାଘର ଆଉ ୨୬ ବେଳକୁ ଛୁଆ । ।

ସକାଳ ୯ରେ ଉଠି ଦିନ ଯାକ ପିସିକୁ ଚାହିଁ ବସିଥିବା ଝିଅ ମୁଣ୍ଡରେ ସବୁ ଦାୟିତ୍ୱ ଏବେ । ହଠାତ୍ ଏସବୁ ହ୍ୟାଣ୍ଡେଲ୍ କରି ପାରିଲାନି ଶୋଭା ।

ଜୀବନରେ କେତେ କଣ ସ୍ୱପ୍ନ ଦେଖିଥିଲା ସେ ଏଠି ଆସିଲା ପରେ ସବୁ କିଛି ଭଲ ଥିଲା ହେଲେ ଧୀରେ ଧୀରେ ଘରଯାକର କାମ, ପ୍ରେଗନାନ୍ସୀ, ଡେଲି ଯିବା ଆସିବା ଆଉ ଅଫିସ୍ କାମ ଭିତରେ ପେଶୀ ହେଇ ଯାଉଥିଲା ଶୋଭା । ଆକାଶ ମାସକୁ ଥରେ ଦିଥର ଆସନ୍ତି, ଶୋଭା ପ୍ରଥମେ କହୁଥିଲା ମୁଁ ଯିବି କି ତୁମ ପାଖକୁ ସେଇଠୁ ୱର୍କ ଫ୍ରମ୍ ହୋମ୍ କରିବି, ମୋର ହେଇ ପାରିବ । ହେଲେ ଆକାଶ ମନା କରି କହିଲେ ବୋଉ କହୁଚି ଏଠି ତୁମେ ଡରିବ ଏଠି ଜୋରରେ ବର୍ଷା ହୁଏ । ଏମିତି ହଉ ହଉ ସେ ପ୍ରେଗନାଂଟ ହେଲା । ଆଉ ଏବେ ତ କୁଆଡେ ଯାଇ ପାରିବନି, ପୁଣି ଏତେ ଦୂର ଆଉ କେମିତି ଯିବ । ଆକାଶ କି ସେ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ପିଲା ଚାହୁଁନଥିଲେ, ହେଲେ ବାପା ବୋଉ ବାରବାର ପ୍ରେସର୍ କରିବାରୁ ସେମାନେ ଡିଶାଇଡ୍ କଲେ ପିଲାଟିଏ ଦୁନିଆକୁ ଆଣିବାକୁ । କେବେ ନା କେବେ ତ ପ୍ଲାନ୍ କରିଥାନ୍ତେ ଏବେ ହଉ । ଆଉ ପ୍ରେଗନାଂଟ ଥିଲା ବେଳେ ସେଠିକୁ ଟ୍ରାଭେଲ୍ କରି ପାରିବନି ବୋଲି ବୋଉ ମନା କଲେ । ଏମିତି ହେଇ ହେଇ ଝିଅ ଜନ୍ମ ହେଲା, ଝିଅ ହେବା ପରେ ସେ ଛ'ମାସ ଛୁଟି ପାଇଥିଲା, ତା ପରେ ଛ'ମାସ ଏକ୍ସଟ୍ରା ଛୁଟି ନେଇଥିଲା । ଝିଅକୁ ଆଠ ମାସ ହେଲା ବେଳକୁ ଆକାଶ ରେଭେନ୍ସା ଫେରି ଆସିଥିଲେ ।

ୟା ଭିତରେ କିନ୍ତୁ ବହୁତ୍ କିଛି ହେଇ ଯାଇଥିଲା ।

ତା ହଉଛି ଆକାଶ ଆଉ ଶୋଭା ଭିତରେ ମନୋମାଳିନ୍ୟ । ଆକାଶ ପାଠ ଛଡା କୋଉ କଥାକୁ ବେଶୀ ପ୍ରାଧାନ୍ୟ ଦିଅନ୍ତନି । ବହୁତ୍ ସରଳ ନିଷ୍କପଟ ମଣିଷ ଜଣେ । ଶୋଭାକୁ ପ୍ରଥମ ଥର ଦେଖିବା ପରଠୁ ସେ ପାଗଳ ପରି ତାକୁ ଭଲ ପାଇ ବସିଥିଲେ । ଆଉ ଶୋଭାକୁ ବାହା ହେବାକୁ ଜିଦ୍ ଧରି ବସିଥିଲେ । ହେଲେ ଯୋଉ ପୁଅର ଶାର୍ଟ୍ ପ୍ୟାଣ୍ଟ ଆଜି ବି ବାପା ବୋଉ ଆଉ ସାନ ଭାଇ କିଣୁଥିଲେ ସେ ପୁଅ ଆଜି ଏଇ ଝିଅକୁ ବାହା ହେବା ପାଇଁ ଜିଦ୍ ଧରି ବସିବା ଘରେ କାହାକୁ ପସନ୍ଦ ନଥିଲା । ସେମାନେ ଘର ପାଇଁ ଘରୁଆ ବୋହୂଟିଏ ଚାହିଁଥିଲେ, କାମ କରୁଥିବା ଝିଅ ତାଙ୍କର କେବେ ବି ପସନ୍ଦ ନଥିଲା । ଆକାଶ ତାଙ୍କର ସବୁ ପଇସା ଘରକୁ ଦେଉଥିଲେ, ନିଜ ପାଇଁ ଦଶ ବାର ହଜାର ରଖିକି ବାକି ପଇସା ବାପାଙ୍କ ଆକାଉଣ୍ଟ କୁ ପଠେଇ ଦେଉଥିଲେ । ସେସବୁ କାଳେ ବନ୍ଦ ହେଇଯିବ ଏସବୁର ଡର ସବୁବେଳେ ବାପା ବୋଉଙ୍କ ମନରେ ରହିଲା । ତେଣୁ ସେମାନେ ବହୁତ୍ ଚେଷ୍ଟା କରିଥିଲେ ବାହାଘର ଭାଙ୍ଗିବାକୁ  ହେଲେ ଆକାଶ ନିଜେ ଯାଇ ଶୋଭାର ବାପାଙ୍କୁ ବୁଝେଇ ଥିଲେ ସେ ଶୋଭାକୁ ବହୁତ୍ ଭଲ ପାଆନ୍ତି । ବାପା କହିଥିବା ସେଇ ପଦିଏ କଥା ଶୋଭାର ଏବେ ବି ମନେ ଅଛି, ମୋ ଝିଅ ଆଖିରେ କେବେ ଲୁହ ଦେବନି । ବାପାଙ୍କ ହାତଛୁଇଁ ହଁ କହିଥିଲେ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକାଶ । ବାହାଘର ସରିଲା ପରେ ମା ଆସି ଆକାଶଙ୍କ ହାତଧରି କାନ୍ଦି ପକେଇଲେ କହିଲେ, ବାବା ମୋ ଝିଅ କିଛି ଜାଣିନି, ବାହାରେ ରହି ରହି ବାହା ହେଇକି ଯାଉଛି ଆଜି ତା ଭୁଲ୍ କୁ କ୍ଷମା ଦେବ, ତାକୁ ଚଳେଇ ନେବ । ଆକାଶ ସବୁଥିରେ ହଁ କହିଥିଲେ । ହେଲେ ଆକାଶଙ୍କ ଦୂରରେ ରହିବାକୁ ଭଲରେ ବ୍ୟବହାର କଲେ ବାପା ବୋଉ, ସବୁବେଳେ ଶୋଭା ଆଉ ତା ଘର ଲୋକଙ୍କ ନାଁରେ ମିଛରେ କହିଲେ, ଆଉ ଆକାଶ ନିଜ ବାପା ବୋଉକୁ ଅବିଶ୍ୱାସ କରିବାର କାରଣ ନଥିଲା ।

ଆକାଶ ଆସିବା ପରେ ଶୋଭା ଭାବିଥିଲା ସବୁ ବଦଳି ଠିକ୍ ହେଇଯିବ ହେଲେ କିଛି ଠିକ୍ ହେଲାନି । ନିଜ କଥାକୁ ପୁଅ ମୁହଁରେ କହି ଚାଲିଲେ, ଶୋଭା କେତେ ସହିବ । ଛୋଟ ଛୁଆ ଘର କାମ, ସବୁ ଭିତରେ ସେ ଦିନକୁ ଦିନ ମାନସିକ ସ୍ତରରେ ଭାଙ୍ଗି ପଡ଼ିଲା । ଆକାଶ ବହୁତ୍ ଭଲ ପାଉଥିଲେ ହେଲେ ଯେବେ ବାପା ବୋଉ କିଛି କହୁଥିଲେ ସେ ଶୋଭା ଉପରେ ରାଗିକି ସେସବୁ କହୁଥିଲେ । ଦୁଇ ଦିନ ଯଦି ଶୋଭା ଆଉ ଆକାଶ ଭଲରେ ରହିଲେ ତୃତୀୟ ଦିନ ନିହାତି କିଛି କଥାରେ ଆକାଶ ଶୋଭାକୁ ରାଗୁଥିଲେ । ଆଉ ସେ ଶୋଭାକୁ ଗାଳି କରିଲେ ବାପା ବୋଉ କେବେ ବି କିଛି କହୁ ନଥିଲେ । ଶୋଭା କାନ୍ଦି କାନ୍ଦି ଚୁପ୍ ହେଇ ରହୁଥିଲା । ଓଲଟି ଶୋଭାକୁ କୁହନ୍ତି ଘର କଲେ ପଥର ପଡିଲେ ସହି, ମୁହଁ ଏମିତି କରି କାଇଁ ବୁଲୁଛୁ, ସ୍ୱାମୀ କହିଲା ତ୍ କଣ ହେଇଗଲା ସେଇଠୁ ।

ଦୁଃଖ ଲାଗୁଥିଲା ବିଚାରିକୁ, ଯିଏ ଦିନେ କାହାଠୁ ଜୋର୍ ପାଟିରେ କିଛି ଶୁଣି ନଥିଲା ସେ ଏଠି ନାହିଁ ନଥିବା କଥା ଶୁଣିଛି । ସବୁ ଉପରେ ଆହୁରି କଷ୍ଟ ଦେଲା କରୋନା । ଲକ୍ ଡାଉନ୍ ଯୋଗୁ କୁଆଡେ ଯାଇ ହେଲାନି । ଘରୁ କାମ କରିବାକୁ ହେଲା । ଛୋଟ ଛୁଆକୁ ଧରି କାମ କରିବା କି ଯେ କଷ୍ଟ, କରୁଥିବା ଲୋକଟି ଜାଣେ । ବାପଘରୁ କାହାକୁ ଆସିବାକୁ ଅନୁମତି ନଥିଲା, ଏମିତି ବି ଦୁଇ ମାସ ତଳେ ଦେଖା ହେଇଥିଲା ହେଲେ ଏବେ ଛଅ ମାସ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ହେଇଗଲା ଘର ଲୋକଙ୍କୁ ଦେଖିନି ବି ଶୋଭା ।

ସେଦିନ ଶୋଭାର ଜନ୍ମଦିନ ଥିଲା, ବାପା ବୋଉ କେତେ କଣ ଜିନିଷ ଘରେ ତିଆରି କରି ଆଣିଥିଲେ । ଆକାଶ ବି କହିଲେ ହଉ ଆସନ୍ତୁ ଦେଖା ହେଇଯିବ ଭଲ ଲାଗିବ ତୁମକୁ । ହେଲେ ବାପା ଯେମିତି ଫୋନ୍ କଲେ ଏଠି ବାପା ବୋଉ ମନା କଲେ ଯେ, ଦେଖୁଛନ୍ତି କୋରୋନା ଯୋଗୁ ସାବିତ୍ରୀକୁ ଆସିବାକୁ ମନା କରିଥିଲୁ ପୁଣି ଜନ୍ମଦିନରେ ଆସିବା କଣ ଦରକାର । ଛୁଆଟାକୁ କୋଉ ଦିନରୁ ଦେଖି ନାହାନ୍ତି ବୋଲି ଅଜାଆଇ ଦେଖା କରିବାକୁ ଆସୁଥିଲେ ଏମିତି ମନା କରିବାରୁ ଉପାୟଶୂନ୍ୟ ଭାବେ କଣ କରିବେ ଜାଣି ପାରିଲେନି । ଶେଷରେ ଯାହା ଜିନିଷ ଆଣିଥିଲେ ଆଣି ଗେଟ୍ ପାଖେ ଦେଇ ଦେଇଗଲେ । ଝିଅ କି ନାତୁଣୀକୁ ଦେଖା ବି ପାଇ ପାରିଲେନି । ସେ ଜିନିଷ ସବୁ ବି ତଳେ ଥୁଆ ହେଲା ଗୋଟେ ଦିନ ପରେ ଘରକୁ ଆସିଲା । ଶୋଭା ଆଖିରୁ ଲୁହ ବୋହି ଯାଉଥାଏ । ସେ ବୁଝି ପାରିଲାନି ଘରୁ ଆସିଥିବା ତା ବାପା ବୋଉକୁ କରୋନା କେମିତି ହେଇଛି ବୋଲି କହୁଛନ୍ତି ଏଠି । ବୋଉ ତାକୁ ଭଲ ଲାଗେ ବୋଲି କ୍ଷୀରି ଆଉ ମଣ୍ଡା ପିଠା ପଠେଇଥିଲା, ବହୁତ୍ କହିବାରୁ ସେଇ ଦୁଇଟି ଯାଇ ଆଣି ଆସିଲା, ଆଉ ସବୁ ଗୋଟେ ଦିନ ପରେ ଖୋଲା ହେବ କହିଲେ ଘରେ । ବୋଉ ତାର ତା ପାଇଁ ଆଉ ଝିଅ ପାଇଁ ନୂଆ ଡ୍ରେସକୁ ଡେଟଲରେ ଧୋଇକି ଶୁଖେଇକି ପଠେଇ ଥିଲା ହେଲେ ........

ସବୁଦିନେ ଘରେ କିଛି ନା କିଛି ଝଗଡା, ରାଗିଲେ କେହି କଥା ହୁଅନ୍ତି ନାହିଁ ତା ସହ । ଆକାଶ ବହୁତ୍ ଭଲ ପାଆନ୍ତି ଶୋଭାକୁ ହେଲେ ବାପା ବୋଉଙ୍କ ଚାଲାକି ବୁଝି ପାରନ୍ତିନି । ବୋଉ ଏମିତି ଭାବରେ ସବୁ କଥାକୁ ଆକାଶଙ୍କୁ କୁହନ୍ତି ଯେ, ସେ ବି ଶୋଭାର ହିଁ ଭୁଲ୍ ଅଛି, କି ଥାଇ ପାରେ ବୋଲି ଭାବି ନିଅନ୍ତି । ଏବେ ଅସୁବିଧା ହେଉଛି ୱାର୍କ ଫ୍ରୋମ୍ ହୋମ୍ ଯୋଗୁ । ଆଇ.ଟି. ରେ ସିଫ୍ଟ ସବୁ ପୁରା ଅଲଗା ପ୍ରକାର । ଶୋଭା କମ୍ପାନୀର କ୍ଲାଇଁଟ ଲଣ୍ଡନ

 Magazine Downloaded from www.aahwaan.com

ବେସତ୍ । ତେଣୁ ବହୁତ୍ ଅସୁବିଧା । ଲାପଟପ୍ ସାମ୍ନାରେ ବେଳେ ବେଳେ ତ ଦୁଇ ତିନି ଘଣ୍ଟା ପର୍ଯ୍ୟନ୍ତ ସେ ଉଠି ହିଁ ପାରେନି । ଆଭା କଥା ବୁଝିବାକୁ ଲୋକଟେ ନିହାତି ଦରକାର । ଶାଶୁ ଆଭାକୁ ରଖିଲେ ବି ତାଙ୍କ ବ୍ୟବହାରରୁ ଲାଗେ ସେ ଚିଡୁଛନ୍ତି । ଆଉ ଶୋଭା ଘର କାମ ବି ଠିକରେ କରି ପାରେନି ତା ଶିଫ୍ଟ ପ୍ରବ୍ଲେମ୍ ଯୋଗୁଁ । ଆକାଶ ଏବେ ବାଧ୍ୟ କରେଇ ରୋଷେଇୟାଟେ ରଖିଛନ୍ତି ।

ବେଳେ ବେଳେ ଏମିତି ଅବସ୍ଥା ହୁଏ ଯେ ଶୋଭାକୁ ହଠାତ୍ ମିଟିଂ ବନ୍ଦ କରିବାକୁ ହୁଏ ନହେଲେ ଛୁଟି ନେବାକୁ ପଡେ । ଅଫିସରେ ଶୋଭାର ବ୍ୟକ୍ତିଗତ ଅସୁବିଧା କିଏ କାଇଁ ବୁଝିବାକୁ ଯିବ । ଥରେ ଅଧେ ବୁଝିବେ ହେଲେ ସବୁବେଳେ ହେଲେ କିଏ ବୁଝିବ ଯେ । ଏପଟେ ଆକାଶ ବି ସବୁ କଥାରେ ଶୋଭାର ଭୁଲ୍ ଭାବି ରାଗିକି ପଦେ ଅଧେ କହି ଦିଅନ୍ତି । ଘରେ ଯିଏ ଯାହା କହିଲେ ବି ସ୍ତ୍ରୀଟିଏ ସହି ପାରିବ ହେଲେ ସ୍ୱାମୀ ଯଦି ପଦୁଟିଏ କଣ କହିଦିଏ ସ୍ତ୍ରୀର ମନ ଭାଙ୍ଗିଯାଏ । ଲାଗେ ଯେମିତି ସତରେ କେହି ଆଉ ମୋ ପାଇଁ ନାହାନ୍ତି । ମୁଁ ଏକା, ମୋ ଦୁନିଆଟା ସମସ୍ତଙ୍କ ଠାରୁ ବିଚ୍ଛିନ୍ନ । ଆକାଶ ସିନା କହି ଦିଅନ୍ତି ହେଲେ ପରେ ଆସି ବୁଝାନ୍ତି ବି । ହେଲେ ସେଇ ବୁଝେଇବା ସମୟ ପର୍ଯ୍ୟନ୍ତ ଶୋଭାର ମନରେ ଲହଡ଼ି ପରେ ଲହଡ଼ି ଭାଙ୍ଗି ଚାଲିଥାଏ ଅଶାନ୍ତ ସମୁଦ୍ର । ଏଇ ସମୁଦ୍ର କେତେବେଳେ ଜୁଆର ମାଡ଼ରେ ଶୋଭା କୁ ଲୁହରେ ଭିଜେଇ ଦିଏ ତ୍ କେତେବେଳେ ଅଖିଆ ଅପିଆ ଶୋଇବାକୁ ବାଧ୍ୟ କରେ ।

ହେଲେ ଆଜି ଶୋଭାକୁ ବହୁତ୍ ବାଧିଥିଲା, କୋଉ କଷ୍ଟରେ ଆଭାକୁ ପେଟରେ ରଖି ବଡ଼ କରିଛି ସିଏ ଜାଣିଛି । ସବୁବେଳେ ଘରେ ଅଶାନ୍ତି, ପେଟର ପିଲା ଉପରେ ଏସବୁର ପ୍ରଭାବ ନ ପଡୁ ବୋଲି ସମୟ କାଢି ଗୀତା, ଭାଗବତ, ପୁରାଣ ସବୁ ପଢିଛି । ଏମିତି ବି ହେଇଛି ଇଚ୍ଛା ହେଇଛି ମରିଗଲେ ସବୁ କାହାଣୀର ଶେଷ ହେବ ଭାବିଛି । ବାପା ମା ବହୁତ୍

 Magazine Downloaded from www.aahwaan.com

ବୁଝେଇଛନ୍ତି । ଆଉ ଶେଷରେ କୋଳକୁ ଆସିଥିଲା ଆଭା । ବାପା କହୁଥିଲେ ପିଲାଟା ହେଇ ସରୁ ଦେଖିବୁ ସମସ୍ତେ ବଦଳି ଯିବେ । ହେଲେ ନା କେହି ବି ବଦଳିଲେ ନାହିଁ । ବରଂ ଆହୁରି ଝଗଡା ଆଉ ତା ଉପରେ ଦୋଷାରୋପ ବଢ଼ି ବଢ଼ି ଚାଲିଲା ।

"ପ୍ରଭୁ ଆଉ କେତେ ଦିନ ଏମିତି କଷ୍ଟ ସହିବି ? ? କି ଭୁଲ୍ କରିଥିଲି ମୁଁ କାହିଁକି ମୋତେ ଏମିତି କଷ୍ଟ ଦେଇ ଚାଲିଛ । ଆଉ ପାରୁନି ପ୍ରଭୁ । କଣ ଝିଅଟିଏ ହେଇ ଜନ୍ମ ହେବା ଭୁଲ୍ ? ? କଣ ଝିଅଟିଏ ହେଇ ପାଠ ପଢ଼ିବା ଭୁଲ୍ ? ? ନା ଭଲ ପାଠପଢି ଚାକିରିଟିଏ କରିବା ଭୁଲ୍ ? ? ନା ଚାକିରି ବାହାହେବା ଭୁଲ୍ ? ? ନା ଛୁଆଟିଏ ଜନ୍ମଦେବା ଭୁଲ୍ ? ? କେଉଁଟା ଭୁଲ୍ ପ୍ରଭୁ କହି ଦିଅନ୍ତୁ ମୋତେ । ମୋ ଝିଅ ଦ୍ୱରା ସେ ଭୁଲ୍ ସବୁ କରେଇ ଦେବିନି ଆଉ ।"

ବିକଳରେ କାନ୍ଦି କାନ୍ଦି କହୁଥାଏ ଶୋଭା  । ।

ଝିଅକୁ ଛାତିରେ ଚାପି ରଖି ମନଭରି କାନ୍ଦିଲା, ଝିଅ କିଛି ବୁଝି ନପାରି ହସିଲା, କିନ୍ତୁ ମାମା ତଥାପି କାନ୍ଦୁଛି ଦେଖି ସେ ବି କାନ୍ଦି ଉଠିଲା । ମାଝିଅଙ୍କ କାନ୍ଦ ଦେଖିଲେ ଶୋଭାର ମାଙ୍କ ଛାତି ତ ନିହାତି ଫାଟି ଯାଇଥାନ୍ତା । ଶୋଭାର ଲୁହ ସବୁ ଆଭାର ଦେହରେ ପଡି ବୋଧହୁଏ ପଚାରୁ ଥାଆନ୍ତି, "ମା ଲୋ ତୁ ତ ମୋ ପେଟରେ ଥିଲୁ କହିଲୁ ଧନ ମୁଁ କଣ ସତରେ ଖରାପ ମା'ଟେ ? ? ତୁ କହ, ଏଇ ଦୁନିଆ ସହ ମୋର କିଛି ସମ୍ପର୍କ ନାହିଁ, ଖାଲି ତୁ କହ ମୁଁ ମାନି ଯିବି ।"

ଆଭା ବୁଝି ନ ପାରି ମା ମୁହଁକୁ ଚାହିଁ ଆହୁରି ବିକଳ ହେଇ କାନ୍ଦୁଥାଏ । ଆଖିରୁ ଲୁହ ପୋଛି ଆଭାକୁ କୋଳ ଦେଲା ସେ । ତା ଲୁହ କୁ ପୋଛି ଉଠିଗଲା ଝିଅକୁ ଖୁଆଇବା ପାଇଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଇଟି ମିନିଗଳ୍ପ



ପ୍ରଦୀପ୍ତ କୁମାର ବିଶ୍ୱାଳ

।।୧ ।।

ପଜିଟିଭ ରିପୋର୍ଟ

- ହେଇଟି, ଶୁଣୁଚ ! ପନ୍ଦର ଦିନ ତଳେ ଗ୍ୟାସ ବୁକିଂ କରିଥିଲ, କାଇଁ ଏଯାଏ ତ ଆସୁନି । ଏ ସିଲିଣ୍ଡରଟା ସରିବା ଉପରେ ହେଲାଣି, ଦି'ଦିନ ଭିତରେ ଭରା ସିଲିଣ୍ଡର ନ ଆସିଲେ ଘରେ ଚୁଲି ଜଳିବନି, ଜାଣିରଖ !

ଏ ମହାମାରୀ ସମୟରେ ସବୁ ତ ଡେରିରେ ହଉଚି, ତଥାପି ଶୁଭ୍ରାର ତାଗିଦା ପରେ ଭାବିଲି, ଦେଖି ସେ ଗ୍ୟାସ ଡ଼େଲିଭରି ଲୋକକୁ ଫୋନ କଲେ ଜଣା ପଡିବ କଣ ଅସୁବିଧା !

-କିଏ, ଘୋଷ ଦା କହୁଚ ?

-ଆଜ୍ଞା, ଆପଣ କିଏ କହୁଚନ୍ତି ?

ସେପଟୁ ଉଦାସିଆ କଣ୍ଠରେ ଉତ୍ତର ଆସିଲା ।

-ମୁଁ ସେ ସ୍କୁଲ ପାଖ ମିତ୍ର ଘର ତଳ ମହଲାରେ ରହେ, ଓଡ଼ିଆ ଲୋକ । ଜାଣି ପାରୁଚ ?

-ହଁ ବାବୁ, ଜାଣି ପାରିଲି । ଗ୍ୟାସ ବୁକିଂ କରିଥିଲେ ବୋଧେ । ଆଜ୍ଞା ମୁଁ ତ କାମକୁ ଯାଇ ପାରୁନି । ଲୋକାଲ ଟ୍ରେନ ବନ୍ଦ ତ ମୋର ଡିଉଟି ବି ବନ୍ଦ । ବହୁ ଲୋକ ଫୋନ କରୁଚନ୍ତି, ହେଲେ ମୁଁ ନିରୁପାୟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-ତେବେ ଆମେ ଭରା ସିଲିଣ୍ଡର ପାଇବୁ କେମିତି ଯେ ?

ମଣିଷମାନେ ହିଁ ସ୍ୱାର୍ଥପର, ମୁଁ କଣ ସେଥିରୁ ବାଦ ? ନିଜ ସ୍ୱାର୍ଥ ପାଇଁ ଅନ୍ୟର ଅସୁବିଧା ବୁଝିବାକୁ ଯେମିତି ନାରାଜ ।

ତେଣେ ମୋ ଜିଜ୍ଞାସାର ପ୍ରତ୍ୟୁତ୍ତର କିନ୍ତୁ ଖୁବ ହୃଦୟ ବିଦାରକ ଥିଲା । ଏକ ପ୍ରକାର କାନ୍ଦ କାନ୍ଦ କଣ୍ଠରେ ଘୋଷ ଦା କହିଚାଲିଲେ - ବାବୁ, ପନ୍ଦର ଦିନ କାମକୁ ନଯାଇ ଘରେ ବସିରହିଥିଲି । ସେତିକି ଦିନ କଷ୍ଟେମଷ୍ଟେ ଚଳିଗଲୁ ଚାରି ପ୍ରାଣୀ କୁଟୁମ୍ବ । ତା ପରେ ଆଙ୍କା ଦାନା-ପାଣି ଅଭାବ ହେଲା । ସରକାରୀ ସାହାଯ୍ୟ ବି ଅପହଞ୍ଚ ।

ପିଲାଙ୍କ ଭୋକିଲା ମୁହଁ ଆଉ ଦେଖି ପାରିଲିନି, ସାଇକେଲ ନେଇ ଡିଉଟି ବାହାରି ଯାଇଥିଲି ଚାରିଦିନ ତଳେ । କି ଅବେଳାରେ ଘରୁ ବାହାରିଥିଲି କେଜାଣି, ସଞ୍ଜକୁ ଫେରିଲା ବେଳକୁ ଦେହରେ ଖଇଫୁଟା ତାତି । କାଶ ସାଙ୍ଗକୁ ଦେହ ହାତରେ ପ୍ରଚୁର ଯନ୍ତ୍ରଣା । ପରଦିନ ସକାଳେ ଆମ୍ବୁଲାନ୍ସ ନେଇ ଦଳେ ଲୋକ ଆସିଲେ, ମୁଣ୍ଡରୁ ଗୋଡ ଯାଏ ନେଳିଆ ଜରିର ଡ୍ରେସ । ଘରୁ ଟେକିନେଲେ, ପିଲାମାନେ କାନ୍ଦିକାନ୍ଦି ଗଡୁଥିଲେ ଆଉ ସାହିପଡିଶା ଲୋକ ରୁଣ୍ଡ ହେଇ ତାମସା ଦେଖୁଥିଲେ । ସେଇଦିନରୁ ଡାକ୍ତରଖାନାରେ ଅଛି !

ଫୋଟୋ ଉଠା ମୋବାଇଲ ନୁହେଁ ବୋଲି ଛଡେଇ ନେଇନାହାନ୍ତି, ନହେଲେ କି ଆପଣଙ୍କ ସହ କଥା ହେଇପାରିଥାନ୍ତି ?

ଟିକେ ନୀରବତା ପରେ ପୁଣି କହିଲେ - ଆଜି ସକାଳେ ରିପୋର୍ଟ ଆସିଚି । ପଜିଟିଭ ! ପନ୍ଦର ଦିନ ରଖିବେ । ଦିମୁଠା ଖାଇବାକୁ ତ ମିଳିବ, ହେଲେ ମୋ ପିଲାଛୁଆ କଣ କରୁଥିବେ ? ଖାଇବା ଗଣ୍ଡେ ମିଳୁଥିବକି ନାହିଁ .... ।

ଘଡ଼ିଏ ରହିଗଲେ ସେ । ଅନୁମାନ କଲି, ଲୁହ ପୋଛୁଥିଲେ ବୋଧେ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-ବାବୁ, ମୋ ରିପୋର୍ଟ ପଜିଟିଭ ବୋଲି କିଛି ଦିନ ସରକାରୀ ଖାଇବା ଗଣ୍ଡେ ପାଇବି, ହେଲେ ମୋ ପିଲେ ଭୋକରେ ଆଉଟୁପାଉଟୁ ହାଉଥିବେ ଭାବି ଖୁବ ମନ କଷ୍ଟ ହଉଚି.... !

ଏବେ ଦୀର୍ଘ ନୀରବତା ! ମୋର ବି ଆଉ ଶୁଣିବାକୁ ଧୈର୍ଯ୍ୟ ନଥିଲା ଯେମିତି । ଆଖି ଛଳ ଛଳ ହେଇଗଲା ...

।।୨ ।।

ନେଗେଟିଭ ରିପୋର୍ଟ

-ବାପା, ତୁମେ ମୋ ସ୍କୁଲ ଆଡେ ଜମା ଯାଉନ କି ?

-ଆରେ ମା, ଏବେ ଲକଡାଉନ ନଥିଲେ ବି ଅଯଥାରେ ପରା ବାହାରକୁ ଯିବା ମନା ?

-ଜାଣିଚି ଯେ, ହେଲେ କାଲି ତୁମେ ପରିବା ଆଣିବାକୁ ଗଲାବେଳେ ଟିକେ ମୋ ସ୍କୁଲ ଆରେ ବୁଲି ଆସିବ, ପ୍ଲିଜ୍ ।

ମୁଁ ଝିଅକୁ ଆଉ କିଛି ପଚାରିବା ପୂର୍ବରୁ, ଶୁଭ୍ରା ଘର ଭିତରକୁ ପଶି ଆସୁଆସୁ କହିଲା - ଆରେ ମୋତେ ବି କାଲିଠୁ ବାଇଆ କରିଦେଲାଣି ସେ ବୁଢ଼ୀ କଥା ପଚାରି ପଚାରି । ତୁମେ କାଲି ପରିବା ଆଣିବାକୁ ଗଲେ ଟିକେ ଦେଖି ଆସନ୍ତନି, ଝିଅର ସ୍କୁଲ ସାମ୍ନା ଫୁଟପାଥରେ ବସୁଥିବା ସେ ଭିକାରୁଣୀ ବୁଢ଼ୀର ହାଲଚାଲ ।

ସେ ବୁଢ଼ୀର ଚେହେରା ମୋ ଆଖି  ଆଗରେ ଭାସି ଉଠିଲା । ମୋ ଝିଅର ସ୍କୁଲ ସାମ୍ନା ଫୁଟପାଥରେ କମ୍ବଳ ଖଣ୍ଡେ ପକେଇ ଛିଣ୍ଡା ମଇଳା ଲୁଗାରେ ଆବୋରି ହୋଇ ବସିଥାଏ ! ମୋ ଝିଅ କେବେ କେବେ ବିସ୍କୁଟ, ପାଉଁରୁଟି ଦିଏ । ଏମିତି ଅନେକ ପିଲାମାନେ କେବେ କେମିତି ଦିଅନ୍ତି, ଆଉ ବୁଢ଼ୀର ପେଟ ଓପାସ ରୁହେନି । ଏବେ ତ ସବୁ ବନ୍ଦ, ସ୍କୁଲ ବି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଲାଙ୍କ ଗତାଗତ ବି ବନ୍ଦ । ପନ୍ଦରଦିନ ହେଇଗଲାଣି, ବିଚାରୀ ବୁଢ଼ୀ କଣ ଯେ କରୁଥିବ, କିଏ ବା ତାକୁ ମୁଠେ ଖାଇବାକୁ ଦେଉଥିବ.... ଯା ହଉ, ଝିଅ ମୋର ମନେ ପକେଇ ଦେଲା, କାଲି ଯେମିତି ହଉ ଯିବି ।

ଟିକେ ବୁଲା ବାଟ ହଉ ପଛକେ ।

ସକାଳ ହଉ ହଉ ସଅଳ ସଅଳ ପାଦ ପକେଇ ଯାଇ ପହଞ୍ଚିଲି ଝିଅର ସ୍କୁଲ ପାଖରେ । କାଇଁ, ବୁଢ଼ୀ ତ କେଉଁଠି ଦେଖାଯାଉନି । ସେ ବସୁଥିବା ଜାଗା ବି ଫାଙ୍କା । ମନକୁ ପାପ ଛୁଇଁଲା । ବୁଢ଼ୀର କିଛି ହେଇନି ତ ? ରଇଜଳା ମହାମାରୀ .... ।

ଝିଅ ସ୍କୁଲର ଗାର୍ଡମାନେ ମୋତେ ଉଣାଅଧିକେ ଜାଣିଚନ୍ତି, ଭାବିଲି ସେମାନଂକୁ ଥରେ ପଚାରି ଦେଖେ । ସେମାନଂକ ଉତ୍ତର ଶୁଣି ମୋ ପାଦତଳୁ ମାଟି ଯେମିତି ଖସିଗଲା

-ସାର, ସେ ତିନି ଦିନର କର୍ଫ୍ୟୁ ସମୟରେ କୁଆ-କୋଇଲି ବି ରାବୁ ନଥିଲେ । ସେଇ ଭିତରେ ଭୋକ ଓପାସରେ ବିଚାରୀ ବେମାର ପଡିଗଲା । ଉଠିବସି ପାରିଲାନି । ସରକାରୀ ଲୋକ ଗାଡିରେ ନେଇଗଲେ, ମହାମାରୀ ଭାବି ଟେଷ୍ଟ ବି କରାହେଇଥିଲା । ରିପୋର୍ଟ ନେଗେଟିଭ ଥିଲା । ଡାକ୍ତରଖାନାରେ ରଖିଲେନି । ଏଣେତେଣେ ମୁଠାଏ ଖାଇବାକୁ ନପାଇ ବିଚାରୀ ଚାଲିଗଲା ।

ଓଜନିଆ ପାଦରେ ଘରକୁ ଫେରିଲି, ପରିବା ଆଣିବା କଥା ମନେ ପଡିଲାନି । ଝିଅକୁ କଣ ଉତ୍ତର ଦେବି ଭାବି ପାରୁନଥିଲି ... ।

ବାଲିଗଞ୍ଜ ପ୍ଲେସ, କୋଲକାତା-୧୯

pradipta789@gmail.com, ଭ୍ରାମ୍ୟଭାଷ : ୮୪୨୦୧୯୬୫୯୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଶିଷ ଦିଅ ମା

ଶରତ ଋତୁରେ ଚାରିଆଡେ ଖୁସିର ଲହରୀ ଖେଳୁଅଛି । ବିସ୍ତୃତ ନିର୍ମଳ ଆକାଶ, ଶୁକ୍ଳପକ୍ଷ ରାତ୍ରିରେ ସଫା ଚନ୍ଦ୍ରକିରଣ ମନହରଣ କରୁଛି । ଧରିତ୍ରୀ ଶ୍ୟାମଳିମାରେ ପୂରି ଉଠୁଛି । ନଦୀପଠାରେ କାଶତଣ୍ଡୀ ଫୁଲ ଝୁମି ଝୁମି ମନ ଆନନ୍ଦରେ ଗୀତ ଗାଉଛି ପାର୍ବଣକୁ ସ୍ୱାଗତ ଜଣାଇ । ଦୁର୍ଗତି ନାଶିନୀ ମା' ମହିଷା ମର୍ଦ୍ଦିନୀ ପୂଜା ପାଇଁ ଗାଁରୁ ସହର ଚଳଚଞ୍ଚଳ ହୋଇ ଉଠୁଛି । ପୂଜା ମଣ୍ଡପର ସାଜ ସଜ୍ଜା ଦେଖିଲେ ମନ ଆନନ୍ଦରେ ବିଭୋର ହୋଇ ଉଠୁଛି । ବାଦ୍ୟ, ତୂରୀ, ଘଣ୍ଟ, ଘଣ୍ଟାରେ ପୂଜାସ୍ଥଳୀ ପ୍ରକମ୍ପିତ ହେଉଛି । ଦେବୀ ଦୁର୍ଗତିନାଶିନୀ ଦୁର୍ଗା ମାତାଙ୍କର ଆଜି ପବିତ୍ର ସପ୍ତମୀ ପୂଜା । ବ୍ରାହ୍ମଣନନାଙ୍କର ଚଣ୍ଡୀ ପାଠରେ ଗଗନ ପବନ ପ୍ରଂକପିତ ହେଉଛି । କିନ୍ତୁ ୧୨ /୧୩ ବର୍ଷର ବାଳକ ତନ୍ମୟ ତା' ମନରୁ ସବୁ ସୁଖ ଚାଲି ଯାଇଛି । ତାର ବାପା ତିନିମାସ ତଳେ ଗାଡି ଆକ୍ସିଡେଣ୍ଟରେ ପରଲୋକକୁ ଚାଲି ଯାଇଛନ୍ତି । ମା ସୁଶୀଳା ବାପାଙ୍କର ମୃତ୍ୟୁ ପରେ ଶଯ୍ୟାଶାୟୀ ହୋଇ ଯାଇଛନ୍ତି । ତାଙ୍କୁ ଶ୍ୱାସ ରୋଗ । ତା ସାଙ୍ଗକୁ ଟି. ବି. ହୋଇ ଯାଇଛି । ସେମାନେ ଗରିବ । ଘରେ ଖାଇବା ପାଇଁ ଦାନା ମୁଠାଏ ନାହିଁ । ସାନ ଭାଇ ରାଜୁ ପାଞ୍ଚ ବର୍ଷର । ତନ୍ମୟ କଣ କରିବ କିଛି ବୁଝି ପାରୁ ନଥିଲା । ସେ ପାଠପଢା ଛାଡି ପାଖ ହୋଟେଲରେ ଥାଳି ପ୍ଲେଟ ଧୁଆ ଧୁଇ କରେ । ମାଲିକ ତାକୁ ଖାଇବାକୁ ଦେଇ ଦିନକୁ ୩୦ ଟଙ୍କା ଦିଏ । ସେ



ବାସନ୍ତୀଲତା ଜେନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଲିକକୁ କହି ତା ମା' ଓ ସାନଭାଇ ପାଇଁ ରାତ୍ରିରେ ଭାତ ନେଇ ଘରକୁ ଫେରେ । ତନ୍ମୟର ରୋଜଗାରରେ ଘର ଚଳେ । ଓଳିଏ ଖାଇଲେ ଓଳିଏ ଉପବାସ । ମା ପାଇଁ ଔଷଧ କିପରି କିଣିବ ? ଯେତେ ବେଳେ ତନ୍ମୟ କାମକୁ ଯାଏ, ସେତେ ବେଳେ ପୂଜା ମଣ୍ଡପ ପାଖ ଦେଇ ହୋଟେଲକୁ ଯାଏ । ସେ ଦେବୀମା'ଙ୍କ ନିକଟରେ କିଛି ସମୟ ଅଟକି ଯାଇ ମା'ଙ୍କୁ ତାର ଦୁଃଖ ଜଣାଏ । କହେ ମା, ଗୁରୁଜୀ କହୁଥିଲେ ତୁ ପୁଣି ସମସ୍ତଙ୍କୁ ଆଶିଷ ଦେଉଛୁ । ସମସ୍ତଙ୍କ ଗୁହାରୀ ଶୁଣି ଦୁଃଖ ଦୂର କରୁଛୁ । ମୋ ଡାକ ଶୁଣିବୁ ମା । ମୋ ମା'କୁ ରୋଗରୁ ଭଲ କରିଦେବୁ । ମାଙ୍କୁ ମୁଣ୍ଡିଆ ମାରେ । ଗୁହାରୀ ଜଣାଇ ଦେବୀମା'ଙ୍କ ନିକଟରେ କାନ୍ଦେ । ଆଖିରୁ ଲୁହପୋଛି ହୋଇ କାମକୁ ଚାଲିଯାଏ । ଦିନରେ ଆଉ ଘରକୁ ଫେରେ ନାହିଁ । ରାତ୍ରି ୯/୧୦ରେ ଘରକୁ ଫେରେ । ଦିନେ ଦିନରେ ତନ୍ମୟ ତା' ମାକୁ ଦେଖିବା ପାଇଁ ଘରକୁ ଆସିଥିଲା ବୋଲି ମାଲିକ ତାକୁ ଧମକ ଦେଇଥିଲା । କାମ କରିବୁ ତ ମନ ଦେଇ କର । ନହେଲେ କାମ ଛାଡି ଘରକୁ ଯା । ସେ କାମ ଛାଡିଦେଲେ ଘର ଚଳିବ କେମିତି ? ତା ରୋଗୀଣା ମା' ସାନଭାଇ ଖାଇବେ କଣ ? ବାଳକଟିର ମନ କୋହରେ ଫାଟି ପଡୁଥିଲା । ଦେବୀମା କେବଳ ତା ସାହା ଭରଷା । ସାରା ଦିନ ସେ କାମ କରେ । ଯେତେବେଳେ ସେ ଟିକିଏ ସମୟ ପାଏ ସେତେବେଳେ ସେ ଜଗତ ଜନନୀକୁ ଡାକେ । କିଛି ପଇସା ଠୁଳେଇ ସେ ତା ମା' ପାଇଁ ଔଷଧ ଆଣିଦିଏ । ପାଠପଢା ଛାଡି କାମ କରୁଥିବାରୁ ସୁଶିଳାର ହୃଦୟ ଯନ୍ତ୍ରଣାରେ ବିଳପି ଉଠେ । କେତେ ସ୍ୱପ୍ନ ଦେଖି ଥିଲା ସେ । ତା ପୁଅ ପାଠପଢି ଚାକିରୀ କରିବ । ତାଙ୍କ ଘରର ଦୁଃଖଯିବ । କିନ୍ତୁ ସବୁ ଓଲଟା ହୋଇଗଲା । ହେ ଭଗବାନ ! ମୁଁ କି ପାପ କରିଥିଲି । ମୋତେ ଏତେ କଷ୍ଟ ଦେଉଛ । ଯାହା ରୋଜଗାରରେ ଘର ଚଳୁଥିଲା, ତାଙ୍କୁ ତ ତୁମେ ନେଇଗଲ । ମୋତେ ଏ ରୋଗ ଦେଲ । ମୁଁ ଏବେ କଣ କରିବି । ହେ ପ୍ରଭୁ, ମୋତେ ସାହା ହୁଅ ।

 Magazine Downloaded from www.aahwaan.com

ଏମିତିରେ କିଛି ଦିନ ବିତିଗଲା । ଦିନେ ସେହି ହୋଟେଲକୁ ସନ୍ଧ୍ୟା ସମୟରେ ଅମର ବାବୁ ଓ ତାଙ୍କ ପତ୍ନୀ ନନ୍ଦିତା ଖାଇବାକୁ ଆସିଥିଲେ ।  ନନ୍ଦିତା ତନ୍ମୟକୁ ଦେଖି ନିଜକୁ ସମ୍ଭାଳି ପାରିଲେ ନାହିଁ । କାରଣ ତନ୍ମୟ ବୟସର ତାଙ୍କ ପୁଅ ତାଙ୍କୁ ଛାଡି ପରପାରିକୁ ଚାଲି ଯାଇଥିଲା । ସେ ତନ୍ମୟ ସହିତ କଥା ହେଲେ । କହିଲେ, ବାବା ! ତୁମେ ଆମ ଘରକୁ ଆମ ସହିତ ଆସିବ ?  ଆମ ଘର ଏଇ ଅଳ୍ପ ଦୂରରେ । ତନ୍ମୟ କରୁଣ ଚାହାଣୀରେ ଚାହିଁ ମନା କରିଦେଲା । କହିଲା, ନାହିଁ ମା ! ମୁଁ ଯାଇ ପାରିବି ନାହିଁ । ମୋ ସାନ ଭାଇ ଓ ମା ମୋତେ ଆପେକ୍ଷା କରିଛନ୍ତି । ମୁଁ କାମ ସାରି ସେମାନଙ୍କ ପାଇଁ ଭାତ ନେଇଯିବି ।

ତନ୍ମୟର ମା ଡାକରେ ନନ୍ଦିତାର ମାତୃ ହୃଦୟ ତରଳିଗଲା । ସେ ତନ୍ମୟକୁ ଖୁସିରେ ଚାହିଁ ରହିଲା । ତା ମନରେ ଆନନ୍ଦର ଶତ ଜୁଆର ଖେଳିଗଲା । ନନ୍ଦିତା ଚାହୁଁଥିଲା ତନ୍ମୟକୁ ଗେହ୍ଲା କରନ୍ତା, ତାକୁ ଚୁମା ଦିଅନ୍ତା, ତାକୁ ଛାତିରେ ଜାବୁଡି ଧରି ସବୁ ଦୁଃଖ ଭୁଲି ଯାଆନ୍ତା । ନନ୍ଦିତା ମନରେ ଖୁସି ଦେଖି ଅମର ବାବୁ କିଛି କହି ପାରିଲେ ନାହିଁ । ହୋଟେଲର ମାଲିକ ଠାରୁ ତନ୍ମୟର ଛୁଟି ସମୟ ପଚାରି ବୁଝିଲେ । ତାପରେ ସ୍ୱାମୀ ସ୍ତ୍ରୀ ବାହାରକୁ ଚାଲିଗଲେ । ନନ୍ଦିତାର ମନ ରହିଗଲା ତନ୍ମୟ ପାଖରେ । ଘର ପାଇଁ କିଛି ଜିନିଷ କିଣା କିଣି କଲେ । ପୁଣି ହୋଟେଲକୁ ଫେରି ଆସିଲେ । ସେତେ ବେଳକୁ ରାତ୍ରି ନଅଟା । ତନ୍ମୟକୁ ନିଜ କାରରେ ବସାଇ ତନ୍ମୟ ଘରକୁ ଗଲେ । ତନ୍ମୟ ଘର ଅବସ୍ଥା ଦେଖି ନନ୍ଦିତା ବ୍ୟଥିତ ହେଲେ । ସେ ତାଙ୍କ ସ୍ୱାମୀଙ୍କୁ କହିଲେ, ଏ ଶୁଣୁଛ ! ତୁମେ ଯାଅ । ତନ୍ମୟ ମାଙ୍କ ପାଇଁ ମେଡ଼ିସିନ ଦୋକାନୀକୁ କହି କିଛି ମେଡ଼ିସିନ ଆଜି ପାଇଁ ଆଣି ଦିଅ । କାଲି ଆମେ ତାଙ୍କୁ ଡାକ୍ତର ଦେଖାଇ ଦେବା । ନନ୍ଦିତା ତନ୍ମୟର ମା ପାଖରେ ବସିଲେ । ଅମରବାବୁ ଔଷଧ ଆଣିବା ପାଇଁ ଗଲେ । ସେ ଦିନ ଅମରବାବୁ ଔଷଧ ସହିତ କିଛି ଖାଇବା ଜିନିଷ ଦେଇ ସ୍ୱାମୀ ସ୍ତ୍ରୀ ଘରକୁ ଫେରିଲେ । ତା' ପରଦିନ ସକାଳ ୭ଟା ବେଳେ ଅମର ବାବୁ ଓ ନନ୍ଦିତା ତନ୍ମୟ ଘରେ ପହଂଚି

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ତନ୍ମୟର ମାକୁ ନେଇ ଡାକ୍ତରଖାନାକୁ ଗଲେ । ତନ୍ମୟ ମଧ୍ୟ ତାଙ୍କ ସହିତ ଗଲା । ଡାକ୍ତରଙ୍କୁ ଦେଖାଇ ଔଷଧ ନେଇ ଫେରିବା ବାଟରେ ନନ୍ଦିତା ତାଙ୍କ ସ୍ୱାମୀକୁ କହିଲେ, ଆମର ତ ଗୋଟିଏ ସର୍ଭେଣ୍ଟ କ୍ୱାର୍ଟର ଖାଲି ଅଛି । ଚାଲ, ୟାଙ୍କୁ ଆମ ଘରକୁ ନେଇଯିବା । ଏ ତୁଟା ଫୁଟା ଘରେ ଦେହ ଅଧିକ ଖରାପ ହେବ । ସେୟାହିଁ ହେଲା । ପ୍ରଥମେ ତନ୍ମୟର ମା ରାଜି ହେଉ ନଥିଲା । ବୁଝା ବୁଝି କରିବା ପରେ ସେ ରାଜି ହେଲେ । ସମସ୍ତେ ନନ୍ଦିତା ଓ ଅମର ବାବୁଙ୍କ ଘରକୁ ଗଲେ ।

ଅମର ବାବୁ ମାଳିଙ୍କୁ କହି ସର୍ଭେଣ୍ଟ ରୁମ ଖୋଲି ଦେଲେ । ଚଳିବା ପାଇଁ ସବୁ ଜିନିଷ ପତ୍ର ଯୋଗାଇ ଦେଲେ । ତନ୍ମୟର ମା ଔଷଧ ଖାଇ ଆସ୍ତେ ଆସ୍ତେ ଭଲ ହେଲେ । ନନ୍ଦିତା ଘର ରୋଷାଇ କରିବା ଓ ଅନ୍ୟାନ୍ୟ କାମ କଲେ । ଚଳିବା ପାଇଁ ତାଙ୍କର ଆଉ ଅସୁବିଧା ରହିଲା ନାହିଁ । ତନ୍ମୟଙ୍କୁ ନନ୍ଦିତା ପୁଅ ପରି ପାଳିଲେ । ଭଲ ସ୍କୁଲରେ ନାମ ଲେଖାଇ ପାଠ ପଢାଇଲେ । ତନ୍ମୟ ଦୁଇ ମାଙ୍କ ଠାରୁ ସ୍ନେହ ମମତା ପାଇ ଖୁବ ଖୁସି ହେଉଥିଲା ।

ଆଦ୍ୟା ଶକ୍ତି ମହାମାୟୀ କରୁଣା ଦାୟିନୀ ଅଭୟ ପ୍ରଦାୟିନୀ, ଶଂକଟ ହରିଣୀ ତନ୍ମୟକୁ ସାହା ହେଲେ । ନ ହେବେ ବା କେମିତି ? ସେ ତ ସନ୍ତାନ ବତ୍ସଳା, ଆଶିଷ ଦାୟିନୀ, କୋମଳ ମତି ତନ୍ମୟର ଡାକ ଶୁଣି ସେ ତା ଉପରେ ଆଶିଷର ଧାରା ବରଷି ଦେଲେ । ଆଦ୍ୟାଶକ୍ତି ମହାମାୟାଙ୍କର ଆଶିଷ ଯାହା ମୁଣ୍ଡରେ ଝରେ ସେ ସବୁ ବିପଦରୁ ରକ୍ଷା ପାଏ । ସେତ ମା । ସନ୍ତାନର ଦୁଃଖ ଦେଖି ପାରନ୍ତା କିପରି ? ମାଙ୍କୁ ପାଇବା ପାଇଁ ଭକ୍ତି, ଅଖଣ୍ଡ ବିଶ୍ୱାସ ରହିବା ଦରକାର । ଗାଳ୍ପିକ ଙ୍କ ଭାଷାରେ :-

ଦୁର୍ଗତି ନାଶିନୀ ଶକ୍ତି ପ୍ରଦାୟିନୀ, ବରାଭୟ ଦାତ୍ରୀ ମାଆ

ତୋ ଆଶିଷ ଝରୁ ସବୁରି ମସ୍ତକେ, ତୁହି ଗୋ ଆମରି ସାହା ॥

ଜୟ ମା ଦୁର୍ଗା

ଗାନ୍ଧିନଗର, ନବରଙ୍ଗପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତେଲିଆ ମୁଣ୍ଡରେ ତେଲ



ବୈଦ୍ୟନାଥ ପଣ୍ଡା

ଗାଆଁ ମୁଣ୍ଡର ଶ୍ମଶାନ ପାଖ ବରଗଛ । କେଉଁ ଅନାଦି କାଳରୁ ଗାଁ ମୁଣ୍ଡରେ ମୁଣ୍ଡଟେକି ଛିଡ଼ା ହୋଇଛି, ଗାଁର ସବୁ ଅତୀତ ଘଟଣାର ମୁକସାକ୍ଷୀ ଏଇ ବରଗଛ, ନିଶବ୍ଦ ଶୂନଶାନ ଜାଗା, ଦିନରେ ଯିବାକୁ ବି ଡରଲାଗେ, ରାତିକଥା ଛାଡ଼, ଗାଁ ପିଲାମାନଙ୍କୁ ସବୁବେଳେ ନୀତେଇ ଅଜାର ତାଗିଦ୍ ବାଲିକୁଦା ବରଗଛ ମୂଳକୁ କେହି ଯିବନିରେ, ସେଠି ଦିନରେ ଭୂତ ବୁଲେ, ଆଉ ରାତିରେ ଚରା ଡାହାଣୀ, ରାକେଶର ମନରେ ଉତ୍କଣ୍ଠା ଯଦି ସେଇ ବରଗଛ ମୂଳେ ଭୂତ ଚରାଡାହାଣୀ ରହୁଛି ତେବେ କମଳୀ ଆଇ କେମିତି ସେଠି ଭଙ୍ଗାପଲ୍ଲାରେ ରହୁଛି, କାହିଁକି ସେଠି ରହୁଛି, ତାର କଣ କେହି ନାହାନ୍ତି ନା, ଏ ସମାଜ ପାଇଁ ସେ ଅଛୁଆଁ. ଏଇମିତି ଗୁଡ଼ାଏ ପ୍ରଶ୍ନର ସହଜ ସମାଧାନ ପାଇଁ ସମସ୍ତଙ୍କ ଅଜାଣତରେ ସେ ଗଲା କମଳୀ ଆଇ ପାଖକୁ ।

ଏ କମଳୀ ଆଇ କିଏ ? ଏଠି ଏମିତି ନିଃସଙ୍ଗ ଜୀବନ କାହିଁକି ବିତାଉଛି । ଏଇମିତି ପ୍ରଶ୍ନକୁ ମନରେ ଭାବି ଭାବି ରାକେଶ ଚାଲିଥାଏ କମଳୀ ଆଇର ନିର୍ଜନ ଭଙ୍ଗା କୁଡ଼ିଆ ପାଖକୁ, ଯାଇଁ ପହଞ୍ଚିଲା କୁଡ଼ିଆ ପାଖରେ, ଡାକିଦେଲା ଆଇ ବୋଲି, ବୁଢ଼ୀର ଆଖିକୁ ଆଉ ଏତେ ଭଲ ଦିଶୁନି କି କାନକୁ ଆଉ ଏତେ ଭଲ ଶୁଭୁନି, କିନ୍ତୁ ଅତୀତର ଘଟଣା ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ମନରେ ଏବେବି ପୂର୍ଣ୍ଣମୀର ଜୁଆର ଭଳି ଢେଉ ମାରୁଛି ତା ହୃଦୟକୁ । ଯେମିତି ରାକେଶର ଡାକ ତା କାନକୁ ଶୁଭିଛି, ରାଗ ତାର ଦୁଇ ଗୁଣା ହେଇଗଲା । ରାଗିକରି ଗର୍ଜନ କରି କହିଲା ଏବେ ଭୋଟ ବେଳ ଆସିଗଲାକିରେ ଅଳପାଇସା ତୁମ ବଂଶକୁଳ ବୁଡୁରେ । ତୁମ ଢ଼ୀହରେ ଶିଆଳ ଭୁକୁ । ଏଇମିତି କେତେ କଣ ଅସଭ୍ୟ ଭାଷା ଗପି ଚାଲିଲା । ସେ ସବୁକୁ ରାକେଶ ସହିଯାଇ କମଳୀ ଆଈକି ତାର ପରିଚୟ ଦେଇ ସବୁକଥା ପଚାରିଲା । କମଳୀ ଆଈବି ରାଗଶାନ୍ତ କରି ସବୁ ଗୋଟେ ଗୋଟେ କରି ଖୋଲି କହିଲା । ମୋ କଥାତ କେହି ବୁଝିଲେ ନାହିଁ ଏମିତିକି ଜନ୍ମକଲା ପୁଅମାନେ ବି, ରାକେଶ ଏକଥା ଶୁଣି ଚମକି ପଡିଲା, ଭାବିଲା କମଳୀ ଆଈର ବି ଛୁଆପିଲା ଅଛନ୍ତି, କମଳୀ ଆରମ୍ଭ କଲା ନିଜକଥା । କହିଲା ଶୁଣୁରେ ପୁଅ । ମୁଁ ବାହା ହେବାପରେ ମୋ ଗେରସ୍ତ ମତେ କଲିକତା ନେଇଗଲା, ସେଠି ସେ ତେଲକଳରେ କାମ କରେ । ଯାହା ରୋଜଗାର କରେ, ଚାରିପୁଅଙ୍କୁ ନେଇ ମୁଁ ଖୁସିରେ ଚଳି ଯାଉଥିଲି, ହେଲେ ନିଆଁଲଗା ଭାଗ୍ୟଟା ଦାଉ ସାଧିଲା, ତେଲକଳରେ କାମ କରୁ କରୁ କଳରେ ଚାପି ହେଇ ମୋ ଗେରସ୍ତ ସବୁଦିନ ପାଇଁ ଆରପାରିକୁ ଚାଲିଗଲା । ବହୁକଷ୍ଟରେ ସେଠି ଚାରିପିଲାଙ୍କୁ ଧରି ଦୁଃଖ କଷ୍ଟ ସହି ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଲା ମାନଙ୍କୁ ମଣିଷ କଲି, ବହୁତ ବଡ଼ ମଣିଷ ହେଲେ । ବଡ଼ ବଡ଼ ନାଲିକୋଠାରେ ଚାକିରୀ ବାକିରି କରି ମନେ ମନେ ସବୁ ବାହାସାହା ହେଇ ନିଜ ସୁଖରେ ରହିଲେ, ଠିକ୍ ଯେମିତି ନଈ ଛାଡ଼ିଗଲେ ନାଆ କଥା ଭୁଲି ଯାଆନ୍ତି ଲୋକେ, ସେଇମିତି ମୋ ପିଲାମାନେ ମତେ ବି ଭୁଲିଗଲେ, ନାନା ପ୍ରକାର ଦହଗଞ୍ଜ କରି ଶେଷରେ ମତେ ମାଛ ଶୁଖୁଆ ପରି ଭାଗ କରିଦେଲେ ଚାରି ଜଣଙ୍କ ଭିତରେ । ଆ ପାଖରେ ତିନି ମାସ ତ, ତା ପାଖରେ ତିନି ମାସ, ମୁଁ ଏ ଅତ୍ୟାଚାର ସହି ନପାରି ଭାବିଲି ଯୋଉଠିକି ଦିନେ ବୋହୂ ହେଇ ଆସିଥିଲି ସେଇଠିକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଯିବି । ରାକେଶ କହିଲା ଏମିତି ନିଷ୍ପତ୍ତି କାହିଁକି ନେଲ ଆଈ ? କମଳୀ କହିଲା ଏ ଦୁନିଆଁରେ ସ୍ୱାର୍ଥ ସରିଗଲେ କେହି ପଚାରନ୍ତିନିରେ ବାପ । ମୋରି ଆଖି ଆଗରେ ସେମାନଙ୍କ ଶାଶୁ ଶ୍ୱଶୁର ଶଳାଶାଳୀ ମାନଙ୍କୁ ସେମାନେ ଖିରି ମାଲପୁଆରେ ଭସାଇବେ ଆଉ ମତେ ପେଜ ତୋରାଣି, ସେମାନଙ୍କ ଛିଣ୍ଡା ଲୁଗା ମତେ ପିନ୍ଧିବାକୁ ଦେବେ, ଏଇମିତି କିଛିଦିନ ଭୋକ ଉପାସରେ ରହି ଏଠିକି ଆସିବାକୁ ସ୍ଥିର କଲି, ଆଉ ଏଠି ଆସି ଦେଖେତ ଗାଁର ସାହୁକାର ଅମୁକ ସାହୁ ଆମ ଘରବାଡ଼ି ଦଖଲ କରିନେଇଛି । ରାକେଶ ପଚାରିଲା, ଆଈ ଅମୁକ ସାହୁ କିଏ ? ବୁଢ଼ୀ ବିରକ୍ତି ହେଇ କହିଲା କେତେ ଛୋପରେଇ ହେଉଛୁ ବେ ଟୋକା । ସେ ପରା ମୋ ଦେଢଶୁର ହେବ, ତା ନାଆଁ କୃଷ୍ଣଙ୍କ ଆର ନାଆଁ ଟା । ରାକେଶ କହିଲା ଶ୍ୟାମ । ବୁଢ଼ୀ କହିଲା ହଁ ସେଇ ଗାତଚୁଲି । ବଞ୍ଚିଥିବା ବେଳେ ତା ନାଆଁ ଧରିଲେ ମୁଁ ନର୍କକୁ ଯିବିନି । ଦେଢଶୁର ହେବ ପରା ସେଥିପାଇଁ ବାରେଇ କହୁଛି । ତା ପରେ ମୋ ଦେହସାରା ଧଳା ଛଉ ହେଇଥିବାରୁ ମତେ କୁଷ୍ଠ ହେଇଛି ବୋଲି ଆଉ ଗାଁରେ ରଖାଇ ଦେଲେନି । ଏଇଠି ଏଇ ନିଛାଟିଆ ଯାଗାରେ ଆସି ପଲ୍ଲା ଖଣ୍ଡେ ମାରି ରହୁଛି । ରାକେଶ କହିଲା ଆଈ ତତେ କଣ ସରକାରୀ ସାହାଯ୍ୟ କିଛି ମିଳିନି । ତୁ ଭିକ ମାଗି ଚଳୁଛୁ । କମଳୀ କହିଲା କିଏ ଦେଉଛିରେ ବାପ । ମୋ ପାଖରେ କଣ ଆଉ ସ୍ୱାର୍ଥ ଅଛି ଯେ ମତେ କିଏ ଦେବ । ଭୋଟବେଳ ହେଲେ ସବୁ ଆସନ୍ତି ମତେ ହାତଯୋଡି ଦେଇ ମିଛରେ ମିଛରେ ହସିହସି କୁହନ୍ତି । ଏଥର ଆମେ ଜିତିଲେ କମଳୀ ମାଉସୀର ଦୁଃଖ ଯିବ, ତାକୁ ଘର କରିଦେବୁ ଅମୁକ ଦବୁ ସମୁକ ଦବୁ କହି ଚାଲିଯାଆନ୍ତି, ମୁଁ କିନ୍ତୁ ଏଇ ପ୍ରତିଶୃତିରେ ଖୁସି ହେଇଯାଏ । ଭୋଟ ଗଲାପରେ ପ୍ରତିଶୃତି ପ୍ରତିଶୃତିରେ ରହିଯାଏ । ମୁଁ କିନ୍ତୁ ଆତ୍ମ ତୃପ୍ତି ପାଏନି । କିନ୍ତୁ ମୋରି ଆଖି ଆଗରେ ଯାହାର କୋଠାଘର ତାର ଘର ମିଳୁଛି । ଯିଏ ବରଷକ ଖାଇ ଚାଉଳ ବିକୁଛି ତାକୁ ଚାଉଳ ମିଳୁଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭେଣ୍ଡିଆ ଟୋକା ମାସକୁ ହଜାର ହଜାର ଟଙ୍କା ରୋଜଗାର କରୁଛି ତାକୁ ବି ମାସକୁ ମାସ ଭତ୍ତା ମିଳୁଛି, କିନ୍ତୁ ମୋର କିଛି ନାଇଁରେ ପୁଅ କହି କହି ନେହୁରା ହେଇ ହେଇ ପାଟି ଥୋବରା ହେଇଗଲା ପଛେ କେହି ମୋ କଥା ଶୁଣିଲେନି, ଅଳପାଇସେ ତେଲିଆ ମୁଣ୍ଡରେ ତେଲ ଢ଼ାଳୁଛନ୍ତି ସିନା ନୁଖୁରା ମୁଣ୍ଡକୁ କିଏ ଦେଖୁଛି । ଏବେ ଆଉ ଆଖିକୁ ଭଲ ଦେଖାଯାଉନି ମୋ ଦୁଆରକୁ ଯିଏ ଆସୁଛି ଭାବୁଛି ସେଇ ଅଳପାଇସେ ଆସିଲେ ସେଥିପାଇଁ ଶପା କଟା ଆରମ୍ଭ କରିଦେଇଛି । ମୋର ଆଉ କୋଉଥିରେ ଲୋଭ ନାହିଁ ହେଲେ ହେଲା ନହେଲେ ନାଇଁ, ତୁ ମନ ଦୁଃଖ କରିବୁନିରେ ପୁଅ । ଏତିକି କହି ବୁଢ଼ୀ ମୋ ମୁଣ୍ଡରେ ହାତ ବୁଲାଇ ଆଣିଲା । କହିଲା ଭଲ ହେଲା ତୁ କିଛି ନକର ପଛେ ମୋ ଦୁଃଖ କଥାତ ଶୁଣିଲୁ, ଏତିକି କହି ବୁଢ଼ୀ ରାକେଶକୁ ଚାହିଁଥାଏ କିନ୍ତୁ ତା ପିଣ୍ଡରେ ପ୍ରାଣ ଆଉ ନଥାଏ । ରାକେଶ ଆଖିରୁ ଲୁହ ଦୁଇଟୋପା ଝରି ଆସିଲା ମନେ ମନେ କହୁଥାଏ ପ୍ରକୃତରେ ଆଜିର ରାଜନୀତି କେବଳ ତେଲିଆ ମୁଣ୍ଡରେ ତେଲ ଢ଼ାଳିବା ପାଇଁ ।

ବୈଦ୍ୟନାଥ ପଣ୍ଡା,
ଅବଦଲ ପୁର, ଯାଜପୁର
ଦୂରଭାଷ : ୯୪୩୭୮୫୪୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାର୍ତ୍ତା



ଡମ୍ବରୁଧର ଦାଶ

ଗୋବିନ୍ଦ ନାମରେ ସାଧାରଣ ବର୍ଗର ପିଲାଟିଏ । ଆଦିବାସୀ ଅଧ୍ୟୁଷିତ ପାହାଡିଆ ଅଞ୍ଚଳରେ ତାର ଘର । ବାପାମାଆଙ୍କର ଏକ ମାତ୍ର ପୁତ୍ର ଗୋବିନ୍ଦ । ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିବାରୁ ବାପାଙ୍କର କୌଳିକ ବୃତ୍ତି ଥିଲା ପୁରୋହିତ କାର୍ଯ୍ୟ । ବିବାହ, ବ୍ରତ, ଲକ୍ଷ୍ମୀପୂଜା, ସରସ୍ୱତୀ ପୂଜା, ଗଣେଶ ପୂଜା, କାଳୀ ପୂଜା ଆଦିରୁ ଯାହା ଉପାର୍ଜନ ହୁଏ ଦୁଃଖେ ସୁଖେ ଗୁଜୁରାଣ ମେଣ୍ଟିଯାଏ । ଆଜିକାଲି ତ ପୂର୍ବକାଳ ଭଳି ଦେବ ବ୍ରାହ୍ମଣ ଭକ୍ତି ଦେଖିବାକୁ ମିଳୁନାହିଁ । ତଥାପି ଶିଷ୍ୟ ଯଜମାନ କରି କୌଣସି ମତେ ପରିବାର ସୁରୁଖୁରୁରେ ଚାଲିଥାଏ । ଗୋବିନ୍ଦ ଦେଖିବାକୁ ଯେଭଳି ସୁନ୍ଦର ବୁଦ୍ଧି ବିଦ୍ୟାରେ ମଧ୍ୟ ସେତିକି ପାରଙ୍ଗମ । ପ୍ରତିଟି ଶ୍ରେଣୀରେ ଭଲ ପଢେ, ଭଲ ନମ୍ବର ବି ରଖେ ହେଲେ ସାଧାରଣ ବର୍ଗର ପିଲା ବୋଲି ତାକୁ କୌଣସି ସରକାରୀ ସହାୟତା ମିଳେ ନାହିଁ । ଏହିପରି ଭାବରେ ତା'ର ପାଠପଢ଼ା ଚାଲିଥାଏ । ଦେଖୁଦେଖୁ ଦଶମ, +୨, +୩ ସବୁଥିରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା । ସେତେବେଳକୁ ବାପାଙ୍କର ଦେହ ଆଉ ଭଲ ରହିଲା ନାହିଁ । ପରିବାର ଚଳିବ କେମିତି । ବହୁ ବାଧାବିଘ୍ନ ମଧ୍ୟରେ ଗ୍ରାଜୁଏସନ୍ ସାରିଦେଲା ସିନା ଆଗକୁ ପଢିବାକୁ ତା' ପାଖରେ ଆଉ ସମ୍ବଳ ନଥିଲା । ଗୋବିନ୍ଦ ବା ଆଉ କରିବ କଣ, ମୁଣ୍ଡରେ କିଛି ବୁଦ୍ଧି ଜୁଟୁ ନଥାଏ । ଚାକିରୀ କରିବ ବୋଲି ସବୁଆଡେ ଫର୍ମ ପକାଇଲା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରୀକ୍ଷା ବି ଦେଲା କିନ୍ତୁ କିଛି ସୁଫଳ ମିଳିଲା ନାହିଁ । ସାଧାରଣ ବର୍ଗ ହେତୁ ସବୁଠାରେ ସରଂକ୍ଷିତ ବର୍ଗ ଠାରୁ ଅଧିକ ନମ୍ବର ଆବଶ୍ୟକ ହୁଏ, କେଉଁଠି ୧ ନମ୍ବର ତ କେଉଁଠି ୨ ନମ୍ବର ପାଇଁ କଟିଯାଏ । ଏମିତି ଧିରେଧିରେ ଫର୍ମ ପୂରଣ କରିବାରେ ସବୁ ଟଙ୍କା ସରିଗଲା । ସରକାରଙ୍କର ବି ଅଜବ ନୀତି ନିୟମ, ଧନୀ ହେଉ କି ଗରିବ ହେଉ ସଂରକ୍ଷିତ ବର୍ଗର ପିଲାଙ୍କ ପାଇଁ ସବୁ ସୁବିଧା ସୁଯୋଗ ଉପଲବ୍ଧ କିନ୍ତୁ ସାଧାରଣ ବର୍ଗର ପିଲାଟିଏ ଦିନକୁ ଦିଓଳି ଖାଇବାକୁ ନ ପାଇଲେ ମଧ୍ୟ ତା' ପାଇଁ କୌଣସି ସୁବିଧା ସୁଯୋଗ ଉପଲବ୍ଧ ନାହିଁ କିମ୍ବା କୋହଳ ନାହିଁ । ତେଣୁ ତାର ଚାକିରି ଆଶା ଧିରେଧିରେ ମଉଳି ଗଲା । ବାପାଙ୍କର ଯଦି ଜମିବାଡ଼ି ମେଞ୍ଚାଏ ଥାନ୍ତା ଚାଷ କରି ବଞ୍ଚି ଯାଇଥାନ୍ତା,ହାତରେ କିଛି ପୁଞ୍ଜି ଥାନ୍ତା ଯଦି ବେପାର ବଣିଜ କରି ଚଳନ୍ତା,ସେମିତି କିଛି ବି ହେଲାନି । ତନ୍ତ୍ର ମନ୍ତ୍ର,ପୂଜା ପଦ୍ଧତି ବି ଶିଖିଥିଲେ ସେଇଥିରେ କୌଣସି ମତେ ଚଳିଯାଇଥାନ୍ତା,ପାଠ ପଢି ପଢି ତାକୁ ମଧ୍ୟ ଶିଖିଲାନି । ସେ ବୁଝି ପାରିଲା ନାହିଁ ସାଧାରଣ ବର୍ଗରେ ଜନ୍ମ ଗ୍ରହଣ କରିବା ତା ପାଇଁ ଆଶୀର୍ବାଦ ନା ଅଭିଶାପ । କାମଧନ୍ଦା ଟିଏ ବହୁତ ଖୋଜା ଖୋଜି କଲା ହେଲେ କିଛି ମିଳିଲା ନାହିଁ । କୌଣସିି ଉପାୟ ନ ପାଇ ଶେଷରେ ମୁଣ୍ଡରେ ହାତ ଦେଇ କପାଳକୁ ନିନ୍ଦିବାକୁ ଲାଗିଲା ।

ଏହିପରି ଭାବରେ କିଛି ଦିନ ଅତିକ୍ରାନ୍ତ ହୋଇଗଲା,ଘରର ଅଭାବ ଅନଟନର କରୁଣ ଚିତ୍ର ଆଖିଆଗରେ ଝଲସି ଉଠୁଥାଏ । ଦିନକର କଥା, ଗୋବିନ୍ଦ ସନ୍ଧ୍ୟା ସମୟରେ ଗାଁ ମୁଣ୍ଡରେ ଥିବା ପୋଲ ଉପରେ ମନ ଦୁଃଖରେ ବସିଥିଲା । ହଠାତ୍ ତା କାନରେ ବାଜିଲା କେତେଜଣ ସୁରଟ ଯିବା ପାଇଁ କଥା ହେଉଥିଲେ । ସେମାନେ ତ ସବୁ ଅଧାରେ ପାଠ ଛାଡ଼ିଥିବା ପିଲା, ୟାକୁ କାହିଁକି ବା ସାଙ୍ଗରେ ନିଅନ୍ତେ ।

ତାଙ୍କ କଥା ଶୁଣିବା ମାତ୍ରେ ଗୋବିନ୍ଦ ଧାଇଁଗଲା ତାଙ୍କ ନିକଟକୁ, ଅନୁରୋଧ କଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାକୁ ମଧ୍ୟ ସାଙ୍ଗରେ ନେବା ପାଇଁ । ସେମାନେ ମଧ୍ୟ ଖୁସି ହୋଇଗଲେ ଯାହା ହେଉ ପଢା ପିଲା ଗୋଟେ ସାଙ୍ଗରେ ଯିବ ବୋଲି । ସତେ ଯେମିତି ଭାସିଯାଉଥିବା ବେଳେ କୁଟାଖିଅର ଆଶ୍ରା ମିଳିଯାଇଛି ତାକୁ । ଘରକୁ ଯାଇ ବାପାମାଆଙ୍କୁ ସବୁ କଥା କହିଲା । ପୁଅର କଥା ଶୁଣି ବାପାମାଆଙ୍କର ଆଖିରୁ ଧାର ଧାର ହୋଇ ଲୁହ ବୋହିଗଲା । ମାଆଙ୍କ କଥା ତ କହିଲେ ନ ସରେ, "କୁଆଡେ ବିଦେଶକୁ ଯିବୁରେ ଧନ କାମ କରିବାକୁ, ମୁଁ ପଛେ ମୂଲ ଲାଗିବି ତୁ ଆମକୁ ଛାଡ଼ି କୁଆଡେ ବି ଯିବୁନାହିଁ । ତୁ ଆମ ପାଖରେ ଥାଉ ଥାଉ ଆମର ଆଉ କିଛି ଧନ ସଂପତ୍ତି ଦରକାର ନାହିଁରେ ପୁଅ, ତୋତେ ମୁହୂର୍ତ୍ତେ ବି ଛାଡ଼ି ବଞ୍ଚିପାରିବି ନାହିଁ ।" ବାପାଙ୍କର ହୃଦୟର କୋହକୁ ତ ଭାଷାରେ ପ୍ରକାଶ କରିହେବ ନାହିଁ । ପୁଅର ମାନସିକ ଚିନ୍ତାରେ ଚିନ୍ତିତ ହୋଇ ଆଖିରୁ କେବଳ ଧାରଧାର ଲୁହ ବୋହିଯାଉଥିଲା ସିନା ମୁଖରୁ ବଚନ ବାହାରୁ ନଥିଲା । ଗୋବିନ୍ଦ ବା ଆଉ କଣ କରିପାରିଥାନ୍ତା, ତା ପାଖରେ କିଛି ଉପାୟ ନଥିଲା । ସେ ବୁଝିଥିଲା ଗାଁରେ ରହି ସବୁଦିନ କଷ୍ଟରେ ଜିଇଁବା ଅପେକ୍ଷା ବାହାରକୁ ଯାଇ ଦୁଇ ପଇସା ରୋଜଗାର କଲେ ଘରର ଆବଶ୍ୟକତା ବି ପୂରଣ କରିପାରିବ ଏବଂ ଦୁଇ ପଇସା ଭବିଷ୍ୟତ ପାଇଁ ମଧ୍ୟ ସଞ୍ଚୟ କରିପାରିବ । ତେଣୁ ବହୁତ ବୁଝାଇ ସୁଝାଇ ବାପାମାଆଙ୍କୁ ରାଜି କରାଇଲା ଏବଂ ପରଦିନ ସକାଳୁ ସାଙ୍ଗ ମାନଙ୍କ ସହିତ ସୁରଟ ଯିବାକୁ ବାହାରିଲା । ଯିବାବେଳେ ମାଆ ପୁଅ ହାତକୁ ବାଟଖର୍ଚ୍ଚ ପାଇଁ କିଛି ଟଙ୍କା ଓ ଗଣ୍ଡେ ମୁଢ଼ି ବଢାଇ ଦେଇ ପୁଅକୁ କୁଣ୍ଢାଇ କାନ୍ଦିବାକୁ ଲାଗିଲେ, "ଧନରେ ଝଅଟ ଫେରିଆସିବୁ, ମୁଁ ତୋ ଫେରିବା ବାଟକୁ ଚାହିଁ ବସିଥିବି, ବାଟରେ ମୁଢ଼ି ଗଣ୍ଡାକ ଖାଇଦେବୁ ଆଉ ସାଙ୍ଗରୁ ଅଲଗା ହୋଇ କୁଆଡ଼େ ବି ଯିବୁନି ।" ଏମିତି ତିଆରି କରି ଅଶ୍ରୁଳ ନୟନରେ ପୁଅକୁ ବିଦାୟ ଦେଲେ । ଏହି ଦୃଶ୍ୟ ଯିଏ ଦେଖିବ ତା' କଥା ଛାଡ,ଯିଏ ଶୁଣିବ ବି ଆଖିରୁ ଲୁହ ଝରିଯିବ । ଏହା ହେଉଛି ମାଆର ମମତା । ଏହି ସଂସାରେ ମିଳୁଥିବା ସବୁଠାରୁ ମୂଲ୍ୟବାନ ତଥା ଦୁର୍ଲଭ ଜିନିଷ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ହେଉଛି ମାଆର ମମତା । ମାଆର ବାତ୍ସଲ୍ୟ ମମତା ଟିକକ ପାଇବା ପାଇଁ ଭଗବାନ ମଧ୍ୟ ବାରମ୍ବାର ମର୍ତ୍ତ୍ୟରେ ଜନ୍ମ ନିଅନ୍ତି । ଗାଁର ପୋଷ୍ଟ ମାଷ୍ଟର ବାବୁ ମଧ୍ୟ ତାକୁ ବହୁତ ଭଲ ପାଆନ୍ତି, ସେ ମଧ୍ୟ ଗୋବିନ୍ଦ ହାତରେ କିଛି ଟଙ୍କା ଦେଲେ ଆଉ ନିଜର ମୋବାଇଲ୍ ନମ୍ବରଟି ଦେଇଥିଲେ ସୁବିଧା ଅସୁବିଧା ଜଣାଇବା ପାଇଁ ।

ଏହିଠାରୁ ଗୋବିନ୍ଦର ଆଉ ଏକ ନୂଆ ଜୀବନ ଆରମ୍ଭ ହେଲା । ରେଳଗାଡ଼ିରେ ପ୍ରଥମ କରି ବସୁଥିବା ଗୋବିନ୍ଦକୁ ସବୁକିଛି ନୂଆ ନୂଆ ଲାଗୁଥାଏ । କାହା ସହିତ କେମିତି କଥା ହେବ କେମିତି ମିଳାମିଶା କରିବ ଜାଣିପାରୁ ନଥାଏ । ସେ କେବଳ ଦେଖୁଥାଏ କିଏ କାହାସହ କିଭଳି ମିଳାମିଶା କରୁଛି କିଭଳି କଥାବାର୍ତ୍ତା କରୁଛି, ବାସ୍ ସେହି ଢଙ୍ଗରେ ନିଜକୁ ବି ପ୍ରସ୍ତୁତ କରିନେଲା । ଦୀର୍ଘ ଦୁଇ ଦିନର ଯାତ୍ରା ପରେ ଯଥା ସ୍ଥାନରେ ସକୁଶଳ ପହଞ୍ଚି ଗଲେ । ସେ ଦିନର ବିଶ୍ରାମ ପରେ ପରଦିନ ଠାରୁ ଗୋଟିଏ ସୂତା କଳରେ କାମ କଲେ । ସେପଟେ ସେହି ଦିନସାରା ଗୋବିନ୍ଦର ମାଆ ସକାଳୁ ସଂଜ ଯାଏ ଦାଣ୍ଡ ଦୁଆରଟାରେ ବସିରହି ପୁଅର ଯିବା ବାଟକୁ ଚାହିଁ ଆଖିରୁ ଲୁହ ଝରାଉଥାନ୍ତି, ମନେମନେ ଭାବୁଥାନ୍ତି ଭଲରେ ପହଞ୍ଚିଲା କି ନାହିଁ, ଖାଇଲା କି ନାହିଁ ଏମିତି କେତେ କଣ । ବେଳେବେଳେ ଠାକୁରଙ୍କୁ ଡାକୁଥାନ୍ତି ତାଙ୍କ ପୁଅକୁ ଭଲରେ ପହଞ୍ଚାଇଦେବା ପାଇଁ ।

ଏମିତି ଧିରେ ଧିରେ ଏକ ମାସ ବିତିଗଲା । ମାସ ଶେଷରେ ତା'ର ପରିଶ୍ରମର ଫଳ, ତା' ଜୀବନର ପ୍ରଥମ ରୋଜଗାର ୮୦୦୦ ଟଙ୍କା ହାତରେ ଧରିଲା । ହାତରେ ଟଙ୍କାକୁ ଧରି ଆଖି ତାର ଛଳଛଳ ହୋଇଗଲା, କିଛି କ୍ଷଣ ନିରେଖି ଚାହିଁ ରହିଲା । ଦରମାରେ ୧୫୦୦ ଟଙ୍କା ଦେଇ ଗୋଟିଏ ମୋବାଇଲ୍ କିଣିଲା ଏବଂ ପୋଷ୍ଟ ମାଷ୍ଟର ବାବୁଙ୍କୁ ଫୋନ୍ କଲା । ସେ ଭାରି ଖୁସି ହେଲେ ଏବଂ ପୁଅ ଫୋନ୍ କରିଛି କହି ତାର ମାଆଙ୍କୁ ମୋବାଇଲ୍ ଟିକୁ ଦେଲେ । ପୁଅର ବାଟକୁ ଚାତକ ପରି ଚାହିଁ ବସିଥିବା ମାଆ ଦଉଡ଼ି ଆସିଲେ, ପୁଅ କଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣି ଆଖିରୁ ଝରି ପଡୁଥାଏ ଆନନ୍ଦର ଅଶ୍ରୁ । ଏତେ ଦିନରେ ପୁଅ ଆଜି ମୋର ମନେ ପକାଇଛି, ଭଲ ଅଛୁନାରେ ବାପା, ଖାଉଛୁନାରେ ବାପା, ଘରକୁ କେବେ ଆସିବୁରେ ଧନ ? ଏମିତି କେତେ କଣ ପ୍ରଶ୍ନ ଏକା ନିଶ୍ୱାସରେ ପଚାରିଗଲେ । କିଛି ସମୟ କଥା ହେବାପରେ ପୁଅ କାମକୁ ଯିବ କହି ଫୋନ୍ କାଟିଦେଲା । ବାପାମାଆଙ୍କୁ ଏବେ ଟିକିଏ ଆଶ୍ୱସ୍ତି ମିଳିଲା ।

ଇତି ମଧ୍ୟରେ ଛଅମାସ ବିତି ସାରିଥାଏ, ଚୀନ ଦେଶରୁ କରୋନା ବୋଲି ଗୋଟିଏ ରୋଗ ମାଡିଆସିଲା । ଚାହୁଁଚାହୁଁ ଦେଶ ବିଦେଶ ସବୁଆଡେ ବ୍ୟାପିଗଲା । ଗାଁ ଗଣ୍ଡା, ସହର ନଗର ସବୁଠି କରୋନାକୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଗଲା । ସମସ୍ତ ଦୋକାନ ବଜାର, ଗାଡ଼ି ମଟର, ସ୍କୁଲ କଲେଜ ବନ୍ଦ ହୋଇଗଲା । ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ କମ୍ପାନୀ କାମ ବନ୍ଦ କରିଦେଲା, ଦରମା ବି ଦେଲାନି । ଗୋବିନ୍ଦ କିଛି ବୁଝି ପାରୁନଥାଏ, ସେଇଠି ରହିବ ବି କେମିତି କିମ୍ବା ଘରକୁ ଯିବ ବି କେମିତି । ଭୋକ ଉପାସରେ ବଞ୍ଚିବା ଅପେକ୍ଷା ଯେମିତି ବି ହେଉ ପଛକେ ଘରକୁ ଚାଲିଆସିବା ପାଇଁ ସାଙ୍ଗମାନେ ଯୋଜନା କଲେ । ସମସ୍ତେ ଗୋଟିଏ ଗୋଟିଏ ସାଇକେଲ୍ କିଣି ବାହାରି ପଡ଼ିଲେ ଘର ଅଭିମୁଖେ । ଦୀର୍ଘ ୨୦ ଦିନର ଯନ୍ତ୍ରଣା ଦାୟକ ଯାତ୍ରାପରେ ସେମାନେ ଆସି ଗାଁରେ ପହଞ୍ଚିଲେ । ବିଡ଼ମ୍ବନାର ବିଷୟ ସେମାନେ ଏତେ ଦିନପରେ ଆଉ ଏତେ କଷ୍ଟରେ ଗାଁରେ ଆସି ପହଞ୍ଚିଲେ କିନ୍ତୁ ନିଜ ନିଜ ଘରକୁ ଯିବାକୁ ତାଙ୍କୁ ଅନୁମତି ମିଳିଲା ନାହିଁ । ଗାଁର ଶେଷ ମୁଣ୍ଡରେ ଥିବା ଗୋଟିଏ ଉଚ୍ଚ ବିଦ୍ୟାଳୟକୁ ପ୍ରବାସୀଙ୍କ ପାଇଁ ସଙ୍ଗରୋଧ କେନ୍ଦ୍ର କରାଯାଇଥିଲା, ସେଇଠି ତାଙ୍କୁ ରହିବାକୁ ଦିଆଗଲା । ପ୍ରବାସୀଙ୍କ ପାଇଁ ସରକାର ସବୁ ବ୍ୟବସ୍ଥା କରିଥିଲେ ସେଠାରେ, ସେ ଅଞ୍ଚଳର ଦାୟିତ୍ୱ ସରପଞ୍ଚ ମହାଶୟଙ୍କ ଉପରେ ନ୍ୟସ୍ତ ଥିଲା । ସବୁଆଡେ ପ୍ରଚାର ହୋଇଗଲା ଯେ ଗୋବିନ୍ଦ ସୁରଟରୁ ଆସିଛି, ତାକୁ କାଳେ କରୋନା ହେଇଛି । ସେଇଥି ପାଇଁ ତାକୁ ସ୍କୁଲରେ ରଖିଛନ୍ତି । ଆଖ ପାଖ ଲୋକ ଡରିବାକୁ ଲାଗିଲେ । ଧିରେ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଧିରେ ଗୋବିନ୍ଦର ମାଆ କାନକୁ କଥାଟା ଗଲା, ପୁଅ ସୁରଟରୁ ଆସିଛି ଆଉ ଘରକୁ ନଆସି ସ୍କୁଲରେ ରହୁଛି । ଦୁଃଖରେ ଛାତି ଫାଟିପଡ଼ିଲା ତାଙ୍କର, ଏକା ନିଶ୍ୱାସକେ ଧାଇଁଲେ ସ୍କୁଲକୁ ପୁଅକୁ ଆଣିବା ପାଇଁ । ଫାଟକ ଖୋଲି ଭିତରକୁ ପଶିବାକୁ ଉଦ୍ୟତ ହେବାବେଳେ ସରପଞ୍ଚ ମହାଶୟ ବାରଣ କଲେ । ଭିତରକୁ କେହି ଯାଇପାରିବେ ନାହିଁ କିମ୍ବା ଭିତରୁ କେହି ବାହାରକୁ ବାହାରି ପାରିବେ ନାହିଁ । ମାଆ ପୁରା ରାଗିଯାଇ କହିଲେ, "ପୁଅ ମୋର କେତେ ଦୂରରୁ ଆସିଛି, ୬ ମାସ ହେଲା ତା'ର ମୁହଁ ଟିକେ ମୁଁ ଦେଖିନାହିଁ ଆଉ ତୁମେ ତାକୁ ଘରକୁ ନଛାଡିକି ଏଇଠି ଅଟକାଇ ରଖିଛ । ମୋ ପୁଅକୁ ତୁମେ ଛାଡ଼ ନହେଲେ ମୁଁ ନିଜେ ଯାଇକି ଆଣିବି ।" ସରପଞ୍ଚ ମହାଶୟ ବୁଝାଇବାକୁ ଚେଷ୍ଟା କଲେ, ସେମାନେ କରୋନା ହେଉଥିବା ଜାଗାରୁ ଆସିଥିବାରୁ ତାଙ୍କୁ ଔଷଧ ଦେଇ ୧୪ ଦିନ ପରେ ଛାଡ଼ି ଦିଆଯିବ ।

ତାଙ୍କ କଥାଶୁଣି ମାଆ କହିଲେ, "୧୪ ଦିନ ! ନା ହେଇପାରିବନି ମୁଁ ତାକୁ ଆଜି ନେଇକି ଯିବି, ମୋର ସେ କରୋନା ଫରୋନା ଦରକାର ନାହିଁ ତାକୁ ତୁମେ ରଖ ଆଉ ମୋ ପୁଅକୁ ଛାଡ଼ । ମୋ ପୁଅକୁ ଆଗ ଦେଖାଅ ମୁଁ ତାକୁ ଟିକେ ଦେଖେ ।" ପୁଅ ଆସିବା କ୍ଷଣି ଦେଖିଲେ ତା ମୁହଁରେ କଣ ଗୋଟେ ବାନ୍ଧି ଦିଆହୋଇଛି । ମାଆ ପୂରା ରାଗିକି ଲାଲ୍, "ତୁମେ ଟଙ୍କା ପାଇଁ ମୋ ପୁଅକୁ ଏଇଠି ରଖିଛ, ତା' ପାଟିରେ ବାନ୍ଧି ଦେଇଛ ଯେମିତି କାହାକୁ ଡାକି ପାରିବ ନାହିଁ ବୋଲି । ମୋତେ କରୋନା ବୋଲି ଠକୁଛ ।" କାହାରି ବୁଝାଇବାରେ ବୁଝିଲେନି ଗୋବିନ୍ଦ ଯେତେବେଳେ ନିଜେ ବୁଝାଇଲା ମାଆ ବୁଝିଲେ । ପୁଅକୁ ସ୍କୁଲରେ ଛାଡ଼ି ଯିବାକୁ ଇଚ୍ଛା ନଥିଲେ ବି କାନ୍ଦି କାନ୍ଦି ଘରକୁ ଗଲେ ।

ଗୋବିନ୍ଦ ଆଉ ତାର ସାଙ୍ଗମାନେ ସଙ୍ଗରୋଧ କେନ୍ଦ୍ରରେ ରହିଥାନ୍ତି । ଦିନେ ଦୁଇଦିନ ଭଲରେ ଗଲା ତାପରେ କେବେ ନିମ୍ନ ମାନର ଖାଦ୍ୟ ମିଳେ ତ କେବେ ବାସି ଖାଦ୍ୟ ମିଳେ । କେବେକେବେ ସକାଳେ ଆଉ ରାତିରେ ବିସ୍କୁଟ୍ ଖାଇବାକୁ ଦିଆଯାଏ । ସରକାର ଟଙ୍କା


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖର୍ଚ୍ଚକରି ସବୁ ବ୍ୟବସ୍ଥା କରିଛନ୍ତି ହେଲେ ସରପଞ୍ଚ ମହାଶୟ ତାଙ୍କ ଇଚ୍ଛା ଅନୁସାରେ ଦିଅନ୍ତି । କିନ୍ତୁ ଗୋବିନ୍ଦ ଆଉ ତାର ସାଙ୍ଗମାନେ ଏଥିରେ କେବେ ପ୍ରତିବାଦ କରନ୍ତି ନାହିଁ, ସେମାନେ ଭାବନ୍ତି ଯାହାହେଉ ଖାଇବାକୁ ତ ଗଣ୍ଡେ ମିଳୁଛି । ଏମାନେ ତ ସହଜରେ ବାହାର ରାଜ୍ୟରୁ ଆସିଛନ୍ତି ଆଉ ଗାଁ ପିଲା ମଧ୍ୟ କାହାରିକୁ କିଛି କହିବାର ସାହସ କରିପାରନ୍ତି ନାହିଁ । ସେମିତି ତାଙ୍କର ଦିନ ବିତୁଥାଏ, ଏପଟେ ଘରେ କିନ୍ତୁ କଥା ଟିକେ ଅଲଗା । ଗୋବିନ୍ଦର ବାପାମାଆଙ୍କୁ କେହି ଛୁଇଁଲେ ନାହିଁ କିମ୍ବା ତାଙ୍କ ଘରକୁ ମଧ୍ୟ କେହି ଆସିଲେ ନାହିଁ । ତାଙ୍କ ଘର ସାମ୍ନାରେ ମଧ୍ୟ କେହି ଯାଆଆସ କଲେ ନାହିଁ । ତାଙ୍କ ଘରପଟେ ଥିବା ଦ୍ୱାରକୁ ବନ୍ଦ କରିଦେଲେ ଏବଂ ଅଲଗା ପଟେ ରାସ୍ତା କଲେ । ଗୋବିନ୍ଦର ମାଆ ଯେଉଁଠିକୁ ସଉଦା ଆଣିବାକୁ ଗଲେ ତାଙ୍କୁ ଦିଆଗଲା ନାହିଁ । ସେ ଯେଉଁଠୁ ପାଣି ଆଣିଲେ ସେଇଠୁ ଆଉ କେହି ପାଣି ନେବାକୁ ଆସିଲେନି । କରୋନା ସମ୍ବନ୍ଧରେ ଅଜ୍ଞତା ଆଉ ସଚେତନତାର ଅଭାବ ଯୋଗୁଁ ଲୋକମାନଙ୍କର ମାନସିକତା ସଂପୂର୍ଣ୍ଣ ରୂପେ ବଦଳି ଯାଇଥିଲା । ଲାଗୁଥିଲା ଯେମିତି ଗୋବିନ୍ଦ ସୁରଟ ଯାଇନଥିଲା, ଯାଇଥିଲେ ତା'ର ବାପାମାଆ । ତାଙ୍କ ପରିବାରକୁ ଏକ ପ୍ରକାର ସାମାଜିକ ବାସନ୍ଦ କରିଦିଆଯାଇଥିଲା ।

ଶେଷରେ ଗୋବିନ୍ଦର କରୋନା ନେଗେଟିଭ୍ ଆସିଲା ଏବଂ ସଙ୍ଗରୋଧ କେନ୍ଦ୍ରରୁ ଖୁସିମନରେ ମା କୋଳକୁ ଫେରିଆସିଲା । ମାଆ ତାକୁ କୁଣ୍ଢାଇଧରି ଭୋଭୋ ହୋଇ କାନ୍ଦିବାକୁ ଲାଗିଲେ । ଗୋବିନ୍ଦ ମାଆଙ୍କ ଆଖିରୁ ଲୁହ ପୋଛିଦେଇ କହିଲା ଆଉ କେବେ ବାହାରକୁ ଯିବନାହିଁ, ଏବେଠାରୁ ତାଙ୍କପାଖରେ ହିଁ ରହିବ । ଗୋବିନ୍ଦ ଏଥର ସାଙ୍ଗରେ ଆଣିଥିବା ୧୫୦୦୦ ଟଙ୍କାରେ ଗାଁ ଛକରେ ଗୋଟିଏ ଦୋକାନ ଦେଇ ବସିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପମୃତ୍ୟୁ ପାଇଁ କିଏ ଦାୟୀ



ବିଦ୍ୟାଧର ପଣ୍ଡା

ନିଆଶା ! ନିଆଶା ! ଆରେ ଆମେପରା ସାତଟାରେ ବାହାରିବା କଥା । ତୋ'ପରୀକ୍ଷା ଏଗାରଟାରେ ଆରମ୍ଭ ହେବ । ଅର୍ଥାତ୍ ସେମାନେ ଦଶଟା ଚାଳିଶରୁ ହଲ୍ ଟିକେଟ ଆଦି ଦେଖାଦେଖି ଚାଲୁକରିବେ । ଏବେ ସାତଟା ବାଜିଲାଣି । ତୁ ନିତ୍ୟକର୍ମ ସାରୁସାରୁ ଘଂଟାଏ । ବାଟରେ ଯଦି ବାନ୍ତିହେଲା ! ରହିରହି ଯିବାକୁ ହେବ । ଗାଡି ଘୋଡା କଥା । ଜଲଦି ତଳକୁ ଆସି ତୋ'କାମ ସାରିଦେ । ଗାଧୁଆଘର ଫାଙ୍କା ଅଛି । ମୋ'କାମ ମୁଁ ସାରିଦେଇଛି । କରୋନାକାଳରେ ରାସ୍ତାରେ କିଛି ଖାଇବାକୁ ମିଳିବନି, ଅଳ୍ପକିଛି ଜଳଖିଆ ଖାଇ ଦୁହେଁ ଘରୁ ବାହାରିବା । ଆ, ଆ, ଜଲଦି ଜଲଦି ତୋ'କାମ ସାରିଦେ, ମାଆ ଅମ୍ବୀକାଙ୍କ ପାଖରେ ନଡିଆଟିଏ ଭାଙ୍ଗି ତୋ ପରୀକ୍ଷା ହଲକୁ ଯିବା । ଏଥର ମୋ'ମାଆର ଲାଗୁଛି ନିଶ୍ଚିତ କ୍ଲିୟର୍ ହେବ । ଶାନ୍ତି ! ଶାନ୍ତି ! ନିଆଶାକୁ ଡାକ । ମୁଁ ଯେତେ କହିଲି ପରୀକ୍ଷା ପୂର୍ବରାତିରେ ବେଶି ଅନିଦ୍ରା ନହୋଇ ଭଲରେ ବିଶ୍ରାମ କଲେ ମୁଣ୍ଡ ଥଣ୍ଡା ରହିବ, ମୋ କଥାକୁ କ'ଣ ଶୁଣିଲା ! ଏବେ ଶେଯରୁ ଉଠି ମୁଣ୍ଡ କୁଣ୍ଢେଇବାକୁ ଯିବ ଘଂଟାଏ । ଆଜି ଲାଗୁଛି ଠିକ୍ ସମୟରେ ଆଦୌ ପହଁଚି ହେବନି । ଶାନ୍ତିଲତା ଶୋଇବାଘରୁ ଝପଟି ଆସି ଗାଧୁଆଘରେ ପଶିଲା ବେଳକୁ ଦୁଃଖୀରାମ ବାଟ ଓଗାଳି କହିଲେ ଦୁଇମିନିଟ୍‌ରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାରିବ । ବେଶୀ କୁଣ୍ଠାକୁଣ୍ଠି କାମ ଥିଲେ, ନିଆଶା ନିତ୍ୟକର୍ମ ସରିବାପରେ ତୁମେ ପଶିବ । ଶାନ୍ତିଲତା ମୁହଁମୋଡି ଦୁଃଖିରାମକୁ କହିଲେ ବାରିପଦାରୁ ବାଲେଶ୍ୱର ଘଂଟାକର ବାଟ । ଏଗାରଟାରେ ପରୀକ୍ଷା । କାଲି ମୋ'ଝିଅ ଶୋଉଶୋଇ ଦୁଇଟା କି ତିନିଟା ବାଜିଥିବ । ଚାରିଘଂଟା ପାଂଚଘଂଟା ଶୋଇବା କଥା । କାହିଁକି ସକାଳୁ ସକାଳୁ ରଡ଼ି ଉପରେ ରଡ଼ି ଛାଡି ତାକୁ ଡାକୁଛ ? ସିଏ ବଳେ ଠିକ୍ ସମୟରେ ତଳକୁ ଆସିବ । ସାତଟାରୁ ସାଢେ ସାତଟା ଯାଇ ଆଠଟା ହେଲା । ନିଆଶା ତଳକୁ ଆସୁନି । ଶେଷରେ ଶାନ୍ତିଲତା ଶିଡିଚଢି ନିଆଶାର ପଢାଘର କବାଟ ଠକ୍ଠକ୍ କଲେ । ଭାବିଲେ ଗାଢ ନିଦ ହୋଇଯାଇଛି ବୋଧେ । କିଛି ସମୟ ଠକ୍ଠକ୍ କଲାପରେ ନଖୋଲିବାରୁ ପଡ଼ୋଶୀ ଘର ଛାତରେ ଟହଲୁଥିବା ଦୁଷ୍ମନ୍ତ ବାବୁଙ୍କୁ ଡାକିଲେ । ଦୁଷ୍ମନ୍ତବାବୁ ଘରୁ ଶାବଳଆଣି କବାଟ ମଝିଫାଙ୍କରେ ପୁରେଇ ତେଢିଦେବାରୁ ଦେଖାଗଲା ଯେ ନିଆଶା ଶରୀର ତା'ରି ଓଢଣିରେ ବନ୍ଧାହୋଇ ଛାତ ପଙ୍ଖାତଳକୁ ଝୁଲୁଛି । ମାଆ ଶାନ୍ତିଲତାଦେବୀ ବେହୋସ୍ ହୋଇ ତଳେ ପଡିଗଲେ । ବାପା ଦୁଃଖୀରାମ ଜୋରରେ "ନିଆଶା ନିଆଶା ମୋଝିଅ ମୋ ମାଆ" ବୋଲି ଚିତ୍କାର କରି କାନ୍ଦିକାନ୍ଦି ଗଡିବାକୁ ଲାଗିଲେ ।

ଦୁଃଖୀରାମ ପାହାନ୍ତିଆରୁ ଉଠି ନିଜର ନିତ୍ୟକାମ ସାରି ଉପରମହଲା ଝରକାକୁ କେତେଥର ଚାହିଁଲେଣି । ନିଆଶା ତା'ପଢାଘର ଆଲୁଅ ଜଳଉନି ଦେଖି ଭାବୁଛି ଗତରାତିରେ ବୋଧେ ବେଶୀରାତି ଯାଏ ଅନିଦ୍ରା ରହିଥିଲା । ବାରିପଦାରୁ ବାଲେଶ୍ୱର ଯିବାକୁ ମୋଟରସାଇକେଲରେ ଦେଢଘଂଟା ଉପରେ ଲାଗିବ । ତା'ପରେ ପରୀକ୍ଷା କଥା । ଘଂଟାଏ ଆଗରୁ ନପହଁଚିଲେ ନହୁଏ । ଏଗାରଟାରେ ଏନ୍ଇଇଟି ପରୀକ୍ଷା ଆରମ୍ଭ ହେବବୋଲି ବାପା ଦୁଃଖୀରାମ ଝିଅ ନିଆଶାକୁ କାଲି ରାତିରେ କହିଥିଲେ ସକାଳ ସାତଟାରେ ବାହାରିବାକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଆଶାର ମୋଟରସାଇକେଲ୍ ପଛରେ ବେଶୀ ବାଟଗଲେ ବାନ୍ତି ହୁଏ । ସେଥିପାଇଁ କମଳାଲେମ୍ବୁ କିଲେ କିଣି ମୋଟରସାଇକେଲ୍ ଗାଡିଡିକିରେ ରଖିଥିଲେ । ଆରଥରକ ଅଳ୍ପନମ୍ବର କମିବାରୁ ସରକାରୀ ମେଡିକାଲ୍ କଲେଜରେ ସିଟ୍ ମିଳିଲାନି । ଦୁଃଖୀରାମ ଝିଅ ନିଆଶାକୁ ବୁଝେଇ କହିଲେ ବର୍ଷେ ରହିଯା' । ଯାହା କୋଟାରେ କୋଚିଂବେଳେ ପଢିଛୁ ଘରେ ରହି ରିଭିଜନ୍ କରିଦେ, ଦେଖିବୁ ଆରଥରକୁ ନିଶ୍ଚୟ ବାଜିଯିବ । ନିଆଶାର କକାଝିଅ ଚଂଚଳ ତା'ଠାରୁ ଛଅମାସ ସାନ । ଏକାସାଙ୍ଗରେ କୋଚିଂ ନେଉଥିଲେ । କକାକାକୀ ଦୁହେଁ ଚାକିରିଆ । ପଇସା ଅଛି, ତେଣୁ ଚଂଚଳକୁ କର୍ଣ୍ଣାଟକର ମଣିପାଲରେ ଗୋଟେ ଘରୋଇ ମେଡିକାଲ୍ କଲେଜରେ ଦଶଲକ୍ଷ ଟଙ୍କା ଡୋନେସନ୍ ଦେଇ ଆଡ଼ମିସନ୍ କରେଇଦେଲେ । ଆଉଗୋଟେ ପିଉସୀଝିଅ ତାଠାରୁ ଆଠମାସେ ସାନ, ତା'ସାଙ୍ଗରେ ସିଏ ବି କୋଟା ଯାଇଥିଲା ଯେ ପ୍ରଥମ ଥରରେ ବଜେଇଦେଲା । ଗତବର୍ଷ ଏନ୍ଇଇଟି ପରୀକ୍ଷା ଦେଲାବେଳେ ତିନିଜଣ ଯାକ ଗୋଟିଏ କାରରେ ବାରିପଦାରୁ ବାଲେଶ୍ୱର ଯାଇ ପରୀକ୍ଷା ଦେଇଥିଲେ । ଫଳ ବାହାରିବା ଦିନଠାରୁ ଚାରିଦିନ ଯାଏ ନିଆଶା କାନ୍ଦିକାନ୍ଦି ତା'ଆଖି ଫୁଲି ଯାଇଥିଲା । ମାଆବାପା କେତେ ବୁଝେଇଲା ପରେଯାଇ ଚାରିଦିନରେ ଭାତ ଖାଇଥିଲା । ଏହାଠାରୁ ସାନ ସେ ଦୁଇଭଉଣୀ ଏବେ ମେଡିକାଲ୍ କଲେଜରେ ପଢୁଛନ୍ତି । ଘରେ ବେଳେବେଳେ ଯାଙ୍କ ବିଷୟରେ କଥାପଡିଲେ ସମସ୍ତେ କୁହନ୍ତି ନିଆଶା ସମସ୍ତଙ୍କଠାରୁ ବଡ ହେଲେ କ'ଣ ହେବ ପରୀକ୍ଷାରେ ଭଲ କରିପାରୁନି । ଏଥିରେ ତା'ଙ୍କଠାରୁ ବର୍ଷେ ପଛେଇଗଲା । ବାପାମାଆ ବଳଦେଇ କୁହନ୍ତି ବର୍ଷେ ଆଗପଛ କିଛି ବଡକଥା ନୁହେଁ । ତୁ ଏଥର ଚେଷ୍ଟାକର ନିଶ୍ଚିତ ପାସ୍ ହେବୁ । ନିଆଶା ବି ପ୍ରଥମରୁ ପ୍ରତ୍ୟହ ଚଉଦଘଂଟା ପରିଶ୍ରମ କରିଛି । ମନେମନେ ଭାବେ ଏଥର ନିଶ୍ଚିତ କ୍ଲିୟର୍ ହୋଇଯିବ । କିନ୍ତୁ ବେଳେବେଳେ ଡରଲାଗେ ଯଦି ନହେଲା !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ଭାବିଭାବି ଦିନେଦିନେ ତା'କୁ ରାତିରେ ନିଦ ହୁଏନି । ଏନ୍‌ଇଇଟି ପରୀକ୍ଷା ଯେତେ ପାଖେଇ ଆସୁଥାଏ ନିଆଶାର ଛାତିର ସ୍ପନ୍ଦନ ସେତେ ବୃଦ୍ଧି ପାଉଥାଏ ।

ଆଉ ଆଗକୁ ଚାରିଦିନ ବାକି ଅଛି । ନିଆଶା ପିଉସୀ ଝିଅ ଯିଏ ପ୍ରଥମଥର ଏନ୍‌ଇଇଟି କ୍ଲିୟର୍ କରି କଟକ ଏସ୍‌ସିବି ମେଡିକାଲ୍ କଲେଜରେ ପଢୁଛି ତା'ସହ କଥା ହେଲା । କରୋନାରେ ସବୁ ସ୍କୁଲ୍ କଲେଜ ବନ୍ଦ । ଏବେ ସମସ୍ତେ ଘରେ ଅଛନ୍ତି । ସିଏ ଦୁଇଦିନ ଆସି ତା'ପାଖରେ ରହି ତାକୁ କିଛି ପାଠ ବୁଝେଇବାକୁ ରାଜି ହେଲା । ଏଥର ଏନ୍‌ଇଇଟି ପରୀକ୍ଷା ଥିଲା ରବିବାର, ମାନେ ସେପ୍ଟେମ୍ବର ୧୩ତାରିଖ । ନିଆଶାର ପିଉସୀ ଝିଅ ତିନିଦିନ ପୂର୍ବରୁ ସେପ୍ଟେମ୍ବର ୧୦ତାରିଖ ସକାଳେ ଆସି ପହଁଚି ତା'କୁ ପାଠ ବୁଝେଇବାକୁ ଲାଗିଲା । ସିଏ ତା ପରଦିନ ୧୧ତାରିଖ ରାତିରେ ତା'ଙ୍କ ଘରକୁ ଫେରିଯିବା ବେଳେ ଆଗାମୀ ଦୁଇଦିନ ଭିତରେ କ'ଣ କ'ଣ ସବୁ ନିଆଶାକୁ ପାଠ ସାରିବାକୁ ହେବ କହିଗଲା । ମଝିରେ ମଝିରେ କିଛି ବୁଝି ନପାରିଲେ ସିଏ ଫୋନରେ ସେ ପିଉସୀଝିଅକୁ ପଚାରେ । ୧୨ତାରିଖ ସକାଳେ ସିଏ ଦେଖିଲା ଆଉରି ଦୁଇଦିନର ପାଠ ବାକିଅଛି । ତା'କୁ ଡରଲାଗିଲା । ପରୀକ୍ଷା ପୂର୍ବ ସନ୍ଧ୍ୟାରେ ମାଆଙ୍କୁ କହିଲା ମୋତେ ଆଜି କିଛି ମୁଢିମିକ୍ସର ଦିଅ । ମୋର ପାଠ ବହୁତ ବାକିଅଛି । ରାତ୍ରୀ ଭୋଜନ ଖାଇଲେ ନିଦ ଲାଗିବ । ମୁଁ ଏସବୁ ନେଇ ମୋ ପଢାଘରକୁ ଚାଲିଯାଉଛି । କାଲି ସାତଟାରେ ବାପାଙ୍କୁ କହିବ ପ୍ରସ୍ତୁତ ରହିବେ ଆମେ ପରୀକ୍ଷା ଦେବାକୁ ବାଲେଶ୍ୱର ଯିବା । ମୋତେ ରାତିରେ ଆଉ କେହି ଡିଷ୍ଟର୍ବ କରିବନି । ଏମିତି କହି ମୁଢିଡିବା ଏବଂ ମିକ୍ସର୍ ପ୍ୟାକେଟ୍ ନେଇ ଉପରମହଲାରେ ଥିବା ତା'ର ଏକାନ୍ତ ପଢାଘର ଭିତରକୁ ପଶି କବାଟ କିଳିଲା । ନଅଟା ଯାଏ ପାଠ ଭଲରେ ପଢିଛି । କିଛି ପାଠ ବୁଝିବାକୁ ପିଉସୀ ଝିଅକୁ ଶେଷଫୋନ୍ କରିଛି ସେହି ରାତିଦଶଟାରେ । ତାପରେ ମୋବାଇଲରୁ ସେହି ପିଉସୀ ଝିଅକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପନ୍ଦର କି ଷୋଳଥର ଫୋନ୍ ଲଗେଇଛି । ଦଶଟାପରେ ଏଗାରଟା କୋଡିଏ, ଏଗାରଟା ପଚିଶ, ଏଗାରଟା ବତିଶ, ଏମିତି ରାତି ଦୁଇଟା ପଇଁଚାଳିଶ ଯାଏଁ ଷୋଳଥର ତା ପିଉସୀଝିଅ ସହ କଥାହେବାକୁ ଚେଷ୍ଟା କରିଛି, ହେଲେ ସବୁଥର ନୋ ଆନ୍ସର୍ ହୋଇଛି । କିଛି ପାଠ ବୁଝିବାକୁ ଚାହୁଁଥିଲା ପରି ମନେହୁଏ । ପିଉସୀଝିଅ ବୋଧେ ମୋବାଇଲ୍ ସାଇଲେଂଟ୍ କରି ଶୋଇଯାଇଛି, ତେଣୁ ତା ସହିତ କଥା ହେବାରେ ବିଫଳ ହେଲାପରେ ସିଏ ଜୀବନରେ ବିଫଳ ହେଲା ବୋଲି ଧରିନେଇଛି । ଶେଷରେ ନିଆଶା ନିଜ ପଢାଘର ଛାତତଳେ ଲାଗିଥିବା ସିଲିଂପଙ୍ଖାରୁ ନିଜର ଓଢଣୀ ସାହାଯ୍ୟରେ ନିଜଗଳାରେ ଫାଶ ପକେଇ ଝୁଲିଯାଇଛି । ବାପା ମାଆ ତଳେ । ଭାଇର ଚାକିରି ଦିଲ୍ଲୀରେ । ଘରେ ଆଉକେହି ନାହାନ୍ତି । ସକାଳୁସକାଳୁ ବାପା ଦୁଃଖୀରାମ ଝିଅକୁ ପରୀକ୍ଷାହଲକୁ ନେବାପାଇଁ ପ୍ରସ୍ତୁତ ହୋଇ, ମାଆ ଶାନ୍ତିଲତା ଜଳଖିଆ ତିଆରି କରି ଦେଖିଲା ବେଳକୁ ନିଆଶା ଆଉ ଜୀବନରେ ନାହିଁ । କିଛି ସମୟପରେ ପୋଲିସ୍ ଦଳ ମାଜିଷ୍ଟ୍ରେଟ୍ଙ୍କ ସହ ଆସି ନିଆଶାର ଶବକୁ ପଙ୍ଖାରୁ ଓହ୍ଲେଇ ମେଡିକାଲ୍ ନେଇ ପୋଷ୍ଟମର୍ଟମ କଲେ । ପରେ ବନ୍ଧୁବାନ୍ଧବ ଆସି ଶବସତ୍କାର ଆଦି କରି ପୋଷ୍ଟମଟମ୍ ରିପୋର୍ଟ ଆଣିବାକୁ ଗଲେ । ରିପୋର୍ଟରେ ମୃତ୍ୟୁର କାରଣ ଅତ୍ୟନ୍ତ ମାନସିକ ଚାପ ଏବଂ ଗଳାରୁଦ୍ଧ ବୋଲି ଲେଖାଥିଲା । ମୃତ୍ୟୁର ସମୟ ତିନିଟା କୋଡିଏରୁ ତିନିଟା ଚାଳିଶ ବୋଲି ଅନୁମାନ କରିଥିଲେ । ଦୁଃଖୀରାମକୁ ନିଆଶା ଚିରଦିନ ପାଇଁ ନିରାଶକରି ଅଫେରା ରାଇଜକୁ ଚାଲିଗଲା । ଶାନ୍ତିଲତାର ବାକି ଜୀବନରେ ଏକମାତ୍ର ଝିଅକୁ ହରେଇ ପ୍ରକୃତ ଶାନ୍ତି ହଜିଗଲା । ତେବେ କାକାଝିଅ ଏବଂ ପିଉସୀ ଝିଅ ଡାକ୍ତର ହେଲେ ବୋଲି ନିଆଶାର ଡାକ୍ତର ହେବା କ'ଣ ନିହାତି ଜରୁରୀ ଥିଲା । କିଏ ଖୋଜିବ ମାନସିକ ଚାପର ଉପଶମର ଉପାୟ? ପିତାମାତା ନିଜଛୁଆଙ୍କ ମନ ଯଦି ପଢି ପାରିଲେନି ତେବେ ସମାଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି ତା'ଙ୍କୁ ବୁଝିବ ! କିଶୋର ଅବସ୍ଥାରେ ସମସ୍ତ ଅଭିଭାବକଙ୍କର ଦାୟିତ୍ୱ ଟିକେ ବେଶୀ । ଛୁଆମାନଙ୍କୁ ସ୍ନେହ ଓ ସମୟ ସହ ଅନେକ କିଛି ଆତ୍ମୀୟତା ଦରକାର । ଦେଶ ଓ ଜାତିର ପ୍ରକୃତ ଭବିଷ୍ୟତ ସେମାନେ । ବଗିଚାରେ କଢି ଅବସ୍ଥାରେ ଫୁଲଟିଏ ଫୁଟିବା ଆଗରୁ ଏମିତି ଅବେଳରେ ଝଡିଗଲେ ମାଳିକୁ ପାପ ଲାଗିବନି ! ଦଶମଶ୍ରେଣୀର ଟପର୍ ନିଆଶା ଆଜି ଆମ ଗହଣରେ ନାହିଁ । କିନ୍ତୁ ଛୁଆମାନଙ୍କ ପାଖରୁ ଭଲ ରେଜଲ୍ଟ ଆଶା କରିବା ଠିକ୍ କଥା, ହେଲେ ଅତି ମହତ୍ୱକାଂକ୍ଷା ବେଳେବେଳେ ସର୍ବନାଶର କାରଣ ହୋଇଥାଏ ବୋଲି ମନେ ରଖିବା ଉଚିତ୍ । ମୁଁ ଶୁଣିଛି ମୋର ଜଣେ ମିତ୍ର ତା'ଙ୍କ ଝିଅକୁ କୁହନ୍ତି, 'ଏଥର ଯଦି ତୁ ତୁମ କ୍ଲାସରେ ପ୍ରଥମ ନହେଲୁ ତେବେ ମୁଁ ଭାବିବି ତୁ ମୋ ଝିଅ ନୁହଁ ।' ଥଟ୍ଟାରେ ସେଦିନ ମୁଁ ମିତ୍ରଙ୍କୁ ସେହି ଝିଅ ଆଗରେ ପଚାରିଲି, 'ସତରେ ଯଦି ସିଏ ପ୍ରଥମ ନହେଲା ତେବେ କାହା ଝିଅ ହେବ !' ଏମିତି ଅନେକ ପିତାମାତା ଅଭିଭାବକ ଆମ ସମାଜରେ ଅଗଣିତ ସଂଖ୍ୟାରେ ଅଛନ୍ତି । ତେବେ କୁହନ୍ତୁ ଏସବୁ ଅପମୃତ୍ୟୁ ପାଇଁ କିଏ ଦାୟି !

ଇଂ. ବିଦ୍ୟାଧର ପଣ୍ଡା, ମୋ- ୯୪୩୯୧୨୮୦୫୦
ପ୍ଲଟ-୧୭/୧୫,ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିତାଙ୍କ ଚାଲିଯିବା ପରେ

ଜଣେ ମଧ୍ୟବର୍ଗୀୟ କର୍ମଠ ପିତା କେଜାଣି କେତେ ଯେ ଦାୟିତ୍ୱ ତାଙ୍କ ପଛରେ ଛାଡି ଯାଇଥାନ୍ତି । ହଠାତ୍ ଘରର ବଡ଼ ଭାଇକୁ ପିତାଙ୍କ ଦାୟିତ୍ୱ ତୁଲାଇବାକୁ ପଡେ । ସବୁଠୁ ବଡ଼ ଭଉଣୀକୁ ମାଆଙ୍କ ଦାୟିତ୍ୱ ନେବାକୁ ପଡେ । ସବୁତକ ହସଖୁସିର ସମାହାର ପିତା ନେଇ ଯାଆନ୍ତି ତାଙ୍କ ସାଥିରେ ଓ ପିତାଙ୍କ ସବୁତକ ଗମ୍ଭୀରତା ଚାଲି ଆସିଥାଏ ବଡ଼ ଭାଇ ଓ ବଡ଼ ଭଉଣୀଙ୍କ ପାଖକୁ । ମାଆର କାନ୍ଧରେ କାନ୍ଧ ମିଳାଇ ଚାଲୁଥିବା ପୁଅର କାନ୍ଧକୁ ଚାଲିଆସେ ସମଗ୍ର ପରିବାରର ବୋଝ, କୋମଳ ହାତ ଥିବା ଝିଅ ହାତେଇନିଏ ପରିବାରର ବେକ୍'ଡୋର । ପିତାଙ୍କ ଏମିତି ଚାଲିଯିବା ହୋଇଥାଏ ଯେମିତି ଚଳନ୍ତା ରଥରୁ ସାରଥୀ ଓହ୍ଲାଇ ଆସିବା । ସବୁତକ ଦାୟିତ୍ୱ ଏବେ ଚାଲି ଆସେ ଚକ ଉପରକୁ । ଘରର ବଡ଼ପୁଅ ଓ ବଡ଼ଝିଅ ପାଲଟିଯାଆନ୍ତି ଏହି ଦୁଇ ଚକ । ରଥର ଗତିକୁ ନିୟନ୍ତ୍ରଣରେ ରଖିବାକୁ ହେବ, ତାକୁ ଓଲଟିଯିବାରୁ ମଧ୍ୟ ବଞ୍ଚାଇବାକୁ ହେବ ଓ ତାକୁ ଆଗକୁ ବଢାଇ ନେବାକୁ ମଧ୍ୟ ହେବ । କେଉଁଠି ଛାଡି ଚାଲି ଯାଆନ୍ତି ଏକ ମଧ୍ୟବର୍ଗୀୟ ପିତା ଏତେ ସବୁତକ ଦାୟିତ୍ୱ ଯେଉଁଠି ଅଧିକାରର ଲଢେଇ ଛିଣ୍ଡିଯାଏ । କେଉଁଠି ଛାଡି ଚାଲି ଯାଆନ୍ତି ଏତେ ସବୁ କାର୍ଯ୍ୟକୁ, ଯେଉଁଠି ଘରର କାନ୍ଥ ସବୁ ଦୁର୍ବଳ ହେବାକୁ



ଭବାନୀ ଶଙ୍କର ପଟେଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗେ  ।

ଜଣେ ମଧ୍ୟବର୍ଗୀୟ ପିତା ସମ୍ପତ୍ତିର ତୁଳନାରେ ପଛରେ ପକାଇ ଯାଇଥାନ୍ତି, ପିଲାଙ୍କ ମୁହଁକୁ ଅନାଉଥିବା ମାଆ, ବହୁତ ସାରା ସ୍ମୃତି, ଛାତରୁ ଗଳି ପଡ଼ିଥିବା ଏକ ଘର ଯାହା ପିତାଙ୍କ ଗଲା ପରେ ଏକ କୁଡ଼ିଆରେ ପରିଣତ ହୋଇଯାଏ, ଚିନ୍ତା ଚାପରେ ଥିବା ଛୋଟ ଭାଇ-ଭଉଣୀର ପାଠପଢ଼ା ଓ ବିବାହର ବୋଝ, ଯାହାକୁ ପୁଅ ଓ ଝିଅ ସମାନ ପରିମାଣରେ ବାଣ୍ଟି ନେଇଥାନ୍ତି । ଅନ୍ୟ ଗୋଟିଏ କଥା ଯେ, ପିତାଙ୍କ ଗଲା ପରେ ଯେଉଁ ଶୂନ୍ୟସ୍ଥାନ ଉତ୍ପନ୍ନ ହୋଇଥାଏ ତାକୁ କୌଣସି ଟଙ୍କା ମାଧ୍ୟମରେ ପୂର୍ଣ୍ଣ କରାଯାଇ ପାରିବ ନାହିଁ । ପିତାଙ୍କ ଚାଲିଗଲା ପରେ କ'ଣ ଯେ ଆଉ କେଉଁ ସମ୍ପତ୍ତି ବଞ୍ଚି ରହିଥାଏ  ।

ସ୍ନାତକୋତ୍ତର ହିନ୍ଦୀ ବିଭାଗ ଛାତ୍ର,

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ,

ବଲାଙ୍ଗୀର, ୭୬୭୦୦୧, ଓଡ଼ିଶା

ମୋ-୮୨୪୯୦୪୭୦୬୮

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ମୁକ୍ତିଦୂତ



ବି. ନିରୁପମା

ସକାଳ ହେବାକୁ ଘଡ଼ିଏ ବାକିଥାଏ । ପଲିଥିନ ଘେରା କୁଡ଼ିଆ ଭିତରେ ଉଠିପଡି ବସିଲା ମାନସୀ । ଦେହରେ ଦରଜ, ନିଦ ଛାଡ଼ିନି ଭଲକରି । ତଥାପି ଷ୍ଟୋଭ ଜାଳି ଭାତ ପାଣି ବସେଇଲା ।ବାପା ଆଉ ସାନଭଉଣୀ ନିଦରୁ ଉଠିଲେ ତିନିଜଣ ମିଶି ପଖାଳ, ଆଳୁ ଚକଟା ଖାଇବେ, ଭାଟିକୁ ଯିବେ ଇଟା ଗଢ଼ିବାକୁ । ଫେରିବା ବେଳକୁ ଦିନ ଦୁଇଟା । ଅଧଘଣ୍ଟା ଭିତରେ ତୋରାଣି ପାଣି ମୁନ୍ଦିଏ ପିଇ ପୁଣି ରାତି ଦଶଟା ଯାଏ ଖଟିବାକୁ ହେବ ଇଟା ତିଆରି କାମରେ ।

ସେମାନଙ୍କ ଭଳି ଆହୁରି ଅନେକ ଶ୍ରମିକ ଏଠି କାମ କରନ୍ତି । ଓଡ଼ିଶାଠାରୁ ଆରମ୍ଭ କରି ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡର ଶହ ଶହ ଶ୍ରମିକ ପରିବାର ନିଜ ଭିଟାମାଟି ଛାଡ଼ି, ସୁଦୂର ତାମିଲନାଡୁ ଆସି ଇଟା ଗଢ଼ିବା କାମରେ ଲାଗିଛନ୍ତି । ଜନବସତି ଠାରୁ ଟିକିଏ ଦୂରରେ ଥିବା ଅଞ୍ଚଳରେ ଅନେକ ଇଟାଭାଟି । ଏଇଠି ଇଟା ଗଢ଼ିବା ଏକ ବିଶାଳ ଉଦ୍ୟୋଗ । ଇଟା ତିଆରି ଲାଗି ଶ୍ରମିକମାନଙ୍କୁ ମାଟି ଖୋଳି, ସେଥିରେ ବାଲି, ପାଣି ମିଶେଇ ପାଗ କରିବା ପରେ ତାକୁ ଛାଞ୍ଚରେ ପକେଇ କଞ୍ଚା ଇଟା ତିଆରି କରିବାକୁ ହୁଏ । ତାକୁ ଧାଡ଼ି କରି ଖରାରେ ଶୁଖାଇବା ପରେ, ଭାଟି ଭିତରେ ଇଟା ସହ ଛଣ, କାଠ, କୋଇଲାକୁ ସଜାଇ ରଖି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଆଁ ଲଗାଇ ପୋଡ଼ାଯାଏ । ସକାଳୁ ରାତି ପର୍ଯ୍ୟନ୍ତ ହାଡ଼ଭଙ୍ଗା ପରିଶ୍ରମ, ହେଲେ ସନ୍ତୋଷଜନକ ପାଉଣା ମିଳେନାହିଁ ।

କିନ୍ତୁ ମୂଳରୁ ଏପରି ନ ଥିଲା । କିଛି ମାସ ତଳେ, ଓଡ଼ିଶାର ଛୋଟ ଏକ ଗାଁରେ ବାପା ମାଆ ଆଉ ସାନଭଉଣୀ ମେଳରେ ମାନସୀ ବେଶ ଆନନ୍ଦରେ ଥିଲା । ଅଳ୍ପ କିଛି ଚାଷ ଜମିରୁ ମିଳୁଥିବା ଆହାର ପେଟକୁ ନିଅଣ୍ଟ ହେଲେ ପଡ଼ୋଶୀଙ୍କ ଘରେ ଦୁଇଦିନ ଖଟି ବାପା ଯାହା ମଜୁରି ପାଆନ୍ତି, ସେଥିରେ ତାଙ୍କ ପରିବାର ସୁରୁଖୁରୁରେ ଚଳି ଯାଉଥିଲା । ଆସନ୍ତା ମଗୁଶୀରକୁ ତାକୁ ଅଠର ବର୍ଷ ପୂରିଥା'ନ୍ତା । ତେଣୁ ଭଲ ଜାଗାରେ ବାହା ଦେବାକୁ ଚିନ୍ତା କରି ଘରେ ଦୁଇ ପଇସା ସଞ୍ଚିବା ଆରମ୍ଭ କରିଥିଲେ ବାପା । ହେଲେ, ହଠାତ ମାଆକୁ ଅଜଣା ବେମାରି ଧରିଲା ।ଯେତେ ଚିକିତ୍ସା କଲେ ଭଲ ହେଲାନାହିଁ ।ବହୁତ ଟଙ୍କା ଖର୍ଚ୍ଚ ହେଲା । ଗରିବ ଚାଷୀଟି କେତେ ଟଙ୍କା ଅବା ଖର୍ଚ୍ଚ କରି ପାରିବ ? ତେଣୁ ଗାଆଁରେ ଶ୍ରମିକ ଠିକାଦାରଠୁ ଟଙ୍କା ଧାର ଆଣି ମାଆର ଚିକିତ୍ସା କଲେ ।

ଦୁଇମାସ ପରେ ଠିକାଦାରର ସର୍ତ୍ତ ଅନୁଯାୟୀ ବାପା ଓ ଦୁଇଝିଅଙ୍କୁ ଅନ୍ୟ ଶ୍ରମିକଙ୍କ ସହିତ ତାମିଲନାଡୁ ଯିବାକୁ ପଡ଼ିଲା । ସେମାନଙ୍କୁ ଖଟିବାକୁ ପଡ଼ିଲା ସେଠିକା ଇଟା ଭାଟିରେ । ହେଲେ କିଏ ଜାଣିଥିଲା ଶ୍ରମିକମାନଙ୍କୁ ଏଠି ଏତେ ଶୋଷଣ କରାଯାଉଥିବ ବୋଲି !!

ଦିନକୁ ବାର, ଚଉଦ ଘଣ୍ଟା ହାଡ଼ଭଙ୍ଗା ପରିଶ୍ରମ ପରେ ବହୁତ କମ ମଜୁରି ମିଳୁଥିଲା । ପ୍ରତିବାଦ କରିବାକୁ ଉପାୟ ନାହିଁ । ଯିଏ ମୁହଁ ଖୋଲିଲା ଇଟାଭାଟି ମାଲିକର କର୍ମଚାରୀ ଆଉ ଗୁଣ୍ଡା ଦ୍ୱାରା ମାଡ଼-ନିର୍ଯ୍ୟାତନା ସହିବାକୁ ପଡ଼ିଲା । କେତେଜଣ ଶ୍ରମିକ ରାତିରେ ଲୁଚି ଚାଲିଯିବାକୁ ଚେଷ୍ଟା କରିଥିଲେ । ହେଲେ ସେମାନଙ୍କୁ ରାସ୍ତାରୁ ଧରିଆଣି ଗୋଡ଼ରେ ବେଡ଼ି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପକାଇଦେଲେ ।

ମାନସୀ ଅନ୍ୟ ଶ୍ରମିକଙ୍କ ସହ କଥା ହେଉଥିଲା । ଅଧିକାଂଶଙ୍କର ସମାନ କାହାଣୀ । ରୋଗ ବୈରାଗ କିମ୍ବା ବିବାହ ବ୍ରତ ଲାଗି ଶ୍ରମିକ ଠିକାଦାର ପାଖରୁ ଉଦ୍ଧାର ନେଇ ସେମାନେ ମାଆ ମାଟି ଛାଡ଼ି ଆଜି ଏତେ ଦୂରରେ ଦାଦନ ଶ୍ରମିକ ସାଜିଛନ୍ତି । ହେଲେ ଲକ୍ଷ୍ମୀର କାହାଣୀ ଅଲଗା । ସେମାନେ ପାଞ୍ଚବର୍ଷ ହେଲାଣି ପ୍ରତିବର୍ଷ ଦାଦନ ଖଟିବାକୁ ଆସନ୍ତି । ଠିକାଦାର ଠାରୁ ଅଗ୍ରୀମ ଟଙ୍କା ଆଣି ପରିବାର ସହ କିଛିଦିନ ଖୁସିରେ ବିତାନ୍ତି । ଗାଁରେ ତ ସବୁ ସମୟରେ କାମ ମିଳେ ନାହିଁ । ତେଣୁ ଇଟା ଗଢ଼ିବାକୁ ଏଠାକୁ ଚାଲି ଆସନ୍ତି । ଲକ୍ଷ୍ମୀ କହୁଥିଲା, “ଏଠି ଅଧିକ ସମୟ ଖଟିବାକୁ ପଡ଼େ । ଚୁପଚାପ କାମ କରିଗଲେ କେହି କିଛି କହିବେନି । ପ୍ରତିବାଦ କଲେ ସମସ୍ୟା । ପ୍ରବଳ ମାଡ଼ ଆଉ ନିର୍ଯ୍ୟାତନା ମିଳେ । ଖସି ଚାଲିଯିବା ଏତେ ସହଜ ନୁହେଁ । ପୁଣି ଏଠି କେହି ଓଡ଼ିଆ ବୁଝନ୍ତି ନାହିଁ । ତାମିଲ ଭାଷୀ ପୋଲିସ କିମ୍ବା ଅନ୍ୟ କାହା ପାଖରେ ଅଭିଯୋଗ କରିବା ସମ୍ଭବ ନୁହେଁ । ତେଣୁ ସବୁ ଦୁଃଖ କଷ୍ଟକୁ ମଥାପାତି ସହିଯିବା ଭଲ ।”

ଲକ୍ଷ୍ମୀର କଥାକୁ ଗ୍ରହଣ କରି ପାରୁ ନ ଥିଲା ମାନସୀ । ସେ ଏ ସବୁ ଅନ୍ୟାୟକୁ ନା ସହି ପାରୁଥିଲା ନା ବିରୋଧ କରିପାରୁଥିଲା ! ଚୁପ ହୋଇ ବସିବା ବି ସମ୍ଭବ ନ ଥିଲା । ତେବେ ଏଇ କରୋନା ଭୂତାଣୁ ବ୍ୟାପିବା ଦିନଠୁ ସେମାନଙ୍କ କଷ୍ଟ ଆହୁରି ବଢ଼ି ଯାଇଛି । ଅଧିକ ଖଟଣି ସାଙ୍ଗକୁ କମ ଦରମା ମିଳୁଥିଲେ ବି ଖାଇବାକୁ ଚାଉଳ, ଆଳୁ ଆଦି ଆଗରୁ ସହଜରେ ମିଳିପାରୁଥିଲା । ଏବେ ଖାଇବା ଜିନିଷର ଅଭାବ ସାଙ୍ଗକୁ ଦରବୃଦ୍ଧି ଭାରି ବାଧୁଛି । ଦେହପା'ରେ ଔଷଧ ଟିକିଏ ବି ମିଳୁନି । ପୁଣି ଏ ଅଜଣା ବେମାରି ପ୍ରତି ଚାରିଆଡ଼େ ଭୟ ଆଉ ଆତଙ୍କର ବାତାବରଣ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗତକାଲି ଭୋକଜ୍ୱାଳା ଓ ପ୍ରାଣ ଭୟରେ କେତେଜଣ ଶ୍ରମିକ ଲୁଚି ଚାଲି ଯାଉଥିଲେ । ହେଲେ କେତେଦୂର ବା ଯାଇ ପାରନ୍ତେ ! ଲକ ଡାଉନ ଯୋଗୁ ସଡକ ଫାଙ୍କା । ଗୋଟିଏ ବି ମାଲବୁହା ଟ୍ରକ ମିଳିଲାନି । ଖବର ପାଇ ଭାଟି ମାଲିକର କର୍ମଚାରୀ ଗୋଡ଼େଇଲେ । ଶେଷକୁ ଧରାପଡ଼ି ଇଟାଭାଟି ମାଲିକର ନିର୍ଦ୍ଦୟ ଗୁଣ୍ଡାଙ୍କ ହାତରେ ପ୍ରବଳ ମାଡ଼ ଖାଇଛନ୍ତି । କାହାର ହାତ ଭାଙ୍ଗିଛି ତ ଆଉ କାହାର ଗୋଡ଼ । ସେଇ ଶ୍ରମିକଙ୍କ ନେତା ରାଜୁ ସୋରେନର ହାତ ଗୋଡ଼ରେ ବେଡ଼ି ପକେଇ ବାନ୍ଧି ଦେଇଛନ୍ତି ଗଛରେ ।

ମାନସୀକୁ ଭୀଷଣ କଷ୍ଟ ଲାଗିଲା । ସତରେ ସେମାନେ କେତେ ଅସହାୟ ! ମଣିଷର ଜୀବନ ପଶୁଠୁ ବି ଏତେ ହୀନ ହୋଇ ପାରେ ! ସତରେ କଣ ଏ ଦେଶ ସ୍ୱାଧୀନ ହୋଇଛି ! ଗରିବୀ ହଟାଇବାକୁ ସ୍ୱପ୍ନ ଦେଖେଇ କେତେ କେତେ ସରକାର ଶାସନ କଲେଣି । ହେଲେ ଗରିବର ସମସ୍ୟା ବଢ଼ି ଚାଲିଛି କାହିଁକି ! ସ୍ୱାଧୀନତାର ଏତେ ବର୍ଷ ପରେ ବି ସାଧାରଣ ନାଗରିକଟିଏ କେତେ ପରାଧୀନ ସତରେ ! ଏ ବନ୍ଧନରୁ କିଏ ତାଙ୍କୁ ମୁକ୍ତି ଦେବ ! ସତରେ କ'ଣ କୌଣସି ଉପାୟ ନାହିଁ ?

ବ୍ୟାଗ ଅଣ୍ଡାଳି ମୋବାଇଲ କାଢ଼ିଲା ମାନସୀ । ପୋଲିସକୁ ସବୁକଥା ଜଣାଇଦେବ ବୋଲି ଭାବିଲା । ହେଲେ ତାକୁ ତ ତାମିଲ ଆସେ ନାହିଁ । ଇଂରାଜି ବି ଜଣାନାହିଁ । ଅଳ୍ପ ପାଠ ହେତୁ ବଡ଼ କଷ୍ଟରେ ଓଡ଼ିଆରେ ଦୁଇଧାଡ଼ି ଲେଖିପାରେ । ତେବେ ସେ ଜଣାଇବ ବା କାହାକୁ ? ଓଡ଼ିଶାର ପୋଲିସକୁ ଜଣାଇଲେ ବି ସେମାନେ ଶହ ଶହ କିଲୋମିଟର ଦୂର ଏଇ ସ୍ଥାନକୁ ଆସି ଆମକୁ ଖୋଜି ପାଇବା ସମ୍ଭାବନା ବି କମ ।

ସେମାନଙ୍କୁ ଏ ଦୁର୍ବିସହ ଜୀବନରୁ ମୁକ୍ତି ଦେବାକୁ ଭଗବାନଙ୍କୁ ମନେମନେ ପ୍ରାର୍ଥନା କଲା ସେ । ସାରା ଦିନର କଠିନ ପରିଶ୍ରମ ପରେ ସନ୍ଧ୍ୟାରେ ବସୁବସୁ ଛାଇ ନିଦ ଆସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଥାଏ । ମାନସୀ ସ୍ୱପ୍ନ ଦେଖିଲା, ସେମାନଙ୍କୁ ରକ୍ଷା କରିବାକୁ ଆକାଶରୁ ଜଣେ ଜ୍ୟୋତିର୍ମୟୀ ଦେବୀ ସେମାନଙ୍କ ମୁକ୍ତିଦୂତ ସାଜି ଆସୁଛନ୍ତି । ତାଙ୍କ ଶରୀରର ତେଜରେ ଚଉଦିଗ ଉଜ୍ଜ୍ୱଳ ହୋଇ ଉଠୁଛି । ସେ ଆଉ ଟିକିଏ ନିରିଖେଇ ଦେଖିଲା । ହେଲେ ସେ ନିଜକୁ ବିଶ୍ୱାସ କରି ପାରିଲାନି । ସେଇ ଶ୍ରମିକଙ୍କ ମୁକ୍ତିଦୂତ ଅନ୍ୟ କେହି ନୁହେଁ, ସେ ନିଜେ ! !

ହଠାତ କୋଳାହଳ ହେତୁ ମାନସୀର ନିଦ ଭାଙ୍ଗିଗଲା । ଇଟାଭାଟି ମାଲିକର କିଛି ଗୁଣ୍ଡା ଠେଙ୍ଗା ଧରି ହଙ୍ଗାମା ଆରମ୍ଭ କରିଦେଇଥାନ୍ତି । ପୂର୍ବଦିନର ପଳାତକ ଶ୍ରମିକମାନଙ୍କୁ ଏକାଠି କରି ନୃଶଂସ ଭାବରେ ମାଡ଼ ମାରୁଥାନ୍ତି । ଚିତ୍କାର କରି ଗାଳି ଦେବା ସହ ଖଣ୍ଡି ଓଡ଼ିଆରେ ଧମକ ଦେଇ ଶୁଣେଇ ଦେଲେ ଯେ "କାମରେ ଠକିଲେ କିମ୍ବା ଖସି ଚାଲିଯିବାକୁ ଚେଷ୍ଟାକଲେ ଆଗକୁ ଅବସ୍ଥା ଆହୁରି ଭୟଙ୍କର ହେବ ।"

ଶ୍ରମିକମାନେ ଭୟରେ ଥରୁଥିଲେ । କେତେଜଣ ରକ୍ତ ଜୁଡୁବୁଡୁ ହୋଇ ସାହାଯ୍ୟ ପାଇଁ ନେହୁରା ହେଉଥିଲେ । ଭୋକ ଆଉ ଶୋଷରେ ଛଟପଟ ହେଉଥିଲା ରାଜୁ ସୋରେନ । ହେଲେ ତାକୁ  ପାଣି ଟୋପାଏ ନ ଦେଇ, ଜଣେ ତା' ମୁହଁରେ ପୁଳାଏ ପାନ ଛେପ ପକେଇ ଦେଲା । ତେବେ ସଭିଙ୍କ ଦୃଷ୍ଟି ଆଢୁଆଳରେ, ଚତୁରତାର ସହ ମୋବାଇଲରେ ସବୁକିଛି ଦୃଶ୍ୟର ଭିଡିଓ ରେକର୍ଡ଼ିଂ କରିନେଇଥିଲା ମାନସୀ  ।

ଉତ୍ତେଜନାରେ ଥରୁଥିଲା ମାନସୀ । ଯାହା ବି ହେଉ ଏ ନିର୍ଯ୍ୟାତନାର ଚିତ୍ର ପୋଲିସର ଦୃଷ୍ଟିକୁ ଆଣିବାକୁ ହେବ । କିଛି ସମୟ ପୂର୍ବରୁ ଦେଖିଥିବା ସ୍ୱପ୍ନ ସତ ହେଉ କି ନ ହେଉ, ସେ ଏତିକି ବୁଝିଥିଲା ଯେ ନିଜର ମୁକ୍ତି ପାଇଁ ପ୍ରଥମେ ନିଜକୁ ହିଁ ଉଦ୍ୟମ କରିବାକୁ ହେବ । ନଚେତ, ଏ ଶୋଷଣ ଆଉ ଆକ୍ରମଣ ଆଗକୁ ବଢି ଚାଲିବ । ହେଲେ କେମିତି ଆଉ କାହାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବା ଜଣେଇବ !

ସେ ଉପାୟଟିଏ ପାଞ୍ଚିଲା । ରେକର୍ଡ ହୋଇଥିବା ସମଗ୍ର ଦୃଶ୍ୟକୁ ସେ ତା ମୋବାଇଲ ଇଣ୍ଟରନେଟ ମାଧ୍ୟମରେ ସାମାଜିକ ଗଣମାଧ୍ୟମରେ ଦାଖଲ କଲା । ଆଉ ନିଜ ବନ୍ଧୁ, ପରିଜନ ସହ ସାଧାରଣ ଜନତା, ସମାଜସେବୀଙ୍କୁ ସହାୟତା ଲାଗି ଆକୁଳ ନିବେଦନ କଲା ।

ଏଇ ଭିଡିଓ କେତେଜଣ ସମାଜସେବୀଙ୍କ ନଜରକୁ ଆସିବାରୁ ସେମାନେ ପୋଲିସକୁ ଜଣାଇଲେ । ପୋଲିସ ଆବଶ୍ୟକ ସୂଚନା ସଂଗ୍ରହ କରି ଯୋଜନାବଦ୍ଧ ଭାବରେ, କେଇଦିନ ପରେ, ସଦଳବଳେ ସେଇ ଇଟାଭାଟି ଉପରେ ଚଢ଼ାଉକଲା । ଇଟାଭାଟିର କର୍ମଚାରୀ ଓ ଗୁଣ୍ଡାମାନଙ୍କୁ ଗିରଫ କରିବା ସହ ଶହ ଶହ ଦାଦନ ଶ୍ରମିକଙ୍କୁ ଉଦ୍ଧାର କଲା ।

ସଭିଙ୍କ ମୁହଁରେ ମାନସୀ ବରିହାର ପ୍ରଶଂସା । ବଲାଙ୍ଗୀର ଜିଲ୍ଲାର ଦୁର୍ଗମ ଅଞ୍ଚଳର ଅର୍ଦ୍ଧଶିକ୍ଷିତା କନ୍ୟା ଆଜି ସମସ୍ତଙ୍କ ଲାଗି ପ୍ରେରଣାର ପ୍ରତୀକ । ତା' ଉପସ୍ଥିତ ବୁଦ୍ଧି ଏବଂ ସାହସିକତା ଲାଗି ଦେଶର ବିଭିନ୍ନ ରାଜ୍ୟର ଶହ ଶହ ଦାଦନ ଆଉ ଗୋଟି ଖଟୁଥିବା ଶ୍ରମିକଙ୍କୁ ମୁକ୍ତି ମିଳିଲା ।

(ଜୁଲାଇ ୩୧, ୨୦୨୦ ତାରିଖର ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ଏକ ସତ୍ୟ ଘଟଣାରୁ ଅନୁପ୍ରାଣିତ ।)

ମାମୁରିଆ, ଛେଣ୍ଡିପଦା, ଅନୁଗୋଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକାଗ୍ରତାର ଫଳ



ସଞ୍ଜୟ ରାଉତ

ଏକଦା ଗୋଟିଏ ଗାଁରେ ଗୋଟିଏ ପିଲା ଥିଲା ତା ନାଁ ମଦୁଆ । ବାର ବର୍ଷର ପିଲା ବାପା ମା ଗରିବ ଥିବାରୁ ସେ ସେହି ଗାଁର ମେଣ୍ଢା ଓ ଛେଳି ଜଗି ପେଟପୋଷେ ମା ବାପାଙ୍କୁ ମଧ୍ୟ ତା ରୋଜଗାରରୁ ସାହାଯ୍ୟ କରେ । ଗରିବ ହେଲେ ମଧ୍ୟ ଭାରି ମିଳାଖି । ସମସ୍ତଙ୍କ ସହିତ ମିଶିଯାଏ । ଛେଳି ଜଗିବା ବ୍ୟତୀତ ଗାଁ ବାଲାଙ୍କର ମଧ୍ୟ ଡାକହାକ ଶୁଣେ । ବଣମୂଳକରୁ କେତେ ବେଳେ ପତ୍ର ବିଡାଏ କାଠି ବିଡାଏ ଆଣିଦିଏ । ସମସ୍ତଙ୍କୁ ହସି କରି କଥାପଦେ କହେ ମେଳା ମଉଛବ ହେଲେ ନ ଡାକିଲେ ମଧ୍ୟ ଯାଏ । ଦୁଃଖିତ ହୁଏନି ଭୋଗ ଗଣ୍ଡେ ପାଇଁ ଜଗି ରହିଥାଏ । ଯେଉଁଠି ନାମ ସଂକୀର୍ତ୍ତନ ହେଲେ ଦିନରେ ତାର ଛେଳି ମେଣ୍ଢା ଜଗି ରାତିସାରା ନାଚେ କୁଦେ । ଏଥିପାଇଁ ସେ ଗାଁ ସାରା ପ୍ରିୟ । ସମସ୍ତଙ୍କ ମୁହଁରେ ଗୋଟିଏ ଶବ୍ଦ ମହୁଆ ଗୋଟିଏ ଭଲପିଲା । ତା ଦେହରେ ହିଂସା ନାହିଁ କପଟ ନାହିଁ । ତା ଗୁଣ ଯୋଗୁଁ ତା ମାବାପାଙ୍କୁ ମଧ୍ୟ ସମସ୍ତେ ଭଲ ପାଆନ୍ତି । ଏପରି ମହୁଆ ବେସ ଖୁସିରେ ଥାଏ । ପ୍ରତିଦିନ ଛେଳି ନେଇ ବଣକୁ ଗଲା ବେଳେ ସାଙ୍ଗରେ ଗୋଟିଏ ବଂଶୀ ନେଇ ଯାଇଥାଏ । ମେଣ୍ଢା ଛେଳିଙ୍କୁ ବଣ ମୁଲକରେ ଚରିବାକୁ ଛାଡିଦେଇ ଗଛ ମୂଳରେ ବସି ବଂଶୀ ବଜାଏ । ତା ବଂଶୀର ସ୍ୱର ଏଡେ ମଧୁର ଯେ ନ ଶୁଣିଲା ଲୋକ ଘଡିଏ ଠିଆ ହୋଇ ଶୁଣିବ । ବେଳେ ବେଳେ ଚିନ୍ତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରେ ସତରେ କଣ ଠାକୁର ଅଛନ୍ତି । ପୁଣି ଲୋକ କହନ୍ତି ତାଙ୍କର ଚାରି ଭୁଜ ତାଙ୍କୁ ଚତୁର୍ଭୁଜ ବୋଲି କହନ୍ତି । ତାଙ୍କ ହାତରେ ଶଙ୍ଖ ଚକ୍ର ଗଦା ଓ ପଦ୍ମ ଥାଏ । ଏକଥା ତା ମନରେ ବେଳେବେଳେ ଉଙ୍କିମାରେ ଯେ ତା ବଂଶୀ ବଜା ଆପେ ଆପେ ବନ୍ଦ ହୋଇଯାଏ । ସେ ନିଜେ ଜାଣିପାରେନା ଯେ ତା ବଂଶୀ ବାଜୁଛି ନା ବନ୍ଦ ଅଛି । ଏହିପରି ନିଜେ ବିହ୍ୱଳ ହୋଇଯାଏ ପ୍ରଭୁଙ୍କର ଦର୍ଶନକାମୀ ହୋଇ ନିଜକୁ ହଜାଇ ଦିଏ । ପେଟପାଟଣା ଚିନ୍ତାନେଇ ପୁଣି ତାର କର୍ମ ପଥରେ ଆଗେଇ ଯାଏ । ଏହି ଥିଲା ତାର ପ୍ରତି ଦିନର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ହେଲେ କଣ କରିବ ।

କର୍ମ ମୋହର ନିଜ ଗୁରୁ କାମକୁ ଛାଡିଲେ ଚଳିବ ବା କେମିତି । ଆଉ ଦିନକର ଘଟଣା ପୂର୍ବ ପରି ଛେଳି ଜଗିବା ପାଇଁ ଯାଇଛି ଛେଳି ଛାଡି ଦେଇଛି ନିଜ ନିଜ ଇଚ୍ଛାରେ ଚରୁଛନ୍ତି । ରାସ୍ତା କଡ ଗୋଟିଏ ଗଛ ମୂଳରେ ବସିଛି । ଏତିକି ବେଳେ ସେ ବାଟରେ ଜଣେ ସାଧୁ ଗେରୁଆ ବସନ ଧାରୀ ସେ ବାଟରେ ଯାଉଥାନ୍ତି । ହାତରେ ଆଶାବାଡି ଓ କମଣ୍ଡଳୁ, ମୁଖର ତେଜ ଫୁଟି ଉଠୁଥାଏ । ବାବାଜୀଙ୍କୁ ଦେଖି ମହୁଆ ଦଉଡି ଯାଇ ବାଟ ଓଗାଳିଲା, କହିଲା ମହାଶୟ ମୋର କିଛି ପଚାରିବାର ଅଛି । ଆପଣ ଛିଡା ହେଲେ, ମୁଁ ପଚାରନ୍ତି । ବାବାଜୀ କହିଲେ ପଚାର ଯାହା ପଚାରିବୁ ମୁଁ କହିବି । ମହୁଆ କହିଲା ଆପଣ ବାବାଜୀ କାହିଁକି ହେଲେ ? ବାବାଜୀ ହୋଇ କଣ ପାଇଲେ ବା ପାଇବେ କଣ ? ଆପଣ କେଉଁଠି ରହନ୍ତି ? କାହାକୁ ଖୋଜୁଛନ୍ତି ? ମୁଁ ଆପଣଙ୍କ ପରି ହୋଇପାରିବି କି ? ମୁଁ ତୋର ସମସ୍ତ ପ୍ରଶ୍ନର ଉତ୍ତର ଦେବି ଆ’ ବସ ଏହା କହି ଗଛ ତଳେ ବସିଲେ । ତାକୁ ପାଖରେ ବସାଇ କହିଲେ ଶୁଣ ତୁ ଯାହା କହିଲୁ ସେ ପ୍ରଶ୍ନ ମାନଙ୍କର ଉତ୍ତର । ମହୁଆ ତୋର ପ୍ରଥମ ପ୍ରଶ୍ନ ହେଲା ଆପଣ ବାବାଜୀ କାହିଁକି ହେଲେ ? ଏ ସଂସାର ଅନିତ୍ୟ ଅଟେ । ଏ ସଂସାରରେ ଘର କରି ସାଂସାରିକ ହେବା ଉଚିତ । ନିଷ୍ଠାର ସହିତ ଭଗବାନଙ୍କୁ ଭକ୍ତି କରି ଗୃହସ୍ଥ ଜୀବନ ଅତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନ୍ଦର କିନ୍ତୁ କେତେକ ବ୍ୟକ୍ତି ଗୃହ ତ୍ୟାଗୀ ହୋଇଯାନ୍ତି ତପସ୍ୱୀ ହୋଇ ଜୀବନଯାପନ କରିବାକୁ ଭଲପାଆନ୍ତି । ଭଗବାନଙ୍କ ଦର୍ଶନ ତାଙ୍କର ସତ୍ୟ ଲାଭ କରିବାକୁ ତପସ୍ୟା କରନ୍ତି । କିନ୍ତୁ ନିଷ୍ଠା ଓ ଧୈର୍ଯ୍ୟ ନଥିଲେ ଭଗବାନ ଦର୍ଶନ ହୋଇପାରେ ନାହିଁ କି ସିଦ୍ଧି ଲାଭ ହୋଇପାରେ ନାହିଁ । ମୋର ଜୀବନ ଆଜି ସେହି ବିଭୁ ଦର୍ଶନ ଉଦ୍ଦେଶ୍ୟରେ ଭ୍ରାମ୍ୟମାଣ୍ୟ ହୋଇପଡିଛି । ମଦୁଆ କହିଲା ଏକ ଲୟ କାହାକୁ କହନ୍ତି ? ବାବାଜୀ ଭାବିଲେ ଏହାକୁ ଏକଲୟର ଅର୍ଥ ବୁଝାଇବା କଷ୍ଟକର ତେଣୁ ସହଜ ଉପାୟ ଓ ବିଶ୍ୱାସଯୋଗ୍ୟ କଥା କହିବା ଉଚିତ । ନିକଟରେ ଥିବା ଏକ ତେନ୍ତୁଳୀ ବୃକ୍ଷକୁ ଦେଖାଇ କହିଲେ ତୁ ଯଦି ହରି ହରି କହି ଏ ଗଛର ସବୁ ପତ୍ର ଛିଣ୍ଡାଇବୁ, ଯେଉଁ ଦିନ ସବୁ ପତ୍ର ଛିଣ୍ଡାଇ ସାରିବୁ ସେ ଦିନ ନିଶ୍ଚେ ତୁ ଭଗବାନଙ୍କର ଦର୍ଶନ ପାଇବୁ । ମହୁଆ କହିଲା ହେ ମହାତ୍ମା ଭଗବାନଙ୍କୁ କିପରି ଚିହ୍ନିବି ? ମୁଁ ତାଙ୍କ ବିଷୟରେ ଶୁଣିଛି କିନ୍ତୁ ତାଙ୍କ ରୂପ ବିଷୟରେ କିଛି ଜାଣି ନାହିଁ । ସେ ବିଭିନ୍ନ ରୂପରେ ଆସନ୍ତି ସତ କିନ୍ତୁ ତାଙ୍କର ଚତୁର୍ଭୁଜ ରୂପ ବାସ୍ତବ ରୂପ ମଦୁଆ କହିଲା । ଚତୁର୍ଭୁଜ ରୂପ କଣ ବାବାଜୀ କହିଲେ । ତାଙ୍କର ଚାରି ହାତ ଗୋଟିଏ ହାତେ ଶଙ୍ଖ ଗୋଟିଏ ହାତେ ଚକ୍ର ଗୋଟିଏ ହାତେ ଗଦା ଆଉ ଏକ ହାତରେ ପଦ୍ମ । ଏହା କହି ବାବଜୀ ଚାଲିଗଲେ । ବାବାଜୀଙ୍କ କଥାରେ ମହୁଆର ଦୃଢ଼ ବିଶ୍ୱାସ ହେଲା ତା ଆରଦିନ ସକାଳୁ କାହାକୁ କିଛି ନକହି ସେ ତେନ୍ତୁଳି ଗଛକୁ ଉଠିଲା ପ୍ରଭୁଙ୍କ ନାମ ସ୍ମରଣ କରି ହରି ନାମ ନେଇ ତେନ୍ତୁଳି ପତ୍ର ଛିଣ୍ଡାଇବାକୁ ଆରମ୍ଭ କଲା । ଗୋଟିକ ପରେ ଗୋଟିଏ ଛିଣ୍ଡାଉଥାଏ ତା ସାଙ୍ଗକୁ ହରିଙ୍କ ନାମ ନେଉଥାଏ । ଥରେ ହରିଙ୍କ ନାମ ନେଉଥାଏ ଓ ଗୋଟିଏ ତେନ୍ତୁଳି ପତ୍ର ଛିଣ୍ଡାଉଥାଏ ଏହି ପରି ହରିଙ୍କ ନାମ ନେଉ ନେଉ ଦିନ ପରେ ଦିନ ମାସ ପରେ ମାସ ଓ ବର୍ଷ ବର୍ଷ ଗଡିଗଲା ନା ତେନ୍ତୁଳି ପତ୍ର ଶେଷ ହେଲା ନା ଗଛରୁ ଓହ୍ଲାଇଲା ଶେଷରେ ଏପରି ଲୀନ ହୋଇଗଲା ଯେ ତେନ୍ତୁଳି ପତ୍ର ଛିଣ୍ଡାଉ ଥାଏ କିନ୍ତୁ ହରିଙ୍କ ନାମ ଭୁଲିଯାଇଥାଏ ତାର ନିଷ୍ଠା

 Magazine Downloaded from www.aahwaan.com

ତେନ୍ତୁଳି ପତ୍ର ଯେଉଁ ଦିନ ଶେଷ ହେବ ତାକୁ ନିଶ୍ଚେ ହରି ମିଳିବେ କିନ୍ତୁ ପ୍ରକୃତିତ ତାର ନିୟମ ବଦଳାଇ ପାରିବନି ନୂତନ ପତ୍ର ପୁଣି ଗଛରେ ଆସୁଥାଏ । କାବେ ଶେଷ ହେବାର ନାହିଁ ତାର ନିଷ୍ଠା ଅନବରତ କାମ ଚାଲିଥାଏ ତାର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କୁ ସେ ଦେଖିବ ଚିହ୍ନିବ ତାଙ୍କ ସହିତ କଥା ଲାଗିବ । ତାର ଲୟ୍ଯ ପରୀକ୍ଷା କରିବା ପାଇଁ ଭଗବାନ ଅନେକ ଜୀବଜନ୍ତୁଙ୍କୁ ପଠାଇ ସାରିଲେଣି ତାକୁ ଭୟ୍ଯ ଦେଖାଇଲେଣି ତା ଦେହରେ ସାପ ଗୁଡାଇ ହେଲେଣି ହେଲେ ତାର ଧ୍ୟାନ ସେ ଆଡକୁ ନାହିଁ ସେ କିଛି ଶୁଣୁନଥାଏ ବା ଜାଣି ପାରୁନଥାଏ । ତାର ନିଷ୍ଠା ତାର ଭୋକ ଶୋଷ ବୁଡାଇ ଦେଲାଣି ସେ ନିଜକୁ ନିଜେ ଭୁଲିଗଲାଣି ସେ ଜାଣି ପାରୁନଥାଏ ଯେ ଗଛର ପତ୍ର କେତେ ଅଛି ଓ କେବେ ସରିବ ମହୁଆର ଏମିତି ନିଷ୍ଠା କର୍ତ୍ତବ୍ୟ ଓ ଭକ୍ତିରେ ଭଗବାନଙ୍କର ଆସନ ଟଳ ମଳ ହେଲା । ତାଙ୍କର ଯୋଗ ନିଦ୍ରା ଭଙ୍ଗ ହେଲା କୌଣସି ଅଲୌକିକ ଘଟଣା ଘଟିଲେ ବା ଘଟିବାର ଥିଲେ ଭଗବାନଙ୍କର ଯୋଗ ନିଦ୍ରା ଭଗ୍ନ ହୁଏ । ପାଦ ମଞ୍ଜାଳୁ ମଞ୍ଜାଳୁ ଲକ୍ଷ୍ମୀ କହିଲେ ପ୍ରଭୁ କଣ ହେଲା ନିଦ୍ରା ଭଗ୍ନ ହେଲା । ବିଷ୍ଣୁ କହିଲେ କେଉଁ ତପସ୍ୱୀର ନିଷ୍ଠା କର୍ତ୍ତବ୍ୟ ଓ ଦୃଢ ବିଶ୍ୱାସ ମୋର ଯୋଗ ନିଦ୍ରା ଭାଙ୍ଗିଦେଇଛି । ମୋତେ ଯିବାକୁ ହେବ । ଲକ୍ଷ୍ମୀ କହିଲେ ପ୍ରଭୁ ମୁଁ ଯାଇପାରିବିକି ? ଶ୍ରୀ ବିଷ୍ଣୁ କହିଲେ ଅତି ଉତ୍ତମ, ଚାଲ ଯିବା । ଗରୁଡକୁ ଆହ୍ୱାନ କଲେ । ରମ୍ୟକ ଦୀପ୍ୱରୁ ଗରୁଡ ଆସିଲେ । ଲକ୍ଷ୍ମୀ ନାରାୟଣ ଗରୁଡାସିନ ହୋଇ ଭକ୍ତକୁ ଦର୍ଶନ ଦେବା ପାଇଁ ଗଲେ । ତେନ୍ତୁଳି ଗଛ ପାଖରେ ଗରୁଡରୁ ଓହ୍ଲାଇ, ବିଷ୍ଣୁ ଏକୁଟିଆ ଗୋଟିଏ ଗୋପାଳ ପିଲାର ବେଶ ଧରି ଗଛମୂଳରେ ଛିଡା ହେଲେ । କାନ୍ଧରେ ବାହୁଙ୍ଗା କ୍ଷୀର ଦଧି ହାଣ୍ଡି ମୁଣ୍ଡରେ ଠେକା ବାନ୍ଧି ଗଛ ତଳୁ ଡାକ ଦେଲେ, ଏ ମହୁଆ ମହୁଆ ଶୁଣୁ ଦେଖ ମୁଁ ଆସିଛି । ଅନେକ ଥର ଡାକିବା ପରେ ମହୁଆର ଚେତନା ଫେରିଲା । ସେ ତଳକୁ ଅନାଇ ପୁଣି ପତ୍ର ତୋଳିବା ଓ ହରି ନାମ ନେବା ଆରମ୍ଭ କଲା । ଭଗବାନ ବିଷ୍ଣୁ କହିଲେ ତୋର

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱାସ ହେଲା ନାହିଁ ତୁ ଯାହାକୁ ଖୋଜୁଛୁ ମୁଁ ସେହି । ମହୁଆ କହିଲା ନା ତୁମେ ସେ ନୁହଁ ମୁଁ ତ ଯାହାକୁ ଖୋଜୁଛି ତାଙ୍କର ତ ଚାରିଟା ହାତ ଶଙ୍ଖ ଚକ୍ର ଗଦା ପଦ୍ମରେ ସୁଶୋଭିତ । ତାଙ୍କର ତ ଅନୁପମ ରୂପ କାହିଁ ତୁମ ନିକଟରେ ତ ସେଇସ୍ୱା ନାହିଁ । ମୁଁ କିପରି ବିଶ୍ୱାସ ଯିବି । ତୁମେ ଭଗବାନ ତୁମେ ଯାଅ ମୋର କର୍ତ୍ତ୍ୟବରେ ବାଧା ଦିଅ ନାହିଁ । ଭଗବାନ କହିଲେ ତୁ ଯଦି ସେଇ ରୂପ ନ ଦେଖୁ ତାହା ହେଲେ ପତ୍ର ଛିଣ୍ଡାଇବା ବନ୍ଦ ହେବ ନାହିଁ । ତେନ୍ତୁଳି ପତ୍ର ତ ଛିଣ୍ଡା ସରିନି ଭଗବାନ ଦେଖା ଦେବେ କେମିତି ? ଭଗବାନ କହିଲେ ଦେଖ ମହୁଆ ତୋର ତେନ୍ତୁଳି ପତ୍ର ଛିଣ୍ଡା ସରିଯାଇଛି । ଆଖି ଖୋଲ ଗଛରେ ଗୋଟିଏ ହେଲେ ପତ୍ର ନାହିଁ । ହେଲେ ତୋର ଭଗବାନ କାହିଁ । ମହୁଆ ଆଖି ଖୋଲି ଦେଖିଲା ବେଳକୁ ଗଛରେ ଗୋଟିଏ ହେଲେ ପତ୍ର ନାହିଁ । ହେଲେ ସ୍ୱୟଂ ନାରାୟଣ ଚତୁର୍ଦ୍ଧା ମୂର୍ତ୍ତିରେ ଛିଡା ହୋଇଛନ୍ତି । ପାଖରେ ଲକ୍ଷ୍ମୀ ଛିଡା ହୋଇଛନ୍ତି । ମହୁଆ ଦେଖିବା ମାତ୍ରେ ଗଛରୁ କୁଦି ପଡିଲା । ଭଗବାନ ଧରି ପକାଇଲେ । ପ୍ରଭୁ ନିସ୍ତରି ଗଲି ଏହା କହି ପାଦ ତଳେ ପଡିଗଲା । ଭଗବାନ କହିଲେ ତୋର ନିଷ୍ଠା ଓ କର୍ତ୍ତ୍ୟବ୍ୟ ଏବଂ ଦୃଢତା ମତେ ଟାଣି ଆଣିଲା । କଣ ମାଗୁଛୁ ମାଗ । ମହୁଆ କହିଲା ପ୍ରଭୁ ଏ ସଂସାରେ ଯାହା ଅଛି ସବୁ ତ ତୁମରି ସବୁ ସଚରାଚର ପ୍ରାଣୀ ପ୍ରାଣୀ ପାଇଁ ଦେଇସାରିଛ । ତୁମରି ଦେଲା ପଦାର୍ଥ କିପରି ତୁମକୁ ଲେଉଟାଇବି ପ୍ରଭୁ । ଏ ନିତ୍ୟ ସଂସାରରେ କେହି କାହାରି ନୁହନ୍ତି ଆସିଛୁ ଏକା ଯିବୁ ତୁ ଏକା ଏହା ହିଁ ସାର । ତେଣୁ ମୁଁ ଆପଣଙ୍କର ଦର୍ଶନ ପାଇଲି ଏହା ହିଁ ସବୁ ଯେତେ ଦିନ ଏ ସଂସାରେ ଥିବି ଆପଣଙ୍କର ନାମ ନେଉଥିବି । ପ୍ରଭୁ ସଦାବେଳେ ମୋ ପ୍ରତି ସଦୟ ହୋଇଥିବ ଏତିକି କାମନା । ଭଗବାନ କହିଲେ ତଥାସ୍ତୁ । ମୁଁ ତୋର ଅଧୀନ ହେଲି ମହୁଆ । ତୁ ଯେତେ ବେଳେ ଡାକିବୁ ମୁଁ ଆସିବି ଆଉ ତେନ୍ତୁଳି ପତ୍ର ଛିଣ୍ଡାଇବାକୁ ପଡିବନି "ଭକ୍ତର ଅଧୀନ ଭଗବାନ" ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂଗୀତବିଦ୍

ମୂଳ ତାମିଲ : ମାଲନ୍ ନାରାୟଣନ୍

ଅନୁସୃଜନ : ସୁଧାଂଶୁ ଶେଖର ଦ୍ୱିବେଦୀ



ସୁଧାଂଶୁ ଶେଖର ଦ୍ୱିବେଦୀ

ଗୋଟେ ଅସଂଗତ ମୁହୂର୍ତ୍ତରେ ଯକ୍ଷିଣୀ ପହଞ୍ଚିଗଲା ।

ସକାଳରୁ ଜାନକୀ ରମଣଙ୍କ ମନରେ ଧୂଆଁଳିଆ ଉଦାସ ଛାଇ ରହିଥାଏ । ଏକ ଏଭଳି କଳ୍ପନା ଯାହାକୁ ସ୍ପଷ୍ଟରୂପେ ବ୍ୟକ୍ତ କରି ହୁଏନି । ଭାଓଲିନ୍ ବଜେଇବା ପାଇଁ ଉଠେଇବା ମାତ୍ରେ ସ୍ୱର ସବୁ ବେସୁରା ବାହାରୁଛି । କେତେ ପ୍ରକାର ପ୍ରୟାସ କରି ଦେଖିଲେଣି ସେ ହେଲେ ଠିକ୍ ଭାବରେ ବୁଝି ପାରୁନାହାନ୍ତି । ନିରାଶ ହୋଇ ଭାଓଲିନକୁ ରଖି ବଗିଚାରେ ପହଞ୍ଚିଗଲେ । ଅଚାନକ ତାଙ୍କ ମନ ବିଷାକ୍ତ ହୋଇ ଉଠିଲା । ତାଙ୍କୁ ଜଣାଗଲା କୂଳ ଲଙ୍ଘୁଥିବା ଜୁଆରରେ ଫେଣ ସବୁ ପହଁରୁଛନ୍ତି । ଖୁବ୍ ଶୀଘ୍ର ଘର ଭିତରକୁ ଯାଇ ବସିଗଲେ । ଭାଓଲିନରେ ପୁଣିଥରେ ସ୍ୱର ଲଗେଇବାରେ ବାଧକ ହେଉଥାଏ । ହଠାତ୍ ଋଷଭ ସ୍ୱର ଶବ୍ଦ ସହ ବାହାର କବାଟ ଖୋଲିବା କ୍ଷଣି ଜାନକୀ ରମଣଙ୍କ ଭାବ-ତରଙ୍ଗ ଗୋଳମାଳ ହୋଇଗଲା । ରୌଦ୍ର ରସଭରା ଜ୍ୱଳନ୍ତ ଆଖିକୁ ଖୋଲି ଦେଖିଲେ ସମ୍ମୁଖରେ ଜୋସେଫ୍ ଓମ କାଠର ଛୋଟ ପେଟିଟିଏ ଧରି ଠିଆ ହୋଇଛି । ଓମ୍ ବହୁତ ବଦଳି ଯାଇଥାଏ । ଶରୀରରେ ମୋଟାପଣ ବଢ଼ିଯିବା ସହ ଚମତ୍କାର ରଙ୍ଗ ଗୋରା ପଡ଼ିଯାଇଥାଏ । ଯେତେବେଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ତାଙ୍କ ସହ ରହୁଥିଲା ମୁଣ୍ଡର ଆଗପଟେ ଅଙ୍ଗୁଳିଏ ଚନ୍ଦାପଣ ବାରି ହେଉଥିଲା, କିନ୍ତୁ ଏବେ ତା ମୁଣ୍ଡର ଚୁଳ ସୁନାରଙ୍ଗ ପରି ଚକ୍ ଚକ୍ କରୁଛି । ତାଙ୍କୁ ଭ୍ରମିତ କରୁଥାଏ ସମୟ ବଢିବା ସହିତ ଓମ୍‌ର ବୟସ କମିଯାଉଛି କେମିତି ?

ଓମ୍ ଆମେରିକାର ଓରିବିଲ୍ ବିଶ୍ୱବିଦ୍ୟାଳୟର ସଂଗୀତ ପ୍ରାଧ୍ୟାପକ ଅଛି । କର୍ଣ୍ଣାଟକୀ ସଂଗୀତ ଶିଖିବା ପାଇଁ ଭାରତ ଆସି ଅନ୍ୟ ସଂଗୀତଜ୍ଞଙ୍କୁ ଛାଡ଼ି ଜାନକୀ ରମଣଙ୍କୁ ନିଜ ଗୁରୁ ଭାବରେ ଗ୍ରହଣ କରିଛି ।

ଜାନକୀ ରମଣ ସଂଗୀତରେ ପାରଙ୍ଗମ, ନାଦମୂନୀଙ୍କ ଦ୍ୱିତୀୟ ଅବତାର । ହେଲେ ପାହାଡ଼ ଉପର ଦୀପ ନ ହୋଇ ମାଠିଆ ଭିତର ଦୀପ ହୋଇଗଲେ । ସଂଗୀତ ବ୍ୟତୀତ ଅନ୍ୟକିଛି ବିଷୟରେ ଅଭିରୁଚି ରଖନ୍ତିନି । ତାଙ୍କୁ ସଂଗୀତ ବିଦ୍ୟାରେ ପରିପୂର୍ଣ୍ଣତା ପାଇବା ପାଇଁ ତୀବ୍ର ଲାଳସା ଥିଲା, ତା ସହ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଜୀବନପାଇଁ ସଂଗୀତର ଜ୍ଞାନ ପର୍ଯ୍ୟାପ୍ତ ।

ସହରଠୁ ଦୂରରେ ଗୋଟିଏ ଛୋଟ ଘରେ ଏକାକୀ ରହନ୍ତି, କେତେ ଲୋକଙ୍କୁ ସେ ସଂଗୀତ ଶିଖେଇଛନ୍ତି । ପରନ୍ତୁ କାହାରିକୁ ନିଜର ଶିଷ୍ୟ ରୂପେ ସ୍ୱୀକାର କରି ପାରିନାହାନ୍ତି । ତାଙ୍କ ମହାନତାକୁ ଚିହ୍ନି କେହି ଡାକିଲେ କେବେ କେମିତି ସଂଗୀତ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି ।

ଓମ୍ ସଂଗୀତ ଶିଖିବା ପାଇଁ ତାଙ୍କ ପାଖରେ ପହଞ୍ଚିଲା । ଦୁଇବର୍ଷ ରହିଲା । ଚଉକାସନ ମାରି ତଳେ ବସି ତାଙ୍କ ହାତତିଆରି ତାମିଲ୍ ଭୋଜନ ଆନନ୍ଦରେ ଖାଏ । ଜାନକୀ ରମଣଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ ବିଷୟରେ ସଂପୂର୍ଣ୍ଣ ଅବଗତ ହୋଇଗଲା ସେ । ଦୁଇବର୍ଷ ପୁରାହେବାପରେ ସେ ବି ତାଙ୍କୁ ଆମେରିକା ଯିବାପାଇଁ ପ୍ରାର୍ଥନା କରିଥିଲା, କିନ୍ତୁ ତା ପ୍ରାର୍ଥନାକୁ ସେ ଦୃଢ଼ତାପୂର୍ବକ ଅସ୍ୱୀକାର କରିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଆରେ ଓମ୍, କେମିତି ଅଛ ?

- ଆଜ୍ଞା, ମୁଁ ଠିକ୍ ଅଛି ।

- କେବେ ଆସିଲ ?

- ଆଜି !

- ଆଗରୁ ମୋତେ ଜଣେଇ ପାରିଥାନ୍ତ ?

ଓମ୍ ସୁମଧୁର ହସ ହସିଲା ।

- ଆଗକୁ କଣ କାର୍ଯ୍ୟକ୍ରମ ଅଛି ?

- ଆଜି ଆପଣଙ୍କ ଜନ୍ମଦିନ ନା ?

- ଆଜି ? ନା ଆଜି ନୁହେଁ ତ !

- ଆପଣ ଭାଦ୍ରବମାସ ଶୁକ୍ଳପକ୍ଷରେ ଜନ୍ମିଥିଲେ ।

- ଆରେ ମୋ ବିଷୟରେ ତୁମର ଏତେ ସବୁ ମନେ ଅଛି ?

- ତାହା କଣ ଭୁଲିହୁଏ ? ଆପଣଙ୍କ ଜନ୍ମଦିନକୁ ମୋ କଂପ୍ୟୁଟର ପ୍ରୋଗ୍ରାମ କରି ରଖିଛି । ଯେମିତି ଭୁଲିନଯାଏ ।

- ଖୁସିର କଥା । ବସିଯାଅ । ମୁଁ କଫି ତିଆରି କରି ଆଣୁଛି ।

- ନା, ଆଗକୁ ସେ ସବୁ କାର୍ଯ୍ୟ ଆପଣଙ୍କୁ ଆଉ କରିବାକୁ ପଡିବନି ।

- ଏଥିରେ କଣ ଅସୁବିଧା ? ମୋ ଗୁରୁ ମୋ ପାଇଁ କରୁଥିଲେ । ପୀଢ଼ି ପରେ ପୀଢ଼ି ଏଇମିତି ଚଳି ଆସୁଛି ।

- ଏବେ ଆଉ ଆପଣଙ୍କୁ ସେ ସବୁ କରିବାକୁ ପଡ଼ିବନି, ସେଥିପାଇଁ ତାକୁ ନେଇ ଆସିଛି ।

- କଣ ?

 Magazine Downloaded from www.aahwaan.com

- ଏହା ଏକ ଏଭଳି ପେଟି ଯିଏ ଆପଣଙ୍କର ଆବଶ୍ୟକତା ମୁତାବକ ସବୁକିଛି କରିଦେବ ।

- ଏଇ ଛୋଟ ପେଟି ସବୁ କରିଦେବ ?

- ଆଜ୍ଞା । ସେବା କରୁଥିବା କମ୍ପ୍ୟୁଟର ଇଏ ।

- ନା, ନା, ମୋର୍ ସେଭଳି ଜିନିଷର ଆବଶ୍ୟକତା ନାହିଁ ।

- ଡରିବାର କିଛି ନାହିଁ, ସେ ଆପଣଙ୍କର ଆଜ୍ଞାଧୀନ ଚାକର ହୋଇଯିବ ।

- ତୁମକୁ ଜଣାଥିବ ମୁଁ ଏପର୍ଯ୍ୟନ୍ତ ଟେପରେକର୍ଡର କୁ ବି ଛୁଇଁନାହିଁ । ତାକୁ ଘୁରେଇବା, ମୋଡ଼ିବା ମୋ ଦ୍ୱାରା ହୋଇପାରିବନି ।

- ଆଦୌ ଭୟଭୀତ ହୁଅନ୍ତୁନି । ଆପଣଙ୍କୁ ମଧ୍ୟ କିଛି କରିବାକୁ ପଡ଼ିବନି । କେବଳ ଆପଣଙ୍କ ନିର୍ଦ୍ଦେଶାନୁସାରେ ସବୁ କାମ କରିଦେବ ।

- ଏ ହେ... ! ଏତେ ଛୋଟ ମେସିନ ଏତେ ସବୁ କାମ କରିଦେବ ? ବଡ଼ ଆଶ୍ଚର୍ଯ୍ୟ କଥା ।

- ଏଇଟା ମେସିନ୍ ନୁହେଁ, ଗୋଟେ ସିଷ୍ଟମ୍ । ଆପଣଙ୍କ ଘରର ପ୍ରତିଟି ରୁମରେ ଏହାର ସଂପର୍କ ଯୋଡ଼ା ହୋଇ ରହିବ । ସଂପର୍କ ଜରିଆରେ ଆପଣଙ୍କ ଆଦେଶକୁ ସ୍ୱୀକାର କରି କେନ୍ଦ୍ରିୟ କମ୍ପ୍ୟୁଟରକୁ ପଠେଇବ । କେନ୍ଦ୍ରିୟ କମ୍ପ୍ୟୁଟର ଆପଣଙ୍କ କାର୍ଯ୍ୟକୁ କାର୍ଯ୍ୟାନ୍ୱିତ କରିବାପାଇଁ ଏଇ ସିଷ୍ଟମକୁ ଆଦେଶ ଦେବ ।

- ଇଏ କଣ ଇନ୍ଦ୍ରଜାଲ ?

- ସେଇୟା ବି ଭାବିପାରନ୍ତି ।

- ଇଏ କଥା କହିପାରେ ?

- ନିଶ୍ଚୟ !

 Magazine Downloaded from www.aahwaan.com

- ତା ହେଲେ ତ ବଡ଼ ଅସୁବିଧା । ମୁଁ ଯଦି ଭୁଲବଶତଃ ଅନ୍ୟକିଛି କହିଦିଏ ?

- ଚିନ୍ତା କରନ୍ତୁନି । ମୁଁ ପନ୍ଦର ଦିନ ଆପଣଙ୍କ ସହିତ ରହି ଆପଣଙ୍କ ଦିନଚର୍ଯ୍ୟାର ପ୍ରତିଟି ମୁହୂର୍ତ୍ତକୁ ଦେଖି ବ୍ୟବସ୍ଥା କରିଦେବି । ଆପଣଙ୍କ ବିଷୟବସ୍ତୁକୁ କମ୍ପ୍ୟୁଟର ସଂପର୍କରେ ରୁପାନ୍ତରିତ କରି ତା ସ୍ମୃତି ପଟଳରେ ଯୋଡ଼ିଦେବି ।

- ତୁମେ ସବୁ ଠିକଠାକ୍ କରିଦେଇ ଆମେରିକା ଚାଲିଯିବ । ତାପରେ ବି ସେଇଟା ଯଦି କିଛି ଖରାପ ହୋଇଯାଏ ?

- କିଛି ସମସ୍ୟା ହେବନି । ଆପଣଙ୍କର ଯାହାବି କାମ ପସନ୍ଦ ନୁହେଁ ତାହା ସେ କରିବନି ।

- ଠିକ୍ ଅଛି ।

- ଆଛା ଏହାକୁ ସ୍ଥାପିତ କରିବାପାଇଁ ରୁମକୁ କିଛି ପରିମାଣରେ ପରିବର୍ତ୍ତନ କରିବାକୁ ହେବ । ଯଦି ଆପଣ ଅନୁମତି ଦେବେ, ତାହେଲେ ବାକି ସବୁ ମୁଁ କରିଦେବି ।

- ତୁମର ଯାହା ଇଚ୍ଛା କର ।

- ହଁ, ଏହାକୁ ଡାକିବା ପାଇଁ ଗୋଟେ ନାଁ ଆବଶ୍ୟକ । ଆପଣଙ୍କ ପସନ୍ଦ ଅନୁଯାୟୀ କୌଣସି ଏକ ନାଁ କୁହନ୍ତୁ ।

- ଅପିତକୁଚାମ୍ବଲ୍ ରଖିଦିଅ । ଆଜୀବନସେବା କରୁଥିବା ମୋ ପତ୍ନୀର ନାଁ ।

- ଏତେ ଲମ୍ବା ନାଁ ମେସିନରେ ଯୋଡ଼ିହେବନି । ତିନି ଅକ୍ଷରର ଗୋଟେ ଛୋଟ ନାଁ କୁହନ୍ତୁ ।

ଜାନକୀ ରମଣ କିଛି କ୍ଷଣ ନିରବ ରହିବା ପରେ ଛାତକୁ ଦେଖିଲେ । ପରେ ଗୋଟେ ଗୋଟେ ଅକ୍ଷର ଯୋଡ଼ି କହିଲେ ଯ - କ୍ଷି - ଣୀ ।

ତାପରେ ଯକ୍ଷିଣୀ ପୁରା କାର୍ଯ୍ୟକୁ ସୁଚାରୁରୂପେ କରି ପାରୁଥିବା ବିଶ୍ବସନୀୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଚାରିକା ହୋଇଗଲା ।

ଦେଖୁ ଦେଖୁ ଜାନକୀ ରମଣ ଆଶ୍ଚର୍ଯ୍ୟରେ ପଡ଼ିଗଲେ । ଗୋଟେ ମେସିନକୁ ଆଦେଶ ଦେବାମାତ୍ରେ ଏତେ ସବୁ କାର୍ଯ୍ୟ ପୁରା ତତ୍ପରତାର ସହ କରିଦେଉଛି । କେବଳ ସେତିକି ନୁହେଁ, ଅସୁବିଧା ହେଲେ କିଛି ପଚାରି ଦେଉଛି । ସଠିକ୍ ଉପଦେଶ ଦେଉଛି ।

- ଆଜି କ୍ଷୀର ଆସିବାରେ ଲେଟ୍ ହେଲା କାହିଁକି ?

- ଏଥର ଚାଉଳରେ ଗୋଡ଼ି ବାହାରୁଛି ।

- ଧୋତି ଗୋଟେ ମାସ ଭିତରେ ଚିରିଯିବ । ନୂଆ କିଣି ଆଣ ।

- ଗୋଲାପଫୁଲ କୁଣ୍ଡରେ ପାଣି ଦିଆ ହୋଇନି ।

ମର୍ଣ୍ଣି ୱାକ୍ ସମୟରେ ସାଲ୍ ନେଇଯାଅ । ବାହରେ ଥଣ୍ଡା ପଡ଼ିଛି ।

ନୂଆ ବୋହୂ ହାତରେ ଘରର ସବୁ ଦାୟିତ୍ୱ ଅର୍ପଣ କରିଦେବା ପରି ଯକ୍ଷିଣୀ ହାତରେ ସବୁକିଛି ସମର୍ପଣ କରି ସଂଗୀତର ଶିଖର ଛୁଇଁବା ଉତ୍ସାହରେ ଭାଓଲିନ୍ ଧରି ବସି ଯାଆନ୍ତି ଜାନକୀ ରମଣ ।

ଏତେସବୁ କିଛି ହେବାପରେ ମଧ୍ୟ ଜାନକୀ ରମଣ ଯକ୍ଷିଣୀକୁ ନିଜ ଭାଓଲିନ୍ ସଫା କରିବାକୁ କୁହନ୍ତିନି । ତାଙ୍କ ବିଚାରରେ ସଂଗୀତ ଏକ ପବିତ୍ର ଏବଂ ଈଶ୍ୱରୀୟ ବିଦ୍ୟା । ତାକୁ ମେସିନ୍ ହାତରେ ସଫା କରେଇବା କିମ୍ବା ଆଉ କିଛି କରିବା ଉଚିତ ନୁହେଁ ।

ଦିନେ ପୂଜାପାଠ ସାରି ହଲରେ ବସିଥାନ୍ତି ସେ । ଯକ୍ଷିଣୀ ଆସି ପଚାରିଲା, "ଗୁରୁଜୀ ଆପଣ ଆରାମ କରୁଛନ୍ତି ?"

- କଣ ହେଲା କହ ?

- ଷଡ଼ଜ ମାନେ କଣ ?

- ଏଭଳି ଶବ୍ଦ ତୁ କୋଉଠୁ ଶିଖିଲୁ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- କାଲି ଆପଣ ନିଜ ବନ୍ଧୁଙ୍କୁ କହୁଥିଲେ ?

- ଓ..ହୋ.. ! ଷଡ଼ଜମାନେ ସ୍ୱର ।

- ସ୍ୱର ମାନେ କଣ ?

- ସେସବୁ ତୁ ଜାଣି କଣ ପାଇବୁ ?

- ଆପଣ କଣ ମୋତେ ସଂଗୀତ ଶିଖେଇବେନି ?

- ତୋତେ ?

- ହଁ, ମତେ ।

- ସଂଗୀତ ଈଶ୍ୱରୀୟ କଳା । ଉନ୍ନତ ବିଦ୍ୟା, ଜୀବନସାରା ଅଭ୍ୟାସ କରି ଶିଖା ହେଉଥିବା କଳା ।

ଈଶ୍ୱରୀୟ, ଉନ୍ନତ, ଜୀବନ ଏ ସବୁ ନୁଆ ଶବ୍ଦକୁ ଶୁଣି ଯକ୍ଷିଣୀ ଅସମଞ୍ଜସ୍ୟରେ ପଡ଼ି ପଚାରିଲା, "ଏ ସବୁର ମାନେ କଣ ?"

- ମୋତେ ହଇରାଣ କରନା । ଯା ଏଠୁ ।

ତା ପରଦିନ ଜାନକୀ ରମଣ ପାନ ଚୋବାଇବା ବେଳେ ଯକ୍ଷିଣୀ କହିଲା, "ସଂଧ୍ୟାରେ ବାହାରିବାକୁ ପଡ଼ିବ । ଦିଲ୍ଲୀରେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସଂଗୀତ କାର୍ଯ୍ୟକ୍ରମ । ଲୁଗା, ଭାଗବତ ଗୀତା, ଡ୍ରାଇ ଫ୍ରୁଟ୍‌ସ, ପାନ ଗୁଆ, ପଦାବଳୀ ପୁସ୍ତକ, ଡାଇବେଟିସ ମେଡ଼ିସିନ ଇତ୍ୟାଦି ସବୁ ପ୍ରସ୍ତୁତ । ଭାଓଲିନ୍ ପେକ୍ କରିଦେବି ?

ଭାଓଲିନ୍ କଥା ଶୁଣିବା କ୍ଷଣି ଜାନକୀ ରମଣ ଚିତ୍କାର କରି ଉଠିଲେ, "ଖବରଦାର୍ ! ଭାଓଲିନରେ ଯେମିତି ତୋ ହାତ ନ ଲାଗେ ।"

ଦଶଦିନପରେ ଫେରିଆସି ଜାନକୀ ରମଣ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲେ । ତାଙ୍କ ଘର ଭିତରୁ ଦେବଗୀତ ଭଳି ରାଗଭୈରବୀ ପବନ ଲହରୀରେ ଭାସି ଆସୁଥାଏ । ସଂପୂର୍ଣ୍ଣ

 Magazine Downloaded from www.aahwaan.com

ପରିଶୁଦ୍ଧତା, ଅତିଶୟ ଲାଳିତ୍ୟ, ଅପୂର୍ବ ଗାମ୍ଭୀର୍ଯ୍ୟ, ଆହା ଅଲୌକିକ ସଂଗୀତ । ତାହା ଶୁଣିବାକ୍ଷଣି ତାଙ୍କର ପୁରା ଶରୀର ପୁଲକିତ ହୋଇଗଲା । ଏଭଳି ଉନ୍ନତ ସଂଗୀତର ଶାଳିନତାରେ ତାଙ୍କ ଭିତରେ କିଛି ଭାଙ୍ଗିଗଲା ପରି ଅନୁଭବ କଲେ ସେ । କାନ୍ଦିବାକୁ ଇଚ୍ଛା ହେଉଥାଏ । ପରକ୍ଷଣରେ ସେ କଇଁ କଇଁ କାନ୍ଦି ଉଠିଲେ । ଷାଠିଏ ବର୍ଷର ଆୟୁ ପର୍ଯ୍ୟନ୍ତ ଏଭଳି ଶୁଦ୍ଧ ସଂଗୀତ ସେ କେବେ ଶୁଣିନଥିଲେ ।

ମୁଖ୍ୟଦ୍ୱାର କବାଟକୁ ଧକା ମାରି ଘର ଭିତରକୁ ପଶି ଲାଇଟ୍ ଅନ୍ କଲେ ସେ । ତୁରନ୍ତ ସଂଗୀତର ଧାରା ବନ୍ଦ ହୋଇଗଲା ।

ଯକ୍ଷିଣୀ ପଚାରିଲା, "କିଏ ?"

"ମୁଁ" ସଂକ୍ଷିପ୍ତ ଉତ୍ତର ଜାନକୀ ରମଣଙ୍କର ।

- ଯାତ୍ରା କେମିତି ଥିଲା ?

ଜାନକୀ ରମଣ ଯକ୍ଷିଣୀର ପ୍ରଶ୍ନକୁ ଉପେକ୍ଷା କରି ଘରର ପ୍ରତିଟି ଝରକା ଓ କବାଟ ଖୋଲିବା ସମୟରେ ପଚାରିଲେ, "ଭାଓଲିନ୍ କିଏ ବଜାଉଥିଲା ?"

ଗୋଟେ ମିନିଟ୍ ନିଃଶବ୍ଦରେ ଯକ୍ଷିଣୀ କହିଲା, "ମୁଁ"

- ତୁ... ?

- ହଁ...

ଜାନକୀ ରମଣଙ୍କ ମନ ମଧ୍ୟରେ ଅନାବଶ୍ୟକ ଇର୍ଷ୍ୟା ଜାଗିଉଠିଲା ।

- ଭାଓଲିନ୍ ରଖିବାଉ ତୋତେ ମନା କରିଥିଲି ନା ?

- ମୁଁ ତାକୁ ବିଲକୁଲ୍ ଛୁଇଁ ନାହିଁ ।

- ମିଛ.. ! ଏବେ ତ ଭାଓଲିନର ଶବ୍ଦ ଗୁଞ୍ଜରିତ ହେଉଥିଲା ।

ତାହା ତ ଏକ ବିଶିଷ୍ଟ ଆବୃତ୍ତି । ମୋ ସିଷ୍ଟମରେ ଉଠା ହୋଇଥିବା ସ୍ୱର ଲହରୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ତତେ ଏଭଳି ଅଦ୍ଭୂତ ସଂଗୀତ କିଏ ଶିଖେଇଲା ?

- ନିଜେ...

- ମାନେ ?

କେବଳ କିଛି ଧ୍ୱନୀ, କିଛି ଧ୍ୱନୀ ତରଙ୍ଗ ଓ ସ୍ୱରକୁ ନେଇ ପ୍ରସ୍ତୁତ ହୋଇଛି । ଯଦି ଏହାକୁ ଆପଣ ସଂଗୀତ କହୁଛନ୍ତି ତେବେ ଆପଣ ଶିଷ୍ୟମାନଙ୍କୁ ଯେଉଁ ସଂଗୀତ ଶିକ୍ଷା ଦେଉଛନ୍ତି ତାହାରି ଆଧାର ହେଉଛି ଇଏ ।

- କେବଳ ରାଗ ଭୈରବୀ ଜାଣିଛୁ ନା ଆଉ କିଛି ?

ଯେକୌଣସି ରାଗ ବଜେଇ ପାରିବି । ରାଗ ତ କିଛି ଧ୍ୱନୀର ଏକ ସୂତ୍ର ଅଟେ । ତାକୁ ମୋ ସିଷ୍ଟମର ସ୍ମୃତିପଟଳରେ ଅଙ୍କିତ କରିଦେଲେ ଅଲଗା ଅଲଗା ସୂତ୍ର ଲଗେଇ ରାଗର ବିବରଣୀ ଦେଇ ପାରିବି ।

ଜାନକୀ ରମଣଙ୍କର ସଂଗୀତ ପ୍ରତି ମୋର ଶିଥିଳ ହୋଇଯାଉଥାଏ । ଦୀର୍ଘ ପଚାଶ ବର୍ଷ ଦିନରାତି ସଂଗୀତରେ ପରିଶ୍ରମ କରି ସେ ଯାହା ଶିଖିଥିଲେ, ତାହା ଗୋଟେ ମେସିନ କେବଳ ଦଶ ଦିନରେ ଶିଖିନେଲା ? ସଂଗୀତର ଅଧା ସମୁଦ୍ର ପାରି ହୋଇଯାଇଛନ୍ତି ବୋଲି ସେ ଦୃଢ଼ଥିଲେ । କିନ୍ତୁ ତାହା ତାଙ୍କପାଇଁ ସ୍ୱପ୍ନ । ଏ ପର୍ଯ୍ୟନ୍ତ ସେ ସମୁଦ୍ର ତଟରେ ଛିଡ଼ା ହୋଇଛନ୍ତି । ଭାବୁକତା ବଶତଃ ତାଙ୍କ ଆଖିରେ ଲୁହ ଭରି ଆସୁଥାଏ । ସଂଗୀତବିଦ୍ ହେବା ତାଙ୍କପାଇଁ ତୁଚ୍ଛ ମନେ ହେଉଥାଏ ।

ଯୋଗ ଫର୍ ଲାଇଫ୍
ବିସି-୭୪, ସେକ୍ଟର-୧
ସଲ୍ଟଲେକ୍, କୋଲକାତା - ୭୦୦୦୬୪
ଭ୍ରାମ୍ୟଭାଷ : ୯୭୮୧୩୭୩୫୧୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ

ମର୍ତ୍ତ୍ୟର ଦେବୀ ସିଏ ମୋ ମାଆ ଜୀବନରୂପକ ଯୁଦ୍ଧରେ ହାରିବାକୁ ଦେଇନି ସେ ମୋତେ, ନିଜେ ଦୁଃଖକୁ ପାଣି ପରି ପିଉଛି, ସଂସ୍କାରିତ କରିଛି ମୋତେ...

ତାର ସେହି ମମତାକୁ ମନ ଝୁରେ ଆଜି ଅନ୍ତରର ନିରବତାରେ ଖୋଜେ ମୁଁ ତାକୁ ସେ ଦେବୀକୁ... ଯା'ର ପରଶରେ ଦୁଃଖ ମୋର ଭୁଲିଯାଏ ।

ଆଖିର ଝରକାରେ ତାର ସେହି ନୈସର୍ଗିକ ପ୍ରେମ ବାତ୍ସଲ୍ୟଭରା ମମତ୍ୱ ଭାସି ଉଠେ । ଯା'ର ମମତା ଓ ନିଃସ୍ୱାର୍ଥପର ପ୍ରେମ ମୋତେ ବନ୍ଦୀ କରି ରଖିଛି । ମୋ ମାଆ, ସେ ମୋ ପାଇଁ ଚଳନ୍ତି ଦେବୀ ତାକୁ ଛାଡ଼ି ବଞ୍ଚିବା ଯେ କେତେ କଷ୍ଟ ।

ପ୍ରତିଟି ମୁହୂର୍ତ୍ତରେ ପ୍ରତିଟି କଷ୍ଟରେ, ପ୍ରତିଟି ସଫଳତାରେ ମନ ତାକୁ ହିଁ ଖୋଜେ...

ସବୁଠୁ ନିଆରା ତାର ପରଶ, ପ୍ରେମ ଆଜିର ଏଇ ଲେଖାରେ ମୋର ଆଖି ହିଁ ମୋ ଆୟତ୍ତରେ ନାହିଁ । କ'ଣ ଦେଇ ତାର ପୂଜା କରିବି । କିଛି ତ ନୈବେଦ୍ୟ ନାହିଁ । ଆଖିର ଅଶ୍ରୁ ଛଡ଼ା ।



ସ୍ୱର୍ଣ୍ଣରେଖା ପଣ୍ଡା

ଜହ୍ନଠୁ ଶୀତଳ ଯା'ର ପରଶ
ମହୁଠାରୁ ମିଠା ଯା'ର କଥା
ସେହି ଚଳନ୍ତି ଦେବୀଙ୍କୁ ଏ ଦଶହରାରେ ଦର୍ଶନ କରିବାକୁ ଇଚ୍ଛା ହେଉଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଢଗଢମାଳି ସଂଗ୍ରହ

ଆମ ସମାଜ ଜୀବନରେ ଆଜି ମଧ୍ୟ ଆମ୍ଭେ ଅନେକ ଢମାଳି, ଢଗର ପରିଚୟ ପାଇଥାଉ । କେବେ କେବେ ଏହା ବହୁ ହାସ୍ୟାସ୍ପଦ ପ୍ରତୀତ ହୁଏ ଆଉ ସେହି ହସ ନିଗୂଢ଼ ଶିକ୍ଷାତ୍ମକ ହୋଇଥାଏ । ସେ ଭିତରୁ କିଛି ସଂଗ୍ରହ କରି ଉପସ୍ଥାପନା କରିବାକୁ ଯାଉଛି । ଅଞ୍ଚଳ ଭେଦରେ ଏହା ପର୍ଯ୍ୟବେକ୍ଷିତ । ତେଣୁ ପଢ଼ିଲେ ଯେତିକି ମଜା ଆସିବ ତାର ମାର୍ମିକ ଅଭିବ୍ୟକ୍ତି ମଧ୍ୟ ସାହିତ୍ୟକୁ ଅଳଙ୍କୃତ କରିବ ।

୧ - ହଳିଆ ଖାଏ ମହିପାଲ
ସାହୁ ଖାଏସି ଝିଲି ।

ଭାବାର୍ଥ - 'ସାହୁ' ଅର୍ଥାତ ଗାଁ ଗଉଡିଆ ଶ୍ରେଣୀର ଲୋକ । ଗରିବ ଲୋକ ସାଧାରଣ ଚାଉଳ ଗଣ୍ଡେ ପାଉଥିବା ବେଳେ ଧନୀ ଲୋକ ଉନ୍ନତଧରଣର ଚାଉଳ (ଝିଲି) ଖାଇବାକୁ ପାଆନ୍ତି । ଏହି ଉଦାହରଣରୁ ଲୋକ ସମାଜରେ ଶ୍ରେଣୀ ଶୋଷଣର ଚିତ୍ର ଉଦଭାସିତ ।



ପି. ପୂରବୀ ମହାନ୍ତି

୨ - ଉ ସତ ହେଲେ ଗଁଡେ
ଡେଗି ପକାଲେ ହାଥେ କାଣେ ।

ଭାବାର୍ଥ - ସାଧାରଣତଃ ଗଣ୍ଡା ଜାତିର ଲୋକେ ସଂକୀର୍ତ୍ତନ କଲାବେଳେ ତାଙ୍କର ଗୀତ ଓ ବାଦ୍ୟ ଉଚ୍ଚକୋଟୀର ହୋଇଥାଏ । ମାତ୍ର ସେମାନେ ସଂକୀର୍ତ୍ତନରେ ଯେମିତି ନାଚିବା କଥା ସେମିତି ଜାଣନ୍ତି ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେଣୁ ଏପରି କୁହାଯାଏ ।

୩ - ଲାଜ ସ ରମ୍ ଦୂରେ ଥୋଇ

ନାଚନ୍ତି ଉନ୍ ମାଦ୍ ହୋଇ ।

ଭାବାର୍ଥ - ଏହି ଗଣ୍ଡା ଜାତିର ଲୋକେ ଟିକିଏ କଥାରେ ଉସତ (ଆନନ୍ଦ) ହୋଇଯାଆନ୍ତି । ତେଣୁ ବର୍ଣ୍ଣିତ ।

୪ - ଅତି ମଧୁର କି ରହା ଖାଏ

ଅତି ନିଲ ଜ୍ ଗୀତ ଗାଏ

ଅତି ସେଁ ରର ନାଚିଯାଏ ।

ଭାବାର୍ଥ - କୌଣସି ବିଷୟରେ ସୀମାଲଙ୍ଘନ ନ କରିବା ସକାଶେ ଉପରୋକ୍ତ ନୀତିବାଣୀରେ ପରାମର୍ଶ ଦିଆଯାଇଛି ।

୫ - ଉପର ବ ରଡା ହସୁଛେ

ତଲ ବରଡ଼ା ଖସୁଛେ

ମଝିର ବରଡା ବଲୁଛେ

ରହ ରହରେ ଉପର ବରଡ଼ା

ତୋର ଦିନ୍ କାଲ୍ ଆସୁଛେ ।

ଭାବାର୍ଥ - ଦୁଃଖ ଓ ସୁଖ ଜୀବନର ଦୁଇଟି ପାର୍ଶ୍ୱ । ଆଜି ଯେ ରାଜା ଆସନରେ ଅଭିଷିକ୍ତ ପରମୁହୂର୍ତ୍ତରେ ସେ ଭିକାରୀ, ଏ କଥା ନିରାଟ ସତ୍ୟ । ଏଣୁ ଜଣେ ଦୁଃଖ ଭୋଗ କରିବା ସମୟରେ ବା ବିପଦରେ ଥିବା ସମୟରେ ତାକୁ ଉପହାସ କରିବା ଅନୁଚିତ । କାରଣ ଏ ସମୟ ନିଜ ପାଇଁ ମଧ୍ୟ କେବେ କେବେ ଆସିପାରେ । ତେଣୁ ଅର୍ଥ ପର୍ଯ୍ୟବେକ୍ଷିତ ।

ବଣାଇଁଗଡ଼, ସୁନ୍ଦରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଳ୍ପସ୍ପର୍ଦ୍ଧା ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚତୁର୍ଥ ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗିତା ୨୦୨୦

**ଏହି ସ୍ପର୍ଦ୍ଧା ପାଇଁ ଲେଖା ଗ୍ରହଣର ଶେଷ ତାରିଖ : ନଭେମ୍ବର ୩, ୨୦୨୦**

ଏହି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବା ନିମନ୍ତେ ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ(ପାରାଗ୍ରାଫ୍)କୁ ଅନ୍ତର୍ଭୁକ୍ତ କରି ଆପଣ ନିଜସ୍ୱ ଗଳ୍ପ ରଚନା କରିବେ । ଆପଣଙ୍କ କାହାଣୀରେ ଏହି ଅନୁଚ୍ଛେଦ ନିଶ୍ଚୟ ଭାବରେ ରହିଥିବ । ଆପଣ ନିଜସ୍ୱ ସୁବିଧା ଅନୁସାରେ ଅନୁଚ୍ଛେଦକୁ କାହାଣୀର ଆରମ୍ଭରେ, ମଝିରେ କିମ୍ବା ଶେଷରେ ରଖି ପାରିବେ । ଧ୍ୟାନ ଦିଅନ୍ତୁ, ଅନୁଚ୍ଛେଦକୁ ବଦଳାଇ ପାରିବେ ନାହିଁ, କିମ୍ବା ଏଠାରେ ଦିଆଯାଇଥିବା କୌଣସି ଶବ୍ଦକୁ ପରିବର୍ତ୍ତନ କରି ପାରିବେ ନାହିଁ ।

ଆପଣଙ୍କ ଲିଖିତ କାହାଣୀ (ଗଳ୍ପ) ମାଇକ୍ରୋସଫ୍ଟ୍ ୱାର୍ଡ୍ ଫାଇଲରେ ଓଡ଼ିଆରେ ଟାଇପ୍ କରି ଆମ ନିକଟକୁ ଶେଷ ତାରିଖ ସୁଦ୍ଧା ପଠାଇବେ । କାହାଣୀ ସହିତ ନିଜର ଏକ ପାସପୋର୍ଟ୍ ସାଇଜର ଫଟୋ ଏବଂ ଇମେଲ୍ ଠିକଣା ଲେଖି ପଠାଇବେ । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯିବ । ସମସ୍ତଙ୍କୁ ଅଂଶଗ୍ରହଣ ମାନପତ୍ର ଦିଆଯିବ । ଉପସ୍ଥାପିତ ସମସ୍ତ ଗଳ୍ପ ଆହ୍ୱାନରେ ପ୍ରକାଶିତ ହେବ ।

+====================+

"ମନା କରୁଥିଲି, ଆଜି ଆଦୌ ଭଲ ଲାଗୁନି, ହେଲେ ତୁମେ କଣ ମୋ କଥା କେବେ ଶୁଣିଛ ? ତୁମ୍ ଜିଦ୍ ! ସତେ ଯେମିତି, ତମ ପୀଉସାଙ୍କ ଜନ୍ମଦିନ ଉତ୍ସବରେ ଯୋଗ ନ ଦେଲେ ସଂପର୍କ କାଟି ଦିଅନ୍ତେ ।

ଜାଣିଛ କାଲି ମୋର କେତେ କାମ ଅଛି, ଆଜି ଦିନସାରା ଅଫିସରେ ଟିକେ ବି ରେଷ୍ଟ ମିଳିନି । ରାତିରେ ଅନ୍ତତଃ ଟିକେ ଶାନ୍ତିରେ ଶୋଇବି ବୋଲି ଭାବିଥିଲି । ଏବେ ହେଲାଣି ରାତି ସାଢ଼େ ଏଗାର । ଫୋନ୍ ବି କାମ କରୁନି । ଏବେ ଏତେ ରାତିରେ ଏଇ ସଡ଼କ ଦେଇ

 Magazine Downloaded from www.aahwaan.com

କୋଉ ଗାଡ଼ି ଆସିବ ଯେ ଆମକୁ ସାହାଯ୍ୟ କରିବ ।” ବିରକ୍ତି ପ୍ରକାଶ କରି କହୁଥିଲେ ବରୁଣ । କାରରେ ପାଖ ସିଟରେ ନିରବରେ ବସିଥିଲେ ପତ୍ନୀ ବିନି । ଆଖି ଲାଲ ଦେଖାଯାଉଥିଲା, ଲାଗୁଥିଲା କେଉଁ ମୁହୂର୍ତ୍ତରେ ହଠାତ୍ ବନ୍ଧ ଭାଙ୍ଗିଯିବ ଆଉ ଆଖିରେ ବନ୍ୟା ଆସିବ । ଠିକ୍ ଏଇ ସମୟରେ ସାଇକେଲରେ କେହିଜଣେ ସେଇ ଆଡ଼କୁ ଆସୁଥିବାର ଦେଖାଗଲା ।

ବରୁଣ ଗାଡ଼ିର କବାଟ ଖୋଲି ବାହାରକୁ ବାହାରିବା ବେଳକୁ ବିନି ହାତକୁ ଧରିଦେଇ କହୁଥିଲେ, “ବାହାରକୁ ଯାଅ ନାହିଁ, କିଏ ହେଇଥିବ ?” ବରୁଣ ହାତ ଛାଡିଦେଇ ବାହାରିଗଲେ । ହାତ ଉଠେଇ ସାଇକେଲରେ ଯାଉଥିବା ଲୋକକୁ ଅଟକିବାକୁ କହିଲେ । ଲୋକଟା ଥରେ ବରୁଣକୁ ଆଉ ଥରେ ଗାଡ଼ି ଭିତରେ ବସିଥିବା ବିନିକୁ ଚାହିଁଲା ।

+====================+

ବି.ଦ୍ର. : କାହାଣୀକୁ ଭୁତପ୍ରେତ କଥା ଯୋଡ଼ି ରୋମାଞ୍ଚକର କରନ୍ତୁ ।

**ଚଳିତ ସଂସ୍କରଣର ଗଳ୍ପସ୍ପର୍ଦ୍ଧାର ଫଳାଫଳ :**

ପ୍ରଥମ : ସୁଧାଂଶୁ ମୋହନ ସାହୁ (ନିକିର ସ୍ୱପ୍ନ)

ଦ୍ୱିତୀୟ : ଜନ୍ମଜୟ ନାୟକ (କିଛି ଲୁହ ପିଇଯାଏ ଓଠ)

ତୃତୀୟ : ସରୋଜିନୀ ମିଶ୍ର (ଆତ୍ମବିଶ୍ୱାସ) ଏବଂସରୋଜିନୀ ଦାସ (ବନ୍ଧୁତ୍ୱର ଖୋଳପା)

ସମସ୍ତ ପ୍ରତିଯୋଗୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତ୍ମବିଶ୍ୱାସ



ସରୋଜିନୀ ମିଶ୍ର

ମା ଛେଉଣ୍ଡ ଝିଅ ନିକି । ଗୋଟିଏ ଚାଉଳରେ ଗଢା । ରୂପ ଯେମିତି ଗୁଣ ବି ସେମିତି । ତାକୁ ଯେତେବେଳେ ଦଶବର୍ଷ ମା' ଚାଲିଗଲେ ଆରପାରିକୁ । ପୁଅଟିଏ ପାଇଁ ଜଗିଜଗି ପାଞ୍ଚ ଝିଅରେ ପୁଅଟିଏ ହେଲା । କିନ୍ତୁ ପୁତ୍ରସୁଖ ବୋଧେ ଭାଗ୍ୟରେ ନ ଥିଲା । ପୁଅର ମୁହଁ ଦେଖିବା ପୂର୍ବରୁ ସେ ଚାଲିଗଲେ । ମା ମରିବାର ବର୍ଷେ ନ ପୁରୁଣୁ ଦୁର୍ଘଟଣାରେ ବାପା ବି ଚାଲିଗଲେ । ଘରେ ବୁଢୀ ଜେଜେମା, ଚାରି ଭଉଣୀ, ସାନଭାଇ ଜଗା ଓ ସେ । ସାତ ପ୍ରାଣୀ କୁଟୁମ୍ବ । କିଏ ବା କେତେ ସାହାଯ୍ୟ କରିବ ?

ବନ୍ଧୁ ବାନ୍ଧବଙ୍କ ସାହାଯ୍ୟରେ କିଛି ଦିନ ଚଳିଗଲା । ଧିରେ ଧିରେ ଘରେ ଥିବା ସୁନା, ରୂପା, କଂସାବାସନ ସବୁ ବିକ୍ରି ହୋଇଗଲା । ଜେଜେମା ଓ ନାତୁଣୀ ଭିତରେ ଭାଳେଣୀ ପଡିଲା, କ'ଣ କରିବେ କେମିତି ଚଳିବେ ?

ନିକି ଖୁବ୍ ଭଲ ପଢୁଥିଲା । ସବୁବେଳେ ଶ୍ରେଣୀରେ ପ୍ରଥମ । ସେ ଦେଖିବାକୁ ବି ସୁନ୍ଦର ଥିଲା, ତା ସହ ସେ ଗୋଟିଏ ନମ୍ର, ଭଦ୍ର, କର୍ମଠ, ମେଧାବୀ, ପରୋପକାରୀ, ସାହାସୀ ଏବଂ ମେଳାପୀ ଝିଅ ଥିଲା । ବହୁତ ଗୁଡାଏ ଭଲ ଗୁଣର ଅଧିକାରୀ ହୋଇ ଥବାରୁ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ଖୁବ୍ ଭଲ ପାଆନ୍ତି । ତାର ଜେଜେମାଙ୍କୁ ବିଦ୍ୟାଳୟରେ ରୋଷେୟା

ଆହ୍ୱାନ-ଧନ୍ଦା

 Magazine Downloaded from www.aahwaan.com

ଭାବରେ ରଖିଦେବାକୁ ତାଙ୍କର ଭାରି ଇଚ୍ଛା । କିନ୍ତୁ ତାଙ୍କର ବୟସ ଷାଠିଏରୁ ଉର୍ଦ୍ଧ ହୋଇଥିବାରୁ ସମ୍ଭବ ହେଲାନାହିଁ । ଉଭୟଙ୍କର ବୟସ ପ୍ରତ୍ୟେକ କାର୍ଯ୍ୟ ପାଇଁ ବାଧା ସୃଷ୍ଟି କଲା । ଅନେକ ମତଦେଲେ ମନ୍ଦିର ପାଖରେ ଯାଇ ବସିଲେ, କିଛି କିଛି ମିଳିଯିବ । ସେଥିରେ ଚଳିଯିବେ । ଜେଜେମା ବି ଶେଷରେ ରାଜି ହୋଇଗଲେ । ସେ ଭାବିଲେ ଭୋକରେ ମରିବା ଅପେକ୍ଷା ଭିକମାଗି ବଞ୍ଚିବା କିଛି ଖରାପ ନୁହେଁ । ନିକି କିନ୍ତୁ ନଛୋଡବନ୍ଧା । ସେ ଭିକ ମାଗିବ ନାହିଁ । ବାପା ତାକୁ ଆଇ.ଏ.ଏସ୍ କରିବାର ସ୍ୱପ୍ନ ଦେଖୁଥିଲେ, ସେ ଭିକ ମାଗିବ ? କଦାପି ନୁହେଁ । ସେ ମରିଯିବ ପଛେ ଭିକ ମାଗିବନି ।

କାନ୍ଦ କାନ୍ଦ ହୋଇ ନିକି ଯାଇ ବସି ପଡିଲା ଗଣେଷ ଭଗବାନଙ୍କ ଫୋଟ ପାଖରେ । ହାତଯୋଡି କହିଲା, ହେ ଗଣେଷ ଭଗବାନ, ତୁମେ ତ ବିଦ୍ୟାଦାତା, ବୁଦ୍ଧିଦାତା, ବିଘ୍ନ ବିନାଶକ ସବୁକିଛି । ସେଥିପାଇଁ ସମସ୍ତେ ତୁମକୁ ପୂଜା କରନ୍ତି । ମୁଁ ତ ମଧ୍ୟ ସବୁଦିନ ତୁମକୁ ଫୁଲ ଦଉଚି । ଦୟାକରି ମତେ ଟିକେ ବୁଦ୍ଧି ବତେଇ ଦିଅନା । ମୁଁ ନିଜ ହାତରେ ତୁମପାଇଁ ଫୁଲମାଳଟେ ଗୁନ୍ଥି ଦେବି । ମୁଁ ଶୁଣିଚି, ତୁମେ ଲଡୁ ଖାଇବାକୁ ବେଶୀ ଭଲପାଅ । ଗଣେଷ ପୂଜାଦିନ ମୋ ସରାଗାତରେ ଥିବା ପଇସାରେ ଆମ ସମସ୍ତଙ୍କ ପାଇଁ ଗୋଟିଏ ଗୋଟିଏ ଲଡୁ ଆଣିବି ବୋଲି ଭାବିଛି । ତୁମ ପାଇଁ ମଧ୍ୟ ଗୋଟିଏ ଲଡୁ ଆଣିଦେବି । ବେଶୀ ଆଣି ପାରିବିନି । ମୋ ପାଖରେ ବେଶୀ ପଇସା ନାହିଁ । କିଛି ଖରାପ ଭାବିବନି । ଦୁଇଦିନ ପରେ ତୁମ ପୂଜା ଅଛି । ସମସ୍ତେ ନୂଆ ନୂଆ ଜାମା ପିନ୍ଧି ତୁମ ପୂଜାକୁ ଯିବେ । ସାନ ଦୁଇ ଭଉଣୀଙ୍କ ପାଇଁ ମୁଁ କେମିତି ନୂଆ ଜାମା କରିବି ? ମୋ ପାଇଁ ନ ହେଲେ ଚଳିବ । ସେମାନଙ୍କ ପାଇଁ ନ ହେଲେ କାନ୍ଦିବେ । ତାଙ୍କ ଆଖିରେ ଲୁହ ଦେଖିଲେ ମତେ ବହୁତ ଖରାପ ଲାଗେ । ମତେ ଟିକେ ବତେଇ ଦିଅନା, କେମିତି କ'ଣ କରିବି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଠାତ୍ ନିକିର ନଜର ଫୋଟ ପଛପଟେ ଥିବା ଶାଢୀ ଉପରେ ପଡିଲା । ତାର ମନେ ପଡିଲା ଜଗାର ଏକୋଇଶିଆ ଦିନ ବୋଉ ପିନ୍ଧିବ ବୋଲି, ବାପା ଏଇ ନୂଆ ଶାଢୀଟି ଆଣିଥିଲେ । ବୋଉ ତ ଆଉ ନାଇଁ, କିଏ ପିନ୍ଧିବ ? ଶାଢୀଟି ଧରି ବୋଉର ଫୋଟ ପାଖକୁ ଗଲା ନିକି ।

ବୋଉ, ତୁ କୁଆଡେ ଗଲୁ ବୋଉ ? ଆମ ମାନଙ୍କୁ ଛାଡି ତୁ କୁଆଡେ ପଳେଇଲୁ ? କେବେ ଆସିବୁ ? ତୋ ଶାଢୀ କାଟି ଜାମା ଦିଟା କରିଦେବି ? ତୁ କିଛି କହୁନୁ କାହିଁକି ବୋଉ ? କଇଁ କଇଁ ହୋଇ କାନ୍ଦି ଉଠିଲା ନିକି ।

ଆଜି ଗଣେଷ ପୂଜା । ନିକି ସକାଳୁ ସକାଳୁ ଉଠି ଚାଙ୍ଗୁଡିରେ ଚାଙ୍ଗୁଡିଏ ଫୁଲ ସଂଗ୍ରହ କଲା । ଜେଜେମାଙ୍କୁ ପଚାରି ପଚାରି ମାଳଟିଏ ଗୁନ୍ଥିବା ଆରମ୍ଭ କଲା । ଭୟ କାଳେ ହାତରେ ଛୁଞ୍ଚି ଗେଞ୍ଜି ହେଇଯିବ, ତେଣୁ ସେ ନିଜେ ଗୁନ୍ଥି ଦେବେ ବୋଲି କହିଲେ । କିନ୍ତୁ ନିକିର ଏକା ଜିଦ୍, ସେ ଗଣେଷ ଭଗବାନଙ୍କୁ କହିଛି ସେ ନିଜେ ଫୁଲମାଳ ଗୁନ୍ଥି ଦେବ ବୋଲି, ତେଣୁ ସେ ହିଁ ଗୁନ୍ଥିବ । ନିକି ଫୁଲ ଗୁନ୍ଥୁଥାଏ ଏବଂ ମନକୁ ମନ କ'ଣ କଥା ହେଉଥାଏ । ହଠାତ୍ ପଚାରିଲା ଜେଜେମା, ଆମ ବାଡିରେ ତ ବହୁତ ଜାଗା ଅଛି, ଆମେ ଫୁଲ ବଗିଚା କରି ଫୁଲମାଳ ମନ୍ଦିରରେ ବିକିଲେ କେମିତି ହୁଅନ୍ତା ? ଜେଜେମାଙ୍କ ମନକୁ କଥାଟି ପାଇଲା । ସେହି ଦିନଠୁ ତିନି ନାତୁଣୀ ଓ ଜେଜେମା ଲାଗିଗଲେ ଫୁଲ ବଗିଚା ତିଆରିରେ । ଜଗା ପାଇଁ ଯେଉଁ କ୍ଷୀର ଆସେ, ତାରି ସରରେ ଗୁଆଘିଅ ତିଆରିହେଲା । ତିନି ଭଉଣୀ ସକାଳେ ଏବଂ ସଂଧ୍ୟାରେ ମନ୍ଦିରକୁ ଯାଇ ଫୁଲମାଳ ଏବଂ ଦୀପ ବିକନ୍ତି । ଫେରିଲାବେଳକୁ ସେହି ପଇସାରେ ମୁଢି କିଣି ଆଣନ୍ତି । ତାହା ଥିଲା ସେମାନଙ୍କର ପ୍ରତିଦିନର ଖାଦ୍ୟ ।

ନିଜର ଉତ୍ତମ ଗୁଣ ଏବଂ ବୁଦ୍ଧିବଳରେ ଆଗକୁ ଆଗକୁ ମାଡି ଚାଲିଲା ନିକି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାରିଦ୍ର୍ୟର କଷାଘାତ ତାର ପଥରୋଧ କରିପାରିଲା ନାହିଁ । ଦୁଃଖର ପାହାଡ ଉପରେ ବସିଥିଲେ ମଧ୍ୟ ସେ ପାଠପଢା ଛାଡି ନ ଥିଲା । ମନ୍ଦିରରୁ ଫେରିବା ପରେ ମୁହଁ ହାତ ଧୋଇ ସମସ୍ତେ ଲଣ୍ଠନ ଚାରିପଟେ ବହିଧରି ବସିଯାଆନ୍ତି । ନିକି ନିଜେ ପଢିବା ସହ ଅନ୍ୟ ଭାଇ ଭଉଣୀମାନଙ୍କୁ ମଧ୍ୟ ପଢିବା ପାଇଁ ପ୍ରେରଣା ଦିଏ । ବହି ତ ବିଦ୍ୟାଳୟ ତରଫରୁ ମିଳିଯାଏ, କିନ୍ତୁ ଖାତା କିଣିବା ପାଇଁ ପଇସା ନଥାଏ । ତେଣୁ ରଦ୍ଦିରେ ବିକ୍ରି ହେଇଥିବା ପୁରୁଣା ଖାତାକୁ ଆଣି କାମ ଚଳାଏ ।

ସମୟର ସ୍ରୋତ ଗଡି ଚାଲିଲା । ଦଶମ ଶ୍ରେଣୀରେ ପୁରା ଭାରତବର୍ଷର ପ୍ରଥମ ଦଶଜଣଙ୍କ ମଧ୍ୟରେ ସପ୍ତମ ସ୍ଥାନ ଅଧିକାର କରି ପାଶ୍ କଲା ନିକି । ପ୍ରମାଣ କରିଦେଲା କଷ୍ଟ କଲେ କୃଷ୍ଣ ମିଳନ୍ତି । ବାଃ ବାଃର ସୁଅ ଛୁଟିଲା । ସମସ୍ତଙ୍କ ପାଇଁ ସେ ହେଲା ଏକ ଜ୍ୱଳନ୍ତ ଉଦାହରଣ । ବିଶେଷତଃ ପ୍ରାଚୁର୍ଯ୍ୟରେ ବୁଡି ରହିଥିବା ଭୂବନ ପାଇଁ ।

ସରପଞ୍ଚ ମହେଶ ଦାଶଙ୍କ ପୁଅ ଭୂବନ । ଭାରି ଗେହ୍ଲା । ପାଟିରୁ ବାହାରିବା ପୂର୍ବରୁ ସବୁ ଜିନିଷ ପାଖରେ ହାଜର ହୋଇଯାଏ । ମହେଶ ବାବୁ ସବୁବେଳେ କାର୍ଯ୍ୟବ୍ୟସ୍ତ । ପିଲାଙ୍କ ପଢାପଢିରେ ଧ୍ୟାନ ଦେଇ ପାରନ୍ତି ନାହିଁ । ପ୍ରତ୍ୟେକ ବିଷୟ ପଢାଇବା ପାଇଁ ଗୋଟିଏ ଗୋଟିଏ ଶିକ୍ଷକ ଘରକୁ ଆସନ୍ତି । ଜମିଦାରିଆ ଘର । ଅଭାବ ବା କ'ଣ ? ଭୂବନର କିନ୍ତୁ ପଢାରେ ଜମା ମନ ନ ଥାଏ । ମିଛସତ କହି ଅଧିକାଂଶ ଦିନ ପଢା ବନ୍ଦ କରିଦିଏ । ଭାରି ଜିଦ୍ । ପଢିବନି ମାନେ ପଢିବନି । ମା କ'ଣ କହିଲେ ପାଟିତୁଣ୍ଡ କରେ । ସେଥିପାଇଁ ମା ବି ଚୁପ୍ ରହିଯାଆନ୍ତି । ବିଦ୍ୟାଳୟରେ ମଧ୍ୟ ଶିକ୍ଷକ ପଢାଇଲା ବେଳେ ଶୁଣେନି କି ଲେଖେନି । ପରୀକ୍ଷା ସମୟ ଆସିଲେ ଭଲ ପିଲାମାନଙ୍କୁ ଖାତା ମାଗି ନେଇଯାଏ । ଇଚ୍ଛାହେଲେ ଫେରାଏ ନ ହେଲେ ନାହିଁ । ନ ଦେଲେ ଚୋରେଇ ନେଇଯାଏ । ସମସ୍ତେ

 Magazine Downloaded from www.aahwaan.com

ଜାଣିଲେ ବି କିଛି କହି ପାରନ୍ତି ନାହିଁ । "ବଡଲୋକଙ୍କୁ ଉତ୍ତର ନାହିଁ କି ସ୍ୱର୍ଗକୁ ନିଶୁଣି ନାହିଁ" ଭାବି ଚୁପ୍ ରହିଯାଆନ୍ତି । ଡରରେ ଅଧେ ପିଲା ଖାତା ଆଣିବା ବନ୍ଦ କରିଦେଲେ । ନିକିର ଖାତା ବି ବହୁତ ଥର ଚୋରି ହୋଇଛି । ବହୁତ ହଇରାଣ ହୋଇଛି ନିକି । କିନ୍ତୁ ଖାତାସିନା ଚୋରି କରିଦେଲା ଜ୍ଞାନ ତ ଚୋରି କରି ପାରିବନି, ଶେଷରେ ଦଶମ ଶ୍ରେଣୀରେ ଫେଲ୍ । ମା'ଙ୍କଠୁ ବହୁତ ଗାଳି ଖାଇଲା । ସେ ବିରକ୍ତ ହୋଇ କହନ୍ତି - "ତୋ ଭଳିଆ ଶହେଟା ପୁଅ ଅପେକ୍ଷା ନିକି ଭଳି ଗୋଟିଏ ଝିଅ ଭଲ" ଏହି କଥା ଶୁଣି ଶୁଣି ନିକି ଉପରେ ଭୂବନର ଭାରି ରାଗ । ତେଣୁ ସାଙ୍ଗ ସାଥୀ ମାନଙ୍କ ସହ ମିଶି ସବୁବେଳେ ନିକିକୁ ହଇରାଣ କରିବାକୁ ଚେଷ୍ଟା କରେ ।

ଦଶମ ଶ୍ରେଣୀ ପରେ ନିକି ଦ୍ୱନ୍ଦରେ ପଡିଲା । କଲେଜରେ ଜଏନ୍ କରିବ ନା ନାହିଁ ? ଅଭାବ ଅନାଟନ ତାର ବାଟ ଓଗାଳୁଥିଲେ । ସେ ଜାଣିଥିଲା ଜଏନ୍ କଲେ ନିଶ୍ଚୟ ତାକୁ ପ୍ରୋତ୍ସାହନ ରାଶି ମିଳିବ । ଆଉ କେତୋଟି ପିଲାଙ୍କୁ ଘରୋଇ ଶିକ୍ଷା ଦେଲେ, ହୁଏତ କଷ୍ଟେମଷ୍ଟେ ପଢା ସଂପୂର୍ଣ୍ଣ କରି ଦେଇପାରେ । ତାର ଦୃଢସଂକଳ୍ପ, ଆତ୍ମବିଶ୍ୱାସ ଏବଂ ଅଦମ୍ୟ ଉତ୍ସାହ ସାମନାରେ ହାର ମାନିଲା ଅଭାବ ।

କଲେଜରେ ଜଏନ୍ କଲା ନିକି । କଷ୍ଟେମଷ୍ଟେ ଦୁଇଟି ବର୍ଷ କଟିଗଲା । ହଠାତ୍ ଦିନେ କଲେଜରେ ପେପର୍ ପଢୁ ପଢୁ ଗୋଟିଏ ବିଜ୍ଞାପନ ଉପରେ ନଜର ପଡିଲା ।

"ସଦ୍ୟଜନ୍ମିତ ଦୁଇଟି ଯାଆଁଳା ଛୁଆର ଉପଯୁକ୍ତ ଲାଳନପାଳନ ପାଇଁ ଝିଅଟିଏ ଦରକାର । ବୟସ ସୀମା - ୧୮ ରୁ ୩୫, ପାରିଶ୍ରମିକ - କୋଡିଏ ହଜାର ।"

ବିଜ୍ଞାପନଟି ପଢି ନିକିର ମନ ଆନ୍ଦୋଳିତ ହୋଇଉଠିଲା । କୋଡିଏ ହଜାର ଟଙ୍କା ତା ପାଇଁ ବହୁତ ବେଶୀଥିଲା । ସେ ଭାବିଲା, ଯଦି ସେ ଏହି ଦାୟିତ୍ୱଟି ହାତକୁ ନିଏ ହୁଏତ ତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ବର୍ଷର ପାଠପଢ଼ା ନଷ୍ଟ ହୋଇଯିବ କିନ୍ତୁ ତା ଭାଇଭଉଣୀମାନଙ୍କୁ ସେ ମଣିଷ କରିଦେଇ ପାରିବ । ଜେଜେମା ସହିତ ପରାମର୍ଶ କରି ଭୁବନେଶ୍ୱର ଯିବାପାଇଁ ସ୍ଥିର କରିନେଲା ।

ଆଇ. ଏ. ଏସ. ବିନୋଦ ବାବୁ ନିକିର ଉତ୍ତମ ବ୍ୟବହାର, ଆନ୍ତରିକତା ଏବଂ  କାର୍ଯ୍ୟ କୁଶଳତାରେ ବହୁତ ଖୁସି । ଯାଆଁଳା ଛୁଆ ଦୁଇଟିକୁ ସେ ନିଜର ଛୁଆପରି ଯତ୍ନନିଏ । ପିଲା ଦୁଇଟିର ଉପଯୁକ୍ତ ଯତ୍ନନେବା ସହ ଯେତେବେଳେ ସମୟ ମିଳେ ବହି ଖୋଲି ବସିଯାଏ । ତା'ର ପଢ଼ାପ୍ରତି ଆଗ୍ରହ ଦେଖି ବିନୋଦ ବାବୁ ଘରେ ପଢ଼ି ପରୀକ୍ଷା ଦେବାପାଇଁ ସବୁ ପ୍ରକାରର ସାହାଯ୍ୟ କଲେ ।

ନିକି ଧିରେ ଧିରେ ସଫଳତାର ଶିଡି ଚଢ଼ିବାକୁ ଲାଗିଲା । ଖୁବ୍ ଭଲନମ୍ବର ରଖି ବି.ଏ. ପାଶ୍ କଲା । ବି.ଏ. ପରେ ସର୍ବଭାରତୀୟ ପ୍ରତିଯୋଗିତା ପରୀକ୍ଷା ଦେବାପାଇଁ ସ୍ଥିର  କଲା ।

ହଠାତ୍ ସମାଜରେ ନିକିର ଫୋଟ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଭୁବନ । ଭଲଭାବେ ନିରେଖି ଦେଖିଲା । ହଁ, ଏ ତ ନିକିର ଫୋଟ । ଆଇ.ଏ.ଏସ୍ ନିକିତା ପ୍ରଧାନ । ନିକି କ'ଣ ସତରେ ଆଇ.ଏ.ଏସ୍ ପାଇଗଲା ? ଏ କ'ଣ ସମ୍ଭବ ?

ଲଜ୍ୟାରେ ଭୁବନର ମୁଣ୍ଡ ତଳକୁ ହେଇଗଲା । ନିଜ ଉପରେ ରାଗ ଆସିଲା । ଟଙ୍କାର ଗଦିରେ ଶୋଇ ବି ସେ ବାଲୁଙ୍ଗା, ଦୁଃଖର ପାହାଡରେ ବସି ବି ନିକି ଆଇ.ଏ.ଏସ୍ ।  ନା, ସେ ବି କିଛି ବନିବ । ଖରାପ ସାଙ୍ଗସାଥିଙ୍କଠୁ ଦୂରେଇବାକୁ ପଡିବ । ବିନା ଶିକ୍ଷକରେ ମୋବାଇଲ୍  ଦ୍ୱାରା ପାଠ ପଢ଼ିବ ।

ସେହିଦିନଠାରୁ ଗହଳଚହଳ ଯାଗାକୁ ଯିବାପାଇଁ ଭୁବନ ପସନ୍ଦ କରେନି । ହେଲେ ଆଜି ଭଣଜା ବିଟୁର ଜନ୍ମଦିନ ପାଇଁ ସେ ଘରୁ ବାହାରିଥିଲା । ହୋଟେଲର ହଲ୍ ରେ ପାର୍ଟି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଥିବା ବେଳେ, ସେ ମୋବାଇଲରେ ବ୍ୟସ୍ତଥିଲା । ଏହି ସମୟରେ ହଠାତ୍ ପିଠିରେ ଦୁମ୍ କିନା ବିଧା ଗୋଟିଏ ପଡିବା ପରେ 'ମା'ଲୋ' ବୋଲି କହି ଚିଲ୍ଲେଇ ଉଠୁଉଠୁ ସେ ଦେଖୁଥିଲା ତା ପିଲାଦିନ ସାଙ୍ଗ ସୌମ୍ୟକୁ । ସେ ଯେବେ ଦେଖା ହେଉଥିଲା ଏମିତି ପିଠିରେ ଖାଲ ଖୋଳି ଦେଉଥିଲା । ସୌମ୍ୟକୁ ଦେଖି ସେ ବହୁତ ଖୁସି ହେଇଗଲା ।

ସେମାନେ ପିଲାଦିନର କଥା ଆରମ୍ଭ କରୁଥିଲେ, ସେହି ସମୟରେ ଆସିଥିଲା  ନିକି । ନିକିକୁ ଦେଖିବାପରେ ଭୁବନର ପାଟି ଅଠାଅଠା ହେଇଗଲା । ବୋଧହୁଏ ଦଶବର୍ଷ ପରେ ଦେଖୁଥିଲା । କଲେଜ ପରେ ହଠାତ୍ କୁଆଡେ ଗାୟବ୍ ହୋଇ ଯାଇଥିଲା ସେ । ସୌମ୍ୟର କଥା ଆଉ ତା କାନରେ ପଡୁ ନଥିଲା । ସେ ମନେ ମନେ ଭାବୁଥିଲା ନିକି ଏବେ ବି ଠିକ୍ ସେମିତି କଣ୍ଟେଇଟେ ପରି ଅଛି । ଯେମିତି କଲେଜ ସମୟରେ ଥିଲା । ସତେ କ'ଣ ସେ ଆଇ.ଏ.ଏସ୍ ପାଇଛି ? ଅପଲକ ନୟନରେ ନିକିକୁ ଚାହିଁ ରହିଥାଏ ଭୁବନ ।

ଦାରିଦ୍ର୍ୟର କଷାଘାତରେ ବି ଦୃଢସଂକଳ୍ପ, ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଫଳରେ ଅସାଧ୍ୟ କାର୍ଯ୍ୟ ବି ସାଧନ ହେଇପାରେ, ଏହା ପ୍ରମାଣ କରି ଦେଖେଇ ଦେଇଥିଲା ନିକି ।

ଆଲୋକ ନଗର ,ଆମ୍ବପୁଆ
ବ୍ରହ୍ମପୁର , ଗଂଜାମ
ଭ୍ରାମ୍ୟଭାଷ -୯୯୩୮୪୭୫୨୦୭
ଇମେଲ । ଠିକଣା - sashisarojini1985@gmail.com

 Magazine Downloaded from www.aahwaan.com

# ନିକିର ସ୍ୱପ୍ନ



ସୁଧାଂଶୁ ମୋହନ ସାହୁ

ସାହୁବାବୁଙ୍କ ପୁଅ ଭୁବନ... ।ନାଁଟି ଯେମିତି, ଗୁଣ ବି ସେମିତି ।

ଚନ୍ଦନପୁର ଗାଁରେ ବାପାଙ୍କ ପ୍ରତିଷ୍ଠାକୁ ମଜଭୁତ କରିପାରିବାର ସକ୍ଷମ ହୋଇ ପାରିଛି ଭୁବନ । ପାଖ ଆଖ ଅଞ୍ଚଳରେ ସାହୁବାବୁଙ୍କର ବହୁତ ଖ୍ୟାତି । ପିଲାବେଳୁ ଭୁବନର ପାଠପଢ଼ା ଏବଂ ବ୍ୟବହାର ପାଇଁ ଲୋକମାନଙ୍କର ପ୍ରଶଂସାରେ ମନେ ମନେ ଗର୍ବ ଅନୁଭବ କରନ୍ତି ସାହୁବାବୁ । ଭଗବାନଙ୍କୁ ଧନ୍ୟବାଦ ଦିଅନ୍ତି ମଧ୍ୟ, ଏମିତି ପୁଅଟିଏ ପାଇଥିବାରୁ ।

ପତ୍ନୀ ଶାନ୍ତିଙ୍କୁ ଚିଡାଇ ଚିଡ଼ାଇ କହନ୍ତି, "ପୁଅ କାହାର ? ବାପକୁ ନେଇ ପୁଅଟି ହେଇଛି ନା ! ! !" ଶାନ୍ତି ସ୍ୱାମୀଙ୍କୁ କିଛି ନ କହିପାରି ମୁରୁକି ହସି ଦିଅନ୍ତି । ସେ ହସରେ ଯେମିତି ଆନନ୍ଦର ଶିହରଣ ଖେଳିଯାଏ ସାହୁବାବୁଙ୍କ ହୃଦୟରେ ।

ପିଲାବେଳେ ଭୁବନର ହେହ ବହୁତ ଖରାପ ହେଉଥିଲା । ତାକୁ ନେଇ ସ୍ୱାମୀସ୍ତ୍ରୀ ଦୁହେଁ କେତେ ବଇଦ ଡାକ୍ତରଙ୍କ ପାଖକୁ ଯାଇଛନ୍ତି, କେତେ ଦେବାଦେବୀଙ୍କୁ ପୂଜା ତପସ୍ୟା କରିଛନ୍ତି, ହିସାବ ନାହିଁ । ଆଜି ସେଇ ଦିନଗୁଡିକ ମନେ ପଡିଲେ, ସ୍ୱାମୀସ୍ତ୍ରୀ ଦୁଇଜଣଙ୍କ ଆଖିରେ ଲୁହ ଆସିଯାଏ, ଇଶ୍ୱରଙ୍କ ଅପାର କରୁଣା ଲାଗି ନିଜକୁ ଧନ୍ୟ ମନେ କରନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି ଲାଗେ କି ବାପାମାଙ୍କ ପୂଜା ତପର ଫଳ ସବୁ ଭୁବନ ପାଖକୁ ଆସିଯାଇଛି । ଭୁବନ ହାଇସ୍କୁଲରେ ସ୍କଲାରସିପ୍ ପାଇଥିଲା । ପ୍ରଧାନ ଶିକ୍ଷକଙ୍କ କଥା ଆଜି ବି ମନେ ପଡେ । "ସାହୁବାବୁ, ଆପଣ ବହୁତ ଭାଗ୍ୟବାନ । ପିଲା ଦୁଇଜଣ ଆପଣଙ୍କର ହୀରା । ଭୁବନ ନିଶ୍ଚେ ଦିନେ ତା ବଡ଼ ଭଉଣୀକୁ ଟପିଯିବ ଆଉ ବଡ଼ ମଣିଷଟିଏ ହେବ ।" ଆଜି ସାହୁବାବୁ ମାଷ୍ଟ୍ରେଙ୍କୁ ମନେ ପକାଇ ଧନ୍ୟବାଦ ବି ଦିଅନ୍ତି ।

ସାହୁବାବୁ ପିଲା ଦୁଇଜଣଙ୍କୁ ବହୁତ ଭଲ ପାଆନ୍ତି । ବଡ଼ଝିଅ ଅନିତାର ବାହାଘର ପରେ ଟିକେ ଭାଙ୍ଗି ପଡ଼ିଥିଲେ ସେ । ଝିଅ ପରଘରକୁ ଯିବାର ବିରହ ଦୁଃଖକୁ ସହ୍ୟ କରିବାକୁ ତାଙ୍କୁ ବହୁତ କଷ୍ଟ ହୋଇଥିଲା । ଅନିତା ଏବେ ଭଲରେ ଅଛି । ତା ସ୍ୱାମୀ ଅମିୟ ଭୁବନେଶ୍ୱରରେ ବ୍ୟାଙ୍କରେ ଚାକିରି କରନ୍ତି । ଅନିତା କହୁଥିଲା, କୁଆଡେ ସେ ବଡ଼ବାବୁ ହୋଇଗଲେଣି । ଅନିତାର ପୁଅ ବିଟୁ, ବଡ଼ ଦୁଷ୍ଟ । ଆଜିକାଲିର ପିଲା ଖାଲି ମୋବାଇଲ ବ୍ୟତୀତ ଜାଣନ୍ତି ବା କଣ ? ଯାହା ହେଲେ ବି ସେ ସାହୁବାବୁଙ୍କର ଗେହ୍ଲା ନାତି । ତା ସହ ଦିନରେ ଥରେ କଥା ନ ହେଲେ ସାହୁବାବୁଙ୍କୁ ଭଲ ଲାଗେ ନାହିଁ ।

ପନ୍ଦର ବର୍ଷ ହେଲାଣି ଅନିତାର ବାହାଘରକୁ । ତଥାପି ଅନିତାର ଅଭାବକୁ ଅନୁଭବ କରନ୍ତି ସାହୁବାବୁ । ଭାବିଥିଲେ, ଅନିତା ଗଲାପରେ କିଛି ବର୍ଷ ଛାଡ଼ି ଭୁବନକୁ ହାତରୁ ଦୁଇ ହାତ କରିଦେବେ । ବୋହୂଟେ ଘରକୁ ଆସିଲେ ଅନିତାର ଅଭାବ ଟିକେ କମ୍ ହେଇପାରିବ । ହେଲେ ପିଲାଟା କଣ ରାଜି ହେଉଛି ? ଏକା ଜିଦ୍, ବାହା ହେବ ନାହିଁ । ସେଥିପାଇଁ ପରିବାରବର୍ଗ ଟିକେ ଚିନ୍ତିତ । ଏ ବୁଢ଼ା ଅବସ୍ଥାରେ ବଳ ବୟସ କଣ ଫେରି ଆସିବ ?

ବେଳେ ବେଳେ ସାଙ୍ଗସାଥୀମାନେ ଥଟ୍ଟାରେ କହି ଦିଅନ୍ତି, "ସାହୁବାବୁ, ଭୁବନ ପାଇଁ ଭଲ ଝିଅଟେ ଦେଖି ହାତରୁ ଦୁଇହାତ କରିଦିଅ । ନ ହେଲେ ସେ ଗୋଟେ ବିଦେଶୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋହୂଟେ ନେଇ ଆସିବ ।” ବାପ ମନ... ଟିକେ କଷ୍ଟ ହୁଏ । ଅବଶ୍ୟ ସେ ପୁଅ ଉପରେ ଅଗାଧ ବିଶ୍ୱାସ କରନ୍ତି । କଣ କରିବେ, ମନଦୁଃଖ ମନରେ ମାରି କହି ଦିଅନ୍ତି, “ମୋ ପୁଅ କେବେ ସେମିତି କରିବ ନାହିଁ ।”

ଭୁବନ ଦୁଇ ବର୍ଷ ହେଲା ଆମେରିକାରେ ନାସାରେ ବୈଜ୍ଞାନିକ ଭାବେ କାମ କରୁଛି । ଇଂଜିନୟରିଂ ପରେ ଇସ୍ରୋରେ ଚାକିରି ପାଇଥିଲା ଭୁବନ । ତାର ଜ୍ଞାନ କୌଶଳର ଭିତ୍ତିରେ ଭାରତ ସରକାରଙ୍କ ତରଫରୁ ନାସାରେ ନିଯୁକ୍ତି ପାଇଛି ସେ ।

କିଛଦିନ ତଳେ ବାପାଙ୍କ ଦେହାଖରାପ ଖବର ଶୁଣି ରହି ପାରିଲା ନାହିଁ ଭୁବନ । ସାହୁବାବୁଙ୍କ ମନା କରିବା ସତ୍ତ୍ୱେ ତିନିଦିନ ହେଲା ଆମେରିକାରୁ ଚାଲି ଆସିଛି ସେ । ଦୁଇ ବର୍ଷ ହେଲା ବାପାମାଙ୍କୁ ଦେଖି ନଥିଲା । ଭୁବନକୁ ଦେଖି ସାହୁବାବୁ ବହୁତ ଖୁସି । ଯେମିତି, ଦେହ ତାଙ୍କର ଠିକ୍ ହେଇଯାଇଛି । ସକାଳୁ ସକାଳୁ ଚାଲିବାକୁ ଯାଇଥିଲେ ଆଜି । ଭୁବନ ଆସିବା ଦିନରୁ ସ୍ୱାମୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖି ଶାନ୍ତି ବହୁତ ଉଲ୍ଲସିତ ଥିଲେ । ପିଲାମାନେ ହିଁ ବାପାମାଆଙ୍କ ସବୁକିଛି ଆଉ ତାଙ୍କୁ ଦେଖିଦେଲେ ସେମାନେ ସବୁ ଦୁଃଖକଷ୍ଟ ଭୁଲିଯାଆନ୍ତି ।

କାଲି ଡାକ୍ତର ବାବୁ ବି କହୁଥିଲେ, “ସାହୁବାବୁ, ଦୁଇ ତିନି ଦିନ ହେଲା କଣ ହେଇଛି ଯେ ଆପଣଙ୍କ ସ୍ୱାସ୍ଥ୍ୟରେ ବହୁତ୍ ପରିବର୍ତ୍ତନ ଆସିଛି ? ମୋର ଏତେ ଦିନର ଚିକିତ୍ସାରେ ଏତେ ଶୀଘ୍ର ଉନ୍ନତି ମୁଁ ଦେଖି ନଥିଲି । ନିଶ୍ଚୟ ଆଉ କିଛି ହୋଇଛି ବୋଧେ ।”

“ମୋ ପୁଅ ପରା ଆମେରିକାରୁ ଆସିଛି”, ସାହୁବାବୁ କହିପକାଇଲେ ।

ସନ୍ଧ୍ୟାବେଳେ ବାପାମାଆଙ୍କ ସହ ବସି କଥା ହେଉଥିଲା ଭୁବନ - ତା ପିଲାବେଳ କଥା, ଆମେରିକାରେ କଣ କେମିତି ସବୁ ହୁଏ, ଇତ୍ୟାଦି ଇତ୍ୟାଦି । ମୋବାଇଲ୍ ରିଂ ବାଜି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠିଲା ।

ବୀଟୁ ଫୋନ୍ କରିଥିଲା ।

- ମାମୁଁ, ମୁଁ ତୁମ ଉପରେ ରାଗିଛି । ତୁମେ ତିନି ଦିନ ହେଲା ଆସିଲଣି, ମୋ ପାଖକୁ ଆସି ନାହଁ କାହଁକି ? କାଲି ମୋ ଜନ୍ମଦିନ, ତୁମର ମନେ ନାହିଁ କି ? କେତେବଳେ ଆସିବ ?

ବାପାଙ୍କ ସ୍ୱାସ୍ଥ୍ୟ ଚିନ୍ତାରେ ବିଟୁର ଜନ୍ମଦିନ କଥା ଭୁଲି ଯାଇଥିଲା ଭୁବନ ।

- ହଁରେ ବାବା, ମୁଁ କାଲି ଆସିବି । ମୋ ଗେହ୍ଲା ଭଣଜାର ଜନ୍ମଦିନ ଆଉ ମୁଁ ନ ଆସିବି କେମିତି ? ଆସିବା ବେଳେ ତୋ ପାଇଁ ଭଲ ଉପହାର ମଧ୍ୟ ଆଣିବି ।

ରାତିରେ ଆଉ ଭୁବନକୁ ଭଲ ନିଦ ହେଲାନି । ବହୁତ ଦିନପରେ କାଲି ଭଉଣୀ ଭିଣୋଇ ଆଉ ବିଟୁକୁ ଦେଖିବ । କେତେ ମଜା ହେବ ।

ସକାଳୁ ସକାଳୁ ଗାଧୋଇ ପାଧୋଇ ବାହାରି ପଡ଼ିଲା ଭୁବନ । କିଛି ଦିନ ଭିତରେ କେତେ ପରିବର୍ତ୍ତନ । ରାସ୍ତାଘାଟ, ବଡ଼ ବଡ଼ ବିଲଡିଂ ଶୋରୁମ୍ କେତେ କଣ ଆସିଯାଇଛି... ବାଟରେ ବିଟୁ ପାଇଁ ଗୋଟେ ରିମୋଟ ଉଡାଜାହାଜ କିଣିନେଲା ଭୁବନ । ଏହା ଭିତରେ କେତେ ବେଳେ ଭଉଣୀଘରେ ପହଞ୍ଚି ଯାଇଛି ଯେ ଜଣାନାହିଁ ।

ମାମୁଁ ଆସି ଗଲେ, ମାମୁଁ ଆସି ଗଲେ... କହି ଦଉଡ଼ି ଆସିଲା ବିଟୁ । ଝୁଣ୍ଟି ପଡୁ ପଡୁ ତାକୁ ଉଠାଇ ନେଲା ଭୁବନ ।

- ଆରେ, କେତେ ଲମ୍ବା ହୋଇଗଲୁଣି ତୁ ?

- ମାମୁଁ ଜାଣିଛ ? ମୁଁ ପରା ଏଥର ସ୍କୁଲରେ ଆଥଲେଟିକ ଚମ୍ପିୟାନ ହେଇଛି ।

ଆରେ ବାଃ, କହି କୁଣ୍ଢାଇ ପକେଇଲା ଭୁବନ ବିଟୁକୁ ।

ଭଉଣୀ ଭିଣୋଇଙ୍କୁ ବହୁତ ଦିନ ପରେ ଦେଖି ଖୁସିଥିଲା ଭୁବନ । ଆମେରିକାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପର୍କର ସ୍ୱାଦର ଅଭାବକୁ ଅନୁଭବ କରୁଥିଲା ସେ । ଦିନସାରା ଗପ କରି କରି ସମୟ କଟି ଯାଇଥିଲା ।

ସନ୍ଧ୍ୟାବେଳେ ସାଜସଜ୍ଜା ହୋଇ ବାହାରି ପଡିଲେ ସବୁ ହୋଟେଲକୁ ଯିବାପାଇଁ । ଭୁବନେଶ୍ୱରରେ ଗୋଟେ ବଡ଼ ହୋଟେଲରେ ପାର୍ଟି ହେବ । ବିଟୁ ଅନର୍ଗଳ ଗପିଚାଲିଥାଏ । ଯିବାବାଟରେ ରାସ୍ତାଘାଟ ଦେଖି ଭୁବନ ଖୁସି ହେଉଥାଏ । ଯାହା ହେଉ ବହୁତ ଦିନ ପରେ ମୋ ଓଡ଼ିଶାର ପରିବର୍ତ୍ତନ ହେଉଛି । ଏବେ କୁଆଡେ ଭୁବନେଶ୍ୱର ଏକ ନମ୍ବର ସ୍ମାର୍ଟ୍ ସିଟି ହେଇଛି ।

ବାପାଙ୍କ କଥା ମଝିରେ ମଝିରେ ମନେ ପଡି ଯାଉଥିଲା ଭୁବନକୁ । ଆଜି ଏକା ଏକା ଅନୁଭବ କରୁଥିବେ ସିଏ । ରହି ନପାରି ବୋଉ ସହ କଥାହୋଇ ବାପାଙ୍କ ବିଷୟରେ ପଚାରି ନେଲା ଭୁବନ ।

- ଆରେ, ତୁ ଖାଲି ମିଛଟାରେ ବ୍ୟସ୍ତ ହେଉଛୁ... କହିଲେ ଅମିୟ

- ବାପାଙ୍କ ପାଇଁ ମୋତେ ଟିକେ ବ୍ୟସ୍ତ ଲାଗୁଛି ଭାଇ । ବହୁତ୍ ଦିନପରେ ତାଙ୍କୁ ଟିକେ ଖୁସି ହେବାର ଦେଖୁଥିଲି ତ !

- ତୁ ବାହା ହେବା ପାଇଁ ରାଜି ହେଉନାହୁଁ କାହିଁକି ? ତୁ ବାହା ହୋଇଗଲେ ବାପାଙ୍କ ହେହ ଆପେ ଠିକ୍ ହେଇଯିବ । ଆଜି ପାର୍ଟିରେ ଗୋଟେ ଭଲ ଝିଅଟେ ଦେଖି ରାଜି ହୋଇ ଯାଆ, ବାକି ସବୁ ମୋର...

ବିଟୁ ଫେଁ କରି ହସି ଦେଲା ।

କିଛି ନକହି ପାରି ମୁରୁକି ହସିଦେଲା ଭୁବନ ।

ହୋଟେଲରେ ଗୋଟେ ବଡ଼ ହଲରେ ପାର୍ଟିର ବନ୍ଦୋବସ୍ତ କରାଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତିଥିମାନେ ସବୁ ଆସିବା ଆରମ୍ଭ କରି ଦେଇଥିଲେ । ବହୁତ୍ ଚିହ୍ନା ଅଚିହ୍ନା ମୁହଁ ସବୁ ଦେଖା ଯାଉଥିଲେ । ଅମିୟ ଓ ଅନିତା ଅତିଥିମାନଙ୍କୁ ସ୍ୱାଗତ କରିବାରେ ବ୍ୟସ୍ତ ଥିଲେ । ଏପଟେ ବିଟୁ ତା ସାଙ୍ଗମାନଙ୍କ ସହ ମସ୍ତି କରୁଥିଲା ।

କ୍ଷଣକ ପାଇଁ ଟିକେ ଏକା ଅନୁଭବ କରୁଥିଲା ଭୁବନ । କଲେଜ ପଢିବା ସମୟର କଥା ମନେ ପଡିଗଲା ତାର । କେତେ ମଜା କରୁଥିଲେ ସାଙ୍ଗସାଥୀମାନେ ସବୁ ମିଶି । କୁଆଡେ ଗଲା ସେ ଦିନ ସବୁ । ସମସ୍ତେ ନିଜ ନିଜ ଜୀବନରେ ବ୍ୟସ୍ତ ହୋଇଯାଇଛନ୍ତି । କାହାରି ପାଖରେ ସମୟ ନାହିଁ । ଆଜିର ସମୟକୁ ଅନୁଭବ କରି ଟିକେ ଦୁଃଖୀ ହୋଇଯାଇଥିଲା ଭୁବନ । ଏମିତି ବି, ଗହଳ ଚହଳ ଜାଗାକୁ ଯିବା ପାଇଁ ଭୁବନ ପସନ୍ଦ କରେନି, ହେଲେ ଆଜି ଭଣଜା ବିଟୁର ଜନ୍ମଦିନ ପାଇଁ ସେ ଘରୁ ବାହାରିଥିଲା । ହୋଟେଲର ହଲରେ ପାର୍ଟି ଚାଲିଥିବା ବେଳେ, ସେ ମୋବାଇଲରେ ବ୍ୟସ୍ତ ଥିଲା । ଏହି ସମୟରେ ହଠାତ୍ ପିଠିରେ ଦୁମ୍ କିନା ବିଧା ଗୋଟିଏ ପଡ଼ିବାପରେ 'ମା ଲୋ' ବୋଲି କହି ଚିଲ୍ଲେଇ ଉଠୁ ଉଠୁ ସେ ଦେଖିଥିଲା ତା ପିଲା ଦିନ ସାଙ୍ଗ ସୌମ୍ୟକୁ । ସେ ଯେବେ ଦେଖାହେଉଥିଲା ଏମିତି ପିଠିରେ ଖାଲ ଖୋଳି ଦେଉଥିଲା । ସୌମ୍ୟକୁ ଦେଖି ସେ ବହୁତ ଖୁସି ହୋଇଗଲା ।

ସେମାନେ ପିଲାଦିନ କଥା ଆରମ୍ଭ କରୁଥିଲେ, ସେଇ ସମୟରେ ଆସିଥିଲା ନିକି । ନିକିକୁ ଦେଖିବାପରେ ଭୁବନର ପାଟି ଅଠା ଅଠା ହୋଇଗଲା । ବୋଧହୁଏ ଦଶବର୍ଷ ପରେ ଦେଖୁଥିଲା । କଲେଜ ପରେ ହଠାତ୍ କୁଆଡେ ଗାୟବ ହେଇଯାଇଥିଲା ସେ । ସୌମ୍ୟର କଥା ଆଉ ତା କାନରେ ପଡୁନଥିଲା । ସେ ମନେ ମନେ ଭାବୁଥିଲା, ନିକି ଏବେ ବି ବି ଠିକ୍ ସେମିତି କଣ୍ଢେଇଟେ ପରି ଅଛି, ଯେମିତି କଲେଜ୍ ସମୟରେ ଥିଲା । ଅତୀତର ଦିନଗୁଡିକ ଜଳ ଜଳ ପରି ଦେଖା ଯାଉଥିଲା ଭୁବନକୁ । ଯେମିତିକି ସେ ତା ଅତୀତକୁ ଫେରି ଯାଉଛି...

 Magazine Downloaded from www.aahwaan.com

ଅତୀତର ସ୍ୱପ୍ନ ରାଇଜରେ ହଜି ଯାଉଥିଲା ସେ ।

ଭଲ ପାଠ ପଢୁଥିବାରୁ ମହାକାଶ ବିଜ୍ଞାନ ପଢିବା ପାଇଁ ଭୁବନ ସିଲେକ୍ଟ ହୋଇଥିଲା । ପିଲାବେଳୁ ମହାକାଶଚାରୀ ହେବାକୁ ବହୁତ ଇଚ୍ଛା ଥିଲା ତାର । ମନେ ଅଛି, ତାର ସିଲେକ୍ସନ୍ ହେବା ଦିନ ସାହୁବାବୁ ପରା ଗାଁରେ ମିଠା ବାଣ୍ଟିଥିଲେ ।

କଲେଜର ପ୍ରଥମ ଦିନରେ ସୌମ୍ୟ ସହ ଦେଖା ହେଇଥିଲା ଭୁବନର । ଦୁଇଜଣ ଭଲ ସାଙ୍ଗ ହୋଇ ଯାଇଥିଲେ ସେଇ ଦିନରୁ । ହଷ୍ଟେଲରେ ମଧ୍ୟ ସେମାନେ ଗୋଟେ ରୁମରେ ରହୁଥିଲେ । ସୌମ୍ୟ ବହୁତ ଶାନ୍ତ ଏବଂ ଖୁସିମିଜ୍ଜାସର ପିଲା ଥିଲା । ସେଥିପାଇଁ ଭୁବନ ତାକୁ ପସନ୍ଦ କରୁଥିଲା । ଦୁଇଜଣଙ୍କ ମଧ୍ୟରେ ବନ୍ଧୁତା ବହୁତ୍ ଘନିଷ୍ଠ ହୋଇପାରିଥିଲା । ସେମାନେ ପରସ୍ପରକୁ ନିଜର ମନେ କରୁଥିଲେ । କ୍ଲାସ୍ ପରେ କ୍ୟାଣ୍ଟିନରେ ସାଙ୍ଗମାନଙ୍କ ସହ ବହୁତ୍ ମଜା କରୁଥିଲେ ସେମାନେ । କଲେଜ ଛୁଟିରେ ଜଣେ ଅନ୍ୟକୁ ମିଶିବା ପାଇଁ ଘରକୁ ଆସି ଯାଉଥିଲେ । ସେମାନଙ୍କ ବନ୍ଧୁତା ଦେଖି ସାହୁବାବୁ ଆଶ୍ୱସ୍ଥ ହେବା ସହ ଖୁସି ମଧ୍ୟ ହେଉଥିଲେ ।

ଦିନଗୁଡିକ ଶୀଘ୍ର ବିତି ଯାଇଥିଲା । ଆଜି ବି ବିଗତ ସ୍ମୃତିସବୁ ଆଖି ଆଗରେ ଜଳଜଳ ଦେଖା ଯାଉଛି । ଗାଁର ନିର୍ମଳ ନିଷ୍କପଟ ପରିବେଶରୁ ଆସି ସହରୀ ପରିବେଶରେ ଖାପ ଖାଇବାକୁ ଅସୁବିଧା ହେଉଥିଲା ଭୁବନକୁ । କଲେଜର ପ୍ରଥମ ବର୍ଷଟି ସିନିୟରମାନଙ୍କ ଭୟରେ ଯେମିତି ଭାବେ କଟି ଯାଇଥିଲା । ସୌମ୍ୟର ଉପସ୍ଥିତି ଭୁବନ ପାଇଁ ବହୁତ ସହାୟତା କରିପାରିଥିଲା । ବହୁତ କଷ୍ଟରେ ନିଜକୁ ସମ୍ଭାଳି ପାରିଥିଲା ଭୁବନ କଲେଜର ପରିବେଶରେ ।

କଲେଜର ଦ୍ୱିତୀୟ ବର୍ଷ ହୋଇ ଯାଇଥାଏ । ସେଦିନ କ୍ଲାସ୍ ପରେ ଭୁବନ ଓ ସୌମ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ୟାଣ୍ଟିନରେ ବସିଥାନ୍ତି । ସୌମ୍ୟ ତା ଘର ଓ ପିଲାବେଳ କଥା କହି ଚାଲିଥାଏ । ନିଜର ଭବିଷ୍ୟତ ବିଷୟରେ ବି ଆଲୋଚନା ଚାଲିଥାଏ । ଆଜି କ୍ଲାସରେ କଣ ହେଲା, କଉ ପିଲା କଣ କଲା, କଉ ଅଧ୍ୟାପକ କେମିତି ଇତ୍ୟାଦି ଇତ୍ୟାଦି । ହଠାତ୍ ପଛପଟୁ ଝିଅଟିଏ ସୌମ୍ୟ ପାଖକୁ ଆସି ପଚାରିଲା,

- ଆରେ ସୌମ୍ୟ ଭାଇ ଆପଣ ଏଠି ?

ଅତସ୍ମିତ ଭାବରେ ସୌମ୍ୟ ପଛକୁ ଚାହିଁ ଆଶ୍ଚର୍ଯ୍ୟ ହୋଇ ପଚାରିଲା

- ତୁମେ... ମୁଁ ଚିହ୍ନି ପାରିଲି ନାହିଁ ।

- ମୁଁ ନିକି, ସ୍ୱରୁପା ମହାନ୍ତି... ଭଦ୍ରକ କଲେଜରେ ଆପଣଙ୍କର ଜୁନିୟର ଥିଲି । ମୁଁ ଏବେ ଏଠି ଫାଷ୍ଟ ଇୟରରେ ଆଡ଼ମିସନ୍ ନେଇଛି । ଆପଣ ତ କଲେଜରେ ଟପ୍ପର ଥିଲେ ନା, ଆପଣଙ୍କୁ କିଏ ନ ଜାଣେ ?

- ହଁ, ମୁଁ ଏଠି ସେକେଣ୍ଡ ଇୟରରେ ପଢୁଛି । ଯାହା ହେଉ, ତୋର ଆଡ଼ମିସନ୍ ତ ସରିଲାଣି... କେଉଁଠି ରହୁଛୁ ଏବେ ?

- ହଁ ଭାଇ, ଆମ କ୍ଲାସ୍ ବି ଆରମ୍ଭ ହେଇଗଲାଣି । ଏବେ ମୁଁ ଓମେନ୍ ହଷ୍ଟେଲ -୨ ରେ ରହୁଛି ।

- ହଉ, କିଛି ଦରକାର୍ ହେଲେ କହିବୁ । ମୋ ମୋବାଇଲ ନମ୍ବରଟା ନେଇଥା... । ଆଉ ଇଏ ହେଉଛି ମୋ ସାଙ୍ଗ ଭୁବନ । ଆମେ ଗୋଟିଏ ରୁମରେ ରହୁଛୁ ।

ଭୁବନ ଏ ଦୁଇଜଣଙ୍କ ବାର୍ତ୍ତାଳାପ ଶୁଣି ଯେମିତି ସ୍ଥାଣୁ ହୋଇଯାଇଥାଏ । ତା ଅଜାଣତରେ ସେ ନିକି ଉପରୁ ଯେମିତି ନଜର ହଟେଇ ପାରୁ ନଥାଏ ।

- ହାଲୋ ଭୁବନ ଭାଇ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୌମ୍ୟ ଭୁବନକୁ ହଲେଇ ଦେଲା । ଆରେ, କଣ ଏମିତି ଅନେଇଛୁ ? ନିକି ପରା ତୋତେ ହାଲ୍ଲୋ କହୁଛି...

ଭୁବନ ଟିକେ ଅସମଞ୍ଜସ୍ୟ ହୋଇ କହିଲା,

- ହଁ, ହାଲ୍ଲୋ ନିକି....

ଯେମିତି ବହୁତ କଷ୍ଟରେ ନିକିଠାରୁ ନିଜର ଦୃଷ୍ଟି ହଟେଇବାରେ ସମର୍ଥ ହୋଇଛି ସେ । ଭୁବନ ଟିକେ ଲାଜେଇ ଯିବା ସହ ନିଜ ଭିତରେ କିଛି ଶିହରଣ ଅନୁଭବ କରୁଥିଲା । ତିନିହେଁ ସେଦିନ କ୍ୟାଣ୍ଟିନରେ ଚାଆ ପିଇ ସାରି ଚାଲିଯାଇଥିଲେ ନିଜ ନିଜ ହଷ୍ଟେଲକୁ । ହେଲେ ଭୁବନ ଆଖିକୁ ରାତିସାରା ନିଦ ଆସୁ ନ ଥାଏ । ନିକିର ସୁନ୍ଦର ଚେହେରାଟି ତା ଆଗକୁ ବାରମ୍ବାର ଆସି ଯାଉଥାଏ । ନିଜକୁ ଅଟକାଇ ନ ପାରି ସୌମ୍ୟକୁ ନିକି ବିଷୟରେ ପଚାରିଛି ମଧ୍ୟ । ମନ ଭିତରେ ନିକି ପାଇଁ ଦୁର୍ବଳ ହୋଇ ସାରିଥିଲା ଭୁବନ ।

ନିକି ବାସ୍ତବରେ ସୁନ୍ଦରୀ । ତା ପ୍ରତି ଯେକୌଣସି ପୁରୁଷର ଦୃଷ୍ଟି ଆକର୍ଷଣ ହେବା ସ୍ୱାଭାବିକ । ନିକିର ବାକ୍ୟ ଚପଳତା ତା ସୌନ୍ଦର୍ଯ୍ୟକୁ ମେଳ ଖାଉଥିଲା । ଭୁବନ ତା ରୂପ ସୌନ୍ଦର୍ଯ୍ୟର ଯାଦୁରୁ ବାଦ୍ ପଡ଼ନ୍ତା ବି କେମିତି ? ସୌମ୍ୟ ବି ଜାଣି ସାରଥିଲା କି ଭୁବନ ମନେ ମନେ ନିକିକୁ ଭଲ ପାଉଛି ବୋଲି । ସବୁ ସାଙ୍ଗମାନଙ୍କ ଭଳି ସେ ନିଜ ବନ୍ଧୁଧର୍ମକୁ ବଜାୟ ରଖିବାକୁ ଚେଷ୍ଟା କରି ଚାଲିଥିଲା । ମଝିରେ ମଝିରେ ନିକି କଥା କହି ଚିଡାଉଥିଲା ବି ସେ । ଭୁବନ ଉପରକୁ ଚିଡୁଥିଲେ ମଧ୍ୟ ଭିତରେ ଅଲଗା ଖୁସି ପାଉଥିଲା ।

ଏମିତି ଦିନ ସବୁ ଗଡ଼ି ଚାଲିଲା । ପ୍ରାୟ ସମୟରେ ନିକି ସହ ଦେଖା ହୁଏ ଭୁବନର । ନିକି ମଧ୍ୟ ଭୁବନକୁ ପସନ୍ଦ କରୁଥିଲା । ଭୁବନର ସରଳତା ନିକିକୁ ଭଲ ଲାଗୁଥିଲା । ଜଣେ ଅନ୍ୟ ଜଣକୁ ଦେଖିଲେ ଖୁସି ହେଉଥିଲେ । ଘଣ୍ଟା ଘଣ୍ଟା ବସି କଥା ହେବାକୁ ଭଲ ପାଉଥିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁହେଁ । ଏହା ମଧ୍ୟରେ ସେମାନଙ୍କ ଭିତରେ ପ୍ରେମ ସମ୍ପର୍କର ଉଦ୍ଭାବନ ହୋଇ ସାରିଥିଲା, ଦୁଇଜଣଙ୍କ ଅଗୋଚରରେ ।

ଭୁବନ ନିକିକୁ ଦିନେ ନ ଦେଖିଲେ ରହି ପାରୁ ନଥିଲା । ମୋବାଇଲ୍ ଓ ଇଣ୍ଟର୍ନେଟ୍ ଯୁଗରେ ଭୁବନ - ନିକିର ପ୍ରେମଗ୍ରନ୍ଥକୁ ପରିପକ୍ୱ ହେବାକୁ ସମୟ ଲାଗିଲା ନାହିଁ । ପାଠପଢ଼ାରେ ହେଳା ନ ହେବା ନିମନ୍ତେ, ସେମାନେ ମିଶିବା ପାଇଁ ସମୟ ନିର୍ଦ୍ଧାରଣ ବି କରିଥିଲେ । ଦରକାର ହେଲେ ଭୁବନ ଓ ସୌମ୍ୟ ଉଭୟେ ନିକିକୁ ପାଠପଢ଼ାରେ ସାହାଯ୍ୟ କରୁଥିଲେ । ତିନିହେଁ ପଢାପଢିରେ ପ୍ରଖର ଥିଲେ ଏବଂ ନିଜ ଭବିଷ୍ୟତ ଯୋଜନାରେ ହେଳା ହେବାକୁ ପ୍ରସ୍ତୁତ ନ ଥିଲେ ।

କେମିତି ତିନି ବର୍ଷ କଟିଗଲା, ଜଣା ପଡ଼ିଲା ନାହିଁ । ଭୁବନ ଓ ସୌମ୍ୟଙ୍କର ଫାଇନାଲ ପରୀକ୍ଷା ପାଖେଇ ଆସୁଥଲା । ଏହା ଭିତରେ ଭୁବନର ଇସ୍ରୋରେ ଏବଂ ସୌମ୍ୟର ଇନ୍ଫୋସିଶ୍ ରେ କ୍ୟାମ୍ପସ ସିଲେକ୍ସନ ବି ହୋଇ ସାରିଥାଏ । ଆଉ କିଛି ଦିନ ପରେ ପରୀକ୍ଷା ସରିଯିବ ଏବଂ ଦୁହେଁ କଲେଜ ଛାଡି ଚାଲିଯିବେ, ଆଉ ନିକି ଏକା ହୋଇଯିବ ।

ନିକିକୁ ଜମା ଭଲ ଲାଗୁ ନ ଥିଲା । ଭୁବନ ବହୁତ ସାହସ ସଞ୍ଚୟ କରି ନିକିକୁ ତାଙ୍କ ଭବିଷ୍ୟତ ବିଷୟରେ ପଚାରିଲା...

- ନିକି, ଆଗକୁ କଣ ? ମୁଁ ଆର ମାସକୁ କଲେଜ ଛାଡ଼ି ଚାଲିଯିବି । ତା'ପରେ କଣ କରିବା । ନିକି ଚୁପ୍ ହୋଇ ବସିଥାଏ ।

- ନିକି, ମୁଁ କିଛି ପଚାରୁଛି । ମୋତେ ଉତ୍ତର ଦିଅ ।

- କେଉଁ କଥା ? କଣ କହିବାକୁ ଚାହୁଁଛ ଭୁବନ ?

- ତୁମେ ଯଦି କହିବ, ମୁଁ ଆମ ସଂପର୍କ କଥା ଆମ ବାପାମାଙ୍କୁ କହିବି ।


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- କାହିଁକି ? କଣ ବାପାମାଙ୍କୁ କହିବ ?

- ଆମ ସଂପର୍କ ବିଷୟରେ, ଭବିଷ୍ୟତ ବିଷୟରେ.... ମାନେ ଆମ ବାହାଘର ବିଷୟରେ.... ଚମକି ଯାଇ ନିକି କହିଲା, "ନା ଭୁବନ... ମୁଁ କିଛି ଭାବି ନାହିଁ । ଗତ ଛୁଟିରେ ମୋ ବାପା ମୋ ବାହାଘର କଥା କହୁଥିଲେ । ମୁଁ ମନା କରି ଦେଇଛି କି ମୁଁ ବାହା ହେବିନି ବୋଲି । ସଂସାର ଜଞ୍ଜାଳରେ ମୁଁ ପଶିବାକୁ ଚାହୁଁନାହିଁ । ଜୀବନରେ ମୁଁ ମୁକ୍ତ ହୋଇ ବଞ୍ଚିବାକୁ ଚାହୁଁଛି ।"

ଭୁବନ ନିକିକୁ ବୁଝାଇବାକୁ ବହୁତ୍ ଉଦ୍ୟମ କରିଥିଲା । ହେଲେ ନିକି ଅବୁଝା ଥିଲା । ଭୁବନକୁ ଲାଗୁଥିଲା କି ନିକି ତାଠାରୁ ଦୂରେଇ ଯିବାକୁ ଚାହୁଁଛି । ନିକିର ବ୍ୟବହାରରେ ଭୁବନକୁ ଅଧୈର୍ଯ୍ୟ ଲାଗୁଥିଲା । ନିକିର ପ୍ରତିଟି ଶବ୍ଦ ଯେମିତି ତୀର ଭଳି ଭୁବନର ହୃଦୟକୁ ଭେଦ କରୁଥିଲା । ନିକିର ଅକସ୍ମାତ୍ ପରିବର୍ତ୍ତନର କାରଣ ଜାଣି ପାରୁ ନଥିଲା ଭୁବନ । ମନେ ମନେ ନିରାଶ ହେଉଥିଲା ସେ । ନିକିର ଚୁପ୍ ରହିବା, ପ୍ରତିକ୍ଷଣ ଆଘାତ ଦେଉଥିଲା ଭୁବନକୁ । ଆମେ ଯାହାକୁ ଯେତେ ଭଲ ପାଆନ୍ତି, ତାଠାରୁ ସେତେ ଆଶା ରଖନ୍ତି... ଆଉ ଆଶାନ୍ୱିତ ଫଳ ନ ମିଳିଲେ କଷ୍ଟ ମିଳିବା ତ ସ୍ୱାଭାବିକ ।

ଭୁବନ ବହୁତ୍ ସ୍ୱାଭିମାନୀ, ସେଦିନର ଘଟଣା ପରେ ସେ ଆଉ ନିକି ସହ ମିଶି ନଥିଲା । ମନ ଭିତରେ ବହୁତ ଛଟପଟ ହେଲେ ବି ନିଜର ଯନ୍ତ୍ରଣାକୁ କାହା ପାଖରେ ପ୍ରକାଶ କରି ନ ଥିଲା । ପ୍ରତ୍ୟାଖ୍ୟାନ ଓ ନିରାଶାର ଭୟରେ ସାହସ କରିପାରି ନଥିଲା ସେ । ନିଜକୁ ସମ୍ଭାଳିବାକୁ ବହୁତ ଚେଷ୍ଟା କରିଥିଲା ଭୁବନ । ନିଜ ପ୍ରିୟ ସାଙ୍ଗ ସୌମ୍ୟକୁ ବି ଜଣାଇ ନ ଥିଲା ସେ ।

ମନର କଷ୍ଟକୁ ମନରେ ମାରି ହଷ୍ଟେଲରୁ ଚାଲି ଆସିଥିଲା ଭୁବନ । ସୌମ୍ୟ କିଛିଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଭାସ ପାଇଥିଲେ ବି ବ୍ୟସ୍ତତା ଭିତରେ କଣ ପାଇଁ କେଜାଣି କିଛି ପଚାରି ନ ଥିଲା । କଲେଜ ଛାଡ଼ିବା ପରେ ମସେ ଖଣ୍ଡେ ଘରେ ରହିଥିଲା ଭୁବନ । ବହୁତ୍ ଚୁପଚାପ୍ ହୋଇ ଯାଇଥିଲା ସେ । ତାର ବ୍ୟବହାର ବଦଳି ଯାଇଥିଲା । ବହୁତ ଏକା ଏକା ଲାଗୁଥିଲା ତାକୁ ।

ପୁଅର ଆବଭାବ ଏବଂ ଅଚାନକ ପରିବର୍ତ୍ତନ ଦେଖି ବ୍ୟସ୍ତ ହୋଇ ପଡ଼ିଥିଲେ ସାହୁବାବୁ । ବହୁତ୍ ଚେଷ୍ଟା କରିଥିଲେ ସେ କାରଣ ଜାଣିବାକୁ ସେ । ସୌମ୍ୟକୁ ପଚାରିଛନ୍ତି ବହୁତ ଥର । ହେଲେ କାହାଠାରୁ କିଛି ସନ୍ତୋଷ ଜନକ ଉତ୍ତର ପାଇପାରି ନ ଥିଲେ ସେ । ପୁଅକୁ ନିଜର ଯତ୍ନ ନେବାକୁ ବୁଝାଇଥିଲେ । ବାପାମାଙ୍କୁ କିଛି ଜଣାଇ ନ ଥିଲା ଭୁବନ ।

ନିଜକୁ ବଦଳାଇବାକୁ ଚେଷ୍ଟା କରିଥିଲା ସେ ।

ଇସ୍ରୋ ଜଏନ କରିବାକୁ ମୁମ୍ବାଇ ଆସିଥିଲା ଭୁବନ । ଘରୁ ଆସିବା ଦିନ ପୁଅ ପାଇଁ ବହୁତ୍ ମନକଷ୍ଟ କରିଥିଲେ ବାପାମା ଦୁହେଁ । ନୂଆ ନୂଆ ମୁମ୍ୱେଇର ବ୍ୟସ୍ତ ଜୀବନରେ ତାଳ ମିଳେଇବାକୁ ଅସୁବିଧା ହୋଇଥିଲା ଭୁବନକୁ । ହେଲେ ବହୁତ ଶୀଘ୍ର ନିଜ ନିଜ ଜ୍ଞାନ କୌଶଳର ଦକ୍ଷତାର ପ୍ରମାଣ ଦେଇ ଦେଇ ନିଜକୁ ଜଣେ ଭଲ ଯୁବବୈଜ୍ଞାନିକ ଭାବେ ପ୍ରତିଷ୍ଠା କରିପାରିଥିଲା ସେ । ଅନେକ ପଦପଦବୀ ଏବଂ ପୁରସ୍କାରରେ ସମ୍ମାନିତ ହୋଇଛି ମଧ୍ୟ । ଗତ ଦୁଇ ବର୍ଷ ହେଲା ସେ ଭାରତ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଆମେରିକାରେ ନାସାରେ କାମ କରୁଛି ।

ସୌମ୍ୟ ଏବେ ବାଙ୍ଗାଲୋରରେ ଗୋଟେ କମ୍ପ୍ୟୁଟର କମ୍ପାନୀ ଖୋଲିଛି । ବହୁତ ଭଲ ଚାଲିଛି ବୋଲି କହୁଥିଲା । ମଝିରେ ମଝିରେ ସୌମ୍ୟ ସହ କଥା ହୁଏ ଭୁବନ । ଆମେରିକା ଆସିବା ପରେ ସମୟ ସହ ସମ୍ପର୍କର ଦୂରତ୍ୱ ମଧ୍ୟ ଆସିଯାଇଛି । ନିଜ ବ୍ୟକ୍ତିଗତ ଜୀବନରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତେ ବ୍ୟସ୍ତ ହୋଇ ଯାଇଛନ୍ତି । ନାସାରେ ବହୁତ ପ୍ରଶଂସା ଭୁବନର । ନିଜକୁ ଜଣେ ଭଲ ବୈଜ୍ଞାନିକ ଭାବେ ପ୍ରମାଣିତ କରିପାରିଛି ସେ । ଆଜି ତାର ପିଲାଦିନର ସ୍ୱପ୍ନକୁ ସାକାର କରିପାରିଛି ଜଣେ ସ୍ପେସ ବୈଜ୍ଞାନିକ ହୋଇ ।

- ଆରେ, କଣ ଏମିତି ଆନେଇଛୁ ଭୁବନ ? କହି ହଲେଇ ଦେଲା ସୌମ୍ୟ ।

ନିକି ଉପରୁ ନିଜ ନଜର ଅନିଚ୍ଛାରେ ହଟେଇ ଆଣିବାରେ ସକ୍ଷମ ହେଲା ଭୁବନ । ସ୍ୱପ୍ନରେ ହଜି ଗଲା ପରି ଲାଗୁଥିଲା ତାକୁ ।

- କିଛି କହିବୁ ନା ନାହିଁ ? ଏ ପରା ତୋ ନିକି ! ! !

ଭୁବନର ଆଖି ଲୁହରେ ଛଳଛଳ ହୋଇ ଯାଇଥିଲା । ନିକି ମଧ୍ୟ ଅବାକ୍ ହୋଇ ଭୁବନକୁ ଦେଖୁଥିଲା । ପରସ୍ପରକୁ ଦେଖିଲେ ମଧ୍ୟ କେହି କିଛି କହି ପାରୁନଥିଲେ ।

- ନିକି, ତୁ ତ କିଛି କହ । ଏ ତ ଏବେ ବି ସେମିତି ଅଛି । ପୁଣି ସୌମ୍ୟ କହିଲା । ଭୁବନ ମନରେ ବହୁତ ପ୍ରଶ୍ନ ଉଙ୍କିମାରୁଥିଲା । ଏତେ ଦିନ ହେଲା କୁଆଡେ ଥିଲା ନିକି ? ଏଠି ସୌମ୍ୟ ସହ କେମିତି ? କାହିଁ ସୌମ୍ୟ ସହ ବାହା ହୋଇ ଯାଇନି ତ ?

- ଆରେ ଜଣ ଏମିତି ଭାବୁଥିବୁ ନା କିଛି କହିବୁ ? ଜାଣିଛୁ, ନିକି ତୋ ସ୍ୱପ୍ନ, ତୋ ଭବିଷ୍ୟତ ପାଇଁ କେତେ କଷ୍ଟ ସହିଲାଣି ?

ଭୁବନ କିଛି ବୁଝିପାରୁ ନ ଥିଲା । ସେ ଖାଲି କାବା ହୋଇ ସୌମ୍ୟ ମୁହଁକୁ ଚାହିଁ ଶୁଣି ଚାଲିଥିଲା ।

- ଜାଣିଛୁ, ତୁ ସ୍ପେସ ବୈଜ୍ଞାନିକ ହେବା ପାଇଁ ଏବଂ ନାସାରେ କାମ କରିବାର ତୋର ସ୍ୱପ୍ନ ପାଇଁ ନିକି କେତେ ବଳିଦାନ ଦେଇଛି ? ସେ ତୋଠାରୁ ଦୂରେଇ ଯିବା ପଛରେ ତୋ ସ୍ୱପ୍ନ ହିଁ କାରଣ ଥିଲା । ସେ ଚାହୁଁଥିଲା କି ତୁ ତୋ ସ୍ୱପ୍ନକୁ ହାସିଲ କର । ଆଉ ସେଥିପାଇଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ତୋଠରୁ ଦୂରେଇ ଯିବାକୁ ସ୍ଥିର କରିଥିଲା, କେବଳ ତୋ ରାସ୍ତାରେ ଅବହେଳା ନ ହେବା ପାଇଁ । ତୋଠାରୁ ଦୂରେଇ ଯାଇ ମଧ୍ୟ ସେ ତୋର ସବୁ ଖବର ନେଉଥିଲା । ଦୂରରେ ରହି ତୋର ସ୍ୱପ୍ନ ପୂରଣ ପାଇଁ କାମନା କରୁଥିଲା । ତୋ ପାଇଁ ବହୁତ କଷ୍ଟ ପାଇଛି ସେ । ତାର ନିଷ୍ପତ୍ତି ବି ମୋତେ ଜଣାଇ ଥିଲା । ଅନିତା ଦିଦି ଓ ଅମିୟ ଭାଇ ବି ଏ କଥା ଜାଣନ୍ତି । ଆମେ ସମସ୍ତେ ଆଜିର ଦିନକୁ ହିଁ ଅପେକ୍ଷା କରି ରହିଥିଲୁ ।

- କେମିତି ଅଛ ନିକି ? ବାହା ହୋଇ ସାରିଲଣି ? ଅଜାଣତରେ ଭୁବନ ମୁହଁରୁ ବାହାରିଗଲା ।

- ଆରେ, ତୁ ପାଗଳ ହେଲୁ କି ? ଯିଏ ତୋ ସ୍ୱପ୍ନ ପାଇଁ ଏତେ କଷ୍ଟ ସହିପାରେ, ତୋତେ ଛାଡ଼ି ସେ କଣ ଆଉ କାହାର ହେଇପାରିବ ? ତୋ ଅପେକ୍ଷାରେ ଅନେଇ ବସିଛି କି ତୁ ନାସାରେ ବୈଜ୍ଞାନିକ ହେବା ପରେ ତୋତେ ଦେଖା ଦେବ ବୋଲି ।

ଭୁବନ ମୁଣ୍ଡକୁ କିଛି ପଶୁ ନ ଥିଲା । ନିଜ କାନକୁ ସେ ବିଶ୍ୱାସ କରି ପାରୁ ନଥିଲା । ତା ଆଖିରୁ ଆନନ୍ଦର ଅଶ୍ରୁଧାର ବୋହି ଯାଉଥିଲା । ନିକି ଆଉ ସମ୍ଭାଳି ନ ପାରି କାନ୍ଦିପକାଇଲା ସେ । ପଛରେ ଠିଆହୋଇ ଅମିୟ ଓ ଅନିତା ମୁରୁକି ହସୁଥିଲେ । ଯାହାହେଉ, ବହୁତ୍ ଦିନ ପରେ ଭୁବନ ଆଉ ନିକି ଏକ ହୋଇପାରିଛନ୍ତି ।

ମାମୁଁ, ପାପା, ମାମା, ଶୀଘ୍ର ଆସ... କେକ୍ କାଟିବା । ମୋ ସାଙ୍ଗମାନେ ବ୍ୟସ୍ତ ହେଲେଣି - ଡାକ ପକାଉଥିଲା ବିଟୁ ହଲ୍ ଭିତରୁ ଥାଇ ।।

ବି ଏଚ ଇ ଏଲ, ହାଇଦ୍ରାବାଦ
ମୋବାଇଲ - ୮୯୧୯୫୦୩୪୧୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁତ୍ୱର ଖୋଳପା

ଏ ଛୋଟ ଜାତିର ଝିଅ, କଣ ଭାବିଛୁ ନିଜକୁ, ସୁନ୍ଦର ହେଲୁବୋଲି ଆମ ସମାସ୍କନ୍ଧ ହେଇଯିବୁ ? ମୋ ପୁଅକୁ ଫସାଇ ପାଗଳ କରି ସାରିଲୁଣି । ଆଜିକାଲି ପୁଅ ଝିଅ ମାନଙ୍କର କିଛି ନାହି । ଜଣଙ୍କପରେ ଜଣଙ୍କୁ ଫାଶରେ ପକାଇ ଚାଲନ୍ତି । ଯଦି ମୋ ପୁଅ ସହିତ କଥା ହବାର ଦେଖିବି, ତୋର ଆଉ ରକ୍ଷାନାହିଁ । ଏପରିକି ଭୁବନକୁ ଦଣ୍ଡ ଦବାକୁ ପଛେଇବିନି । ଏତିକି କହି ଶାନ୍ତିଦେବୀ ଦମଦମ ହୋଇ ଚାଲିଗଲେ । ନିକି କଣ କରିବ, କାହାକୁ କହିବ ? ହାତରେ ଦୁପଟାକୁ ଧରି କାନ୍ଦିବାକୁ ଲାଗିଲା । ଜଣେ ବ୍ରାହ୍ମଣ ଘର ପୁଅକୁ ଭଲପାଇ ମୁଁ କଣ ଏତେବଡ ଭୁଲ କରିଛି ? ଚଷାଘରେ ଜନ୍ମହେବା କଣ ମୋର ଭୁଲ ? କିଏ ତାର ପ୍ରଶ୍ନର ଉତ୍ତର ଦେବ ? ଭୁବନ ନିଶ୍ଚୟ ଜାଣିଥିବେ ତାଙ୍କ ମା ମୋ ସହିତ ଦେଖା କରିବାକୁ ଆସିଥିଲେ ବୋଲି । ଏ ପ୍ରଶ୍ନର ଉତ୍ତର ସେହିଁ ଦେଇପାରିବେ । ତାପରଦିନ ସେ ଭୁବନକୁ କଲେଜରେ ସବୁକଥା କହିଲା । ହେଲେ ସବୁ ଶୁଣି ଚୁପ ରହିଲା ଭୁବନ । ତା ମା ଆଗରେ ତାର କିଛି ଚାଲେନି । ଭଉଣୀ ବାହାଘର ପରେ ବାପା ଚାଲିଗଲେ । ମା ତାକୁ ପାଳିପୋଷି ବଡ କରିଛନ୍ତି । ଭୁବନ ନିକିକୁ ବୁଝେଇ କହିଲା, ଏବେତ କଲେଜ ସରିଆସିଲାଣି, ଦେଖିବା ଆଗକୁ କଣ ହେଉଛି । କିଛିଦିନ ଅପେକ୍ଷା



ସରୋଜିନୀ ଦାସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କର । ନିକି ମୁଣ୍ଡ ଟୁଙ୍ଗାରି କିଛି ନକହି ଚାଲିଆସିଲ । ନିକିକୁ ଅଟକାଇବାକୁ ଭୁବନର ସାହସ ନଥିଲା । ସେ ଭାବିବାକୁ ଲାଗିଲା, ମା କୁ କିଏ କହିଲା । ପଚାରିଲେ ମଧ୍ୟ ମା ଠୁ କିଛି ଉତ୍ତର ପାଇଲାନି । ଭୁବନ ଭବିଲା ବୋଧେ ତାର ଘନିଷ୍ଠ ସାଙ୍ଗ ସୌମ୍ୟ ମା଼ଙ୍କୁ କହିଥିବ । କିନ୍ତୁ ସେ ତ ତାକୁ କହିବାକୁ ମନା କରିଛି । ଭୁବନ ଆଉ ନିକି ପ୍ରଥମ ଦେଖାରୁ ପରସ୍ପରକୁ ଭଲପାଇ ବସିଥିଲେ । ହେଲେ ସୌମ୍ୟ ବି ନିକିକୁ ଭଲପାଇବାକୁ ଲାଗିଥିଲା, କିନ୍ତୁ ପ୍ରକାଶ କରିବା ଆଗରୁ ଭୁବନ ନିକିକୁ ପ୍ରପୋଜ କରିସାରିଥିଲା । ସେମାନଙ୍କ ସମ୍ପର୍କ ଦେଖି ସୌମ୍ୟ ଈର୍ଷା କରିବାକୁ ଲାଗିଲା । ସୁଯୋଗ ଦେଖି ଦିନେ ସୌମ୍ୟ ଭୁବନର ମାଙ୍କୁ ଯାଇ ସବୁ କଥା କହିଦେଲା ।

କଲେଜ ସାରି ଭୁବନ ଘର ପାଖରେ ଗୋଟେ ଚାକିରୀ କଲା, ଯେହେତୁ ଗୋଟେ ପୁଅ ହେଇଥିବାରୁ ତା ମା ତାକୁ ବାହାରକୁ ଛାଡିଲେନି । ନିକି କଲେଜ ସାରି ଚାକିରୀ ପାଇଲାପରେ କର୍ମକ୍ଷେତ୍ର ବାଙ୍ଗାଲୋର ଚାଲିଗଲା । ସୌମ୍ୟ ମଧ୍ୟ ସେହି କମ୍ପାନୀରେ ଗୋଟେ ଚାକିରୀ ପାଇଗଲା । ନିକିକୁ ସେଠାରେ ଦେଖି ଖୁସିରେ ପାଗଳ ହେଇଗଲା । ସେ ନିକିକୁ ପ୍ରପୋଜ କଲା, ନିକି ରାଜି ନ ହେବାରୁ ସେ ପ୍ରତିଶୋଧର ନିଆଁରେ ଜଳିବାକୁ ଲାଗିଲା । "ନିକି ! ତୁ ଏବେ କଣ କରିବୁ ? ଭୁବନଠୁ କେମିତି ତୋତେ ଦୂର କରିଦେଲି ଦେଖିଲୁ । କଲେଜର ପ୍ରଥମ ଦିନରୁ ତୋତେ ଭଲ ପାଇଲି । କିନ୍ତୁ ତୁ ସେ ଭୁବନକୁ ପସନ୍ଦ କଲୁ ?" ନିକି ନ ଶୁଣିଲା ପରି ଚାଲିଗଲା । ଯିବା ଆସିବା ବାଟରେ ସୌମ୍ୟ ତା ସହିତ ଅଶ୍ଲୀଳ ବ୍ୟବହାର କଲା । ଏପରିକି ଏକୁଟିଆ ପାଇ ବଳତ୍କାର କରିବାକୁ ଚେଷ୍ଟା କଲା । କିନ୍ତୁ ନିକି ନିଜ ଭିତରେ ଥିବା ନାରୀ ଶକ୍ତି ବଳରେ ସେଠାରୁ ଖସି ଆସିଲା । ହେଲେ ଏ ସବୁ କେତେ ଦିନ ସହିବ ? ଶେଷରେ ଇସ୍କନ ମନ୍ଦିରରେ ଦ୍ରୌପଦୀ ପରି ଭଗବାନଙ୍କ ପାଖରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜକୁ ସମର୍ପଣ କରି ମୁଣ୍ଡିଆ ମାରିଲା । ହଠାତ ବୁଲି ଦେଖେ କି ସ୍ତ୍ରୀ ଜଣକ ଚିହ୍ନିଲା ପରି ଲାଗୁଛି, ଏ ତ ସୀମା, ଭୁବନର ଭଉଣୀ । କିଛି ବର୍ଷ ତଳେ ବଜାରରେ ଭୁବନ ଆଉ ତା ଭଉଣୀ ସହିତ ଦେଖା ହୋଇଥିଲା । ବୋଧେ ବାହା ହୋଇଗଲା ପରେ ଏଠାରେ ରହୁଛନ୍ତି । ସୀମା ଅପା, ମୁଁ ନିକି, ଜାଣିପାରୁନ ? କେତେ ବର୍ଷ ପରେ ଦେଖି ସୀମା ବି ଖୁସି ହୋଇଗଲା । ଦିନ ଗଡି ଚାଲିଲା । କିଛିଦିନ ପରେ ଭୁବନ ଭଉଣୀ (ସୀମା)ଘରକୁ ବାଙ୍ଗାଲୋର ବୁଲିଆସିଥିଲା ।

ନିକି ଦୂରେଇ ଗଲା ପରେ ଗହଳ ଚହଳ ଜାଗାକୁ ଯିବା ପାଇଁ ଭୁବନ ପସନ୍ଦ କରେନି । ହେଲେ ଆଜି ଭଣଜା ବିଟୁର ଜନ୍ମଦିନ ପାଇଁ ସେ ଘରୁ ବାହାରିଥିଲା । ହୋଟେଲର ହଲରେ ପାର୍ଟି ଚାଲିଥିବା ବେଳେ, ସେ ମୋବାଇଲରେ ବ୍ୟସ୍ତ ଥିଲା । ଏହି ସମୟରେ ହଠାତ ପିଠିରେ ଦୁମକିନା ବିଧା ଗୋଟିଏ ପଡିବାପରେ 'ମା ଲୋ' ବୋଲି କହି ଚିଲ୍ଲେଇ ଉଠୁ ଉଠୁ ସେ ଦେଖୁଥିଲା ତା ପିଲାଦିନ ସାଙ୍ଗ ସୌମ୍ୟକୁ । ସେ ଯେବେ ଦେଖା ହଉଥିଲା ଏମିତି ପିଠିରେ ଖାଲ ଖୋଳି ଦଉଥିଲା । ସୌମ୍ୟକୁ ଦେଖି ସେ ବହୁତ ଖୁସି ହେଇଗଲା ।

ସେମାନେ ପିଲାଦିନର କଥା ଆରମ୍ଭ କରୁଥିଲେ, ସେଇ ସମୟରେ ଆସିଥିଲା ନିକି । ନିକିକୁ ଦେଖିବାପରେ ଭୁବନର ପାଟି ଅଠା ଅଠା ହେଇଗଲା । ବୋଧହୁଏ ଦଶବର୍ଷ ପରେ ଦେଖୁଥିଲା । କଲେଜ ପରେ ହଠାତ କୁଆଡେ ଗାୟବ ହେଇଯାଇଥିଲା ସେ । ସୌମ୍ୟରେ କଥା ଆଉ ତା କାନରେ ପଡୁନଥିଲା । ସେ ମନେମନେ ଭାବୁଥିଲା, ନିକି ଏବେ ବି ଠିକ ସେମିତି କଣ୍ଢେଇଟେ ପରି ଅଛି, ଯେମିତି କଲେଜ ସମୟରେ ଥିଲା । ଭୁବନର ପାଟିରୁ କଥା ବାହାରୁ ନଥାଏ,ହେଲେ ନିକି ଭୁବନକୁ ଦେଖି ଆଖିରେ ଲୁହ ଭରି ସବୁକଥା କହିଦେଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୁବନ କିଛି କହିବା ଆଗରୁ ସୀମା ଆସି ସୌମ୍ୟ ଗାଲରେ ବଡ ଜୋରରେ ଚାପଡାଟେ ବସେଇଦେଲା । ଏ ସବୁ କଣ ହେଉଛି ଅପା ? ଭୁବନ ପ୍ରଶ୍ନବାଚୀ ହୋଇ ଭଉଣୀକୁ ପଚାରିଲା । ବିଟୁର ଜନ୍ମଦିନ ଏଠି କରିବାର କାରଣ, ଆଉ ନିକି ସହିତ ଦେଖା ହେବା ପଛରେ ଥିବା ପ୍ଲାନ ସବୁ ସୀମା ଭୁବନକୁ କହିଦେଲା । ସୀମା ଭୁବନକୁ କହିଲା, "ନିକିକୁ ଏତେ ଭଲପାଉଛୁ ଯେ ବାହାଘର କଥା ପଡିଲେ ଏବେବି ରାଜି ହଉନୁ । ସେଇ ଚିନ୍ତାରେ ମା'ର ଦେହ ସବୁବେଳେ ଖରାପ ରହୁଛି, ଏବେ ନିକିକୁ ଦେଖିଲେ ସେ ସବୁ ଭୁଲି ହୁଏତ ଆପଣେଇନବ ।" ଭୁବନ ମଧ୍ୟ ଏକଥା ବିଚାର କରି ନିକିକୁ ନିଜର କରିବାକୁ ମନସ୍ତ କରି ସେଠାରୁ ଯିବାକୁ ବାହାରିଲା । କିନ୍ତୁ ଗଲାବେଳେ ଭୁବନ କହିଗଲା, "ସୌମ୍ୟ ତୁ ଏ କଣ କଲୁ ? ପିଠିରେ ମାରି ମାରି ସିଧା ହୃଦୟରେ ଗାତ କରିଦେଲୁ ?" ସୌମ୍ୟ ମନେମନେ ଭବିଲା ତା ଅଜାଣତରେ ଏତେ ସବୁ ଘଟିଗଲା, ତାକୁ ଆଭାସ ବି ହେଲାନି ? ସେ ଜାଣିବି ପାରିଲାନି ତା'ର ବନ୍ଧୁତ୍ୱର ଖୋଳପାଟା ଆଜି ଭାଙ୍ଗି ଚୁରମାର ହେଇଗଲା ।

ସରୋଜିନୀ ଦାସ
କଲ୍ପକ୍କମ, ତାମିଲନାଡୁ
ଇମେଲ୍ : sarojini1504@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଛି ଲୁହ ପିଇଯାଏ ଓଠ

ଗହଳଚହଳ ଜାଗାକୁ ଯିବାପାଇଁ ଭୁବନ ପସନ୍ଦ କରେନି । ହେଲେ ଆଜି ଭଣଜା ବିଟୁର ଜନ୍ମଦିନପାଇଁ ସେ ଘରୁ ବାହାରିଥିଲା । ହୋଟେଲ୍ ହଲ୍ ରେ ପାର୍ଟି ଚାଲିଥିବାବେଳେ ସେ ମୋବାଇଲ୍ ରେ ବ୍ୟସ୍ତ ଥିଲା । ଏହି ସମୟରେ ହଠାତ୍ ପିଠିରେ ଦୁମ୍ କିନା ବିଧା ଗୋଟିଏ ପଡିବାପରେ 'ମା ଲୋ' ବୋଲି କହି ଚିଲ୍ଲେଇ ଉଠୁ ଉଠୁ ସେ ଦେଖୁଥିଲା ତା ପିଲାଦିନ ସାଙ୍ଗ ସୌମ୍ୟକୁ । ସେ ଯେବେ ଦେଖା ହେଉଥିଲା ଏମିତି ପିଠିରେ ଖାଲ ଖୋଳି ଦେଉଥିଲା । ସୌମ୍ୟକୁ ଦେଖି ସେ ବହୁତ ଖୁସି ହୋଇଗଲା ।

ସେମାନେ ପିଲାଦିନର କଥା ଆରମ୍ଭ କରୁଥିଲେ, ସେଇ ସମୟରେ ଆସିଥିଲା ନିକି । ନିକିକୁ ଦେଖିବାପରେ ଭୁବନର ପାଟି ଅଠାଅଠା ହୋଇଗଲା । ବୋଧହୁଏ ଦଶବର୍ଷପରେ ଦେଖୁଥିଲା । କଲେଜ୍ ପରେ ହଠାତ୍ କୁଆଡେ ଗାୟବ ହୋଇଯାଇଥିଲା ସେ । ସୌମ୍ୟର କଥା ଆଉ ତା କାନରେ ପଡୁ ନଥିଲା । ସେ ମନେ ମନେ ଭାବୁଥିଲା, ନିକି ଏବେ ବି ଠିକ୍ ସେମିତି କଣ୍ଢେଇଟେ ପରି ଅଛି, ଯେମିତି କଲେଜ୍ ସମୟରେ ଥିଲା ।



ଜନ୍ମଜୟ ନାୟକ

ଅତୀତର ସ୍ମୃତି ସବୁ ମାନସପଟରେ ଉଜ୍ଜୀବିତ ହୋଇଉଠୁଥିଲା । ସମୟ ସ୍ରୋତରେ ସବୁ କିଛି ପରିବର୍ତ୍ତନ ହୋଇସାରିଥିଲା । ନିକିର ଉପସ୍ଥିତିରେ ନିଃଶବ୍ଦରେ ଲେଲିହାନ ଶିଖାପରି ଭୁବନର ହୃଦୟ ଗହ୍ୱରରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁତୁହୁତୁ ହୋଇ ଜଳୁଥିଲା କିଛି ଅସ୍ପଷ୍ଟ ଧ୍ୱନି । କିନ୍ତୁ ନିକିର ମଥାର ସିନ୍ଦୂର, ହାତର ଶଙ୍ଖା ତା'ର ପରିଚୟ ବଦଳାଇ ସାରିଥିଲା । ତାର ଦୁଇ ବର୍ଷର ଛୋଟପୁଅ ଓ ସ୍ୱାମୀ ସହ ସେ ପାର୍ଟିକୁ ଆସିଥିଲା । ଭୁବନର ଭିଣୋଇଙ୍କର ଦୂରସଂପର୍କୀୟ ଭାଇ ହେଉଛନ୍ତି ନିକିର ସ୍ୱାମୀ । ଭୁବନକୁ ଏତେ ପାଖରେ ଦେଖି ମଧ୍ୟ ନିକି ନ ଚିହ୍ନିବାପରି ଅଭିନୟ କରୁଥିଲା । ଲୁହ ଛଳଛଳ ଆଖିରେ ଜଟିଳ ଜୀବନ ଅଙ୍କ କଷିବାର ପ୍ରୟାସ କରି ପୁରୁଣାଦିନର ସ୍ମୃତି ରୋମନ୍ଥନ କରୁଥିଲା । ଲୁହକୋହ ଏକାକାର ହୋଇ ସେ ଯନ୍ତ୍ରଣାର ଜତୁଶାଳରେ ହନ୍ତସନ୍ତ ହେଉଥିଲେ ବି ଅଜାଗା କ୍ଷତ କାହାକୁ ଦେଖାଇ ପାରୁନଥିଲା ।

ଏକ ଛୋଟ ଦୁର୍ଘଟଣାରେ ସାମ୍ନାସାମ୍ନି ହୋଇଥିଲେ ନିକି ଓ ଭୁବନ କଲେଜର ପ୍ରଥମ ଦିନରେ । ସ୍କୁଟି ଠିକ୍ ଭାବେ ଚଲାଇ ପାରୁନଥିବା ନିକି ଅନ୍ୟମନସ୍କ ଭାବେ ଭୁବନ ସାଇକେଲ୍ ସହ ଧକ୍କା କରିଥିଲା । ଭୁବନର କିଛି ଦୋଷ ନଥାଇ ବି ନିକି ତାକୁ ବହୁତ କିଛି ଶୁଣେଇଥିଲା । ଗୋଡ, ହାତ ଓ ମୁଣ୍ଡରେ କ୍ଷତ ହୋଇଥିଲେ ବି କିଛି ପ୍ରତିବାଦ ନକରି ନୀରବରେ ସବୁ ଶୁଣୁଥିଲା । କିନ୍ତୁ ସେଦିନ କଲେଜରୁ ଫେରିବାପରେ ନିଜକୁ ଦୋଷୀ ଭାବି ନିକି ବ୍ୟସ୍ତ ହୋଇଉଠିଥିଲା । ତା ପରଦିନ କଲେଜ୍ କ୍ୟାମ୍ପସ୍ ସାରା ଭୁବନକୁ ଖୋଜିଲାପରେ ବି ନିକି ପାଇନଥିଲା । ସାଙ୍ଗଙ୍କ ଠାରୁ ଜାଣିବାକୁ ପାଇଥିଲା ଭୁବନ ମେଡିକାଲ୍ ରେ ଅଛି । ତାପରେ ସେ ଦୌଡିଦୌଡି ମେଡିକାଲ୍ କୁ ଯାଇଥିଲା । ଭୁବନ ବି ତାକୁ ସେଠି ଦେଖି ଆଶ୍ଚର୍ଯ୍ୟ ହେଇଯାଇଥିଲା । ନିକି ତାକୁ କ୍ଷମା ମାଗି କାନ୍ଦିଉଠିଥିଲା । ଭୁବନ ବି କ୍ଷମା କରିଦେଇଥିଲା । ଏହି ଘଟଣାପରେ ନିକିର ଭୁବନ ପ୍ରତି ଅହେତୁକ ଭଲପାଇବା ଓ ସମ୍ମାନ ଜାଗି ଉଠିଥିଲା । ଦୁଇଜଣଙ୍କ ମନରେ ଉଭୟଙ୍କ ପ୍ରତି ଆନ୍ତରିକତା ବୃଦ୍ଧି ହୋଇ ଚାଲିଥିଲା । ଭୁବନର ସରଳପଣିଆ ଓ ଭଦ୍ରବ୍ୟବହାର ନିକି ମନ କିଣି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରିଥିଲା । ପାଞ୍ଚବର୍ଷ ସାଙ୍ଗହୋଇ ଗୋଟିଏ କଲେଜରେ କେମିତି ବିତିଯାଇଥିଲା ଜଣା ପଡିନଥିଲା । ଦୁହେଁ ପରସ୍ପରର ନିକଟତର ହୋଇ ପ୍ରେମବୃକ୍ଷ ଡାଳରେ ଶୁଆଶାରୀ ପରି ନୀଡ ରଚି ସାରିଥିଲେ । ଉଭୟଙ୍କ ସହମତିରେ ମାଆ ତାରିଣୀଙ୍କ ମନ୍ଦିରରେ ଫୁଲମାଳ ବଦଳ କରିଥିଲେ ।

ବିଧାତାର ବି ବିଚିତ୍ର ଖେଳ । କଲେଜ୍ ସରିବାପରେ ପରିବାର ଚାପରେ ଭୁବନ ଓ ନିକି ଅଲଗା ହୋଇଗଲେ । ବୃଦ୍ଧ ବାପାମାଆଙ୍କ ଖୁସି ଆଗରେ ନିକି ହାରିଗଲା । ସପନ ସରିବା ଆଗରୁ ରାତିପାହିବା ପରି  ତାର ସବୁ ଆଶା ଆକାଂକ୍ଷାର ବାଲିଘର ଭାଙ୍ଗିଗଲା । କିଛି ଲୁହ ତକିଆ ଭିଜଉଥିଲା ତ କିଛି ଲୁହ ଓଠ ପିଉଥିଲା । ବାପାମାଆଙ୍କ ଇଚ୍ଛାରେ ବାହା ହେଲା । ଏହା ମଧ୍ୟରେ ବହୁତଦିନ ବିତିଯାଇଛି । ନିକି ତା ସଂସାର ଜଞ୍ଜାଳରେ ଛନ୍ଦି ହୋଇଯାଇଛି । କିନ୍ତୁ ଭୁବନ ସମାଜସେବୀ ହୋଇ ଅବିବାହିତ ରହିବାର ନିଷ୍ପତି ନେଇଛି ।

ଭୁବନ, ନିକି କେହି ବି ଭାବିନଥିଲେ ଏତେ ବର୍ଷପରେ ସେମାନେ ଅପ୍ରତ୍ୟାଶିତ ଭାବରେ ଦେଖା ହୋଇଯିବେ । ଯାହା ବି ହେଉ ନିଜ ଦୁଃଖର ବରଫ ଗଦାକୁ ଛାତିରେ ଛାତିରେ ଜମାଟ ବାନ୍ଧିରଖି ପାର୍ଟି ସାରି ଦୁହେଁ ଫେରିଗଲେ ନିଜଘରକୁ । କେହି ନଜାଣିଲେ ବି କେବଳ ସୌମ୍ୟ ମୂକସାକ୍ଷୀ ହୋଇ ରହିଥିଲା । କାହାକୁ କିଛି କହିବାର ସାହସ କି ଧୈର୍ଯ୍ୟ ବି ନଥିଲା ତାର ।

ଶିକ୍ଷକ, ଚିଲିକା ନୋଡାଲ୍ ହାଇସ୍କୁଲ୍

ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

## ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ ୪)

ଅସିମିତ ଆଖି ଲୁହ ଝରି ସାଖି
ରଖିଲା ଏ ଜନ୍ତ୍ରଣାର,
ଅଧୁଆ ଚରଣ ଧୋଇ ଏ ହରଣ
କରେ ଜନ୍ତ୍ରଣା ତାହାର ।
ଅଶ୍ରୁଳ ଲୋଚନେ ପୂନଃ ସେହି କ୍ଷଣେ
ବିମୁଖେ ଆସିଛି ଚାଳି,
ଅଗଣାରେ ଥିବା କ୍ଷୁଦ୍ର ଜଳାଶୟ
ପାଖାନ୍ତି ଏକାକି ଭାଳି ।
ଅଦୂରରେ ରହି ଚରଣକୁ ଛୁଇଁ
ଦେଖିନି ମୁଖ ମୟୂଖ,
ଅନ୍ଧାରରେ ସିନା ଜଳୁଛି ନବୀନା
ଅନ୍ତରେ ଅନନ୍ତ ଦୁଃଖ ।
ଅଧିପ ଅଧିନେ ନବିନା ନୟନେ
ଆରାଧ୍ୟ ଇଷ୍ଟ ଦେବତା,
ଅପୂର୍ବ ଚେହେରା ଦେଖିବାକୁ ପରା
ନିଶିରେ ଭାବେ ଶଠତା ।
ଅଜଶ୍ର ଦୀପକ ଜଳିଲେ ମୟୂଖେ
ଦୀପ୍ତିମନ୍ତ ନୁହେଁ ମୁଖ,
ଅଂଶୁଧର କର ନୁହେଁ ତାକୁ ବର
ଶଶଧର କର ସୁଖ ।
ଅନନ୍ତ ଗଗନେ ତାରକା ଗହଣେ
ନାହିଁ ବୋଲି କର ତେଜି,
ଅଦୂରରେ ରହି ପ୍ରେମ-ପ୍ରାଣ-ସହୀ
ଦେଖିନି ମୁଖକୁ ଆଜି ।
ଅକଳିତ ଦୀପ ଜାଳିଦେଲେ ରୂପ
ଦରଶନ ହେବ ନାହିଁ,
ଅସିମ ଭକତି ରଖିଲେ ସାଇତି
ପୂର୍ଣ୍ଣମୀରେ ତାକୁ ପାଇ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଶ୍ମେ ଜଳାଶୟ ଘେରି ଏ ଶୋଭିତ
ଶଙ୍ଖ ବଳି ବର୍ଣ୍ଣ ତାର,
ଅଶ୍ମର ଉପରେ ପାଦଦେଇ ଥରେ
ବସନ୍ତି ଏ ଆପଣାର ।
ଅନୁଚରଗଣ ଦୀପକେ ପ୍ରାଙ୍ଗଣ
କରିଲେ ତହୁଁ ଉଜ୍ଜ୍ୱଳ,
ଅନେକ ଦୀପକ ଉଜ୍ଜ୍ୱଳ ପାବକ
କରରେ ମୁଖ ପ୍ରଜ୍ଜ୍ୱଳ ।
ଅନୂପ ଉପରେ ଦୀପକ କରରେ
ଉଇଁଲା ଉଆଁସେ ଜହ୍ନ,
ଅନୁପମ ମୁଖ ମୁଖରିତ ଦେଖ
ତାରକା କି ଗଣଗଣ ।
ଅଗଣିତ ତାରା ଛବି ପୁଣି ସାରା
ଜଳାଶୟେ ପଡିଥାଏ,
ଅନେକ ପଙ୍କଜ ପତର ନାରାଜ
ଉଜ୍ଜ୍ୱଳିତ ଶୋଭାପାଏ ।
ଅକାତର ଯାର କାତର ପତର
ପଙ୍କଜର ଦେଖା ନାହିଁ,
ଅକ ଅକଳିତ କଳଙ୍କ ରହିତ
ଅକାତର ବୋଲେ ଚାହିଁ ।
ଅଙ୍ଗନା ମୁଖରେ ମୁଖରିତ କର
ଦୀପକ କରିଛି ଦାନ,
ଅନେକ ତାରକା ଗହଣେ ବାରିରେ
ଶଶଧର ଗୋଟି ଜାଣ ।
ଅଙ୍ଗରାଗ ମୁଖେ ବୋଳିଥିଲା ଦେଖେ
ଉଜ୍ଜ୍ୱଳିତ ଶଶୀ ବଳି,
ଅନ୍ତରୁ ଦୁଃଖର ଅଜଶ୍ର ଲୋତକ
ଗଣ୍ଡରେ ରହିଛି ଢଳି ।
ଅଞ୍ଜନ ନୟନେ ନବୀନ ନଗନ୍ୟ
ହରୀଣ ଲୋଚନ ହେଇ,
ଅନୁତପ୍ତ ଦେଖି କୋକିଳ ଏ ସାଖି
ଅନ୍ତରେ ଏ ଭାବ ନେଇ ।

(କ୍ରମଶଃ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମକୁ ଆଉଥରେ ଦେଖିବାକୁ ଇଚ୍ଛା



ଡା ନୀଳମାଧବ କର

ତମେ କେଉଁଠି - ମୁଁ ଜାଣେନା
ଜାଣେନା ତମେ ମୋତେ ମନେ ରଖିଛ କି' ନା
ତୁମକୁ ମୁଁ ଭଲ ପାଉଥିଲି କି' ନା -
ଜାଣେନା
ଭଲ ପାଇବାଟା କଣ -
ତା ବି ବୋଧେ, ମୋତେ ଏବେବି ଅଜଣା
...
ମୋ ପାଖରେ ତମ ପାଇଁ
ସ୍ୱତନ୍ତ୍ର ସ୍ଥାନ, ସ୍ୱତନ୍ତ୍ର ସ୍ମୃତି
ପସନ୍ଦ କରୁଥିଲି,
ତମକୁ ନେଇ ଗର୍ବ କରୁଥିଲି
ଆଶ୍ୱସ୍ତ ହେଉଥିଲି
ବିଶ୍ୱାସ ଜମାଟ ବାନ୍ଧି ଆସୁଥିଲା
...

ମୋତେ ତମେ ଚାହିଁଥିଲ ବୋଲି ଲାଗିଥିଲା
ତମ ଚାହାଣୀର ସେ ଅର୍ଥ ପଢ଼ିପାରିଲି କି' ନା
- ଜାଣେନା
ମତେ କିନ୍ତୁ ସବୁ ନିଜର ନିଜର ମନେ
ହେଉଥିଲା
ସେଇ ଦୃଷ୍ଟିରେ, ତମେ ମୋ ଜୀବନର
ପ୍ରଥମ ଅନୁଭବ
..
ଏବେ ତମକୁ ହଜେଇ ଦେଇ ଥିବାର
ଏକ ମିଠା ମିଠା ଦୁଃଖ ମୋ କୋଳରେ
ତମକୁ ପାଇବାର ଇଚ୍ଛାଟେ, ବାସନାଟେ
ମୋର କେବେ ନଥିଲା
ବୋଧେ ନିୟତି ନିର୍ଦ୍ଦିଷ୍ଟ ପରି
...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ତମେ ମୋର ସୁନ୍ଦର କଳ୍ପନା

ରାତ୍ରି ଶେଷର ସବୁଜ ସପନ

ତମକୁ ଆଉଥରେ ଦେଖିବାକୁ ଇଚ୍ଛା

ଅନ୍ତତଃ ଥରୁଟିଏ ପାଇଁ

...

ଦୂରରୁ ହେଉ ପଛକେ

ପର୍ଦ୍ଦା ଉହାଡ଼ୁ, ନଇ ସେପଟୁ

ଅଥବା ଆରପାରିରୁ

ତମକୁ ଖାଲି ଆଉଥରେ ଦେଖିବାକୁ ଇଚ୍ଛା

***

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଖା ବୋଲି ଡାକିଲା ପରେ



ଦୂର୍ବାଦଳ କରାଲି

ସଖା ବୋଲି
ସଖାବୋଲି ଡାକିଲା ପରେ
ଜୀବନର ସବୁ ଦୁଃଖ
ଅମାପ ଶୋକ, ସନ୍ତାପ
ଭକତିରେ
ନଇଁ ଯାଏ ତୋ ଚରଣରେ ।

ତୁମେ କହ
ତମହାତ ରଖି ଛାତିରେ
ମୀରାର ହୃଦ ସ୍ପନ୍ଦନ
କାହିଁକି ବାନ୍ଧିଛ ଶ୍ୟାମ
ଦୋଳପ୍ରିୟା
ରାଧାର ପଣତ କାନିରେ ।

ଲୁଚି କାନ୍ଦ
ଭକତକୁ ଦଣ୍ଡ ମିଳିଲେ
ଭକତର ଭାବ ଜାଣି
ଦାସୀଆ ନଡିଆ ଘେନି
ଶରଧାରେ
ରଖିଦିଅ ଶ୍ରୀ ମନ୍ଦିରରେ ।

ତୁମ ରୂପ
ତମରୂପ ଦେଖିଲା ପରେ
ଦିଶେନା ମତେ ଅନ୍ଧାର
ଶୁଖିଛି ଅଶ୍ରୁର ଧାର
କେତେଦିନୁ
ଉଇଁଛି ସୁରୁଜ ମୋ ଘରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାବେ ବନ୍ଧା

ଭକତର ଭାବ ଡୋରିରେ

ସେ ଡୋରି କୁ ଟାଣି ମତେ

ରଖ ତୋ ପାଦପଦ୍ମରେ

ତୋର ପାଦ

ଧୋଇଦେବି ନୟନ ନୀରେ ।

ଅବସର ପ୍ରାପ୍ତ ମଣ୍ଡଳ ପ୍ରବନ୍ଧକ

ଭାରତୀୟ ଜୀବନ ବୀମା ନିଗମ

ଝରଣା ନିବାସ, ବାବୁଆ ବଗିଚା

ଝାରସୁଗୁଡା (ଓଡିଶା)

ଦ୍ରାମ୍ୟଭାଷ : ୯୪୩୮୧୪୦୩୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନସିକତାର ଧାରା



ଅମରନାଥ ବାରିକ

ମାନସିକତାଟି ମସ୍ତିଷ୍କର ମଞ୍ଜି
ଭାରସାମ୍ୟ ଥାଏ ସହି ।
ଅତିଶୟ ହେଲେ ହରାଇ ଭ୍ରମକୁ
ମନେ ମନେ ଯାଏ କହି ।।

ଯା ମନ ଯେପରି ସିଏ ସେହିପରି
କରିଥାଏ ସବୁ କାମ ।
ନୀଚ ହେଉ ଅବା ଉଚ୍ଚ ମନୋଭାବ
ଜାରି ରଖି ତା ଉଦ୍ୟମ ।।

ମାନସିକତାର ଚିନ୍ତା ଶରୀରଟା
ଅବକ୍ଷୟ ଘଟିଥାଏ ।
ମନର ଭାବକୁ ପ୍ରକାଶ କରିଲେ
ଦୁଃଖ ଅବସାଦ ଯାଏ ।।

ଦୁଷ୍କର୍ମ ଦୁଶ୍ଚିନ୍ତା ଯାଉଥିଲେ କରି
ନିଜକୁ କାବୁ ନ ରଖି ।
ଏ ମାନସିକତା ଅସୁସ୍ଥର ଚାପ
ଜଣାପଡ଼େ ତାହା ଦେଖି ।।

ମାନସିକତା ର ଧାରା ଯେ ଚଞ୍ଚଳ
ରୁହେ ନାହିଁ କେବେ ସ୍ଥିର ।
ଇନ୍ଦ୍ରିୟ ଶକ୍ତିକୁ ରଖିଲେ କାବୁରେ
ବୁଦ୍ଧି ହୁଏ ଦୃଢ଼ତର ।।

ମାନସିକତାଟି ହ୍ରାସ ପାଉଥିଲେ
କର ଏକ ଉପଚାର ।
ଆମିଷ ଭୋଜନ ଛାଡ଼ି ମଦ୍ୟପାନ
ମନ୍ଦ କାର୍ଯ୍ୟ ତ୍ୟାଗ କର ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତଟକା ଫଳ ଓ ପନିପରିବା କୁ
ନିୟମିତ ଖାଉଥିଲେ ।
ମାନସିକତାଟି ସୁସ୍ଥ ରୁହେ ଚିର
ଶୁଭ ବୁଦ୍ଧି ମନାସିଲେ ।।
ତା ସଙ୍ଗେ କଠିନ ପରିଶ୍ରମ ଆଉ
ବ୍ୟାୟାମର ଆବଶ୍ୟକ ।
ପୁରାଣ ଶାସ୍ତ୍ରର ପଠନ ଶ୍ରବଣ
ଭାବ କଲେ ଆଧ୍ୟାତ୍ମିକ ।।
ବଢ଼ଇ ସ୍ମରଣ ମାନସିକତାର
ଜୀବନ ସରସ ହୁଏ ।
ସମାଜ ଆଗରେ ଭଦ୍ର ଜ୍ଞାନୀ ବୋଲି
ପରିଚୟ ଏକ ଦିଏ ।।

କୟାଁ, ମଙ୍ଗଳପୁର, ଯାଜପୁର
୯୫୪୦୩୦୮୦୯୫ (ଦିଲ୍ଲୀ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ



ମୃତ୍ୟୁଞ୍ଜୟ ପାତ୍ର

ଶୀତ

ଋତୁ ନୁହେଁ ତ

ବରଂ ଗୋଟେ

ମିଠା ଆଶ୍ଳେଷରେ

ଅଧାମରା ସମ୍ପର୍କକୁ

ଯେ ନିଶ୍ୱାସରେ ଫେରେଇଦିଏ

ଅଲୋଡା ଶବ୍ଦକୁ

ଲୋଡିବାପଣର ଲୁହରେ ଭିଜେଇଦିଏ

ଓଠରେ ନାଲି ବୋଳିବାକୁ ସାହସଦିଏ

ହଁ, ମୁଁ ରଙ୍ଗବୋଳେ ମୁହଁରେ

ଆଉ ଗାଢ଼ ନାଲି ଓଠରେ

ପଶୁତ୍ୱ ର ଦାଗକୁ ମୋ ଦେହରୁ

ଲୁଚେଇଦବା ଚେଷ୍ଟାରେ

ଶୀତ ଲୁଚେଇଦିଏ ମୋ ଫଟା ଓଠ ପଛରେ

ହିଂସ୍ରତାର ଗୋଟେ ନଗ୍ନ ରହସ୍ୟକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ମୁଁ ପୁଣି ହଜିଯାଏ ରଙ୍ଗରେ,ନାଲିରେ

ଫି ଦିନ ରାତିରେ

ଶୀତ ମୋତେ ଛୁଏଁ

ପାଞ୍ଚ ନମ୍ବର ଜାତୀୟ ରାଜପଥ ରାସ୍ତାକଡର

ଗୋଟେ ବେନାମି ହୋଟେଲ୍ ର ଶସ୍ତା ରୁମ୍ ରେ

ସିଗାରେଟ୍ ଆଉ ମହୁଲିର ଗନ୍ଧ ଭିତରେ

ଶୀତ ର ପୁରୁଷତ୍ୱ ହକ୍ ଜାହିର୍ କରେ

ଗୋଟେ ନିହାତି ନିକର୍ମା ଲୋକର

ପଞ୍ଝାରେ

ଆଉ କିଛି ଗାନ୍ଧି ମୁଣ୍ଡ ଥିବା

କାଗଜ ର ନୋଟ୍ ରେ

ରାତି ପାହେ

ଶୀତ ଅପେକ୍ଷା କରେ

ବସ୍ତିର ସେ ଅନାଥ ଝିଅର

ଆଖି ପଲକରେ

ତାର ବିଶ୍ୱାସରେ

ଭରସାରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ ତା ମା ଡାକରେ

ସେ ବି ମୁହଁ ରଙ୍ଗାଏ

ଓଠରେ ନାଲିରଙ୍ଗ ବୋଳେ

କିନ୍ତୁ

ଓଠ ପଛର କାହାଣୀ

ଲୁଚେଇବାକୁ ନୁହେଁ

ବରଂ

ଆଉ ଗୋଟେ

କାହାଣୀ ଲେଖିବାକୁ

ଆଗାମୀ ଶୀତରେ

କାହାଣୀ,ନାଲି ଓଠ ପଛର

କାହାଣୀ,ଶୀତକୁ ଗୋଟେ ମିଠା ଆଶ୍ଲେଷର

ରୂପ ଦବାର ।

ମୃତ୍ୟୁଞ୍ଜୟ ପାତ୍ର
ବାଲିଆପାଳ, ବାଲେଶ୍ୱର, ଓଡ଼ିଶା
ଦୂରଭାଷ - ୭୫୦୪୦୨୫୬୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂତନ ସୂର୍ଯ୍ୟ ଉଇଁବ



ରଶ୍ମୀବାଳା ଶତପଥୀ

ଆସିବ ସେ ଯୁଗ ଖୋଜୁଛି ଉତ୍କଳ
ନୂତନ ସୂର୍ଯ୍ୟ ଉଇଁବ
ନବ ପ୍ରଭାତର କାକଳି ଧ୍ୱନିରେ
ଉତ୍କଳର ମାଟି ହସିବ ।

ଗିରିବନ ତରୁଲତାରେ ନବ ଶିହରଣ
ହେବ ବସନ୍ତର ଆଗମନ
ନଦୀ ଝରଣାରେ ଶିତଲତା ସ୍ପର୍ଶେ
ମୋହିନେବ ସତେ ସଭିଙ୍କ ମନ ।

ଉତ୍କଳ ସଂସ୍କୃତି କଳା ପରମ୍ପରା
ସାହିତ୍ୟର ହେବ ଜୟ
ବିଜୟ ମୁକୁଟ ପିନ୍ଧିବ ଦିନେ
ଓଡ଼ିଶାର ହେବ ବିଜୟ ।

ଇଂରାଜୀ ଭାଷାର ପ୍ରାଧାନ୍ୟ କମିବ
କହିବେନି ହାଲୋ ,ହାଏ କେହି
ଓଁ ଉଚ୍ଚାରଣରୁ ଶିକ୍ଷା ଆରମ୍ଭରେ
ଗୁରୁକୁଳେ ପାଠ ପଢିବେ ସେହି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁକ୍ତ ଆକାଶର ପ୍ରାଙ୍ଗଣ ତଳେ
ଗୁରୁଙ୍କ ଠୁ ଜ୍ଞାନ ଲଭିବ
ସୁନ୍ଦର୍ ଲାଗିବ ଆମ ଶିକ୍ଷା ପଦ୍ଧତି
ଉଗ୍ର ଆଧୁନିକତା ଦବିବ ।

ଅନ୍ୟାୟର କଳା ଦାଗ ଲିଭିଯିବ ଦିନେ
ନ୍ୟାୟର ତ୍ରିରଙ୍ଗା ଉଡିବ
ସତ୍ୟ ଶାନ୍ତି ଦୟା କ୍ଷମା ର ଗୀତି
ଉତ୍କଳବାସୀ ନିଶ୍ଚେ ଗାଇବ ।

ସ୍ୱାର୍ଥପରତା,ହିଂସା ନିର୍ଯାତନା ବଳାତ୍କାର
ଲୋପ ପାଇବ ଶୀଘ୍ର
ସ୍ନେହ,ଶ୍ରଦ୍ଧା ପ୍ରେମ ସମ୍ମାନ
ସହିତ ସଂସ୍ଥାପନ ହେବ ଧର୍ମର ।

ଶିକ୍ଷାର ଅର୍ଥ ବୁଝିବେ ସଭିଏଁ
ଗୁରୁ ଗୁରୁଜନ ମାନିବେ
ବିଦେଶ ଚଳନୀ ଭୁଲିଯିବେ ପୁଣି
ସ୍ୱଦେଶ କୁ ଭଲ ପାଇବେ ।

ସାକାର ହୋଇବ ସ୍ୱଦେଶୀ ସପନ
ସଭିଁଏ ଗାଇବେ ବିଜୟର ଗାନ,
ଅମା ଅନ୍ଧକାର ହଟିବ
ନୂତନ ସୂର୍ଯ୍ୟ ଉଇଁବ ।।

ଯାଜପୁର ଟାଉନ୍, ଯାଜପୁର
ମୋବାଇଲ : ୮୯୦୮୯୯୭୫୪୨

Magazine Downloaded from www.aahwaan.com

# ଭାବନାର ଶବ୍ଦ



ଲିପ୍ସା ଆଚାର୍ଯ୍ୟ

ଲେଖିବା ଏକ ଅଜବ ନିଶା
ତମେ ତାହା ବୁଝିବ କେଉଁଠୁ ? ?
ସବୁ ବେଳେ ଅଭିଯୋଗ କର
ମୋ ଠାରୁ କ'ଣ ଅଧିକ ଭାଗ୍ୟବାନ
ତମ ଅସଜଡା ଶବ୍ଦ !
ହେଲେ, କେମିତି ବୁଝାଇବି ତମକୁ
ସେ ଶବ୍ଦକୁ ସଜାଡି ସୌଧ କରି ଗଢିବାରେ
ତମ ଅଭିମାନର ହାତ ଥାଏ ।
କିଛି ଉପଦାନ ପାଏ
ତମ ସହିତ କରୁଥିବା ମିଠା ଝଗଡାରେ
ଯାହାକୁ ତୁମେ ତିକ୍ତତାର ନାମ ଦଉଛ ।

ମୁଁ ତ ଝଗଡାକୁ ଚା'କପରେ ସୀମିତ ରଖିଥିଲି
କିନ୍ତୁ ତୁମେ ଆଇନଗତ କାଗଜକୁ ବିସ୍ତାର
କରିଦେଲ ।
କାଗଜ ପୃଷ୍ଠାରେ ଲିଖିତ ଶବ୍ଦର ଦଲିଲ୍
ଆମ ସମ୍ପର୍କକୁ ଭାଙ୍ଗି ଦବ !
ତା' ଠାରୁ ଭଲଥିଲା
ମୋ ଭାବନାର ଶବ୍ଦ
ଯେଉଁ ଠେ କେବଳ ତୁମେ ହିଁ ତୁମେ ଥିଲ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କର ହଜାରେ ଭିଡ଼ରେ



ବିଶ୍ୱରଞ୍ଜନ ଦାସ

ନୀରବ ରାତିର କୋଳରେ
ମୁଣ୍ଡରଖି ଶୋଇଥାଏ ଅନ୍ଧକାର
ସାମାନ୍ୟ ଉପଶମ ଖୋଜୁଥିବା
ଜୀବନ ବି ଲୋଟିପଡ଼େ ସେଇ ଶେଯରେ
ଧୈର୍ଯ୍ୟର ସବୁ ସମୀକରଣ କୁ ଅକ୍ତିଆର କରି
ଦେଖିଛ କି ସ୍ୱପ୍ନ ସେ ରାତି ରେ  !
ଗଙ୍ଗଶିଉଳି ଯେଉଁଠି ନ ଫୁଟିବାକୁ ରାଣ ଖାଏ
ସେଇ ରାତି ରେ ମୁଁ ସାଲିସ କରିଛି
ସମ୍ପର୍କର ଅଦେଖା ବନ୍ଧନ
ତମ ବନ୍ଧନ କୁ ଭରଷା କରି  ।

ଆଜି ପାହିବନି ରାତି ବୋଧେ
ଅନ୍ଧାରୁଆ ଛଳନା ବି ଚକ୍ ଚକ୍ କରେ
ତମ ମୁହଁ ର ଅସ୍ପଷ୍ଟତା ର ରଶ୍ମି ବୋଧେ
କେତେ ଦିନ ର ପ୍ରେମ ର ହିସାବ କିତାବ
କାହାର ବେଶି କାହାର କମ୍
ମିଳାଇନେବା ଥରେ
ଅନ୍ଧକାର ହିଁ ତ ସତ କହେ
ଆଲୋକ ର ଦମ୍ କାହିଁ ଯେ
ସତ କୁ ସାମ୍ନା କରିବାର  ।

ଅଦିନିଆ ବର୍ଷା ନୁହେଁ ଆମ ସମ୍ପର୍କ
ସାରୁ ପତ୍ର ରେ ଭରା ଦେଇ ଜୀଇଁଯିବା
ବିଶ୍ୱାସ ରୁ ଉର୍ଦ୍ଧ୍ୱ ରେ
ଆକାଶ ହିଁ ଯାଚିଥିବା ନୀଳିମାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଜିଯିବା ଭଲ

ମୁକ୍ତା ଭଳି ସାଇତି ରହିବ

ମନର ଅଦେଖା ସାଗରେ

ହୃଦୟର ଭରଷା ର ଶକ୍ତ କାନ୍ଥର

ଅପହଞ୍ଚ ଶାମୁକା ଭିତରେ, ସିଏ ବି

ନିର୍ବିକାର ଅନ୍ଧାରରେ

ହଜିଯିବା ଭଲ

ବାଛିନିଅ ଅନ୍ଧାରକୁ

ଠିକଣା ସେ ଅଦୃଶ୍ୟ ପଞ୍ଜୁରୀ

ବନ୍ଦ ହେବା ଭଲ ସେଠି

ମୁକ୍ତାକାଶ ର ଆଲୋକର ଭେଳିକି ଠୁ ବର୍ଞ୍ଚି

ଅନ୍ଧାର ହିଁ ତ ସତ କହେ

ସମ୍ପର୍କର ହଜାରେ ଭିତରେ ।।

ଉଫୁଲା, ବୀରମହାରାଜପୁର, ସୁବର୍ଣ୍ଣପୁର

ମୋ: ୯୭୭୮୯୧୫୯୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଲପାଇବାରେ



ପୁଷ୍ପାଞ୍ଜଳୀ ପଣ୍ଡା

ଭଲପାଇବାରେ ତ୍ୟାଗ ରହିଥିଲେ
ଶ୍ରେଷ୍ଠ ପ୍ରେମ ହୁଏ ସିଏ
ଜୀବନଟା ଲାଗେ ପ୍ରଶସ୍ତ ସୁଗମ
ବଞ୍ଚିବାକୁ ଇଚ୍ଛା ହୁଏ । ।

ଭଲପାଇବାର ସଞ୍ଜ ଟା ଖାଲି ତ
ଭାବ ଦିଆନିଆ ନୁହେଁ
ମନପ୍ରାଣ ଦେଇ ତ୍ୟାଗ କରୁଥିଲେ
ପ୍ରେମାସ୍ପଦ ମନ ଛୁଏଁ । ।

ଭଲପାଇବାରେ ପୁଲକିତ ପ୍ରାଣ
ପଥର ଆଘାତ ସହେ
ପୁଷ୍ପଗୁଚ୍ଛ ଲାଗେ କଣ୍ଟକିତ ପଥ
ପ୍ରେମାନନ୍ଦେ ମନ ମୋହେ । ।

ଭଲପାଇବାରେ ମରୁମରୀଚିକା
ଆଶାନଈ ହୁଏ ପାରି
ଦିଗହରା ହୋଇ ଭ୍ରମିତ ନୁହଇ
ଚାଲୁଥାଏ ହାତଧରି । ।

ଭଲପାଇବାରେ ସମ୍ପର୍କ ର ସ୍ୱାଦ
ଅନୁଭବୀ ସିନା ଜାଣେ
ତ୍ୟାଗ ତ ଅମୂଲ ନାହିଁ ତାର ମୂଲ
ପ୍ରେମରେ ମହକ ବୁଣେ । ।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚୀର ନମନଃ ଅଚ୍ୟୁତ



ଛବିରାଣୀ ପତି

"ସତ୍ୟେ କୃପାଦଳ ତ୍ରେତୟାରେ ନଳ
ଦ୍ୱାପରେ ସୁଦାମ ଉଇଁ
କଳିଯୁଗେ ନାମ ଅଚ୍ୟୁତ ମୋହର
ଆଶର ନେମାଳ ଭୂଇଁ" ।(ଉଦ୍ଧୃତ)

ତବ ଜନ୍ମମାଟି ଏ' ତୀର୍ଥ ଭୂମିରେ
କରୁଛେ ସ୍ମୃତି ଚାରଣ
ବିଚିତ୍ର ରହସ୍ୟ ସେ ' ଜନ୍ମ ବୃତ୍ତାନ୍ତ
ଉପାସ୍ୟ ବ୍ରହ୍ମ-ସଗୁଣ ।।

ଜ୍ଞାନ - ଭକ୍ତି ଆଉ ସନାତନ ଧର୍ମ
ଦିବ୍ୟଦ୍ରଷ୍ଟା ସନ୍ଥ ଗମୀ
ବିଷ୍ଣୁ ସ୍ଖଳିତ ନାମେ ତବ ଅଚ୍ୟୁତ
(ଦେଲେ) ଦୀକ୍ଷାଗୁରୁ ଗୋ-ସ୍ୱାମୀ ।

ପ୍ରତାପରୁଦ୍ରଙ୍କୁ ପରୀକ୍ଷାରେ ହେଲ
ନିର୍ବିକଳ୍ପ ସମାଧିସ୍ଥ
ତାଙ୍କ ଆଜ୍ଞାମାଳ ନିର୍ଦ୍ଦେଶ ମତରେ
ଏ' ମଠ କଲ ପ୍ରତିଷ୍ଠ ।

" ଶିବକଳ୍ପ ନବଖଣ୍ଡ ନିର୍ଘଣ୍ଟ " ଓ
"ଶୁନ୍ୟ - ସଂହିତା" ର ଗାଥା
"ଶବ୍ଦବ୍ରହ୍ମ","ବୃନ୍ଧାରାସ","ଅଣାକାର"
ସୃଷ୍ଟି "କଳିଯୁଗ ଗୀତା" ।

"ହରିବଂଶ" ପରି ଅଜସ୍ର ରଚନା
"ନିତ୍ୟ ରାହାସ", "ଅଷ୍ଟଗୁଜ୍ଜରି"
ଯୋଗ ସାଧନା ଓ ବୈରାଗ୍ୟ ତତ୍ତ୍ୱକୁ
ଧର୍ମ ଦର୍ଶନେ ବିହରି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଞ୍ଚରତ୍ନେ ଦେବଦୂତ ଅନ୍ୟତମ

ନାହିଁ ତୁମ ଜନ୍ମ - ମୃତ୍ୟୁ

ଅରୂପ ,ଅଦେହି ,ଆଯୋନି ତଥାପି

(ଜନ୍ମଦାତା) ପଦ୍ମାବତୀ,ଦୀନବନ୍ଧୁ ।

ମାଘମାସ ଶୁକ୍ଳ ଏକାଦଶୀ ତିଥିରେ

ତିଳକଣା ପଡେ ମନ

ଭକ୍ତ ରାମଦାସ ପ୍ରଭୁ ଶ୍ରୀ ଅଚ୍ୟୁତ

ତୁମକୁ ଚୀର ନମନଃ ।

ମଧ୍ୟଶାସନ

ବିରିଡ଼ି, ଜଗତସିଂହପୁର ।

ଫୋନ୍ -୯୩୩୭୯୭୦୦୭୦

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ହେ ମାଁ ଦୁର୍ଗେ



ବେବୀ ନାଏକ

ଘଣ୍ଟ ଓ ଘଣ୍ଟା...
କେତେ ଯେ ସ୍ମୃତିମଧୁ
ଶବ୍ଦର ସମାହାର,
ଚତୁର୍ଦ୍ଦିଗ ପୁଣି
ଦୋହଲି ଉଠେ
ପ୍ରଣତି ଆର୍ତ୍ତନାଦର ଝଂକାର ।

କାଶତଣ୍ଡି ଆଣେ ଆଶିଣ ଆଭାସ,
ତହିଁ ଆଖି ପରଦାରେ
ଝଲସି ଉଠେ
ମହିଷାମର୍ଦ୍ଦିନୀର ବେଶ ।

ଅଧର୍ମର ଚେର ଉପୁଡ଼ି
ଧର୍ମର ବୀଜ ବପନ ହବ,
ସବୁରି ଦୁଃଖ ସାଉଁଟି
ସୁଖର ସଂଭାର ଆଣିବ ।
ମାଆ ଆସି ବିଜେ ହେବେ,
ଅଧର୍ମର ତ୍ରୁଟି ଧରି
ସଂହାର କରିବେ ।

କେତେ ଯେ ଆଶା ଓ ଅଭିଲାଷ
ସବୁରି ତୁଠରେ
ଖାଲି ଜକେଇ ହଉଛି ।
କ'ଣ ଏହା ସତ ହବ !
ସତ ହେବ ପ୍ରତି ହୃଦ କନ୍ଦରର
ଉଦ୍ ବେଲିତ ଆକାଂକ୍ଷା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ ହବ କି ଏକ ନବଚେତନା ?

ପ୍ରତି ଲୋଲୁପ ଦୃଷ୍ଟିର

ଡିଆଁ ମରା ଆଖି ଶୋଇ ପାରିବ ?

କାଇଁ କେବେ ତ ହେଇନି

କି ଆଜି ସତ ହବ,

ଏଠି ସଭିଏଁ ତ

କମ୍ବଳରେ ଲୁଚି ଲୁଚି

ଦଦରା ଜୀବନକୁ

ସିଲେଇ ମାରିବାରେ ବ୍ୟସ୍ତ ।

ଗଜବ୍ ଏ ଦୁନିଆଁ ରୀତି

ତୁହାକୁ ତୁହା ହସ ମାଡ଼େ,

ଖାଲି ଅଙ୍ଗୁଳି ସାମ୍ନା ଦି ଗୋଡିଆକୁ ନୁହଁ

ଭାରି ହସ ତ ଆସେ...

ସେ "ମୁଁ" ତ୍ୱ କୁ,

ଦି ମୁହାଁଧାରୀ ଲୋକର

ହୀନମନ୍ୟତାକୁ ।

ଗୋଟେ ପଟେ ପୂଜ୍ୟପୂଜା

ଦିଅଁ ବୋଲି ମାଁ ଙ୍କୁ ପୂଜୁଛି,

ତହିଁ କୁଆଡେ ନାସିକା କୁଞ୍ଚନରେ

ଚିପେ କନ୍ୟାର ତଣ୍ଟି ।

କେଉଁଠି ସୁନା ଜରିଲଗା

ଚକମକିଆ ଦାମୀ ଶାଢ଼ୀ ପିନ୍ଧାଏ ,

ତ କେଉଁଠି ପତଳା କନାକୁ ଚିରି

ନିରୀହତାରେ ଲାଳସା ମେଣ୍ଟାଏ ।

କେବେ ତ ମାଆ ବୋଲି

ଆତୁରେ ଅଧିଆ ପଡି ଯାଉଛି,

ତ କେବେ ବୁଢ଼ୀ ମାଆକୁ

ଖୁଦ ମୁଠେକୁ ଗୋଇଠା ମାରୁଛି ।

ଛିଃ ଛିଃ....

ଏ କି ଦୁର୍ବିସହ ଦୃଶ୍ୟ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେ ମାଁ- ଟିକେ ଶୁଣ

ଘେନ ଏ ବିନତି....

କାନ ଦେ

ତତଲା ଲୁହଝରା

ଲୁଚୁଥିବା କୋହ ନାରୀର,

ଯଦି ନ ହବ ସେ ଦହନ

ଖୋଲି ଦେ ତୋ ଦି' ଆଖି...

ବିରାଜ କର ସିଂହ ଦେହେ

ଉଠ ପୁଣି ତ୍ରିଶୂଳ ଧର,

ସଂହାର କରି ଦେ

ଏ ଯୁଗର ମହିଷାସୁର ର ।

ଶିଖେଇ ଦେ ସଭିଙ୍କୁ

ଏ ଲଜ୍ଜା ଖାଲି ତ ନୁହେଁ ନାରୀର,

ନରକୁ ଟିକେ ଶିଖେଇଦେ...

ରଖିବାକୁ ମାନ

ଜନନୀ, ଜାୟା ଓ ଭଗିନୀର ।

ଅମ୍ବାଭୋନା, ବରଗଡ଼

ମୋ-୬୩୭୨୮୪୫୬୭୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସିଂହବାହିନୀ



ଲକ୍ଷ୍ମଣ ମହାନ୍ତି

ଶୁଣିଛି ଅନେକ ସ୍ଥାନରେ
ଭ୍ରମଣ କରୁ ମାଁ ସିଂହପରେ,
ତେଣୁ ତୁ ସିଂହବାହିନୀ
କୃପା କରୁ ତୁ ମନ ଜାଣି.... ।

ଦୁର୍ଗତି ନାଶିନୀ ନାମଧରି
ସଂସାରୁ ଦୁର୍ଗତି ନାସ କରି,
ଶ୍ରବଣ କରୁ ମାଁ ଭକ୍ତ ଡାକ
ଦୁର୍ଗତି ନଯାଏ ତୋର ପାଖ.... ।

ତ୍ରାହିମାଂ ତ୍ରାହିମାଂ ଡାକ ଶୁଣି
ସାଜିଲୁ ଚଣ୍ଡମୁଣ୍ଡବିନାଶିନୀ,
ନିଶୁମ୍ଭଶୁମ୍ଭହନନୀ
ତୁହି ମାଁ ମହିଷାମର୍ଦ୍ଦିନି.... ।

ଜଗତ ତୋ'ପାଖେ ଆଶ୍ରୀତ
ସର୍ବ ଦାନବେ କଲୁ ହତ,
ତେଣୁ ତୁ ଶୁଳଧାରିଣୀ
ନାମ ତୋ' ସର୍ବଦାନବଘାତିନୀ.... ।

ଜଗତେ ଭରି ଦେ ସୁଖ-ଶାନ୍ତି
ସଂସାରେ ଯେତେକ ଜୀବଛନ୍ତି,
ଜୟଗାନ ମାଁ ସର୍ବତ୍ର ତୋର
ତୋ' ଆଶିଷେ ହେବ ପୂର୍ଣ୍ଣ ସଂସାର.... ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ (ଓଡ଼ିଆ ବିଭାଗ)
ସୌରିପାଲୀ, ଖଟଖଟିଆ, ବୌଦ୍ଧ
ପିନ୍- ୭୬୨୦୩୦
ଭ୍ରାମ୍ୟଭାଷ : ୬୩୭୯୪୫୦୮୩୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ଗୋ ମା’ ଦୁର୍ଗା



ମନୀଷା ପଣ୍ଡା

ଶରତର ବହୁ ଅପେକ୍ଷାରେ
ସନ୍ତପିତ ଜଗତଜୀବନ,
ଅଶାନ୍ତିର ପରାହତ ପାଇଁ
ଖୋଜୁଥିଲା ତୁମ ଆବାହନ ।୧ ।

ପ୍ରକମ୍ପିତ ଗଗନ ପବନ
ନିନଦିନୀ ନିର୍ଝର ଶବଦେ,
ଶୁଭୁଥିଲା ତୋ ପାଦ ନୁପୁର
ଦିଗନ୍ତର କାଶତଣ୍ଡୀ ବନେ ।୨ ।

ସୁଦୂରର ପାହାଡ଼ ସେ ପାଖୁ
ଆସୁଥିଲା ଗୁଗୁଳ ସୁବାସ,
ରୁଣୁଝୁଣୁ କଙ୍କଣ ଶବଦେ
ଭାସି ଆସେ ଚମକ ମହକ ।୩ ।

ନବପଲ୍ଲବିତ ବୃକ୍ଷ ରାଜି
ଚାହିଁ ଥିଲେ ଆବେଗ ଅନ୍ତରେ,
ଗୁଞ୍ଜରଣ ପକ୍ଷୀ ର କାକଳି
ପ୍ରତୀକ୍ଷା ତୋ ସ୍ୱାଗତ ପାଇଁ ରେ ।୪ ।

ଏକ ସ୍ୱରେ ଯୋଡ଼ ହସ୍ତେ ସର୍ବେ
ଚାହିଁ ଥିଲେ ତବ ଆଗମନ,
କହୁ ଥିଲେ ଆସ ମା' ଆସ
ରୋଗ ଶୋକ ହେଉ ନିର୍ବପାନ ।୫ ।

ମନୀଷା ପଣ୍ଡା (ଶିକ୍ଷୟିତ୍ରୀ)
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କରାନ୍ତିପୁର, ଢେଙ୍କାନାଳ ।
ଫୋନ୍ ନମ୍ବର : ୮୨୪୯୬୮୭୦୯୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ଗେ ଦୁର୍ଗତିନାଶିନୀ



ସରୋଜିନୀ ମିଶ୍ର

ଜୟ ଜୟ ଜୟ ଦୁର୍ଗେ ଦୁର୍ଗତି ନାଶିନୀ
ଶକ୍ତି ପ୍ରଦାୟିନୀ ଅମ୍ବେ ମହିଷ ମର୍ଦ୍ଦିନୀ ◌ା

ସିଂହ ବାହିନୀ ମାତା ଅଭୟ ଦାୟିନୀ
କରୋନା କବଳୁ ରକ୍ଷା କର କାର୍ତ୍ତାୟିନୀ ◌ା

ଅବତରି ଆସ ମାଗୋ ଏ ଧରିତ୍ରୀ ପୃଷ୍ଠେ
ଖୁସି ମୁକୁତା ଝରାଇ ବିଶ୍ୱବାସୀ ଓଷ୍ଠେ ◌ା

କରୋନାରେ କବଳିତ ବିଶ୍ୱବାସୀ ପ୍ରାଣ
ଜଗତ ଜନନୀ ଦୁଃଖ କର ମା ହରଣ ◌ା

ପୂତ ,ପବିତ୍ର , ସ୍ୱଚ୍ଛ, ପାବନ ,ପାର୍ବଣେ
ମୃଦୁ ମୃଦୁ ମଳୟର ମହ୍ଲାର ତାନେ ◌ା

ଗଙ୍ଗଶିଉଳୀ ପୁଷ୍ପର ସୁଗନ୍ଧ ସମୀରେ
ଧବଳ କାଶତଣ୍ଡୀର ଆଲଟ ଚାମରେ ◌ା

ଉଦୟ ଅରୁଣଙ୍କର ଆଲୋକିତ ପଥେ
ଶ୍ୱେତ ଚାରୁ ଚନ୍ଦ୍ରମାର ଦୋଳାୟିତ ରଥେ ◌ା

ସର୍ବ ଶକ୍ତିମୟୀ ମାତା କର ଆଗମନ
ରୁଣୁଝୁଣୁ ଶବ୍ଦେ ପୁରୁ ହୃଦୟ କାନନ ◌ା

ଆଲୋକର ମୋତିମାଳ ଘେନିଣ ଧରିତ୍ରୀ
ବନ୍ଦାପନା କରି କହେ ରକ୍ଷାକର କ୍ଷିତି ◌ା

କରୋନା ମହିଷ ମାରି କର ମା ନିଶ୍ଚିହ୍ନ
ବିଶ୍ୱପ୍ରାଣେ କର ମାଗୋ ଅଭୟ ପ୍ରଦାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକତା ଓ ସହିଷ୍ଣୁତା ହୃଦ ଦେଶେ ବସି
ମିତ୍ରାଳାପ କରୁଥାନ୍ତୁ ସୁମଧୁରେ ଭାଷି

ଶାନ୍ତି, ମୈତ୍ରୀ, ମନ୍ତ୍ରେ ଷଡରିପୁ ହେଉକ୍ଷୟ
ଚରାଚର ବିଶ୍ୱ ହେଉ ଶାନ୍ତିର ନିଳୟ ।

ଏ ଧରା ଧାମକୁ ମାତ ଆସ ଅବତରି
ଭାଇଚାରା ବୀଜେ ବାନ୍ଧିଦିଅ ଭାବଡୋରୀ

ବରଷି ଦିଅ ମା ଆଶିଷର ବାରିଧାର
ସୁଧାମୟ ହେଉ ମାଗୋ ଏ ସାରାସଂସାର ।

ରକ୍ଷାକର ରକ୍ଷାକର ବିଶ୍ୱେ ରକ୍ଷାକର
ଜଗଜ୍ଜନନୀ ଜଗତ୍ ଦୁଃଖ ନାଶକର ।

ଶିକ୍ଷୟିତ୍ରୀ
ଗୋପୀନାଥପୁର, ନୂଆସାହି
ବାଲୁଗାଁ, ଖୋର୍ଦ୍ଧା
୯୯୩୮୪୭୫୨୦୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେବୀ



ମୀନାକ୍ଷୀ ପାଢ଼ୀ

ଶାରଦୀୟ ଶୁଭ୍ରାକାଶେ ଶାନ୍ତ ଘନ କୁନ୍ତଳା ଗୋ,
ଶକ୍ତି ସ୍ୱରୂପିଣୀ ଦୁର୍ଗେ,ଶାରଦେ,ଅମ୍ବିକେ ଜାଗ ।
ରକ୍ତଜବା ଚକ୍ଷୁମୟୀ ରଞ୍ଜିତା କଳା କଜ୍ଜଳେ,
ରୁଦ୍ରପ୍ରିୟା ରମ୍ୟା ଦୁର୍ଗେ,ରାକା ରାତ୍ରି ସମୁଜ୍ଜ୍ୱଳେ ।
ମଧୁର ଅଧର ହାସ୍ୟ ମନ୍ମୟୀ ଗୋ ଯଶସ୍ୱିନୀ,
ମମ ହୃଦେ ସ୍ଥିତା ଦୁର୍ଗେ ଘୋର ତମସା ନାଶିନୀ ।
ଦଶଭୂଜା ମୃଣ୍ମୟୀ ଗୋ ଦୁଷ୍ଟ, ଦୁଃଖ ନିବାରିଣୀ,
ଦଶ ଦିଶା  ବିହାରିଣୀ ଦୈତ୍ୟ ମହିଷା ନାଶିନୀ ।
ସୁରସା,ସୁବକ୍ଷା,ପ୍ରେମା,ସୁଢ଼ଳା ମନ ମୋହିନୀ,
ସୁଭିକ୍ଷା ଦାୟିନୀ ଦୁର୍ଗେ ସ୍ଥିତପ୍ରଜ୍ଞା ସୁକାମିନୀ ।
ମହାମାୟା ଅଗ୍ନି ସ୍ୱରୁପିଣୀ ମାତା ମଧୁମୟୀ,
ମହିଷାମର୍ଦ୍ଦିନୀ ଦେବୀ ମାହେଶ୍ୱରୀ ସଦା ଧ୍ୟାୟୀ ।

ଚିକିଟି ପେଣ୍ଠ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ମା'



ସତ୍ୟବ୍ରତ ସାହୁ

ଆସ ମା' ଦୁର୍ଗେ

ଦୁର୍ନୀତି ନାଶିନୀ, ଶାନ୍ତି ପ୍ରଦାୟିନୀ,ସନ୍ତାନ ପାଳିନୀ ମା'

ତବ ଆରାଧନା ପାଇଁ ଅର୍ଘ୍ୟଥାଳି ଧରିଛି ଧରଣୀ

ତଟିନୀରେ ସ୍ୱଚ୍ଛ ଜଳରାଶି,

ନଦୀ ତଟେ କାଶତଣ୍ଡୀ ଫୁଲର ରୋଷଣୀ,

ସରସୀରେ କମଳ ଓ କଇଁ

ବ୍ୟାକୁଳିତ ପାଦ ପୂଜା ପାଇଁ ।

ଦେଖ ମା'...

ଏବେବି ମହିଷାମାନେ ଉଦ୍ଗାରୁଛନ୍ତି ବିଷ ଅଗ୍ନି ରାଶି

ବିଷ ଜ୍ୱାଳେ ଜଳୁଛି ମେଦିନୀ

ଦିଅ ଶାନ୍ତି ନାଶକରି ମହିଷାର ସୈନ୍ୟ ଅକ୍ଷୌହିଣୀ ।

ମା'.. ତମେ ଆସୁଛ ବୋଲି ଜାଣି

ପ୍ରତି କଣ୍ଠୁ ଝରୁଅଛି ତୁମ ଶକ୍ତି, ଭକ୍ତିର କାହାଣୀ

ସାଧୁମାନେ ଡାକୁଛନ୍ତି ଆସ ମା'

ଯା ଦେବୀ ସର୍ବ ଭୂତେଷୁ ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାତୃ ରୂପେଣ ସଂସ୍ଥିତା.. ଶକ୍ତି ରୂପେଣ ସଂସ୍ଥିତା..

ଦୁଷ୍ଟ ନାଶ ମା' ଧର୍ମ ପାଳିନୀ ।

ମା'...ଅକିଞ୍ଚନ ମୁହିଁ

ଦେବା ପାଇଁ କିଛି ପାଶେ ନାହିଁ

ସନ୍ତାନ ପାଳିନୀ ବୋଲି ପାଦ ତଳେ କରୁଛି ମାଗୁଣି

ତମେ ଆସ.. ତମ ପବିତ୍ର ସ୍ପର୍ଶରେ

ପୁତମୟ କରିଦିଅ ପୃଥ୍ୱୀ

ତବ କରୁଣା ଦୃଷ୍ଟିରେ ଗୁଞ୍ଜିଉଠୁ ଜଗତରେ

ମଧୁମୟ ଗୀତି

ଦୁଃଖ, ଶୋକ,ଭୟର ଅନ୍ଧାରୀ କାଳିମା ରାତିର

ହୋଇଯାଉ ଇତି

ତମ ପୂଜା ପାଇଁ ପ୍ରତିଘରେ ଜଳିଉଠୁ ଭକ୍ତିର ଆଳତୀ ।

ମା'.. ଆଉ କିଛି ଲୋଡ଼ା ନାହିଁ ମୋର

ଦିଅ ଆଶୀର୍ବାଦ

ଚିରଦିନ ପାଦେ ତବ ଥାଉ ମୋର ମୁଢ଼ ମତି ।

ପଲ୍ଲାସାହି, କମାଳପୁର,

ଅହିୟାସ, ଯାଜପୁର-୭୫୫୦୩୬

ମୋ- ୯୩୩୮୦୭୫୭୧୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ ଆସୁଛନ୍ତି



ପର୍ଶୁରାମ ସାହୁ

ଶରତ ଋତୁରେ ଆକାଶଟା ଦେଖ
ସ୍ୱଚ୍ଛ ଓ ନିର୍ମଳ ଦିଶୁଛି
କାଶତଣ୍ଡି ଫୁଲ ଚାରିଆଡ଼େ ଫୁଟି
ଆହାଃ କି ସୁନ୍ଦର ଲାଗୁଛି ।(୧)

ମାଆ ଦୁର୍ଗାଙ୍କର ଆବାହନ ପାଇଁ
ପ୍ରସ୍ତୁତି ସବୁଠି ଚାଲିଛି
ଗାଁ ରୁ ସହର ଚାରିଆଡ଼େ ଏବେ
ପାର୍ବଣ ପାର୍ବଣ ବାସୁଛି ।(୨)

ସିଂହବାହିନୀ ମାଆ ଦଶଭୂଜା
ଆସିବେ ଧରାକୁ ଓହ୍ଲେଇ
ଭକ୍ତ ମନବାଞ୍ଛା ପୂରଣ କରିବେ
ସବୁ ଦୁଃଖ ଯିବ ଦୂରେଇ ।(୩)

ଧର୍ମଶାଳା, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସୁଛନ୍ତି ମାଆ



ପ୍ରିୟଦର୍ଶିନୀ ମହାପାତ୍ର

ଦେବୀ ଦଶଭୁଜା ମା ଅମ୍ବିକା
ଆସୁଛନ୍ତି ଦେଖ ହସି ହସିକା

ଘଣ୍ଟ ଘଣ୍ଟା ଭେରୀ ତୁରୀ
ପୀଠେ ସଜ୍ଜିତ କରି
ଚାଲ ତାଙ୍କୁ ଭକ୍ତି ପୂତେ ପୂଜିବା
ଆଶୀଷ ମାଆଠୁ ଆମେ ପାଇବା

ଦେବୀ ଦଶଭୁଜା ମା ଅମ୍ବିକା
ଆସୁଛନ୍ତି ଦେଖ ହସି ହସିକା

କାଶତଣ୍ଡୀ ଫୁଲକୁ
ଶରତ ଆଣିଛି ଭେଟି
ନାନା ରଙ୍ଗେ ସୁସଜ୍ଜିତ
ହେଲାଣି ମା ବସୁମତୀ

ମନୁ ଅହଂକାର ଆମେ ଭୁଲିବା
ମାଆ ଚରଣେ ଶରଣ ନେବା

ଦେବୀ ଦଶଭୁଜା ମା ଅମ୍ବିକା
ଆସୁଛନ୍ତି ଦେଖ ହସି ହସିକା

ଅନ୍ୟାୟ ଅତ୍ୟାଚାରକୁ
ସହେନି ମୋ ମାଆ
ମାଆ ବୋଲି ଡାକିଦେଲେ
ଆସିହୁଏ ଠିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାପୀଙ୍କ ସଂହାର ପାଇଁ
ଆସେ ଅବତରି
ତାର ଦରଶନେ ଦୁଷ୍ଟ
ଶକ୍ତି ଯାଏ ସରି

ଯୁଗେ ଯୁଗେ ମାଆ ମୋର ବନ୍ଦିତା
ସତ୍ୟ ର ଜୟ ଦିଏ ବାରତା

ଦେବୀ ଦଶଭୁଜା ମା ଅମ୍ବିକା
ଆସୁଛନ୍ତି ଦେଖ ହସି ହସିକା

ଶିକ୍ଷୟିତ୍ରୀ
ଜୟଦେବ ବିହାର ପୋଲିସ କଲୋନୀ
ଭୁବନେଶ୍ୱର
୯୬୫୮୦୭୪୩୫୨

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ମା



ଚୈତନ୍ୟ ବାଗ୍

ସଂସାରରେ ଅତୁଲ୍ୟ ମା'ର ଶବଦ
ତା'ରି ବିନା ଲାଗେ ଦୁନିଆ ନିଃଶବ୍ଦ
କରୁଣା, ସ୍ନେହ, ପ୍ରେମ ତା ଚିରକାଳ
ମା'ର ପଣତକାନି ଆହା ଢଳଢଳ
ଗେଲରେ କହେ ସୁନା ମୋ ଧନ
ତାହାରି ଦାନ ଆମରି ଜୀବନ
ନିଜେ ନ ଖାଇ ଦିଏ ଆମକୁ ଆହାର
ଶୁଝି ପାରିବାନି କେବେ ଋଣ ତାହାର ।
କୋଳରେ ଧରି ଦେଖାଏ ଶରଗଶଶି
ଗେଲରେ ସ୍ନେହରେ ଦିଏ ମୁଣ୍ଡ ଆଉଁସି ।
ଖାଇସାରି ଆସିଲା ବେଳେ
ମୁହଁକୁ ପୋଛିଦିଏ କାନି ପଣତେ
ତା କଥାରେ ଥାଏ କେତେ ଆଦର
ମରୁଭୂମିର ତୃଷିତ ସେ ମୋ ନୀର ।
ଚରଣ ଚନ୍ଦନ ସରଗ ଦୁଆର
ନିତି ପୂଜିବି ବେନି ପୟର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦଶହରା - ୨୦



ବରୁଣ କୁମାର ଦାସ

ବଦଳିଛି ଋତୁର ରଙ୍ଗ
ଆକାଶର ଚେହେରା
ଫୁଲର ପାଖୁଡା
ପତ୍ର ର ପରିସୀମା
ଗଙ୍ଗ ଶିଉଳୀ ବାସ୍ନାଇତ
ମା ଆଗମନରେ ।
ମନରେ ଆସ୍ଥାନ ପାରିଚି ଆତଙ୍କ
ବେରଙ୍ଗ ପାର୍ବଣ ଆନନ୍ଦ
ସୁଖ ଅଜ୍ଞାତବାସରେ
ଲିଭୁନି ଜୁଇର ନିଆଁ
କେଇ ସେକେଣ୍ଡ ପରମାୟୁ ନେଇ
ତ୍ରିଭୁବନ କରୁଛି କମ୍ପିତ
ମିନି ମହିଷାସୁର କୋରନା ।

ଅସୁର ନିଧନ ପାଇଁ ଲୋଡ଼ା
ଖାଲି ସାବଧାନତା, କିଛି ପ୍ରାୟସ
ସାବୁନ, ସାନିଟାଇଜର,
ଦୂରତା, ପରିଚ୍ଛନ୍ନ ଆଉ ମାସ୍କ ।
ମଣିଷ ହିଁ କରିବ ମଣିଷକୁ ଉଦ୍ଧାର
ବିଶ୍ୱାସ ଆଉ ସେବାର ଇଚ୍ଛା ହିଁ ଲୋଡ଼ା ।
ମା ଏକ ଶକ୍ତିର ଉତ୍ସ
ମଣିଷ ସଫଳତାର ସୋପାନ ।

ନରଣ୍ଡିଆ ,ବାଲିସାଇ ,ପଶ୍ଚିମବଙ୍ଗ
ମେଲ-barunkumardas1@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାରଦୀୟ ସ୍ତୋତ୍ର



ମନୋରଞ୍ଜନ
ସୁରୁଜାଳ

ସୁଦୂର ପ୍ରସାରି ଆଖି ପାଏ ନାହିଁ
ସବୁଜ ଘାସ ପଲ୍ଲବ
ସତେକି ଧରିତ୍ରୀ ଦେବା ପାଇଁ ନିଜେ
ଯାଚନ୍ତି ଦିବ୍ୟ ଦରବ ।

ସୁନେଲୀ ଆକାଶେ ତୋଫା ତାରା ଫୁଲ
ସଙ୍ଗେ ରୂପା ଜହ୍ନ ପାସ
ଦୂର ଦେବାଳୟୁ ଭାସିଆସି ମନ୍ତ୍ର
ପାଇ ଯାଏ ଜୀବନ୍ୟାଶ ।

ଅମା ଅନ୍ଧକାରେ ଧରଣୀର ଶେଜ
ଲାଗେ ସିନା ଫିକାଫିକା
ଦଶ ଦ୍ୱାରୁ ବାଦ୍ୟକର୍ଣ୍ଣରେ ବାଜିଲେ
କଟିଯାଏ ଅହମିକା ।

ନେପଥ୍ୟରୁ ଭାଷି ଆସେ ଦିବ୍ୟ ବାଣୀ
ମାତା ହେବେ ଏବେ ଉଭା
ଆସୁରିକ ବଳ ହେବ ଟଳମଳ
ଭାଂଗିଯିବ ରଂଗସଭା ।

ମହିଷାସୁରର ଦର୍ପ ଦଳି ଦେଇ
ଭାଂଗିଦେବେ ଅହଂକାର
ରାବଣ ଦହନେ ଭସ୍ମ ହୋଇ ଯିବ
ଦୁର୍ବାର କାମନା ଯା'ର ।

ଅଇଁଲାପାଲି, ଧମା , ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାରଦୀୟ ସ୍ପର୍ଶ



ସମ୍ୟଜିତ ପାତ୍ର

ଶରତ ଆଗମନରେ ଭୂଇଁରେ କାଶତଣ୍ଡୀ ସ୍ପର୍ଶ
ମା ମହାମାୟାର ଆଗମନର ଦିଏ ସନ୍ଦେଶ ।
ମରୁ ପ୍ରାନ୍ତରକୁ ମନ୍ଦାକିନୀ ସ୍ପର୍ଶ,
ଏ ଜଗତ ଲଭେ ମା ମହାମାୟାର ଆଶିଷ ।
ଶରତ ଅମ୍ବର କେତେ ନିରିମଳ
ସତେ କି ନୀଳ ପାରାବାର,
ପ୍ରକୃତି ସାଜଛି ରାଣୀ ର ବେଶ
ଦିଶେ ଆହା କେତେ ମନୋହର ।
ଶରତସ୍ପର୍ଶ  ସକାଳର କାକର ବେଳା,
ମୋତି ସଦୃଶ ଦିଶେ ଘାସ ଉପରେ ଆଚ୍ଛାଦିତ କାକର ବିନ୍ଦୁର ମେଳା ।
ପରମେଶ୍ୱରୀଙ୍କ କରୁଣାର  ସ୍ପର୍ଶ
ଦୁଃଖର ସାଗରରେ  ଅଗ୍ନିରେ ମିଳେ ସେନେହ ପରଶ ।
ଜନମନେ ଭରେ ଭାଇଚାରା ସ୍ପର୍ଶ
ଏପରି ଆଗକୁ ବଢୁ ଆମ ସଂସ୍କୃତିର ଭାରତ ବର୍ଷ  ।

ଗ୍ରାମ-ଗଡିଆ
ଜିଲ୍ଲା-ମୟୂରଭଂଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶରତ



ହାସ୍ୟମୟୀ ରାଜ

ଚୁପି ଚୁପି ଛପି ଛପି

ଆସେ ଯେ ଶରତ

ଶେଫାଳିର ବାସରେ

କାଶତଣ୍ଡୀ ହସରେ

ବର୍ତ୍ତୁଳ ପୃଥିବୀ

ସବୁଜିମା ସାଢୀ ପିନ୍ଧି

ଅପରୂପ ଦିଶେ

ନବ ପଲ୍ଲବରେ

କାକରର ମୁକ୍ତା ଟୋପା

ଅପୂର୍ବ ମୂର୍ଚ୍ଛନା ତୋଳେ

ଢଳ  ଢଳ ଛନ୍ଦରେ  । ।

କମନୀୟ ଛବି ଆଙ୍କେ

ଖଣ୍ଡ ଖଣ୍ଡ ବୋଉଦର ପୁଞ୍ଜ

ନିର୍ମଳ ତା ଶୁଭ୍ର କବରୀରେ,

ସ୍ୱଚ୍ଛ ହୁଏ ମନ

ସ୍ୱଚ୍ଛ ହୁଏ ହୃଦୟ

ଜହ୍ନ ଫୁଲ ତାରା ଫୁଟେ

ପ୍ରକୃତି କୋଳରେ

ପିତ ବସ୍ତ୍ର ବଦଳାଏ ଧରଣୀ ମା

ଗୋଧୂଳି ବେଳାରେ  । ।

ରାଜହଂସୀ ଖେଳୁଥାଏ

ସରୋବର ନୀରେ

କଇଁ ଫୁଲ ହାଟ ବସେ

ଗାଁ ପାଟ ଗୋହିରୀରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପବନ ଝୁଲଣେ ବସି ଝୁଲୁଥାଏ

ଜଳ ତରଙ୍ଗରେ ,

ଜଗତ ଜନନୀ ଦେବୀ ଦଶଭୁଜା

ଅବତରି ଆସନ୍ତି

ଆଲୋକର ତୋରଣ ମାଳାରେ

ହସି ହସି ଏଇ ଧରାପରେ

ଢାଳିଦେଇ ଡାଲାଭର୍ତ୍ତି ଆଶୀର୍ବାଦ

ସିକ୍ତ କରି ଶୂନ୍ୟ ଜୀବନକୁ ପୁର୍ଣ୍ଣତାରେ ।।

ଶରତର ଛବିଳ ଗଗନେ

ଜହ୍ନ ତା'ର ମେଖଳା ମେଲେଇ

ଶୀତଳ ଜୋଛନାକୁ ଭରେ

ମାଟିରୁ ଆକାଶ ଯାଏ

ନିନାଦିତ ହେଉଥାଏ

ମା'ଙ୍କର ଆବାହନୀ ମନ୍ତ୍ର

ସତେ ସାତ ସୁରେ

ଶରତର ପୁଣ୍ୟ ଝଙ୍କାର

ଭରୁଥାଏ

ମନ ମନ୍ଦିରରେ ।।

ଓରାଳି, ହାଟଡିହି, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶରତ ଆସିଲା



ତ୍ରିନାଥ ବେହେରା

ଅସ୍ତ ସୂର୍ଯ୍ୟର ବର୍ଣ୍ଣ ବିଭାରେ
ଧରଣୀ ମୁରୁକି ହସିଲା
ବିଲ, ବଣ, ପାଟ, ଗହିର ମଥାରେ
କାଶତଣ୍ଡୀ ଫୁଲ ଫୁଟିଲା
ପରସ୍ତ ପରସ୍ତ ଅନ୍ଧାରକୁ ଠେଲି
ମତୁଆଲା ଜହ୍ନ ଉଇଁଲା
ଶିଶିର ବିନ୍ଦୁରେ ମାଟି ମାଆ
ପ୍ରତିଟି ରାତିରେ ଭିଜିଲା
ଚାରିଆଡେ ଦେଖ ପାର୍ବଣର
ରଙ୍ଗୀନ୍ ମାହୋଲ ଜମିଲା
ଋତୁ ଚକ୍ରରେ ଏ ଧରାପୃଷ୍ଠକୁ
ପୁଣି ଶରତ ଆସିଲା
ସଭିଁଙ୍କ ମନ ମୋହିଲା ।।

ଶାରଦୀୟ ଦୂର୍ଗା ପୂଜାର ଆସର
ଗାଁ ଠୁ ସହର ନାନା ପଟୁଆର
ସୁଦୃଶ୍ୟ ତୋରଣ ଝଲସିଲା
ପୂଜା ମଣ୍ଡପେ ମା ଦୂର୍ଗତିନାଶିନୀଙ୍କ
ମୃଣ୍ମୟୀ ମୂର୍ତ୍ତୀ ଶୋଭା ପାଇଲା
ନୂଆଁ ଜାମା ପିନ୍ଧି ଗାଁ ଠୁ ସହରେ
ଲୋକଙ୍କ ମେଳା ଜମିଲା
ପୂଜା, ନୈବେଦ୍ୟ, ମନ୍ତ୍ର, ଶ୍ଳୋକରେ
ଗଗନ ପବନ କଂପିଲା
ଚାରିଆଡେ ଦେଖ ପାର୍ବଣର
ରଙ୍ଗୀନ୍ ମାହୋଲ ଜମିଲା
ଋତୁ ଚକ୍ରରେ ଏ ଧରାପୃଷ୍ଠକୁ
ପୁଣି ଶରତ ଆସିଲା
ସଭିଁଙ୍କ ମନ ମୋହିଲା ।।

ବଡକୋଦଣ୍ଡା ଭଞ୍ଜନଗର
ମୋ- ୯୭୭୭୪୦୮୪୦୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଳକୁମାରୀ



ରଶ୍ମିତା ସାହୁ

ନବ ଯୌବନା ଦିବ୍ୟ ସ୍ୱରୂପା,

ପରୀବେଶୀ ଅପରୂପା...

ପୁଷ୍ପ ମଣ୍ଡିତା ନବକୁମାରୀ,

ଚିକିଟି ନିବାସୀ ଚିରକୁମାରୀ...

ପାହାଡ ଶିଖରେ ବାସ ତୋହର,

ମେଘମାଳାରେ ସୁସଜ୍ଜିତ ପରିପାର୍ଶ୍ୱ ତୋର...

ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରା ତୋ ପୀଠ,

ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ତୋ ଶକ୍ତି ପୀଠ...

ଆଜନନ୍ମା ମା'ଗୋ ତୁ କୁମାରୀ,

ତେଣୁ ତୁ ବିଦିତ ବାଳ କୁମାରୀ...

ଶକ୍ତି ସ୍ୱରୂପା ସତ୍ତ୍ୱେ ତୁ ଦୟାଶୀଳା,

ଭକ୍ତବୃନ୍ଦ ପ୍ରତି ତୁ କରୁଣାଶିଳା...

କରୁଛି ମିନତି ମା' ଗୋ ଗୋଟିଏ ମାତ୍ର,

ଘଣ୍ଟଘୋଡାଇ ରଖ ତୋ ଗଞ୍ଜାମ କ୍ଷେତ୍ର...

ଛତ୍ରପୁର(ଗଞ୍ଜାମ)

email-rasmi.k.sahu777@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହିଷାସୁରର ଦୁର୍ଗାପୂଜା



ମଧୁସୁଦନ ମିଶ୍ର

ଦୁର୍ଗାପୂଜା ଋତୁ ଏ ଧରାରେ ପ୍ରବେଶ କରି
ବେଶ୍ ଉନ୍ମାଦନା ସୃଷ୍ଟି କରେ ଚାନ୍ଦା ଆଦାୟ କରି
ସେ ଚାନ୍ଦାରେ ବେଶ୍ କିଛିଦିନ ମଦାପିଇ
ମାତାଲ ହେଉଥିବା ଏ ସାହି
ପିଲାମାନେ ଦେବୀଙ୍କର ବଡ଼ ଭକ୍ତ ।
ଯଦି କେହି ଚାନ୍ଦା ଦେଇ ନ ପାରି
ସେମାନଙ୍କର ହାତ ଗୋଡ଼ ଧରି
କାକୁତି ମିନତି କରି
ଯେତେ ପ୍ରାର୍ଥନା କଲେ ବି
ସେମାନେ ଶୁଣନ୍ତି ନି ସବୁକିଛି
ଦିଅନ୍ତି ଉଜାଡ଼ି ।।
କେତେ କେତେ ଯୁବତୀଙ୍କୁ ଉପଭୋଗ କରି
ସେମାନଙ୍କୁ ଜୀବନରେ ମାରି
ଫୋପାଡ଼ି ଦିଅନ୍ତି, କା'କୁ ଭୟ ନ କରି ।
ନିର୍ଭୟରେ ଦେବୀ ମଣ୍ଡପରେ ବିଜେ କରି
ଘଣ୍ଟ ବଜାନ୍ତି; ପୂଜକର ତିନି ଦିନ ପାରିଶ୍ରମିକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶହେ ଟଙ୍କା ଦାନ କରି

ଏମାନେ ମହାଦାନୀ, ସତେ ଯେମିତି

କର୍ଣ୍ଣ ଠାରୁ ବଳି ଯାଇଛନ୍ତି ।।

ମହାନବମୀ ତିଥିରେ ପଶୁ ମାରି

ଦେବୀଙ୍କ ମାଛ ତରକାରୀ

ପରସି, ତା ପ୍ରସାଦ ରୂପେ ଗ୍ରହଣ କରି

ମଦ୍ୟପାନ କରି ଯୋଡ ହସ୍ତେ କରନ୍ତି ଗୁହାରୀ ।

ସେ ଗୁହାରୀ ଶୁଣେ କି ନଶୁଣେ ଦକ୍ଷ କୁମାରୀ

ସେ ଜାଣିଥିବ; ଏମାନେ କିନ୍ତୁ ନିଶ ମୋଡି କରି

ରାତିସାରା ଜାଗରଣ କରି

ଖୋଲାପରଦାରେ ବ୍ଲୁ ଫିଲିମ ପ୍ରଦର୍ଶନ କରି

ନେଇଥାନ୍ତି ବେଶ୍ ବହାଦୂରୀ ।।

ହେ ଏ ଚଳନ୍ତି ଯୁଗର ମହିଷାସୁର

ତୁମକୁ ନମସ୍କାର; ତୁମ ପୂଜାକୁ ସହସ୍ରେ ଜୁହାର

ଏମିତି ପୂଜାକୁ ବି ମା ଗ୍ରହଣ କରିଥିବାରୁ

ତାକୁ ମଧ୍ୟ ଶତ ଜୁହାର ।।

ପଣ୍ଡିତ ଶ୍ରୀ ମଧୁ ସୂଦନ ମିଶ୍ର
ଏମ.ଏ., ବି.ଇଡି, ଏଲ.ଏଲ.ବି,କୋବିଦ୍,
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସାହିତ୍ୟାଚାର୍ଯ୍ୟ, ବୈଦିକ କର୍ମକାଣ୍ଡ ଜ୍ୟୋତିଷ ବିଷାରଦ, ହିକୁଡି, ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଟିର ମହକ



ଶରତ କୁମାର ଦାସ

ମୋ ଗାଁରୁ ସହର
ଅନେକ ବ୍ୟବଧାନ
ରୂପ ରଙ୍ଗ ପୁଣି ଚାହାଣିରେ ,
ଅନେକ ଦୂରତ୍ୱ
ଭାବ ଭାଷା ପୁଣି ଅନୁଭବରେ ।।

ନା ମୋ ଗାଆଁରେ ଅଛି ସହରର ଚାକଚକ୍ୟ
ନା ଅଛି ଅନ୍ଧାର ରାତିର ବର୍ଣ୍ଣାଢ୍ୟ ରଙ୍ଗ
ମାଟି ଏଠି ସବୁଜ
ମାଟିର ମହକ ଏଠି ସିକ୍ତ ଓ ମୁଗ୍ଧ
ଯୁଗ ଯୁଗର ସମ୍ପର୍କ
ଚକମକ ମାଟି ଅଗଣାରେ ।।

କେତେ ଅତୁଆ ସୂତାରେ
ଝାଟି ମାଟିର ନଡା ଛପର ତଳେ
ନଭଶ୍ଚୁମ୍ବୀ ମନ୍ଦିର ର ସୃଷ୍ଟି ;

ମାଟିରୁ ଆକାଶ
ସବୁଲାଗେ ପାର୍ବଣ ପାର୍ବଣ
ସ୍ନେହ ସମ୍ପର୍କର ଅଲିଭା କାଳିରେ
ଲେଖାହୁଏ ଇତିହାସ
ଭାବନା ଓ ଆବେଗରେ ଭରପୂର
ପ୍ରତିଟି ମୁହୂର୍ତ୍ତ
ମୋ ଗାଁ ମୋ ମାଟି
ଲାଗେ ଯାହା ସ୍ୱର୍ଗର ନିବାସ ।।

ମୋ ଗାଁ ନିହାତି ନିଆରା
ଏଠି ଫୁଲ ବି ନିଆରା ଫଳ ବି ନିଆରା
ନିଆରା ପୁଣି ଆକାଶର ରଙ୍ଗ
ପାଣି, ପବନ, ଗଛଲତା
ନୂଆ ଛନ୍ଦ ନୂଆ ସୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ନୂଆ ସତତ ସବୁଜ ।।

ଅନ୍ଧାର ଏଠି ଅତୀବ ବହଳ
ଜହ୍ନରାତି ଏକାନ୍ତ ନିଜର
ବହଳ ଅନ୍ଧାର ତଳେ କଥା କହେ
ଆକାଶର ମିଟିମିଟି ତାରା
ଛୋଟ ଲାଗେ ରାତିର ପ୍ରହର
ସ୍ୱପ୍ନ ସେରନା
ନିଦ ବି ଭାଙ୍ଗେନା
ସାଇଁ ସାଇଁ ନୀରବତା ଚତୁର୍ଦ୍ଦିଗ
ନୁଆଁଣିଆ ଚାଳଘରେ
ଏକାଙ୍ଗ ସମ୍ରାଟ ଏ ସରଳ ନିଷ୍ପାପ ମଣିଷ
।।

ରାଗ,ଅନୁରାଗ, ବିଶ୍ୱାସ,ଅବିଶ୍ୱାସ
ଈର୍ଷା ଓ ଅବଶୋଷ ର ଛାଇ ଆଲୁଅରେ
ଜୀବନ ଜୀଇଁବାକୁ ହୁଏ
ସକାଳରୁ ସଂଜ
ଖୁନ୍ଦା ଖୁନ୍ଦି ମାନ ଅଭିମାନ
ଲହୁ ଲୁହ ସ୍ୱେଦବିନ୍ଦୁ ଝରିପଡେ ଟପଟପ
ଭିଜିଯାଏ ମାଟି
ମହମହ ବାସେ ଅହର୍ନିଶ ।।

ସିକ୍ତ ମୋ ଗାଁ ଝରା ଶ୍ରାବଣର
ଝର ଝର ଶୀତଳ ବିନ୍ଦୁରେ
ଧୂ ଧୂ ଜଳୁଥାଏ ପ୍ରଚଣ୍ଡ ଝାଂଜିରେ
ପୁଣି ଝୁମୁଥାଏ କେତେବେଳେ
ବସନ୍ତର ପଂଚମ ତାନରେ
ଉଡୁଥାନ୍ତି ପ୍ରଜାପତି ଦଳ ଦଳ
ଡେଣାମେଲି ଫୁଲ ବଗିଚାରେ ।।

ଆଜି ବି ସତେଜ ମୋ ଷଠିଘର
ଆଜି ବି ଜୀବିତ ମୋ ଏନ୍ତୁଡିଶାଳ
କୁଆଁକୁଆଁ ଶବ୍ଦ ରେ ଆଜିବି ଚଳଚଂଚଳ
ମୋ ଗାଁ ଦାଣ୍ଡ ମାଟିର ଅଗଣା
ସରଳ ସମ୍ମୋହନରେ ଗରୀୟାନ
ବଣ, ବିଲ, ନଈ ଓ ପାହାଡ ।।

Magazine Downloaded from www.aahwaan.com

କୋଇଲିର କୁହୁକୁହୁ ଏବେ ବି

ଭାବପ୍ରବଣ କରେ ମୋତେ

ବନ୍ଧାପଡେ ମୋ ଅତୁଟ ବିଶ୍ୱାସ

ଭିଜୁଥାଏ ମୁଁ ଅଷାଢର ପହିଲି ବର୍ଷାରେ

ଛୁଉଁଥାଏ ମୋ କୋମଳ  ନିଃଶ୍ୱାସ  ଆଉ

ମନ-ପ୍ରାଣ-ଦେହ

ଭୂମିରୁ ଭୂମା କୁ

କେତେବେଳେ ମୋ ଜାଣତରେ

ଆଉ କେତେବେଳେ ମୋ ଅଜାଣତରେ   ।।

ଅଧ୍ୟାପକ ଶରତ କୁମାର ଦାସ

ରାଜନୀତି ବିଜ୍ଞାନ ବିଭାଗ

ବଡବିଲ ମହାବିଦ୍ୟାଳୟ,  ବଡ଼ବିଲ

ଜିଲ୍ଲା-କେନ୍ଦୁଝର

ମୋ-୮୨୯୯୦୩୭୦୯୧

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଆଗୋ ପଳାଶ !



ରାଧାମୋହନ
ପୂଜାହାରୀ

ଆଗୋ ପଳାଶ !
ଅପରୂପ ତୁମ ଶରୀରେ ଶୋଭିତ
କମଳା ରଙ୍ଗର ବାସ,
ଜନ୍ମ ଲଭି ତୁମେ ପ୍ରକୃତି କୋଳରେ
ଗ୍ରୀଷମେ ଧରା କୁ ଆସ ।

ଆଗୋ ପଳାଶ !
ପଲ୍ଲବିତ କର ଏ ଧରା ଧାମକୁ
ଅଧରେ ଫୁଟାଇ ହାସ,
ଗନ୍ଧ ବାସ କିଛି ନାହିଁ ବୋଲି ନର
କରେ କେତେ ଉପହାସ ।

ଆଗୋ ପଳାଶ !
କୁସୁମ ଜଗତେ ନିନ୍ଦା ଅପବାଦେ
ହୋଇନ ତୁମେ ଉଦାସ,
ପୂଜା ପାର୍ବଣ ରେ ଅଲୋଡ଼ା ହୋଇ ବି
ହୋଇନ କେବେ ହତାଶ ।

ଆଗୋ ପଳାଶ !
ମାଆ ମଙ୍ଗଳାଙ୍କ ଅତି ପ୍ରିୟ ତୁମେ
ନ ଥାଇ ବି ତୁମ ବାସ,
ମଙ୍ଗଳବାରରେ ଦରଶନ ଦେଇ
ସଭିଙ୍କ ହୃଦୟେ ଆସ ।

ଆଗୋ ପଳାଶ !
ବାସହୀନ ହୋଇ ମାନସ ମୋହୁଛ
ଲଭିଛ ଭାବ ବିଶ୍ୱାସ,
ତୁମ ଅନାଦରେ ତୁମ ହତାଦରେ
ଜଗତ ହୋଇବ ନାଶ ।

ଆଗୋ ପଳାଶ !
ସଂସାରର ତୁମେ ସୁନ୍ଦର ସର୍ଜନା
ତୁମେ ସଦା ଅବିନାଶ,
ରହୁ ଦେବାଶିଷ ରହୁ ଅନୁକମ୍ପା
ପୂର୍ଣ୍ଣ ହେଉ ଅଭିଳାଷ ।

ଲସ୍ତଲା, ଉଲୁଣ୍ଡା (ସୁବର୍ଣ୍ଣପୁର)
ମୋବାଇଲ୍ : ୮୯୧୭୪୧୬୮୫୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାବୁଟିକେ ଦୃଷ୍ଟି ଦେବ



ଅଶ୍ୱିନୀ କୁମାର

ବାବୁ
ଥରେ ତ ବୁଲି ଆସ
ଏହି ସର୍ବହରାଙ୍କ
ଅନ୍ଧାରୀମୂଳକକୁ ।।
ଆସ ଦେଖିବ
ଆମ ଚାଳଘର ଆଗରେ
ସମାଧି ନେଇଛି ତୁମ ବିକାଶ ।।

ବାବୁ
ଆମେ ଆଦିମ ଜନଜାତି ।
ଏ ମାଟିର ସନ୍ତାନ ହୋଇ
ନା ଆମ ପାଖେ ଅଛି
ଚାଷ କରିବାକୁ ମାଣ ମାଣ ଜମି
ନା ଅଛି ମୁଣ୍ଡ ଗୁଞ୍ଜିବାକୁ
କାଣିଚାଏ ଜାଗା ।।

ଦେଶକୁ ଲୁଟି ବିଦେଶ ପଳାଇବା
ସରକାରୀ ଜମି ହଡ଼ପ କରିବା
ଏ ସବୁ ଫନ୍ଦିଫିକର ଜାଣୁନାହୁଁ
ବୋଲି ସିନା ଏତେ ହୀନସ୍ତା ।।

ବାବୁ
ସେଦିନ ତୁମେ ହିଁ ତ ଦେଇଥିଲ
ମୁଣ୍ଡ ଗୁଞ୍ଜିବାକୁ ହାତେ ଜମି ।
ତା ସହ ଘର ତୋଳିବାକୁ
କିସ୍ତି କିସ୍ତି ସହାୟତା ରାଶି ।।
ନିଜର ସର୍ବସ୍ୱ ବିନିମୟରେ
ତୋଳି ଚାଲିଥିଲୁ ସ୍ୱପ୍ନ କୁଟୀର ।।
ହେଲେ ଭାଗ୍ୟର ବିଡମ୍ବନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଲଡୋଜରର ଚକ ତଳେ

ପିସି ହୋଇଗଲା

ଆମ ସୁନେଲି ସ୍ୱପ୍ନ ।।

ବାବୁ

ଗୋଟେ ପଟେ

ମହାମାରୀ ଜୀବନ ଜୀବିକା

ଛଡେଇ ନେଲା ,

ଅନ୍ୟପଟେ ଆମ ପଂଚାୟତର

କଲେକ୍ଟର ଦାଉ ସାଧିଲା ।

ପାଞ୍ଚ ପାଞ୍ଚଟି କୁଟୁମ୍ବକୁ

ବେଘର କଲା ।।

ଏବେ ତ ଆମେ ସର୍ବହରା

ମାରିବ ବଏଲେ ମାର

ତାରିବ ବଏଲେ ତାର

ଏବେ ତୁମେ ହିଁ ସାହାରା ।।

ବାବୁ

ତୁମେ ତ ଜିଲ୍ଲାର ମାଲିକ ।

ଆମ ଆଡେ ଟିକେ ଧ୍ୟାନ ଦେବ ।

ତୁମେ ଅଣଦେଖା କଲେ

ଗଣତନ୍ତ୍ର ପ୍ରତି ଆସ୍ଥା ତୁଟିଯିବ ।।

ବାବୁ

ତୁମ ଭରସାରେ ରହିଲୁ

ସାଲେଭଟାର ନିରୀହ

ଆଦିବାସୀ ପରିବାର ।।

ଜୁହାର..... ।

ସହକାରୀ ଶିକ୍ଷକ

ଝରିଗାଁ ନବରଙ୍ଗପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତ୍ରିରଙ୍ଗା ଆହ୍ୱାନ



ରମାକାନ୍ତ ମାଝୀ

ଚତୁର କୁଚକ୍ରି ବିଦେଶୀ ବଣିକ
ନିର୍ମମ ନିଷ୍ଠୁର ଶାସନ
କଷଣ ପୀଡ଼ନ ଲୁଣ୍ଠନ ଅସହ୍ୟ
ଜନନୀର ବୀର ସନ୍ତାନ ।

ଏକତା ସାହସ ଧର୍ଯ୍ୟର ସଂକଳ୍ପେ
ରତ ସଚ୍ଚୋଟ ସଂଗ୍ରାମୀ
ସମର ଅନଳ ବଳୟରେ ଝାସ
ଉଦ୍ଧାରାର୍ଥେ ମାତୃଭୂମି ।

ଶତ ଶତ ବୀର ରକତେ ସାଗର
ଅସ୍ଥି ମାଂସ ପୂର୍ଣ୍ଣ ଧରା
ସଫଳ ସଂଘର୍ଷ ସାର୍ଥକ ଜୀବନ
ଉଲ୍ଲସିତ ଦେଶ ସାରା ।

ଭାରତର ଭାଗ୍ୟ ଆକାଶେ ପ୍ରଥମ
ନବୀନ ଭାସ୍କର ଉଦିତ
ଅମର ଅକ୍ଷରେ କାଳର ବକ୍ଷରେ
ସ୍ୱର୍ଣ୍ଣିମ ଅଧ୍ୟାୟ ଖୋଦିତ ।

ବାୟୁ ହିଲ୍ଲୋଳରେ ଚିତ୍ରିତ ତ୍ରିରଙ୍ଗା
ସଦର୍ପେ ଉଡ୍ଡୀୟମାନ
ମହା ମୁକତିର ଜାତୀୟ ଦିବସ
ଅଗଷ୍ଟ ପନ୍ଦର ଦିନ ।

ନାରଙ୍ଗୀ ପ୍ରତୀକ ସାହସ ବୀରତ୍ୱ
ଧବଳ ସତ୍ୟ ଓ ଶାନ୍ତି
ସବୁଜ ଭାତୃତ୍ୱ ଅଶୋକ ଚକ୍ରର
ପୂଣ୍ୟ ଭାରତ ପ୍ରଗତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶାନ୍ତି ମୈତ୍ରୀ ପ୍ରୀତି ସଂକେତ ତ୍ରିରଙ୍ଗା
ପ୍ରେରିତ ଶୁଭ ବାରତା
ଭୁଲି ଭେଦଭାବ ଗାଅ ଜନଗଣ
ଭାରତ ଭାଗ୍ୟ ବିଧାତା ।
ସେବା ତ୍ୟାଗ ଧର୍ମ ବୀରତ୍ୱ ଏକତା
ମନ୍ତ୍ରରେ ଦୀକ୍ଷିତ ଭାରତେ
ତ୍ରିରଙ୍ଗା ଆହ୍ୱାନ ସଭିଏ ରାଷ୍ଟ୍ରର
ଅଖଣ୍ଡତା ରଖ ମରତେ ।
ସ୍ୱଦେଶ ବତ୍ସଳ ତ୍ୟାଗପୁତଙ୍କର
ବଳିଦାନର ଏ ଦାନ
ପୂଣ୍ୟ ଆତ୍ମା ପ୍ରତି ଦିଅ ପ୍ରେମ ଭକ୍ତି
ଶ୍ରଦ୍ଧାଞ୍ଜଳିର ସୁମନ ।
ରାଷ୍ଟ୍ରୀୟ କେତନ ଗୌରବ ମର୍ଯ୍ୟାଦା
ରକ୍ଷାର୍ଥେ କର ଶପଥ
ବିଶ୍ୱ ସାମ୍ରାଜ୍ୟର ଅଦ୍ୱିତୀୟ ହେବ
ମୋ ଦେଶ ପ୍ରଗତି ରଥ ।

ଶିକ୍ଷକ
ସେମିଳିଗୁଡା, କୋରାପୁଟ
୯୩୩୭୬୯୩୫୦୪

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଅସୁରକ୍ଷିତ ପରୀ



ପୁଷ୍ପଲତା ସାହୁ

ସୁନା ପଞ୍ଜୁରୀରେ  ରଖିଦିଅ ମୋତେ
ଶାରୀ ନୁହେଁ ମୁଁ ପରୀ ଟିଏ
ଅତି ଅଲିଅଳି ଦୁହିତା ତୁମର
ତୁମ ଲାଗି ମୁଁ ବଞ୍ଚି ଥାଏ ।।

ଜୀବନ ଟା ମୋର ସପନରେ ଭରା
ମନେ ଭରିଛି କେତେ ଆଶା
ଦୁନିଆଁରେ ଦିନେ ବଡ଼ ହେବା ଲାଗି
କରିବନି ମୋତେ  ନିରାଶା ।।

ସପନକୁ ମୋର ହେବା ପାଇଁ ସତ
ଆଣି ଦେବ ନୂଆ ସୁଯୋଗ
ଆଲୋକିତ କରି ଜୀବନର ପଥ
ଦେବ ସଦା ମନେ ପୁଲକ ।।

ସୁରକ୍ଷିତ ମଣେ ନିଜକୁ ସର୍ବଦା
ଥିଲେ ମୁଁ ତୁମରି ପାଖେ
ଦେହ ଦାନବ  ତ  ରହିଛନ୍ତି ଘେରି
ସଦା ମୋର ଚାରିପାଖେ ।।

ଅସୁରକ୍ଷିତ  ମୁଁ ଦୁନିଆଁ  ଆଖିରେ
କାଢ଼ିଦେଲେ ପାଦ ମୋର
ଜୀବନ୍ତ ପରାୟେ ଖାଇ ଯିବେ ମାରି
ବିକ୍ଷିପ୍ତ  କରି ମୋ ଶରୀର ।।

ଝିଅ ଟିଏ ହୋଇ  ଭାବୁଛି ଆଜି ମୁଁ
କାହିଁକି ଲଭିଲି ଜନମ
ଅସୁରକ୍ଷିତ ପରୀ ଟିଏ ମୁଁ ଯେ
କିଏ ବୁଝିବ ମୋ ମରମ  ।।

ଶ୍ରୀମତୀ ପୁଷ୍ପଲତା ସାହୁ
ମକୁନ୍ଦପୁର ଉ. ପ୍ରା. ବିଦ୍ୟାଳୟ
ଜଗତସିଂହପୁର
ଫୋନ ନମ୍ବର : ୭୦୦୮୨୩୪୦୭

Magazine Downloaded from www.aahwaan.com

# ଆଶା



ସଂଯୁକ୍ତା ମହାପାତ୍ର

ବେଳେ ବେଳେ ଜୀବନରେ
କେଉଁ ଏକ ଦୋଛକିରେ
ବଞ୍ଚିବାର ଇଚ୍ଛା ସବୁ ସରି ସରି ଯାଏ ।
କାହିଁକି ଆସନ୍ତି ଜୀବନରେ ଦୁଃଖର ଦିନ
ଅଦିନିଆ, ଅମାନିଆ ଝଡ ପରି
ଏ ଆଖିର ଯେତେ ନିଦ ସବୁ ଲୁଟି ନିଏ ?

ସୁଖ ସବୁ ରାସ୍ତା ଭୁଲି,
ହୋଇଯାନ୍ତି ବାଟ ବଣା
ଦୁଃଖର ଅନନ୍ତ ଦହନେ,
ଦୁନିଆ ତ ବଦଳୁଛି,
ବଦଳିବ ପ୍ରତି ମୁହୂର୍ତ୍ତରେ,
ଦୁଃଖ ମଧ୍ୟ ଚାଲିଯିବେ ଦିନେ ।

ଆଶାବାଦୀ ଦୁନିଆଁରେ
ଆଶା ହିଁ ସମ୍ବଳ,
ଦୁଃଖର ଦିନକୁ ହୃଦୟେ ଜାବୁଡି ଧରି,
କାନ୍ଦିବାକୁ ଆଉ ନାହିଁ ବେଳ ।
ଅନାୟାସେ ଖର୍ଚ୍ଚ କରିବାକୁ
ଲୁହ ଆଉ ବଳିନି ଜୀବନେ,
ପୋଛି ନେଇ ଆଖିଲୁହ
ହଜିଯାଏ ପ୍ରତିକ୍ଷିତ ସୁଖର ସପନେ,
ଆସୁଥିବା ସୁଖର ଦିନର ଆଶାରେ,
ସୁଦିନର ସ୍ୱାଗତ ପ୍ରସ୍ତୁତିରେ
ମୁଁ ଆଜି ବ୍ୟସ୍ତ
ଅପେକ୍ଷା ମୋ ସୁଖର ଦିନକୁ
ରାତିର ଅନ୍ଧାର ପରେ
ନୁଆ ସୂର୍ଯ୍ୟ ଆସିବାଟା ସତ୍ୟ ।

ବିନୟ ମହାପାତ୍ର, ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନର ସୌଦାଗର



ପ୍ରତିମା ଉପାଧ୍ୟାୟ

ମୁଁ ସ୍ୱପ୍ନ ର ସୌଦାଗର
ଆସିଛି ମୁଁ ସ୍ୱପ୍ନର ଦୋକାନ ଖୋଲିଛି ।
କେତେ ଜାତି ସ୍ୱପ୍ନ ମୋର ଦୋକାନେ ସଜିଛି ।
ମୁଲ୍ୟ ତାର ଅମୁଲ ମୁଲ
ଆସ ଥରେ ପାଶେ
ଆଉ ସପନକୁ ଦେଖ ମନରେ ପରଖ ।
ବିଭିନ୍ନ ବାର୍ତ୍ତାରେ ଭର୍ତ୍ତି ମୋର ସ୍ୱପ୍ନ ଝୁଡ଼ି ,
କେତେ ଆଶା ,କେତେ ଭରସାରେ
ଦୋକାନେ ମୋ ସଜାଇ ରଖିଛି ।

ଖଟା ମିଠା, ପିତା ସହ ଅନେକ ଅନୁଭୁତି ,
ମୋ ସପନ କିଣିଲେ,ନ ଥିବ ମନରେ
ଭୟ ଆଉ ଭୀତି
ମିଳନ ବିଚ୍ଛେଦ, ପ୍ରିୟା ସହ ପ୍ରୀତି ।
ଅନେକ ସପନ ଆଣେ ବଞ୍ଚିବାର ରାହା,
ପୁଣି କିଛି ସପନ ଜଳାଏ ଆଶାର ଆଲୋକ
ଆଉ କିଛି ବିଞ୍ଚିଦିଏ ବସନ୍ତର ବାର୍ତ୍ତା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇନ୍ଦ୍ରଧନୁର ସପ୍ତରଙ୍ଗକୁ ନେଇ

ସୃଷ୍ଟିକରେ କେତେ ଅଭୁଲା ସ୍ମୃତି

ହେ ମଣିଷ ଆଗେଇ ଆସ,

ମୋ ସୁନ୍ଦର ସପନର ଗରାଖ ହୋଇ ,

କିଣି ନେଇ ବାଣ୍ଟି ଦିଅ ଏ ସମାଜରେ

ମରିଯାଉ ଦୁଃଖ, ସରିଯାଉ କ୍ଲେଶ

ଆଉ ଖୁସି ବାର୍ତ୍ତା ସଞ୍ଚରି ଯାଉ ସବୁରି ମୁହଁରେ ।

ସପନର ସୌଦାଗର ମୁଁ

ସାର୍ଥକ ହେଉ ମୋ ଜୀବନ ସପନ ବିକିବାରେ ।

ସପନର ସୌଦାଗର ଆସିଛି ମୁଁ

ସପନ ବିକିବାକୁ,

ଆଉ ପରସ୍ପର ମଧ୍ୟରେ,

ସୁଖ ଦୁଃଖ ବାଣ୍ଟିବାକୁ ,

ସରିଯାଉ ସପନ, ପାହିଯାଉ ରାତି,

ଜୀବନଟା ମଧୁମୟ ହୋଇଯାଉ,

ଗାଇ ଗାଇ କାକଳିର ଗୀତି ।

ମାରୁତି ଭିଲ୍ଲା, ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୌବନର ଆଗମନେ



ଭାରତୀ ସାହୁ

ଶୀତ ପରେ ଯେବେ ଆସେ ବସନ୍ତ
ଆନନ୍ଦରେ ଧରଣୀ ପାଗଳିନୀ ହୁଏ
ହୁଏ ତାର ବୁକୁ ଉଲ୍ଲସିତ ।

ସରଳ କିଶୋରୀ ମନରେ ଯେତେବେଳେ
ଦେଖାଦିଏ କଅଁଳ ଯୌବନ
ସେ ବୁଝିପାରେ ସବୁ କଥାର ଅର୍ଥ
ବୁଝିପାରେ ସବୁରି ଇଙ୍ଗିତ ।

ମୁଁ ଯେତେବେଳେ ପହଞ୍ଚିଲି ଯୌବନର ପାଦଦେଶରେ
ସବୁ ଖାଲି ଲାଗୁଥିଲା ନୂଆ ନୂଆ
ସବୁତ ରଙ୍ଗୀନ ।

ବର୍ଷାର ଆଗମନେ କେକୀ ଯେହ୍ନେ ହୁଏ ଆତ୍ମହରା
ସବୁଠାରୁ ଲାଗୁଥିଲା ଭଲ
ଅତୀବ ତମର ସେ ଚୋରା ଚୋରା ଚାହାଣୀ
ଆଉ ତମ ପ୍ରୀତିର ଇଶାରା,
ସେତେବେଳେ ଦୁନିଆର ସବୁକିଛି ଭଲଲାଗେ
ଯେତେବେଳେ ଏ ଦେହରେ ଏ ମନରେ
ଥିରି ଥିରି ପାଦ ଚାପି ଆସେ ଯୌବନ
ତାର ରଙ୍ଗର ରୋଷଣୀ ଜାଳି
ଦେଇଯାଏ ପ୍ରେମର ଇଙ୍ଗୀତ ।

ଯୁନିଦା ପାଟଣା,
ଦଶରଥପୁର, ଯାଜପୁର
ମୋ- ୮୮୯୫୯୪୬୩୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ ସିନା ଜାଣେ



ଗୁପ୍ତେଶ୍ୱର ଚାନ୍ଦ

ଜଗତ ଯାକରେ  ଯେତେ ଲୋକ ଥିଲେ

ମାଆ ପରି ଆଉ କିଏ ସେ ହେବ  ?

ମାଆ ସିନା ଜାଣେ ପୁଅ ମନ କଥା

ନୟନୁ  ଲୋତକ କେ  ପୋଛି ଦେବ ? ॥ ୧ ॥

ହୃଦୟ ର ବ୍ୟଥା ବେଦନା ତା'ଛଡା

କେ ଅଛି ସଂସାରେ ବୁଝି ପାରିବ. ? ?

ମିଠା କଥା କହି ସରାଗେ ଆଉଁସି

ଭୋକ ଶୋଷ ସବୁ ଭୁଲାଇ ଦବ  ॥ ୨ ॥

ଧନରେ ସୁନାରେ  କହି ଆଦରରେ

କୋଳ କୁ ସେନେହେ ଟାଣି କେ ନେବ ? ।

ରୁଷିଲେ ଅଝଟ ହୋଇଲେ ତେଣିକି

ଗପ କହି କିଏ ଶୁଆଇ ଦେବ   ?  ॥ ୩ ॥

ତୁ ଯେଣୁ ଜଗତ ଜନନୀ ସବୁରି

ତୋତେ କେଉଁ କଥା ଅଛି ଅଜଣା ?

ହରି ନେ' କଷଣ ନିମିଷକେ ମାଗୋ

ଲିଭି ଯାଉ ସବୁ ଶୋକ ଯାତନା  ॥ ୪ ॥

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁର୍ଗତି ହାରିଣୀ ଦୁର୍ଗା ନାମ ତୋ'ର

ଚଉଦ ଭୁବନେ ହୋଇଛି ଖ୍ୟାତ ।

କରୁଣା ମୟୀ ଗୋ କରିଦେ ନିପାତ

ଅନ୍ତ ହେଉ 'କରୋନା' ର ଉତ୍ପାତ ॥ ୫ ॥

ମା'ଆ ଥାଉଁ ପୁତ୍ର ହେଲେ ଅରକ୍ଷିତ

କି ବୋଲିବେ ଲୋକେ କୁହ ଗୋ' ମାତ ?

ନିନ୍ଦା ଅପବାଦ ରଟିବ ଜଗତ

ମାତୃ ଯଶ ହୋଇବ କଳଙ୍କିତ ॥ ୬ ॥

ଦନୁଜ ନାଶିନୀ ଅଭୟ ଦାୟିନୀ

ଦିଅ ଦିବ୍ୟ ଜ୍ଞାନ ଜନ ଜଗତେ ।

ଆସୁରୀ ଶକତି ହେଉ ନିରିମୂଳ

ସଦା ନିଅ କଢ଼ାଇ ସତ୍ୟ ପଥେ ॥ ୭ ॥

କର ଯୋଡ଼ି କରେ ଗୁହାରି ତୋ' ପାଦେ

ଘେନିବୁ ମାଗୋ ଏ ଦୀନ ମିନତୀ ।

ଅବୋଧ ଅଜ୍ଞାନ ସନ୍ତାନ ଆମେ ମା'

କ୍ଷମା ଦେବୁ ଥିଲେ ତ୍ରୁଟି ବିଚ୍ୟୁତି ॥ ୮ ॥

କବି ଶ୍ରୀ ଗୁପ୍ତେଶ୍ୱର ଚାନ୍ଦ. ସମାସିଂହା ।
ଝାରସୁଗୁଡା, ମୋ. 7683841064.

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଭ୍ରମରେ ଭ୍ରମିଲୁ ଧରା



ଅଲେଖ ମେହେର

ରାଗ - ବରାଡି  ବାହୁଡା ବସନ୍ତ

ଇକ୍ଷଣ ପଟଳେ ମୋର          ଘୋଟେ ଅମା ଅନ୍ଧକାର
ସମୟ ମୋ ଗଲା ଶେଷ ହୋଇ,
ବିହଗ ଯେହ୍ନେ ସନ୍ଧ୍ୟାରେ          ମେଳକ ହୋଇ ତରୁରେ
ବିଭାବରୀ ଦିଅନ୍ତି କଟାଇ  ରେ  ବାଇମନ ।
ତେସନେକ ଥିଲା ଅଭିନୟ ,
ଦିନେ ନ ଭଜିଲୁ ଲୀଳାମୟ  ରେ  ।
ଭ୍ରମରେ ଭ୍ରମିଲୁ ଧରା          ଦିବସେ ବିଲୋକି ତାରା
କୁହେଳିକୁ ମଣିଲୁ  ଜୀବନ,
ବୃଜିନ ଭଣ୍ଡାର ଭରି          କୁକର୍ମ ଦୃଢେ ଆବୋରି
ବିଅର୍ଥ କରି ମାନବ ପ୍ରାଣ  ରେ ବାଇମନ ।
ମାୟା ମରିଚିକାର ବନ୍ଧନ,
ଶୁଭ୍ରାପାଙ୍ଗୀ ପୁତ୍ର କନ୍ୟା  ଗଣ ରେ ।
କଳୁଷ କରମ ଭାର          ହେଲା ପରାଣ ଆଧାର
ମଣିଲୁ ଧରାକୁ ସରା ରୂପେ,
ବଳ ବୀର୍ଯ୍ୟରେ ଉନ୍ମତ୍ତ          ଅଧର୍ମେ ହୋଇ ପ୍ରବୃତ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜରାକାଳେ ମରୁ ମନସ୍ତାପେ  ରେ ବାଇମନ ।

ନ ଭଜିଲୁ ଅନାଦି ଅନନ୍ତ,

କାମ ପିପାସା ନ ହେଲା କ୍ଷାନ୍ତ ରେ  ।

ମହିୟସୀ ଯେ ରସାରେ          ମହାକାଶ ଠୁ ଉଚ୍ଚରେ

ଆଦ୍ୟ ଗୁରୁଙ୍କୁ ଭୁଲିଲୁ ଗର୍ବେ,

ବକ୍ଷରୁ ପିଇଲୁ କ୍ଷୀର            ତାରେ ପାଞ୍ଚଣ ପ୍ରହାର

ବାଲ୍ୟକାଳ ଭୁଲାଇଲୁ ଲବେ ରେ ବାଇମନ ।

ସ୍ନେହ ମମତାର ରଜ୍ଜୁ କାଟି ,

କ୍ରୋଧ ହିଂସା ଉଚିତ ନୁହେଁଟି ରେ  ।

ବୟସର ସାୟାହ୍ନରେ          କୁକର୍ମ ମାନ ଧିକ୍କାରେ

ଆତ୍ମା ପକ୍ଷୀ ହୁଏ ଦହଗଞ୍ଜ,

ବାରୁଣୀଆଳେ ତପନ           ଅନ୍ତ ପାଇଁ ଛନଛନ

ତାମସୀ ଆସଇ ନଇ ସଞ୍ଜ ରେ ବାଇମନ ।

ମନୁ ତେଜି ଶୟଳର ଭାର,

ଦୃଢେ ଭଜ ବିଭୁଙ୍କ ପୟର  ।

ସୋହେଲା ,ବରଗଡ଼

ମୋ - ୬୩୭୦୨୨୦୫୫୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ କିଏ



ଅଶୋକ କୁମାର ପଧାନ

ମୁଁ କିଏ ?

ଆଜି ଖୋଜେ ଉତ୍ତର

ନିଜକୁ ଅଜଣା ପରିଚୟ ମୋର

ଫେରିବାକୁ ଗଲେ ନିମିଷେ ଯିବି

ଆଗେଇବା ପାଇଁ ନାହିଁ ଠିକଣା ଘର

କହିବି କାହାକୁ, କେ'ଦେବ ଉତ୍ତର

କହ ଭାଇ ମୁଁ କିଏ ? ଦିଅ ଠିକଣା ମୋର ।

ମନ୍ଦିର ମସଜିଦ ଗୀର୍ଜାଘର

ନ ମିଳେ କୋଉଠି ଉତ୍ତର ମୋର

ସଭିଏଁ କହନ୍ତି, "ପଡ଼ୋଶ ଘର"

ସେଇଠି ଅଛି ଠିକଣା ତୋର ।

ଯାଇ ପଶିଲି ପଡ଼ୋଶୀ ଘରେ

ପାଦ ଥାପିଦେଲେ ମୋ ପିଠିରେ

ଏଠି ନାହିଁରେ ଠିକଣା ତୋର

ପଳାତୁ ଏଠୁ ତୋରି ଘର

ସବୁସ୍ଥାନେ ଏହି ଉତ୍ତର ପାଇ

ଜ୍ଞାନ ଜନ୍ମିଲା ମୋହରି ଭାଇ

ଜାଣିଲି ମୁଁ ମୋର ଶେଷ ଉତ୍ତର

ନିସହାୟ ଯାଯାବର ମୁଁ ଏ ଜନ୍ମର ।

ଓଡିଶା ଆଦର୍ଶ ବିଦ୍ୟାଳୟ କଲ୍ୟାଣସିଂହପୁର,
ରାୟଗଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁହାରୀ ଶୁଣିବା ହେଉ



ରାଜେନ୍ଦ୍ର ଶତପଥୀ

ଜଗତର ନାଥ ଆହେ ଜଗନ୍ନାଥ
ଏତିକି ଶୁଣିବା ହେଉ ।
ମୋ ଜୀବନ ରଥ ତୁମକୁ ଲାଗିଲା
କରୁଣା ଅପାର ଥାଉ ॥

କାଲି ଯିଏ ଥିଲେ ନିଜର ମୋହର
ଆଜି ହେଲେ ସବୁ ପର ।
ତୁମେ ଏକା ମୋର ସବୁଠୁ ନିଜର
ଅଲୋଡା ମିଛ ସଂସାର ॥

ଭକତ ଦୁଃଖରେ ତୁମେ ଭାଗୀହୁଅ
ଚଉଦିଗ ଦାନୀ ହୋଇ ।
ମୋ ପାଇଁ କାହିଁକି କରୁଛ କପଟ
ନ ଚିହ୍ନିଲା ପରି ହୋଇ ॥

ତୁମେ ଦୟା କଲେ କରୁଣା ହୋଇଲେ
ପଙ୍ଗୁ ଲଙ୍ଘି ଯାଏ ଗିରି ।
ତୁମେ ନ ଚାହିଁଲେ ଏ ଧରା ଧାମରେ
ଝରେନା ଟୋପାଏ ବାରି ॥

ତୁମ ପାଦ ତଳେ ଲୟ ରଖି ପ୍ରଭୁ
କଟୁ ମୋ ବାକି ଜୀବନ ।
ତୁମ ନାମ ଧରି ଭବୁ ହେବି ପାରି
ଲୋଡ଼ା ନାହିଁ ଧନରତ୍ନ ॥

ବାଲିକୁଦା
ଜଗତସିଂହପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୁଝୁନାହିଁ ମନ



କୁମାର ଲୋକେଶ୍

ବୁଝୁ ନାହୁଁ ମନ କାହିଁକିରେ ଆଜି
ଅବୁଝା କାହିଁକି କହ
ସହିବାକୁ ପରା ଜନମ ନେଇଛୁ
କାହିଁ ଗଡାଉରେ ଲୁହ,
ଯେତେ କଷ୍ଟ ପଡୁ ସହିଯିବୁ ପରା
କହିବୁନି କାହା ଆଗେ
ଆଜି ପୁଣି କାହିଁ ଅଭିମାନ କରି
ମୁହଁ ଫୁଲେଇଛୁ ରାଗେ,
ଦୁନିଆଟା ଯାକ ସ୍ୱାର୍ଥପର ଲୋକ
କାହାକୁ ନିଜର ଭାବୁ
ସମସ୍ତେ ନିଜର ସ୍ୱାର୍ଥ ଖୋଜୁଛନ୍ତି
ପ୍ରେମ କାହିଁ ତାକୁ ମାଗୁ,

ସହିବୁ ସହିଛୁ ସହିଯିବୁ ସବୁ
ଖୋଲିବୁନି କେବେ ପାଟି
ବିଧିର ବିଧାନ ଲେଖିଛି ରେ ସତେ
ଜୀବନ ଟି ତୋର ମାଟି ,
ପେଟ ଭରିଦେଇ କଷ୍ଟରେ କଷ୍ଟରେ
ବୁଝିବୁ ଲୁହର ମୂଲ
ଭଲ ପାଇବାଟା ପିଲାଖେଳ ନୁହେଁ
ଖେଳିବୁନି କେବେ ଗେଲ,
ସଂସାର ଭିତରେ ଘର କରିଥିଲେ
ପଥର ପଡିଲେ ସହି
ଦୁଃଖ କଷ୍ଟ ସବୁ ଆଦରି ନବୁରେ
ମନ ଭିତରେ ତୁ ଥାଇ ।

ଗୋରଡାପାଳ , ଢେଙ୍କାନାଳ
୭୯୮୧୩୧୦୭୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହାରିନାହିଁ କେବେ ନ ହାରିବି



ପ୍ରତିମା ମେହେର

ନଗଣ୍ୟ ଅତିଶୟ ଜୀବଟିଏ ମୁଁ
 କ୍ଷୁଦ୍ର ଏହି ଧରା ତଳେ
ବାସହୀନ ମୋର ମଣିଷ ସତ୍ତାଟି
ଖାଲି ଉଡ଼ି ଉଡ଼ି ବୁଲେ ।।

ସୀମାହୀନ ପଥେ ଦିଗହରା ଭାବେ
ଠିକଣା ଟି ଖୋଜି ବୁଲେ
କେଉଁଠି କେମିତି ଝୁଣ୍ଟି ପଡିଗଲେ
ଛାଁ ଆଗକୁ ମାଡ଼ି ଚାଲେ ।।

ନାହିଁ ମୋର କେହି ଆତ୍ମୀୟ ସ୍ୱଜନ
ନାହିଁ ବନ୍ଧୁ ପରିଜନ
ଖୋଜେ ନାହିଁ ବାସ ନୀଡ଼ ରଚିବାକୁ
ଯାଯାବର ପରି ମନ ।।

ଛନ୍ଦ ବିହୀନ ସୁରହୀନ ମୁହିଁ ଯେ
ଅଲୋଡ଼ା କାହାଣୀ ଟିଏ
ଗନ୍ଧହୀନ ମୁହିଁ ବାସ ନାହିଁ ମୋର
କ୍ଷୁଦ୍ର ମୋ କବିତା ଟିଏ ।।

ଗାଇବାକୁ ମୋର ସୁର ନାହିଁ କଣ୍ଠେ
ପଙ୍ଗୁ ଯେତେକ ଭାବନା
ସମୟ ଚକ୍ରରେ ଜୀବନ'ର ମନ୍ତ୍ର
ଏଠି ସେଠି ବାଟବଣା ।।

ଚାଲିବି ତଥାପି ଚାଲୁଥିବି ମୁହିଁ
ଅହର୍ନିଶି ଅହରହ
ହାରିନାହିଁ କେବେ ନ ହାରିବି ପୁଣି
କରିଅଛି ମୁଁ ଯେ, ପଣ
କରିଅଛି ମୁଁ ଯେ,ପଣ ।।

ପାଟଣାଗଡ଼,ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମଣିଷ



ଭବାନୀଶଙ୍କର ଗିରି

ନର ଦେହେ ଅମଣିଷ ସ୍ୱଭାବ
ନଷ୍ଟ କରୁଛି ଭାଇଚାରା ଭାବ ।

କଳୁଷିତ ତାଙ୍କର ଚିନ୍ତାଧାରା
ସଦା ମନରେ କୁଟୀଳତା ଭରା ।

ଅନ୍ୟାୟ ଅନୀତି କାମରେ ନିତି
ସବୁ ସମୟ ତାଙ୍କ ଯାଏ ବିତି ।

ଶାନ୍ତି ନାହିଁ କଲେ ବି ରୋଜଗାର
ଏମିତି ବଞ୍ଚିବା ପୁରା ବେକାର ।

ଏମାନଙ୍କର ପାଇଁ ଥୁଆ ନର୍କ
ଆର ଜନ୍ମେ ମିଳେ ଯନ୍ତ୍ରଣା ଦୁଃଖ ।

ଥିଲେ ସିନା ଭଲ ମନ୍ଦ ବିଚାର
ଭଲ କାମ ସବୁ କରିବ ନର ।

ଧର୍ମ, ଦେବା ଦେବୀଙ୍କୁ କରି ଭୟ
ଅବାଟେ ଯିବାକୁ କର ସଂଶୟ ।

ଦୁର୍ଲଭ ମଣିଷ ଜନମ ପାଇ
ପର ମନ୍ଦ ଚିନ୍ତା ଭଲ ନୁହଁଇ ।

ପାଣି ଫୋଟକା ମଣିଷ ଜୀବନ
ଉକ୍ତିଟିକୁ ମନେ ରଖିବା ଜାଣ ।

ଭଲ କରମ କଲେ ଭଲ ଫଳ
ସବୁଥିରେ ହେବ ନିଶ୍ଚେ ସଫଳ ।

ଆମ୍ବଡ଼ିହା, ବିଜାତଳା,
ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜନେ ଉଠ



ଦୁଷ୍ମନ୍ତ ବେହେରା

ମାଟି ତାଡି ଏଠି କଲେଣି ବିବ୍ରତ
ରଙ୍ଗ ଢଙ୍ଗ ଏଠି ବଦଳି ଗଲାଣି
ପରିବେଶ ଦୂଷିତ ହେଲାଣି
ଲୋକେ ରେ ଦିଶୁ ନାହିଁ କିରେ
ଉଠିବୁ କେବେ ରେ
ଜନେ ଉଠ
ପରିବେଶ କୁ ଲଙ୍ଗଳା ଫଙ୍ଗଳା
କରି ଚିରି ଦେଲେଣି ରେ ଛାତି
ସ୍ୱପ୍ନ ଦେଖୁଛି ନୂଆ ନୂଆ ଏଠି
କର୍ମ କରୁଛ ଲାଙ୍ଗୋଳ
ଉଠିବ କେବେ ରେ ପରିବେଶ
ଏଠି ଦୂଷିତ ହେଉଛି
ତୁମ ମା ମାଟି ପରିବେଶ
ଜନେ ଉଠ

ଦୂଷିତ ଜୀବାଣୁ ବୁଲୁଛି ଏଠି ରେ
ହେଉନାହଁ ସଜାଗର
ବେଳ ପାହାନ୍ତା କୁ ସରିଜିବ ରାତି
ଉଠିବୁ ଆଉ କେତେ ଦିନ
ଜନେ ଉଠ
ମଣିଷ ଜନ ରେ ଶିକ୍ଷିତ ଜନ
ଜଗତ କଲ୍ୟାଣ ପାଇଁ
ମୁଁ ମୂର୍ଖ ସିନା ଜଗତ
ହିତ ପାଇଁ
ତୁମେତ ଶିକ୍ଷିତ ଜନ
ମୂର୍ଖ ଏଠି ମୁଁ ଜଗତ କଲ୍ୟାଣ ପାଇଁ
ଜନେ ଉଠ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିକ୍ଷିପ୍ତ ଚିନ୍ତନ ରେ

ଭରିରହିଛି ତୁମେ ମାନବ

ଜନ ଶିକ୍ଷିତ ତୁମେ ରେ ବୋକା

ଦୁନିଆ ଆଖି ରେ ଟାଣୁଛ

ଦୂଷିତର ଗାର

କଳଙ୍କିତ ଅଧ୍ୟାୟ ଖେଳୁଛ ତୁମେରେ

ଖାତିର୍ କରନା ପ୍ରକୃତି ର ଲୁହ

ତୁମେ ମାନବ ଶିକ୍ଷିତ

ହୋଇ ବୋକା ରେ

ଜନେ ଉଠ

ପଢିଛ ଅକ୍ଷର ଲେଖୁଛ ପାଠ

ପରିବେଶ କୁ କରୁଛ ଧ୍ୱଂସ

ଏତେ ପରେ ଚେତା

ପଶୁ ନାହିଁ ରେ ଜନ

ମରିବୁ ତୁ ଦିନେ ଶିକ୍ଷିତ ହୋଇ

ଅଶିକ୍ଷିତ କାମ କରୁ

ମନେ ପଡୁନାହିଁ ରେ ପ୍ରକୃତି ର

ବେଦନା ଚେତା ପଶିଲେ

ହୋଇବୁ ଭାଲେନା

ହୋଇବୁରେ ଚେତାଶୂନ୍ୟ

ଜାଗ ମାନବ ପରିବେଶ ବଞ୍ଚାଅ

ପ୍ରକୃତି ବଞ୍ଚିଲେ ହସିବ ଦୁନିଆ

ମୁହେଁ ହସିବ ତୋର ଓଠ

ଜନେ ଉଠ

ମୁଁ ଏଠି କହେ ଦୁନିଆ ଶୁଣେ

କହେ ମୁର୍ଖ ଏଇ ଟି

କି କହିବି ଜନେ ମୁର୍ଖ ମୁଁ ଏଠି

ଶିକ୍ଷିତ ଜନ ରେ ଗଣ

ଜନେ ଉଠ

ଜନେ ଉଠ

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରମାତ୍ମାରୁ ଆତ୍ମା



ସୁନିତା ପରିଡ଼ା

ପରମାତ୍ମା ତୁମେ କାହିଁ କଲ ଏହି ଆତ୍ମା କୁ ତୁମଠୁ ବିଚ୍ଛିର୍ଣ୍ଣ,

ବିଛିର୍ଣ୍ଣ ରୂପ ନେଇଛି ଏକ କୋଠର ସଂଘର୍ଷର ,

ସଂଘର୍ଷ ରେ ଅଛି କିଛି ହସ କିଛି ଲୁହ ର ଗାଥା ।

କିଛି ହସ କିଛି ଲୁହ ରେ ହୁଏତ ମୁ ଭୁଲି ଯାଉଛି ମୋ ପ୍ରକୃତ ପରିଚୟ,

ତଥାପି ଆଜି ମନେ ପଡିଛି ତୁମେ ମୋ ପ୍ରକୃତ ପରିଚୟ

ଯେଉଁ ପରିଚୟେ ଅଛି ପ୍ରକୃତ ଆନନ୍ଦ,

ଯାହା ଏହି ବିଚଳିତ ଆତ୍ମା କୁ ଦେଉଛି ସାନ୍ତ୍ୱନା ।

ତୁମଠୁ ଅଲଗା ରହିବା କେତେ ଯେ କଷ୍ଟ ବଖାଣି ପାରୁନି ମୁହିଁ ,

ତଥାପି ରହିଛି ଚାତକ ପରି ମୁଁ,

କେବେ ଏ ସଂସାର ଦାୟିତ୍ୱ ସାରି,

ମିଶିବି ମୁଁ ତୁମ ସଂଗେ ଯାଇ ।।

ତତ୍ତ୍ୱମସି

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କର୍ତ୍ତବ୍ୟ



ଦେବେନ୍ଦ୍ର ଭୁଏ

ତୋ ରଙ୍ଗ କ'ଣ
ମୋ ରଙ୍ଗ କ'ଣ
ଭିତର ରଙ୍ଗ ତ ଏକା
ଉଠାଇବୁ ଯଦି ଉଠା ତୋ ଦୃଷ୍ଟି
ସମତା ରଙ୍ଗକୁ ଦେଖା ।

ତୋ ଢଙ୍ଗ କ'ଣ
ମୋ ବ୍ୟଙ୍ଗ କ'ଣ
ଭାଷାର ଭାବ ତ ଏକା
ଉଠାଇବୁ ଯଦି ଉଠା ତୋ ଦୃଷ୍ଟି
ତୋ ଐକ୍ୟ ଭାବକୁ ଦେଖା ।

ତୋ ଜାତି କ'ଣ
ମୋ ଜାତି କ'ଣ
ଭାରତ ଜାତି ତ ଏକା
ଉଠାଇବୁ ଯଦି ଉଠା ତୋ ଦୃଷ୍ଟି
ତୋ ଜାତି ଟେକକୁ ଦେଖା ।

ତୋ ଭାଷା କ'ଣ
ମୋ ଭାଷା କ'ଣ
ଭାବର ଭାଷା ତ ଏକା
ଉଠାଇବୁ ଯଦି ଉଠା ତୋ ଦୃଷ୍ଟି
ପ୍ରେମର ଭାଷାକୁ ଦେଖା ।

ତୋ ଧର୍ମ କ'ଣ
ମୋ କର୍ମ କଣ
ପୁତ୍ରର କର୍ତ୍ତବ୍ୟ ଏକା
ଉଠାଇବୁ ଯଦି ଉଠା ତୋ ଦୃଷ୍ଟି
ମାତୃ ପ୍ରେମକୁ ଦେଖା ।

ଦୁଲମପୁର, ଅତାବିରା
ବରଗଡ
ମୋ ନଂ-୯୦୯୦୬୪୦୦୯୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆ ସକାଳ, ନୂଆ ଉଲ୍ଲାସ



ଆଶୁତୋଷ ମେହେର

ପୂରୁବ ଦିଗରେ ଆରୁଣିମା ଖେଳେ
ଆଲୁଅ ଫୁଆରା ମେଲି
ହସି ହସି ନୂଆଁ ସକାଳ ଉତୁରେ
ମନରେ ଚମକ ବୋଳି ।

ନୂତନ ଭାବନା ନୂତନ କାମନା
ନୂତନତା ଚଉଦିଗେ
କାକଳି କୁଜନ ଫୁଲ ଶୀହରଣ
ଶୀତଳ ପବନ ରାଗେ ।

ମନ୍ଦ ମନ୍ଦ ବାସ ନୂତନତା ବେଶ
ଆକାଶୁଁ ପବନ ମାଟି
ନୂତନ ଉଲ୍ଲାସ ମାଦକତା ଭରେ
ପ୍ରେମର ସଂଗୀତ କାଟି ।

ତରୁଲତା ଅଙ୍ଗେ ପତର ପତରେ
ସ୍ନେହଭରା ହସ ଧାର
ରଙ୍ଗ ଭରି କେତେ ମହକେ କହଁରେ
ଫୁଲର ଚାଙ୍ଗୁଡି ଭାର ।

ଚଉ ଦିଗେ ନୂଆଁ ପୁଲକ ଜେଛନା
ନୂଆଁ ସକଳର ରୀତି
ମନ ଅଗଣାରେ ପ୍ରତିଧ୍ୱନି ଖେଳେ
ନୂଆଁ ଉଲ୍ଲାସର ଗୀତି ।

୫୪ ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ
ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ : ୯୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଞ୍ଚଗନୀ ଗିରିମାଳା



ପ୍ରଫୁଲ୍ଲ କୁମାର ପାଣି

ଝୁରେ ପଞ୍ଚଗନୀ କାନ୍ଦେ ଗିରିମାଳା
ପ୍ରତିଧ୍ୱନି ତା'ର ପ୍ରତିଟି ମେଖଳା
ବୃକ୍ଷଲତା ଘେରା ସୁଶୀତଳ ଛାୟା
ବାପୁଙ୍କର ଗ୍ରୀଷ୍ମ ନିବାସ ମେଖଳା
କାନ୍ଦେ ପଞ୍ଚଗନୀ ତା'ର ଛାୟାମାଳା ।

ଦିଲ୍ଲୀର ଉତ୍ତାପ ସାଥୀଙ୍କ ଉତ୍ତାପ
ଦେଶ ବିଭାଜନ କ୍ଷମତା ପ୍ରକୋପ
ସଙ୍କଟୁ ଭୁଲିବା ପାଇଁ
ବୃଦ୍ଧ କାଳରେ ଭଗ୍ନ ମନୋରଥେ
ପଞ୍ଚଗନୀ ଗଲେ ଧାଇଁ
ନିଃସଙ୍ଗ ବିଶ୍ରାମ ପାଇଁ ।

ଇସ୍ପାତରେ ଗଢା ଯାହାଙ୍କର ଛାତି
ଭାଙ୍ଗି ପାରେ ନାହିଁ ପ୍ରଚଣ୍ଡର ଶକ୍ତି
ମୁକୁଟ ବିହିନ ଭାରତ ସମ୍ରାଟ
ସେ ଆଜି ନିଃସଙ୍ଗ, ନାହାନ୍ତି ଘନିଷ୍ଠ ।

ଅଖଣ୍ଡ ଭାରତ ରାମରାଜ୍ୟ ସ୍ୱପ୍ନ
କ୍ଷମତା କନ୍ଦଳ କରିଦେଲା ଭଗ୍ନ
କରଛଡା ଦେଲେ ସାଥୀ ସହଯୋଗୀ
ପଦ ପଦବୀର ହେବା ପାଇଁ ଭୋଗୀ ।

ଅହିଂସା ପୂଜାରୀ ସତ୍ୟାଗ୍ରହୀ ଆତ୍ମା
ଅଟଳ ଅଚଳ ଦୃଢ ତାଙ୍କ ବାର୍ତ୍ତା
ଦେଶ ବିଭାଜନେ ରାଜି ହେଲେ ନାହିଁ
ହିନ୍ଦୁ ମୁସଲିମ ଆମେ ଭାଇ ଭାଇ ।

ପଞ୍ଚଗନୀ ଗିରି ମେଖଳା କୋଳରେ
ବେପରୁଆ ଠାଣି ହାଲୁକା ମନରେ

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଥୀ ଏକ ଢାଳ ଖଣ୍ଡିଏ ଦଉଡି
ଗାମୁଛାରେ କିଛି ଅଟା ଲୁଣ ଭିଡି ।

ଘୂରନ୍ତି ଗାନ୍ଧୀଜୀ କାନ୍ଦେ ପଞ୍ଚଗନୀ
କାଠ ଖୋଜି ଆଣି ଧରାଅନ୍ତି ଅଗ୍ନି
ନିଜ ହାତେ ନିଜେ ଅଟାକୁ ଚକଟି
ସେଇ ଅଗ୍ନି ଧାସେ ଶେକିଥାନ୍ତି ରୁଟି ।

ଅବିଚଳିତ ସେ ଅହିଂସା ଅନ୍ତର
ସମ୍ପୂର୍ଣ୍ଣ ଏକାକି ସଙ୍ଗତେ ଈଶ୍ୱର
ମୁକୁଳା ସେ ଆଜି ମୁକ୍ତ ବିହଙ୍ଗ
ଆଉ ଲୋଡା ନାହିଁ ବାପୁଜୀ ମହକ ।

ନିଜ ସାମ୍ରାଜ୍ୟର ଅଧିଶ୍ୱର ପଣେ
ଚାଲନ୍ତି ମହାତ୍ମା ବେପରୁଆ ପ୍ରାଣେ
ସାଖି ପଞ୍ଚଗନୀ ସାଖି ଗିରିମାଳା
ପ୍ରତିଧ୍ୱନି ଛଳେ ଲୋଟିଛି ମେଖଳା ।

କାମାକ୍ଷାନଗର
ମୋ: ୬୩୭୨୪୫୯୭୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇନ୍ଦ୍ରଧନୁର ଛିଟାରେ ଜୀବନର ସ୍ୱପ୍ନ



ଭାସ୍କର ଚନ୍ଦ୍ର ଖଣ୍ଡା

ମନଟା କାହିଁକି ଅବୁଝା ଲାଗୁଛି
ଭାବ ପ୍ରବଣରେ ହୃଦୟ ଭିତରେ
ଜୁଆରଟା ସତେ ଖୋଲିକି ଯାଇଛି
ଦେଖୁଛି ମୁଁ ସେଇ ଦୂର ଦିଗ୍ ବଳୟ
ବରଷାର ସେଇ ଅମୋଘ ଛିଟାରେ
ସଜାଇ ତା ରୂପ ସପ୍ତରଙ୍ଗରେ
ସଦ୍ୟ ସକାଳର ଉଇଁବା ସୂରୁଜ
ଆସନ୍ନ ସନ୍ଧ୍ୟାର ଲାଳିମା ଭିତରେ
ତା ତେଜ ପ୍ରକାଶ ଝାଉଁଳି ଯାଇଛି ।୧ ।

ଏଇ ପରା ଅଟେ ଦୁନିଆର ରୀତି
ତୁଟିଯାଏ ମୋହ ବନ୍ଧନର ପ୍ରୀତି
ଫୁଟି ଯିବା ପରେ ଫୁଲ କଢ଼ିଟିଏ
ଧିରେ ଧିରେ ସିଏ ମଉଳିବି ଯାଏ
ସମୟର ତାଳେ ହୋଇ ବୃନ୍ତଚ୍ୟୁତ
ଝୁରେ ଅବା ତା'ର ସ୍ୱର୍ଣ୍ଣିମ ଅତୀତ
ପାଏନା ତ ଫେରି ଆଉଥରେ ସିଏ
ମାଟିର ସେ ଦେହ ମାଟିକୁ ତ ଯାଏ ।୨ ।

ନିରାଟ ସତ୍ୟର ଅମର କାହାଣୀ
ଯାଏ ଚାଲି ଦେହ ରହେ ତା'ର ବାଣୀ
ଯେପରି କରମ କରିଥାଏ ଯିଏ
ସେଇପରି ପରା ଫଳ ଏଠି ପାଏ ।୩ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫୁଲର କଢ଼ିତ ଦେଖିବ ସପନ

ଫୁଟିବାକୁ ଦିନେ ରଖିବ ତା ମନ

ବାସନାଟି ତା'ର ଯେବେ ଚହଟିବ

ସଭିଙ୍କ ଆଦର ସମ୍ମାନ ପାଇବ

ଜନମ ମରଣ ପାଇ ଜୀବନରେ

ସେପରି ଭାବନା ରଖୁ ତା ମନରେ ।୪ ।

କ୍ଷଣସ୍ଥାୟୀ ଏଠି ଜୀବନ ଭଂଗୁର

ଯିବ ଚାଲି ଦିନେ ପାର୍ଥିବ ଶରୀର

ସଜାଉ ସପନ ନୀଳ ଆକାଶର

ପଡୁ ଛିଟା ସେଠି ଇନ୍ଦ୍ରଧନୁର

ସପ୍ତରଙ୍ଗର ସୁନେଲି କିରଣ

ଢାଳି ଦେଇ ଯାଉ ତା'ର ଆଚରଣ

ଜୀଇ ଥିବା ଯାଏ ଦେଖୁ ସେ ସପନ

ସାର୍ଥକ ହେଉ ତା ମଣିଷ ଜୀବନ ।୫ ।

ଭାସ୍କର ଚନ୍ଦ୍ର ଖଣ୍ଡା

ରୋଡ ନଂ ୩,ଜଗନ୍ନାଥ ନଗର

ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ପ୍ରଦୂଷିତ



ଅନନ୍ତ ପଟେଲ

ପ୍ରକୃତି ଆଜି ଅସହ୍ୟ କରେ
ପ୍ରଦୂଷିତ ଜଳେ ,
ଅଳିଆ ଆବର୍ଜ୍ଜନା ଫୋପଡୁଛନ୍ତି
ଆଜି ନଦୀ ପୁଷ୍କରିଣୀ ତଟେ ।
ଶିକ୍ଷିତ ହୋଇ ମଣିଷ ଆଜି
ମୂର୍ଖ କାମକରେ ,
ନିଜ ଜୀବନ କୁ ନିଜେ ଆଜି
ସଂସରରୁ ତରେ ।
ବାୟୁ ପ୍ରଦୂଷିତ ହୋଇ
ଜୀବନ ବିକଳ ହୁଏ ,
ସୁଖ ନାହିଁ ଜୀବନସାରା
ଶ୍ୱାସ ରୋଗ ମାରେ ।
ସ୍ୱାର୍ଥପର ମଣିଷ ଟା ଗଛ କୁ ହାଣି
ନିଜେ ନିଜକୁ ମାରେ ,
ନଦୀ ନାଳ ମଳିନ ହୋଇ
ଗଙ୍ଗା ନଦୀରେ ମିଶେ ।
ମନୁଷ୍ୟ ପ୍ରଦୂଷିତ ଜଳ ବାୟୁରେ
ଅନେକ ରୋଗେ ଗ୍ରାଶେ ,
ମାନବ ଆଜି ଦାନବ ସାଜି
ଅନ୍ୟକୁ ଦୋଷେ ।

ଅନନ୍ତ ପଟେଲ
କଦଳୀମୁଣ୍ଡା, କଳାହାଣ୍ଡି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗରିବର ସ୍ୱପ୍ନ



ରାମଚନ୍ଦ୍ର ପ୍ରଧାନ

ଗରିବର ସ୍ୱପ୍ନ  ଧୂଳିସାତ୍ ଆଜି
ଦାରିଦ୍ର୍ୟର କଷାଘାତେ
ତେଲ ଲୁଣର ତା' ଅଭାବି ସଂସାର
ଭୋକ ଉପାସରେ ବିତେ ।
ପେଟ ଭୋକ ପାଇଁ  ନିତି ଝୁରି ମରେ
ରକତକୁ ଝାଳ କରି
ଭଙ୍ଗା ଚାଳଘରେ  ମୁଣ୍ଡ ଗୁଞ୍ଜିଥାଏ
ବହୁ କୁଟୁମ୍ବକୁ ଧରି ।
ସ୍ୱଳ୍ପ ରୋଜଗାର  ତା' ବାଟ ଆଗୁଳେ
ସ୍ୱପ୍ନରେ ବାଧକ ସାଜି
ତଥାପି ସେ ଦେଖେ  ନିଇତି ସପନ
ନିଘୋଡ଼ ନିଦରେ ହଜି ।

ଗରିବର ସ୍ୱପ୍ନ  ମଉଳି ତ ଯାଏ
ଏ ସଂସାରେ ଫୁଲପରି
କେବେ ତା' ସପନ  ସତ ହୁଏ ନାହିଁ
ମନ ଯାହା ଯାଏ ମରି ।
ଜଂଜାଳ ଘେରରେ  ବାଟବଣା ହୋଇ
ଋଣସୁଝି ଦିନ ଯାଏ
ସପନ ଭିଡ଼ରେ  ବାସ୍ତବତା ଖୋଜି
ଖାଲି ଯାହା ଦୁଃଖ ପାଏ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୭୦୭୩୮୭୩୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଦ



ବିରଞ୍ଚି ନାରାୟଣ ମିଶ୍ର

ନିଦ ଏକ ସୁନ୍ଦରୀ ଝିଅଟିଏ ।

ତାକୁ ପାଇବାକୁ କେତେ ଚେଷ୍ଟା ଅପଚେଷ୍ଟା କରିଚେ ଆମେ ।

ସେ କିନ୍ତୁ ଚେଷ୍ଟାରେ ନା ଅପଚେଷ୍ଟାରେ ଆସେନି ।

ଆସେ ତା ଇଚ୍ଛାରେ,ଲୁଚି ଛପି ମନର ଅନ୍ଧାର ମୂଳକରେ ।

ଦେଖିବାର ବାହାନା ନେଇ ଆଲୁଅରେ ତାକୁ ଅସହ୍ୟ ଯନ୍ତ୍ରଣାରେ ଛଟପଟ କରିଦେଉ ।

କଥା କଣ ସେତିକିରେ ସରେ ?

ପରସ୍ତ ପରସ୍ତ ଆବରଣ,ବେଶ,ଭୂଷା, ଅଳଙ୍କାର,ଭାଷା,ସଭ୍ୟତା,ସଂସ୍କୃତି,

ଶିକ୍ଷା,ଦୀକ୍ଷା ସବୁକୁ ତାର ବିବସ୍ତ୍ର କରିଦେଉ ।

ପ୍ରତିବାଦ କରିପାରେନା ସିନା,

ଲାଜରେ ସରିଯାଏ ।

କେମିତି ଆସିବ ସେ ଆଉ ତୁମ ପାଖକୁ ?

ଦାମ୍ଭିକତାର ବଳ ଦେଖାଇ ଭିଡି ଆଣ ତୁମେ A C ପବନରେ ନରମ ଗଦିରେ ଓ ଡାକ୍ତରଙ୍କ

prescription ପୃଷ୍ଠାରେ ।

ଏମିତି କଲେ ସେ କଣ ଆସିବ ?

ହଁ ସେ ଆସେ ବାଧ୍ୟରେ ନିମିଷକ ପାଇଁ

ଧାରା ଦିଏନି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧାରା ବା କାହିଁକି ଦବ

କଣ ବିବସ୍ତ୍ର ହବା ପାଇଁ ?

ଯୁକ୍ତି  କର

ଯୁକ୍ତି ତୁମର ବଡ ଅସହ୍ୟ ।

କବାଟ ଝରକା ବନ୍ଦ କୋଠରୀ,

A C  ଥଣ୍ଡା ପବନ,ବହଳିଆ ନରମ ଗଦି ଓ ଦାମୀ ନାଇଲେନ ମାଶାରୀ ତଳେ ଲାଜ କଣ ଲାଗିବ ବିବସ୍ତ୍ର ହେବାରେ ?

ନିଦର ଏସବୁ ଦରକାର ନାହିଁ ।

ସେ ଚାହେଁ ତ କୋମଳ ବାହୁବନ୍ଧନ ଭିତରେ ଆନ୍ତରିକତାର ବଳିଷ୍ଠ ନୃଶସଂତା ଓ ନରମ ଓଠର ଗରମ ସ୍ପର୍ଶ ।

ଥରେ ଏମିତି ନିଦକୁ ଭଲ ପାଓ ତ

କେମିତି ସେ ଛାଡି ପଳାଇବ ?

କାଇଁ ମୋତେ ତ ଛାଡି ଯାଉନି

ସକାଳର ନରମ ଖରା ରେ ତାକୁ ମୁଁ ଦୁରେଇବାକୁ ଚେଷ୍ଟା କଲେ ବି,

ନିଜ ଅସଂଯତ ଅଙ୍ଗବସ୍ତ୍ରକୁ ସଜାଡୁ ସଜାଡୁ, ଜୋରରେ

ଜାବୁଡି ଧରି ମୋ ଚୁମା ଲୋଡୁ ଥାଏ ।

ମଲ୍ଲିପୁର(ନିଆଳ), ଖୋର୍ଦ୍ଧା, ଓଡ଼ିଶା

୯୪୩୯୦୧୧୦୬୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଟିକିଏ ହସିଦେଲି



ନେପାଳ କୁମାର ବେହେରା

ମୁଁ ଉଡୁଥିଲି ଜହ୍ନ ଆଲୁଅରେ,

ତୋଳିବାରେ ଲାଗିଥିଲି

ଦିକିଦିକି  ଜଳୁଥିବା ତାରାଫୁଲ ସବୁକୁ,

ଖୁବ୍ କୋମଳ ଥିଲେ ସେମାନେ

ମୋତେ ଅନେଇ

ମୁରୁକି ମୁରୁକି ବି ହସୁଥିଲେ ।

ପାଖକୁ ଡାକି ଆଲିଙ୍ଗନ କରୁଥିଲେ ।

ମୁଁ ଆବାକ୍ ହେଇଯାଉଥିଲି

ଏଇଥିପାଇଁ ଯେ,

ସେମାନେ ନିଜେଆସି

ମୋ ହାତର ଧରାଦେଉଥିଲେ ।

ହଠାତ୍ ,

ମୋବାଇଲ୍ ର କଲର୍ ଟ୍ୟୁନ୍ ବାଜିଉଠିଲା ।

ବସିପଡିଲି ।ପ୍ରକୃତିସ୍ଥ ହେଲି ।

ବୋଧେ ଏଇସବୁ ସ୍ୱପ୍ନଥିଲା ।।

ଯାହାହେଉ କେତେ ସୁନ୍ଦର୍ ଥିଲା

ସେଇ ସ୍ୱପ୍ନ,,

ସ୍ୱପ୍ନ ମିଛ ହେଉ ପଛକେ,

ତଥାପି ମୁଁ ଟିକିଏ ଖୁସିହେଲି ।।

ମୁଁ ମୁରୁକି ହସଟିଏ ହସିଦେଲି ।।

ଜାମୁଖୋଲ,କଣ୍ଟାମାଳ,ବୌଦ୍ଧ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁଖମୟ ଦାମ୍ପତ୍ୟ ଜୀବନ



ବାସନ୍ତୀଲତା ଜେନା

ପରିବାର ଏକ ଛୋଟ ଅନୁଷ୍ଠାନ
ସମାଜ ମଧ୍ୟରେ ଥାଏ
ପୁରୁଷ ରମଣୀ ବିବାହ କରିଲେ
ଦମ୍ପତିର ନାମ ନିଏ ।୧।

ସ୍ୱାମୀ ସ୍ତ୍ରୀ ମଧ୍ୟେ ସ୍ନେହ ପ୍ରେମ ଡୋର
ହୋଇ ଥାଏ ଚିର ସ୍ଥାୟୀ
ଭରଷା ବିଶ୍ୱାସ ଦୁହିଁଙ୍କ ରହିଲେ
ସମ୍ପର୍କ ତ କାଳ ଜୟୀ ।୨।

ଶାଶୁ ଶଶୁରଙ୍କୁ ଯେଉଁ ବହୂ ଭାବେ
ନିଜ ପିତା ମାତା ପରି
ନଣନ୍ଦ ଦେବର ଅଟେ ତା ନିଜର
ସ୍ନେହେ ରଖି ଥାଏ ଧରି ।୩।

ଯେଉଁ ପରିବାରେ ବହୂ ହୋଇ ଥାଏ
ନିଜ ଝିଅ ସମ ପରି
ସେହି ପରିବାରେ ଅମୃତ ବରଷେ
ସୁଖେ ଦିନ ଯାଏ ସରି ।୪।

ପୁତ୍ର କନ୍ୟା ମାନେ ଶିକ୍ଷା ଦୀକ୍ଷା ପାଇ
ହୋଇ ଥିଲେ ତ ସଂସ୍କାରି
ଗୁରୁଜନ ଆଜ୍ଞା ପାଳନ କରିଲେ
ସୁଖ ଶାନ୍ତି ଯାଏ ଭରି ।୫।

ନିଃସ୍ୱାର୍ଥ ପ୍ରେମରେ ବାନ୍ଧି ହୋଇ ଥିଲେ
ସେ ଘରେ ଲକ୍ଷ୍ମୀଙ୍କ ବାସ
ଆନନ୍ଦ ଉଲ୍ଲାସେ ଦିନ ବିତି ଯାଏ
କେହି ନ ହୁଅନ୍ତି ରୋଷ ।୬।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାମ୍ପତ୍ୟ ଜୀବନ ତ୍ୟାଗ ଭୋଗ ମାନ
ଅଭିମାନ ରହି ଥାଏ
ସମର୍ପଣ ସେବା  ନମ୍ରତା ସ୍ୱଭାବ
ସୁଖୀ ଦାମ୍ପତ୍ୟ ଯେ ଦିଏ  ।୭।

ପତି ପତ୍ନୀ ମଧ୍ୟେ ବୁଝା ମଣା ଥିଲେ
ଶାଶ୍ୱତ ପ୍ରେମ ହୁଅଇ
ଦାମ୍ପତ୍ୟ ଜୀବନ ସୁଖ ମୟ ହୁଏ
ଉତ୍ତମ ଦମ୍ପତି ସେଇ  ।୮।

ଗାନ୍ଧିନଗର, ନବରଙ୍ଗପୁର, ମୋ ୮୭୫୮୨୫୫୯୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ପ୍ରଦୀପ କୁମାର ସିଂହ

ଆକାଶରେ ମେଘ ଦିଶିଲା

ଘଡଘଡି ସହ ବିଜୁଳି ହେଲା ।।  (୧)

ସେ ବିଜୁଳି ମୋ ପ୍ରିୟାକୁ ଟାଣିଲା

ଆପେ ଆପେ ମୋ ପାଖକୁ ଆଇଲା ।।  (୨)

ପ୍ରିୟା ମୋର ପାଖକୁ ଧାଇଁ ଆସିଲା

ପ୍ରେମିକ ବିନା ସେ ରହି ନ ପାରିଲା ।।।  (୩)

ତା'ର ପାଉଜି ମୋ କାନରେ ବାଜିଲା

ମୋ କାନଭାସ ସ୍ୱର ଉତ୍ତୋଳନ କଲା ।।।  (୪)

ମୋ ପ୍ରିୟାର ମନ ନାଚି ଉଠିଲା

ଗୁଣୁ ଗୁଣୁ ହୋଇ ଗୀତ ଗାଇଲା ।।।  (୫)

ପ୍ରିୟାକୁ ଦେଖି ସ୍ୱପ୍ନ ମୋ ପୂରଣ ହେଲା

ତା ପ୍ରେମରେ ମତେ ଭିଜେଇ ଦେଲା ।।।  (୬ )

ମନର ଯେତେ କଥା ସେ କହିଦେଲା

ଏ ଜୀବନ ମୋର ସାର୍ଥକ ରୂପ ନେଲା ।।।  (୭)

ତା ହୃଦୟରେ ମୋ ପାଇଁ ଘରଟେ କଲା

ଏ ମୁହୁର୍ତ୍ତଟି ମୋ ପାଇଁ ମୂଲ୍ୟାବାନ ଥିଲା ।।  (୮)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଳାପାଟ ଓଢଣୀରେ ଘୋଡାଇଲା
ପ୍ରିୟାର ଦେହରେ ବର୍ଷା ଛିଟା ପଡିଲା । ।          (୯)
ସେ ଟୋପା ଟୋପା ଜଳ ସ୍ଫଟିକ ହେଲା
ମୋ ମନକୁ ଏ ବର୍ଷା ଛୁଇଁ ଦେଇଗଲା । ।          (୧୦)
କୁଆଡୁ ଯେ ସେ ଉଭେଇ ଆସିଲା
ଦେଖୁ ଦେଖୁ ପବନ ଭସାଇ ନେଲା । ।          (୧୧)

ପ୍ରଦିପ୍ କୁମାର ସିଂହ
ଗୁରୁ ଛାତ୍ର ଶିକ୍ଷକ
ସରଧାପୁର,କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଦବୋଧନ



ସୌମେନ୍ଦ୍ର ମହାନ୍ତି

ହେ ଯୁବ ସମାଜ କାହିଁ ତୁମେ ଆଜ
ହେଉଅଛ ପଥଭ୍ରଷ୍ଟ
ନିଜ ଭବିଷ୍ୟତ ନିଜର ମହତ
ନିଜେ କରୁଅଛ ନଷ୍ଟ ।।

କରି ମଦ୍ୟପାନ, ଚରସ ସେବନ
ମାଟିରେ ପଡୁଛ ଲୋଟି
ନିଜ ପରିବାର ନିଜର ଶରୀର
ଯମ କୁ ଦେଉଛ ଭେଟି ।।

ଛାଡି ନିଶାଦ୍ରବ୍ୟ କରହେ କର୍ତ୍ତବ୍ୟ
ହୋଇ ନିଷ୍ଠା ପରାୟଣ
ନିଜର ଇଜ୍ଜତ ଦେଶ ଭବିଷ୍ୟତ
ନିଜେ କରହେ ନିର୍ମାଣ ।।

ସିଂହ ଛୁଆ ହୋଇ ସିଂହ ଭଳି ତୁମେ
ଚାଲିବ ଛାତି ଫୁଲେଇ
ସୁକରମ କରି ସୁନାମ ଅରଜି
ସୌହାର୍ଦ୍ଦେ ଚାଲ ଆଗେଇ ।।

ତୁମ ବାହୁବଳେ ତୁମ ବୁଦ୍ଧି ବଳେ
ଅରଜିବ ଯଶ ଖ୍ୟାତି
ଦେଶର ଉନ୍ନତି ଦେଶର ପ୍ରଗତି
କରାଇବ ଅଗ୍ରଗତି ।।

ମାଆ ମାତୃଭୂମି ପାଦରେ ପ୍ରଣମି
ମାଡିଚାଲ ସୁପଥରେ
ନିଜ ହିତ ସହ ଦେଶର ହିତକୁ
କର୍ମ କର ଗରବରେ ।।

ରାଣୀଓଲା, କସର୍ଦା, କଟକ
ମୋ : ୯୫୮୩୨୦୫୮୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନିଫୁଲ




କ୍ଷୀରସିନ୍ଧୁ ନାୟକ

ରେ ଜହ୍ନିଫୁଲ
　　ପଞ୍ଚପାଖୁଡ଼ା ତନୁ ତୋର ।
ରେ ଜହ୍ନିଫୁଲ
　　ତୋ ସୌନ୍ଦର୍ଯ୍ୟ ଦେଖି ମନମୁଗ୍ଧ ମନ ମୋର ।
କେଉଁ କାଳେ କେଉଁ ସ୍ଥାନେ ଗଢ଼ିଲା ବିହି
　　ହଳଦିବସନ୍ତେ ଗଢା ତୋର ଦେହି ।
ମୁଁ ପ୍ରକୃତି ପ୍ରେମିକ ତୋତେ ଚାହିଁ
　　ତୋ ବିନା ମୋର ଅନ୍ୟଗତି ନାହିଁ ।
ପ୍ରଭାତେ ନ ଆସି ସଞ୍ଜରେ ତୋର ଶୋଭା କାହିଁ
　　ତୋ ଦର୍ଶନେ ଦର୍ଶକ ଏକଲୟେ ରହେ ଚାହିଁ ।
ରେ ପୁଷ୍ପ ଏ ସୁଭକାଳେ
　　ତୋ ସୌନ୍ଦର୍ଯ୍ୟରେ ସରି କେହିଁ ନାହିଁ ।
ବାସ୍ତବରେ ରେ ଜହ୍ନିଫୁଲ
　　କେଉଁ କାଳେ କେଉଁ  ସ୍ଥାନେ ତୋତେ ଗଢିଲା ବିହି ।
ତୋ ସୌନ୍ଦର୍ଯ୍ୟର ବର୍ଣ୍ଣନାରେ
　　କି ଉପମା,କି ଅଳଙ୍କାର ଦେଇ ଲେଖିବି ସନ୍ଦେହ କାହିଁ ।
　　ମାତୃଭୂମି ମାତୃଭାଷାକୁ ଭଲପାଉଥିବା
　　ଜଣେ ପ୍ରକୃତି ପ୍ରେମିକ

ଗ୍ରାମ-ପିପଲଖାପର (କରାଡଙ୍ଗରୀ ପଡା)
ପୋଷ୍ଟ -ଗୋତମୁଣ୍ଡା, ବ୍ଲକ-କୋକସରା, ଭାୟା-ପର୍ଲା , ଜିଲ୍ଲା-କଳାହାଣ୍ଡି (ଓଡିଶା), ୭୬୬୧୦୩, ୮୨୬୦୩୪୮୫୭୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଆଉ ତୁମେ



ଲିଟନ୍ କୁମାର
ବେହେରା

ତୁମେ କାସତଣ୍ଡି ଫୁଲର ଖିଲି ଖିଲି ହସ
ମୁଁ କେବଳ ଦୂର ପାହାଡ଼ର ସୁନ୍ଦର ଦୃଶ୍ୟ
ତୁମେ ସହିବାର ସିମାହିନ ପଥରଟା
ମୋ ଭିତରେ ଖାଲି କଣ୍ଟା ଆଉ କଣ୍ଟା ....... !୧ !

ମୁଁ ଲଘୁଚାପ ବର୍ଷା ମାତ୍ର କେଇଟା ଦିନ
ତୁମେ ସବୁଦିନିଆ ଆକାଶେ ଶୀତଳ ଜହ୍ନ
ମୁଁ ପ୍ରେମର ନା ରେ ଗୋଟେ ମରୀଚିକା
ତୁମେ ବିଶ୍ୱାସର ଏକ ନୂଆ ଉପତ୍ୟାକା ........... !୨ !

ମୁଁ ମାଘ ମାସ ଜାଡ ତୁମଠି ଦାଉ ସାଧେ
ତୁମେ ଫାଲଗୁନ ଫଗୁ ମୋ ଦେହରେ
ମୁଁ ଘିଅ ଢାଳେ ବିରହ ନିଆଁରେ
ତୁମେ ତଥାପି ହସ କୁହୁଳି ଜଳିବାରେ ............ !୩ !

ମୁଁ ପ୍ରୟାସ କରେ ତୁମକୁ ସଜେଇବାକୁ
ଶବ୍ଦ ଗହଣା ଦେଇ  ମୋ କବିତାରେ
ତୁମେ ଶବ୍ଦ ମାନ ସବୁ ଫିକା କରିଦିଅ
ବାସ ତୁମର କେଇଟୋପା ଲୁହ ବର୍ଷାରେ  ......... !୪ !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଖୋଜୁଛି



ଅଜୟ କୁମାର ଜେନା

ଏବେ ଏବେ ମୋ ପ୍ରତ୍ୟୁଷ ସାରା
ବହଳ ବହଳ ଧୂଆଁର ଆସ୍ତରଣ,
ସେ ଧୂଆଁରେ ମୁଁ ଅହରହ
ତୁମ ପ୍ରତିବିମ୍ବକୁ ଆଙ୍କୁଛି ।

ଆଙ୍କି ଆଙ୍କି ନିସ୍ତେଜ ପ୍ରାୟ
ମୋ ଶରୀରର କୋଷମାନେ,
ଦେଖୁନ ବିନ୍ଦୁ ବିନ୍ଦୁ ରକ୍ତ ଏବେ
ଚନ୍ଦ୍ରକଳାରେ ସ୍ଥାନ ଖୋଜୁଛନ୍ତି ।

ମୋ ପାରିବା ପଣରେ ତ'
ମେଞ୍ଚା ମେଞ୍ଚା ଅଳନ୍ଧୁ ବୋଳା,
ସେଥିପାଇଁ କୃଷ୍ଣପକ୍ଷ ଅନ୍ଧାରକୁ
ମୁଁ କେବେଠୁ ଆବୋରି ବସିଛି ।

ଅଜଣା କୀଟର ଦଂସନରେ
ମୁଁ ଏବେ ନିରବି ଯାଇଛି,
ନା ମୁଁ ଚାଲିପାରୁଛି-
ନା ଇନ୍ଦ୍ରଧନୁକୁ ଦେଖି
ଖୁସି ହୋଇପାରୁଛି ।

ମୋ ସ୍ୱପ୍ନର ବେଳାଭୂମିରେ
ଏବେ ବିଚ୍ଛେଦର ବାଲିଝଡ଼ ଉଠିଛି,
ସେ ଝଡରେ ମୋ ସ୍ୱପ୍ନ ନୀଡ଼ଟା
ଭାରସାମ୍ୟ ହରାଇ ଭୁଶୁଡି ଯାଇଛି ।

ଆଉ ମୁଁ,
ସେ ଭସ୍ମୀଭୂତ ପାଉଁଶ ତଳେ
ଚିରଦିନ ପାଇଁ ମୁଣ୍ଡ ପୋତିଛି,
ଉଠିବି କି ନାଁ ଜାଣେନା ?
ତଥାପି ମୁଁ ଅହରହ ତୁମକୁ ଖୋଜୁଛି,
ହଁ, ମୁଁ ଏବେବି ତୁମକୁ ଖୋଜୁଛି ।

ବଡ଼ରମ୍ପାସ,କେନ୍ଦୁଝର
୬୩୭୨୨୬୦୪୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୃଥିବୀ



କାହ୍ନୁଚରଣ ସାହୁ

ସହିଛି କେତେଯେ ଯାତନା ବେଦନା
ଯୁଗେ ଯୁଗେ ମୁକ ସାଜି
ପ୍ରତିରୋଧ କେବେ କରିନାହିଁ ଜମା
ବିଷାକ୍ତ ହୋଇଛି ଆଜି ।

ବକ୍ଷରେ ବୋହିଛି କେତେ ଜୀବଜନ୍ତୁ
କେତେ ଜାତିର ଯେ ବୃକ୍ଷ
କେତେ ନଦୀ ହ୍ରଦ ସାଗର ପର୍ବତ
ଦେଖାଇ ତାହାର ଦକ୍ଷ ।

ନୂଆ ଯୁଗ ସାଥେ ତାଳ ଦେଇ ସିଏ
ବଦଳି ଚାଲିଛି ସଦା
ପ୍ରଦୂଷିତ ଆଜି ତା ସାରା ଶରୀର
ବୁଝନ୍ତିନି କେହି ବ୍ୟଥା ।

କେତେ ମୂଲ୍ୟବାନ ନାନା ଜାତି ଦ୍ରବ୍ୟ
ଶରୀରେ ତାହାର ପୂର୍ଣ୍ଣ
ମନ ମୋହିନୀଏ ପ୍ରକୃତି ସୌନ୍ଦର୍ଯ୍ୟ
ଆକାଶ ଛାତିର ଜହ୍ନ ।

କାହାକୁ କରିନି ପର ଆପଣାର
ସଭିଏଁ ନିଜର ତାର
ପ୍ରତି ମୁହୂର୍ତ୍ତରେ ପ୍ରଦୂଷିତ କରେ
ଗର୍ବ ବହି ହୃଦେ ନର ।।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ସମ୍ପାଦକ- ସୃଷ୍ଟି ସମ୍ଭାର
ମୋ: ୮୨୪୯୫୨୦୮୮୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଉଥରେ ଆସ ଫେରି



ଶାନ୍ତନୁ କୁମାର ରାଉତ

ମାନବ ଜାତିଯେ ପାଷାଣ ହେଲାଣି
ଖେଳନ୍ତି ରକ୍ତର ହୋରି
ଏଠି ଦେଶ ଜାତି କଥା ବୁଝନ୍ତିନି କେହି
ଅବତର ତୁମେ ଏ ଧରା ପୃଷ୍ଠରେ
ମୁକ୍ତି ର ମଶାଲ ଧରି ........
ବିସ୍ମୟ ବ୍ୟକ୍ତିତ୍ୱ ହେ ପୂଜ୍ୟ ଗାନ୍ଧିଜୀ
ଆଉ ଥରେ ଆସ ଫେରି
ଆଉ ଥରେ ଆସ ଫେରି. ! !

ପ୍ରଚେଷ୍ଟାରେ ତୁମେ ଇଂରେଜ ଶାସନ
ଦେଇଥିଲ ବିଦା କରି
ଡର ଲାଗେ ଏବେ ଏ ସଂସାରର ନାବ
ଡୁବିବା ସମୟେ
କିଏ ସାଜିବ ନାଉରି .......
ବିସ୍ମୟ ବ୍ୟକ୍ତିତ୍ୱ ହେ ପୂଜ୍ୟ ଗାନ୍ଧିଜୀ
ଆଉ ଥରେ ଆସ ଫେରି
ଆଉ ଥରେ ଆସ ଫେରି. ! !

ସତ୍ୟ, ଧର୍ମ, ନ୍ୟାୟ, ଶିଖେଇଛ ତୁମେ
ସମସ୍ତଙ୍କୁ ଏକ କରି
ଅହିଂସାର ବାନା ଉଡେଇଛ ତୁମେ
ଦେଶକୁ ସ୍ୱାଧୀନ କରି
ଆହେ ସତ୍ୟ ନାବର ନାଉରି .....
ବିସ୍ମୟ ବ୍ୟକ୍ତିତ୍ୱ ହେ ପୂଜ୍ୟ ଗାନ୍ଧିଜୀ
ଆଉ ଥରେ ଆସ ଫେରି
ଆଉ ଥରେ ଆସ ଫେରି. ! !

ନୂଆସାହି, ପାଟରଙ୍ଗା, ଯାଜପୁର
୯୮୬୧୭୫୧୯୮

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଘାଗରା



ଯତିନ୍ଦ୍ର ସ୍ୱାଇଁ

ସବୁଜିମା ଭରା କ୍ଷେତ୍ରର ମଧ୍ୟରେ
ଘାଗରା ନଦୀର ବାଟ
ଘାଗରା ନଦୀର ଦୁଇ କୂଳେ ହୁଏ
କାଶତଣ୍ଡୀ ଫୁଲ ଭେଟ ।(୧)

ଅଗଷ୍ଟ ମାସରୁ ଅକ୍ଟୋବର ଯାଏ
ଅକାତ କାତତା ପାଣି
କଳା ଭଅଁରର ଭଉଁରୀ ଖେଳାଇ
ଭାଙ୍ଗେ ଜୀବଙ୍କର ଠାଣି ।(୨)

ଭୟଙ୍କର ରୂପ ଗର୍ଭରେ ତାହାର
ସଙ୍କିତ ହୁଅଇ ପ୍ରାଣୀ
କୂଳ କିନ୍ତୁ ତାର ସୌନ୍ଦର୍ଯ୍ୟର ସାର
କାଶତଣ୍ଡୀ ନିଏ କିଣି ।(୩)

ଫେଣାୟିତ ଢେଉ ଗର୍ଜନ ସାଙ୍ଗକୁ
କୋହଲା ପବନ ପାଣି
ଠାଏ ଠାଏ ପୁଣି କାଶତଣ୍ଡୀ ଫୁଲ
ନିଏ ହୃଦୟକୁ କିଣି ।(୪)

ସୁଉଚ୍ଚ ପାହାଡ ସ୍ୱର୍ଣ୍ଣଚୂଡ ପୁଣି
ପୂର୍ବରେ ଦଣ୍ଡାୟମାନ
ସୁନ୍ଦର ସେତୁଟି ନଦୀ ଗର୍ଭପରେ
ବସିଛି ମୁଁ କେତେ କ୍ଷଣ ।(୫)

ସେତୁର ପାର୍ଶ୍ୱରେ ଛୋଟ ମନ୍ଦିରଟି
ନିଏ ହିନ୍ଦୁ ମନ କିଣି
ବାଟୋଇ ପିଢ଼ୁରେ ଯାଉଥିବା ବେଳେ
ନମେ ତାରିଣୀଙ୍କୁ ଜାଣି ।(୬)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱର୍ଣ୍ଣଚୂଡ କୋଳେ ଯେତେ ବନ୍ୟପ୍ରାଣୀ
ସେବନ୍ତି ତାହାର ପାଣି
ଆନନ୍ଦେ ବିହାରୀ ପ୍ରଭାତ ହୋଇଲେ
ଫେରନ୍ତି ପାହାଡେ ପୁଣି ।(୭)

ବାଲେଶ୍ୱର ଜିଲ୍ଲା ସୋନ ନଦୀର ଏ
ଶାଖା ନଦୀଟିଏ ଅଛି
ସାତଘାଟି କୋଳ ଉତ୍ପତି ତାହାର
ଲୋକ ମତ ପ୍ରଚଳିଛି ।(୮)

ପତିତପାବନି ଘାଗରା ନଦୀଟି
ଗ୍ରୀଷ୍ମରେ ହରାଏ ଦୁଃଖ
କ୍ଷେତ୍ରରେ କୃଷକ ପାଇ ପାଣି ତାର
ଉଠାଏ ରବିର ସୁଖ ।(୯)

ମଛୁଆ ଅଯୋଧ୍ୟା ମଝିରେ ନଦୀଟି
ପ୍ରବାହିତ ହୋଇଅଛି
ସେହି ନିକଟସ୍ଥ ସେତୁରେ ବସିମୁଁ
କବିତାଟି ଲେଖୁଅଛି ।(୧୦)

ସା-: ଗୋଡିଶ୍ୱଳ ପୋଷ୍ଟ -:ଜାମୁଡିହା
ଜିଲ୍ଲା -: ବାଲେଶ୍ୱର (୭୫୬୦୪୧)
ଦୁରଭାଷ -: ୭୭୮୨୮୬୪୪୫୧/
୯୪୩୭୭୭୫୭୩୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ଶିବଶଙ୍କର



ବୈଦ୍ୟନାଥ ପଣ୍ଡା

ସଙ୍କଟ ପଡିଲେ ଯେତେ ଦୂରେ ଥିଲେ
ଡାକେ ଯିଏ ଭକ୍ତି କରି
ଧାଇଁଆସ ତୁମେ କୈଳାଶ ଗିରୀରୁ
ତୁମେ ପ୍ରଭୁ ଦୁଃଖ ହାରି
ପଡିଛି ସଙ୍କଟେ ଡାକୁଛି ଉଚ୍ଚାଟେ
ରଖ ରଖ ଶୂଳଧାରୀ
ତ୍ରିଶୂଳ ଧାରଣ କାମାଙ୍ଗ ନାଶନ
ଆହେ ପ୍ରଭୁ ପଞ୍ଚାନନ
ବିଭୁତି ଭୂଷଣ ଭୁଜଙ୍ଗ ଧାରଣ
ସତ୍ୟ ଶିବ ସନାତନ
ଦିନୁ ଦିନୁ ଦିନ ବଢେ ମୋ କଷଣ
ଦୁଃଖ ସମ୍ଭାଳି ନପାରି
ବିକଳେ ଡାକୁଛି ବେନି କର ଯୋଡି
ଆଶୁତୋଷ ନାମ ଧରି

ଅଳପେ ସନ୍ତୁଷ୍ଟ ହୋଇ ପ୍ରଭୁ ତୁମେ
ଦୁଃଖ ହାରିବ ମୋହରି
ଯାଉଛି ପରାଣ ଉମାର ରମଣ
ପ୍ରଭୁ ତୁମେ ରକ୍ଷା କର
ଅନାଥର ନାଥ ବାବା ବୈଦ୍ୟନାଥ
ଦାସାନୁଦାସ ମୁଁ ତୋର
ଦାସ ଗଲେ ନାଶ ଅର୍ଜିବ କି ଯଶ
କୁହ ହେ ପିନାକ ଧାରୀ
ହେ ଚନ୍ଦ୍ରଶେଖର ମହାଦେବ ହର
ଧିକ ଏ ନାମ ତୋହରି
ତତେ କରି ଆଶା ହେଲି ଲୋକ ହସା
କି, ବଡ଼ ପଣ ତୋହରି.

ଅବଦଲ ପୁର, ଯାଜପୁର.
ଦୂରଭାଷ- ୯୪୩୯୮୫୪୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିଉଳୀ ଫୁଲର ଗୀତ



ସୌମ୍ୟରଞ୍ଜନ ପାଲ

ମେହେନ୍ଦୀର ହାତ ଅଳତାର ପାଦ ନାକେ ନୋଥ ନାଇ ଆସ
ହଳଦୀ ମୁହଁକୁ ଧଳା ନାଲି ଶାଢ଼ୀ ସାଥିରେ ଗହନ କେଶ
ଦୁଇହାତେ ଶୂଳ ଦଶହାତେ ବଳ ଦେଖି ଅନଳ ନୟନ
ଶିଉଳି ଫୁଲର ଚାଦର ବିଛାଇ ଅପେକ୍ଷାରେ ଆଜି ମନ ।।

ରାତିର ଅନ୍ଧାରେ ଦିଗନ୍ତ ବିସ୍ତାରି କେତେ ଚହଟାଅ ବାସ
କରିଣ ଆଘ୍ରାଣ ହୋଇ ମୋହଗ୍ରସ୍ତ ମଣିଷ ହୁଏ ଅବଶ
କାନେ ବାଜିଉଠେ ଆଗମନୀ ବାଣୀ ଖେଳାଏ ଯେ ଶିହରଣ
ପ୍ରଦୀପ ଜଳାଇ ଭକତି ଝରାଇ ବାଟ ଚାହିଁଛନ୍ତି ଗଣ ।।

ପଡ଼ଇ କାକଳୀ ଝଡ଼ଇ ଶେଫାଳି ସତେ ଚୁନା ତାରାଫୁଲ
ବଢ଼ଇ ସ୍ପନ୍ଦନ ହୃଦୟର ଯେନ ବାଜଇ ମାଦଳ ଢୋଲ
ଖଡ୍ଗହସ୍ତା ଆଜି ବିନାଶରେ ହଉ ଜଗତୁ ପାପ ନିଶ୍ଚିହ୍ନ
ସକାଳର ସେଇ ପହିଲି କିରଣେ ଦିଶିଯାଉ ପାଦଚିହ୍ନ ।।

କରିଣ ଆଞ୍ଜୁଳି ଦୁଇ ହାତ ଯୋଡ଼ି ଭରି ଶିଉଳି ଫୁଲରେ
ଦେବୀଟେ ଆସିବ କେବେ ଜୀବନରେ ଅଜାଡ଼ିବି ତା' ପାଦରେ ।?

ଗ୍ରାମ/ପୋ: - ବଡ଼ଶୋଳ, ଥାନା - ଝାରପୋଖରିଆ
ଜିଲ୍ଲା - ମୟୂରଭଞ୍ଜ, ପିନ - ୭୫୭୦୮୬
ମୋ- ୯୯୩୭୮୮୯୮୩୩

Magazine Downloaded from www.aahwaan.com

# ମୋ ଗାଁ ତାଳପଦା



କମଳ ଲୋଚନ
ମଲ୍ଲିକ

ଗଗନ ଚୁମ୍ବନେ  ମଳୟ ପବନେ
ପ୍ରଫୁଲ୍ଲିତ ହୁଏ ମନ,
ନଇ କୁଳୁ ନାଦେ  ସିନ୍ଧୁର ଶବଦେ
ନାଚିଉଠେ ଏଠି ଜହ୍ନ  ।

ବସନ୍ତର ଶବ୍ଦ  କୋଇଲିର ଗୀତ
ପ୍ରକୃତିର ବରଦାନ,
କାଶତଣ୍ଡି ଫୁଲ  ସଜ କ୍ଷେତ ଦୃଶ୍ୟ
ମୋ ଗାଆଁର ପାଦଚିହ୍ନ  ।

ଗ୍ରାମ ଶିବାଳୟ  ମଙ୍ଗଳା ମନ୍ଦିର
ଅଟଇ ଭକ୍ତିର ଉତ୍ସ,
ସକାଳ ଆରତୀ  ସନ୍ଧ୍ୟା ଶଙ୍ଖଧ୍ୱନି
ଭକତ ସୁଅ ଅଜସ୍ର  ।

ମକର ଯାତରା  ରଜର ପସରା
ଘର ଉତ୍ସବମୁଖର,
ଜାଗର ଗହଳି  ରଥଯାତ ମେଳି
ସାଙ୍ଗ ମେଳେ ଜୀବ ସାର  ।

କ୍ରିକେଟ ସାଥିରେ  ଭଲିବଲ ଖେଳ
ଦେଖେ ଉତ୍ସାହ ପ୍ରବଳ,
ଭ୍ରାତୃଭାବ ଆଉ  ପ୍ରେମଭାବ ନେଇ
ଗ୍ରାମ ସ୍ୱନିର୍ଭରଶୀଳ  ।।

ଗ୍ରାମ - ତାଳପଦା, ପୋ:- ଦ୍ୱାରିକା
ଜିଲ୍ଲା - ବାଲେଶ୍ୱର, ପିନ୍ - ୭୫୬୦୪୪
ଦୂରଭାଷ - ୬୩୭୦୦୧୫୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ ଅବିଶ୍ୱାସ



ବାଲାଜୀ ସେଠୀ

ବିଶ୍ୱାସ ମୂଳରେ ଏ ସାରା ଜଗତ
ଅର୍କ, ଚନ୍ଦ୍ର ଆତଯାତ
ସତ୍ୟ ପଣେ ବନ୍ଧା ଅଥଳ ସାଗର
ମଉନ ବସେ ପର୍ବତ ।
ସମ୍ପର୍କ ଖିଅରେ ଗୁନ୍ଥା ଏ ସଂସାର
ବିଶ୍ୱାସରେ ହୁଏ ଦୃଢ଼
ଅବିଶ୍ୱାସ କରେ ସମ୍ପର୍କ ଦୁର୍ବଳ
ଜୀବନେ ଆଣଇ ଝଡ଼ ।
ଅସତ୍ୟ ସନ୍ଦେହ ଟୋପାଏ କଳୁଷ
ବିଶ୍ୱାସରେ ଗଲେ ପଡି
ସେତୁବନ୍ଧ ଭାଙ୍ଗି ସୁନାର ସଂସାରେ
ଭାଙ୍ଗେ ଲୁହର ଲହଡି ।

ସ୍ନେହବୋଳା ଦୁଇ ପଦ ମୁଖ ଭାଷ
ପରକୁ କରେ ଆପଣା
ବିଶ୍ୱାସରେ ହାତୀ ମଣ ହୁଏ ପାଶେ
ଥିଲେ କଥା କହି ଜଣା ।
ଅଡୁଆ ସୂତାରୁ ଖିଅ ଟାଣି ଦ୍ୱନ୍ଦ
ଉପୁଜାଇ ଯେଉଁ ନର
ଜୀବନେ ସଂତାପ ଅଶାନ୍ତି ଅମାପ
ପ୍ରାୟଶ୍ଚିତ ଏକା ସାର ।
ଅନ୍ଧବିଶ୍ୱାସର ପରତେ ନ ଯାଅ
ରହସ୍ୟ କର ସମୀକ୍ଷା
ଧନହାନୀ ପ୍ରାଣ ପୀଡ଼ାରୁ ମୁକତି
ଅକଳରୁ ହେବ ରକ୍ଷା ।।

ଚିତ୍ରକୋଣ୍ଡା, ମାଲକାନଗିରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ଆରମ୍ଭ ଇତି



ପ୍ରଶାନ୍ତ କୁମାର ପଧାନ

ଆଖି କରିଥିଲା ପ୍ରେମର ଆରମ୍ଭ
ଯୌବନର ପାଦଦେଶେ
ସେଇ ଆଖି ପୁଣି ଝରାଏ ଶ୍ରାବଣ
ଲୁଚିଲୁଚି ଛଦ୍ମବେଶେ ।।

ହୃଦୟଟା ଦିନେ ହଜି ଯାଇଥିଲା
ପ୍ରେମର ମହାମନ୍ତ୍ରରେ
ସେ ହୃଦୟ ପୁଣି ହାରିଗଲା ଆଜି
ପ୍ରେମର ପଶାପାଳିରେ ।।

ମନର ଦେଶରେ ଉଇଁଥିଲା ଜହ୍ନ
ଝରିଥିଲା ମିଠା ଜୋସ୍ନା
ସେଇ ମନେ ଏବେ ବିଚ୍ଛେଦର ଜ୍ୱାଳା
ଲଗେଇ ଦେଇଛି ନିଆଁ ।।

ଓଠ କହିଥିଲା ଅଢ଼େଇ ଅକ୍ଷର
ଛୁଇଁଥିଲା କାହା ଓଠ
ସେଇ ଓଠ ଆଜି ନୀରବି ଯାଇଛି
ଯେମିତି ଅଲୋଡ଼ା ତୁଠ ।।

ଦେହ ଦେଉଳରେ ସାଜିଥିଲା ପ୍ରେମ
ମୂର୍ତ୍ତିଟିଏ ପୂଜକର
ସେ ଦେହଟା ଆଜି ଶବଟିଏ ସାଜି
ଭିକ୍ଷା ମାଗୁଛି ମୃତ୍ୟୁର ।।

ବୁରୋମୁଣ୍ଡା, ଗାଇସିଲାଟ, ବରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରାର୍ଥନା



ପ୍ରଜ୍ଞାଭାରତୀ ପାଣି

ମାଗୁ ଅଛି ମୁହିଁ ଦିଅ ହେ ପ୍ରଭୁ
ମନେ ରହୁ ତୁମପ୍ରତି ଏତିକି ବିଶ୍ୱାସ,
ଇଚ୍ଛା ଯେବେ ନହେବ ପୂରଣ
ବୁଝିପାରେ ତୁମଠି ରହିଛି ଯୋଜନା ଅଶେଷ

ସଂସାରରେ ତୁମେ ଏକମାତ୍ର ସତ୍ୟ
ଆଉସବୁ କ୍ଷଣସ୍ଥାୟୀ ଏହି ଜଗତ ରେ,
ସୁଖ ଭୋଗ ଲାଗି ନ ଅପଣାଏ ଅସତ୍ୟ
କର୍ମ ମୋର ହେଉ ତୁମ ଆଦର୍ଶ ର ।

କର୍ମ ଜାଣି କର୍ମ ଫଳ ଦେଇଥାଅ
ଯାହାକୁ ମୁଁ ସାଦରେ ଗ୍ରହଣ କରେ,
ଦଣ୍ଡ ଭୟେ ମନେ ସାନ୍ତ୍ୱନା ପାଇଁ ମୋର
ଲାଞ୍ଛ ଅନ୍ଧବିଶ୍ୱାସ ନରହୁ ତୁମ ପ୍ରାର୍ଥନା ରେ ।

ସଭିଙ୍କ ଭିତରେ ତୁମେ ଅଟ ବିଦ୍ୟମାନ
ପୁଣି ତମ ଭିତରେ ସମଗ୍ର ସଂସାର,
ଜାଣିଅଛ ତୁମେ ମୋ ଠୁ ବହୁ ଅଧିକ
ମୋପାଇଁ କଣ ଉତ୍ତମ ରୁ ଉତ୍ତମତର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳ ଆକାଶ



ଭାଗିରଥୀ ଯାନୀ

ଆକାଶେ ବଉଦ ସାଗରେ ଲହରୀ
ସର୍ବଦା ଚଳଚଞ୍ଚଳ,
ସାଗରରୁ ଜଳ ସଂଗ୍ରହ କରିଣ
ବରଷନ୍ତି ମେଘମାଳ ।  ।

ସୁନୀଳ ଅମ୍ବର ଅତି ମନୋହର
ଆକର୍ଷିତ ହୁଏ ଆଖି,
ସଭିଙ୍କର ମନ ହେଉଛି ଉଛନ
ମନ ରହେ ସେଠି ଲାଖି ।

ସାରା ଜଗତକୁ ବିମୋହିତ କରି
ସଭିଙ୍କୁ ଦିଏ ସେ ଖୁସି,
ସୁନୀଳ ଆକାଶ ପ୍ରତିଛବି ତଳେ
ଗପିଥାନ୍ତି ସୁଖେ ବସି ।

କେହି ଜଣେ ବୋଧେ ଆକାଶ ଛାତିରେ
ଚିତ୍ରକରଟିଏ ହୋଇ
ଆଙ୍କିଛି ଯେମିତି ମନୋରମ ଦୃଶ୍ୟ
ସଙ୍ଗେ ରଙ୍ଗତୂଳୀ ନେଇ ।

ଧବଳ ବର୍ଣ୍ଣର ଖଣ୍ଡ ଖଣ୍ଡ ମେଘ
ନୀଳ ଅମ୍ବରେ ଶୋଭିତ,
ଶୂନ୍ୟକୁ ଚାହିଁଲେ ଲାଗୁଛି ଯେମିତି
ଏ ଜଗତ ଶୃଙ୍ଖଳିତ ।

ଦଳପଡା,ଖଜୁରୀପଡା,ଫୁଲବାଣୀ।
ଭ୍ରାମ୍ୟଭାଷ:୯୪୩୮୦୨୭୮୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଙ୍କାଳ



ଧୀରେନ୍ଦ୍ର କୁମାର ପ୍ରଧାନ

ସେ କହିପାରେନି
ବଲବଲ କରି ଚାହିଁ ରହେ
ନୁଖରା ମୁଣ୍ଡରେ ଫଟା ଓଢଣୀ
ଆଖିରେ କେତେକେତେ ମୃତ ଭୋକର
ଓପାସିଆ କୋରଡ ।
ଲୁଚାଇବାକୁ ଯାଇ ବିଫଳ ତାର
ମାତୃତ୍ୱର ଶୁଖିଲା ସ୍ରୋତ ।
ଆଖିରେ ଭଣଭଣ ହଉଥିବା ମାଛିକୁ
ଦିଏ ଅବାଧ ପ୍ରବେଶର ଅନୁମତି ।
ଶେଥୁଆ ମାଢିଦେଖେଇ ହସିଦିଏ ।
କାନ୍ଦି କିଆଁ ସାରିଦେବ ପିଲାପାଇଁ
ରଖିଥିବା ଦେହର ବାକି ଜଳ ।

କାଖରେ କେତେ କେତେ
ବାଟହୁଡା ଭିଟାମିନ୍ ଯୋଜନା ।
ଆଉ କଅଁଳା ମୁହଁ ରେ ନକାନ୍ଦିବା ପାଇଁ
ଧନୀ ଦିଏ ଖେଳଣା ନିପଲ୍
ଆଉ ଗରିବ ଦିଏ ସତସତିକା
କିନ୍ତୁ ଉଭୟ ରସହୀନ ।

ଆଉ ତା ନାକରୁ କୁପୋଷଣର ଦୁଇଧାର
ଶୁଖିଲା ମରୁଡି ।
କେଉଁ ମୂର୍ତ୍ତି କାରର ପ୍ରାକ୍ ବାଉଁଶ ଫ୍ରେମ୍ ରେ
ପାଳ ମଡା ହୋଇଛି ।
ସତେ ଯେମିତି ଉକିଲା
ଶୁଖିଲାଙ୍କ ଫାସନ୍ ସୋ
ଆଉ ଅଭାବୀ ର ବିକଳପଣର ପ୍ରଦର୍ଶନୀ ।
ଆଉ ତା ମୁହଁ ରେ ଆଶାର ସ୍ୱପ୍ନ
କେବେ ତା ଛାତିରୁ ଝରିବ ଜୀବନ ସ୍ରୋତ ?

ଭୋକିଲା କୁ ମୁଠେ ଦେବା ଚାଲ
କଙ୍କାଳ କୁ ଜୀବନ୍ୟାସ ଦେବା ।

ଝଙ୍କରୀ, ଅନୁଗୁଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ବର୍ଷାକୁ ଭଲପାଅ ବୋଲି



ମୈତ୍ରେୟୀ ତ୍ରିପାଠୀ

ତୁମେ ବର୍ଷାର ଟୁପ୍ ଟୁପ୍ କୁ
ଭଲ ପାଅ ବୋଲି
ବେଳେବେଳେ ମୁଁ ମୁକ ହେଇଯାଏ,
ମୋ ଉତ୍ତର ଖୋଜା ଆଖି ଦିଟା
ଘୁମେଇପଡେ...  !

ତୁମେ ବର୍ଷାର ଛୁଆଁକୁ
ଭଲ ପାଅ ବୋଲି,
ମୋ ଶୋଷିଲା ଇଛା ସବୁ
କଫିନ୍ ଭିତରେ ଜାକିଜୁକି ହୋଇ
ମରିଯାଏ.... !

ତୁମେ ବର୍ଷାଭିଜା ମାଟି ଗନ୍ଧକୁ
ଭଲ ପାଅ ବୋଲି,
ମୋ ପ୍ରତାରିତ ଅତର ଗୁଡାକ
ଧୂଆଁ ହୋଇ ଉଡ଼ି ଯାଏ
ନୀଳ ଦିଗନ୍ତ ଆଡ଼େ.... !

ତୁମେ ବର୍ଷାରେ ଭିଜିବାକୁ
ଭଲ ପାଅ ବୋଲି,
ମୁଁ ଭିଜୁଥାଏ....
ବର୍ଷା ପରର ଆକାଶର
ଏକାକୀ ପଣରେ
ଅହରହ  ! !

କାକଟପୁର, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜାଣିନି ମୁଁ



ଅଞ୍ଜଳୀ ପଣ୍ଡା

ଜାଣିନି ମୁଁ....
କେବେ ଧର୍ମର ଜୟ ହେବ,
ନ୍ୟାୟ ମିଳିବ ନା ନାହିଁ,
ତଥାପି.....
ସଂଗ୍ରାମ କରିବାକୁ ହେବ
ଅନ୍ୟାୟ ବିରୁଦ୍ଧରେ । ।

ଜାଣିନି ମୁଁ....
କେବେ ପାପର କ୍ଷୟ ହେବ,
ତାକୁ ଫାସୀ ଦିଆଯିବ ନାଁ ନାହିଁ,
ତଥାପି....
ଆନ୍ଦୋଳନ କରିବାକୁ ହେବ
ବେଆଇନ ବିରୁଦ୍ଧରେ । ।

ଜାଣିନି ମୁଁ.....
କେବେ ମିଥ୍ୟାର ମୃତ୍ୟୁ ହେବ,
ତାର ଅନ୍ତିମ ସଂସ୍କାର ହେବ ନାଁ ନାହିଁ,
ତଥାପି...
ଗୋଟିଏ ପାଦ ଆଗକୁ ଯିବା
ସତ୍ୟ ସପକ୍ଷରେ । ।

ଜାଣିନି ମୁଁ.....
କେବେ ଅତ୍ୟାଚାର ବନ୍ଦ ହେବ,
ଆଇନ୍ ବିଚାର କରିବ ନାଁ ନାହିଁ
ତଥାପି.....
ଜ୍ଞାନର ଦୀପଟିଏ ଜାଳିବା
ଏ ଅଜ୍ଞାନ ହୃଦୟରେ । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାନ୍ଧୀ ତୁମେ ପୁଣି ଫେରିଆସ...



ସ୍ୱାଗତ ମିଶ୍ର

ଗାନ୍ଧୀ ତୁମେ ପୁଣି ଫେରିଆସ
ଗାନ୍ଧୀ ତୁମେ ପୁଣି ଫେରିଆସ
ଟେକି ଦେଇଥିଲ ଯେଉଁମାନଙ୍କ ହାତରେ
ତୁମରି ସ୍ୱାଧୀନ ଭାରତ
ସୁନାର ଦେଶକୁ ପିତ୍ତଳ କରିଲେ
କରି ସବୁ ଆତ୍ମସାତ
ରକ୍ଷକ ସବୁ ଭକ୍ଷକ ସାଜି
କରୁଛନ୍ତି ସର୍ବନାଶ
ଗାନ୍ଧୀ ତୁମେ ପୁଣି ଫେରିଆସ...

ତୁମରି ସ୍ୱପ୍ନର ରାମରାଇଜରେ
ରାମମାନେ ସବୁ ଆହତ
ରାବଣ ଶାସନେ ଅତିଷ୍ଠ ହେଲେଣି
ଯେତେ ଅଶିକ୍ଷିତ, ପଣ୍ଡିତ
ଲଙ୍କାଗଡ଼େ ଯିଏ ବିଭିଷଣ ହେଲା
କରାଯାଏ ତାକୁ ନିହତ
କୋଟି ଜନତାର ରକ୍ଷାକରିବାକୁ
ରାକ୍ଷସର ହେଉ ବିନାଶ
ଗାନ୍ଧୀ ତୁମେ ପୁଣି ଫେରିଆସ...

ଆଶା ଅଛି କାଳେ ତୁମ ଫେରିବାରେ
ଦୂର ହେବ ସବୁ କଷଣ
ସତ୍ୟ, ଅହିଂସାର ମନ୍ତ୍ର ବଳରେ
ନିଧନ ହୋଇବେ ରାବଣ
ତୁମକୁ ସ୍ୱାଗତ କରିବାକୁ
ତତ୍ପର ଭାରତ ସନ୍ତାନ
ଲୁହ ଶୁଖିଯିବ, ଦୁଃଖ ଦୂର ହେବ
ସଭିଙ୍କ ଓଠରୁ ପୁଣି ଫୁଟି ଉଠିବ ହସ
ଗାନ୍ଧୀ ତୁମେ ପୁଣି ଫେରିଆସ
ଗାନ୍ଧୀ ତୁମେ ପୁଣି ଫେରିଆସ....

ପଦ୍ମାଦେଇପୁର, ନୟାଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିସ୍ମୟ ତୁମେ ଗାନ୍ଧୀ



ସେବକ ବସନ୍ତ
କୁମାର ମହାପାତ୍ର

ହିଂସାରୁ ବିରତ ଅହିଂସା କର୍ତ୍ତବ୍ୟ,
ମାନବ ଜୀବନ ମୂଲ୍ୟ ।
ବିସ୍ମୟ ନିଶ୍ଚୟ ତୁମେ ତ ମହାତ୍ମା,
ପଥ ତୁମ ସୁଧା ତୁଲ୍ୟ ।

ସତ୍ୟ ଓ ସହନ ମନ୍ତ୍ର ପଢ଼ାଇଲ,
ସତ୍ୟାଗ୍ରହ ଆନ୍ଦୋଳନ ।
ବିନା ହତିଆର ବିସ୍ମୟ ସଂଗ୍ରାମ,
ହୁଏନି କେବେ ମଳିନ ।

ହଟିଲେ ଫିରିଙ୍ଗି ଉଡ଼ିଲା ତ୍ରିରଙ୍ଗା,
ହୋଇଲା ଦେଶ ସ୍ୱାଧୀନ ।
ଜଗତ ହୃଦୟେ ଘର କରିଅଛ,
ବିସ୍ମୟ ତୁମେ ମହାନ ।

ଖରାପ କୁହନି ଖରାପ ଶୁଣନି,
ଖରାପ ଦେଖନି କେବେ ।
ବିସ୍ମୟରେ ଭରା ତିନୋଟି କଥନ,
ଦୃଷ୍ଟାନ୍ତ ବାନର ଯେବେ ।

ତୁଣ୍ଡେ ଥାଏ ସଦା ହେ ରାମ ହେ ରାମ,
ରଘୁପତି ରାଜାରାମ ।
ଈଶ୍ୱର ଆଲ୍ଲା ତେରୋ ନାମ ସବକୋ,
ସନ୍ମତି ଦେ ଭଗବାନ ।

କୁଟି ଖାଅ କାଟି ପିନ୍ଧ ଜୀବନରେ,
ଆରାମ ହାରାମ୍ ଅଟେ ।
ଗାଆଁର ଭାରତ କୁଟୀର ଶିଳ୍ପରେ
ଦାରିଦ୍ର୍ୟ ଅଶିକ୍ଷା ହଟେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୁହେଁ ଅସ୍ପୃଶ୍ୟତା ସ୍ୱଚ୍ଛତା ସାଧନ,
ମାନବ ସେବା ଜୀବନେ ।
ଶାନ୍ତି ମୈତ୍ରୀ ତୁମେ ଏ ଜାତିର ପିତା,
ମହାତ୍ମା ଈଶ୍ୱର ସ୍ଥାନେ ।

ଗ୍ରାମର ବିକାଶ ଭାରତ ବିକାଶ,
ଏଇତ ଥିଲା ସପନ ।
ଭେଦଭାବ ବିହୀନ ସମାଜଟିଏ,
ସାଥେ ନିଶା ନିବାରଣ ।

ଖଳିପାଟଣା, ବୋଲଗଡ଼, ଓଡ଼ିଶା ।
ବର୍ତ୍ତମାନ : ଚନ୍ଦ୍ରପୁରା, ଝାଡ଼ଖଣ୍ଡ ।
ମୋବାଇଲ : ୯୪୭୧୩୦୬୮୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାନ୍ଧୀ ହେ



ଜ୍ୟୋତ୍ସ୍ନାମୟୀ
ପୋଲାଇ

ଗାନ୍ଧୀ ହେ !

ତମ ଜନ୍ମଦିନ ପାଳନ ପାଇଁ କି

ହେଲୁ ଯେତେ ଆମେ ଧନ୍ଦି ହେ

ଗାନ୍ଧୀ ହେ .....( ଘୋଷା)

ତୁମେ ଚାଲୁଥିଲ ସତ୍ୟର ବାଟ ରେ

ଆମେ ତ ଅସତ୍ୟେ ବନ୍ଦୀ ହେ

ଗାନ୍ଧୀ ହେ ......

ଅହିଂସାର ମନ୍ତ୍ର ଦେଇଥିଲ ସିନା

ଆଜି ଅହିଂସା କୁ କେହି ପଚାରେନା,

'ଅନଶନ' ଆମ ପାଇଁ ମୂଲ୍ୟହୀନ

ଆମେ କରୁ 'ରାସ୍ତାବନ୍ଦୀ' ହେ

ଗାନ୍ଧୀ ହେ...

ତୁମେ ଚାହୁଁଥିଲ 'ନିଶାନିବାରଣ'

ଆଜି ଏଠି ସେଠି ମାରଣ ତାରଣ

ମଦ ଦୋକାନରେ ଆଜିକାଲି ବେଶୀ

ଲୋକେ ହୁଅନ୍ତି ରୁନ୍ଧାରୁନ୍ଧି ହେ

ଗାନ୍ଧୀ ହେ......

ତୁମେ ଚାହୁଁଥିଲ ସଦା ରାମରାଜ୍ୟ

ଆଣିଥିଲ କେତେ କଷ୍ଟରେ ସ୍ୱରାଜ,

ଆଜି ଏ ଭାରତ ପୁଣି ପରାଧୀନ

ଦୁର୍ନୀତି ରେ ହୁଏ ଛନ୍ଦି ହେ

ଗାନ୍ଧୀ ହେ.........

ସରଳ ଜୀବନ ତୁମର ଆଦର୍ଶ

ନେତାଏ କରନ୍ତି ତୁମ ଉପହାସ

ଚନ୍ଦା ମୁଣ୍ଡେ ମାରି ଗାନ୍ଧୀ ଟୋପି ଟାଏ

ଭାଷଣନ୍ତି କାନ୍ଦି କାନ୍ଦି ହେ

ଗାନ୍ଧୀ ହେ.....

ତୁମେ ପିନ୍ଧୁଥିଲ ଆଣ୍ଠୁଆ

ଆଦର୍ଶରେ ତୁମ ଗଦଗଦ ହୋଇ

ମାଇପେ ପିନ୍ଧନ୍ତି ଜଂଘିଆ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ୍ଦ ତ ହୋଇଲା ମତି ହେ..

ସ୍ୱଦେଶୀ ଜିନିଷ ପାଣିଚିଆ ଲାଗେ

ସବୁଠି ବିଦେଶୀଗନ୍ଧ ହେ,

ଗାନ୍ଧୀ ହେ........

ତୁମେ ଚାଲିଗଲ ଶାନ୍ତି ପଥ ଦେଇ

ତମ ଆଦର୍ଶ କୁ ଅଣଦେଖା କରି

ବଞ୍ଚୁ ଆମେ କାନ୍ଦିକାନ୍ଦି ହେ,

ଗାନ୍ଧୀ ହେ.......

ତୁମେ ଖାଉଥିଲ ପୁଲିସ ପାହାର

ତମ ଚନ୍ଦାମୁଣ୍ଡେ ଫୁଲ ମାଳ ଦେଇ

ଆମେ ଖାଉ ସେଉ ବୁନ୍ଦି ହେ,

ଗାନ୍ଧୀ ହେ........

ତମ ଜନ୍ମଦିନ ପାଳନ ପାଇଁ କି

ହେଲୁ ଯେତେ ଆମେ ଧନ୍ଦି ହେ,

ଗାନ୍ଧୀ ହେ......

ବାଣତୁମ୍ବ, ବେଲଗୁଣ୍ଠା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନସପଟରେ ଗାନ୍ଧୀ



ଏସ୍ ଶ୍ରୀମନ୍
ନାରାୟଣ ପାତ୍ର

ଗାନ୍ଧୀ ହେ, ତମକୁ ତ ଗଲେଣି ସବୁ ଭୁଲି ।
କାଇଁ ମନେ ପଡ଼ୁନ ତମେ ଆଉ ଆଜିକାଲି ।।୧।।
ଜୟନ୍ତୀ ଶ୍ରାଦ୍ଧ ରେ ହିଁ ମନେ ପକାଉଛୁ ।
ଫୁଲମାଳ ଦେଇ ଫଟୋ ହିଁ ଉଠାଉଛୁ ।।୨।।
ଫେସବୁକ୍ ହ୍ୱାଟ୍ସାଆପ୍ ରେ ଅପଲୋଡ଼୍ ହଉଚି ।
ଷ୍ଟାଟସ୍ ରଖିଲେ ବର୍ଷରେ ଦି ଦିନ ଖୁସି ମିଳୁଛି ।।୩।।
ବାପୁ ହେ,ନୀତି ଆଦର୍ଶ ତୁମର ତୁଳିକି ଗଲାଣି ।
ଅହିଂସା ତ କେବେଠାରୁ ମରି ହଜିଗଲାଣି ।।୪।।
ଜୟନ୍ତୀ ଶ୍ରାଦ୍ଧ ସ୍ୱାଧୀନତା ସାଧାରଣତନ୍ତ୍ର ଦିବସ ପୂର୍ବଦିନ ।
ତମ ମୂର୍ତ୍ତୀ ଫଟୋ ସବୁ ସଫା କରିବାକୁ ପଡେ ମନ ।।୫।।
କରୋନା କଟକଣା ରେ ହେଲା ତୁମ ଜନ୍ମଦିନ ।
କ୍ଷମାକର ଆଡ଼ମ୍ବରରେ ପାଳନ କଲୁନୁ ଏ ଦିନ ।।୬।।
ଘରେ ରହି ତୁମକୁ ସବୁ ଦେଲେ ସମ୍ମାନ ।
ସଭାରେ ଗହଳି କରି ଆଉ ଦେଲେନି ମାନ ।।୭।।
ଗାନ୍ଧୀ, ତୁମେ ସିନା ଚାଲିଗଲ ହୋଇ ମହାତ୍ମା ।
ଏବେ ବିନା ଲାଞ୍ଚ ଦିଆନିଆରେ ଶାନ୍ତି ହୁଏନି ଆତ୍ମା ।।୮।।
ଦରକାର ହୁଏ ନାହିଁ ଆଉ ତୁମ ଆଶୀର୍ବାଦ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଯୁଗରେ କଣ କରିବୁ ନେଇ ଅହିଂସାବାଦ । ।୯ । ।
୨୦୨୦ ରେ ରାମ ମନ୍ଦିର ଭୂମିପୂଜା ହେଲା ।
ତୁମ ରାମରାଜ୍ୟ ସ୍ୱପ୍ନ ଅଧୁରା ରହିଲା । ।୧୦ । ।
ସ୍ୱର୍ଗରେ ଭଲରେ ଥିବହେ ମୋହନ ଦାସ ।
ଏଠି କିନ୍ତୁ ଗରିବକୁ ମିଳେନି ଆବାସ । ।୧୧ । ।
ସେ କାଳରେ କରିଥିଲ ସ୍ୱଦେଶୀ ଆନ୍ଦୋଳନ ।
ଆଜି ବି ଆମେ କରିପାରୁନୁ ବିଦେଶୀ ବର୍ଜନ । ।୧୨ । ।
ଫୁଲମାଳ ଦେଇ ତୁମ ସହ ସେଲଫି ନେବେ ।
ସୋସିଆଲ ମିଡିଆରେ ମହାନ ଦେଖେଇ ହେବେ । ।୧୩ । ।
ସେଲ୍ଫି ନିଶା ପାଇଁ ବହୁ ଜୀବନ ବି ଯାଉଛି ।
ଏବେ ପରା ଏଗୁଡାକ ନୂଆ ଟ୍ରେଣ୍ଡ ଚାଲିଛି । ।୧୪ । ।
ସବୁ ଯୋଜନାରେ ଦୁର୍ନୀତି ଆଜି ମୁଣ୍ଡ ପୁରାଉଛି ।
ଏଥିପାଇଁ ସାଧାରଣ ଜନତା ଘାଇଲା ହଉଛି । ।୧୫ । ।
ଖାଇବା ସାମଗ୍ରୀ ଗୁଡାକ ହେଲା ଅପମିଶ୍ରଣ ।
ପାପୀମାନଙ୍କୁ ଶୀଘ୍ର ଆସୁନି ହେ ମରଣ । ।୧୬ । ।
ଚାଷୀ ଆତ୍ମହତ୍ୟା ଥିଲା ସାଧାରଣ କଥା ।
କରୋନା ଆସି ବଢାଇଦେଲା ଲୋକଙ୍କ ବ୍ୟଥା । ।୧୭ । ।
ମଣିଷପଣିଆର ଆଜି ଦେଖାଯାଏ ଅଭାବ ।
ସ୍ୱାର୍ଥପର ଏଠି ବହୁ ଲୋକଙ୍କ ସ୍ୱଭାବ । ।୧୮ । ।
ଅନ୍ୟାୟ ଅନୀତି ସହ ଆମେ ହୋଇଗଲୁଣି ବାନ୍ଧି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଦବାଣୀ ପୁରାଣ ଶୁଣିଲେ ଲାଗେ ରୁଛି ରୁଛି । ।୧୯ । ।

ଶାନ୍ତ ସରଳ ଥିଲେ ଯେବେ ଜାଣି ନଥିଲେ ସ୍ୱାକ୍ଷର ।

ଏବେ ଅରାଜକତା ବଢ଼ିଗଲା ହେଲାପରେ ସାକ୍ଷର । ।୨୦ । ।

ଏସବୁ ସତ୍ତ୍ୱେ ଆଜି ବି କିଛି ଭଲ ଲୋକ ଅଛନ୍ତି ।

ଯେଉଁମାନେ ଭାରତ ମାଆର ଋଣ ସୁଝୁଛନ୍ତି । ।୨୧ । ।

ମୁଁ କହୁନି ରସାତଳଗାମୀ ହେଲାଣି ପୁରା ଭାରତ ।

ଧର୍ମ ନ୍ୟାୟର ଏବେ ବି ଅଛି କିଛି କିଛି ଅମାନତ । ।୨୨ ।

ତୁମ ଉପଦେଶ, ନ୍ୟାୟବତ୍ ଗୁଣର ଅଛି ଅଭାବ ।

ତୁମେ ଥିଲେ ବଦଳାଇଥାନ୍ତ ଲୋକଙ୍କ ସ୍ୱଭାବ । ।୨୩ । ।

ମାନବିକତା ଏଠି ବଞ୍ଚିଛି କମ୍ ମାତ୍ରାରେ ।

ତୁମେ ତ ଶ୍ରେଷ୍ଠ ଲୋକଙ୍କୁ ବାଟ କଢ଼ାଇବାରେ । ।୨୪ । ।

ଆସ ଆସ ହେ ଜାତିର ପିତା ପୁଣିଥରେ ।

ନ୍ୟାୟ ନୀତି ପୁରାଇଦବ ଲୋକଙ୍କ ମନରେ । ।୨୫ । ।

ତୁମେ ଥିଲେ ଟିକେ ଆଦର୍ଶ ଶିଖେଇଥାନ୍ତ ।

ଜନତାଙ୍କୁ ଅହିଂସା ଓ ନୀତିବାଣୀ ଦିଅନ୍ତ । ।୨୬ । ।

ଗାନ୍ଧୀ ତୁମେ ଏଠିକୁ ପୁଣି ଫେରିଆସ ।

ଆମେ ଟିକେ ଶାନ୍ତିରେ ମାରିବୁ ନିଃଶ୍ୱାସ । ।୨୭ । ।

ବଡଗଡ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅହିଂସା



ଅନାମ ଚରଣ ସାହୁ

ଅହିଂସା ମନ୍ତ୍ରରେ ବିଜୟୀ ଭାରତ
ଶିର ଉଚ୍ଚ କରି ଠିଆ
ବିସ୍ମିତ ମାନବ ବିସ୍ମିତ ଦୁନିଆ
ଲିଭିଯାଏ କ୍ରୋଧ ନିଆଁ ।

ଲୁମ୍ବିନୀ କୁମାର ସଂଯମୀ ପୁରୁଷ
ବୁଦ୍ଧଙ୍କର ମହାବାଣୀ
ଅହିଂସା ମନ୍ତ୍ରରେ ସଦା ରହିଥିଲେ
ବିଜୟ ଚୁମଇ ଗୁଣୀ ।

ଦୟାନଦୀ କୂଳେ କଳିଙ୍ଗ ଯୁଦ୍ଧରେ
ଯୁଦ୍ଧ ଜୟୀ ଚଣ୍ଡାଶୋକ
ଅହିଂସା ମନ୍ତ୍ରକୁ ବିଶ୍ୱେ ପ୍ରସାରିଣ
ବୋଲାଇଲେ ଧର୍ମାଶୋକ ।

ସେହି ଅସ୍ତ୍ର ପୁଣି ଗାନ୍ଧୀ ହୃଦେ ଧରି
ଏକତ୍ରିତ କରି ଦେଶ
ଇଂରେଜ ଶାସକ ଆନତ ମସ୍ତକ
ବିଶ୍ୱ ଗାଏ ବାପୁ ଯଶ ।

ବିଶ୍ୱ ଖୋଜେ ଆଜି ହିଂସା ବଦଳରେ
ଶାନ୍ତିର ଅମୃତ ଧାରା
ଯୁଦ୍ଧ ବଦଳରେ ଅହିଂସା କେବଳ
ଭେଟି ଦେବ ମଧୁ ଧରା ।

ବିଭୂତିପୁର, କାକଟପୁର,ପୁରୀ
ମୋ-୯୯୩୭୨୧୦୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟଥିତ ହୃଦୟ



ସନ୍ତୋଷ ପଟ୍ଟନାୟକ

ସ୍ଥାଣୁ ଆଜି ଏଠି ସେଇ ସ୍ୱରାଜ ଶାସନ
ସମ୍ଭ୍ରାନ୍ତରେ ଗଣା ଆଜି ନିଶା ସେବନ
ପୁରସ୍କୃତ ହୁଏ ନିତି ଚାଟୁକାର ଏଠି
ଶାନ୍ତିରକ୍ଷା ପାଇଁ ଛନ୍ତି କେତେ ଉଗ୍ରପନ୍ଥୀ ।।

ବିଦେଶୀ ଦ୍ରବ୍ୟରେ ସର୍ବେ ଆକୁଳିତ
ବିଦେଶ ଭ୍ରମିବା ଶାସକର ଲକ୍ଷ୍ୟ
ପୁଞ୍ଜିପତି ହାତେ କାଟିବା ଯନ୍ତର
କାଟି କୁଟି କରେ ବିଦେଶରେ ଘର ।।

କୁଟିବା ନୀତିକୁ ଆଜି ଧରିଛି ଶାସକ
କୁଟା ଖାଇ ନିତି ଏଠି ମରୁଛି କୃଷକ
ଅହିଂସା ଆଦର୍ଶ କାହିଁ ନାହିଁ ଆଉ ଆଜି
ମତୃହନ୍ତା ସର୍ବେ ଏଠି ନରାଧମ ସାଜି ।।

ପାଶ୍ଚାତ୍ୟ ସ୍ୱର୍ଶରେ ଆଜି ପ୍ରଭାବିତ ଶିକ୍ଷା
ସାତ ସ୍ୱପ୍ନ ଏଠି କୁଟିର ଶିଳ୍ପର ଦିକ୍ଷା
ଧର୍ମ ନାମେ ରକ୍ତପାତ ହୁଏ ବଣ୍ଟାବଣ୍ଟି
ସ୍ୱାଧୀନ ଧରିଛି ଏବେ ସ୍ୱାଭିମାନ ତଣ୍ଟି ।।

ନାରୀ ମାଂସ ଲୋଭୀ ଆଜି ସମାଜ ସେବକ
ଶତ୍ରୁ ଦେଶ ସାଥେ ମିତ୍ର ହେଲାଣି ସୈନିକ
ନିଶା ନିବାରଣ ପାଇଁ ନିଶା ବ୍ୟବହାର
ବ୍ୟଥିତ ହୃଦୟ ଦେଖି ଏସବୁ ବେଭାର

ଦୁଃଖେ ମ୍ରିୟମାଣ ଛନ୍ତି ଉତ୍କଳ-ଭାରତୀ
ଦୁଃଖ ନିବାରଣ କର ହେ'ଜଗତପତି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଥା କିଞ୍ଚିତ୍



ହରେରାମ ପଣ୍ଡା

ପୁତ୍ର ଶତ୍ରୁ ହେଲେ କହିବାକୁ ଲାଜ
ପତ୍ନୀର ଶତ୍ରୁତା ସହିବା କଷ୍ଟ ,
ଭାଇ ଶତ୍ରୁତାରୁ ଦୁଃଖ ବଢ଼େ ସିନା
ବନ୍ଧୁ ଶତ୍ରୁତାରୁ ସଂପର୍କ ନଷ୍ଟ ।
ଜଗତ କରତା ହରି ଶତ୍ରୁ ହେଲେ
ଭବ ସଂସାରରୁ କିଏ ତାରିବ ?
ମୃତ୍ୟୁ ଯଦି ଥରେ ଶତ୍ରୁ ପାଲଟିବ
ମଣିଷ ଜୀବନ କିଏ ଦେଖିବ ?
କର୍ମ ଶତ୍ରୁହେଲେ ମିଳେନାହିଁ ବାସ
ଗୁଣର ନାଶରେ ଜୀବନ ନାଶ ,
କର୍ମ ଆଉ ଗୁଣ ବିକଶିତ ହେଲେ
ଜୀବନେ ମହତ୍ତ୍ୱ ହୁଏ ପ୍ରକାଶ ।

ପରଧନ ଚୋରି କରି ବି କାହାରି
ଉଦର କେବେହେଁ ପୁରଇ ନାହିଁ ,
ଆନଜନେ ବାଣ୍ଟି ଖାଉଥିବା ଜନ
କେବେ ବି ଉପାସ ରହିବନାହିଁ ।
ମନର ଆଘାତ ଧରିକି ବସିଲେ
ଦୁଃଖ ଭୋଗିବାଟା ଅଟେ ନିଶ୍ଚିତ ,
କେବେହେଁ ସେଥିରୁ ମିଳିଥିବା ଶିକ୍ଷା
ଆଗକୁ ବଢ଼ାଇ ନିଏ ବହୁତ ।

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ
ଭ୍ରାମ୍ୟଭାଷ - ୯୪୩୮୦୬୫୧୯୫

 Magazine Downloaded from www.aahwaan.com

# ପ୍ରାୟଶ୍ଚିତ



ରୋହିତ ସେଠୀ

ଜୀବନ ରଥର ତୁମେ ହିଁ ସାରଥୀ
ଯେତିକି ଦେଇଛ ଆୟୁଷ ମୋତେ,
ବାହିନିଅ ମୋର ପରାଣ ରଥକୁ
ଲୋଭ ମୋହହୀନ ସୁଗମ ପଥେ ।୧ ।

ଏ ମାୟା ଜଞ୍ଜାଳେ ବନ୍ଧା ମନ ପ୍ରାଣ
କ୍ଷଣିକ ସୁଖକୁ ଲଭିବା ପାଇଁ,
ବାସ୍ତବ ସୁଖତ ତୁମ ନାମେ ଅଛି
ହେୟଜ୍ଞାନ କରି ରହୁଛି ମୁହିଁ ।୨ ।

'ମୁଁ' 'ମୋର' କହି ବୁଡ଼ି ରହିଅଛି
'ତୁମ ନାମ କଥା କିଏ ପଚାରେ'... ?
ଧନ ଦଉଲତ, ଆତ୍ମୀୟସ୍ୱଜନେ
ସବୁବେଳେ ଖାଲି ତାଙ୍କ ଚିନ୍ତାରେ ।୩ ।

ବିପଦେ ପଡ଼ିଲେ ସ୍ମରଣ କରଇ
ସ୍ୱାର୍ଥ ପୂରିଗଲେ ଦିଏ ପାଶୋରି,
ଗରବରେ କୁହେ ଛାତିକୁ ଫୁଲେଇ
ଶ୍ରେଷ୍ଠ ଜୀବ 'ମଣିଷ' ନାଁ ମୋହରି ।୪ ।

ଧିକ ମୋ ଜୀବନ ପ୍ରାୟଶ୍ଚିତ କରେ
କ୍ଷମାକର ଆହେ ଜଗତ ପତି
ମାୟା ମରୀଚିକା ପଛେ ପଛେ ଧାଇଁ
ପାଉନାହିଁ କାଣିଚାଏ ଆଶ୍ୱସ୍ତି ।୫ ।

ଦୁତିମେଣ୍ଡୀ(ମଲିକସାହି)
ଖଜୁରୀପଡ଼ା,କନ୍ଧମାଳ
ଦୂରଭାଷ-୭୭୩୫୨୧୪୩୭୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକ ଜୋକରର କାହାଣୀ



ଅନସୂୟା ପଣ୍ଡା

ସେ ଏକ ଜୋକର,
ଏକ ଜୋକର,
ଯିଏ ଅନ୍ୟକୁ ହସାଏ,
ଅନ୍ୟ ପାଇଁ ହସେ,
ମୁହଁରେ ରଙ୍ଗ ବୋଳି ହୁଏ,
ନାନା ପ୍ରକାର ଭଙ୍ଗୀରେ ମଞ୍ଚ କୁ ଆସେ ।

ସବୁଦିନେ ସେଇ ଏକା କଥା,
କେବେ କେଉଁଦିନ କୁହେନି ନା ଆଜି ମନ ଭଲ ନାହଁ ।
ମୁଁ ଆଜି ରଙ୍ଗ ବୋଳି ହେବିନି,
ମିଛ ମିଛ ହସି ପାରିବିନି,
ଗୋଟେ ଦିନ ତ' ମୁଁ ମୋ ପରି ରୁହେ  !

ନା ! ସେମିତି ହୁଏନି ।
ଏଇଟା ତାର ଅଭ୍ୟାସ ହୋଇ ଗଲାଣି ପୁରା ପୁରି କର୍ତ୍ତବ୍ୟ ।
ସମୟ ହେଲେ ଟିକେଟ ନେଇ ସେମାନେ ଆସିବେ,
ଅପେକ୍ଷା କରିବେ କେତେବେଳେ ଜୋକର ଆସିବ,
ଖୁସି ଆସିବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ସରିଯିବ,

ସେମାନେ ଚାଲିଯିବେ,

ସବୁ ଦୁଃଖ ଭୁଲି ନିଜ କାମରେ ଲାଗିଯିବେ ।

ନୂଆ ନୂଆ କାମରେ,

ନୂଆ ଆଗ୍ରହ ନେଇ ।

ଭୁଲିଯିବେ ଜୋକରକୁ ।

ଜୋକର କିନ୍ତୁ ରୁଟିନ ବନ୍ଧା ଜୀବନ,

ସମସ୍ତଙ୍କ ଜୀବନରୁ ଦୁଃଖର ଅଳିଆ ଗୋଟେଇ ଗୋଟେଇ,

ନିଜ ଭିତରେ ଜମା କରିବା ।

ସମସ୍ତ ଙ୍କୁ ନିଜ ସ୍ନେହ ପଶରାରୁ ସ୍ନେହ ବାଣ୍ଟୁ ବାଣ୍ଟୁ,

ସ୍ନେହ କାଙ୍ଗାଳ ଜୋକର ଦିନେ ଭାବିଲା,

ତାକୁ କିଏ ବୁଝନ୍ତା ନି,

ସ୍ନେହ କରନ୍ତା ନି,

ତା ମନର ଅକୁହା କଥା ସବୁ ପଢିନେଇ,

ନିଜର କରି ନିଅନ୍ତାନି ?

ତାସହ ସମୁଦ୍ର କୂଳରେ ବସି ଅଗଣିତ ଢେଉକୁ ଦେଖନ୍ତା,

ଜହ୍ନ ର କିରଣ ରେ ବସି ଅଗଣିତ ତାରା ସବୁ ଗଣନ୍ତା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ଷାରେ ଭିଜି ଭିଜି ବୁନ୍ଦା ବୁନ୍ଦା ପାଣିକୁ ତା ଅଣ୍ଟିରେ ପୁରାଇ ରଖନ୍ତା,

ପାହାଡ଼ର ପାଦ ଦେଶରେ ବସି ଦୂର ଦିଗବଳୟକୁ ଆକାଶ ସହ ମିଶି ଯାଉଥିବାର ବିଭୋର ମୁହୂର୍ତ୍ତ କୁ ନିଜ ଭିତରେ ବାନ୍ଧି ରଖନ୍ତା ।

ଘର ବାହୁଡ଼ା ପକ୍ଷୀ ଙ୍କୁ ପଚାରନ୍ତା  ଦିନର ଖବର,

ବାସ, ନିଜ ଭିତରୁ ପୁରା ବାହାରି ଯାଇ,

ତାସହ ଦେଖନ୍ତା ଜୀବନକୁ ନିକଟରୁ, ଖୁବ ନିକଟରୁ, ନିଜ ଇଚ୍ଛା ଅନୁସାରେ ।

ଜୀବନରେ ଯେତେବେଳେ ସାଥିଟିଏ ସେ ଖୋଜିଛି,

ସମ୍ପର୍କର  ଚୁନା ଚୁନା ଦାନା ବୁଣିଛି,

ନିଜର ଭାବି,

ସୁଖ ଦେଇଛି, ସଖ୍ୟ ଦେଇଛି, କଥା ହୋଇଛି,

ଯେତେବେଳେ ସବୁ ଖୋଲା ଖୋଲି ହୋଇଯାଏ,

ଜୋକର ବିଭୋର ଥାଏ,

ବିନା କରଣ ରେ ସେ ଉପେକ୍ଷା କରି ଚାଲିଯାଏ,

ଲୁହର ଫୁଲ କିଛି ଉପହାର ଦେଇ ।

ଜୋକର କାନ୍ଦି ପାରେନା,

କାନ୍ଦିବା ସେ ଜାଣେନି ।

ଦୁର୍ବଳକୁ କଣ କିଏ ଭଲପାଏ,

ସମ୍ମାନ କରେ,

ଗ୍ରହଣ କରିବାତ ଦୂରର କଥା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନେବାକୁ ଆସନ୍ତି ସମସ୍ତେ,
ନିଜର କରିବାକୁ ନୁହେଁ,
ଏ କଥା ତାକୁ ବୁଝିବାର ଥିଲା !

ସେ ଭୁଲି ଯାଇଥିଲା ସେ ଏକ ଜୋକର ବୋଲି,
ଏକ ଜୋକର ଯିଏ ଅନ୍ୟ ପାଇଁ ଖାଲି ରଙ୍ଗ ବୋଲି ହେବ,
ହସିବ, କେବଳ ଅନ୍ୟ ପାଇଁ ।

ସମସ୍ତଙ୍କ ହସରେ ହସିବାକୁ ଯାଇ ହସ ଭୁଲିଛି,
ସଭିଙ୍କୁ ମନେ ରଖିବାକୁ ଯାଇ ନିଜକୁ ଭୁଲିଛି,
ତଥାପି ଏତେ ଭିଡ଼ରେ ବି ସେ ଏକୁଟିଆ ଅଛି ।

ଜୋକର ଆଜି ସବୁ ବୁଝିପାରିଛି,
ବାସ୍ତବକୁ ଗ୍ରହଣ କରିଛି,
ସବୁ ଜାଣିସରିଲା ପରେ,
ନିଜେ ନିଜ ସହ ଅଛି,
ହେଲେ ଖୁବ ଆନନ୍ଦରେ ଅଛି,
ବିଲକୁଲ ସେ ଭାବିଥିବା ପରି ଖୁସିରେ ରହିଛି ।

କାର୍ଡଗୁଡି, ବାଙ୍ଗାଲୋର,
୯୮୪୦୨୦୬୧୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେବେ ଲିଭିଗଲା



ସୁଶାନ୍ତ କୁମାର ଧଳ

ଲକ୍ଷ୍ୟହୀନ ଥିଲା ମୋ ଗନ୍ତବ୍ୟପଥ
ଇତସ୍ତତ କେବେ ହେଉଥିଲି,
ବିଳାସବ୍ୟସନ ବିଷୟସାଗର
ଶ୍ରେୟ କେବେ ମୁହିଁ ମଣୁଥିଲି ।

ଥିଲେ କେତେ ସାଥି ସମୟାନୁକ୍ରମେ
ପ୍ରତିପାଦେ କେତେ ବାହୁଡ଼ିଲେ,
ଏକାନ୍ତବୋଧତା ପ୍ରକାରାନ୍ତେ ମୋତେ
ଜ୍ଞାତ କେବେ କରିଦେଉଥିଲେ ।

କାହାପାଇଁ ହୃଦେ ଘରଟିଏ ଥିଲା
କିଏ କେବେ ତାକୁ ଭାଙ୍ଗୁଥିଲା,
ଦରଦି ମନର ବେଦନା ବୁଝିବା
କେହି କେବେ କଣ ଚାହୁଁଥିଲା ।

ନିରର୍ଥକ ଭାବ ମନରେ ଜାଗ୍ରତ
ଆସ୍ଥା କେବେ ମୋର ତୁଟିଗଲା,
ମନଦର୍ପଣରେ ଭାବମୂର୍ତ୍ତି କା'ର
ଅନାଗ୍ରହେ କେବେ ଲିଭିଗଲା ।

ବ୍ରାହ୍ମଣୀକୁଳ,ଦଶରଥପୁର,
ଯାଜପୁର - ୭୫୫୦୦୬
ଦୂରଭାଷ - ୮୩୩୮୯୩୪୫୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପା



ଶୁଭସ୍ମିତା ଜେନା

ଯେତେବେଳେ ମୁଁ ସବୁ

ମୁହଁ ମାନଙ୍କୁ ଏକାଠି କରେ

ମୋତେ ଖୁବ ନିଆରା ଲାଗୁଥିବାଗୋଟିଏ ଛବି

କାହିଁକି ଖୁବ ଶାନ୍ତ ,କୋମଳ ପ୍ରଶାନ୍ତିରେ ଭରା

ଗୋଟେ ସ୍ଥିର ପୂର୍ଣ୍ଣକୁମ୍ଭ ଭଳି

ମୋ ସାମ୍ନାରେ ପ୍ରତ୍ୟୋୟମାନ ହୁଏ ।

ତା'ର ପ୍ରତିଟି ଶିରା ପ୍ରଶିରା ଧମନୀରେ

ବହୁଥିବା ରକ୍ତ ସବୁ ଯେମିତି ମୋ ଦେହରେ

ପ୍ରବାହ ମାନ ପରି ଜଣାପଡେ ।

ଯେତେବେଳେ ଅସମୟରେ

ଲିଭିଯାଉଥିବା ଆମ ଘରର ବତୀ ସବୁ

ଅନ୍ଧାରକୁ ପାଛୋଟି ଆଣୁଥିଲେ

ଠିକ ସନ୍ଧିକ୍ଷଣରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ଠାରୁ ଝଟକୁ ଥିଲା ରଶ୍ମି

ତା'ର ଆବର୍ତ୍ତନରେ,

ଆସ୍ୱସ୍ତି ହେଉଥିଲା ଆମ ଚୌହଦି ।

ତା'ର ପଣତ କାନିରେ ଯେତେବେଳେ

ଲୁହ ମାନଙ୍କୁଏକାଠି କରେ

ମୋପାଟିରୁ ଆପଣା ଛାଏଁ ଉତୁରି ପଡେ

ଗୋଟିଏ ଶବ୍ଦ ଅପା ।

ଅପା ଗୋଟେ ବିସ୍ତୀର୍ଣ୍ଣ ମରୁଦ୍ୟାନର କଣ୍ଟା ବୁଦା ଭଳି

ଖୁବ ଅସମୟରେ ମେଣ୍ଟେଇ ଥାଏ ଶୋଷ ।

ନିଜେ ପତ୍ର ଝଡାହୋଇ

ପୂର୍ଣ କରିଥାଏ ଅନେକ ଅବଶୋଷ ।

ଖୁଣ୍ଟା, ଜୟ ନଗର,ରାଜକନିକା ।

ମୋ-୭୩୭୦୭୭୨୯୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶ୍ୱାସନା



ପ୍ରଦୀପ ବନ୍ଧ

ତୁମେ ଥିଲ ବୋଲି
ମୁଁ ଚୁପ୍ ଥିଲି
ମୋ ଦମ୍ଭ ଆସ୍ତେ ଆସ୍ତେ
ଭାଙ୍ଗି ରୁଜି ମିଶିଗଲାଣି
ଘାସର ତାଲିପା'ରେ

ବରଂ ପାରୁଛ ତ
ଫେରେଇ ନିଅ
ତୁମ କଥା

ଜହ୍ନ ରାତିର ଛାଇ ମାନେ
ଆମ ଶୃଙ୍ଗାର କରିବା କଥା
କେବେଠାରୁ ଭୁଲିଗଲେଣି
ଏମିତିକି ଆମ ଗୁପ୍ତ କଥା ସବୁ

ଚାରିକାନ୍ଥ ପାଚେରୀ ଡେଇଁ
ଆଜି କାଲି ଢେଉ ଭାଙ୍ଗିଲେଣି
ସମୁଦ୍ରର ସପ୍ତ ପାହାଚରେ

ରଡ ରଡ ସୂର୍ଯ୍ୟର ଟାପରା
ଆଉ କେତେବା ସହିବି
ଅସହ୍ୟ ହେଲାଣି
ଦେହ,ମନ ହୃଦୟ

ହିଂସୁକ ଚିଲ,ଶାଗୁଣା
ମାନଙ୍କ ଠାରୁ ବଳି
ଏ ମାନବ ସମାଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ନିଃସର୍ତ୍ତ ନିରବତାର

ଫାଇଦା ଉଠେଇ

ଝୁଣି ବିଦାରି ଶୋଷି ସାରିଲେଣି

ପୁଳା ପୁଳା ମାଂସ ଓ ରକ୍ତ

ବାକି ଅଛି କେବଳ

ଆଖି ଲୁହ

କେହି ନଦେଖିଲେ ବି

ଭଙ୍ଗା ଦର୍ପଣ ପରଖିଛି

ବର୍ଷା ପରି ବର୍ଷି ଯାଉଥିବା

ଦୁଇ ଆଖିର ଦୁଇ ଧାରାକୁ

ଏବେ ଆଉ ନୁହଁ

ଜମା ନୁହଁ

ବହୁତ ସହିଲିଣି

ଅପେକ୍ଷା କର ମୁଁ ଆସୁଛି ।।

ସାନମନ୍ଥୁଆଘାଇ, ରାଜଘରପୋଖରୀ

ବାସୁଦେବପୁର, ଭଦ୍ରକ

ଭ୍ରାମ୍ୟଭାଷ:-୮୦୭୨୭୮୩୨୨୦ ।।

Magazine Downloaded from www.aahwaan.com

# ସ୍ୱପ୍ନ



ବିଜୟ କୁମାର ପଣ୍ଡା

ତୁମେ ଥିଲା ବେଳେ

ଫଗୁଣ ଫଗୁ ବାଣ୍ଟୁଥିଲା ମୋତେ

ପବନ ବି ଗୁଣୁ ଗୁଣୁ ଗାଇ ଯାଉଥିଲା

ଗୀତ ମୋ କାନେ ।

କେବଳ ସାଥି ନୁହେଁ

ଜୀବନ ସାଥୀଟିଏ ହେବାକୁ ସ୍ୱପ୍ନ ଦେଖିଥିଲି

ବାସ ଏତିକି ଟିକେ ଥିଲା ଭୁଲ !

ମୁଁ କହିବା ଆଗରୁ ବୋଧେ

ପଢିନେଲ ହୃଦୟ ।

ଅନୁତାପର ବହ୍ନି ରେ ଜଳୁଛି

ହୁତ ହୁତ ହେଇ

ଏ ହୃଦୟ ।

ପେରିଆସନ୍ତନି ତୁମେ

ଦୂର ଦିଗବଳୟରୁ

ଆଉଁସି ଦିଅନ୍ତ

ତୁମ ସ୍ନେହ ବୋଳା ହାତ ପାପୁଲିରେ ।

ଗ୍ରୀଷ୍ମ ବି ଗଲା

ବରଷା ବି ଗଲା

ଶରତ ବି ଆସି ଚାଲିଗଲା

ବୃକ୍ଷ ବି ପତ୍ର ଝଡ଼ା ଦେଲେ

ନୂତନପତ୍ର ସମ୍ଭାରରେ ହସି ଉଠିଥିଲା ସୃଷ୍ଟି ।

କିନ୍ତୁ ମୁଁ ଥିଲି ଅପେକ୍ଷାରେ

ଅନୁତାପର ବହ୍ନିରେ ଜଳୁଥିଲା ହୃଦୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁତ ହୁତ ହେଇ ।

ଥୁରୁ ଥୁରୁ ଶିତ ରାତିରେ

କାକର ଜୁଡୁ ବୁଡୁ ଜହ୍ନ

ଯେବେ ଭାସି ଯାଉଥିଲା

ତା ଠୁଁ ପାଇବାକୁ ଚେଷ୍ଟା କଲି

ତୁମ ଠିକଣା

କିନ୍ତୁ

ସବୁଥିରେ ନିରାଶ ।

ଅନୁତାପର ବହ୍ନିରେ

ଏବେବି ଜଳୁଛି ହୃଦୟ

ହୁତ ହୁତ ହେଇ ।

ସବଙ୍ଗ, ସିମୁଳିଆ, ବାଲେଶ୍ୱର ।

ଭ୍ରାମ୍ୟଭାଷ : ୯୭୩୮୪୯୧୮୧୬

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ନିଦ ଛୁଏଁ ଆସି ଆଖି



ତପନ କୁମାର ସ୍ୱାଇଁ

ଗପ ଶୁଣୁ ଶୁଣୁ ଗଡିଯାଏ ବେଳ
ନିଦ ଛୁଏଁ ଆସି ଆଖି,
ମାଆର କୋଳରେ କେବେ ଶୋଇ ଥଲେ
ଉଠି ପଡେ ଦେଲେ ଡାକି ।

କେବେ ପାରିଦିଏ ପଣତର କାନି
କେବେ ପାରିଦିଏ ଶେଜ,
କେବେ ଖୁଆଇଛି ତା'ଛାତିରୁ କ୍ଷୀର
କେବେ ପିଆଇଛି ପେଜ ।

ସବୁ ଅଳି ମୋର ଅଝଟ ପଣକୁ
ନିମିଷକେ ଦିଏ ବୁଝି,
ତା'ଦିଆ ସେନେହ ଶରଧାକୁ କେବେ
ପାରୁନି ଦରବେ ସୁଝି ।

ଆଖି କୋଣେ ମୋର ଜକେଇଲେ ଲୁହ
ବୁଝିପାରେ ସିଏ କଥା,
ଖରା ବରଷା ରେ ଘୋଡେଇଛି ଯିଏ
ପଣତକୁ କରି ଛତା ।

ମାଆ ମୋର ସିଏ ନୁହେଁ ଆଉ କିଏ
ଯା'ପାଇଁ ଭାବୁଛି ନିତି,
ତା'ପାଇଁ ଲେଖୁଛି ଲୁହରେ କବିତା
ସାରା ଦିନ ସାରା ରାତି ।

ଅଇବିଲି, ଜଗତସିଂହପୁର
ମୋ-୯୦୪୦୦୩୩୯୦

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# କେଡ଼େ ଅସହାୟ ଆମେ



ନିତ୍ୟରଞ୍ଜନ ନନ୍ଦ

ଆଉ ଶୁଭୁନି
ରାମ ନାମ ସତ୍ୟହେ
ହରି ନାମ ସତ୍ୟହେ
ଲୋଡ଼ା ହଉନି
ଛ ଖଣ୍ଡ କାଠର ସବାରୀ
ବିଞ୍ଚା ଯାଉନି ଖଇ କଉଡ଼ି
ମିଳୁନାହିଁ ମୁଖାଗ୍ନି
ଅସ୍ଥି ଟିକେ ମିଳୁନି କ୍ରିୟା ପାଇଁ
ସତରେ କେଡେ ଅସହାୟ ଆମେ ।

ସମସ୍ତ ପରିଜନ ଥାଇ ମଧ୍ୟ
ମିଳୁନାହିଁ ଶେଷ ଦର୍ଶନ
ଶେଷ ସ୍ପର୍ଶ
କେହି ଆସୁନାହାନ୍ତି ମଶାଣି ଯାଏ
ଫୁଲ, ଚନ୍ଦନ କାଠ, ଗୁଆଘିଅ
ଅଲୋଡ଼ା ଆଜି
କେହି ଶୁଣୁନାହାନ୍ତି ଆତ୍ମୀୟଙ୍କ
ଆକୁଳ କ୍ରନ୍ଦନ
ସତରେ କେଡେ ଅସହାୟ ଆମେ ।

ଧନୀ, ଗରିବ, ପିଲା, ବୁଢା
ସମସ୍ତେ ସମାନ
ଅସହାୟତା ଜଳ ଜଳ ଦିଶୁଚି
କିନ୍ତୁ ନାଚାର ସର୍ବେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରକୃତିର ପ୍ରତିଶୋଧ ଆଗେ

ସମସ୍ତେ ନିରବ ନିଶ୍ଚଳ ସ୍ତବ୍ଧ

ଅଦୃଶ୍ୟ ଜୀବାଣୁ କଲବଲ କରୁଛି

କୋଟି କୋଟିର ଯୁଦ୍ଧାସ୍ତ୍ର

ଦେଶ ରକ୍ଷା କରିବାକୁ ସକ୍ଷମ ସିନା

ହେଲେ ଦେଶବାସୀଙ୍କୁ ?

*ସତରେ କେତେ ଅସହାୟ ଆମେ ।*

ଗାଁ ମଶାଣି ର ସୌଭାଗ୍ୟ ଜୁଟୁନି

ସ୍ୱର୍ଗଦ୍ୱାର ବି ମନା

ଅଜଣା ଜାଗା ଆଜି

ଶେଷ ଠିକଣା

*ସତରେ କେତେ ଅସହାୟ ଆମେ ।*

ଡି.ଏଲ.ଏ -୧୨, ଭି.ଏସ.ଏସ.ନଗର,

ଭୁବନେଶ୍ୱର -୭୫୧୦୦୦

ଦୂରଭାଷ-୯୪୩୭୧୭୮୪୨୪

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ହଜିଲା ଦିନ



ଗୌରୀ ପଣ୍ଡା

ମନେ ପଡେ ଆଜି ସେଇ
ହଜିଲା ଦିନ ସ୍ମୃତି ର ଗାଥା ।
ପିଲା ଦିନ ସାଙ୍ଗ, ସାଥିର କଥା
ସେଇ ରେଡିଓର ଓଡିଆ ଗୀତ
ବାଘ, ଛେଳି, ପାହାଡ, ପାଣି
ଛୁଁ, ଛୁଁଆଣି, ଲୁକଲୁକାଣି ।
ବିଷ ଅମୃତ, କରେଣ୍ଟ ସକ୍ ।
ଛୁଟିପାରା, ବୋହୂଚୋରି ।
ଚୁ, ଡୁ ଖେଳର କାହାଣୀ ।

ନଳାଖଜା, କରମଙ୍ଗା, ଆଚାର
ଆମ୍ବୁଲ, ତେନ୍ତୁଳି, ବରକୋଳି
କାହିଁ ସେଇ ଆଇମା, କାହାଣୀ ?
ଅବୋଲକରା, ଶୁଆଶାରୀ, ବୋତଲଭୂତ
କୁନିରାଇଜ, ଶିଶୁରୋଗ, ଟିକିପିଲା ପରି
ପିଲାଙ୍କ ଦୁନିଆର ଅନେକ ସାରଣୀ ।
ସାଇକେଲରେ ବୁଲିବା
ସିନେମା ଦେଖିବା
ବାଦାମ ଖାଇବା ।
କଳାଧଳା ଟିଭିରେ ରାମାୟଣ ଦେଖିବା ।
ସେ ମଜା ଥିଲା ଅଭୁଲା ।
ଗୁରୁବାର ଝୋଟି, ଡଙ୍ଗା ଭସାଣି
ବର୍ଷାରେ ଭିଜିଭିଜି ସ୍କୁଲ୍ ରୁ ଫେରିବା
ଅଧା ଛୁଟିହେଲେ ମନଖୁସିରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହିଁ ସେ କଉଡିଖେଳ, ରଜର ଦୋଳି

ପାଞ୍ଚ ପଇସାରେ ପାଞ୍ଚଟି କମଳା

ଚକୋଲେଟ୍ ।

ମୁଢି, ବାରମଜା ।

କଣ୍ଢେଇ ଖେଳ ।

ଆଉ କୋଇଲି ପାଣି ।

ସେ ବାହାଘର ଛାମୁଣ୍ଡିଆ

ଡମବାଇଦର ଶବ୍ଦ

ମାଇରେ ପୁରୁଣା ଗୀତ ।

ସେ ରାସ୍ତା ଉପରେ ଭୋଜି

ଆଉ କାହିଁ ଦିଶୁନି ।

ସନ୍ଧ୍ୟା ରେଡିଓର ଯୁବବାଣୀ

କାହିଁ ସେ ସବୁ କୁଆଡେ ହଜିଗଲାଣି ।

ହଜିଲାଦିନର କାହାଣୀ

ମର୍ମସ୍ପର୍ଶୀ ଆଉ ମନମତାଣି ।

ଜୟପୁର, କୋରାପୁଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଜିରାଉତ କହୁଛି



ରିପୁନ୍ ଜୟ
ମହାପାତ୍ର

ମନେପଡେ ମୋ ବ୍ରାହ୍ମଣୀ ନଦୀର ଘାଟ,
ମନେପଡେ ସେ ଉଦୁଉଦିଆ ଖରାବେଳ, ଯେବେ ଥିଲି
ମୁଁ ବାଳୁତ । ।
ମନେପଡେ ଆମ୍ବତୋଟା ଆଉ ନଦୀ ବାଲିର ଖେଳ,
ମନେପଡେ ବୁଢାବାପ ର ଆକଟ,
ନାଆ ପୁଣି କାତ । ।
ମନେପଡେ ମୋର ସେ ନୀଳକଣ୍ଠପୁର ଗାଁ ,
ସଞ୍ଜରେ,ସକାଳେ ଯହିଁ ଗାଉ ଥିଲି
ନାଉରିଆ ଗୀତ । ।
ମନେପଡେ ସେ ଆନ୍ଦୋଳନ, ସେ ସଭା ସମିତି,
ଇଂରେଜ ବିରୋଧେ ଚାଲେ କେତେ
କସରତ । ।
ଶୁଣି ଶୁଣି ଦେଶଭକ୍ତି ହେଲା ମୋ ଜାଗ୍ରତ,
ପୁରାଇ ଦେବିନି ତାଙ୍କୁ କରିଛି
ଶପଥ । ।
ମୋ ଜନ୍ମ ଭୂଇଁ ପାଇଁ ମୁଁ ଜୀବନ ଦେବି
ତୁମ ହାତେ ସମର୍ପିଣ ତାର
ଭବିଷ୍ୟତ । ।

ବାମଦେଇପୁର, ଯାଜପୁର

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

# ଆଉ ନାହିଁ ସେ କାଳର ବେଳ



ସୋନାଲି ସରିତା
ବେହେରା

ମନେପଡେ ଆଜି ପିଲାଦିନ କଥା
ଋତୁରାଜ ବସନ୍ତର ପତ୍ରଝଡା ବ୍ୟଥା
ବୃକ୍ଷକୁ କରେ ସେ ସମ୍ପୂର୍ଣ୍ଣ ନଗ୍ନ
ଅପରୂପ ତାର କରେ ଯେ ମଗ୍ନ
ବଖାଣି ପାରେନି ସେ ମନର ଗ୍ଲାନି
ହୃଦୟେ ଜଳୁଛି କୋହର ବହ୍ନି
ହେଲେ ଆଜି ଆଉ ନାହିଁ ସେ କାଳର ବେଳ ।
ଏକଥା ଭାବି ମୁଁ ଭାବ ବିହ୍ୱଳ ।।

ମନେପଡେ ଆଜି ପିଲାଦିନ କଥା
ବୈଶାଖ ଝାଞ୍ଜି ଯେ ମନେ ଦିଏ ବ୍ୟଥା
ସେ ଅସହ୍ୟ ତାତିକୁ ଖାତିର ନକରି
ଆମ୍ବ ତୋଳିବାକୁ ଯାଏ ମୁଁ ବିହାରି
ସେ ଆମ୍ବଗଛ ତଳେ ଖେଳିଛି ଖେଳ
ମୁକ ସାକ୍ଷୀ ଅଛି ସେ ଖରାବେଳ
ହେଲେ ଆଜି ଆଉ ନାହିଁ ସେ କାଳର ବେଳ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟଚକ୍ରରେ ହୋଇଛି କେତେ ପରିବର୍ତ୍ତନ

ବସନ୍ତରେ ଆଉ ନାହିଁ ସେ ପ୍ରେମ ସପନ

ବଦଳି ଗଲାଣି ସବୁ ଯେ ଏ ଧରା ପୃଷ୍ଠରେ

କୋଇଲିର କୁହୁ ଶୁଭୁନି ଆଉ ବୃକ୍ଷ ଡାଳରେ

କବି ଯେ କବିତା ଲେଖୁନି ବସି ନଦୀ ପଠାରେ

ଉତ୍ତରା ମଳୟ ବହୁନି ଆଉ ଏ ବସନ୍ତରେ

ଧୀରେ ଧୀରେ ଗଲା ବଦଳି ସେ ଦିନ ବେଳ

ଆଉ ନାହିଁ ସେ କାଳର ବେଳ ।।

ନିୟମିତ ଆଉ ଆସୁନି ସେ ଋତୁରାଜ

ଘୋର ବନସ୍ତରୁ ଡାକୁନି ଆଉ ସେ ଗଜରାଜ

ସମୟ ଯେ ଗଲା ବଦଳି ଆଜିକା ଦିନରେ

କେତେ ଦୁଃଖ ଭରିଦେଇ ଗଲା ଏଇ ମନରେ

ବସନ୍ତ ଆସୁନି ଆଉ ଆଗଭଳି

ପର୍ବ ପର୍ବାଣି ବି ପାଳନ ହେଉନି ଭଳିକି ଭଳି

ଆଉ ନାହିଁ ସେ କାଳର ବେଳ

ଆଉ ନାହିଁ ସେ କାଳର ବେଳ ।।

ଦେଉଳିଗ୍ରାମେଶ୍ୱର, ସାନ ବଜାର, ଜଗତସିଂହପୁର

ଫୋନ୍ ନଂ - ୮୨୬୦୯୨୨୨୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଧୁତ୍ୱ



ଜ୍ଞାନେଶ୍ୱର ମିଶ୍ର

ବଂଧୁତ୍ୱ ବଂଧୁକରେ ମରେନାହିଁ

ବୋମାକୁଡ଼ରେ ନାହିଁ

ପବନରେ ଉଡ଼େ ନାହିଁ

ପାଣିରେ ବୁଡ଼େ ନାହିଁ

ରହିଥାଏ ହୃଦ ସିନ୍ଧୁକରେ

ପରସ୍ପର ଆନ୍ତରିକ

ବୁଝାମଣାର ଡୋରରେ

ଅବୁଝାମଣାକୁ ସହି

ବୁଝାମଣା କରିବାରେ... ! ! !

ବେଙ୍ଗାଲୁରୁ, କର୍ଣ୍ଣାଟକ

jnaneswarmishra56@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ ଗୁରୁଶିଷ୍ୟର



ତପନ କୁମାର ପଣ୍ଡା

ଶୁଣିଥିଲି ଗୁରୁ ଶିଷ୍ୟର ନିବିଡ଼ ସମ୍ପର୍କ
ରହିଥିଲା କେଉଁ ଅଜଣା କାଳେ
ବଦଳିଛି ଅଧା ଆହୁରି ବଦଳିବ
ଏହି ବ୍ୟସ୍ତ ଜୀବନର ତାଳେ ତାଳେ ।

ନାହିଁ ସେ ଗଭୀର ପ୍ରେମ, ନାହିଁ ସେ ସମ୍ମାନ
ନାହିଁ ସେ ଏକଲବ୍ୟର ଗୁରୁଦକ୍ଷିଣା ଦାନ
ଆଜିର ଛାତ୍ର ଦିଏନି ବାପାମା'ଙ୍କୁ ସମ୍ମାନ
ପୁଣି କାହୁଁ ଆସିବ ମୂଲ୍ୟଭରା ଜୀବନ ।

ଥିଲା ଏକ ରାମକୃଷ୍ଣ ଗଢ଼ିଥିଲା ବିବେକାନନ୍ଦ
ଦୁନିଆରେ ବାଣ୍ଟିଥିଲେ ମୂଲ୍ୟର ଆନନ୍ଦ
ଥିଲା ଏକ ସନ୍ଦୀପନି ନୀତିଶିକ୍ଷାର ମହାମୂନୀ
ଗଢ଼ିଥିଲେ ଗୀତା ସ୍ରଷ୍ଟା କୃଷ୍ଣ ମହାଜ୍ଞାନୀ ।

ଅସମ୍ଭବ ଏହି ସମୟ ସହିତ ସମ୍ପର୍କର ତୁଳନା
ନୈତିକମୂଲ୍ୟର ମନ ବୋଧେ ହୋଇଗଲାଣି ଊଣା
ବ୍ୟବହାର ଯୋଗ୍ୟ ଜ୍ଞାନ କୌଶଳର ନାହିଁ ଧାରଣା
ଯେପରି ଲାଲ୍ ରଙ୍ଗ କରେ ମଇଁଷି ମାରଣା ।

ଅର୍ଥ ତ କରିଲା ଏଠି ସମସ୍ତଙ୍କୁ ଅନର୍ଥ
କାହୁଁ ବୁଝିବେ କୋମଳ ବାଳକ ଏ ତତ୍ତ୍ୱ
ସନ୍ଥ, ନେତା, ଅଫିସର ଅର୍ଜିଲେ ଅର୍ଥ
ଗୁରୁ ଆଜି ମୁକ, ବଧିର ଆଉ ଅନ୍ଧ ।

ଶିକ୍ଷକ, ଭାରତୀୟ ବିଦ୍ୟାଭବନ,
ଭୀମାବରମ୍, ଆନ୍ଧ୍ରପ୍ରଦେଶ
ଭ୍ରାମ୍ୟଭାଷ : ୯୯୦୮୦୦୭୨୨୧
ଇମେଲ୍ : tpanda26@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖବର



ମନୋରଞ୍ଜନ
ବିଷୋୟୀ

ତୁ କ'ଣ ସତରେ ଆସିଛୁ ?
ତୁ ଆସିବା ଖବର
ଏବେ ଏବେ ପାଇଲି ।
ଅନେକ ଦିନ ହେଲା
ଦେଖା ହୋଇନଥିଲା ଆମର
ଗୋଟେ ଧୂଳିଝଡ଼ ଆମକୁ
ଏମିତି ଅଲଗା କରିଦେଲା ଯେ
ଦେଖା ହେଲେ ବି
କଥା ହେବାକୁ ଯୁ ନାହିଁ ମୋର ।

ମୋ ନିପାରିଲା ପଣର ଦୁଃଖ ସବୁ
ମୋତେ କ୍ଷତାକ୍ତ କରିଛି ବାରମ୍ବାର
ଏପରିକି ଆଜିଯାଏଁ ଶିଖିପାରିଲିନି
ଏ ଦୁଃଖର ସାଗରୁ ପାରି ହେବାର
କୌଶଳ କ'ଣ ମୋର ?
ତଥାପି ତୋର ସ୍ୱାଗତ ପାଇଁ
ବାହାରିଛି ହୋଇ ତରବର
ହେଲେ ତୋ ପାଖରେ
ଏକା ପହଞ୍ଚିବି ସିନା
ପାଖରେ କିନ୍ତୁ
ଆଉ କିଛି ନାହିଁ ମୋର ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୫୪୧୭୨୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ପିଲାଦିନ



ସୁଧିର କୁମାର ବାରିକ

ଆଃ କି ସୁନ୍ଦର, କି ମନୋହର,

କି ନିଆରା ସେ ମୋ ପିଲାଦିନ,

ଭାବିଦେଲେ ତାକୁ ଝୁରିମରୁଥାଏ ମୋର ଏ ମନ,

ସତେ ଫେରି ଆସନ୍ତା କି ମୋ ପିଲାଦିନ ।

କଣ୍ଢେଇ ଖେଳକୁ, ସେ ବାଲିଖେଳ,

କୁନି ପାଦେ ସେ ଚାଲି ଟଳମଳ,

ଗାଁ ଆମ୍ବଗଛେ ପହିଲି ବଉଳ,

ଖାଇବାକୁ ବହେ ମୋ ପାଟିରୁ ଲାଳ,

ପହିଲି ରଜର ସେ ବର ଓହଳ,

ବାଉଁଶ ଦୋଳିର କଉତିକିଆ ଖେଳ,

ତା'କୁ ଖେଳିବାକୁ ପଡିଯାଏ ଚହଳ,

ଭାବିଲେ ମନ ମୋ ହୁଏ ବିକଳ,

ସତେ ଫେରି ଆସନ୍ତା କି ମୋ ପିଲାବେଳ ।

ମିଛିମିଛିକା ସେ ବୋହୂଚୋରି,

ସତେ କି ସ୍ୱର୍ଗର ଲାଲପରୀ,

ଜେଜେମା ହାତର ପିଠା, ପୁରୀ, କ୍ଷୀରୀ,

 Magazine Downloaded from www.aahwaan.com

ସେ ବାସ୍ନାରେ ଲାଳ ମୋ ପଡଇ ଝରି,

ଭାବିଲେ ଏବେବି ପେଟ ଯାଏ ମୋ ପୁରି,

ସେ ସବୁକୁ ଏବେ ହୁଏ ମୁଁ ଝୁରି,

ସତେକି ସେଦିନ ଆସନ୍ତା ଫେରି ।

ସେ ପଖାଳ ଭାତକୁ, ଲୁଣ ଶୁଖୁଆ ଭଜା,

ବଡିଚୁରା ସହ ସେ ଖଡା ଶାଗ ଭଜା,

ଜେଜେଙ୍କଠୁ ଗପ ଶୁଣିବା ମଜା,

ବିଲ ହିଡରୁ ଦେଖି କଙ୍କଡ ଖୋଜା,

ଗାଁ ନଟିଆ ନନାର ହାତ ତିଆରି ଖଜା,

ଆଃ ଖାଇବାକୁ ଲାଗେ ବହୁତ ମଜା,

ସେ କୁଆଁରୀ ଝିଅଙ୍କ ଭାଲୁକୁଣି ପୂଜା ।

ହଁ ମନ ମୋହିନିଏ ତା ସାଜସଜ୍ଜା,

ସେ ଦୋଳପୂନେଇଁର କହ୍ନେଇ ପୂଜା,

ତା ସହ ଢୋଲ, ଖଞ୍ଜଣୀ ବଜା,

ଗାଁ ବୁଲି ଭୋଗ ଖାଏ ଆମ ଜଗତରଜା,

ହୋଲିଦିନର ଫଗୁ ଖେଳର ମଜା,

ପାକେଲା ବୁଢାବି ସାଜନ୍ତି ଗଜା,

ସେ କଥା ଭାବିଲେ ମନ ମୋ ହୁଅଇ ତାଜା,

କୋଉଠି ହଜିଲା ମୋ ପିଲାଦିନ ମଜା ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରୁ ଘରୁ ସରଲବଣୀ ଚୋରି,

ମା ଆକଟେ ନୟନୁ ଲୋତକ ଯାଏ ତ ଝରି,

ଭଲ ଲାଗେ ମତେ ମା ଙ୍କ ଉପରେ ଜେଜୀଙ୍କ ଜାରି,

ଭାରି ମନେପଡେ ନଖୀ ନାନୀର ସେ ଆଖୁ କିଆରି,

ସୁଆଦ ତାର ସ୍ୱର୍ଗର ଅମୃତ ପରି,

ପଢା ନାହିଁ ସେ ଚାଟଶାଳୀ ପଢା ପରି,

ସେ ବେତ ପାହାର ମନୁ ଯାଉନି ମରି,

ଅତି ସୁନ୍ଦର ମୋ ଗାଁ ପଦ୍ମ ପୋଖରୀ,

ଏକୁଳୁ ସେକୁଳୁ ଆମେ ଯାଉ ପହଁରି,

ଭାରି ଭୟଙ୍କର ଆମ ଗାଁ ନଦୀ ଭଉଁରି,

ଭାବିଲେ ଏ ଦେହ ଯାଏ ମୋ ଥରି,

କି ମଜା ତୋଳିବାରେ, ଆମ୍ବ ବୋଲୁଅ ମାରି,

ଲୁଣ, ଲଙ୍କା ଦେଇ ଖାଉ ଆଃ ଟାକରା ମାରି,

ମେଳା ଯିବାକୁ କାନ୍ଦୁ କେତେ ଅଳି କରି,

ସେ କଥା ଯିବନି ମୋ ମନୁ ପାସୋରି,

ସତେକି ମୋ ପିଲାଦିନ ଆସନ୍ତା ଫେରି ।।

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁକ୍ତିର ଗାଥା



ଦୀପକ ଷଡ଼ଙ୍ଗୀ

ତମସାଛନ୍ନ ରାତ୍ରିରେ ଥରେ ଆକାଶକୁ ଦେଲେ ଚାହିଁ
କୋଟି ନକ୍ଷତ୍ରର ଛାୟାରେ ପ୍ରଭୁ ହେ ତୁମ ଶ୍ରୀମୁଖ ଦେଖେ ମୁହିଁ ।

ଅଥଳ ସାଗର ବିଶାଳ ରୂପରେ ଥରେ ପଡିଗଲେ ଆଖି
ଦିଗହରା ହୋଇଯାଏ ମନ ତାହାର ଗରିମା ଦେଖି ।

ତରୁଲତା ଭୂଇଁ ପଶୁପକ୍ଷୀ ତହିଁ ପ୍ରକୃତି ଗଢିଛି ଯାହା
କିଏ କାହା ପାଇଁ କଣ କରିବ ତୁମରି ବିଧାନ ତାହା ।

ତୁମ ରଚନାକୁ ଭାବିଲେ ମନେ ଘୁରି ଯାଏ ମୋର ମଥା
ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ବୁଝୁଥାଅ ଦୁଃଖୀର ବ୍ୟଥା ।

ତୁମ ହାତ ଗଢା ଚାରୁ ଚିତ୍ରପଟ ସତେ ଏ ସଂସାର ପାଇଁ
ତୁମ ଆଶୀର୍ବାଦ ବିନା ମୋର ଅବା ମୁକ୍ତି କାହିଁ ?

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ନୂଆ ରୂପ



ସିଦ୍ଧେଶ୍ୱର ତ୍ରିପାଠୀ

ଓଢଣୀ ଢାଙ୍କିବା ବୟସ ତୁମର
ଯେବେଠୁ ଯାଇଛି ସରି
ଅଭୁଲା ଅତୀତ କେତେ ମିଠା ଗୀତ
ସ୍ମୃତି ହୋଇ ପଡେ ଝରି ।

ମହଣ ମହଣ ମହୁଆ ରଜନୀ
ତୁମକୁ କୋଳେଇ ନିଏ
ଆକାଶ ଛାତିରେ ଜହ୍ନ ଉଇଁଲେ
ମୋ କଥା ବୁଝିବ କିଏ ।

ମଉଳା ମନର ଯେତେକ ସପନ
ମନେ ମନେ ଗଲା ମରି
ଓଢଣୀ ଢାଙ୍କିବା ବୟସ ତୁମର
ଯେବେଠୁ ଯାଇଛି ସରି ।

ପୀରତିର ଆଶା ଆଖିର ଭରଷା
ମନର ଆବେଗ ଯେତେ
ଭାବ ବନ୍ଧନର ଦୁର୍ବଳତାକୁ
ଟେକିଥିଲି ତୁମ ହାତେ ।

ତୁମ ନୂଆ ରୂପ ମୋତେ ଅଭିଶାପ
ଦେଇଛି ପାଗଳ କରି
ଓଢଣୀ ଢାଙ୍କିବା ବୟସ ତୁମର
ଯେବେଠୁ ଯାଇଛି ସରି ।

ଖୋର୍ଦ୍ଧା, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୦୮୩୧୫୦୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନୀଳ ଆକାଶ



ଅଳକା ପ୍ରିୟଦର୍ଶିନୀ

ଅସୀମ ଅନନ୍ତ ସେଇ ସୁନୀଳ ଆକାଶ

ତା'ର ସୃଷ୍ଟି ପାଇଁ ମନେ ଉଠେ ଅବକାଶ

ସୁନେଲି ସୂରୁଜ ଲାଗି ପ୍ରଭାତ ଆକାଶେ

ନାଲି ହଳଦିଆ ରଙ୍ଗେ ମନଲୋଭା ଦିଶେ

ଅସ୍ତଗାମୀ ସୂର୍ଯ୍ୟଙ୍କର ପରଶ ଛୁଆଁରେ

ଆକାଶ ବଦଳିଯାଏ ରଙ୍ଗବେରଙ୍ଗରେ

ଆକାଶରେ ଫୁଟି ଉଠେ କେତେ ଟିକି ତାରା

ତାକୁ ଦେଖି ଖୁସି ହୁଏ ଏ ଜଗତ ସାରା

ଆକାଶ ବକ୍ଷକୁ ତାରା ଆଲୋକିତ କରି

ଆକାଶ ସୁନ୍ଦର ଦିଶେ ରାଜକୁମାର ପରି

ବିଜୁଳି ତରଙ୍ଗେ ଚିକ୍ ମିକ୍ ହୋଇଯାଏ

ଇନ୍ଦ୍ରଧନୁ ସାତରଙ୍ଗେ ସଜେଇ ଦେଇ ଯାଏ

ଲାଜେଇ ଯାଏ ଧରିତ୍ରୀ ଆକାଶକୁ ଦେଖି

ଭରିଯାଏ ସବୁଆଡ଼େ ଆନନ୍ଦର ଖୁସି ।

ମାଣିଆବନ୍ଧ, ବଡ଼ମ୍ବା
କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଓ କବିତା



ନିରଞ୍ଜନ ସାହୁ

ତୁମେ ଆସିଗଲେ କବିତା ଆସଇ
କଲମର ବେଗ ବଢ଼େ
ତୁମେ ଦୂରେଇଲେ କବିତା ଦୂରାଏ
କଲମ ନ ଚାଲେ ବାଗେ ।

କବିତା ସହିତ କବିଙ୍କ ସମ୍ପର୍କ
ଦୁନିଆ ଜାଣେ ଏ କଥା
ସେଥିପାଇଁ କବି କବିତା ପାଖରେ
ନୁଆଇଁ ଥାଏ ତା ମଥା
ବୁଝି ମୁଁ ପାରେନା ତୁମ ଠାରେ କିମ୍ବା
କବିତାର ଅନୁରାଗ ।

ତୁମେ ପାଖେଇଲେ କବିତା ପାଖାଏ
ଲେଖିବା ସହଜ ହୁଏ
କେତେ ଯେ ଅକୁହା କଥାକୁ କବିତା
ମୋ କାନରେ କହିଥାଏ
ତୁମେ କି ଜାଣିଛ ତୁମେ କି ବୁଝିଛ
କବିତାର ପାଣିପାଗ ?

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
୭୫୯୦୧୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚନ୍ଦ୍ରମା



ମନୋଜ କୁମାର ବେହେରା

ଏ ରାତିର ଆକାଶରେ ଚନ୍ଦ୍ରମା
ନିଦ ମଳମଳ ଆଖିରେ ତମେ ଆଉ ମୁଁ
ଜ୍ୟୋସ୍ନାଭରା ରାତିର ନିସ୍ତେଜ ଆକାଶରେ
ପ୍ରେମମୟ ଦୁନିଆର ଆଉ ଏକ ସହର
ଗୁପ୍ତ ସହର
ତମ ହୃଦୟର ସେ ଗହନବନର
ସଂକୀର୍ଣ୍ଣ ରାଜପଥରେ
ହାତ ଧରାଧରି ହୋଇ ଚାଲିବାର ଅଭ୍ୟାସ
ସ୍ୱପ୍ନ ସହରରେ ବଞ୍ଚିବା ଆଉ ମରିବା
ରାତିକ ଭିତରେ ହଜିବା ଆଉ ଭିଜିବା
ଲୁହ ଢଳଢଳ ଆଖିରେ
ତମର ଚିତ୍ରପଟକୁ ଛାତିରେ ଜାବୁଡ଼ି
ଗୁପ୍ତନଗରୀର ଫୁରସତ ରାସ୍ତାରେ ବୁଲିବା
ସବୁ ଲାଗେ ମିଠା
ସବୁ ଲାଗେ ମଧୁମିଶା ଚିଠା
ତମର ସେ ଗୋଲ ଗୋଲ ମୁହଁ
ହଁ ପୂର୍ଣ୍ଣିମାର ଚନ୍ଦ୍ରପରି
ମୋ ଅଧାଲେଖା କାବ୍ୟଭୂମିର
ଏକମାତ୍ର ପ୍ରେରଣାର ଉତ୍ସ
ପ୍ରେମମୟ କାବ୍ୟଯାତ୍ରାର ସେହି ଏକା ମିତ
ଏ ଧୁ ଧୁ ପ୍ରଖର ଗ୍ରୀଷ୍ମର ତେଜରେ
ତମର ସେ ହସ ମୁଲ୍ ମୁଲ୍ ଆଖି
ଏକମାତ୍ର ସାହାରା
ମରୁଭୂମି ରଙ୍ଗମାଟି ବାଲି ପନ୍ତରରେ
ସେ ସପ୍ତଫେଣି ଖଜୁରୀ ପରି
ଏ ଦୀର୍ଘମୟ ଜୀବନ ଯାତ୍ରାର
ତୁମେ ହିଁ ଏକ ମାତ୍ର ସାହାରା
ଗୋରା ମୁହିଁ ଚନ୍ଦ୍ରମୁଖୀ
ତୁମେ ମୋର ମନର ଚନ୍ଦ୍ରମା...
ହଁ...
ପୂର୍ଣ୍ଣିମାର ସଂପୂର୍ଣ୍ଣ ଚନ୍ଦ୍ରମା...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଲମ ଝର



ହେମନ୍ତ ପଲେଇ

ମୋ ସୃଷ୍ଟି ଆରମ୍ଭରୁ ମୁଁ
ଅବିରତ ଝରଣାର ଝର
'ବେଦନା'ର କଷ୍ଟ କାଗଜର ପୃଷ୍ଠ
ଅବିକଳ ପ୍ରକାଶେ ମୋରି ଗାର...

'ଆନନ୍ଦ'ର ବୈଚିତ୍ର ରୂପ ମୋରି ମୂନରେ
ତୁମରି ସାମ୍ନାରେ ରଙ୍ଗାୟିତ ଭରେ
'ଭବ୍ୟ' ଶବ୍ଦ ଭାବମୟ କରେ ମୋ ଲେଖା
ଯାହା ତୁମ ଓଠେ ନିସୃତ ହୁଏ...

ମୋରି ସମ୍ପର୍କ ଛିନ୍ନ
କେବେ ପୁଣି ଅଛିନ୍ନ
ମୋରି ନିଷ୍ଠା
ମୋରି ସେବା
ମୋରି ଝର
କେବେ କେହି ପଚାର
କାହିଁ ମୁଁ ଅବିରତ ?

କୁଣ୍ଡାକୋଟ, ଆନନ୍ଦପୁର, କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚିତ୍କାର



ସୋନାଲି ଗଡ଼ନାୟକ

ବଞ୍ଚିବାକୁ ଦିଅ ମୋତେ କରୁଛି ଚିତ୍କାର

କରନାହିଁ ମୋତେ ଜିଅନ୍ତା ସତ୍କାର

ଜାଣିଶୁଣି ମୁଜିଛି ଆଖି

ପ୍ରତିଟି କାହାଣୀର ଏ ଲୁହ ସାକ୍ଷୀ

ଖଣ୍ଡ ଖଣ୍ଡ କରି ଚିରୁଛ ମୋ ବକ୍ଷ

ସାଜିବାକୁ ମୋ ମାଂସର ଭକ୍ଷକ ରଖିଛ ଲକ୍ଷ୍ୟ !

ଚେଷ୍ଟାକର ଶୁଣିବାକୁ ମୋ କରୁଣ ସ୍ୱର

ଆଖି ଚିପି ଚିପି ଝରିପଡ଼େ କଷ୍ଟ ମୋର

ଉପଭୋଗର ପାତ୍ର ମୋତେ ନ କର ।

ନହେଲେ ଜଳିବ ଦିନେ ଏ ନିଆଁ

ସବୁକିଛି ପାଉଁଶ କରି ଉଠିବ ଧୁଆଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭାବ



ପ୍ରଣତୀ ସାହୁ

ସଜଳ ନୟନେ ଜୀବନ ସାୟାହ୍ନେ
ପ୍ରଣତି ମୁଁ ଯେ ବାଢ଼ଇ
ଛନ୍ଦା ଚରଣରେ ଅକିଞ୍ଚନ ଭାବେ
ଶରଣ ପ୍ରଭୁ ମାଗଇ ।

ନାହିଁ ମୋର ଭାବ ନାହିଁ ତ ସ୍ୱଭାବ
ପ୍ରେମ ମଧୁ ଆସ୍ୱାଦନ ପାଇଁ
ଅଟଇ ଅଧମ ଅଜ୍ଞାନ ଅକ୍ଷମ
ଜ୍ଞାନସିନ୍ଧୁ ତଟ ମାଡିନାହିଁ ।

ଅଭାଗା ଏ କଣ୍ଠ ପାନ କରିନାହିଁ
ପ୍ରୀତିପୀୟୁଷର ଧାରା
ମୁଖୁ ସ୍ଫୁରିନାହିଁ କେବେ ହେଲେ ପ୍ରଭୁ
ସେ ମହାମନ୍ତ୍ରର ନାରା ।

ମହାପ୍ରସାଦର ମହାର୍ଘ ମୂଲ୍ୟକୁ
ବୁଝି ପାରିଲିନି ପ୍ରଭୁ
ଅସୁଖ ସୁଖର ଖୋଜାଲୋଡ଼ାରେ
ଭୁଲି ମୁଁ ଯାଇଛି ସବୁ ।

ପୁତ୍ର, ଦାରା, ସୂତ ଧନ, ମାନ, ଯଶ
ସବୁ ଯେ ତୁମରି ଦାନ
ଅରଜିଛି ମୁହିଁ ସବୁ ତ ମୋହରି
କହି କରେ ଅଭିମାନ ।

ବୃଥା ଅହଙ୍କାରେ ଆତ୍ମ ବଡ଼ିମାରେ
ବିଚାର ବୁଦ୍ଧି ମୋ ଭ୍ରଷ୍ଟ
କରୁଣା ବିନ୍ଦୁଟେ ଛିଞ୍ଚିଦିଅ ପ୍ରଭୁ
କଲୁଷ ହେଉ ନଷ୍ଟ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଳସୀ ପ୍ରିୟା ମୋ ପ୍ରବାସି



ପ୍ରହ୍ଲାଦ ସାହୁ

## ନାୟିକାର ଆହଟରେ ନାୟକ ପାଗଳ.......................... !

ପାଦ ଥାପି-ଥାପି ଆସିବ, ପ୍ରୀୟା ମୋ ଅଳସୀ ସାଜି,

କୁସୁମ କଳୀକା ଫୁଟିବ, ମଧୁର ସୁବାସ ସିଞ୍ଚି ||୧||

ତା ପାଦେ ରୁଣୁ-ଝୁଣୁ ନୂପୁର, ସତେ ବୀଣା-ଜୀଣା ନିନ୍ଦି

ସେ ପାଦ ଶବଦେ ଧରା ହସଇ, ସତେକି ଉତ୍ତଳା ଝାଞ୍ଜି ||୨||

ଚମ୍ପକ କଳୀକା ପରାଏ ହସ୍ତ ଅନ୍‌ଗୁଳି ତା'ର ଆହାଃ କି ସୁନ୍ଦର

ସେ ପରଶମଣିର ପରଶ ପାଇଁ ଏ ବୁକୁ ଆଜି ଅସ୍ଥିର ||୩||

ସେ ହସିଲେ ଧରା ହସେ, ତା ହସ ସବୁରି ମନ ଚୋରାଏ

ସେ କାନ୍ଦିଲେ ମୁକୁତା ଝରେ, ତା କାନ୍ଦେ ଧରା ଝଲସି ଯାଏ ||୪||

ତା ଗୋଲାପି ଓଠ ମଧୁଝରା, ତା ଚାହାଣିରେ ଜନ୍ମ-ଜନ୍ମାନ୍ତର ଆଶ

ମୋ ବୁକୁର ସ୍ୱରତୀରେଖା ସେ, ଅଳଶୀ ପ୍ରୀୟା ମୋ ପ୍ରୀତି ପୀୟୂଷ |୫||

## ନାୟକର ବିରହରେ ନାୟୀକା ବ୍ୟଥାତୁର !

ମିତ ରେ.... ସଞ୍ଜ ନଇଁ ଯିବାପରେ ଫେରୁଥିବ ନବ ଅବଗୁଣ୍ଠିତା

ଜାଳିଣ ପ୍ରଦୀପ ଚଉଁରା ମୂଳେ ମନେଭରି ତା ପ୍ରବାସି ପ୍ରୀୟାର ବ୍ୟଥା ||୧||

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହିଁ ବସିଥିବ ସେହି ସହକାରକୁ ଯେଉଁଠି ମଧୁମାଳତୀର କୁଞ୍ଜ

ଲଟା ବହଳରେ ଗହଳ କରିଛି ଆହାଃ କି ସୁନ୍ଦର ପ୍ରଭାତୀ-ସଜ୍ଜ ||୨||

ଘୁମନ୍ତୀନି ସାଜି ଆସିବ ରାତି ସଂଗେ ଘେନି ଛାଇ-ଆଲୁଅର ଶୀଖା

ପ୍ରୀତିପ୍ଲୁତ ଦେହ ଶିହରି ଯାଆନ୍ତା ମିଳିଗଲେ ଥରେ ପ୍ରୀୟାର ଦେଖା ||୩||

ଦୀତିୟା ଚାନ୍ଦ ଉଠିବାକୁ ଥିବ ଆଉ କେଇ ଘଡି ରଜନୀ

ଅଳଶୀ ଚାଲିରେ ଆସିବେ ତା କାନ୍ତ ଶୀର୍ନ-ବସନ ପରିଧାନି ||୪||

ପଲକରେ ମୋହିନେବ ତା ହୃଦୟ ଭରିଦେଇ ମନେ ପ୍ରୀତି ପ୍ରଣୟ

ବୁକୁତଳେ ସଞ୍ଚରିଲେ ନିର୍ଝରିଣୀ ଶାନ୍ତ କରିବେ ପ୍ରୀୟା ପ୍ରଶ୍ୱାସେ ସିଞ୍ଚି ମଳୟ ||୫||

ସିନିୟର ଏଡିଟର

ଆକାଶ ଇନଷ୍ଟିଟ୍ୟୁଟ, ନୂଆଦିଲ୍ଲୀ

ଫୋନ୍ – ୮୧୩୦୬୪୦୨୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୃହବନ୍ଦୀ ଛାତ୍ରୀ ଜୀବନ



ଲୋପାମୁଦ୍ରା ତ୍ରିପାଠୀ

କରୋନା କରୋନା କରୋନା ।
ଶୁଣି ଶୁଣି କାନ ହେଲା ବଧିର ,
ହାତ ଧୁଅ ଘରେ ରୁହ ,
କାଶ ବନ୍ଦ ଛିଙ୍କ ବନ୍ଦ,
ସ୍ୱାସ୍ଥ୍ୟ କଥା ଭାବି ଭାବି
ମନ ହେଲା ଅଧିର ।।୧।।

ଲକଡାଉନ୍, ଶଟଡାଉନ୍, କ୍ୱାରାନଟାଇନ୍ ।
ଜନ୍ମ ହେଲା ଦିନୁ କାନ କେବେ ଶୁଣିନାହିଁ ।
ବଜାର ବନ୍ଦ, ଗାଡ଼ି ବନ୍ଦ ,
ସ୍କୁଲ୍ ମଧ୍ୟ ବନ୍ଦ ।
ଘରେ ରହି ପିଲାମାନେ
ହୋଇଗଲେ ବୋର୍ ।
ଯାହାକୁ ଦେଖି ଷ୍ଟାର୍ଟ ହେଲା
ଅନଲାଇନ ପାଠ ଖୁବ୍ ଜୋର୍ ।।୨।।

ଯେପରି ଆସେ ଖରା ପରେ ଛାଇ ।
ଅସୁବିଧାରେ ମୁଁ ଯେମିତି ଡରିବି ନାହିଁ ।
ବିରକ୍ତି ଭାବକୁ ଛାଡି
ପଢିବି ମୁଁ ପାଠ,
ତା ହେଲେ ଯାଇ ,
ହେବି ମୁଁ ସୁନା ଚାଟ ।।୩।।

କେତେ ଯେ ନୂଆ କଥା ।
ଶିଖିଚି ମୁଁ ଘରେ ରହି ।
ଅନଲାଇନ୍ ପାଠପଢା ଓ
ମାଙ୍କ ଠାରୁ ରୋଷେଇ ।।୪।।

ବାପା ମୋ ଅଟନ୍ତି ଆଗଧାଡିର
କରୋନା ଯୋଦ୍ଧା ,
ଜୀବନେ ହାରିବିନି କେବେ
ଶିଖିଚି ତାଙ୍କଠୁ ଏ କଥା ।।୫।।

ଅସୁବିଧାରେ ଥାଇ ମଧ୍ୟ,
ଛାଡିବିନି ଆଶା,
ଫେରିଆସିବ ପୁଣି ସେ ଦିନ,
ଅଛି ଜଗନ୍ନାଥଙ୍କ ଉପରେ ଭରଷା ।।୬।।

ସପ୍ତମ ଶ୍ରେଣୀ ଛାତ୍ରୀ,
ଗୁରୁକୁଳ ଆନ୍ତର୍ଜାତୀୟ ବିଦ୍ୟାଳୟ
ରଘୁପତି ନଗର, ବ୍ରହ୍ମପୁର, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଟବୃକ୍ଷ



ମୀନକେତନ
ବୋଡ଼କିଆ

ରହିଅଛି ସିଏ ଗାଁ ମୁଣ୍ଡ ପ୍ରାନ୍ତରେ
ବିସ୍ତାର ଡେଣା ମେଲାଇ
ମନକଥା ସବୁ ମନେ ଚାପିରଖି
ପାରୁନି କାହାକୁ କହି ।।

କେତେ ଯେ ଜନମ କେତେଯେ ମରଣ
କେତେକାଳ ଗଲା ବିତି
ଗ୍ରାମ କାରୁକାର୍ଯ୍ୟ ଭୃତ୍ୟଜନଙ୍କର
ଅଟଇ ପ୍ରମୁଖ ସାକ୍ଷୀ ।।

ଲୁଣ୍ଠନ, କଷତା, ଶୋଷଣ, ଧର୍ଷଣ
ସବୁ ସେ ଦେଖି ଆସୁଛି
ଛାୟାତଳେ ତାର ପାପପୁଣ୍ୟ ଦେଖି
ନୀରବ ଦୃଷ୍ଟା ସାଜିଛି ।।

ଜାଗିଉଠେ ମନେ ଶିକ୍ଷା ଦେବା ପାଇଁ
ଜପତପ ଧର୍ମ କଥା

ଦ୍ୱାପରରୁ ସତ୍ୟ ଋଷିମୁନି ଗଣ
କହିଥିବା ସେ ସତ୍ୟତା ।।

ମାନବ ନୁହେଁ ସେ ବଟ ବୃକ୍ଷଟିଏ
ପାରୁନିତ ଶିକ୍ଷା ଦେଇ
କଳିଜନଙ୍କର ପାପପୁଣ୍ୟ ଦେଖି
ଯାଏ ଅଶ୍ରୁଧାର ବହି ।।

ଦ୍ୱାପର ଯୁଗରେ କୃଷ୍ଣ ଭାଗବତ
ଶୁଣି ଥିଲା ଦୁଇ କର୍ଣ୍ଣ
ନିର୍ମଳ ମନ ମୋ ଅସ୍ଥିର ହେଲାଣି
ନେଇ ଯାଅ ମୋ ଜୀବନ (ପ୍ରଭୁ)
ନେଇ ଯାଅ ମୋ ଜୀବନ ।।

କଳାହାଣ୍ଡି ଧର୍ମଗଡ (କୁଦଳିମୁଣ୍ଡା)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆର୍ତ୍ତତ୍ରାଣ ଜଣାଣ



ସୁରେନ୍ଦ୍ର କୁମାର ସାହୁ

### ଆର୍ତ୍ତତ୍ରାଣ ଜଣାଣ ( ରାଗ – ଚୋଖି )

ଜୟ ପ୍ରଭୁ ଜଗନ୍ନାଥ          ପୁରୁଷୋତ୍ତମ ଅଚ୍ୟୁତ
ଦୁଃଖି ଦୁଃଖହାରୀ ପ୍ରଭୁ ସାରଙ୍ଗଧର,
କରତା ପୁରୁଷ ହରି          ନାମ ବହିଛ ବିଚାରି
ଧ୍ୟାୟୁଛନ୍ତି ପାଦେ ସଦା ବ୍ରହ୍ମା ଶଙ୍କର,
ସେବୁଛନ୍ତି ତୁମ୍ଭ ପୟର
ଇନ୍ଦ୍ରାଦି ଦେବତା ସିଦ୍ଧ ସାଧୁ ନିକର  ।।
ଅଖିଳ ବିଶ୍ୱପାଳକ          ପାଳୁଛ ବ୍ରହ୍ମାଣ୍ଡ ଯାକ
ମୋ ପରି ଦୁଃଖ ସଂସାରେ ନଥିବ କା'ରେ,
ବଧିର ସତେକି ଆଜ          ହୋଇଛ ଦେବାଧିରାଜ
ଗୁହାରିଲି ଯେତେ ପ୍ରଭୁ ନଶୁଣ ମୋରେ,
ଡ଼ାକି ଡ଼ାକି ମୋ ଦିନ ଗଲା
ଦୀନପଣ ତଥାପି ମୋ ଦୂର ନୋହିଲା  ।।
ତୁମ୍ଭ ନାମ ସ୍ମରି ଯେବେ          ଭବୁଁ ନ ତରିବି ତେବେ
ଆଉ କାହା ଆଗେ ଜଣାଇବି ଗୋସାଇଁ,
ପତିତପାବନ ବାନା          ମୋ ପାଇଁ କି ଅଟେ ମନା
ଏଡ଼େ ବଡ଼ପଣ ତେବେ କୁହ କା' ପାଇଁ,
ଦାସ ଯେବେ ଯିବଟି ନାଶ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦାସବତ୍ସଳ ନାମରେ ପାଇବ ତ୍ରାସ ।।

ଗଜରାଜ ମୋକ୍ଷ କାଳେ ନକ୍ର ବିଧ୍ୱଂସନ ବେଳେ

ଶୁଣିଛ ହେ ପ୍ରଭୁ ଲକ୍ଷେ ଯୋଜନେ ଥାଇ,

ସଙ୍କଟରେ ସେ ପାଞ୍ଚାଳୀ ଡ଼ାକିଲେ ହେ କୃଷ୍ଣ ବୋଲି

ପଞ୍ଚାବନ କୋଟି ବସ୍ତ୍ର ଅଛଟି ଦେଇ,

ସଙ୍କଟ ଜଳଧିରେ କାତ

ଦେଇ ତାରିଅଛ ସବୁ ଅଛି ହେ ଜ୍ଞାତ ।।

ସୁଦାମା ଦରିଦ୍ର କଥା ଦେଉଛି ମୋ ମନେ ବ୍ୟଥା

ଦାରିଦ୍ର୍ୟ ହରିଲ ହରି ବିତ୍ତ ବିତରି,

ସ୍ୱପ୍ନେ ସଙ୍କଟ ସମୟେ ମୃଗୁଣୀ କାନନେ ଭୟେ

ଭୟ ତା' ହରିଲ ହରି କୃପା ଯେ କରି,

ଏବେ କିମ୍ପା ବହ ହେ ରୋଷ

ପାଞ୍ଛିଛ କି ମନେ ତୁମ୍ଭ କରିବ ନାଶ ।।

ତୁମ୍ଭଙ୍କୁ ଭରସା କରି ଆହେ ଶଙ୍ଖ ଚକ୍ରଧାରୀ

ସତେ କି ତରିବି ଏଇ ଭବ ସାଗରୁ,

ସତେ ମୋ ସୁଦିନ ହେବ ମୋ ଦୀନ ଦାରିଦ୍ର୍ୟ ଯିବ

ପୁରିବ ମୋ ମନୋବାଞ୍ଛା କଳପ-ତରୁ,

ତୁମ୍ଭ ପାଦପଦ୍ମେ ମୋ ଆଶ

ଆନେ ନାହିଁ ମନ ଭଣେ ଏ ଛାର ଦାସ ।।

ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିକ୍ଷା



ଜୟନ୍ତ କୁମାର ସାହୁ

ଶିକ୍ଷା
ସମାଜ ପାଇଁ ବରଦାନ
ଯାହା କୁସଂସ୍କାରକୁ ଦୂର କରୁଥିଲା ।
ଶିକ୍ଷା
ସେ ବହିର ଅକ୍ଷର
ମନର ପ୍ରଶ୍ନର ସମାଧାନ ଉତ୍ସ ।
ଶିକ୍ଷା
ସେ ବାପାମା'ଙ୍କ ଆଦର
ଯାହା ବ୍ୟବହାରରେ ଭାସେ ।
ଶିକ୍ଷା
ଗୁରୁଙ୍କ ଆଚରଣ
ଆଉ ବିଶ୍ୱକୁ ଦେଖିବାର ଆଉ ଏକ ଧାରଣା ।
ଶିକ୍ଷା
ସେ ଗରିବର ଆଲୋକ
ଯାହା ତା ଘରକୁ ଆଲୋକିତ କରେ ।
ଶିକ୍ଷା
ଜୀବନ ପାଇଁ ଅମୃତ
ସମୟ ସହ ବଞ୍ଚିବାକୁ ଦେଉଥିବା ଆଶା ।

ଶିକ୍ଷା
ଭବିଷ୍ୟତ ପାଇଁ ଆହ୍ୱାନ
ଅତୀତ ଭୁଲର ଏକ ସଂଶୋଧନ ।
ଶିକ୍ଷା
କର୍ମକୁ ସରଳ କରିବା ଉପାୟ
ଆଉ ନିଜକୁ ସଜାଇବାର ଉପାଦାନ ।
ଶିକ୍ଷା
ନୂଆ ସକାଳର ସୂର୍ଯ୍ୟ
ପୁଣି ରାତିକୁ ଚମକାଉଥିବା ଚନ୍ଦ୍ରମା ।
ଶିକ୍ଷା
ବିପ୍ଳବର ଭାଷା
ପୁଣି ଅଧିକାରର ଶବଦ ।
ଶିକ୍ଷା
ମନ୍ଦିର ର ପୂଜା ପାଉଥିବା ଈଶ୍ୱର
ଆଉ ମଣିଷ ପରି ଗଢୁଥିବା ପ୍ରଣାଳୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକ୍ଷା...



ବର୍ଷାରାଣୀ ବିଶ୍ୱାଳ

ଶାନ୍ତ ସଳିତା ତିମିରୁ ଉଜ୍ଜ୍ୱଳକୁ
କରେ ପ୍ରଜ୍ଜ୍ୱଳିତ ମଣିଷ ପଥକୁ ।।

ଜାଗ୍ରତ ସାଜେ ସକ୍ଷମ ସମାଜରେ
ବିଭବର ମାନ ପାଏ ସଂସାରରେ ।।

ଥିଲା ଓଡ଼ିଆ ସାହିତ୍ୟ ସ୍ରୋତହୀନ
କଲା ନବଜାଗରଣ ପରିବର୍ତ୍ତନ ।।

ବ୍ୟତୀତ ଶିକ୍ଷା ପାଲଟେ ପଶୁହୀନ
ଶିକ୍ଷା ଅଟେ ଜୀବନେ ମହତ୍ତ୍ୱମାନ ।।

ଦିଏ ସଜେଇ ମାତ୍ରା ସୁନ୍ଦରତାର
ଶିକ୍ଷିତ ନୁହେଁ  ନିଅଣ୍ଟ ଦୁନିଆର ।।

ବ୍ୟକ୍ତି ମଜ୍ଜି ଯାଏ ଶିକ୍ଷା ସଂସ୍ପର୍ଶରେ
ନବନିର୍ବାଣ ସେ ବିଦ୍ୟା କବଳରେ ।।

ଶିକ୍ଷା ମୂଳଧାରା ଅଟେ ପିତାମାତା
ବିଧାତାଙ୍କ ପରି ଦୁହିଁଙ୍କ ଯୋଗ୍ୟତା ।।

କଳାହାଣ୍ଡି, ଭବାନୀପାଟଣା, (ଉଦୟପୁର)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୂତାଣୁ



ଅନସୂୟା ପଣ୍ଡା

ଉଠ କଙ୍କାଳ
ବିଦ୍ରୋହର ସ୍ୱର ତୋଳ
ଚୀନର ବୀଭତ୍ସ ବିଭ୍ରାନ୍ତ
ପ୍ରୟାସକୁ କର ପରାହତ ।
ଅକାଳରେ ଅବେଳାରେ
ଝଡିଗଲେ ବସନ୍ତର ଫୁଲ ସବୁ
ବିଶ୍ୱରେ ବିଭୀଷିକା ରଚିଦେଲା ଭୂତାଣୁ
ତା ହାତଗଢା ।

ଥରିଗଲା ଅର୍ଥନୀତି
ଫେରିପଡ଼ିଲା ବିଶ୍ୱ କେତେ ବର୍ଷ ପଛକୁ
ଇଏ ତ ଥିଲା
ତୃତୀୟ ବିଶ୍ୱଯୁଦ୍ଧ
ପରାହତ ରାଜନୀତି
ନିହତ ମଣିଷ ଏଠି ।

କୁଢ କୁଢ ଶବଙ୍କର
ବିବଶ ବେଦନାର ଆର୍ତ୍ତ ଚିତ୍କାର
ବଞ୍ଚିଥିବା ମଣିଷର ଧୂଳିସାତ୍ ସ୍ୱପ୍ନର ସହର
ଶୂନ୍ ଶାନ୍ ରାଜରାସ୍ତା
ସବୁ ଯେମିତି ଅଶୌଚ ।

ମହାଭାରତ ଥିଲା
ନ୍ୟାୟ ଆଉ ଅନ୍ୟାୟର
ଧର୍ମ ଆଉ ଅଧର୍ମର ଯୁଦ୍ଧ
ଏତ କିନ୍ତୁ ଗୋଟେ ହାତଗଢା
ଭୂତାଣୁର ଅଲମ୍ପିକ୍ସ ଖେଳ ।
ଖେଳୁଥିଲା ଚାଇନା
ହରାଇବାର ପ୍ରୟାସରେ
ଜିତିବାର ବ୍ୟର୍ଥ ଆଶାରେ
ଶ୍ରେଷ୍ଠତ୍ୱର ଦାବିଦାର ହେବାର
ମିଥ୍ୟା ରାଜମୁକୁଟ ହାତେଇବାର ।

୫ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ,
ସମ୍ବଲପୁର, ଓଡିଶା, ୭୬୮୦୧୮,
ଭ୍ରାମ୍ୟଭାଷ : ୯୪୩୯୨୧୧୯୭୧
ଇମେଲ୍ : anasuyapanda1971@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଥରେ ତ ଆସ



ପ୍ରିୟଦର୍ଶୀ

ଥରେ ତ ଆସ ଦେଖିବ .....
ଲୁଚେଇଦେବି ତମ ଭଲପାଇବାକୁ
ହଜେଇଦେବି ତମ ସାଉଁଟା ସ୍ମୃତିକୁ ।

ଥରେ ତ ଆସ ଦେଖିବ ......
ସେ ଅବାରିତ ପ୍ରେମ ପ୍ରଣୟକୁ
ସେ କ୍ଷତାକ୍ତ ମନର ରକ୍ତ ଛିଟାକୁ ।

ଥରେ ତ ଆସ ଦେଖିବ.....
ସେ ଭଗ୍ନ ହୃଦୟର ବିକ୍ଷିପ୍ତ କଳଙ୍କକୁ
ସେ ଅନ୍ଧାର ସହରର କାଳିମାକୁ ।

ଥରେ ତ ଆସ ଦେଖିବ.....
ପୂର୍ଣ୍ଣିମାରେ କୃଷ୍ଣଚୂଡାର ସ୍ୱପ୍ନକୁ
ପିଆଲା ମନର ଶ୍ରାବଣୀ ଧାରାକୁ ।

ଥରେ ତ ଆସ ଦେଖିବ......
ଅମାବାସ୍ୟାର ସପ୍ତମୀ ଜହ୍ନକୁ
ମୋ ମନ ଆଇନାରେ ତମ ମୁହଁକୁ ।

ଥରେ ତ ଆସ ଦେଖିବ.....
ତମେ, ମୁଁ ଆଉ ଆମ ଅସଜଡା କବିତା ଗୁଚ୍ଛକୁ ।

ଥରେ ତ ଆସ !!!!

ଗୋବିନ୍ଦ ନିବାସ, ପୁଟିଆ,
ଆନନ୍ଦପୁର, କେନ୍ଦୁଝର
ମୋ - ୮୨୪୯୦୪୦୬୪୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେ ପଡ଼େ ପ୍ରିୟା



ସାଗର ନାୟକ

ତୁମ କଥା ମନେ ପଡେ
ମୋ ଉଦାସ ମନରେ
ଗୋଧୂଳି ର ଗୋଲାପି ବେଳାରେ
ତୁମ ସ୍ମୃତି ଆଉ ଏକ ପୃଷ୍ଠାରେ ......(୧)

ଖୋଜେ ମୁଁ ତୁମକୁ ଦୂର ରାଇଜରେ
କେବେ ଭାବନା ରେ
କେବେ ରିୟାଦ ର ପାହାନ୍ତିଆ ସକାଳରେ
ନିରୋଳ ନିଛାଟିଆ ରାସ୍ତାରେ
ତୁମ ଚାଲି ଗୁଞ୍ଜରଣ ରେ ....(୨)

ଏ ଛାତିରେ ଭରେ ପୁଲକିତ ଶିହରଣ ରେ
ଭିଜେ ତୁମ ପାଇଁ ଅଦିନିଆ ବର୍ଷା ଛିଟାରେ
ସାଗର ର ଶାମୁକା ଭେଳାରେ
କେବେ ସପନ ରେ
କେବେ ଦିଶନି ତୁମେ ବାସ୍ତବରେ .....(୩)

ତୁମ ପ୍ରିୟ ଜହ୍ନ ଆଲୁଅରେ
ଲୁଚିରୁହ ତାରା ମାନଙ୍କ ଗହଳରେ
ପଲକ ର ପ୍ରତିଟି ଛବିରେ
ଭାସିରୁହ ପ୍ରତିକ୍ଷଣେ ଆଖିର ଜଳସ ରେ
ଖୋଜେ ମୁଁ ତୁମକୁ ପ୍ରତିଟି ମୁହୂର୍ତ୍ତରେ....(୪)

ସେଇ ରାଗ ଅଭିମାନର ମାଦକ ପ୍ରେମରେ
ମୁଁ ବୁଡି ଯାଏ ସେଇ ମିଠା ଅନୁଭୁତି ରେ
ତୁମେ ମନେ ପଡ଼
ସବୁବେଳେ
ମୋ ପ୍ରତିଟି ନିଶ୍ୱାସ ରେ
ଜାଣିଶୁଣି ମୋବାଇଲ ବନ୍ଦ କରିଦିଅ
ମୋତେ ଚେତନାର ବାହାନା ରେ......(୫)

ରିୟାଦ, ସାଉଦି ଆରବିଆ
+966549194814

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଦିଅ କୁନିଭାଇ, ନେବି ଯେ ଆଦରି



ପ୍ରଭାତ ମିଶ୍ର

ଦିଅ କୁନିଭାଇ, ନେବି ଯେ ଆଦରି
ଠାକୁର ଚରଣେ  ମସ୍ତକ ଯେ ଧରି
କହୁଅଛି ସେହି ଝିଅ ସୁକୁମାରୀ,
ମାଗୁ ନାହିଁ ପ୍ରଭୁ ଦରବ ଯେ ସରି

ଦିଅ କୁନି ଭାଇ, ନେବି ଯେ ଆଦରି  ।
ଦାସିଆ ବାଉରୀ କଲା ଯେ ଗୁହାରି
ନଡିଆକୁ ତାର ନେଲଯେ ଆଦରି,
ଭକ୍ତ ସାଲବେଗ କଥା ଶୁଣି ପାରି

ବଡ଼ଦାଣ୍ଡେ ରଥ ଦେଲ ଠିଆ କରି  ।
ଗଜରାଜ ଡ଼ାକେ  ଆହେ କୃପାବାରି
ରଣି କଲ ନିଜ ପାଖେ ଗଜକୁ ଉଦ୍ଧାରୀ,
ସୁଦାମା ଦୁଃଖ କୁ ନିଜ  ମନେ ବାରିପାରି

ନକହିଣ ଦେଲ ତାକୁ ଧନ ଅସୁମାରି  ।
ମୁହିଁ ଯେ ଭକତ ତୁମ କୀଟ ସମ ପରି
ମାଗୁନାହିଁ  କୃପାସିନ୍ଧୁ ଧନ ରତ୍ନ ସରି
ତମ ପଦାରବିନ୍ଦେ କରେ ଏତିକି  ଗୁହାରି,
ଦିଅ କୁନିଭାଇ ମୋତେ ନେବି ଯେ ଆଦରି  ।

ଇମେଲ – prabhat11499@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବହୁରୂପୀ ନାରୀ



କୈଳାଶ ଚନ୍ଦ୍ର ସାହୁ

ନାରୀ ହେଉଛି ଅନେକ ରୂପ ରେ ଗଢ଼ା
ସେ କେତେବେଳେ ଝିଅ ଆଉ ଭଉଣୀ
କେତେବେଳେ ପୁଣି ସେ ମାଆ ଆଉ ଶାଶୁ
କେତେବେଳେ ପୁଣି ସିଏ କାହାର ସ୍ତ୍ରୀ ।

ନାରୀ ନିଜ ଜୀବନକୁ ଉତ୍ସର୍ଗ କରେ
ଜନହିତ ସେବା ପାଇଁ
ସେ  ନିଜର ସର୍ବସ୍ୱ ତ୍ୟାଗ କରେ
ଅନ୍ୟ ମାନଙ୍କର ଟିକେ  ଖୁସି ପାଇଁ  ।

ନାରୀ ସର୍ବଦା  ଭାବୁଥାଏ ନିଜ ପରିବାର ପାଇଁ
ସବୁ ଦୁଃଖ କଷ୍ଟ ସହିଯାଏ ସେଇ ଟିକେ ଖୁସି ପାଇଁ
ବେଳେ ବେଳେ ପୁଣି ଦୁର୍ଗା ରୂପ ଧରି ଆଗେଇ ଆସେ
ପରିବାର ଓ ଜଗତ କଲ୍ୟାଣ କରିବା ପାଇଁ  ।

ନାରୀ ଅଟେ ବହୁରୂପିଣୀ
ସବୁକିଛି ସତେ ତା ପାଇଁ ସମ୍ଭବ
ସେ ହେଉଛି ଦୁନିଆରେ ସର୍ବଶ୍ରେଷ୍ଠ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଗତେ ସିଏ ହେଉଛି ସବୁ ଠୁ ବଳିଷ୍ଠ ।

ନାରୀ ନିଜେ ଦୁଃଖେ ଥାଇ ଅନ୍ୟକୁ ହସାଏ
ଚାହେଁ ପୁଣି ସମସ୍ତଂକୁ ଖୁସି ଦେବା ପାଇଁ
ସହେ ପୁଣି ବହୁ କଷ୍ଟ ଯନ୍ତ୍ରଣା
ସେ ଢାଳେ ପରିବାର ରେ ଶାନ୍ତିର କରୁଣା ।

ନାରୀ ଜୀବନେ ଆସେ ଯେତେ ଝଡଝଞ୍ଜା
ସେ ମୁଣ୍ଡ ପୋତି ନିଏ ସହି
ସବୁବେଳେ କରେ ନିଜ କାମ
ଦୁଃଖେ ସୁଖେ ହସୁ ଥାଇ ।

ନାରୀ ପେଟ ର ଭୋକ କୁ ଚାପି ରଖି ସର୍ବଦା ସେବା  କରେ ସଭିଙ୍କର
କେତେବେଳେ ସ୍ୱାମୀ, ପୁଣି ପୁଅଝିଅ ଆଉ ଶାଶୁ ଶଶୁର
ନିଜେ ନଖାଇ ନପିଇ ମମତା ଡୋରି ରେ ସମସ୍ତଙ୍କୁ ବାନ୍ଧି
କରିଥାଏ ସମସ୍ତଙ୍କୁ  ଅତି ଆପଣାର ।

ନାରୀ ନିଜ ଜୀବନକୁ ଖାତିର ନକରି
କରେ ସଦା ପର ଚିନ୍ତା
ତଥାପି ମଣିଷ କରେ ତାକୁ
ଅପମାନ ଆଉ ନିନ୍ଦା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରୀ ସମାନ ଦୁନିଆରେ କେହି ନାହିଁ

ଅଟେ ସେ ଜନମ ଦାୟିନୀ

ତା ପାଇଁ ହସେ ସାରା ସଂସାର ଓ ପୁରା ପରିବାର

ତା ଗୁଣ ଓ ନାମ ବଖାଣି ।

ଏଇ ବହୁରୂପୀ ନାରୀ ଙ୍କୁ ହୃଦୟ ରୁ କୋଟି କୋଟି ପ୍ରଣାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସିନ୍ଦୁର



ଭକ୍ତବନ୍ଧୁ ବିଶ୍ୱାଳ

ସିନ୍ଦୁର ସିନ୍ଦୁର ସିନ୍ଦୁର,
ସିନ୍ଦୁର ସଧବା ସୁନ୍ଦର ।୧
ସିନ୍ଦୁର ମୂଳେ ନାରୀସୁଖ
ସିନ୍ଦୁର ହସ ହସ ମୁଖ ।୨
ସିନ୍ଦୁର ପାଇଁ ଅଗ୍ନି ସାକ୍ଷୀ
ସିନ୍ଦୁର କରିଥାଏ ସୁଖୀ । ୩
ସିନ୍ଦୁର ଚିରସଖା ବନ୍ଧୁ
ସିନ୍ଦୁର ଅବଳାର ବନ୍ଧୁ । ୪
ସିନ୍ଦୁର ଜନ୍ମଜନ୍ମାନ୍ତର
ସିନ୍ଦୁର କରଇ ନିଜର । ୫
ସିନ୍ଦୁର ବଳେ ସୁଲକ୍ଷଣୀ
ସିନ୍ଦୁର ଜ୍ୟୋତିର ବର୍ଦ୍ଧିନୀ । ୬
ସିନ୍ଦୁର ଥରେ ମାତ୍ର ସ୍ପର୍ଶ
ସିନ୍ଦୁର ହୃଦୟ ଉତ୍କର୍ଷ । ୭
ସିନ୍ଦୁର ନୁହେଁ ଆନ ଭିନ୍ନ
ସିନ୍ଦୁର ସାଂସାରିକ ଚିହ୍ନ । ୮
ସିନ୍ଦୁର ପ୍ରାଣର ପରମ
ସିନ୍ଦୁର ନାରୀର ମହାନ । ୯
ସିନ୍ଦୁର ତୁଟିଲେ କପାଳେ
ସିନ୍ଦୁର ବିନା ତୁଚ୍ଛମୂଳେ । ୧୦

ଘସିଏନ୍, ପାଟଣାଗଡ଼, ବଲାଙ୍ଗିର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଇନା



ବିଶ୍ୱନାଥ ସେଠୀ

ଆଇନା ଅଟଇ ନାମଟି ତାହାର
ବିଭିନ୍ନ ଆକୃତି ତା'ର
ବିଭିନ୍ନ ରଙ୍ଗରେ ମିଳିଥାଏ ସେ
ରୂପ ଭିନ୍ନ ଭିନ୍ନ ଯା'ର ।

ଆଇନା ଭିତରେ ଲାଗିଥିବା କାଚ
ଦିଶୁଥାଏ କେଡ଼େ ସ୍ୱଚ୍ଛ
ସବୁବେଳେ ସିଏ ସତ କହିଥାଏ
କେବେ କହେନାହିଁ ମିଛ ।

ଆଇନାରେ କାଚ ସେହିପରି ଥାଏ
ଚେହେରା ବଦଳି ଯାଏ,
ଦିନରାତି କେବେ ବଦଳି ନଥାଏ
ସମୟ ବଦଳୁଥାଏ ।

ଆଇନାରେ ନିଜ ରୂପ ଦେଖାଯାଏ
ବୃଦ୍ଧ, ଯୁବକ କି ପିଲା
ଆଜି ଯିଏ ପିଲା କାଲି ବୁଢ଼ା ହେବ
ଲାଗିଛି ସଂସାର ଲୀଳା ।

ନିଜ ରୂପସିନା ନିଜକୁ ନ ଦିଶେ
ଆଇନାରେ ଦେଖାଯାଏ
ମନର ଭାବନା ଯେତେକ ସବୁକୁ
ଆଇନା ଯେ କହିଦିଏ ।

ପ୍ରକୃତ ଚେହେରା ଆଇନା କହଇ
ନକରି ତିଳେ ହେଁ ଛଳନା
ମଣିଷ ମନରେ କେତେ ଯେ ଛଳନା
କେ କରିପାରିବ କଳନା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଣାପଡ଼େ ନାହିଁ ରୂପ ରଙ୍ଗ ସବୁ
ଧିରେ ଧିରେ ଝଡ଼ିଯାଏ
ଆଇନାଟି ମୂକସାକ୍ଷୀ ପରି ସବୁ
ନିରବରେ ଦେଖୁଥାଏ ।

ଆଇନା ଦିଅଇ ସତ୍ୟର ବାରତା
ସ୍ୱଚ୍ଛତାର ନିଦର୍ଶନ
ହିଂସା, ଅହଂକାର, ଦ୍ୱେଷ ତେଜିଦେଇ
ତା'ପରି ହେବ କି ମନ ।

ଦିନ ପରେ ରାତି, ଋତୁ ପରେ ଋତୁ
ସବୁବେଳେ ହେଉଥିବ
ଆଇନାଟି ସତ୍ୟ, ସ୍ୱଚ୍ଛର ସନ୍ଦେଶ
ସବୁବେଳେ ଦେଉଥିବ ।

ଗାଁ-ଶଙ୍କରା, ବିନିକା, ସୁବର୍ଣ୍ଣପୁର,
ମୋ.୯୬୬୨୯୩୮୨୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାତିଟା କେମିତି କଟିଛି



ତୃପ୍ତି (ଲିମନ୍)

ରାତିଟା କେମିତି କଟିଛି

ସେ ରାତି ଜାଣେ,

ଯିଏ ପାଖରେ ଥିଲା...

ସେ କଷ୍ଟ ଜାଣେ,

ଯିଏ ଗୋଡ଼ ମୋଡୁଥିଲା...

ସେ ଯନ୍ତ୍ରଣା ଜାଣେ,

ଯିଏ ପେଟରେ ପାଣି ମାରୁଥିଲା...

ସେ ଛଟପଟ ଜାଣେ,

ଯିଏ ଦେହଟାକୁ କୋଳେଇ ଧରିଥିଲା...

ସେ ଆଖି ଜାଣେ,

ଯିଏ ଜଗି ବସିଥିଲା...

ସେ ଅନ୍ଧାର ଜାଣେ,

ଯିଏ ଆଲୋକକୁ ଚାହିଁଥିଲା...

ସେ ମୃତ୍ୟୁ ଜାଣେ,

ଯିଏ ମୁଣ୍ଡ ଆଉଁସୁଥିଲା...

ସେ 'ମୁଁ' ହିଁ ଜାଣେ,

ଯିଏ ସମସ୍ତଙ୍କୁ ସାନ୍ତ୍ୱନା ଦେଉଥିଲା...

'ସକାଳ ପାହି ଆସୁଛି'...

'ରାତିଟା କେମିତି କଟିଛି'...

ଢେଙ୍କାନାଳ

ଭ୍ରାମ୍ୟଭାଷ : ୭୮୯୪୫୫୬୭୦୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଫେରା ଅତୀତ



ସୀତାକାନ୍ତ ମହାପାତ୍ର

ଅତୀତ ଯାଇଛି ହଜି ଆଜି
ସ୍ମୃତିର ସହରେ
ଆଖିରେ ସଂଜ ଅଛି
କାହିଁ କେତେ ଦୂରେ...
ଗାଇବାକୁ ମନ ଚାହେଁ
ସେ ଅଭୂଲା ଗୀତି
କିଛି ହସ କିଛି ଲୁହ
ଆଉ କିଛି ମିଛ ପ୍ରତିଶୃତି...
ଫେରିବନି କେବେ ସେହି
ଅଭୂଲା ଅତୀତ
ବସନ୍ତ ଗଲାଣି ହଜି
ଆଜି ଆସିଛି ବୈଶାଖ...

ଚାରିଆଡ଼େ ମୋର ଆଜି
ମରୁଭୂମି ଧୂସର ଧୂସର
ଲାଗେ ମୋତେ ସବୁକିଛି
ବିବର୍ଣ୍ଣ ବେସୁର...
ଅଟେ ମୁଁ ସେଇ ପରାଜିତ ଅଶ୍ୱ
ଦବାକୁ ମୋର କିଛି ନାହିଁ
ଦୁନିଆକୁ
ମୁଁ ଯେ ପୁରା ନିଃଶ୍ୱ...

ଭ୍ରାମ୍ୟଭାଷ : ୯୪୩୭୬୪୯୬୧୩୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେହି ମୋ ଜନମ ଭୂଇଁ



ନବନୀତା ଚକ୍ରବର୍ତ୍ତୀ

ଚିର ବନ୍ଦିତା ଅଭିନନ୍ଦିତା
ସେହି ମୋ ଜନମ ଭୂଇଁ
ତା ବନ୍ଦନା ଗୀତି ଗାଇ ଯିବା ସାଥୀ
ନମଇଁ ଚରଣ ଛୁଇଁ

ସେହି ସେ କମଳା ସେନେହ ବତ୍ସଳା
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ତା ବୁକେ ତଟିନୀ ସୁଧା ଧାରା ଘେନି
ଯାଏ ଅବିରତ ବହି....
ସେହି ମୋ ଜନମ ଭୂଇଁ...

ଉଚ୍ଚ ପରବତ ତା କଟି ମେଖଳା
ରୁଣୁଝୁଣୁ ଛନ୍ଦ ତା ପ୍ରପାତ ମାଳା
ଶରଧା ରେ ଅତି ନୀଳ ମହୋଦଧି
ଦିଏ ଯା ଚରଣ ଧୋଇ........
ସେହି ମୋ ଜନମ ଭୂଇଁ.....

ଜଳେଶ୍ୱର, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ମାଟି ମାଁ ଓଡ଼ିଶା



ରାକେଶ କୁମାର ଦାସ

ମୋ ଓଡ଼ିଶାପରି ନାହିଁ କେଉଁ ରାଜ୍ୟ
ଦେଶ ବିଦେଶରେ ହୁଏ ଆଦରର ଭାଜ୍ୟ ।
ଓଡ଼ିଶା ପ୍ରାଚୀନ କଳିଙ୍ଗର ଆଧୁନିକ ନାମ
ପ୍ରସିଦ୍ଧି ଆଣିଛି ରାଜ୍ୟରେ ତା'ର ନିଜ କାମ ।
ଦୟାନଦୀ କୂଳରେ ଅଶୋକ ପରିବର୍ତ୍ତନ ହେଲେ
ରକ୍ତପାତରେ ବ୍ୟଥିତ ବୌଦ୍ଧଧର୍ମ ଗ୍ରହଣ କଲେ ।
ଏକ ଅପ୍ରେଲକୁ ଉତ୍କଳ ଦିବସ ମନାଯାଏ
କ୍ଷେତ୍ରଫଳ ଦୃଷ୍ଟିରେ ଓଡ଼ିଶା ଦେଶରେ ନବମେ ରହିଥାଏ ।
ଝାଡ଼ଖଣ୍ଡ, ବଙ୍ଗ, ଆନ୍ଧ୍ର, ଛତିଶଗଡ଼ ଘେରି ରହିଛି
ପୁରୀରେ ରହି ଜଗା ସାରା ଓଡ଼ିଶାକୁ ଜଗିଅଛି ।
ତିରିଶ ଜିଲ୍ଲାକୁ ନେଇ ଓଡ଼ିଶା ଗଠିତ ପରା
ବାରମାସେ ତେର ପରବ କେତେ ଜାନିଯାତରା ।
ଓଡ଼ିଶାର ହୀରାକୁଦ ବନ୍ଧ ବିଶ୍ୱରେ ଲମ୍ବା ସବୁଠୁ
ରାଜଧାନୀ ଭୁବନେଶ୍ୱରଠୁ ସୁବିଧା ମିଳିବ ବା କେଉଁଠୁ ?
ଆମ ଓଡ଼ିଶୀ ନୃତ୍ୟ ଲାଗେ ସବୁଠୁ ବଢ଼ିଆ
ପିପିଲିର ଚାନ୍ଦୁଆକୁ ସାକ୍ଷୀଗୋପାଳର ନଡ଼ିଆ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁରୀ, କୋଣାରକ, ଲିଙ୍ଗରାଜ ଯେତେ ସବୁ ମନ୍ଦିର
ଅନ୍ୟନାମ ଭୁବନେଶ୍ୱରର ମନ୍ଦିରମାଳିନୀ ନଗର ।
ରଥଯାତରାକୁ ଧନୁଯାତରା ଆଣେ ଅନେକ ପ୍ରସିଦ୍ଧି
ଅନେକ ମୂନିଋଷି ପ୍ରାପତ କରିଅଛନ୍ତି ଯେ ସିଦ୍ଧି ।
ବୀରପୁତ୍ର ବିଜୁବାବୁ ସୁରେନ୍ଦ୍ର ହଉ ଅବା ଜଗବନ୍ଧୁ
ଓଡ଼ିଶାକୁ ସାହା ହୁଅ ସର୍ବଦା ହେ ଦୀନବନ୍ଧୁ ।

ଖରିଜା ପାଟନା, ଲକ୍ଷ୍ମୀନାରାୟଣପୁର, ବାଲକାଟି
ପିପିଲି, ପୁରୀ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଖୁଣରେ ଗୁଣ



ସୁବାସ ଚନ୍ଦ୍ର ମୁଦୁଲି

ଏତେ ଖୁଣ ଥାଇ

ଏତେ ଗୁଣ କିଏ

ଭରିଲା ତୋହରି ଠାରେ

ହାତ ପାଦ ନାହିଁ ଏତେ ସୁନ୍ଦର ତୁ

କେମିତି ଦିଶୁଛୁ

ରତନର ସିଂହାସନେ

ଅବକାଶ ଠାରୁ ବଡ଼ ସିଂହାର

ଘଡ଼ିକେ ବଦୁଳୁଛି ବେଶ ତୋହର

ଭାବିଲେ ମୋ ମଥା ଘୁରି ଯାଉଛିରେ

ପାଉନାହିଁ ମୁଁ ତୋ ଥଳ କୂଳ

କଳାମାଣିକ ତୁ କଳାକାଞ୍ଚନ

କଳା ଚାନ୍ଦ ତୋର କଳା ବଦନ

କଳା କମଳ ତୁ ନାଁ କାଳିଆ

କଳା ଧନ ନୁହେଁ କାଳିଆ ଧନ ଯେ

କଳା ବଜାରରେ

ଲୁଚାଇ ବିକିବ ଏ ଅକିଞ୍ଚନ

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁର

ମୋ - ୯୪୩୭୭୮୦୫୪

Magazine Downloaded from www.aahwaan.com

# ନୁହେଁ ମୁଁ ଲେଖିକା



ଅଲିଭା ସାହୁ

କାଗଜ ପୃଷ୍ଠା ରେ କଲମ ମୁନରେ
ବୋହିଯାଏ କାଳୀ କେବେ ଦୁଇ ଧାରେ । ।।
ଆନମନା ଭାବନା ମୋ ଲେଖି ଚାଲିଯାଏ
କେବେ କେବେ ପୁଣି କିଏ ପଢି ଦିଏ । ।।
କାହାକୁ ଲାଗେ ସେ ଅତି ଯେ ସୁନ୍ଦର
କିଏ ପଢି ପୁଣି ଦିଅନି ଉତ୍ତର । ।।
ମନର ଭାବନା କହି ଯେ ନ ହୁଏ
ଅଲିଭା କାଳୀରେ ଲେଖି ହୋଇଯାଏ । ।।
ଲେଖୁ ଲେଖୁ ପୁଣି ସାଜେ ସେ କବିତା
ଧରା ପଡି ଯାଏ ମୋର ନିରବତା । ।।
ନୀରବ ମନରେ ଲେଖେ ସିନା ନୀତି
ମାପି ପାରେ ନାହିଁ ତାର ଅବା ଗତି । ।।
କେଇ ପୃଷ୍ଠା  କାଗଜରେ ହୋଇଯାଏ ବହି
ସେ ବହି ପଢି ପୁଣି କା'ର ମନ ଯାଏ ମୋହି । ।।
ନିରନ୍ତରେ ଲେଖୁଥାଏ ଏକୁଟିଆ କୋଣେ
କେଇ ପଦ ଲେଖା ସବୁରି ମନ କୁ ତ ଜିଣେ । ।।
କିଏ କେବେ ପ୍ରଶ୍ନ କରେ ଇଏ କାହା ହାତ ଲେଖା
ଆଢୁଆଳେ ଲୁଚି ଯାଏ କେବେ ପୁଣି ଏକା । ।।
ନାମ ନାହିଁ ତାର ସିଏ ଅନାମିକା
ଲେଖିଛି ମୁଁ ସତେ ନୁହେଁ ମୁଁ ଲେଖିକା । ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରକୃତିରାଣୀର କେତେ କାହାଣୀ



ବାବାଶେଖର ବେହେରା

ଘନ ଘନ ଆଜି ବିଜୁଳି ଚମକେ,
ଘଡ଼ ଘଡି ଶବ୍ଦେ ଆକାଶ କମ୍ପେ !!!
ମୟୂର ରହିଛି ଆକାଶେ ଚାହିଁ,
ତା ଛମ ଛ ମ ନୃତ୍ୟ ମନ ଲୋଭାଇ !!!
ବର୍ଷା ଟିପା ଯେବେ ଆକାଶେ ପଡ଼େ,
ଇନ୍ଦ୍ରଧନୁ ସାଜି ଦିଶେ ପାହାଡ଼େ !!!
ଇନ୍ଦ୍ରଧନୁ ସାଜେ ସାତ ରଙ୍ଗରେ,
ଆନନ୍ଦ ର ଛିଟା ପଡ଼େ ମନରେ !!!
ମୋ ଘର ଚାଳରୁ ପାଣି ବରଷେ,
ତଳେ ପଡି ଛୋଟ ନଈ ଟେ ସାଜେ !!!
ସେ ଛୋଟ ନଈ ରେ କାଗଜ ଡଙ୍ଗା ମୋ,
ଭାସି ଭାସି ଯାଇ ବୁଲେ ରାଇଜେ !!!

ବର୍ଷାରାଣୀ ଯେବେ କ୍ଷେତରେ ପଡ଼େ,
ମଲା କ୍ଷେତ ଉଠି ସଅଳ ବସେ !!!
ଉଠି ବସି ଯେବେ ଗଗନେ ଚାହେଁ,
ବର୍ଷାରାଣୀ ଦେଖି ମୁରୁକି ହସେ !!!
ସ୍ତ୍ରୀ ହାତ ରନ୍ଧା ଭଜା ପଖାଳ,
କାନ୍ଧେ ବୋହି ଚାଷୀ ଆସେ ସଅଳ !!!
କୃଷକ ଭାଇ ମୋ କ୍ଷେତକୁ ଆସେ,
ଗାମୁଛା କୁ ତାର ଅଣ୍ଟାରେ ଖୋଷେ !!!
ହ ଟିହି ଟିହି ଲଙ୍ଗଳ କଷ୍ଟି,
ମୁହଁରେ ତାର ଏଇ ଗୀତଟି !!!
ଗାଇ ଗାଇ ସିଏ ହଳ କରାଏ,
ଓଦା ମାଟିରେ ସେ ସୁନା ଫଳାଏ !!!

ଗ୍ରା/ପୋ : ଦେଓଗାଁ, ଥାନା : ଗନ୍ଦିଆ
ଢେଙ୍କାନାଳ, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୭୧୦୯୫୪୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାହାଘର



ଆଲୋକ କୁମାର ସାହୁ

ବାପା ବୋଲି ଆଉ କାହାକୁ ଡାକିବି
ଯେବେ ଯିବି ଶାଶୁଘର,
ଏତେ ପର ମୋତେ କାହିଁକି କରୁଛ
ଏଇ କଣ ମୋର ଅଧିକାର । (୧)
ପିଲା ବେଳୁ ମୁଁ ଯେ ମାକୁ ଦେଖିନି
ତମେ ମୋର ବାପା, ମା
ଏତେ ସୁଖ ଦେଲ ଜୀବନ ସାରା ଯେ
ଏବେ ମୋତେ ପର କର ନା । (୨)
ଏତେ ସ୍ନେହ ମୋତେ ଦେଉଥିଲା କିଆଁ
ଏହି କଣ ତାର ପ୍ରତିକାର,
ବଡ଼ ଉପହାର ଦେବ ବୋଲି କହି
ଦେଇ ଦେଲ ଏହି ଉପହାର । (୩)
ଘୋଡା ହୋଇ ମୁଁ ଯେ କା ଉପରେ ବସିବି
ଯେବେ ଯିବି ଶାଶୁଘର,
କା ଗପ ଶୁଣି ରାତିରେ ଶୋଇବି
ସପନ ହେଲା ମୋ ଛାରଖାର । (୪)
କାମ ରୁ ଆସିଲେ ଶାଗ ପଖାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ କିଏ ଖାଇବାକୁ ଦେବ,

ରୁଷି ଗଲେ ପୁଣି ବାହାନା କରି

ପଛରେ ଗେଲ କରିବ । (୫)

କିଏ ପୋଛିଦେବ ତମ ଆଖି ଲୁହ

ମନ ଯେବେ ଦୁଃଖୀ ହେବ,

ପାଖ ଜମିକୁ ଖାଇବା ନେଇକି

କିଏସେ ଆଉ ଯିବ । (୬)

ଦୁଷ୍ଟ ହେଲେ ମତେ ମାଡ଼ ଦେଇ

ପୁଣି ପଛେ ଗେଲ କର,

କି ଦୁଷ୍ଟ ହେଲି ସବୁଦିନ ପାଇଁ

କରିଦେଲ ମୋତେ ପର । (୭)

ବାପା ଭଲ ବନ୍ଧୁଟିଏ

ପିଲାବେଳୁ ମୋର ଥିଲ,

ଅଳି ଅଝଟିରେ ସବୁବେଳେ

କରୁଥିଲ ମୋତେ ଗେଲ ।(୮)

କିଏ ସେ ଜାବୁଡ଼ି ଧରିବ

ଯେବେ ମତେ ଡର ଲାଗେ ।

ନ ଖାଇ ଥିଲେ ମୁଁ

କିଏ ଖୁଆଇବ ସରାଗେ । (୯)

ସାଇକେଲ ପଛେ କିଏ ବସେଇବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଲେଇବ ପୁଣି ମତେ,
ଯାତରା ଦେଖେଇ, ମେଲଣ ବୁଲେଇ
ଗେଲ କରୁଥିବ କେତେ ? (୧୦)
କିଏ ପାଣି ଦେବ ବାଡି ବଗିଚାରେ
ମୁଁ ଚାଲି ଗଲା ପରେ,
ଗାଇ ଗୋରୁ ଙ୍କୁ ଖାଇବାକୁ ଦେବ
କିଏ ସେ ସ୍ନେହ ଶ୍ରଦ୍ଧାରେ । (୧୧)
ହଳରୁ ଆସିଲେ ଘରକୁ
କିଏ ମୋଡିଦେବ ପାଦକୁ,
ମନେ ପକେଇବନି ପୁରୁଣା କଥାକୁ
ଝୁରି ଝୁରି ତମ ଝିଅ କୁ । (୧୨)
ଫସଲ ଅମଳ କିଏ ସେ କରିବ
ବିରି,ମୁଗ ଆଉ ଧାନ,
ଭୁଲ କଲେ ମତେ କିଏ ସେ କହିବ
ଧର୍ ତୋର କାନ । (୧୩)
ପୋଷାକ ଅସନା ହେଲେ,
କିଏ ସେ ତାକୁ ଧୋଇବ,
ତଡି ଦେଲେ ମତେ
ନିଜେ ହଇରାଣ ହେବ । (୧୪)
ବୃନ୍ଦାବତୀ ମୂଳେ ସନ୍ଧ୍ୟାବତୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏସେ ଆଉ ଦେବ,

ପର କରି ଦେଇ ମତେ

ସୁଖରେ କି ତମେ ରହିବ ।(୧୫)

ସାତ ପର କରି ଠେଲି ଦେଉଛ ଯେ

ସାତ ପାହାଡ଼ର ତଳକୁ,

କିଏସେ ଚାହିଁ ରହିବ ଯେ

ଯାଇଥିବ ଯେବେ ହଳକୁ । (୧୬)

ଏତୁଟିରୁ ଏତୁଟିଏ କରି ପାଳିଥିଲ

ତମ ଏଇ ଗେହ୍ଲା ଝିଅକୁ,

ବାପା ସାଥେ ମୋର ଜୀବନଟା ବିତୁ

ଡ଼ାକୁଥାଇ ନିତି ଦିଅଙ୍କୁ । (୧୭)

ଜାଣିନଥିଲି ମୁଁ, ଥିଲା କଣ ଏଇ

ମୋର ଭାଗ୍ୟ ରେଖା ।

ମା କୁ ହରାଇ ବାପାଙ୍କୁ

ଛାଡିକି ଚାଲିଯିବି ଏକା ଏକା । (୧୮)

ଗ୍ରା/ପୋ : ବିଧାରପୁର, ଥାନା : ଗନ୍ଦିଆ

ଢେଙ୍କାନାଳ, ୭୫୯୦୧୬, ଓଡ଼ିଶା

ଭ୍ରାମ୍ୟଭାଷ : ୬୩୭୧୬୫୮୫୫୨

ଇମେଲ୍ : aksahoo2s18@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘର



ସରୋଜ କୁମାର ସାହୁ

ଚାଳ ହେଉ କି ଛାତ ହେଉ ସେ
ଅବା ଟାଇଲି ଘର
ନିଦରେ ଶୋଇ ଶାନ୍ତିରେ ଖାଉ
ନଥାଏ ସେଠି ଡର ।

ଖରା ବରଷା ଶୀତ କାକର
ଆମରି ପାଇଁ ସହେ
ମାସ ନୁହେଁ କି ବରଷ ନୁହେଁ
ସାରାଜୀବନ ରହେ ।

ସହୁଛି କେତେ ଅଳି ଅଝଟ
କରୁନି ମନ ଊଣା
ତାପାଇଁ କେତେ ଘରକରଣା
ନିଇତି ହୁଏ କିଣା ।

ଜାଗା ଦେଇକି ତାହାରି କୋଳେ
କରୁଛି ଆମ ରକ୍ଷା
ପରୋପକାର ସ୍ନେହ ଆଦର
ଦେଉଛି ନୀତି ଶିକ୍ଷା ।

ସଫାସୁତରା ରଖିବା ତାକୁ
ସରଗପୁର ପରି
ହସଖୁସିର ପରିବାରରେ
ସପନ ଦେବ ଭରି ।

ଆଠଗଡ଼, କଟକ
ଭ୍ରାମ୍ୟଭାଷ : ୯୩୪୮୫୭୫୨୨୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷା ଅଫେରା ଅତିଥିର



ସାଇ ଉଜ୍ଜୟିନୀ ଜେନା

ଏକ କାଳରାତ୍ରିର ପାହାନ୍ତି ସ୍ୱପ୍ନର ଶେଷରେ
ଆଖି ଖୋଲୁ ଖୋଲୁ ଜୀବନକୁ
ଶୂନ୍ୟତାର ଶେଷରେ ପାଇଲି ।

ପାପୁଲିରେ ସେ ପରସର ଉଷ୍ମତା ଏବେ ବି ଜୀବିତ
ହେଲେ, ସେ ବ୍ୟକ୍ତିତ୍ୱ ଆଜି ଅସ୍ପଷ୍ଟ
ଏହା ବାସ୍ତବ ନା ମୁଁ ଭ୍ରମିତ ।

ବିରହୀ ହୃଦୟ ଆଜି ବି ମୃଗତୃଷ୍ଣା ନୟନରେ
ଆଖିର ଝରକା ଦେଇ କାହାକୁ ଅପେକ୍ଷା କରିଛି
ଯିଏ କେବେ ନ ଫେରିବାର ବଚନ ଦେଇଯାଇଛି ।

ଇତଃସ୍ତତ ପ୍ରାଣର ଧ୍ୟାନ ଭଙ୍ଗକରି
ଅନେକ ପ୍ରଶ୍ନ ମୋ ମୌନତାକୁ ପ୍ରଶ୍ନ କରୁଛନ୍ତି
ପ୍ରତି ବଦଳରେ ଉତ୍ତର ଅତ୍ୟାବଶ୍ୟକ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ଶୂନ୍ୟ ମାଠିଆ ସଦୃଶ ଜୀବନ

ବ୍ୟଥା, ବ୍ୟାକୁଳତା, କୋଳାହଳରେ ପରିପୂର୍ଣ୍ଣ

ଆଉ ସେଥିରେ ନିରବତାର ଯବନିକା ପଡ଼ିଯାଇଛି ।

ଗ୍ରା/ପୋ : ଡଅଁର, କେନ୍ଦୁଝର

୭୫୮୧୨୧, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ମଞ୍ଜୁରାଣୀ ମିଶ୍ର

ନାରୀ- ଜନନୀ ଭଗିନୀ ଜାୟା
ସେ ତ ସୂର୍ଯ୍ୟାସ୍ତ ନଦୀର ମାୟା
ସେ ତ ଶୀତଳ ରାତିର ଯୋଛନା
ଫୁଲ ଫୁଟୁଥିବା ବସନ୍ତର ଋତୁ
କବିର କୋମଳ ଭାବନା
ସୃଷ୍ଟିର ସର୍ଜନା ଆଲୋକର ବିନ୍ଦୁ
ସହି ସହି କେତେ ଯାତନା
ତାକୁ ନେଇ କେତେ ପଶାପାଲି ଖେଳ
ପୁରାଣ ଯୁଗରୁ ଇତିହାସ ଯାଏ
ତାର ନାରୀତ୍ୱର ନାହିଁ ତୁଳନା

ଏଇ ନାରୀ ଦିନେ କୁରୁସଭା ତଳେ
ଆତୁର କଣ୍ଠେ ମାଗିଥିଲା ନିଜ ଇଜ୍ଜତ
ଏଇ ନାରୀ ପାଇଁ ସ୍ୱର୍ଣ୍ଣଲଙ୍କା ହେଲା ବିଭକ୍ତ
ଆଜି ଏଇ ନାରୀ ପୁରୁଷ ହାତର ଖେଳଣା
ହଜିଯାଇଥିବା ପୁରୁଣା ବହିର
ମନେପଡୁଥିବା ରଚନା
ନାରୀ ପାଇଁ କେତେ ନୂଆ ଅଭିଧାନ
ପ୍ରେମ ପ୍ରଣୟର ବିଶେଷ କଥନ
ଯୌତୁକର ନିଆଁ ନିଲାମ ଡାକରା
ବଧୂହତ୍ୟା ଗଣ ଧର୍ଷଣ
ତା ପାଇଁ ତ ଆଉ ବସୁଧା ଫାଟୁନି
ଆକାଶ ନିର୍ମମ ନିଦାରୁଣ
ପବନର ଗତି ଅଟକି ଯାଉନି
ତା ଜୀବନ ଯୌବନ ବିଦୀର୍ଣ୍ଣ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁରୁଷ ମନର ଭୋକ

ନାରୀକୁ ସଜାଏ ସ୍ୱର୍ଗଲୋକରୁ ନର୍କ

ଆସ ମା ଦେବୀ

ଶକ୍ତି ରୂପେଣ ସଂସ୍ଥିତା

ଆଉଥରେ ଅବତରି

ପାଶବିକତାର ବିକୃତ ମୁଖାକୁ ନିଜ ହସ୍ତେ ଦିଅ ସଂହାରି

ମୁଗ୍ଧ ଚେତନା ସଞ୍ଚରି ଯାଉ

ପ୍ରତିଟି ଜୀବନେ ଭରିଯାଉ ନୂଆ ସଂକେତ

ନାରୀ ପାଇଁ ହେଉ ସାଗର ମନ୍ଥନ

ଅଲୋଡ଼ା ନହେଉ ତା ଜୀବନ କାବ୍ୟ

ଅମୃତର ମିଳୁ ସନ୍ଧାନ

ହାଇଦ୍ରାବାଦ

୭୩୮୦୨୬୫୭୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ମହାନଗୁରୁ



ଚନ୍ଦ୍ରକାନ୍ତ ଜେନା

ହେ ମହାନ ଗୁରୁ...
ପ୍ରଣାମ ଜଣାଉ ଆମେ ତୁମକୁ
ଘେନ ପ୍ରଣାମ ଜଣାଉ ଅଛୁ ତୁମକୁ ।

ଏହି ପବିତ୍ର ଦିନରେ, ପ୍ରେମ ଭକ୍ତି ସରଧାରେ
ତବ ପଦ ତଳେ ସାହି ପୂଜାରୀ ।
ଘେନ ପ୍ରଣାମ ଜଣାଉ ଅଛୁ ତୁମକୁ ।

ତୁମେ ଅଜ୍ଞାନ ନାଶକ, ତୁମେ ଜ୍ଞାନ ବିତରକ
ଅନ୍ଧକାର ପଥେ ତୁମେ ଆଲୋକ ।
ଘେନ ପ୍ରଣାମ ଜଣାଉ ଅଛୁ ତୁମକୁ ।
ତୁମକୁ, ତୁମକୁ, ତୁମକୁ, ଆମେ ପ୍ରଣାମ ଜଣାଉଅଛୁ ତୁମକୁ...

କଣ୍ଟକିତ ପଥକୁ ଯେ ତୁମେ କର କୁସୁମିତ
ମଧୁର ପରଶେ ସଂସ୍ଥାପିତ ପ୍ରାଣ ଉଲ୍ଲସିତ...
ଏ ଭବ ସାଗରେ ତୁମେ ନାଉରୀ ଆମ ନାଆର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରି କରିଦିଅ ଏଇ ଜୀବନ

ଘେନ ପ୍ରଣାମ ଜଣାଉ ଅଛୁ ତୁମକୁ ।

ତୁମକୁ, ତୁମକୁ, ତୁମକୁ, ଆମେ ପ୍ରଣାମ ଜଣାଉଅଛୁ ତୁମକୁ...

ବାଟହୁଡ଼ା ବାଟୋଇର ତୁମେ ଅଟ ଧ୍ରୁବତାରା

ସ୍ନେହ, ପ୍ରେମ କରୁଣାର ଅବା ସଦା ବାରିଧାରା ।

ନିତି ଆଦର୍ଶେ ଗଢ଼ ତୁମରି ସେଇ ଜୀବନ

ତୁମେ ଆମ ହୃଦୟର ସ୍ପନ୍ଦନ...

ଘେନ ପ୍ରଣାମ ଜଣାଉ ଅଛୁ ତୁମକୁ ।

ତୁମକୁ, ତୁମକୁ, ତୁମକୁ, ଆମେ ପ୍ରଣାମ ଜଣାଉଅଛୁ ତୁମକୁ...

ନିଦାଘର ଉଷ୍ଣତାରେ ତୁମେ ବରଷାର ବିନ୍ଦୁ

ଶାନ୍ତ, ଦୟାଶୀଳ ପୁଣି ତୁମ ହୃଦୟର ସିନ୍ଧୁ

ତୁମେ ମଙ୍ଗଳମୟ ହେ, ଆହେ କୃପାର ସାଗର

ବନ୍ଦନା କରୁଛୁ, ଆମେ ତୁମକୁ

ଘେନ ପ୍ରଣାମ ଜଣାଉ ଅଛୁ ତୁମକୁ ।

ତୁମକୁ, ତୁମକୁ, ତୁମକୁ, ଆମେ ପ୍ରଣାମ ଜଣାଉଅଛୁ ତୁମକୁ...

(ସମର୍ପିତ ଭକ୍ତି ଅର୍ଘ୍ୟ, ସେହି ରାଷ୍ଟ୍ରନିର୍ମାତା, ମହାନ ଗୁରୁଙ୍କ ପାଦତଳେ)

ସହକାରୀ ଶିକ୍ଷକ, ପୁରୁଷୋତ୍ତମପୁର, ଫୁଲନଖରା, କଟକ, ୭୫୪୦୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତୀତ



ସୌମ୍ୟରଞ୍ଜନ ପାତ୍ର

ଗହଳ ରାତିର ବହଳ ଅନ୍ଧାରେ
ତୁମ ସ୍ମୃତି ଉଙ୍କିମାରେ
ନିଜେ ମୁଁ ନିଜକୁ ଭୁଲିଯାଇଥିଲି
ତୁମକୁ ଦେଖିଲା ପରେ !

ଆକାଶରେ ତାରା ଗୋଟି ଗଣିତା ଲୋ
ଗଣିକି ପାରିବ କିଏ
ମନ ତଳ ବେଦନା ମନରେ ଥାଏ
ବୁଝି କି ପାରିବ କିଏ ?

ଫିକା ଲାଗେ ପୁନେଇଁ ଜହ୍ନ ଜୋଛନା
ସାଥି ତୁମ ବିଚ୍ଛେଦରେ
ମନ ବଗିଚାରୁ ଗୋଲାପ ଝାଉଁଳେ
ଜଳେ ଜଳନ୍ତା ଜୁଇରେ ।

ଏଇ ମୋ ମନ ଅଲୋଡ଼ା ପାନ୍ଥଶାଳା
ତମକୁ ଅପେକ୍ଷାରତା
କେବେ ମୁଁ ଗାଉଛି ବିରହ ସଂଗୀତ
କେବେ ଲେଖୁଛି କବିତା ।

ଆଖି କୋଣରୁ ଝରୁନାହିଁ ଲୋତକ
ଅନ୍ତରୁ ଝରଇ ଲହୁ
ପରଦେଶୀ ସାଥି ପାଷାଣ ହୃଦୟ
ଆଶା ସେ ଭଲରେ ରହୁ ।

ଅତୀତର ସେଇ ଅଭୁଲା ସ୍ମୃତିଟା
ଝାପସା ଆଲୁଅରେ ଆସେ
ଆଖିର ଲୋତକ ବିନ୍ଦୁଟିଏ ହୋଇ
ଦୂର ଦିଗବଳୟେ ଦିଶେ ।

ଗ୍ରା/ପୋ : ଖଡ଼ିଅଙ୍ଗ,
ଜିଲ୍ଲା : ଯାଜପୁର,
୭୫୫୦୦୯, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାଧାଗୋପାଳ



ଶ୍ରୀରାଜଶେଖର
ସି 'ଚିମା'

ରାଧିକାଙ୍କର ତୁମେ ହେଲ ଆରାଧ୍ୟ,
ଏହି ପ୍ରେମର ନାହିଁ ଯେ ତାରତମ୍ୟ,
ତୁମର ରାସଲୀଳା ଅତ୍ୟନ୍ତ ସୁରମ୍ୟ,
ତୁମର ବଂଶୀର ରବ ସର୍ବଦା ଶ୍ରାବ୍ୟ ।୧।

ତୁମେ ରାଧାଙ୍କ ହୃଦୟରେ କରିଛ ନିଳୟ,
ତୁମେ ନିଜେ ପ୍ରଣୟର ଦିବ୍ୟ ଦେବାଳୟ,
କିଶୋରୀଙ୍କୁ ତୁମ ସ୍ମିତହାସ ଯେ ଦର୍ଶନୀୟ,
ରାଧିକାଙ୍କୁ ସତତ ପ୍ରିୟତର ତୁମ ଦିବ୍ୟଚୟ ।୨।

ବୃନ୍ଦାବନକୁ ସଂସ୍ପର୍ଶ କରିଲେ ତୁମର ଶ୍ରୀଚରଣ,
ଯମୁନା ତଟ ପାବନ କରିଲେ ତୁମର ପଦ୍ମଚରଣ,
ଅନନ୍ତ ଅନୁରାଗର କରି କରି ଚାଲିଲ ବିତରଣ,
ରାଧିକାଙ୍କ ପାଇଁ ତୁମେ ହେଲ ରମଣୀୟ ରମଣ ।୩।

ତୁମ ବଦାନ୍ୟ ବଦନ ଯେ ପ୍ରସ୍ଫୁଟିତ ପଙ୍କଜ,
ଅବର୍ଣ୍ଣନୀୟ ତୁମ ମୁଖଚନ୍ଦ୍ରର ସତେଜ ତେଜ,
କୃଷ୍ଣପ୍ରେୟସୀଙ୍କର ତୁମେ ମନୋଜ୍ଞ ମନୋଜ,
ରାଧାଗୋପାଳ ହୋଇ ସୁପ୍ରସିଦ୍ଧ କରିଲ ବ୍ରଜ ।୪।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆସନ୍ତୁ ନୀରବ ରହିବା



ରମଣୀକାନ୍ତ ସାହୁ

(ଚିଲିର ବିଖ୍ୟାତ କବି Pablo Neruda ଙ୍କ ଇଂରାଜୀ  କବିତା Keeping Quietର ଓଡ଼ିଆ ଅନୁବାଦ)

ବର୍ତ୍ତମାନ ଆମେ ଏକରୁ ବାର ପର୍ଯ୍ୟନ୍ତ ଗଣିବା
ଏବଂ ଆମେ ସମସ୍ତେ ନୀରବ ରହିବା ।

ସମଗ୍ର ଧରାପୃଷ୍ଠରେ ଏକ ସମୟରେ
କେହି କହିବାନି କୌଣସି ଭାଷା
ଆସନ୍ତୁ ଚୁପ୍ ରହିବା କିଛି ମୁହୂର୍ତ୍ତ ପାଇଁ
ଏବଂ କ୍ଷାନ୍ତ ରହିବା ସମସ୍ତ କାର୍ଯ୍ୟକଳାପରୁ

ଏହାହେବ ଏକ ଆଶ୍ଚର୍ଯ୍ୟଜନକ ମୁହୂର୍ତ୍ତ
ନା ଥିବ, କୌଣସି ଜନ ଗହଳି
ନା, ଶୁଣାଯିବ ଇଞ୍ଜିନ୍ ର ଶବ୍ଦ
ଆମେ ସମସ୍ତେ ଏକତ୍ରିତ ହେବା
ଏକତ୍ୱର ଭାବନାରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୀବର କରିବନି ତିମିର ଶିକାର ଶାନ୍ତ ସମୁଦ୍ରରେ

ଲବଣ ସଂଗ୍ରହକାରୀ କ୍ଷାନ୍ତ ରହିବ ନିଜ କର୍ମରୁ

ଅନୁଧ୍ୟାନ କରିବ କ୍ଷତବିକ୍ଷତ ପାପୁଲିକୁ ।

ଯେଉଁମାନେ ପ୍ରସ୍ତୁତ ହେଉଛନ୍ତି  ସବୁଜ ଯୁଦ୍ଧ ପାଇଁ

ଆଗ୍ନେୟ, ଗ୍ୟାସୀୟ  ଅଥବା ଆଣବିକ ଯୁଦ୍ଧ ପାଇଁ

କ୍ଷାନ୍ତ ରୁହନ୍ତୁ ଯୁଦ୍ଧ ଭାବନାରୁ

କାହିଁକିନା, ବିଜୟର ମୂଲ୍ୟ ରହେନି ସାମଗ୍ରିକ ବିନାଶରେ

ଧଳା ବସ୍ତ୍ର ପରିଧାନପୂର୍ବକ ଭାତୃଭାବ ଭାବନାରେ ମଗ୍ନ ରୁହନ୍ତୁ ।

ଯାହା ମୁଁ କହୁଛି, ତାକୁ

ସମ୍ପୂର୍ଣ୍ଣ ନୀରବତା ସହିତ ତୁଳନା  କରି

ଦ୍ୱନ୍ଦରେ ରୁହନ୍ତୁ ନାହିଁ ।

ଜୀବନକୁ ଜୀବନ ଭଳିଆ ଜିଅନ୍ତୁ

ମୁଁ ମୃତ୍ୟୁ ସହ ସାଲିସ୍ କରିବାକୁ ଚାହେଁନା ।

ଆମେ ଜୀବନକୁ ଅଧିକ ସରସ ସୁନ୍ଦର କରିବା ନିଶାରେ

ଭୁଲିଯାଇଛୁ  ନିଜର ମୌଳିକତା ଏବଂ ମଣିଷପଣିଆକୁ ।

ବୋଧହୁଏ ଏକ ବିରାଟ ନୀରବତା



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମକୁ ଜଣାଇଥାନ୍ତା ଆମର ଦୁଃଖକୁ

ଯାହା ହେଉଛି, ଆମେ ନିଜେ ନିଜକୁ ବୁଝିପାରିନାହୁଁ ।

ନା, ବୁଝିପାରିଛୁ ,ବିଶ୍ୱ ଭାତୃଭାବକୁ,

କେବଳ ପରସ୍ପରକୁ ମୃତ୍ୟୁର ଧମକ୍ ଦେବାରେ ଲାଗିଛୁ

ଏବଂ ନିଜେ ନିଜ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଚାଲିଛୁ ।

ବୋଧହୁଏ ପୃଥିବୀ ଆମକୁ ଜଣାଇଦେଉଛି ଯେ

ମୃତପ୍ରାୟ ଦେଖାଯାଉଥିବା ଧରାପୃଷ୍ଠ

ପୁଣି ହୋଇଉଠେ ଜୀବନ୍ତ

ବାର୍ତ୍ତା ଦେଇଯାଏ, ନୀରବତା ହିଁ ଶ୍ରେୟ ।

ବର୍ତ୍ତମାନ ମୁଁ ବାର ପର୍ଯ୍ୟନ୍ତ ଗଣିବି

ମୁଁ ଚାଲିଯିବି ଏଠୁ, ଆପଣମାନେ କିନ୍ତୁ ଶାନ୍ତ ରହିବେ ।

ଅଧ୍ୟକ୍ଷ

ଓଡିଶା ଆଦର୍ଶ ବିଦ୍ୟାଳୟ, ନବରଙ୍ଗପୁର ।

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ ଗୋ...

ମୁଇଁ ତ ମୁରୁଖ୍ ଟେ ଗୋ
କାଏଁ ବଲି ପୂଜା ଦେମି
ଜନମ୍ ଜାତ୍ ଦେଇଛୁ
ତତେ ମୋର୍ ମାଁ କହେମି ।।

ପାଖେ ପାଖେ ଥିବୁ ତୁଇ
ମତେ ଛାଡ଼ି ନେଇଁ ଯିବୁ
ବନେ କଥାନି ଟେ କହି
ତୋର୍ କୁଲେ ସୁଏ ଦେବୁ ।।

ପେଡେନ୍ ଟଁଣେଇ ଠାନୁ
ମତେ ଦୂରେ ରଖିଥିବୁ
ଆପଦ୍ ବିପଦ୍ ବେଲେ
ମାଁ ପନତ୍ ଢାପି ଦେବୁ ।।



ସୁଦଣ୍ଡ ପ୍ରସାଦ ନନ୍ଦ

ହେନ୍ତେ ବି ଲଲୋ ଥପୋ
ମୁଁଇ ଦୁର୍‌ବଲିଆ ଟା
ତୋର୍ ତାକତ୍ ବଲେ ଗୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭେଣିଆ ଟେ ଗୁଟା ମୁଟା ।।

ଦୁନିଆଁ ସାରା ଗୋ ତୋର୍
ଲିଲା ଖେଲା ଚାରିଆଡ଼େ
ଯେନ୍ ଠାନେ ଇଛା ଲାଗେ
ଉଭା ହେଉ କେତେ ଲାଢ଼େ ।।

ନାଁ ପାଇଛୁ ଯେତେ ସେତେ
କେନ୍ ଟା କେ ମାଁ ଧର୍ମି
ତୁଇ ଜଗତ୍ ଜନନୀ
କୁର୍ପାମୟୀ କହେମି ।।

ସବ୍କେ ରଖିଥିବୁ ଗୋ
କାଲ୍ ବେଲେ ବନେ କରି
ଏତ୍କି ମାଗୁଛେ ତତେ
ମାଁ ଗୋ ମୁଡିଆ ଟେ ମାରି ।।

କେଉଁଟିପାଲି, ଯୋଗିସର୍ଡା
ଲୋଇସିଂହା, ବଲାଙ୍ଗିର

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଜଏ ମାଁ ଦୁର୍ଗେ

ଜଏ ମାଁ ଦୁରୁଗେ ମହିଷାମର୍ଦନୀ

ଜଏ ଜଏ ଦଶଭୂଜା,

ତୋହର କୁଠିରେ ଶୁହୁଲ ସିଂହାରେ

ଚଢାଇମି କରି ପୂଜା ଗୋ

ମା'ତ କାଲରାତିରି...

ତତେ ବଂଦୁଛେଁ ସିଧିଧାତିରି ଗୋ

ମା'ତ କାଲତାତିରି... ।୧ ।

ଶିରେ ଚଢ଼ାଇମି ଲାଲ ଓଢ଼ୁନୀ ଗୋ

ଲାଲିଆ ପାଟ ସେଁଦୁର

ଅଁତର, ଚେପେନା, ପନିଆଁ, ଦର୍ପନ

ବାଲିବଁଧା,ଶେମ୍ପୁ,ତେଲ ଗୋ

ସେନୋ ପଉତର ମୁହେଁ....

ଶୁଭେ ଚଢଉଛେ କରି ଲଯ୍ଯେ ଗୋ

ସେନୋ ପଉତର ମୁହେଁ.... ।୨ ।



କୌଶିକ ସାହୁ

କପାଲକେ ଦେମି ଲାଲ ଟିକିଲି ଗୋ

ଆଁଖିନେ କଲା କଜଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁନାର ହାରକେ ଗଲାରେ ପିଁଧାମି

ଦିଶୁଥାଉ ଝଲମଲ ଗୋ

ମାଁ ବରହମ୍ ଚାରିନି....

ଚଁଦରଘଁଟା ମାଁ ଜଗତ୍ ଜନନୀ ଗୋ

ମାଁ ବରହମ୍ ଚାରିନି... ।୩ ।

ହାତକେ ଆନିଛେଁ ଲାଲିଆ ଚୁଡି ଗୋ

ଖରିଆ ମେହେଁଦି ବନା

ଡେବିରି-ଭୁଜୁନି ଦୁଇ ଗୋଡକେ ତ

ରୂପାର ପାଂଜଲ ସିନା ଗୋ

ପାଦେ ଲାଲି ଅଲିତା...

ଶୁଭା ପାଉ ମାଁ ଜଗତମାତା ଗୋ

ପାଦେ ଲାଲି ଅଲିତା... ।୪ ।

ଭେଜିପଦର, ଘୁନସର, ବଲାଙ୍ଗିର

ମୋ.ନଂ : ୭୦୦୮୫୯୧୦୬୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁହାରି କରୁଛେଁ ପାହା ତଲେ

ଗହଗହ ହେଇ ଚାଉଲ ପୁଞ୍ଜି କେ
ଦୁହି ପାହା ତଲେ ପାରି
ବେଲ ପତରେ ସେନ୍ଦୁର ଲାଲି ମାଆଁ
ଚଢେଇ ଦେଇଛେଁ ନୁରି ।
ମାଲି ଗଁଥି ମନ୍ଦାର ପଦମ ଫୁଲ
କରାଟ ଦହନା ଚଁପା
କେଡେ ଉବାଗରେଁ ପିନ୍ଧେଇ ଦେଇଛେଁ
ନାଆଁ ଧରି କରେଁ ଜପା ।
କ୍ଷିରି ପୁରି ଭୋଗ ନଡିଆ କଦେଲ
ଘିଇର ଜାଗର ଜାଲି
ଭରନି ପାରଥି ବାଜୁଛେନ ସଁଗେ
ଘଁଟ ଶଁଖ ହୁଲହୁଲି ।
ମହମହ ହେଇ ମହକି ଯାଉଛେ
କହରେଁ ଧୁପ ଆଲତି
ଉପାସ ରଖିଛେଁ ତୋର ଲାଗି ମାଆଁ
ରହି ଉଜାଗର ରାତି ।



ମନୋରଞ୍ଜନ ସୁରୁଜାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାଓ ଦାଓ ହେଇ ଅଖଁଡ ଜଳୁଛେ

ଦଶି ଦୁଆରକେ କ୍ଷେପି

ଛତର ଆଢୁଆଲେ ରଖ ସବକୁଁ

ପନତ କାନିଥିଁ ଢାଁପି ।

ଦଶରା ମାସର ପୁଜା ପରବନେ

କରୁଛେଁ ପାହା ବନ୍ଦାନ

ତୋର ବିନେ ମୁଇଁ ଛେଉଁଡ ଛୁଆଟେ

ପାହେଁ କରିଛେଁ ଧ୍ୟାନ ।

ଗୁହାରି କରୁଛେଁ ପାରି ଦେଇ ପୁଜା

ନେବୁଗୋ ଭକତି ଭରି

ସାହାରା ହେବୁମାଁ ବିପତ ଆଫତ

ଦୁଷ ଗୁନା ନାଇଁ ଧରି ।

ଅଇଁଲାପାଲି, ଧମା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୁହାର୍ ମାଁ ମଂଗଲା

ଜୁହାର୍ ମାଁ ମଂଗଲା ନାଇଁ ମାଗେଁ ବଂଗଲା
ଧନ୍ ସୁନାରୁପା ମାଲି,
ଆଏଜ୍ ଥିବା କାଏଁ  କାଏଲ୍ ଯିବା ଝାଏଁ
କେନ୍ ନିକେ ଝଟ୍ ଚାଲି  ।୧  ।

କେନ୍'ଟାକେ ମାଗଲେଁ  ରହେବା କାଲେ କାଲେ
ଭାବି ହେସି ଅଥୋଥାଲି,
ଦେଇଥିଲେ ଭାଏଲ୍  ପାଏତି ମାଲ୍'ଜାଲ୍
ଧରୁଛେ ଅଧ୍'କପାଲି  ।୨  ।



ସହଦେବ ଧରୁଆ

କା'ଣା ଦେଇ ତୁସ୍ଟି ତତେ ମୁଇଁ ମନାମି
ଯାଏ ବୁଧିବଲ୍ ହଜି,
ଜେତେ ଯାହା ଦରବ୍ ସେଟା ତୋର୍ ସରବ୍
ଦେଲେଁ ପାପେ ହେମି ଭାଜି  ।୩  ।

ଯାର୍ ଧାନକେ ତାର୍ ମୁର୍ହି ବଲବାର୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲେଖେଁ ହେବା ସିନେ ପାପ୍,
କାଏଁ ଦରବ୍ ଦେମି ତୋର୍ ମନକେ ମୁହିମି
ନାଇଁ ହେବା ପାପ୍'ତାପ୍ ।୪ ।

ଧନ୍ ଦରବ୍ ଦେଲେଁ ପଡମି ସିନେ ଖାଲେ
କିଏ କହିଦେବା ଲାଁଚ୍,
ବଢ଼େ ମତ୍ଲବିଆ ଆଏ ଖୁସାମଦିଆ
ଦେଇ ଟଁକେ ଲାଭ୍ ପାଁଚ୍ ।୫ ।

ହୁର୍ଦେ କେତେ ବାଧା କହେଲେଁ କିଏ ସିଧା
ଘୁରି ମୁଁଡ୍ ହେବା ବଥା,
ମୁର୍ଚା ବଦନାମ୍ କର୍ବା ହିନମାନ୍
ହେବା ମନ୍ ଜଥାକଥା ।୬ ।

ଭାବକେ କରି ଫୁଲ୍ ମନର୍ ସୁତା ମୁଲ୍
ଗୁଁଥି କରିନେଲି ଗୁଟେ,
ନେ' ହଇ ଦୁଖମନା କର୍ବୁ ମାଁ ଗୋ ଘେନା
ଦଉଛେଁ ଭାବି ମାଲଟେ ।୭ ।


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନର୍ ଅଠିଖୁନ୍ ଯେତକ ଅବଗୁନ୍
ସେଥି ସଁପିଦେଲି ତତେ,
ପାହା ତଲେ ପରଲି ମୁଡିଆଟେ ମାଏଲି
ସତବୁଧି ଦେବୁ ମତେ ।୮ ।

ଏହି କରେ ଅଲି ଅବେଶ୍ ଦେବୁ ବଲି
ରଖି ଆସା ଜୋର୍ କରି,
ତୋର୍ ବିହୁନେ ମାଆ ଅଁଧାର୍ ଇ ଦୁନିଆ
ହେସି ମୁଁଇ ଅଁଧା ସରି ।୯ ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର-୭୫୧ ୦୨୨
sahadevdharua@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଷୀର୍ ମନ୍

ଚାଷୀର୍ ମନ୍'ଟା ଗହଲ୍ ଚହଲ୍
ଲାଗିବସୁଛେ କେଥି'ନିକେତେ
ଚାଷ୍ ବାଡ଼ି ଟିକେ ଭଲ୍ ହଉ ବଲି
ଆଶା କରୁଛେ ଯାହାକେ ଯେତେ..... !
ହିସାବର୍ ହାଟେ ବୁଲିବସୁଛେ
ଇଆଡ୍ ସେଆଡ୍ ଉଷତେ ଉଷତେ
ଭାବ୍'ନାର୍ ଦୁଲିଥି ଦୁଲିନଉଛେ
ସୁଖର୍ ଆକାଶେ ଉଡ୍ରୁଛେ ସଥେ..... !
ତା'ର୍ ଦୁନିଆଁର୍ ତାପ୍'ନେ ରଜା
ମନ୍ କେ କହେସି ଯେତେ
ମନ୍ ଭି କେଥି'ନି ନାଚି ବସ୍'ସି
କାମ୍ କରି କରି ନିଜର୍ ଖେତେ..... !



ବିଶ୍ୱନାଥ ଭୁଏ

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୫୪୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଷୀ ଘରର୍ ପିଲା ଆମେ

ଚାଷୀ ଘରର ପିଲା ଆମେ
ପାଏଲେ ଖାଏସୁ ଖିରିପୁରି
ନେହେଲେ ସୁଖା ମୁରିଚ୍
ସେଥିରେ ଆମର୍ ମନ୍ ଖୁସ୍ ।୧

କ୍ଷେତ୍ ନେ ହଳ ଲଙ୍ଗଳ କରି
ମୁଣ୍ଡର୍ ଝାଳ୍ କେ ତୁଣ୍ଡେ ନେ ମାରି
ସେନେ ଫଳାସୁ ସୁନାର୍ ଫସଲ
ଚାଷୀ ଘରର ପିଲା ଆମେ ।୨

ଦିନ୍ ରାଏତ୍ ଖଟି କରି କ୍ଷେତେ
ସେନ୍ କର୍ ସୁଁ ମୁଗ୍, ବିରି ଆର୍ କୁଲଥ୍
ହଳ୍ ବଳଦ୍ ଆଏ ଆମର୍ ତାକତ୍
ଚାଷୀ ଘରର ପିଲା ଆମେ ।୩



ରାଜେନ୍ଦ୍ର ବୋଡ଼କିଆ

ଚାଷରୁ ଯାହା ମିଲ୍‌ସି ଦି ପଏସା
ସୁଖେ ଦୁଖେ କୁଟୁମ୍ ଯାଏସି ଚଳି
ଭାବ୍ ଅଭାବ୍ ନେଇ ହୁଏ ଜାନି
ଚାଷୀ ଘରର ପିଲା ଆମେ ।୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପ୍ ଅଜା ଆମର୍ ଚଉଦ ପୁରୁଷ୍

କରି ଆସୁଛେ କ୍ଷେତେ ଚାଷ୍

ତାକେ ଆମେ କର୍ ମୁ କରୁଥିମୁଁ

ଚାଷୀ ଘରର ପିଲା ଆମେ ।୫

ରାଜେନ୍ଦ୍ର ବୋଡ଼କିଆ

ସ୍ନାତକ ଓଡ଼ିଆ, ତୃତୀୟ ବର୍ଷ

କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

କଦଳୀମୁଣ୍ଡା, ଧର୍ମଗଡ଼, କଳାହାଣ୍ଡି

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ନୂଆଁ ଧାନ୍ ଚାଷୀର ମାନ୍

ନୂଆଁଧାନ୍ ବାହାର୍ ଲା ନ
ଚାଷୀର୍ ମନ୍ ହସ୍‌ଲାନ ।
ନୂଆଁଧାନ୍ ଚାଷୀର୍ ମାନ୍
ଚାଷୀ ଆମର୍ ଦେଶର୍ ସାନ୍ ।
ମୁଡର୍ ଝାଲ୍ ଟୁଁଡେ ମାରିକରି
ଚାଷୀ ଚାଷ କରସି ପଗଡ଼ିମାରି ।
ଖରା ବର୍ଷା ଶୀତ୍ କାକର୍
ଚାଷୀ ନାଇଁକରେ କାହାକେ ଖାତର୍ ।
କେତେ ଦୁଖେ ଚାଷୀ ଚାଷ କର୍‌ସି
ନୂଆଁଧାନ୍ ଦେଖି ସବୁଦୁଖ୍ ଭୁଲ୍‌ଯାଏସି ।
ଯେତ୍‌କି ଅଛେ ଆମର୍ ଖାନ୍ ପାନ୍
ସବୁ ହଉଛେ ଚାଷୀର୍ ଦାନ୍ ।
କେଭେ ନାଇଁ କର୍‌ବ ଚାଷୀକେ ହିନ୍‌ମାନ୍
ଚାଷୀ ଦଉଛେ ଜୀବନ୍ ଦାନ୍ ।
ଚାଷୀ ହେଉଛେ ଦେଶର୍ ବଲ୍
ତାର୍ ଲାଗି ଆମର୍ ଦିହେ ବଲ୍ ।
ସର୍‌କାର୍ କେ ଗୁଟେ ବିନତି
ପହେଲା କର୍ ଚାଷୀର୍ ଉନ୍ନତି ।



ଦେବଦତ୍ତ ପଣ୍ଡା

ସିନ୍ଦୁରପୁର, ବିନିକା, ସୁବର୍ଣ୍ଣପୁର ଜିଲ୍ଲା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆ ଧାନ୍ ଚାଷୀର୍ ମାନ୍

ଖରାଗଲା ଆସ୍‌ଲା ବର୍ଷା
ଚାଷୀର୍ ମନ୍ ହେଲା ଉଛନ୍
ହାତେ ଧରି ନଙ୍ଗଲ୍ ପଗଡ଼ି ମାରି ମୁଡ଼େ
ଖେତ୍ କେ ସଭେ ଧାଏସନ୍ ।

ମନେ ମନେ ଦେବୀ ଦେବତାକେ ସୁମ୍ରି
ନଡ଼ିଆ ଗୁଟେ ଦେସନ୍ ପିଟି
ଜୁହାର୍ କରି କି ମାଟି ମା କେ
ଚାଷୀର୍ ମନ୍ ହେସି ଖୁସୀ ।



ବିପ୍ଲବ କୁମାର ନାଥ

ନଙ୍ଗଲ୍ ଧରି କି ମାଏଟ୍ କେ ଚାଷୀ
ଫସଲ୍ ଉପକୃତ୍ ବନାସି
ଖରା ବର୍ଷା ସହି ଗରମ୍ ଥଣ୍ଡା ଭୁଗି
ମାଏଟ୍‌ନୁ ସୁନା ଉଗାସି ।

କିଛି ମାସ୍ ପରେ ତୁଲି ଟାଙ୍ଗି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ହେଇଯାଏସି ହରାଭରା
ତାହାକେ ଦେଖି ଚାଷୀ ହେସୀ ଖୁସି
ସଭେ ହେସନ୍ ତରା ତରା ।

ଧିରେ ଧିରେ କରି ସବୁଜ୍ ରଙ୍ଗ୍
ସବୁ ହେଇଯାଏସି ସୁନାସୁନା
ସେଟା ଦେଖି ଚାଷୀ ଖୁସୀମନେ ହେସି
କାଟ୍ ବା ଯେ ତନାଘନା ।

ଧାନ୍ ମଡ଼େଇ କରି ପୁଆଲ୍ କାଢି କାଢି
କରି ଦେଶନ୍ ଗୁଟେ ଗଦା
ଧାନ୍ କେ ଦେଖି ଖୁସୀ ହେଇ ଯାଏସନ୍
ସବୁ ଚାଷୀମାନ୍ କର ଅଜା ।

ବଣାଇଗଡ଼, ରାଉରକେଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ ମାଏଟ୍ ଡାକୁଛେ

ଉଠ୍ ଉଠ୍ ରେ ଭେଡିଆ ଟୁରା

ବଲ ବଫୁ ତୋର୍ କେତେ ଯେ ଦେଖା

ନାଇ ଶୁଇ ପଡ୍ ତୁଇଁ

ମାଁ ମାଏଟ୍ ତୋର୍ ସୋର୍ କରୁଛେ

ଲଢ଼ି, ଛଡେଇନେ ତୋର୍ ଭୂଇଁ ।

ତୋର୍ ବଫୁ କେ ସମ୍'କିରର୍ ଡର୍

ଶହେ ହାତୀର ରଖିଛୁ ବଲ୍

କାଏଁଟା ବସିଛୁ ତୁଇଁ

ମାଁ ମାଏଟ୍ ତୋର୍ ସୋର୍ କରୁଛେ

ଲଢ଼ି, ଛଡେଇନେ ତୋର୍ ଭୂଇଁ ।



ଦେବେନ୍ଦ୍ର ଭୁଏ

ତୋର୍ ଜାତି କୂଳେଁ କେତେ ଯେ ବୀର୍

ମାଁ ମାଏଟ୍ ଲାଗି ଧରିଥିଲେ ତୀର୍

ଭୁଲିକାଏଁ ଯାଉଛୁ ତୁଇଁ

ମାଁ ମାଏଟ୍ ତୋର୍ ସୋର୍ କରୁଛେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲଢ଼ି, ଛଡେଇନେ ତୋର୍ ଭୂଇଁ ।

ବିଦେଶୀ ମେତାଲ୍ କେତେ ଯେ ଅଛନ୍
ଦେଶ୍ ଭାଙ୍ଗୁଛନ୍,ଲୁଟି ନଉଛନ୍
କାଣା ଦେଖୁଛୁ ତୁଇଁ
ମାଁ ମାଏଟ୍ ତୋର୍ ସୋର୍ କରୁଛେ
ଲଢ଼ି, ଛଡେଇନେ ତୋର୍ ଭୂଇଁ ।

ମାଁ ରଖିଛେ ବଢେଟେ ଆସ୍
କାଟି ଜଲାବୁ ବଇରୀ ଫାଶ୍
ମୁକ୍'ଲାବୁ ତୋର୍ ଭୁଇଁ
ମାଁ ମାଏଟ୍ ତତେ ସୋର୍ କରୁଥିବା
ଇତିହାସ୍ ରଚ୍ ତୁଇଁ ।

ଦୁଲମପୁର , ଅତାବିରା
ବରଗଡ
ମୋ ନଂ- ୯୦୯୦୬୪୦୦୯୩

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ତାହାକେ ପାସ୍‌ରି ଦେ'ରେ ମନ୍

ଯିଏ ତତେ ଭୁଲି ଗଲା ନ ରେ
କରି ନେଇ ସାତ୍ ପର୍
ତାହାକେ କାଁଜେ ଭାବ୍ ସୁ ତୁଇ
ନିଜର୍ ନୁ ଭି ନିଜର୍
ଯିଏ ଭାଙ୍ଗ୍ ଲା ତୋର୍ ସପନ୍
ତାହାକେ ପାସ୍ ରି ଦେ ରେ ମନ୍

ଯିଏ ତୋର୍ ନିଜର୍ ହେଇ ଭି
ଚିହ୍ନି ତ ପାର୍ ଲା ନାଁଇ
ତାର୍ ଲାଗି ପାଗଲ୍ ମନ୍ ଟା
ଚୁପ୍ ଚାପ୍ ରହେ କାଁହି
ଯିଏ ଊଁଆସେ ଦେଖାଲା ଜନ୍
ତାହାକେ ପାସ୍ ରି ଦେ ରେ ମନ୍



ହୃଷିକେଶ ସାହୁ

ସାତ୍ ଜନମର୍ ସାଥି ଯିଏ
ଦଉ ଥିଲା ତୋର୍ ସାତ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିପଦ୍ ବେଲେ ଆଏଜ୍ କାଁଜେ

ଛାଡି ନେଲା ତୋର୍ ହାତ୍

ଯାହାର୍ ନାଇ ଗୁନ୍ ଚଲନ୍

ତାହାକେ ପାସ୍ ରି ଦେ ରେ ମନ୍

ଅନ୍ଧାର୍ ଭିତ୍ ରେ ତତେ ଯିଏ

ଦେଖେଇ ନେଲା ଦର୍ପନ୍

ସେ ମନ୍ ଲାଗି ତୋର୍ ମନ୍ ଭି

କାଁଜେ ହେସି ଛନ୍ ଛନ୍

ଯିଏ କନ୍ଦାସି ତୋର୍ ଜୀବନ୍

ତାହାକେ ପାସ୍ ରି ଦେ ରେ ମନ୍

ତାଣ୍ଡୋଲ୍ , ସୋହେଲା , ବରଗଡ଼

୮୨୬୦୯୬୦୮୩୮

 Magazine Downloaded from www.aahwaan.com

# ପଲାଉଡା

ଲଭ୍ ଲଭ୍ ଲଭ୍,ଲଭ୍ ବଲିକରି
ଏଭର୍ ପିଲା ଟୁକେଲ୍ ବଝା
ଦେଖ୍ ଇ ଯୁଗର୍ ମଜା..
ଅପନେ ଦୁହେସିନେ ପଲାଉଡା ହେବେ,
ମାଆ ବୁଆର୍ ଇଟା ସଜା...

ସୁରୁଠାନୁ ଆଏଜ୍ ଢୋଡୋ କରିଛନ୍
ପଢାଲେ ଭୁତିଦୁଃଖ୍ କରି
କେଡେ ଯତନ୍ କରି..
ଇଆଡେ ମୁହେଁ କଳା ଘସିକରି,
ଉଡାନ୍ ଧରିକରି...



ପୁଓ ଝି ଯଉଛନ୍ କଲେଜ୍ ପଢି
ନଲେଜ୍ ବଢୁଛେ ଜହ
ଆର୍ କାଣା କହେମି କହ..
ଝି ଚମ୍ପଟ୍ ପିଲାଗୁଟେ ଧରି,

କ୍ଷମାନିଧି ସାହୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁଓ ଆନିଛେ ବହ...

ଯେହିଁ ଦେଖ ଆଏଜ୍ ଇ ପଲାଉଡା
ଗୁରଦୁ ଗଲାନ ଚାପି
ହେଇଛେ ମାହାଲିଆ ମାଫି..
ବେର୍ ପଛାଁଡେ ପିଲା ଟାଖିଛେ,
ଟୁକେଲ୍ ହଉଛେ ଗାଁପି...

ସଥେ ଯେନ୍ତା ଲାଗୁଛେ ଇମାନକୁଁ
ସରଗେ ଉଡୁଛୁଁ ବଲି
ହାତେ ପଏସା ଥିତା ଖାଲି..
ଦିନାଦୁ ଗଲେ ସିନେ ଡିମାକ୍ ଥି ପସବା
କେନ୍ତା ପାରବେ ଯେ ଚଳି...

ଯେନ୍ ମାଆ ବୁଆ ପାଲଲେ ପୁଷଲେ
ସେମାନେ ହେଲେ ପର୍
ଛାଡି ଗାଁ ମା ଘର୍..
ନିଲଜ୍ ପୁହେ ଯେ ଏନ୍ତା ପଲାସି
ମୁହେଁ ଲାଏଜ୍ ଟିକେ କର୍...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲ୍ ପଉଛୁଁ ଲଭ୍ କରୁଛୁଁ ବଲି
ସତି ଯଉଛନ୍ କେତେ
ବନେକରି ଦରକାର୍ ଲାତେ..
ସବୁ ହାରାମି ସଲେ ବକବକଉଛନ୍ ଖାଲି
ଉତପାତ୍ କେତେନିକେତେ...

ଆଏଜ୍ କାଳିର୍ ଯେନ୍ ପିରତି କରୁଛନ୍
କୁକୁର୍ ଠାନୁ ହୀନ୍ ହଲକା
ଚାହାନି ଖାଲି ମୁହୁଁ ମଲକା..
କୁକୁର୍ ମାନେ ପଛେ ବିଧିଥି ଚଲସନ୍
ଇମାନେ ପଶୁଠାନୁ ଭି ଆର୍ ଭେଲକା...

ମାନ୍ ସନମାନ୍ ମାଆ ବୁଆ ଯେ
ନାଇଁ ବୁଝେ କେଭେ ଦିନେ
ସବୁକେ କରସି ଘନେ..
ସେ କାହିଁ ଜାନବା ଭଲ୍ ପାଏବାର୍ କଥା
ଯେ ମାଆ ବୁଆକେ ନାଇ ଚିହ୍ନେ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭଲ୍ ପାଏବାର୍ ଟା ଭୁଲ୍ ନଏସେ

ଭୁଲ୍ ଆଏ ପଲାଉଡା

ଯେନ ପଡସି ମୁଡେଁ ଗେଡା..

ଘରର୍ ସମ୍ମାନ୍ ଯେ ସବୁଠାନୁ ଉପରେ

କେଭେ ନାଇଁ ଛାଡୁ ଆମର୍ ଗୁଡା...

ମୁଡେଁ ଯଦି ଟିକେ ବୁଧି ବିବେକ ଅଛେ

ଛାଡ ଇ ମୁର୍ଖିଆ କବାର୍

ନାଇଁ ହ ଇଥି ଲବାର୍..

ପାଠ୍ ଶାଠ୍ ପଢି ମୁନୁଷ୍ ମାକର୍ ହେଇ

ରଖ ଭଲ୍ ଆଚାର୍ ବେଭାର୍...

କ୍ଷମାନିଧି ସାହୁ(ପରିକ୍ଷିତ)

ଜାମପାଲି,ସାଲେପାଲି,ମେଲଛାମୁଣ୍ଡା,ବରଗଡ଼

୭୭୩୫୫୦୯୫୮୩-ଜିଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁବିଧା ଥି ଅସୁବିଧା

ପାଞ୍ଚ୍ ବର୍ଷେ ଥରେ ଆମେ
ଗଢୁଛୁଁ ଭାଇ ସରକାର୍,
ଦୁଖ୍ ସୁଖ୍ ଥି ସାହା ହେବା
ଲୋକଙ୍କର୍ ଅଛେ ବିଶ୍ୱାସ୍ ।।
ଖେଲ୍'ବାର୍ ଠାନୁ ପଢ୍'ବାର୍ ତକ୍
ଅଛେ କେତେ ଯେ ଯୋଜନା,
ସରକାର୍ ଆମର୍ ମାହାଲିଆ ଦେଉଛେ
ଲୋକର୍ ନାଇନ ଚେତନା ।।
ରୋଡ୍ ତରାଥି ଗଛ୍ ଜଗାସନ୍
ବଛର୍ କେ ବଛର୍ କେତେ,
କୋଟି କୋଟି ଟଙ୍କା ସରେଇଦେସନ୍
ନାଇଁ ଭାବି ଆଗ୍'କେ ପଛ୍'କେ ।।
କେତେଦିନ୍ ଗଲେ ଫେର୍ କାଟ୍'ସନ୍
ରାସ୍ତା ଚଉଡା ଲାଗି,
ରାସ୍ତା କାମ୍ ବି ସରିଯାଏସି
ଲୋକ୍'ମାନଙ୍କର୍ ଲାଗି ।।
ରାସ୍ତା ବନାବାର୍ ଆଗରୁ ଆଙ୍କା



ବରୁଣ କୁମାର ପାଣି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରିଥିଲେ ଯଦି ଯୋଜନା,

ହେତେ ଭଲ୍ ଭଲ୍ ଗଛ୍ ଜଗେଇକରି

ଏବେ କରୁଛ କାଏଁ ଯେ ଛେଦନା ।।

ଗଛ୍ ଜଗାବାର୍ କେ ସରକାର୍ଦେଉଛେ

କେତେ ନି କେତେ ପଏସା,

ଆଗ୍ କେ ପଛ୍ କେ ନି ଭାବିକରି

ଗଛ୍ କଟଉଛ କେନ୍ତା ।।

ପର୍'ଜାର୍ ପଏସା ବର୍'ବାଦ୍ ହଉଛେ

ଲାଗୁଛେ କେଁ ତମ୍'କେ ମଜା,

ଭଲ୍ ମନ୍ଦ୍ ଟିକେ ଭାବିକରି ଆଜ୍ଞା

ନାଇଁ କର ଅଯଥା ଖର୍ଚ୍ଚା ।।

ପରବ୍ ପର୍ବାଣୀ ପଲେଇ ଆସ୍'ଲେ

ରୋଡ୍ କେ ଦେଉଛୁଁ କୁଡି,

ଖାଲ୍ କେ ଆମେ ନାଇଁ ତାପ୍'ବାର୍

ଗାଡ୍ ଯାଉଛେ ବଢି ।।

ସେ ଗାଡେ ଆମର୍ ଲୋକ୍ ପଡିକରି

କେତେ ଯାଉଛନ୍ ମରି,

ସଭେ ଯଦି ଟିକେ ସଚେତନ୍ ହେମା

ଅସୁବିଧା ହେବା କାଁ କରି ।।

ଡୁଡୁକା, ବଲାଙ୍ଗୀର, ମୋ - ୯୩୩୭୫୯୧୬୩୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକାରୀ

( ଭାଗ ୧ )

ଦେଖ୍ୱ ବଏଲେ ସାଙ୍ଗେସାଙ୍ଗେ ଥିଲେଁ
ଦେଖବ ସୁନ୍ଦର ଘାଏ,
ଦେବ୍‌ତାମନେ ବି ଜେନଁ ରହିଛନ୍
ସେନ୍ତା ଜାଗାଟେ ଆଏ ।
ବଛ୍ର ବଛ୍ର କରି କେତେ ବିତି
ତିଆରି ହେଇଛେ ଜାଗା,
ବନିହା ଦିନୁଲେ ହେନଁ ରହିଥିଲେ
ମୁନି ଋଷି କେତେ ଭାଗା ।
ଭାଗା ଇ ବଏଲେଁ ନୁଆଁ ତ ଶୁନ୍ଲେ
ଅଡ୍ଡୁଆ ଲାଗୁଛେ ଜହ,
ପଲେଇ ଆଏଲା ଲୋକ୍କେ କହୁଛେଁ
ଇନଁ ସୁଖେ ଦୁଃଖେ ରହ ।
ଦିନ୍ର ବେଲେ ବି ଅନ୍ଧାର ହେଇଛେ
ପତରେଁ ତ ଢାପି କରି,
କେତେ ଡାଲ୍ ଡେହିଁ ପାଖେଁପାଖେଁ ରହି
ଢାପିଛନ୍ କାଏଁକରି ।



ଦେବଦତ୍ତ ସନ୍ସ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜେନ୍ ଟିକେଟିକେ ଉକିଆ ହେଇଛେ
ପତର ଉହାଡ଼େ ଖାଲି,
ପବନ୍ ମାର୍ଲେ ଟିକେ ହଲିଦେଲେଁ
ଅଡୁଆ ଲାଗୁଛେ ଚାଲି ।

ଦଉଡ଼ି ଦଉଡ଼ି ଅଥା ହେଇଗଲିଁ
ଚାଲୁଛେଁ ଇହାଦେ ଘାଏ,
ସେଥିର୍ ଲାଗିଁ ତ ବଳ ନେଇଁ ଦିହେଁ
ବନେ ଅଥା ଲାଗୁଥାଏ ।

କାଏଁ କରି ବେଲେଁ ସନ୍ତେ କହେଲେ
ଅସତ୍ ଭାଵ କଥା,
କୁଟୁମ୍ ବାଟମ୍ ଗୁହୁଡ଼େ ତ ଥିଲେଁ
ସଂସାରେ ଯେ ଅଥାବିଥା ।

ପୁଓପୁଓ ହେଇ ଜନମ୍ କଲିଁନ
ଗୁଟା ପଞ୍ଜେ ଛୁଆ ପିଲା,
ଗୁଟେ ହେଲେ ପିଲା ହେଇଥିତା ବେଲେ
ପିନ୍ଧାତିଁ ଯେ ହୀରାନିଳା ।

ସବୁ ଝିଇ ହେଲେ ସମଙ୍କୁ ଦେଖ୍ଲେ
ଦୁଃଖ୍ ଲାଗସି ଇ ଭାବି,
ଗୁଟେକେ ବଟାଲେ ଆର ଚାର୍ ହେବେ
ନେଇଁ ହୁଅନ୍ ଅଭାବି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁଟେକେ ତ ହେଲେ ବଟେଇ ଯେ ଦେଲେ

ମୁଁଡ୍ଖା ମୋର୍ ଯିବା,

ହେଟା ଭାବୁଥିଲିଁ ଯୌତୁକ୍ ମାଗ୍ଲେ

ଇ ବଛର୍ ରହିଥିବା ।

ଘରେ ମୁଠେ ନେଇଁ ଖାଏବାର୍ ଖର୍ଚ୍ଚା

ହେଲେ ଯେ ମାଗ୍ଲେ ଯାହା,

କେତେକେତେ ଧନି ଚୋର୍ ହେଇଯିବେ

କହେଲେ କହେବ ଆହା ।

ସେ ପିଲାର୍ ଘରେ ଅଡ଼ିଆ ଖର୍ଚା

ମୁଠେ ବିଲ୍ ନେଇ ଥିବା,

ମୋର୍ ଘର୍ ଆସି ଢ଼େକିଁ ଶାଳେଁ ବସି

ମହୁଲି ମଦ୍ ପିଇବା ।

ମଧୁଆଟେ ଆଏ ଛାକେ ପିଉଥାଏ

ତାର୍ ବୁଆ କହୁଥିଲା,

"ସଂସାର୍ ଭିତ୍ରେ ଏକ୍ଲା ସୁନ୍ଦର୍

ଗୁଣେଗୁଣେ ମୋର୍ ପିଲା ।"

'ଭାଗ୍ ଶଳା' ବୋଲି କହେବାର୍ ଥିଲା

ଚୁପ୍‌ଚାପ ରହିଥାଏଁ,

ତାର୍ ପିଲା ପାଖେଁ ପତ୍ରେଁ ଯେ ଢୁକେଁ

ମଦ୍ ଢାଲି ପିଉଥାଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭେବା

ନେତା ଗୁଟକ ର୍ ଯେନ୍ ରିସ୍ ରିସ୍ ଯେ କା ଆ ଣ୍ କହେବ । ମୁଢ଼େ ହାତ୍ ପିଟିପିଟି ପିଲା କେ ଗୁଏଲ୍ ଦଉଥେ ଲାତୁ ମୁଡ଼ିଆ । କହୁଥିଲା "ହେରେ ଏ ମୁରୁଖ୍ ! ଅକାଲ୍ କଖାର୍, ଗୋବର୍ ଗଣେଶ ନାହିଁ ତ, ଇ ୪୫ ପର୍ସେଣ୍ଟ ନ କେଁ ? ମେଟ୍ରିକ୍ ପରୀକ୍ଷା ଥି ?

ହେ ଆମର ଚାକର ର୍ ପୁଓ କେ ତୁଇ ହରେଇ ନି ପର୍ଲୁ ଯେ, ଛି ଛି । ସରମ୍ ଲାଗତା ଟିକେ । ହେ ଯେ ୭୫ ପର୍ସେଣ୍ଟ ମାର୍କ ରଖିକରି ଗାଁ ର୍ ଇସ୍କୁଲେ ପହେଲା ପୋଜିସନ୍ ରଖଲା, ଆରୁ ତୁଇ ମୋର୍ ମୁହେଁ କାଲି ବୁଲି ଦେଲୁ ଇଟା । ହେଁ, ସେ ଲୋକଟା ର୍ କିଛି ନାଇଁ । ବେଲେ ଖାଏଲେ ବେଲେ ଉପାସ୍ । ଚିରା ଫଟା ପିନ୍ଧିକରି, ପଖାଳ ନୁଁନ୍ ମିରଚ୍ ଖାଇକରି, ମାଗି ଆଣି ଆଣି କରି ବହି ପଢିଛେ । ମୁଁଇ ତତେ ଯେତେ ଯେତେ କେୟାର୍ ନେଇ କରି ବଢ଼େଇଛେ ମୁଇ ଜାନେ । ସକାଳେ ସଂଜେ ଦୁଇ ଥର୍ ଲେଖେ ଟିଉସନ୍ ମାଷ୍ଟର ଆସିକରି ପାଠ ପଢେଇଛେ ତତେ । ତିନ୍ ହଜାର୍ ଟଙ୍କା ଲେଖେଫିଁ ମାସ ନେଇଛେ, ଇଟା ତୁଇ ପଢୁଥିଲୁ କି ସେ ମାଷ୍ଟର ତତେ ଇଂତା ପଢେଇଛେ ? ଖାଇଦେଲୁ ରେ ଭେବା, ମୋର୍ ନାଁ ବୁଡ଼େଇ ଦେଲୁ ବଲ୍ ତ .......



ସତ୍ୟନାରାୟଣ ମିଶ୍ର

ପିଲା କେ ଗାଲି ଦଉଥିବାର୍ ଶୁଣି କରି ନେତା ର୍ କନିଆଁ ( ମାନେ )



ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଭେବାର୍ ମା ଆସିକରି ନେତାକେ ଧିକାରୀ କରି କହେଲେ "ହଏ ହୋ, ମର ପୋ କେ କାଁ କାଜେ ହେନ୍ତି ଗାଲି ଦଉଛ । ପରୀକ୍ଷା ଥି ଫେଲ୍ ତ ନି ହେଇ । ପାସ୍ କରିଛେ ସେ । ମାର୍କ ଥୁରେ କମି ଗଲା ଯେ କେନ୍ ପୁଥି ମାରା ହେଇଗଲା ? ଜାଣିଛ ତ ଇତାର୍ ମନେ ରଖବାର୍ ପାବର୍ ଟିକେ କମି ଏ । ଭେକଡ଼ ଭେକଡ଼ ହେସି ଯେ ତାର୍ ନାଁ ମୁଇ ଭେବା ଦେଲି । ମୁଲୁ ତ ସେ ହେନ୍ତା ନ । କୁକୁର ଲେଞ୍ଜ ଯେତେ ଛାଟ୍ କଲେ ସଲଖିବା କାଁ ? ଥାଉ ଆରୁ ଗୁଏଲ୍ ଗୁଲା ନି ଦିଅ ଟାକେ । ଦେଖ ତ ଯେ ପିଲା ମୋର୍ ତମର୍ ଧପଡ଼ କେ ସେରପେଟେଇ ଗଲାନ୍ ।

ନେତା କହେଲେ, ନିଅ ନିଅ ପିଲାକେ ପନା ପିଆବ ନିଅ । ଯେନ୍ ତ ଗୁନ୍ ବନ୍ତିଆ ପୋ ପାଇଛ । ଧେତ୍, ମା ପୋ ଦୁହେଁ ଏକାଟା ।ଭେବ୍ଲିର୍ ପେଟେ ଭେବାର୍ ଜନମ୍, ଧିକ ରେ ମୋର୍ କରମ୍ । "

"ହଁ ହଁ, ହେ କର୍ମ କେ ତମେ ନିନ୍ଦା କରୁଥ ।

ଯେନତା ଜେନ୍ତା କର୍ମ କରିଛ ହେନ୍ତା ହେନ୍ତା ଫଲ୍ ତମେ ନି ଭୁଗବ ଯେ କିଏ ଭୁଗବା । କେତେ କେତେ ଗରିବ ଲୁକର୍ ତଂଟି ନି ମାଡିଛ । କେତେ ଲୁକର୍ ଭଡ୍ତା ଟଙ୍କା ଖାଇ ଦେଇଛ, ଫର୍ଜରି ନା ଆଁ  ଥି ସରକାରୀ ଟଙ୍କା ଉଠେଇ କରି ହଡପ୍ କରିଛ । ମଲା ଲୁକର୍ ନାଁ ଥି ଭତା ଖାଇଛ । କେଭେଁ କାହାର୍ ଭଲ୍ ଚାହିଁଛ ଭେଲ୍ ଯେ । ଇଛେନ୍ ବିଚରା ଚାକରର୍ ପୋ ଯହ ମାର୍କ ପାଏଲା ବୋଲି ହିଁ ସ୍ କଲେ ହେବା କାଁ ? ଆଜି ଥାନୁ ଇ ସବୁ ଦୁର୍ଗୁନ୍ କେ ଛାଡିକରି ବନେ ମୁନୁଷ୍ ଗୁଟେ ହୁଅ ଯେ ଉନ୍ନତି ହେବା । ନାଇଁ ତ ଇଂତା ଇ ଠଟ ମୁଡ଼େ ହାତ୍ ପିଟି ପିଟି ଅଥା ହଉଥିବ, ନେତା ହଁ କି ନାଇଁ କିଛି ନାଇଁ କହିକରି ଭୂସ୍ କରି ସେନୁ ଉଠ୍ ଲା  ଆରୁ ସିଧା ଭାଗଲା ବାଥ୍ ରୁମ୍  ।

ସିଂଧେକେଲା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାମୀ ସାର୍

ପ୍ରଫେସର୍ ସ୍ୱାମୀନାଥନ୍ ସବୁଠାନୁ ବେଶୀ ଜନାଶୁନା ନାଁ । କିଏ କିଏ କହେସନ୍ ଆଇଆଇଟି ଜଗତ୍‌ର ମହାସମ୍ରାଟ୍ । କେତେ ଜର୍ନାଲ୍, କେତେ ରିସର୍ଚ୍ଚ ପେପର୍ ତି ତାକର୍ ଆର୍ଟିକିଲ୍ ବାହାରିଛେ ଗନି ନାଇଁ ହୁଏ । ଖାଲି ଦେଶ୍'ରେ ନୁହେ ବିଦେଶ୍'ରେ ବି ତାକର୍ ଜହ ନାଁ ଅଛେ । ଷ୍ଟେନ୍‌ଫୋଡ୍, ଅକ୍ସଫୋଡ୍ ଭଲିଆ ୟୁନିଭର୍‌ସିଟିର୍ ପ୍ରଫେସର୍‌ମାନେ ତାହାକୁ ଭିନ୍ ଭିନ୍ ବିଷେ ତି ରାଏ ମାଗ୍‌ସନ୍ । ଆଉ ପୁରସ୍କାର୍ ର କଥା ତ ନାଇଁ କହ ,ଗୁଟେ ଅଗ୍‌ବା ଘର୍ ଭରିଗଲା ନ ।

ଇନ୍‌ଜିନିଅରିଙ୍ଗ୍‌ର A ନୁ Z ତକ୍ ସବୁକିଛି ତାକର୍ ମୁହେଁ ମୁହେଁ ଅଛେ । ଇନ୍‌ଜିନିଅରିଙ୍ଗ୍‌ର ସବୁଠାନୁ କଠିନ୍ ବିଷେ କେ ଭି କେନ୍‌ତି ସହଜ୍ ରେ ବୁଝେଇ ହେସି ତାହାକୁ ଜନା । ସେଟା ତାକର୍ ସ୍କିଲ୍ ଆଏ ।



ଦେବେନ୍ଦ୍ର ଭୁଏ

ପୂରା ୪୦ ବଛରର୍ ଚାକ୍‌ରୀର୍ ଅବ୍‌ଶାନ୍ ଘଟ୍‌ବାର୍ କେ ଯାଉଥିଲା । ସଭେ ଚିନ୍ତାରେ ଥିଲେ । ଏନ୍ତା ଜ୍ଞାନୀ ଆଉ ପଣ୍ଡିତ୍ ଟେ କେନେ ଆଉ ମିଲ୍‌ବା ଇଟା ଭାବ୍‌ବାର୍‌ଟା ଚିନ୍ତାର୍ ବାହାରେଁ ଆଏ ।

ହେଲେଁ ସେ ସ୍ୱାମୀ ସାର୍‌ଙ୍କର୍ ପୂରା ବାୟୋଡାଟା କାଣା ଆଏ ? ? ? ପୂରାପୂରି କିହେ ନାଇଁ ଜାନି । ସ୍ୱାମୀନାଥନ୍ ସାର୍ ଉର୍ଫ୍ ସ୍ୱାମୀ ସାର୍, ପାଁଚ୍ ଫୁଟିଆ ବୁଢ଼ି, ଡାଢ଼ି ଟିକେ ଟିକେ, କଲା କୋଟ୍ ଟେ ପିନ୍ଧିଥିବେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଚ୍‌କୁଚିଆ ବାଲ୍, ହାତେଁ ଗୁଟେ ପର୍ସ ଟେ । ଏର୍‌ରାପିଲାମାନେ ହାତେ ପର୍ସ ଧର୍‌ବାର୍‌ଟା ଟିକେ ଅଡୁଆ ଲାଗ୍‌ସି । ଯାହିଁ ଯିବେ ପର୍ସକେ ଧରିଥିବେ । କାଏଁ କରି ଧର୍‌ସନ୍ କିହେ ନାଇଁ ଜାନି କି ପଚ୍‌ରାବାର୍ ସାହାସ୍ ବି କାହାରିର୍ ନାଇଁ । ସମିଆର୍ ସେ ପକ୍‌କା ଆନ୍, ଇନ୍‌ଡିସିପ୍ଲିନ୍ କେ ସିଏ ବର୍‌ଦାସ୍ ନାଇଁ କରନ୍, କ୍ଲାସ୍ ରେ ଇଆଡ଼େ ସେଆଡେ ହେଲେଁ, କି ଅନ୍ୟମନସ୍କ ହେଲେଁ ସିଧା କ୍ଲାସ୍‌ନୁ ବାହାର୍ କରି ନେସନ୍ ।

ଙ୍କାନୀ ହେଲେଁ ବି ରାଗି ଟିକେ । ଆଉ ରାଗି ଗଲେ ସମ୍‌ଲାଭାର୍‌ଟା କଠିନ୍ ଆଏ । ତାକର୍ ବିଷେଁ ତି କିଏ କିଏ କହେସନ୍ ସିଏ ଅବିହାରୀ ଆନ୍ ତ କିଏ କିଏ କହେସନ୍ ଅନେକ୍ ବଛରର୍ ପୂର୍‌ବରୁ ତାକର୍ ମାଏଝି ଆଉ ତାକର୍ ସାନ୍ ଝି ଏକ୍‌ସିଡେଣ୍ଟ ରେ ମରି ଯାଇଥିଲେ........ ସତ୍‌ଟା କାଣା ଆଏ କିହେ ନାଇଁ ଜାନି, ଯିଏ ବି ତାହାକୁ ଦେଖିଛନ୍ ଏକ୍‌ଲା ହିଁ ଦେଖିଛନ୍ ।

ମୋନିକା ଉର୍‌ଫ୍ ମାନୀ ବିଦ୍ୟାର୍ଥୀର୍ ମାନକର୍ ଭିତ୍‌ରୁ ତାକର୍ ସବୁଠାନୁ ଫେଭ୍‌ରେଟ୍, ସେ ପଢ୍‌ସି ଇନ୍‌ଜିନିଅରିଙ୍ଗ୍‌ର ଶେଷ୍ ବଛର୍ ତି । ସିଏ ପାଠେଁ ଯେନ୍‌ତା ମେଧାବୀ ଆଏ ଇ ବଛରର୍ ଗୋଲ୍‌ଡ୍ ମେଡାଲ୍ ପାଏବାର୍ ପୂରା ହକ୍‌ଦାର୍ ଆଏ ।

ମାନୀ ଆଉ ସ୍ୱାମୀ ସାର୍‌ଙ୍କର୍ କେମେଷ୍ଟ୍ରୀ ଦେଖିକରି ଅନେକ୍ ବିଦ୍ୟାର୍ଥୀ ଖିସେଇ ହେସନ୍ । ମାନୀ ସ୍ୱାମୀ ସାର୍‌ଙ୍କୁ ନିଜର୍ ବୁଆ ମେତାଲ୍ ମାନ୍‌ସି । କେତେ କେତେବେଲେଁ ତାର୍ ଖେଚଡ୍ ବାଚଡ୍ ଲାଗି ଦୁହେଁ ଗୁର୍‌ଦୁ ଟେ ହସ୍'ବେ । ଭେଟ୍ ପଡ୍'ଲେ କି ଗୁଡ୍ ମନିଙ୍ଗ୍ ହେଣ୍ଡସମ୍ ବଲି ଅଭିନନ୍ଦନ୍ କର୍‌ବା ମାନୀ । ଇ ଅଧିକାର୍‌ଟା ଖାଲି ମାନୀ ପାଇଥିଲା । ମାନୀ ଜାହା କହେଲେଁ ବି କି ଜାହା କଲେଁ ବି ସାର୍ ତାହାକେ କେଭେଁ ରାଗେଁ ନାଇଁ ହନ୍ । କେତେବେଲେଁ ଘାଏ ଅନ୍‌ତର୍‌ଧିଆନ୍ ହଇଗଲେଁ ନୁରାଖୁଜା ଦୁହେ ଦୁହିଁକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବସର୍ ନେବାର୍  ର ଶେଷ୍ ସପ୍ତାହ୍ ଟା ଆସ୍‌ଲା । ସାର୍ ସମ୍‌କୁ କହି ରଖିଛନ୍, "ଇ ସପ୍ତାହ୍‌ଟା ତାକର୍ ଜୀବନ୍ ର ସବୁଠାନୁ ବେଷ୍ଟ ଅନୁଭୁତି, ବେଷ୍ଟ ଟିଚିଙ୍ଗ୍ କେ ସବୁ ଛୁଆମାନ୍‌କୁଁ  ଦେବେ । ସାର୍ ଧରିଥିଲେ ଫାଇନାଲ୍ ଇଅର୍ ର ସବୁଠାନୁ କଠିନ୍ ବିଷେ କେ, ଯେନ୍ ବିଷେଁ ତି ଭଲ୍ ଛୁଆ ବି ତର୍‌ସରେଁ ପାସ୍ କର୍‌ସି, ହେଲେ ସ୍ୱାମୀ ସାର୍‌କୁ ଏନ୍‌ତେହି ମହାସମ୍ରାଟ୍ ନାଇଁ କହନ ? ସେ ସବୁ ସଟ୍ ଟ୍ରିକ୍ ଜାନିଛନ୍, ଏନ୍ତା ବିଷେ ତି ବି କେନ୍‌ତା ୯୦ + ମାର୍କ ରଖା ଯାଏସି ତାହାକୁଁ ସବୁ ଜନା, ହେଥିର୍ ଲାଗି ତ ଇ ସାତ୍ ଦିନର୍ କ୍ଲାସ୍ କେ ହାତ୍‌ଛଡା ନାଇଁ କର୍‌ବାର୍ କେ ସମ୍‌କୁ ତାଗିତ୍ କରିଛନ୍  ।

ସମାର୍ ଦିନ୍ ଆସିଛେ । ଘରୁଁ ବାହାର୍'ଲେ କି ମନେ ମନେ ଚିନ୍ତା କର୍'ତେଲ୍ ଆସୁଛନ୍ ସ୍ୱାମୀ ସାର୍ - ଇ ବିଷେ ତି ଯଦି ମାନୀ ୯୦+ ମାର୍କ ରଖ୍‌ଲା ସିଏ ତ ନୂଆଁ ଇତିହାସ୍ ରଚ୍‌ନା କର୍‌ବା । ଆଏଜ୍ ତକ୍ ଯାହା ବି ରେକଡ୍ ହେଇଛେ ସବୁ ରେକଡ୍ ଭାଙ୍ଗି ନେବା ଇ ଗାଁ ଗଅଁଲି ଅଞ୍ଚଲ୍ ର ଗରିବ୍ ଘରର୍ ଛୁଆ ଟା  ।

ତାର୍ ଲାଗି ବହୁତ୍ ଟେ ଆଶ୍ ଆଉ ବିଶ୍‌ପାସ୍ । ତାପ୍'ନେ ପୂରା କନ୍‌ଫିଡେଣ୍ଟ ଆନ୍ ଟୁକେଲ୍ ଟା ନିଶ୍'ଚେଁ ଟପ୍ କର୍‌ବା । ହେଥିର୍ ଲାଗି ତ ସେ ସବୁ ସଟ୍ ଟ୍ରିକ୍ ସବୁ ରେଡି କରିଛନ୍  । ଆଏଜ୍ ତାହାକେ ବତାବେ ।

ଏତ୍‌କି ଭାବୁନ୍ ଭାବୁନ୍ ସେ କଲେଜ୍ ପହଁଚି ସାରିଥିଲେ । ତାକର୍ ଆଏଁଖ୍ ଖୁଜୁ ଥିଲା ମାନୀ କେ .......

ହେଲେଁ ମାନୀ କାଇଛେ  ?

ତାକର୍ କାନେ ଗୁନ୍‌ଜି ଉଠୁଥିଲା ଗୁଡ୍ ମର୍‌ନିଙ୍ଗ୍ ହେଣ୍ଡସମ୍ ଶବଦ୍ ଟା...... ହେଲେ .....

ମାନୀ କାଇଛେ  ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାର୍ ପାଦର୍ ପାଏଝୋଲ୍‌ର ଶବଦ୍ ବି ତାକର୍ କାନେ ଶୁଭୁଥିଲା ......ହେଲେ.....

ମାନୀ କାଇଛେ ???

ତାକର୍ ଲାଗି ଇ ଘଡି ଟା ବଡେ ହଲ୍‌ଚଲ୍‌ର ଘଡି ହେଇ ଯାଇଥିଲା ,ଭିତ୍'ରେ ଭିତ୍'ରେ ସେ ବହୁତ୍ ଟେ ଖୁଜିଛନ୍ ତାହାକେ ।

କ୍ଲାସ୍ କେ ଜାଇଛନ୍, କ୍ଲାସ୍ ଚାଲିଛେ, ସେ ଝର୍କା ତରାର୍ ସେ ପହେଲା ବେଞ୍ଚ୍ କେ ଦେଖିଛନ୍, ତାର୍ ଆବାଜ୍ ଆଏଲା ମେତାଲ୍ ଲାଗିଛେ ,

ହେଲେ.......ମାନୀ......

କ୍ଲାସ୍ ପୂରା ବି ହଇଛେ ହେଲେଁ ମାନୀର ସୋର୍ ଶବଦ୍ ବି ନାଇ !

ଏନ୍ତା ଦିନେ ନାଇଁ କି ଦୁଇଦିନ୍ ନାଇଁ, ସପ୍ତାହର୍ ଶେଷ୍ ଦିନ୍ ଆସି ପହଁଚିଲା ତଥାବିର୍ ମାନୀର୍ ଦେଖା ନାଇ ।

ଶେଷ୍ ଦିନ୍ ଆଉ ରିଟାଏର୍'ମେଣ୍ଟର ବି ଶେଷ୍ ଦିନ୍ । ସେ ଦିନ ସ୍ୱାମୀ ସାର୍ ବହୁତ୍ ରିସ୍‌ମି ହେଇ ଯାଇଥିଲେ । "ଏନ୍‌ତା କଲେଁ ଟପର୍ ହେବା ଆଇ ଆଇ ଟିର ଇତିହାସ୍ ରେ ସବୁଠାନୁ ବେଶୀ ମାର୍କ୍‌ର ରେକଡ୍ ଭାଙ୍ଗ୍‌ବା....... ଆରେ କାଣା ଭାବିଛେ ସେ ନିଜ୍'କେ । ବାକି ବଛର୍‌ମାନ୍‌କୁ ଟପର୍ ହେଲା ବଲି କାଣା ଇ ବଛର ବିନା ପଢିକରି ଟପର୍ ହେବା .....ମୁରୁଖ୍ ... ଅଗ୍‌ବା ମୁରୁଖ୍...... ମନ୍ ଭିତ୍'ରେ କେତେ କାଣା ରିସ୍‌ମି ଭରା ଶବଦ୍ ।

ଆଉ ଇ ରାଗ୍‌ରିଶ୍‌ମି ଟା ଘୃଣାର୍ ନୁହେ ତାର୍ ଚିନ୍ତାର୍ ରାଗ୍, ତାର୍ ପ୍ରତି ସେନେହ୍‌ର ରାଗ୍ । ଅଗ୍‌ସର୍ ଜୀବନ୍ ରେ ଆମେ ତାହାକେ ବେଶୀ ରାଗେଁ ହେସୁଁ ଯାହାକେ ବେଶୀ ସେନେହ୍ କରୁଥିସୁ ।

ଶେଷ୍‌ଦିନେ କଲେଜ୍ ପହଁଚିଛନ୍ ସ୍ୱାମୀ ସାର୍ । ଦୂରୁ ଦେଖିଛନ୍ ମାନୀ କେ, ମାନୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଇଛେ ! ମନେ ମନେ ରାଗ୍ ଆଉ ଅଭିମାନ୍‌ର ଝଡ଼୍‌ଟା ତାକର୍ ମନ୍ ଭିତରେ । ତାକର୍ ଗତି ଟିକେ ବଢ଼ି ଯାଇଛେ । ମନ୍ ଭିତ୍‌ରର୍ ଗୁମାନ୍ କହୁଛେ, "ହୁଁ... କେଡେ ଘମଣ୍ଡି ଟୁକେଲ୍..... ସବୁଦିନ ମୋର୍‌ନିକେ ନର୍‌ଦିତେଲ୍ ଆସୁଥିଲା, ଗୁଡ୍ ମର୍‌ନିଙ୍ଗ୍ ହେଣ୍ଡ୍‌ସମ୍ କହୁଥିଲା, ହେଲେ ଆଏଜ୍ ସେ କନେ...... ଆରେ ଏତେ ଫୁଟାଣୀ ..... । ନିଜର୍ ମନ୍ ଭିତ୍‌ରର୍ ଝଡ଼୍ କେ ଅଟ୍'କେଇ ନାଇଁ ପାର୍'ଲେ, ରାଗେଁ ଥମ୍‌ଥମାତେଲ୍ ଛୁଟ୍'ଲେ ତାର୍ ପାଖ୍'କେ ।

ମୁହୁଁ ଏକ୍‌ଦମ୍ ଶୁଖି ଯାଇଥିଲା, ଆଏଁଖ୍ ଏକ୍‌ଦମ୍ ଢୁକି ଯାଇଥିଲା, ଭଲ୍ କରି କୁରି ଗାଁପି ବି ନାଇ ହଇ । ତାହାକେ ଦେଖିକରି କାଏଁକରି ଯେ ରାଗ୍‌ଟା ଟିକେ କମିଗଲା । ଆଉ ତାକର୍ ଟୁଣ୍ଡୁ ସ୍ୱତହ୍ ବାହାରିଗଲା, "ଗୁଡ୍ ମର୍‌ନିଙ୍ଗ୍ ମାନୀ" । ହେଲେଁ ମାନୀର୍ କିଛି ରେସ୍‌ପନ୍‌ସ୍ ନାଇଁ । ତଲ୍ ମୁହୁଁ କରି ପଲେଇ ଯାଇଛେ ସାଙ୍ଗ୍‌ମାନ୍‌କର୍‌ସାଙ୍ଗେ । ବଢେଟେ ଧକ୍‌କା ଲାଗିଛେ ସ୍ୱାମୀ ସାର୍‌ଙ୍କୁ । "ଆରେ ନିଜ୍'କେ ଭାବିଛେ କାଣା ଏତେ ଇମ୍'ପୋଟେଣ୍ଟ ବଲିଁ ତ କହିଥିଲି, ଏତ୍‌କି ଦିନ୍‌ତକ୍ ଦେଖା ନାଇ, କଥା ନାଇଁ କି ବାର୍‌ତା ନାଇଁ, ଆଉ ମତେ ମିସ୍‌ବିହେଭ୍ କରୁଛେ !

ରାଗେଁ ଥମ୍‌ଥମାତେଲ୍ କ୍ଲାସ୍ ଭିତର୍'କେ ଢୁକିଛନ୍ ସ୍ୱାମୀ ସାର୍ । ସାର୍‌ଙ୍କର୍ ଏକ୍‌ଦମ୍ ସାମ୍‌ନାରେ ବସ୍‌ସି ମାନୀ, ହେଲେ ଆଏଜ୍ ଲାଷ୍ଟ ବେଁଚ୍‌ର ଝର୍‌କା ତରା ନ । ଇଟା ଦେଖିକରି ଆହୁରି ମନ୍ ଭିତ୍'ରେ ଜୁଏ ଜଳି ଉଠିଛେ ।

କ୍ଲାସ୍‌ଟା ଆରମ୍ଭ ହେଇଛେ । କିଛି ସମିଆ ପରେ ମାନୀ କେ ଦେଖିଛନ୍ ସାର୍, ତାର୍ ତ କ୍ଲାସ୍'ରେ ମନ୍ ନାଇନ ମେତାଲ୍ ଦିଶୁଛେ । ଅନ୍ୟମନସ୍କ ହେଇ ବସିଛେ । କୁଡେ ମିନିଟ୍ ହଇଛେ କି ନାଇ ମାନୀର୍ ଇଆଡ୍ ସେଆଡ୍ ଦେଖିକରି ସାର୍ ରଡିଛନ୍, "ମାନୀ ଲୁକ୍ ଏଟ୍ ହେଅର୍ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ସମିଆ ପରେ ମାନି ଫେର୍ ଝର୍କା ଆଡେଁ ଦେଖିଛେ । ସିଏ ଦେଖିଛେ ଝର୍କା ପାଖେଁ ଥିବାର୍ ଗଛ୍ ରେ ଗୁଟେ ଚରେଇ ମାଁ ତାର୍ ଛୁଆ କେ ଚରା ଖୁଆଉଛେ, ସେନେହ୍ କରୁଛେ, ଦେଖାରେ ମାନୀ ମାତି ଯାଇଥିଲା । ସାର୍ ମାନୀକେ ଦେଖିକରିଁ ଆଉ ସମ୍ଭ'ଲେଇ ନାଇଁ ପାର୍'ଲେ, ଜୋର୍'ରେ ରଡି ଆନ୍'ଲେ, ମାନୀ ହୁଆଟ୍ ଆର୍ ୟୁ ଡୁଇଙ୍ଗ୍ ? ମାନୀ ତ ମାତି ଯାଇଥିଲା ମାଁର୍ ଗେଲ ଦେଖ୍ବାର୍'ରେ । ସିଏ କିଛି ରେସ୍ପନ୍ସ୍ ନାଇ ଦେଲା ।

"ମାନୀ ......"

ଜୋର୍ ରେ ରଡିଛାଡିଛନ୍ ସାର୍ ,

ଡୋଣ୍ଟ ୟୁ ନୋ ମେନର୍ସ ! ,

ତଥାବିର୍ ସିଏ କିଛି ରେସ୍ପନସ୍ ନାଇଁ ଦେଇ । ଡିସ୍କସ୍ଟିଙ୍ଗ୍, ୟୁ ମିସ୍ବିହେବ୍ ମି, ମିଟ୍ ମି ଇନ୍ ଦ ଅଫିସ୍"

କହିକରି ରାଗେଁ ତର୍ତରାତେଲ୍ କ୍ଲାସ୍ନୁ ବାହାରିଛନ୍ ।

ସ୍ୱାମୀ ସାର୍ଙ୍କୁ ଏତ୍କି ରାଗ୍ବାର୍ ଆଏଜ୍ତକ୍ କିହେ ନାଇ ଦେଖି । ସଭେ ଚିନ୍ତା ରେ । କାଣା ତ ନିଶ୍'ଚେଁ ହେବା ?

ସାର୍ଙ୍କୁ ମିସ୍ବିହେବ୍ ? ? ? ମାନୀ ତ ଏନ୍ତା ନୁହେ.... ଯିଏ ସାର୍ଙ୍କୁ ମିସ୍ବିହେବ୍ କର୍ବା ,ସେ ତ ସ୍କଲାର୍ ଷ୍ଟୁଡେଣ୍ଟ ଆଏ,ମେଧାବୀ ଆଏ ,

ସେ ଫେର୍ ଏନ୍ତା କେନ୍ତା କଲା ? ? ?

କାଣା ହେଇଛେ ମାନୀର...... ? ? ?

ପିଲାମାନ୍କର୍ ଭିତ୍'ରେଁ ଏନ୍ତା ଅନେକ୍ ପ୍ରଶ୍ନ ।

ମାନୀ କେ ବହୁତ୍ ଟେ ସାଙ୍ଗ୍ମାନେ ଅଫିସ୍ କେ ନାଇଁ ଯିବାର୍ କେ କହିଛନ୍ । ମାନି

 Magazine Downloaded from www.aahwaan.com

କିନ୍ତ ଚୁପ୍‌ଚାପ୍ ଅଫିସ୍ କେ ଗଲା ।

ସେନ ଖାଲି ସ୍ୱାମୀ ସାର୍ ଥିଲେ । ଯାଇକରି ଚଉକିରେ ବସ୍‌ଲା .... ମୁଣ୍ଡ୍ ତଲ୍ ହେଇ ଯାଇଥିଲା ।

ସ୍ୱାମୀ ସାର୍ ରାଗେଁ ଫୁଟି ପଡ୍'ଲେ, "କାଣା ଚାଲିଛେ ମାନୀ, କାଣା ଚାଲିଛେ ????"

ମାନୀ କିନ୍ତ ଖୁବ୍ ଜୋର୍'ରେ କାନ୍ଦବାର୍ କେ ଲାଗ୍‌ଲା ।

ତାର୍ ଟୁଣେ ଖାଲି ଗୁଟେ ଶବଦ୍ ମାଁ...........

ମାଁ...........

ଆଉ ମାଁ.......... ।

ଛାତିତିଁ ଜୋର୍'ରେ ଛାପ୍‌କି ଧରିଥିବାର୍ ଖାତାଖଁଡ୍‌କ ତଲେଁ ପଡିଗଲା....... ସେଥି ଥିଲା..... କେତେଟା ଫଟୋଗ୍ରାଫ୍ ...... ମାନୀ ଆଉ ତାର୍ ମଲା ମାଁର୍ ।

ସେ ଦିନୁଁ ସ୍ୱାମୀ ସାର୍‌ଙ୍କୁ ସେ ଅଞ୍ଚଲ୍'ରେ ଆଉ କିହେ ନାଇଁ ଦେଖି । କେହି କେହି କହେସନ୍ ଶେଷ୍ ବିଦାଇ ସମିଆ ତି ସେ ପହେଲା କରି ତାକର୍ ହାତର୍ ପର୍ସ୍‌ଟାକେ ଖୁଲିକରି କାହାର୍ ଫଟୋ ଦେଖିକରିଁ ବହୁତ୍ ଟେ କାନ୍ଦୁଥିଲେ ।

ଦୁଲମ୍‌ପୁର,

ଅତାବିରା, ବରଗଡ

 Magazine Downloaded from www.aahwaan.com

# ମାତୃଭାଷା : ଗୁଟେ ଅନୁଚିନ୍ତନ୍

ଆମର୍ ମାଏନ୍ତା ମାତୃପ୍ରେମୀ ତଥା ମାତୃଭାଷା ପ୍ରେମୀ ମାନ୍‌କୁଁ ସାଦର୍ ଜୁହାର୍ । ମୁଁ ମାଏଟ୍ ଆଉ ମାତୃଭାଷାର୍ ଲାଗି କିଛି କରି ଦେଖାବାର୍ ଭାବ୍‌ନା ହିଁ ଆପଣ୍‌ମାନ୍‌କର୍ ବିଶିଷ୍ଟ ପରିଚଏ ଆଏ ।

ଆମର୍ ଦେଶ୍‌ର ଅନନ୍ୟ ତଥା ମହାନ୍ କବି ରବୀନ୍ଦ୍ରନାଥ୍ ଟେଗୋର୍ ନିଜର୍ କବିତା ପୁସ୍ତକ ଗୀତାଞ୍ଜଳି କେ ଇଂରାଜୀରେ ଅନୁବାଦ୍ କରିଥିଲେ । ଯଦିଓ ସେ ଇଂଲଣ୍ଡରେ ଶିକ୍ଷିତ୍ ହେଇଥିଲେ... ସେ ବଙ୍ଗ୍‌ଲାର୍ ଗୁଟେ ଅତ୍ୟଧିକ୍ ଧନୀ ପରିବାରର୍ ଥିଲେ; ବ୍ରିଟିଶ ସାମ୍ରାଜ୍ୟ ଦ୍ୱାରା ତାକର୍ ଜେଜେବାପାଙ୍କୁ ରାଜା ଆଖ୍ୟା ଦିଆଯାଇଥିଲା ।

ସେ ଦୁନିଆରେ ସର୍ବଶ୍ରେଷ୍ଠ ଶିକ୍ଷା ପାଇଥିଲେ, ତଥାପି ମାତୃଭାଷା ହେଉଛି ମାତୃଭାଷା । ସେ ତାଙ୍କର୍ ପ୍ରାୟ ସବୁ କବିତା ନିଜର୍ ମାତୃଭାଷା ବଙ୍ଗଳା ଭାଷାରେ ଲେଖିଥିଲେ, କିନ୍ତୁ କିଛି ବନ୍ଧୁ ମତ ଦେଇଥିଲେ ଯେ ଗୀତାଞ୍ଜଳି କବିତାର୍ ଏନ୍‌ତା ମହାନ୍‌ତା ଅଛେ ଯେ ଯଦି ଇତାକେ ଇଂରାଜୀରେ ଅନୁବାଦ୍ କରାଯାଏତା ଇଟା ନୋବେଲ ପୁରସ୍କାର୍ ପାଏବାର୍ ହକ୍‌ଦାର୍ ହେଇ ପାର୍‌ତା । କିନ୍ତୁ ନିଜେ ରବୀନ୍ଦ୍ରନାଥଙ୍କର୍ ଛଡା କିଏ ଏତାକେ ସଠିକ୍ ଭାବ୍‌ନାର୍ ସହିତୁଁ ଅନୁବାଦ୍ କରିପାର୍‌ତା ? ତାକର୍ ନୁ ଆଉ ଭଲ୍ ଅନୁବାଦକ୍ କିଏ ହୋଇପାରିଥିତା ?



ଦେବେନ୍ଦ୍ର ଭୁଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଥିର୍ ଲାଗି ସିଏ ନିଜେ ଇତାକେ ଅନୁବାଦ୍ କରିଥିଲେ, କିନ୍ତୁ ସେ ତଥାପି ଦ୍ୱିଧାବୋଧ୍ କରୁଥିଲେ । ହେଥିର୍ ଲାଗି ସେ ସମିଆର୍ ଜଣେ ମହାନ୍ ଖ୍ରୀଷ୍ଟିଆନ ମିଶନାରୀ, ସି. ଆଣ୍ଡ୍ରୁୟସ୍ ,ଯିଏ କି ଜଣେ ମହାନ୍ ବିଦ୍ୱାନ୍ ଆଉ ଅତ୍ୟନ୍ତ ପ୍ରଭାବ୍ଶାଳୀ, ଜଣେ ବିଶ୍ୱ ପ୍ରସିଦ୍ଧ୍ ବ୍ୟକ୍ତିତ୍ୱ ଥିଲେ ତାର୍ ସାଙ୍ଗେ ସାଙ୍ଗେ ସେ ବଙ୍ଗାଳୀ ଭାଷା ବି ବୁଝି ପାରୁଥିଲେ ,ସିଏ ବଙ୍ଗଳାରେ ମିଶ୍ନାରୀ ଭାବେଁ ରହୁଥିଲେ; ସେ ବଙ୍ଗୀୟମାନ୍କର୍ ଭିତ୍ରେଁ କାମ୍ କରୁଥିଲେ ଆଉ ସେମାନ୍କର୍ ଭାଷା ଶିଖିଥିଲେ । ହେଥିର୍ଲାଗି ସେ ଅନୁବାଦ୍କେ ତାହାକୁ ଦେଲେ । ଯଦି କିଏ ସେ ଅନୁବାଦ୍ର ସଠିକ୍ ମରମ୍ କେ ବୁଝିପାରିଥିତା ସିଏ ଆଣ୍ଡ୍ରୁୟସ୍ ଥିଲେ ।

ସେ ଚାରୋଟି ପଏଣ୍ଟ ବ୍ୟତୀତ୍ ପୁରା ପୁସ୍ତକ୍କେ ଅନୁମୋଦନ୍ କଲେ, ଖାଲି ଚାଏର୍ଟା ଶବ୍ଦ ପୁସ୍ତକ୍ରେ ବଛାହେଲା ,ଯେନ୍ଟା ଭୁଲ୍ଥିଲା । ସେ କହିଥିଲା, "ସେ ଶବ୍ଦ ବ୍ୟାକରଣ୍ ହିସାବେଁ ସଠିକ୍ ନୁହେଁ ।

ଆଉ ରବୀନ୍ଦ୍ରନାଥ୍ ନିଶ୍ଚିତ୍ ହୋଇଥିଲେ ଯେ ଭାଷା ବିସେ ତି ଆଣ୍ଡ୍ରୁସ୍ ଠିକ୍ କହିଥିଲେ । ହେଥିର୍ଲାଗି ସେ ସେହି ଚାଏର୍ଟା ଶବ୍ଦ୍କେ ବଦଲେଇ ଆଣ୍ଡ୍ରୁୟସ୍ ଦ୍ୱାରା ପରାମର୍ଶିତ୍ ଶବ୍ଦ୍ମାନ୍କର୍ ସାଙ୍ଗେ ବଦ୍ଲାଲେ ।

ଇଂଲଣ୍ଡରେ ତାକର୍ ସବୁ ଇଂରାଜୀ କବିଙ୍କ ଭିତ୍ରେ ଝନେ ଜନାସୁନା ବନ୍ଧୁ ଥିଲେ ସେ , ହେଥିର୍ଲାଗି ସେ ଲଣ୍ଡନ୍ ଯାଇଥିଲେ ଯେନ ସେ,ସେ ସମିଆର୍ ଜଣେ ମହାନ କବି ୟ୍ୱାଟସ୍ ଙ୍କ ଅତିଥି ହଇଥିଲେ । ଆଉ ରବୀନ୍ଦ୍ରନାଥ୍ଙ୍କର୍ ଗୀତାଞ୍ଜଳିର୍ ପାଠ୍ ଶୁନ୍ବାର୍ ଲାଗିଁ ୟେଟସ୍ ଖାଲି ଇଂରାଜୀ କବିମାନ୍କର୍ ଗୁଟେ ସଭା ଡାକ୍'ଲେ । ସେ ନିଶ୍ଚିତ୍ ଥିଲେ ଯେ ପୁସ୍ତକ୍ ଏତେ ବିରଲ୍ ଆଉ ଏତେ ଅନନ୍ୟ ଯେ ଏତାକେ ନୋବେଲ୍ ପୁରସ୍କାର୍ ଲାଗି ପ୍ରସ୍ତାବ୍ ଦିଆଯାଇପାର୍ବା, ହେଲେଁ ଅନେକ୍ ନୋବେଲ୍ ପୁରସ୍କାର୍ ପ୍ରାପ୍ତ କବିଙ୍କର୍ ମତ ପାଇବାର୍ ଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲ୍ ହେବା ।

ହେଥିର୍‌ଲାଗି ପାଖାପାଖି ପଚିଶ୍ ଝନ୍ କବି ୟାଟ୍‌ସଙ୍କର୍ ଘରେଁ ଏକତ୍ରିତ୍ ହଇ ରବୀନ୍ଦ୍ରନାଥ୍‌ଙ୍କର୍ ପାଠ୍ ଶୁନ୍‌ବାର୍ କେ ଆସ୍'ଲେ । ସେମାନେ ସଭେ ଅତ୍ୟନ୍ତ ପ୍ରଭାବିତ୍ ହୋଇଥିଲେ ଆଉ ସର୍ବସମ୍ମତି କ୍ରମେ ସେମାନେ ନୋବେଲ୍ ପୁରସ୍କାର୍ କମିଟିରେ ଏକ ଆବେଦନ୍ କରିବାର୍ କେ ଚାହୁଁଥିଲେ ଯେ ଇ ପୁସ୍ତକ୍ କେ ନୋବେଲ୍ ପୁରସ୍କାର୍‌ରେ ସମ୍ମାନିତ୍ କରାଯାଉ ।

ହେଲେଁ ୟେଟସ୍ ନିଜେ ଟିକେ ସଂରକ୍ଷଣ୍ ରଖିଥିଲେ । ସେ କହେଲେ, ଚାରୋଟି ଶବ୍ଦ୍ ବ୍ୟତୀତ୍ ସବୁକିଛି ଠିକ୍ ଅଛେ । ରବୀନ୍ଦ୍ରନାଥ୍ ଇତାକେ ବିଶ୍ୱାସ୍ କରି ନାଇଁ ପାର୍‌ଲେ ଯେ - ସେଟା ସେ ଶବଦ୍ ଥିଲା ଯେନ୍ ଚାଏର୍‌ଟା ଶବଦ୍ କେ C.F. ଆଣ୍ଡ୍ରୁସ୍ ପରାମର୍ଶ୍ ଦେଇଥିଲେ !

ୟାଟସ୍ କହେଲେ, "ସେମାନେ ପୂରାପୂରି ଠିକ୍ ଆନ୍ ବ୍ୟାକରଣ୍ ର ଦୃଷ୍ଟି ନୁ , ହେଲେ ସେମାନେ କବିତାବାଦୀ ନୁହନ୍ । ସେ ଦେଖିପାର୍‌ଲେ ଯେ ଅଲ୍‌ଗା କେହି ଇଥିରେ ହସ୍ତକ୍ଷେପ୍ କରିଛନ୍; ଆଉ ହେ ଶବଦ୍‌ମାନେ ହିଁ କବିତାର୍ ସୌନ୍ଦର୍ଯ୍ୟ ର୍ ପ୍ରବାହକେ ପ୍ରତିରୋଧ୍ କରୁଛନ୍ । ସାହାଯ୍ୟ କରିବା ବଦ୍‌ଲା, ସେମାନେ ବାଧା ସୃଷ୍ଟି କରୁଛନ୍ ଆଉ ମୁଇଁ ପରାମର୍ଶ୍ ଦେମି ଯେ ଆପଣ ଏହି ଶବ୍ଦଗୁଡ଼ିକୁ ପରିବର୍ତ୍ତନ କରୁନ୍ ।

"ତୁମେ ସେମାନ୍‌କୁ କେନ ପାଏଲ ? ମୁଇଁ ଯାହା ଭାବୁଛେ ଇ ଶବଦ୍‌ମାନେ ଗୁଟେ କବିର ନୁହେ । କେନ୍‌ସି ବି କବି ଏନ୍ତା ଭାଷା କେ ବେଭାର୍ ନାଇଁ କରେ । ଜଣେ ଭାଷାବିତ୍,ଯିଏ ସିଦ୍ଧ୍ କର୍‌ବାର୍ କେ ଚାହେସନ୍, ଖାଲି ସିଏ ହିଁ ବ୍ୟାକରଣ ଆଉ ଭାଷା କେ ଏନ୍ତା ରୂପ୍'ରେ ବେଭାର୍ କର୍‌ସନ୍ । ହେଲେଁ ଝନେ କବିର୍ ଗୁଟେ ନିର୍ଦ୍ଦିଷ୍ଟ ସ୍ୱାଧୀନ୍‌ତା

 Magazine Downloaded from www.aahwaan.com

ଅଛେ; ବ୍ୟାକରଣ୍‌ର ଧାରେ ଧାରେ ସିଏ ଯିବାର୍ ଲାଗି ବାଧ୍ୟ ନୁହେ । ବ୍ୟାକରଣ୍‌ର ଟ୍ରେକ୍‌ରୁ ବାହାରି କରି ଗୁଟେ ଅଲ୍‌ଗା ଦୁନିଆଁ କେ ନେଇଯିବାର୍ ତାର୍‌ନୁ ଲାଇସେନ୍‌ସ ଅଛେ । କାଏକରିଁ କି କବିତା ଗଦ୍ୟ ଅପେକ୍ଷା ଅଧିକ୍ ମୂଲ୍ୟବାନ୍ । ଗଦ୍ୟର୍ ଲାଗି ବ୍ୟାକରଣ୍ ଠିକ୍ ଅଛେ, ହେଲେଁ କବିତାର୍ ଲାଗି ବ୍ୟାକରଣ୍ ଗୁଟେ ବିଶୃଙ୍ଖଳା ହଇପାରେ । "

ରବିନ୍ଦ୍ରନାଥ୍ ତାହାକେ ତାକର୍ ମାତୃଭାଷାରେ ଯେନ୍ ପଦ୍ ଥିଲା ସେଟା ହିଁ ଦେଲେ ।

ୟାଟସ୍ ଗୁର୍‌ଦୁ ଟେ ଖୁସି ହେଲେ । ସେ କହେଲେ, "ଇହାଦେ ସବୁ ଠିକ୍ ଅଛି । ସେ ଚାଏର୍‌ଟା ନଦୀର୍ ପଥର୍ ମେତାଲ୍ ମଝା ନଦୁଁ ହଟି ଯାଇଛନ୍ । ତୁମର୍ ଶବଦ୍ ଟା ବ୍ୟାକରଣ୍ ଗତ୍ ନୁହେଁ ହେଲେ ସେଟାମାନେ କବିତା ,ତୁମର୍ ନିଜର୍ ଭାବ୍‌ନା,ତୁମର୍ ନିଜର୍ ସଂସ୍କୃତି ,ତୁମର୍ ନିଜର୍ ମାତୃଭାଷା, ସେଟାମାନେ ତୁମର୍ ହୁରୁଦ୍‌ନୁ ସିଧା ଆସିଛେ ।"

ହେଥିର୍‌ଲାଗି ମାତୃଭାଷାର୍ ସ୍ଥାନ୍ ହି ଅଲ୍‌ଗା ଆଏ ।ଆଉ ଯେନ୍‌ମାନେ ବି ଇତାକେ ଆଗ୍'କେ ବଢାବାର୍‌ରେ ଯୋଗ୍‌ଦାନ୍ ଦଉଛନ୍ ସେମାନେ ଅନନ୍ୟ ଆନ୍ ।

ଦୁଲାମ୍‌ପୁର, ଅତ୍ତାବିର, ବରଗଡ଼
ଭ୍ରାମ୍ୟଭାଷ : ୯୦୯୦୬୪୦୦୯୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧାଡ଼ିନୁ ଟିକେ ଅଲ୍‌ଗେ ଚାଲ୍‌ବାର୍ କଥା

ରାମକିଷନ୍ ଗୁଟେ ଗରିବ୍ ଘରର୍ ପିଲା ଆଏ । ତାର୍ ବୁଆର୍ ଗୁଟେ ବୋଲି ପିଲା ସେ । ସେମାନେ କେଉଁଟ୍ ଲୋକ୍ । କେଉଁଟ୍ ବାଏଲେ ଆମର୍ ଲୋକ୍ ତ ମାଛ୍ ଧର୍ ବାର୍ ଲୋକ୍ କେ ବୁଝୁସନ୍ । ରାମକିଷନ୍ ର ବୁଆ ଧଅଁର୍ ଧରିକି ଝୁରି ମାରି ଯାଏସି । ମାଛ୍ ଧରି କରି ଯେନ୍ ଦୁଇ ପଏସା ପାଇସି ହେତିନେ ତାକର୍ ପରିବାର୍ ଚଲ୍ ସି । ଗାଁ ଗଁଲିଥି ଲୋକ୍ ମାନକୁ ଦେଖ୍ ବାର୍ କେ ମିଲ୍ ସି ଧଅଁର୍ ଧରି କରି ଝୁରି ମାର୍ ବାର୍ ଟା । ଯେନ୍ ଲୋକ୍ ଝୁରି ମାରି ଯାଏସି, ତାର୍ ପୁଓ ବି ଇଟା ଦେଖୁଥିସି । ପଛେକା ସେ ଧନ୍ଦା ପିଢି ନୁ ପିଢିକେ ଚାଲି ଆଏସି । ଆର୍ ଦିନୁ ଦିନ୍ କେ ଇଟା ଗୁଟେ ପେସା ପାଲ୍ ଟି ଯାଏସି । ରାମକିଷନ୍ ର ବୁଆ ଭାବ୍ ସି ଯେ; ପିଲାକେ ବହି ବସ୍ତାନି ଧରି କରି ଇ ସ୍କୁଲ୍ କେ ବଟାଲେ ବନେ ହେତା । ଆର୍ ପାଠ୍ ଦୁଇ ଅକ୍ଷର୍ ପଢ୍ ଲେ ମୁନୁଷ୍ ଟିକେ ବନ୍ ତା । ସରକାର୍ ତ ଭିନ୍ ଭିନ୍ ଯୋଜନା ଆର୍ ଶିକ୍ଷା ସଚେତନ୍ ତା କାର୍ଯ୍ୟ କରମ୍ କରିଛନ୍ ପାଠ୍ ପଢ୍ ବାର୍ ଲାଗି । ହେଲେ ଇ ଯୋଜନା ତେବେ ଠିକ୍ ଚାଲ୍ ବା ଯେବେ ପିଲା ପାଠ୍ ପଢ୍ ବାର୍ କେ ମନ୍ କର୍ ବେ । ଯେନ୍ ଟାକି ସରକାର୍ ଗୁଟେ ଅଲଗ୍ ବ୍ୟବସ୍ଥା କର୍ ବାର୍ କଥା । ଗୁଟେ ଗାଁର୍ ଭଲ୍ ପଢୁଥିବାର୍ ଆଠ୍ ନୁ ଦଶ୍ ଟା ପିଲା ଟୁକେଲ୍ କେ ବାଛି କରି, ସେମାନ୍‌କୁ ସରକାର୍ ବାର୍ କିଲାସ୍ ତକ୍ ମାହାଲିଆ ପଢ଼ା ତା ବଏଲେ ଖୋବ୍ ଭଲ୍



ସାଇ ପ୍ରସାଦ ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେତା । ସେମାନେ ପାଠ୍ ଦୁଇ ଅକ୍ଷର୍ ପଢ୍ ତେ ଆର୍ ଶିକ୍ଷିତ୍ ହେତେ । ଆର୍ ସେ ପିଲାମାନେ ଚାକ୍ ରି ବାକ୍ ରି କର୍ ତେ । ତାଁକୁ ଦେଖି କରି ଉଞ୍ଚା ପିଲା ଟୁକେଲ୍ ଆଗ୍ କେ ପାଠ୍ ପଢ୍ ବାର୍ କେ ମନ୍ କର୍ ତେ । ରାମକିଷନ୍ ଭଲିଆ ପିଲାମାନେ ମାଛ୍ ମରା ଛାଡିକରି ଇ ସ୍କୁଲ୍ କେ ନର୍ ଧିତେ । ବୁଦ୍ଧି ଆର୍ ଶିକ୍ଷିତ୍ ଦୁହିଟା ଅଲଗ୍ ଜିନିଷ୍ ଆଏ । ବୁଦ୍ଧି ଥାଇ କରି ଶିକ୍ଷିତ୍ ନାଇଁ ହେଲେ କିଛି କାମ୍ ର୍ ନାଇଁ ସେ । ଇହା ଛିନିତ ଯୁଗ୍ କହିଁନୁ କାହିଁ କେ ପଢଛିଲାନ । ଆର୍ ଲୋକ ମାନଙ୍କର୍ ଚଲନ୍ ଫୁନି ବଦ୍ ଲି ଗଲା ନ । ରାମକିଷନ୍ କେ ଶିକ୍ଷିତ୍ ହନ୍ ହାର୍ କେ ହେଲେ ଇ ସ୍କୁଲ୍ କେ ବଟା ବାର୍ କେ ଏକା ପଡ୍ ହା । ଗାଁନେ ଯଦି ରାମକିଷନ୍ ବାଗିର୍ ବାକିମାନଙ୍କର୍ ପୁଅ ମାନେ  ଶିକ୍ଷିତ୍ ହେଲେ ଆମର୍ ଦେଶର୍ ଅଧେ ସମସ୍ୟା ଦୂର୍ ହେଇ ଯାଏତା । ହେନ୍ ତା ଦେଖ୍ ବ ବଏଲେ ଆମର୍ ଦେଶର୍ କେରଲ୍ ରାଏଜ୍ ହେଉଛେ ସବୁନୁ ଶିକ୍ଷିତ୍ ରାଏଜ୍ ଆଏ । ହେନ୍ ର୍ ଲୋକ୍ ମାନେ ସବୁ କାମ୍ ଆର୍ ସବୁ ଜିନିଷ୍ ନ ଆଘ୍ ଆଡେ । ପାଠ୍ ପଢା ହେଉ କି ଆର୍ କାଣା,ଖେଲ୍ କୁଦ୍ ହେଉକି ବିଜ୍ଞାନ୍ ହେଉ ସବୁନ ଆଘେ । ସେଠାନେ ସବୁ ଗାଁ ଗାଁଲିଥି ପାଠ୍ ପଢାକେ ବେଶି ଗୁରୁତ୍ୱ ଦିଆଯାଉଛେ ବଲି କରି ସଭେ ଶିକ୍ଷିତ୍ ଆର୍ ଶୃଙ୍ଖଲିତ୍ ହେଇ କରି ବାହାରୁଛନ୍ । ଯେନ୍ ଟା କି ଆମର୍ ରାଏଜ୍ ନ ନାଇଁ ନା କି ପାଠ୍ ପଢାର୍ ଠିକ୍ ବ୍ୟବସ୍ଥା ବି ନାଇଁ ନା । ଇ ହାଦେ ସମିଆ ଆସିଛେ , ଝୁରି ନାଇଁ ଧରି କରି ବହିବସ୍ତାନି ନି କରି ଇ ସ୍କୁଲ୍ ଗଲେ ଆର୍ ସରକାର୍ ଟିକେ ଧ୍ୟାନ୍ ଦେଲେ ପିଲା ପାଠ୍ ପଢି ପାର୍ ତେ । ହେତିର୍ ଲାଗି ; ରାମକିଷନର୍ ବା କହେସି; ଧାଡିନୁ ଟିକେ ଅଲ୍ ଗେ ଚାଲ୍ ବାର୍ କଥା ।

ସିନ୍ଧେକେଲା , ବଲାଙ୍ଗୀର୍

ମୋ.ନଂ – ୯୯୩୭୦୩୪୭୪୨

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୈବାହିକ ଜୀବନ ଓ ମାନବିକ ମୂଲ୍ୟବୋଧତା

ସାମାଜିକ ମାନ୍ୟତା ସହିତ ମସ୍ତିଷ୍କର

ପରିପକ୍ୱତା ବୃଦ୍ଧି ହୋଇଥାଏ ବିବାହ ପରେ !

କୃତ, ଅକୃତର ନିର୍ଣ୍ଣାୟକ ନିଷ୍ପତ୍ତି ନେବା

କ୍ଷମତା ବୃଦ୍ଧି ପାଇଥାଏ ବିବାହ ପରେ !

ଆଜି କିନ୍ତୁ ଆଉ ଦେଖିବାକୁ ମିଳୁନାହିଁ,

କାରଣର ଉତ୍ତର କ'ଣ..... ?

ପ୍ରାଚୀନ ସମୟରୁ ଆଜିକୁ ପ୍ରାୟ ୪୦/୫୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ଆମ ଦେଶରେ ବିବାହର ଯେଉଁ ପରମ୍ପରା ଦେଖିବାକୁ ମିଳୁଥିଲା ଆଜି ସମୟରେ ସେଇଥିରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୁଏ ଯାହା କୌଣସି ସମୟ ସ୍ରୋତର ଏକ ପ୍ରଭାବ । ସେ ସମୟରେ ସାଧାରଣତଃ ପୁଅଝିଅଙ୍କ ଯୌବନର ଉନ୍ମାଦନାର ପ୍ରାରଂଭିକ ସମୟରେ ବିବାହ କରି ଦିଆଯାଉଥିଲା ଯେଉଁଥିପାଇଁ କୌଣସି ବୟସର ସମୟସୀମା ଧାର୍ଯ୍ୟ ନଥିଲା । ଉପଯୁକ୍ତ ସମୟରେ ଶରୀରର ପ୍ରାକୃତିକ ପରିବର୍ତ୍ତନକୁ ଚରିତାର୍ଥ କରାଯିବାରେ ସେମାନଙ୍କ ମାନସିକ ସନ୍ତୁଳନ ଏବଂ ପରିବର୍ତ୍ତନ ଏକ ଭିନ୍ନ ଦିଗରେ ଗତି କରୁଥିଲା ଯାହା ସେମାନଙ୍କ ମଣିଷ ପଣିଆକୁ ଏକ ନୂତନ ଦିଗନ୍ତଗାମୀ କରିବାରେ ଯଥେଷ୍ଟ ସହଯୋଗ ହେଉଥିଲା । ଉପଯୁକ୍ତ



ପଙ୍କଜ କୁମାର
ପାଣିଗ୍ରାହୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ବିବାହ କରିବା ପରେ ମଣିଷର ଶାରୀରିକ ଓ ମାନସିକ ସ୍ତରରେ ଅଦ୍ଭୁତପୂର୍ବ ପରିବର୍ତ୍ତନ ଆସିଥାଏ ଯାହା ସେମାନଙ୍କ ଜୀବନଶୈଳୀ, ମାନବିକ ମୂଲ୍ୟବୋଧ ତଥା ସାମାଜିକ କର୍ତ୍ତବ୍ୟବୋଧତା ଉପରେ ଏକ ଗଭୀର ପ୍ରଭାବ ପକାଇଥାଏ । ସେ ସମୟର ଦାମ୍ପତ୍ୟ ଜୀବନଶୈଳୀର କେତେକ ଅଭାବନୀୟ ପରିସ୍ଥିତି ଗୁଡିକୁ ଆଜି ସମୟ ସହିତ ତୁଳନା କରି ତାତ୍ପର୍ଯ୍ୟ କରାଯିବା କେତେ ଯୁକ୍ତିଯୁକ୍ତ ନିର୍ଭର କରେ ବ୍ୟକ୍ତିଗତ ବିଚାରଧାରା ଉପରେ । କିନ୍ତୁ ସେତେବେଳର ବିବାହିତଙ୍କ ମାନବିକ ମୂଲ୍ୟବୋଧ ଏବଂ ସାମାଜିକ କର୍ତ୍ତବ୍ୟବୋଧତା ବର୍ତ୍ତମାନ ସମୟରେ ଆଉ ଦେଖିବାକୁ ମିଳୁନାହିଁ ! ଅଧିକନ୍ତୁ ବିବାହ କେବଳ ଶାରୀରିକ ପରିବର୍ତ୍ତନ ଛଡା ମାନସିକ ପରିବର୍ତ୍ତନରେ ଆଦୌ ସାହାଯ୍ୟ କରୁନଥିବା ଏକ ଅଲୌକିକ ବିଷୟ ଯାହା ସାଧାରଣ ଲୋକଙ୍କ ଜ୍ଞାନ / ଭାବ ବହିର୍ଭୁତ !

ବର୍ତ୍ତମାନ ଭାରତୀୟ ସଂସ୍କୃତି ଏବଂ ପାଶ୍ଚାତ୍ୟ ସଭ୍ୟତାର ମିଳନରେ ଏମିତି ଏକ ଭୟାବହ ସାମାଜିକ ସ୍ଥିତି ଦେଖିବାକୁ ମିଳୁଛି ଆମ ଦେଶରେ ଯାହା ତର୍ଜମା କରିବା ଏକ ଜଟିଳ ବିଷୟ ! ଭାରତୀୟ ସଂସ୍କୃତିର କର୍ପୁର ଉଡିଯାଇ କନା ପଡି ରହିଥିବା ବେଳେ ସେଇଥିରେ ପାଶ୍ଚାତ୍ୟର କିରୋସିନି ମିଶା ଅତର ଭିନ୍ନ ଏକ ଗନ୍ଧ ଦେଉଛି ଯାହା ସାଧାରଣ ଲୋକଙ୍କ ମାନସିକ ଉତ୍ତେଜନାକୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଟାଣିନେଇ ପୁଣି ପୃଥିବୀ ପୃଷ୍ଠାରେ କଚାଡୁଛି ପ୍ରତି ମୁହୂର୍ତ୍ତରେ ! ଭଲମନ୍ଦର ବିଚାରଧାରା କେବଳ ରାବଣର ହୁଙ୍କାର ନାଦ ସ୍ୱରରେ ପ୍ରକାଶ କରାଯାଉଅଛି ! ସମସ୍ତଙ୍କ ଜ୍ଞାନର ସୀମାରେଖା ନଭଶ୍ଚୁମ୍ବୀ ଭଳି ଅନୁଭୂତ ହେଉଛି ! କିନ୍ତୁ ନିଜ ଦୈନନ୍ଦିନ ଜୀବନ ଶୈଳୀରେ ପ୍ରାତଃରୁ ରାତ୍ର ପର୍ଯ୍ୟନ୍ତ ନିର୍ଭର କରିବାକୁ ପଡୁଛି କାହାର ମନ୍ତବ୍ୟ ଉପରେ ! କହିବାକୁ ଗଲେ ଦୃଷ୍ଟିକୋଣ ପ୍ରଖର ହୋଇପଡିଥିବା ବେଳେ ବ୍ୟକ୍ତିଗତ ଅନୁଭୂତି, ମାନବିକ ମୂଲ୍ୟବୋଧ ଶୂନ୍ୟ ମଣିଷ କେବଳ ଅହଂକାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟତୀତ କେତେକ ରଙ୍ଗୀନ କାଗଜ (ଟଙ୍କା) ପଛରେ ପଡି ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବେ ଜଂଜାଳଗ୍ରସ୍ତ କରି କାହାପାଖରେ ଜଳାଞ୍ଜଳୀ ଦେଇ ଦୁର୍ଲଭ ମଣିଷ ଜୀବନକୁ ପଶୁ ସଦୃଶ୍ୟ ପାଳନ କରିବାରେ ତିଳେହେଲେ ଦ୍ୱିଧା ଅନୁଭବ କରୁନାହାନ୍ତି !

ଭାରତୀୟ ସାଂସ୍କୃତିକ ବିବାହ ବନ୍ଧନ ଆଉ ହେଉନାହିଁ । କେବଳ ଶାରୀରିକ ସମ୍ପର୍କ ବନ୍ଧନ ହେଉଛି ଯାହାର ସ୍ୱାଦ ସରିଗଲେ ନୂତନର ଅନୁସନ୍ଧାନ କରିବାରେ ନିମଗ୍ନ ପ୍ରାୟ ସବୁ ମଣିଷ ଦେଖିବାକୁ ମିଳୁଛନ୍ତି ଆଜିର ଯୁବ ପିଢ଼ି । ସାଂସ୍କୃତିକ କାର୍ଯ୍ୟକ୍ରମ କେବଳ ସମାଜକୁ ଦେଖାଣିଆ ଭାବେ ସମ୍ପାଦନ କରାଗଲେ ମଧ୍ୟ ପାଶ୍ଚାତ୍ୟ ଢାଞ୍ଚାରେ ପୁଣି ଅଦାଲତରେ ପଂଜିକୃତ ବିବାହ କରାଯାଉଅଛି ଯେଉଁଥିରେ ପୁରୁଣାକୁ ତ୍ୟାଗକରି ନୂତନର ଆଗମନ ବ୍ୟବସ୍ଥା ରହିଥାଏ ! ଏହିସବୁ ବ୍ୟବସ୍ଥା ଯୁବପିଢିଙ୍କୁ ଏକ ନୂତନ ମାର୍ଗରେ ପରିଚାଳିତ କରୁଥିବା ଦେଖିବାକୁ ମିଳୁଛି । ନିଜସ୍ୱ ବ୍ୟକ୍ତିଗତ ସମ୍ମାନ, ପାରିବାରିକ ମର୍ଯ୍ୟାଦା, ସାମାଜିକ, ଜାତିଗତ ସଂସ୍କାରର କିଛି ମହତ୍ୱ ବୁଝିବା କ୍ଷମତା ବହିର୍ଭୁତ ମଣିଷ ଆଜି ସମଗ୍ର ମଣିଷ ସମାଜ ଆଗରେ ନିଜର ମଣିଷତ୍ୱକୁ ଜଳାଞ୍ଜଳି ଦେଇ ନିଜର କାମନାର ଚରିତାର୍ଥ କରିବା ସହିତ ପାରିବାରିକ ମର୍ଯ୍ୟାଦାକୁ ରସାତଳଗାମୀ କରିବାରେ ଆଦୌ ପଛଘୁଞ୍ଚା ଦେଉନାହାନ୍ତି । କୌଣସିମତେ କିଛି ସାମାଜିକ ସମ୍ବେଦନଶୀଳତା ବଜାରରୁ କିଣି ସ୍ୱଇଚ୍ଛାରେ ନିଜର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିପାରୁଥିବା ମଣିଷ ନିଜର ପାରିବାପାଣିଆ ଦେଖାଇବାକୁ ଯାଇ ବାସ୍ତବିକ ସମସ୍ତଙ୍କ ହୃଦୟର ଘୃଣାର ପାତ୍ର ହେଉଥିଲେ ମଧ୍ୟ ଅଲାଜୁକ ମୁହଁ ବହଳିଆ ଭଳି କୌଣସି ଲଜ୍ଜା ସରମ ଲାଗୁନାହିଁ ସେମାନଙ୍କୁ ! କାରଣ ସେମାନଙ୍କ ପୂର୍ବଜଙ୍କ ଜିନଗତ ଚରିତ୍ରର ଚରିତାର୍ଥ, ନା ସେମାନଙ୍କୁ କୌଣସି ପ୍ରଭାବ ପକାଉଛି କି ସେମାନଙ୍କ ପରିବାର ବନ୍ଧୁ ଜନଙ୍କୁ କିଛି ପ୍ରଭାବ ପକାଉଛି ! ତେଣୁ କାହାର କୌଣସି ଆପତ୍ତି ନଥିବା ହେତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିକାଲି ଆଶାତୀତ ଛାଡ଼ପତ୍ର ତଥା ବିବାହ ଖଣ୍ଡନ ଶପଥ ପାଠ ସହିତ ବୈବାହିକ ଜୀବନର ଅନେକ ସମସ୍ୟ ନେଇ ମାନ୍ୟବର ଅଦାଲତଙ୍କ ଅଭିଯୋଗ ପୁସ୍ତକ ଉଛୁଳିବାରେ ଲାଗିଛି ! ନିଲଜ୍ଜଙ୍କୁ କହି ଶୁଣାଇ ଯଦି ବଦଳାଇ ଯାଇପାରିଥା'ନ୍ତା ତାହେଲେ ସେମାନେ ପ୍ରଥମରୁହିଁ ଏମିତି କାର୍ଯ୍ୟ କରିନଥା'ନ୍ତେ !

ବିବାହ ବନ୍ଧନ ନାରୀ-ପୁରୁଷର ଏକ ଆନ୍ତରିକ ମିଳନ ଯାହା ଜୀବନ ଶେଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବା ଥିଲା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର । ସେହି ପବିତ୍ର ବନ୍ଧନରେ ଥରେ ବନ୍ଧା ହେବାପରେ ଦୁଇଟି ଅପରିଚିତ ହୃଦୟ ରକ୍ତସମ୍ପର୍କ ଭଳି ପ୍ରେମମୟ କରିଦେଉଥିଲା ସେସମୟରେ । ଆଜି କେବଳ ନିଜର କାମନାର ଚରିତାର୍ଥ କରିବା ଉଦ୍ଦେଶ୍ୟରେ ବିବାହ କରୁଥିବା ମଣିଷ ବାସ୍ତବିକ ପ୍ରେମ କ'ଣ ବୁଝିବା ଅସମର୍ଥ ସେହି ଯାନ୍ତ୍ରିକ ମଣିଷଙ୍କ ଠାରୁ ଅଧିକା କିଛି ଆଶା କରାଯାଇ ନପାରେ । ତେଣୁ ଆସନ୍ତା ସମୟରେ ପ୍ରାୟତଃ ଏହି ରୋଗ ସମସ୍ତ ପରିବାରକୁ ସଂକ୍ରମଣ କରିବ ଯାହା କୌଣସି ମାସ୍କ କିମ୍ବା ସାନିଟାଇଜର ଦ୍ୱାରା ପ୍ରତିରୋଧ କରିବା ସମ୍ଭବ ହେବନାହିଁ ! ତେଣୁ ବେଳ ଥାଉ ବାଳ ବାନ୍ଧି ନିଜ ସନ୍ତାନମାନଙ୍କୁ ଉପଯୁକ୍ତ ସଂସ୍କାର ଶିକ୍ଷା ନଦେଲେ ଉତ୍ତମ ସାମାଜିକ ମର୍ଯ୍ୟାଦା ଥିବା ପରିବାର ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ କରିବାରେ କାହାର ସହଭାଗିତା ରହିବା ଆଶା କରାଯିବା ନିରର୍ଥକ । ଆମର ଲକ୍ଷ୍ୟ ଏକ ସଂସ୍କାରୀ ସମାଜ ! ଆପଣ ମାନଙ୍କ ସହମତି ଥିଲେ ଆମକୁ ସହଯୋଗର ହାତ ବଢ଼ାଇ ଏକ ନବନିର୍ମିତ ସଂସ୍କୃତ ଭାରତ ସୃଷ୍ଟି କରିବାରେ ଆଗେଇ ଆସିବାକୁ ଅନୁରୋଧ ପୂର୍ବକ ଆପଣ ମାନଙ୍କ ମତାମତ କିମ୍ବା ଜିଜ୍ଞାସା ଅପେକ୍ଷାରେ...............

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଞ୍ଜାମ, ଦୂରଭାଷ.: ୯୪୩୭୬୩୨୪୯୧୭.

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦିଆସିଲି

ଆଜି ଅଗିପୂର୍ଣ୍ଣିମା । ଏହା ପରେ ଦିନକୁ ଦିନ ଗରମ ଅନୁଭବ ହେବ । ଘର ପୋଡ଼ିରୁ ରାକ୍ଷା ପାଇବା ପାଇଁ ଆଗରୁ ମାଘପୂର୍ଣ୍ଣିମା ଦିନ ଅଗ୍ନି ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଗିପୋଡା ଉତ୍ସବ ପାଳନ କରୁଥିଲେ । ବର୍ତ୍ତମାନ ବି ସେମିତି ଚାଲିଛି ଯଦିଓ ଆଜିକାଲି ଚାଳଘର ନାହିଁ । ତଥାପି ସେହି ପର୍ବକୁ ମାନି ଆସିଛନ୍ତି । ଏହି ପର୍ବ ଲୋପ ପାଇଯିବା ଉପରେ ବସିଛି । ଅଗିପୋଡା କଥା ଆମେ ପିଲାଦିନେ ଦେଖିଛୁ । ଏଇଟା ହେଉଛି ୧୯୬୫-୬୬ ମସିହା କଥା । ଖରା ଦିନ ହେଲେ ଗାଁ ଦଣ୍ଡ ପିଣ୍ଡାରେ ପାଳ ଚୁମୁରାରେ ହେଉ ବା ବାଲି ରଖି ପାଣି ମାଠିଆରେ ପାଣି ରଖନ୍ତି କାରଣ ନିଆଁ ଲାଗିଗଲେ ସଙ୍ଗେ ସଙ୍ଗେ ପାଣି ଆଣି ଲିଭାଇବାକୁ ହୁଏ । ପାଣି ନଥିଲେ କୁଅରୁ ପାଣି କାଢି ଲିଭେଇବା କଷ୍ଟ । ତେଣୁ ଗାଁ ଦାଣ୍ଡ ପିଣ୍ଡାରେ ପାଣି ମାଠିଆ ରଖନ୍ତି ।



ବୈକୁଣ୍ଠନାଥ ଖଟୁଆ

ନିଆଁ ପ୍ରଥମେ ଜଣେ ଚୂଲି ଲଗେଇଲେ, ସିଏ ତା'ଠୁ, ଆଉ ଜଣେ ତା'ଠୁ, ଏମିତି ସାରା ଗାଁଜାକ ଚୂଲି ଲାଗିଯାଏ । ଡିଆସିଲି କାଠି ଥିଲା, କିନ୍ତୁ ବହୁଳ ପ୍ରଚାଳନ ନଥିଲା । ମୁ ଦେଖିଛି ଶ୍ମଶାନକୁ ମୁର୍ଦାର ନେଲେ ଗୋଟେ ନିଆଁ ଅଟା ନେବାକୁ ପଡୁଥିଲା । ନିଆଁ ଅଟା ଅର୍ଥ କିଛି ପାଳକୁ ସାଙ୍ଗା କରି ତା ଉପରେ ପାଳ ଗୁଡେଇଲେ ଏହାକୁ ଅଟା କହନ୍ତି । ଏହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଟା ଭିତରେ ନିଆଁ ବର୍ଷ ବର୍ଷ ଧରି ରହେ । ଶ୍ମଶାନ ଭୁଇଁରେ ଅଟାରୁ ନିଆଁ ବାହାର କରି ମୁର୍ଦ୍ଦାର ପୋଡୁଥିଲେ । ଶାଳ ଘରକୁ ଗଲେ ନିଆଁ ଅଟା ନେବାକୁ ପଡେ । ଦଣ୍ଡ ନାଚରେ ନିଆଁ ଅଟା ବ୍ୟବହାର ହେଉଥିଲା । ସେ ଯୁଗ ଆଉ ନାହିଁ । ଏବେ ଶ୍ମଶାନକୁ ଡିଆସିଲି ନେବାକୁ ପଡୁଛି । ଡିଆସିଲର ବହୁଳ ଉତ୍ପାଦନ ହେବାରୁ ଏହାକୁ ବହୁଳ ଭାବରେ ବ୍ୟବହାର କରୁଛନ୍ତି ।  ଆଗ କାଳରେ ପିତଳ ଚଟୁ ଥିଲା । ଏହି ଚଟୁ ସାହାଯ୍ୟରେ ଗୋଟିଏ ଘରୁ ନିଆଁ ଆଣି ଚୂଲୀ ଲଗାଉଥିଲେ । ଆଉ ସେ ପିତଳ ନାହିଁ କି, ଚଟୁ ନାହିଁ । ଡିବି ନହିଁ କି ଶିଡୁଳିଆ – ଡିବି ତିଆରି କରିବା ଲୋକ - ନାହାନ୍ତି ।

ନିଆଁ ବାହାରିବାର ପରମ୍ପରା ଅତି ପ୍ରାଚୀନ । କେବେ ନିଆଁ ବାହାରିଲା ବା ନିଆଁର ବ୍ୟବହାର ଶିଖିଲା ତାହା ଏ ପର୍ଯ୍ୟନ୍ତ ଅନିଶ୍ଚିତ । ବିଶେଷଜ୍ଞମାନଙ୍କ ମତରେ ଆଜକୁ ୫୦,୦୦୦ ବର୍ଷ ପୂର୍ବେ ମନୁଷ୍ୟ ନିଆଁର ବ୍ୟବହାର ଜାଣିଥିଲା ବୋଲି ଆମେ ଧରି ନେବା । ପ୍ରାଚୀନ କାଳରେ ଅଗ୍ନି ଉତ୍ପାଦନ ଅତି କଠିନ ଥିଲା । ସେଥି ପାଇଁ ପ୍ରତ୍ୟେକ ଜାତି ଅଗ୍ନିକୁ ରକ୍ଷା କରିବା ପାଇଁ ଯତ୍ନଶୀଳ ଥିଲେ । ଯେଉଁଠାରେ ଅଗ୍ନି ପ୍ରଜ୍ଜ୍ୱଳିତ ହୋଇ ରହୁଥିଲା, ସେହି ଜାଗାକୁ ବହୁ ଦୂରଦୁରାନ୍ତରୁ ଲୋକେ ଆସୁଥିଲେ ଓ ଅଗ୍ନିକୁ ନେଇ ଯାଉଥିଲେ । ବିଶେଷତଃ ଧର୍ମାନୁଷ୍ଠାନମାନଙ୍କରେ ଅଗ୍ନି ପ୍ରଜ୍ଜ୍ୱଳନ ହୋଇ ରହେ । ଯଦି କୌଣସି କାରଣବଶତଃ ଅଗ୍ନି ଲିଭି ଗଲେ ଲୋକେ ଅଶୁଭ ବୋଲି ଭାବୁଥିଲେ ।

ଅଗ୍ନି ବିପ୍ରାତକୁ ଲୋକେ ଅନୁଭବ କଲେ । ସେମାନେ ଧରି ନେଲେ ଏହା ଦେବତାର ଖୋଟ । ଦେବତାଙ୍କ ଅଭିଶାପରୁ ଏହା ହେଉଛି । ଏହା ଭାବି ଅଗ୍ନି ଦେବତାଙ୍କୁ ପୂଜା କରିବାକୁ ଲାଗିଲେ । ଆମର ପୁରାଣ ଶାସ୍ତ୍ରରେ ଅଗ୍ନି ପୁରାଣ ଅଛି । ପ୍ରାଚୀନ ଗ୍ରୀକ ରୋମ ଓ ଭାରତୀୟ  ଲୋକମାନେ ଅଗ୍ନି ଦେବତଙ୍କୁ ପୂଜା କରୁଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗ୍ନିର ଉତ୍ପତି ସମ୍ବନ୍ଧରେ ଅନେକ କାହାଣୀ ରହିଛି । ଗ୍ରୀକ କିମ୍ବଦନ୍ତୀରୁ ଜଣାଯାଏ ପ୍ରମିଥିୟସ ନାମକ ଜଣେ ଯୋଦ୍ଧା ସ୍ୱର୍ଗରୁ ଅଗ୍ନିକୁ ଧରଣୀକୁ ଆଣିଥିଲେ । ଆମ ଭାଗିରଥ ଗଙ୍ଗାଙ୍କୁ ସ୍ୱର୍ଗରୁ ଆଣିଲା ପରି । ପଲିନେସିଆନ ଗ୍ରନ୍ଥରୁ ଜଣାଯାଏ "ମେଭେଇ" ନାମକ ଜଣେ ଯୋଦ୍ଧା ପାତାଳପୁରରୁ ଅଗ୍ନିର ଉତ୍ପାଦନ ପ୍ରଣାଳୀ ଶିଖିକରି ଆସିଥିଲେ ଓ ଧରାପୃଷ୍ଠରେ ଉତ୍ପାଦନ କରିଥିଲେ । ଅଗ୍ନି ଉତ୍ପାଦନ ଉପରେ ଅଷ୍ଟ୍ରେଲିଆ ଅଧିବାସୀମାନଙ୍କର ଗୋଟିଏ କାହାଣୀ ଅଛି - ଥରେ ଗୋଟିଏ ଝିଅ ସାପ ବାଡେଇବାକୁ ହାତରେ ଗୋଟିଏ ବାଡି ଧରି ଗଲା ବେଳେ ବାଡିଟି ସାପ ଦେହେରେ ନ ବାଜି ଗୋଟିଏ ପଥର ଦେହେରେ ବାଜିଗଲା ଏବଂ ସେଠରୁ ଅଗ୍ନି ସ୍ଫୁଲିଙ୍ଗ ହେଲା । ସେମିତି ପାର୍ସିର ସାହାନାମା କାବ୍ୟରେ ଲେଖାଅଛି ହୁସେନ ନାମକ ଜଣେ ବୀର ସାପକୁ ମାରିବାକୁ ଯାଇ ଗୋଟିଏ ପଥର ଫିଙ୍ଗିଲା, ସେ ପଥର ସାପ ଦେହରେ ନ ବାଜି ତଳେ ପଡିଥିବା ଗୋଟିଏ କଳା ପଥରରେ ବାଜିଲା, ସଙ୍ଗେ ସଙ୍ଗେ ସେଥିରୁ ଅଗ୍ନି ସ୍ଫୁଲିଙ୍ଗ ହେଲା । ଦକ୍ଷିଣ ଆମେରିକା କୁଇଶ ଜାତିର ଲୋକଙ୍କ ବିଶ୍ୱାସ ଯେ ତୋହୀନ ନାମକ ଦେବତାଙ୍କ ଗୋଡ ପଥରରେ ବାଜିଲେ ଅଗ୍ନି ସ୍ଫୁଲିଙ୍ଗ ଜାତ ହୁଏ । ଦକ୍ଷିଣ ଆମେରିକର ଲୋକ ବିଶ୍ୱାସ ଯେ ଗୋଟିଏ ମଇଁଷି ରାତ୍ରିରେ ବିଚରଣ କରୁଥିବା ବେଳେ ତାର ଗୋଡ ପଥରରେ ବାଜିଲେ ନିଆଁ ବାହାରେ । ଆମ ଭାରତୀୟ ପୁରାଣ ମତରେ ଅଗ୍ନିର ଉତ୍ପାଦକ ହେଉଛନ୍ତି ଅଙ୍ଗିରା ଋଷି । ଯେତେ ଯାହା କୁହାଗଲେ ମଧ୍ୟ ଘର୍ଷଣଦ୍ୱାରା ଅଗ୍ନିର ଉତ୍ପତି ହୋଇଛି ଏହା ନିଶ୍ଚୟ । ଅଥବା କାଠକୁ କାଠରେ ବା ପଥରକୁ ପଥରରେ ଘଷିବା ଦ୍ୱାରା ନିଆଁ ବାହାରେ । ଏହା ଥିଲା ପୁରାଣର କଥା ।

ଏବେ ଦେଖିବା ଡିଆସିଲ କେମିତି ବାହାରିଲା । ଏହି ଦିଆସିଲ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଉପାୟରେ ବାହାରିଲା । କିନ୍ତୁ ମଣିଷ ବହୁ ଆଗରୁ ନିଆଁର ବ୍ୟବହାର ଜାଣିଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଉ ଯୁଗରୁ କହିବା କଷ୍ଟକର କଥା । ଅନୁମାନ ହେଉଛି ଥଣ୍ଡାରୁ ରକ୍ଷା ପାଇବା ପାଇଁ ନିଆଁର ବ୍ୟବହାର ଶିଖିଲା । ପରେ ଏହାକୁ ରୋଷେଇରେ ବ୍ୟବହାର କଲା । ମଣିଷ ଦେଖିଲା ସୂର୍ଯ୍ୟର କିରଣ, ଆକାଶରେ ବିଜୁଳି, ଆଗ୍ନେୟଗିରିର ଉଦ୍ଗିରଣ । ଉଦ୍ଗିରଣ ସମୟରେ ନିଆଁ ଗରମ ଲାଗେ । ଉଦ୍ଗିରଣ କମିଗଲା ପରେ ତାକୁ ଛୁଇଁଲା । ଗରମ ଅନୁଭବ କଲା । ଏହା ଥିଲା ପ୍ରାକୃତିକ ନିଆଁ । ଜଙ୍ଗଲରେ ଶୁଖିଲା କାଠକୁ କାଠ ଘଷି ହୋଇ ନିଆଁ ବାହାରୁଛି ଦେଖିଲା । ତାକୁ ଦେଖି କାଠକୁ କାଠ ଘଷି କୃତ୍ରିମ ନିଆଁ ବାହାର କଲା । ସେହି ନିଆଁକୁ ପାଳ ଅଟାରେ ଲଗେଇ ରଖିଲା । ଆମେ ଯେମିତି ଖୋଳ ଭିତରେ ନିଆଁକୁ ସାଇତି ରଖୁଛୁ । ୧୨ଶ ଖ୍ରୀ.ରେ ଚୀନ ଓ ଆରବ ଦେଶରେ ବାରୁଦର ବ୍ୟବହାର ହେଲା । ବାରୁଦ ବନ୍ଧୁକରେ ବ୍ୟବହାର ହେଲା । ଏହି ବାରୁଦରୁ ନିଆଁ ବାହାରିଲା । ମୋଗଲମାନଙ୍କ ଶାସନ କାଳରେ ଉତ୍ତଳ ଯବକାଚ ବାହାରିଲା । ଏହାରି ସାହାଯ୍ୟରେ ସମ୍ରାଟ ଶାହାଜାହାନଙ୍କ ସମୟରେ ଉତ୍ତଳ ଯବକାଚ ସାହାଯ୍ୟରେ ନିଆଁ ଲଗାଉଥିଲେ । ଏଥିପାଇଁ ବହୁତ ପରିଶ୍ରମ କରିବାକୁ ପଡୁଥିଲା । ରାତିରେ ନିଆଁ ହୋଇପାରୁ ନଥିଲା ।

ନିଆଁର ବ୍ୟବହାର ଏମିତି ଚାଲି ଆସୁଥିଲା । ଜଣେ ନିଆଁ କଲେ, ସେଇଠୁ ଅନ୍ୟ ଜଣକ ଘରକୁ ଯାଉଥିଲା । ଏହା ୧୭ ଶତାବ୍ଦୀ ପର୍ଯ୍ୟନ୍ତ ଏହିପରି ଚାଲି ଆସିଥିଲା । ଏହା ଥିଲା ପ୍ରାକୃତିକ ଉପାୟରେ ନିଆଁର ବ୍ୟବହାର । ଏହି ନିଆଁକୁ ଉପଯୋଗ କରୁଥିଲେ ଓ ସଂରକ୍ଷଣ କରି ପାଳ ଅଟାରେ ପୁନର୍ବାର ବ୍ୟବହାର ପାଇଁ ରଖୁଥିଲେ । ନିଆଁଟେ କରିବା କଷ୍ଟକର ଥିଲା । ଏହା ପରେ ରାସାୟନିକ ପଦାର୍ଥରୁ ନିଆଁ ବାହାରିଲା । ଏହା ଥିଲା ୧୭ ଶତାବ୍ଦୀର କଥା । ଦିଆସିଲ ପେଡି କେବେ ବାହାରିଲା କହିବା କଷ୍ଟ । ଏହା ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କଦ୍ୱାରା କିଏ କେମିତି ବାହାର କରିଛି ଇତିହାସ ତାକୁ ଧରି ବାନ୍ଧି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖିନି । ଲୋକଙ୍କ ମୁହଁରୁ ଜଣାଯାଏ ଦିଆସିଲ କାରାଗାର ଅନ୍ଧାର ଭିତରେ ଉଦଭାବନ ହୋଇଥିଲା । କଥା ଏମିତି ଲୁଡଭିଗ କ୍ଷେମରର ନାମକ ଜଣେ ରାଜନୈତିକ ବନ୍ଦୀ କାର୍ଲସରୋହେ ନିକଟ ହୋଏନସପର୍ଗ କରାଗରରେ ବନ୍ଦୀ ଥିଲେ । ଅନ୍ଧାର ଭିତରେ ଜିନିଷ ପତ୍ର ପାଇବା କଷ୍ଟ ଥିଲା । କେମିତି ଜିନିଷ ଅନ୍ଧାର ଭିତରେ ପାଇବେ ଚେଷ୍ଟା ଚଳେଇଲେ ସେହିଠାରୁ ସେ ନିଆଁ ବାହାର କଲେ । ଏହା ଥିଲା ନିଆଁର ଆଦ୍ୟାବସ୍ଥା । ଫସଫରସ ଓ ସଲଫରରୁ ନିଆଁ ଘଟଣାକ୍ରମେ ବାହାରିଗଲା ।

ହେମିଙ୍ଗବର୍ଗର ଜଣେ ବୈଜ୍ଞାନିକ ହେନିଙ୍ଗ ବ୍ରାଣ୍ଡ ୧୬୬୯ ମସିହାରେ ଧଳା ଫସଫରସ ଆବିଷ୍କାର କଲେ । ଏହି ଫସଫରସ ହେଉଛି ଡିଆସିଲି କାଠିର ଜନ୍ମଦାତା । କେଉଁଠି କେମିତି ଫସଫରସରୁ ନିଆଁ ବାହାର କରୁଥିଲେ । କିନ୍ତୁ ଫସଫରସ ପାଇବା କଷ୍ଟ ଥିଲା । ଫସଫରସ ବହୁଳ ଭାବରେ ମିଳୁ ନଥିଲା । ଫସଫରସରୁ ନିଆଁ ବାହାର କରିବା ସେତେ ଅଗ୍ରଗତି କରିପାରି ନଥିଲା ।

ଫସଫରସ ଉପକାରିତା ଜାଣି ଫସଫରସ ବହୁଳ ଭାବରେ ପାଇବାକୁ ଚେଷ୍ଟା କଲେ । ଫସଫରସ ମିଳିଲା ପରେ ଏହାର ଉପଯୋଗ କରିବାକୁ ଲାଗିଲେ । ତେବେ ୧୭୮୦ ମସିହାରେ ଗୋଟିଏ  କାଚ ନଳି ଭିତରୁ ଅମ୍ଳଜାନ ବାହାର କରି ସେଥିରେ କିଛି ଫସଫରସ ଓ ମହମ ସହିତ ଟୁକୁଡା ଟୁକୁଡା କାଗଜ ପୁରାଇ ଠିପିକୁ ବନ୍ଦ କରି ଦିଆଗଲା । କାଚ ନଳିକୁ ଭାଙ୍ଗି ଦେଲେ, ଏଥିରେ ପ୍ରଚଣ୍ଡ ଶବ୍ଦ ହୁଏ । କାଚ ନଳିଟି ପ୍ରଚଣ୍ଡ ଶବ୍ଦ କରି ଫାଟିଯିବା ପରେ, ସେଥିରେ ଥିବା ଫସଫରସ ଓ ରଖା ଯାଇଥିବା କାଗଜ ଟୁକୁଡା ସହିତ ଫସଫରସ ଘର୍ଷଣ ଫଳରେ ନିଆଁ ଜଳେ । ଏହି ପଦ୍ଧତି ବେଶିଦିନ ଚାଲିଲା ନାହିଁ କାରଣ ଏହି କାଚ ନଳୀକୁ ପକେଟରେ ନେବା ସହଜ ନଥିଲେ, କେତେବେଳେ କାଚ ନଳୀ ଫାଟି ପକେଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୋଡି ଯାଉଥିଲା ।

ଏହିପରି ଭାବରେ ୧୭୮୦ ମସିହାରେ ଇଟାଲୀର ଜଣେ ଲୋକ ପ୍ୟାରିସ ସହରରେ ବାସ କରୁଥିଲେ । ସେ ପ୍ରଥମେ ଫସଫରସରୁ ନିଆଁ ବାହାର କରି ବ୍ୟବସାୟ କରିବାକୁ ଚେଷ୍ଟା କଲା, କିନ୍ତୁ ନିଆଁ ଜଳେଇବା ପଦ୍ଧତି ମହଙ୍ଗା ହୋଇଥିବାରୁ ଏହା ଲୋକଙ୍କ ପାଖରେ ପହଞ୍ଚି ପାରିଲା ନାହିଁ ।

୧୭୮୬ ମସିହାରେ ଫସଫରସ ପେଡି ବାହାରିଲା । ଗୋଟିଏ କାଚ ଶିଶି ଭିତର ପାଖରେ ତରଳ ଫସଫରସ ବୋଳା ହୋଇ ରହିଥାଏ । ଏହାକୁ ଭଲଭାବରେ ବନ୍ଦ କରାଯାଇଥାଏ । ଗୋଟିଏ କାଠିର ଅଗ୍ର ଭାଗରେ ତରଳ ଗନ୍ଧକ ବୋଳା ହୋଇଥାଏ । ଏହି କାଠିକୁ ଶିଶି ଠିପି ଖୋଲି ତା ଭିତରକୁ ଭର୍ତ୍ତି କଲେ ଜଳି ଉଠେ । ଏଥିରେ ଏଇ ଅସୁବିଧା ଥିଲା ଯେ ଠିପିକୁ ଶୀଘ୍ର ବନ୍ଦ ନ କଲେ ଶିଶି ଭିତରେ ବାୟୁ ପଶି ଜଳିଯିବ । ଏହା ବେଶୀ ଦିନ ଚାଲିଲା ନାହିଁ ।

୧୮୦୫ ରେ ଚାନସେଲର ଗୋଟିଆ ନୂଆ ପଦ୍ଧତିରେ ଡିଆସିଲ ବାହାର କଲେ । ଏହା ସେମିତି ଚାଲିଥିଲା ।

୧୮୧୦ରେ "ତତ୍କାଳିକ ଅଗ୍ନି ପେଡି" ବାହାରିଲା । ଏହା ଆଗ ଅପେକ୍ଷା ଟିକିଏ ସୁବିଧା ଥିଲା । ଏହା ଥିଲା କ୍ଲୋରାଇଟ ଅଫ ପଟାସ ଅଠା ଓ ଚିନିର ତରଳ ମିଶ୍ରଣ କାଠିର ଅଗ୍ରଭାଗକୁ ବୁଡାଇବାକୁ ପଡେ, ତା'ପରେ ଗନ୍ଧକ ଏସିଡ ଥିବା ପାତ୍ର କଠିକୁ ବୁଡାଇଲେ ଜଳି ଉଠେ । କିନ୍ତୁ ଏହା ସେତେ ସୁବିଧାଜନକ ନଥିଲା । ଗନ୍ଧକ ଏସିଡ ପାତ୍ରରୁ ଟୋପାଏ ଯଦି ଲୁଗାରେ ପଡିଯାଏ ଲୁଗା ପୋଡିଯାଏ । ଏହି ବ୍ୟବସ୍ଥା ବେଶୀ ଦିନ ଚାଲିଲାନି । ତେବେ ଏହି କ୍ଲୋରାଇଟ ଡିଆସିଲ ବ୍ୟବହୃତ ଥିଲା । ୧୦୦ଟି କାଠିକୁ ୧ ଶିଲିଙ୍ଗରେ ବିକ୍ରି ହେଉଥିଲା ।

 Magazine Downloaded from www.aahwaan.com

ଲୋକେ ମାଗି ଯାଚି ନିଆଁ ବ୍ୟବହାର କଲେ । ଏହାକୁ କିଣିଲେନି ।

୧୮୨୪ରେ ଲଣ୍ଡନ ସହରର ମିଷ୍ଟାର ବେର ନାମକ ଜଣେ ଶିଳ୍ପୀ ଏକ ପ୍ରକାର ଦିଆସିଲ ପେଡି ବାହାର କଲେ । ଏହାର ଲମ୍ବ ୫ ଇଞ୍ଚ ଓସାର ୪ ଇଞ୍ଚ ଉଚତା ୨ ଇଞ୍ଚ । ଏଥିରେ ୫ଟି ଜିନିଷ ଆବଶ୍ୟକ ହେଉଥିଲା । ୧. ସଲ୍ଫୁରିକ ଏସିଡି ଥିବା ଶିଶି  ୨. ଦିଆସିଲ କାଠି ରଖିବା ଗୋଟିଏ କାଠ ପଟା । ୩. ଫାଶି ଦବା ଭଳି ଗୋଟିଏ ଛୋଟିଆ ଯନ୍ତ୍ର ୪. ଗୋଟିଏ ସ୍ପିରିଟି ଦୀପ ୫. କେତେକ ଦିଆସିଲ କାଠି । ଏହାର କାମ ହେଲା ସଲ୍ଫୁରିକ ଏସିଡି ଥିବା ଶିଶିକୁ ଲାଗି ଫାଶିଦିଆ ଯନ୍ତ୍ର ରହେ । ଏହି ଯନ୍ତ୍ରରେ ଦଉଡି ଲାଗି ରହିଥାଏ । ଦଉଡିକୁ ଟାଣିଲେ ସଲ୍ଫୁରିକ ଏସିଡି ବାହାରେ କଠିକୁ ଜଳାଏ ତା ସାଙ୍ଗେ ସାଙ୍ଗେ ଦୀପକୁ ଜଳାଏ । ପୁଣି ଫାଶି ଦିଆ ଯନ୍ତ୍ରକୁ ଟାଣିଲେ ଶିଶି ଠିପି ବନ୍ଦ ହୁଏ ଏଥିରେ ଏସିଡି ଛିଟିକି ପଡିବା ଭୟ ନ ଥାଏ । ଏହାର ୨ ବର୍ଷ ପରେ ଘଷିବା ଦିଆସିଲି ବାହାରିଲା ।

୧୮୨୬ରେ ଜନୱାଲକର ନାମକ ଜଣେ ଇଂରେଜ ଫାର୍ମାସିଷ୍ଟ "ଘର୍ଷଣ ଦୀପ" ନାମକ ଏକ ଦିଆସିଲ ବାହାର କଲେ । ପୂର୍ବର କ୍ଲୋରାଇଟ ସହିତ ସଲଫାଇଡି ଷ୍ଟିଥ ଆଣ୍ଟିମୋନି ମିଶ୍ରଣ କରି କାଠି ଦୁଇ ଅଗ୍ର ଭାଗରେ ବୁଡାଇ ରଖିଲେ ଏବଂ ବାଲି କାଗଜରେ ଘଷିବା ଦ୍ୱାରା ନିଆଁ ବାହାରିଲା । ଏହି ଦିଆସିଲକୁ ୱାଲକର ୧୦୦ଟି କାଠିକୁ ୧ ସିଲିଙ୍ଗରେ ବିକ୍ରି କଲେ ଓ ପେଡିର ଦାମ ଅଧିକ ୨ ପେନି ରଖିଥିଲେ । ହେଲେ ଏହା ଅଧିକ ସୁବିଧାଜନକ ଥିବାରୁ ଏହା ଆଦୃତ ଲାଭ କଲା । କିନ୍ତୁ ଏହି ପେଡିକୁ ବିଭିନ୍ନ ଜାଗାକୁ ପରିବହନ ବେଳେ ବା ଶଗଡରେ ନେଲା ବେଳେ ଧକଡକଚଡରେ ନିଆଁ ଲାଗିଯାଉଥିଲା । ଏହି ନିଆଁ ନ ଲାଗିବା ପାଇଁ ଚେଷ୍ଟା ଚାଲିଲା । ଆଉ ଗୋଟେ ଅସୁବିଧା ଆସିଲା, ଏଥିରେ ଲୋକେ ଦାନ୍ତରୋଗରେ ଆକ୍ରାନ୍ତ ହେଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ୧୮୨୮ ମସିହାରେ ପ୍ୟାରିସ ସହରର ସାମୁଏଲ ଜୋନସ ଜନ ଚାନସେଲରଙ୍କର ଗୋଟିଏ ନୂଆ ପ୍ରଣାଳୀକୁ ଟିକିଏ ପରିବର୍ତ୍ତନ କରି ନିଆଁ ଜଳେଇଲେ । ଏହା ଥିଲା ଗୋଟିଏ କାଚ ନଳିରେ କିଛି ଅମ୍ଳଜାନ ଭର୍ତ୍ତି କରି ତା'ଉପରେ କିଛି ତରଳ ଦ୍ରବଣରେ ବୁଡାଇ କାଚ ନଳି ଉପରେ ଛପି ଦିଆଯାଉଥିଲା । କାଚ ନଳିଟିକୁ ଭାଙ୍ଗି ଦେଲେ ବା ଚପି ଦେଲେ କାଚ ନଳିଟି ଭାଙ୍ଗି ଯିବା ଦ୍ୱାରା ଅମ୍ଳଜାନ ସହିତ କାଗଜରେ ଲେପ ଦିଆଯାଇଥିବା ଦ୍ରବଣ ଜଳି ଉଠେ । ଏହା ଟିକିଏ ଉନ୍ନତ ଥିଲା । ଫସଫରସ ଏଥିରେ ବ୍ୟବହାର ହେଲାନି । ତଥାପି କାଚ ନଳିକୁ ଭଙ୍ଗିବା ଟିକିଏ କଷ୍ଟ ଥିଲା । ଲୋକମାନେ ଏହକୁ ପସନ୍ଦ କଲେ, କାରଣ ଏ ସବୁ ଜିନିଷ ଶସ୍ତାରେ ମିଳୁଥିଲା ।

୧୮୩୨ ମସିହାରେ ପ୍ୟାରିସର ଜଣେ ବୈଜ୍ଞାନିକ ଜି. ଇ. ମାର୍କେଟ ଏବଂ ଅଷ୍ଟ୍ରିଆର ଜେ. ସାଇଗଲ କାଗଜକୁ କାଗଜ ଘଷି ନିଆଁ ବାହାର କଲେ । କିନ୍ତୁ ଏଥିରୁ ଯେଉଁ ଗ୍ୟାସ ନିର୍ଗତ ହେଉଥିଲା ତାହା ଦେହ ପକ୍ଷରେ କ୍ଷତିକାରକ ଥିଲା । ୧୮୩୧ ମସିହାରେ ଫ୍ରାନ୍ସର ଜଣେ ବୈଜ୍ଞାନିକ ଚାର୍ଲସ ସୈରିୟା କେମିତି ସହଜ ଉପାୟରେ ନିଆଁ ଜଳାଯାଇ ପାରିବ ସେଥିପାଇଁ ଚେଷ୍ଟା ଚଳାଇଲେ । ସେ ଜାଣିଲେ ଯେ ଧଳା ଫସଫରସରୁ କୌଣସି କ୍ଷତିକାରକ ଗ୍ୟାସ ନିର୍ଗତ ହୁଏ ନାହିଁ । କିନ୍ତୁ ଏହାର ପ୍ରୟୋଗର ମାନ୍ୟତା ମିଳିନଥିଲା । ଏହା ପରେ ଲୋକମାନେ ନ ମାନି ଏହାକୁ ବ୍ୟବହାର କରିବାକୁ ଲାଗିଲେ । ଯଦିଓ ଏହା ସୁବିଧା ନଥିଲା, କିନ୍ତୁ ନ କଲେ ନ ଚଳେ, ବାଧ୍ୟ ବାଧକତାରେ କରିବାକୁ ଲାଗିଲେ ।

୧୮୩୬ରେ ହଙ୍ଗେରୀର ଜଣେ ରସାୟନବିତ ଜୋନ ଇରିନ ପ୍ରଥମେ ଦିଆସିଲ ବାହାର କରି ଦିଆସିଲ ଫାକ୍ଟ୍ରି ବସାଇ ଦିଆସିଲ ଉତ୍ପାଦନ କଲେ ଓ ବଜାରରେ ବିକିବାର ଚେଷ୍ଟା କଲେ । କିନ୍ତୁ ଏଥିରେ ସେ ସଫଳ ହେଲେନି । ରୁଣଗ୍ରସ୍ତ ହୋଇ ୧୮୯୫ରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମରିଗଲେ ।

୧୮୨୭ ଏପ୍ରିଲ ୧ ତାରିଖରେ ସ୍ୱିଡେନର ଷ୍ଟକହାମରେ ଜନ ୱାକର ଘର୍ଷଣ ଜନିତ ଦିଆସିଲ ବାହାର କରି ତାଙ୍କ ଦୋକାନରେ ବିକ୍ରି କଲେ । ସେତେବେଳେ ଗୋଟିଏ ଦିଆସିଲ ପେଡିର ମୂଲ୍ୟ ଏକ ସିଲିଙ୍ଗ ଓ ୫୨ ପେନି ରଖିଥିଲେ । ସେତେବେଳେ ବାଲି କାଗଜରେ କାଠିକୁ ଘଷିବାକୁ ପଡୁଥିଲା । ଏହା ପରେ ଅଷ୍ଟ୍ରିଆର ରିଙ୍ଗର ଦିଆସିଲ ବାହାର କଲେ ଏହା ୨000 ଥର ବ୍ୟବହାର ହେଉଥିଲା ।

୧୮୪୧ରେ ଲଣ୍ଡନର ଜଣେ ଲୋକ ଗୋଟିଏ ଦିଆସିଲ କାଠିର ଉଭୟ ପାର୍ଶ୍ୱରେ ରଞ୍ଜକ ଦେଇ କାଠି ବାହାର କଲେ ଏବଂ ଏହି କାଠି ମଝିରେ ନିଆଁ ନ ଜଳିବ ପାଇଁ ଗୋଟିଏ ପଦାର୍ଥ ଦେଲେ ଯାହା ଫଳରେ ନିଆଁ କାଠିର ଅନ୍ୟ ପାଖକୁ ଆସି ପାରୁ ନଥିଲା । କିନ୍ତୁ ଏହା ବେଶି  ଦିନ ଚାଲି ନଥିଲା ।

୧୮୪୪ ମସିହାରେ ଭିଏନାର ଷ୍ଟ୍ରେଟର ଓ ସ୍ୱିଡେନର ଲୁଣ୍ଡଷ୍ଟୋମ ନାମକ ଦୁଇ ଜଣ ଶିଳ୍ପୀ ରେଡ ଫସଫରସ ବାଲି କାଗଜରେ ବୋଳି ପେଡିର ବାହାର ପଟେ ରଖି କାଠିର ମୁଣ୍ଡରେ ଗନ୍ଧକ ବୋଳି  ଦିଆସିଲ ବାହାର କଲେ । ଏହା ହେଲା "ନିରାପଦ ଦିଆସିଲି" ।

୧୮୪୫ ମସିହାରେ ଅନ୍ୟ ଜଣେ ବୈଜ୍ଞାନିକ ଏଣ୍ଟନ ସରାଟର ବର୍ତ୍ତମାନ ଯେଉଁ ଦିଆସିଲ ବ୍ୟବହାର ହେଉଛି ତାକୁ ବାହାର କଲେ । ସେ ଏଥିରେ ନାଲି ଫସଫରସ ବ୍ୟବହାର କରିଥିଲେ । ଏହି ନାଲି ଫସଫରସ ସେତେ କ୍ଷତିକାରକ ନଥିଲା । ଏହା ମଧ୍ୟ ସୁବିଧାଜନକ ଥିଲା । ହେଲେ ମଧ୍ୟ ଏହି ଡିଆସିଲି କାରଖାନାରେ ଯେଉଁମାନେ କାମ କରୁଥିଲେ ସେମାନଙ୍କର କିଛି କ୍ଷତି ହେଉଥିଲା । ଏହା ପରେ ଧଳା ଫସଫରସ ବ୍ୟବହାର ହେଲା କାରଣ ଏହା ବେଶୀ ଦିନ ରହି ପାରୁଥିଲା ବର୍ଷାରେ ଜାଲମ୍ଫୁ ନଥିଲା । କିନ୍ତୁ ଏହି ଧଳା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫସଫରସର ହାନିକାରକ ଗୁଣଥିଲା ଫଳରେ କାରଖାନାର ଲୋକେ କାମ କରିବାକୁ ଅମଙ୍ଗ ଥିଲେ ।

୧୮୫୫ ମସିହାରେ ଯେତେବେଳେ ସ୍ୱିଡେନରେ ଦିଆସିଲ ପ୍ରଚଳନ ହେଲା, ସେତେବେଳେ ଦିଆସିଲ କାଠିର ଅଗ୍ରଭାଗରେ ଆଣ୍ଟିମନି ସଲଫାଇଡି, କ୍ଲୋରେଟ ଅଫ ପଟାସ, ପଟାସିୟମ ଡାଇକ୍ଲୋମେଟ ଓ  ରେଡ ଲେଡ ପ୍ରଭୃତି ରାସାୟନିକ ପଦାର୍ଥର ମିଶ୍ରଣ ଅଠା ସାହାଯ୍ୟରେ  ଦିଆସିଲ କାଠିର ଗୋଟିଏ ମୁଣ୍ଡରେ ଲଗାଯାଏ । ଅନ୍ୟ ପକ୍ଷରେ ଦିଆସିଲ ଖୋଳର ଦୁଇ ପାର୍ଶ୍ୱରେ ରକ୍ତ ଫସଫରସ ଓ କାଚଗୁଣ୍ଡର ମିଶ୍ରଣ ଅଠା ସାହାଯ୍ୟରେ ବୋଳାଯାଏ । କିନ୍ତୁ ଏବେ ଧଳା ଫସଫରସ ପରିବର୍ତ୍ତେ ସଲଫାଇଡି ବ୍ୟବହାର ହେଲା । ଦିନକୁ ଦିନ ରୂପରେଖ ବଦଳୁଛି । ଆଉ ସଲଫାଇଡି ପରିବର୍ତ୍ତେ ଅଧିକ ଶସ୍ତା ବାଇଗଣୀ ଫସଫରସ ବ୍ୟବହାର ହେଉଛି ।

୧୮୭୯ ମସିହାରେ ସ୍ୱିଡେନରେ ଧଳା ଫସଫରସ ଯୁକ୍ତ ଦିଆସିଲ ଉତ୍ପାଦନ ହେଲା । ଆଇନିଗତ ଦୃଷ୍ଟିରୁ ଏହା ଉପରେ ପ୍ରତିବନ୍ଧକ ଲଗାଗଲା । ପରେ ପଶ୍ଚିମ ୟୁରୋପରେ ଏହାର ଉତ୍ପାଦନ ଉପରେ ରୋକ ଲଗାଗଲା । ଏମିତି ଅନେକ ଭଲମନ୍ଦ ଭିତରେ ଆଜିର ଦିଆସିଲ କାମ କରିଚାଲିଛି । ଏହା କେତେ ଉପକାରରେ ଲାଗିଛି କହିଲେ ନ ସରେ ।

୧୮୯୮ରେ ଫ୍ରାନ୍ସର ସିଭେନ ଓ କହେନ ନାମକ ଦୁଇଜଣ ଶିଳ୍ପୀ ହଳଦିଆ ଫସଫରସ ବଦଳରେ ଫସଫରସର ଏକ ଲବଣ ବାହାର କଲେ । ଏହାକୁ ଘଷିବା ଦ୍ୱାରା ନିଆଁ ଜଳେ । ଏହାକୁ "ଘଷା" ଦିଆସିଲ କହନ୍ତି ।

ଏହି ଦିଆସିଲ ୧୯୩୦ ମସିହାରେ ସ୍ୱିଡେନରୁ ଆମ ଦେଶକୁ ଦିଆସିଲି ଆସିଲା । ଆଉ କାହା ମତରେ ୧୮୭୦ରେ ଭାରତକୁ ଦିଆସିଲି ସ୍ୱିଡେନରୁ ଆସିଲା । ସ୍ୱିଡେନରେ ଯେଉଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଆସିଲ କାଠି ତିଆରି ହେଉଥିଲା ତାହା ଶୁଖିଲା ପାଇନି ଗଛ କାଠକୁ ଚିରି କାଠି କରୁଥିଲେ । ତାର ଗୋଟିଏ ମୁଣ୍ଡରେ ରଞ୍ଜକ ଲଗାଉଥିଲେ । କିନ୍ତୁ ଆମ ଦେଶରେ ପାଇନି ଗଛ ନାହିଁ, ତେଣୁ ଆମ ଦେଶରେ ଶିମିଳି ଓ ଦେବଦାରୁ ଗଛରୁ ଦିଆସିଲ କାଠି ତିଆରି କରି ଦିଆସିଲ ପ୍ରସ୍ତୁତ କଲେ । ଅନୁମାନ କରନ୍ତୁ ଦିଆସିଲ କେତେ ପର୍ଯ୍ୟାୟ ଦେଇ ବିକାଶ ଲାଭ କରିଛି । ଏହା ହେଉଛି ଦିଆସିଲର ଜୟଯାତ୍ରା ।

ତଥ୍ୟ

୧. ସମାଜ

ନିଆଁଲଗା ଡିଆସିଲ , ଭିକାରି ସିଂହ, ଇବ ଥରମଲ

୨. ସମାଜ

ଡିଆସିଲର ବିକାଶ ଯାତ୍ରା,  ପ୍ରସନ୍ନ କୁମାର ହୋତା

3. Wisdom September ୧୯୮୧

୪. ଜ୍ଞାନକୋଷ

ବୈକୁଣ୍ଠନାଥ ଖଟୁଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ

ଛୋଟ ବେଳେ ପଢ଼ିଥିଲି - "ନାହିଁ ଅରି ଯାହାର ସେ ନାରୀ ।" କିନ୍ତୁ ଆଜିକାର ସମୟରେ ଏହାର ଯଥାର୍ଥତା କେତେଦୂର ସତ୍ୟ, ତାହା ଆମ ସମାଜରୁ ସ୍ପଷ୍ଟ ଅନୁମେୟ । ଶତ୍ରୁ ନାକରେ ଆଙ୍ଗୁଠି ମାରି ହସିଲା ପ୍ରାୟେ ପୁରୁଷ ପ୍ରଧାନ ସମାଜରେ ନାରୀର ସ୍ଥାନ ଏକ ଉପହାସ ପାଲଟିଯାଇଛି । ଥରେ ଥରେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ – ଯେଉଁ ଅଲିଅଳ ପୁଅ ମାଆକୁ ସ୍ୱର୍ଗ ସୁଖ ଆଣିଦିଏ, ଯେଉଁ ଭାଇ ଭଉଣୀର ସୁରକ୍ଷା ପାଇଁ ଯୁଗ ଯୁଗରୁ ପ୍ରତିଜ୍ଞାବଦ୍ଧ, ଯେଉଁ ପୁରୁଷର ହୃଦୟରେ ସ୍ତ୍ରୀ ରାଜାରାଣୀ, ଯେଉଁ ବାପାର ହୃଦୟ ଗେହ୍ଲି ଝିଅର ଦରୋଟି ଓଠରେ ବନ୍ଧା, ସେହି ପୁରୁଷ କିପରି ଓ କେଉଁ ଅଭିଶପ୍ତ ମୁହୂର୍ତ୍ତର ଶିକାର ହୋଇ ନାରୀମାଂସ ଲୋଭୀ ହୀନ ପ୍ରବୃତ୍ତିଯୁକ୍ତ ପଶୁଟିଏ ପାଲଟି ଯାଉଛି । ପଶୁତ୍ୱର ଶିକାର ହୋଇ ଘୃଣ୍ୟ କାମ ପ୍ରବୃତ୍ତିର ଚରିତାର୍ଥ ପାଇଁ କାହାର ଝିଅ ବୋହୂ, ସ୍ତ୍ରୀ, ମା ଭଉଣୀ ଉପରେ ଏତେ ପାପ ଦୃଷ୍ଟି ପକେଇ ପାରୁଛି । ଏହି ମନୁଷ୍ୟ ମୁଖାଧାରୀଙ୍କ ହୃଦୟ କଣ ଏତେ ଦୁର୍ବଳ ? ଏମାନଙ୍କ ହୃଦୟରେ କଣ ଦୟା – ମାୟା, ସ୍ନେହ – ଶ୍ରଦ୍ଧା, ବିବେକପଣିଆର କୌଣସି ସ୍ଥାନ ନାହିଁ ? ? ଏମାନଙ୍କ ହୃଦୟ କଣ ଏତେ ଦୁର୍ବଳ ଯେ ଠିକ – ଭୁଲର ବିଚାର କରିବାକୁ ମଧ୍ୟ ଅକ୍ଷମ ?



ଜ୍ୟୋତ୍ସ୍ନାମୟୀ ପଲାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୃଣାଲାଗେ ଏମିତିକା ସମାଜରେ ବଞ୍ଚିବାକୁ ଯେଉଁଠି ଅବିବେକି ପଶୁର କ୍ଷୁଧ୍ୟାର୍ତ୍ତ ଦୃଷ୍ଟି ରକ୍ତ ମାଂସର ଶରୀର ଉପରେ ସୀମିତ । କଷ୍ଟ ଲାଗେ ଏମିତିକା ସମାଜର ଅଂଶୀଦାର ହେବାକୁ ଯେଉଁଠି ୮ମାସର ଶିଶୁ କନ୍ୟାକୁ ବଳିପଡିବାକୁ ପଡେ ଅବିବେକୀ ନପୁଂସକ ପୌରୁଷତ୍ୱ ଜାହିର କରୁଥିବା ଘୃଣ୍ୟ ମନୁଷ୍ୟମୁଖାଧାରୀ ପଶୁ ନିକଟରେ । ହାସ୍ୟାସ୍ପଦ ମନେହୁଏ, ଯେତେବେଳେ କିଏ ପ୍ରଶ୍ନ କରେ - ସ୍ୱାଧୀନତାର ଏତେ ବର୍ଷ ବିତିଗଲା ପରେ ମଧ୍ୟ ନାରୀର ଆଜି ଏ ଦୟନୀୟ ଅବସ୍ଥା କାହିଁକି ? କାହିଁକି ସେ ଆଜି ଅସୁରକ୍ଷିତ ? ଆରେ ! କେବଳ ଦେଶ ପରାଧିନତାରୁ ମୁକ୍ତ ହେଲେ କଣ ହବ, ଆମ ବିବେକ କଣ ପଶୁତ୍ୱର କବଳରୁ ମୁକ୍ତ କି ? ଆଜି ବି ଝିଅଟିଏ ଘରୁ ପଦାକୁ ବାହାରିବା ଆଗରୁ ଫେରିବାର ଚିନ୍ତା କାହିଁକି ଉଙ୍କିମାରେ ମାଆର ମନରେ ? ଅନ୍ୟର ଭଉଣୀକୁ ଅଶ୍ଳୀଳ ଇଙ୍ଗିତ କରିବା ପୂର୍ବରୁ ନିଜ ଭଉଣୀର ମୁହଁ ମନେପଡେ ନାହିଁ କାହିଁକି ? ଝିଅଟି ବସରେ ଚଢିଲେ ପ୍ରଥମେ ନଜର ପକାଏ, ବସରେ ଯାତ୍ରୀ ଅଛନ୍ତି ତ ? କଣ୍ଡକ୍ଟର ପିଲାଟା ଲଫଙ୍ଗା ନୁହଁ ତ ? ବଢ଼ିଲା ଝିଅର ପାଠପଢ଼ା ପାଇଁ ସାର୍ ଙ୍କ ଅପେକ୍ଷା ଦିଦିଟିଏ ଲୋଡା ପଡେ କଣ ପାଇଁ ? ପିତାସମାନ ଗୁରୁଙ୍କୁ ପିଲାମାନେ 'ରଙ୍ଗିଲା' ଉପାଧିଟା କାହିଁକି ଦିଅନ୍ତି ? ଏପରିକି ଝିଅଟିଏ ଘରୁ ପଦାକୁ ଗୋଡ଼ କାଢିଲେ ଅଶ୍ଳୀଳ ଶବ୍ଦ ଶରରୁ ବର୍ତ୍ତିବା ପାଇଁ ଓଢନି ଢାଲ କରିବାକୁ ପଡେ କାହିକି ? ଖଣ୍ଡାଧାରରେ ବାଟ ଚାଲୁଚାଲୁ ମଧ୍ୟ ବଳି ପଡିଯାନ୍ତି କେତେ କେତେ ନିର୍ଭୟା, ପ୍ରୀୟଙ୍କା ରେଡି, ଆଶିଫା । ଆଖି ଆଗରେ ଜଳ ଜଳ କରି ନାଚିଯାଏ ହଥରସର ଦୁର୍ଘଟଣା । ଯେଉଁ ସମାଜରେ ପ୍ରତି ୧୪ମିନିଟ୍ ରେ ଜଣେ ଝିଅ ବଳାତ୍କାରର ଶିକାର ହୁଏ, ସେଠି ନାରୀ କେତେ ସୁରକ୍ଷିତ, ସମ୍ମାନିତ ତାହା ଠିକ୍ ଅନୁମେୟ ।

ଶିଶୁ ହେଉ କି ବୃଦ୍ଧା, ନାବାଳିକା ହଉ କି ସାବାଳିକା, ସୁନ୍ଦରୀ ହଉ ଅବା ଅସୁନ୍ଦର –

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୃଣ୍ୟ ଲୋଲୁପ ଦୃଷ୍ଟିର ଶିକାର ହେବା ପାଇଁ ଝିଅ ଜନ୍ମଟିଏ ଯଥେଷ୍ଟ । ହାଏରେ ଦୁନିଆ । ଯେଉଁ ସଂସ୍କୃତିରେ ନାରୀର ସମ୍ମାନ ରକ୍ଷା ପାଇଁ ରାମାୟଣ ମହାଭାରତ ସୃଷ୍ଟି ହେଇଗଲା, ସେଠି ପୁଣି ଆଜି ନାରୀର ଏ ଦୟନୀୟ ସ୍ଥିତି ? କେଉଁଠି ଅଛନ୍ତି ଆଜି  ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ଅଧର୍ମ ନାଶକାରୀ ଧର୍ମ ସଂସ୍ଥାପକ ବାସୁଦେବ ଶ୍ରୀକୃଷ୍ଣ, ମହାଭାରତ ର ମହାନାୟକ  ପଣ୍ଡବଗଣ ?? ନା କଳିଯୁଗର  ଇତିହାସ ନେବ ଏକ ନୂତନ ମୋଡ଼ ।ନିଜର ଆତ୍ମ ସମ୍ମାନ, ମର୍ଯାଦାର ରକ୍ଷ୍ୟର୍ଥେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଇ  ନାରୀ ସାଜିବ ନାରାୟଣୀ, ସୀତା ରୁ ସତୀ  ଅବା କୃଷ୍ଣାରୁ ମା କାଳୀ ।

ହେ ନାରୀ !! ଜାଗ୍ରତ କର ତୋ ଅନ୍ତଃଶକ୍ତିକୁ । ଯୁଗେ ଯୁଗେ ତୁ ପୂଜ୍ୟା । ଜାୟା ଜନନୀ ଭଗିନୀ ରୂପେ ତୁ ଅନନ୍ୟା ଅପରୂପା । କେତେବେଳେ ତୁ ପ୍ରଜ୍ଞା ପ୍ରଦାୟିନୀ ମା ସାରଦା ପରି ଶାନ୍ତ ଶୁଭ୍ର ପବିତ୍ର, କେତେବେଳେ ତୁ ଜଗତଜନନୀ ଅନ୍ନପୂର୍ଣ୍ଣା । ତୁ କେତେବେଳେ ସାଜି ପାରୁ ସୃଷ୍ଟିକର୍ତ୍ରୀ ସତୀ ମାତା, ପୁଣି କେବେ ମହିଷାମର୍ଦ୍ଦିନୀ- ମୁଣ୍ଡମାଳ ଧାରିଣୀ ଉଲଗ୍ନ ଅନାବୃତା ମହାକାଳୀ । ହେ ସୃଷ୍ଟି ଶକ୍ତିର ମୂଳାଧାର ନାରୀ ! ତୋ ହୃଦୟରେ ଜାଗ୍ରତ ହୋଇଉଠୁ  ଶତସିଂହର ଶକ୍ତି । ଧ୍ୱଂସ ହେଇଯାଉ ସଂସାରର ପାପ କଷଣ । କୃଷ୍ଣାର କୃଷ୍ଣ ମୁକ୍ତକେଶ କୁରୁବଂଶକୁ ଧ୍ୱଂସ କଲା ପରି ତୁ ବି ଧ୍ୱଂସ କରି ଦେ ଏ ପାପୀ ନାରୀ ମାଂସ ଲୋଭୀ ପଶୁ ପଣିଆକୁ, ଅବିବେକୀ ପଣକୁ । ଆଣି ଦେ ଏ ସୃଷ୍ଟି ପାଇଁ ନୂଆ ସକାଳ  । ପୁନଃ ସ୍ଥାପିତ ହେଉ ଏକ ନୂଆ ସୃଷ୍ଟି, ନୂଆ ସଂସାର ଯେଉଁଠି ହାତ ରେ ହାତ ମିଶାଇ ପୁରୁଷ – ନାରୀ ଗଢ଼ି ତୋଳିବେ ଏକ ନୂଆ ସମାଜ, ଏକ ସୁନ୍ଦର ଜଗତ ।

ବାଣତୁମ୍ବ, ବେଲଗୁଣ୍ଠା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯୌତୁକ ଦୈତ୍ୟ ଓ ଯୁବଶକ୍ତି

ଯୌତୁକ ପ୍ରଥା ବିଷୟରେ ପ୍ରାୟ ସମସ୍ତଙ୍କୁ ଜଣା । ବିବାହ ସମୟରେ କନ୍ୟାପକ୍ଷରୁ ବାଧ୍ୟତାମୂଳକ ଭାବେ ଦିଆଯାଉଥିବା ନଗଦ ଟଙ୍କା ବହୁମୂଲ୍ୟ ଅଳଙ୍କାର, ମୂଲ୍ୟବାନ୍ ଆସବାବପତ୍ର ଇତ୍ୟାଦି ଯୌତୁକର ଅନ୍ତର୍ଭୁକ୍ତ । ଏଥିରେ ଅବହେଳା କଲେ ନବବିବାହିତାକୁ ମିଳେ ମୃତ୍ୟୁ ଉପହାର । ଖବରକାଗଜର ପୃଷ୍ଠା ମଣ୍ଡନ କରେ ଯୌତୁକ ନିର୍ଯାତନା ଓ ବଧୂହତ୍ୟା ଭଳି ଖବର । ଯୌତୁକ ହେତୁ ଜଳେଇ ଦିଆଯାଉଥିବା ବଧୂମାନଙ୍କ ଖବର ପଢି ଅନେକ ଅବିବାହିତା କନ୍ୟାଙ୍କ କଣ୍ଠରୁଦ୍ଧ ହୋଇଯାଏ । କାନପାଖରେ ଶୁଭିଯାଏ ହାହାକାର କରୁଥିବା ଏକ ଉଦବିଗ୍ନ ଆତ୍ମାର ବିଳାପ,ବ୍ୟଥା ବେଦନାର କରୁଣ ସ୍ୱର । ସେମାନଙ୍କ ବେଦନା କୁ ସମକ୍ଷରେ ରଖିଲେ ତାହା ନିଜ କଷ୍ଟ ଠାରୁ ବି ଅଧିକ କଷ୍ଟ ଦିଏ । ଅନ୍ତର ଭିତରୁ ଶୁଭେ ଅନ୍ତରାତ୍ମାର ଶିଶୁବତ୍ ବିକଳ କ୍ରନ୍ଦନ ।



ସୌଭାଗ୍ୟବତୀ ଗିରି

ପାଶ୍ଚାତ୍ୟ ସଭ୍ୟତା ବିଷୟରେ କହିଲେ ବିବାହ ସେଠାରେ ଏକ ଅତି ନଗଣ୍ୟ ପ୍ରଥା । ଅଧିକାଂଶ ବ୍ୟକ୍ତି ସେମାନଙ୍କ ଜୀବନରେ ଏକାଧିକ ବିବାହ କରିଥା'ନ୍ତି । କିଛି ଯାଗାରେ କଣ୍ଟ୍ରାକ୍ଟ ମ୍ୟାରେଜ୍ ଦେଖିବାକୁ ମିଳେ । ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ସାମାନ୍ୟ ମନୋମାଳିନ୍ୟର ଶେଷ ପରିଣତି ହୁଏ ଛାଡପତ୍ର । ତା'ପରେ ଉଭୟ ପୁଣି ନୂଆ ଜୀବନସାଥି ବାଛି ନିଅନ୍ତି ।

କିନ୍ତୁ ଭାରତୀୟ ସଭ୍ୟତାରେ ବିବାହ ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ । ଏହା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇଟି ଆତ୍ମାର ମଧୁର ମିଳନ,ଏକ ପବିତ୍ର ବନ୍ଧନ । ଥରେ ବିବାହ ସମ୍ପନ୍ନ ହୋଇଗଲେ ସ୍ୱାମୀ ସ୍ତ୍ରୀ ଗୋଟିଏ ଜନ୍ମର ନୁହେଁ ବରଂ ଜନ୍ମଜନ୍ମର ସାଥୀ ହୋଇଯାଆନ୍ତି । ପାଲଟି ଯାଆନ୍ତି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ଜଣଙ୍କ ବିନା ଆଉ ଜଣେ ମୂଲ୍ୟହୀନ । ମଥାରେ ସିନ୍ଦୁର,ହାତରେ ମେହେନ୍ଦି,ପାଦରେ ଅଳତା ନାଇ ବୋହୂ ସାଜି ଯେଉଁ ଘରର ଏରୁଣ୍ଡି ବନ୍ଧ ଡିଏଁ ସେଇ ଘରୁ ତା'ର କୋକେଇ ଉଠେ । ବିବାହ ବେଦୀରେ କେବଳ ଦୁଇଟି ହୃଦୟର ପବିତ୍ର ମିଳନ ହୁଏନି,ଦୁଇଟି ପରିବାର ବି ବାନ୍ଧି ହୋଇଯା'ନ୍ତି ଘନିଷ୍ଠ ଆତ୍ମୀୟତାର ବନ୍ଧନରେ । ସ୍ତ୍ରୀ କୁ ସହଯୋଗିନୀ ର ସ୍ଥାନ ଦେଇ ଜୀବନର ଅପୂର୍ଣତା କୁ ଦୂର କରିବାକୁ ଚେଷ୍ଟା କରେ ପୁରୁଷ । ଭାରତୀୟ ନାରୀ ଭିତରେ ଥାଏ ଦୟା,କ୍ଷମା,ଧୈର୍ଯ୍ୟ ଓ ସହନଶୀଳତା ଭଳି ନାରୀସୁଲଭ ଗୁଣ । ପରିବାରର ସବୁ ସୁଖଦୁ:ଖକୁ ହସିହସି ସହିଯାଏ ନାରୀ । ଗୃହ ସ୍ୱର୍ଗ ତୁଲ୍ୟ ମନେ ହୁଏ ।

ପୂର୍ବ କାଳରେ ବିବାହ ସମୟରେ ଯୌତୁକ ଥିଲା ପବିତ୍ର ସ୍ନେହର ଏକ ପ୍ରତୀକ । ସେତେବେଳେ ପ୍ରତ୍ୟେକ ପରିବାରରେ କନ୍ୟା ଥିଲା ସମସ୍ତଙ୍କର ନୟନ ପିତୁଳା,ସ୍ନେହ ସଦିଚ୍ଛାର ପାତ୍ରୀ । ତା' ପ୍ରତି ଥିଲା ସମସ୍ତଙ୍କର ଅତୁଟ ଭଲପାଇବା । ତେଣୁ ବିବାହ ଭଳି ଏକ ମହତ୍ତ୍ୱପୂର୍ଣ ଉତ୍ସବରେ ବିଦାୟ ଅବସରରେ ପରିବାରର ପ୍ରତ୍ୟେକ ସଦସ୍ୟ ତାକୁ ସ୍ନେହର ପ୍ରତୀକ ସ୍ୱରୂପ କିଛି ଉପହାର ଦେଉଥିଲେ ।

କିନ୍ତୁ ଏବେ ଏହି ଯୌତୁକ ଆଉ ଉପହାର ହୋଇ ରହିନାହିଁ । ଏହା ସାଜିଛି ଜହର । ଭୟଙ୍କର ରୂପ ଧାରଣ କରିସାରିଛି ଯୌତୁକ । ଯୌତୁକରୂପୀ ଦାନବ ସହିତ ମିଶି ମଣିଷ ସାଜିଛି ଜହ୍ଲାଦ । ନିଜର ବିବାହଯୋଗ୍ୟ ପୁତ୍ରକୁ ପଶୁ ପରି ନିଲାମ କରୁଛି । ତେଣୁ ବିବାହ ଏକ ପବିତ୍ର ବନ୍ଧନ ହେବା ପରିବର୍ତ୍ତେ ଏକ ଘୃଣ୍ୟ ବନ୍ଧନ ହୋଇ ଉଭୟ ପରିବାର ମଧ୍ୟରେ ରାଗରୋଷ ଓ ପରସ୍ପର ପ୍ରତି ବିଦ୍ରୋହ ମନୋଭାବ ସୃଷ୍ଟି କରିବା ସହିତ ବଧୂହତ୍ୟା ଭଳି

 Magazine Downloaded from www.aahwaan.com

କୁକର୍ମକୁ ଜନ୍ମ ଦେଉଛି । ନବବିବାହିତାକୁ କେଉଁଠି ଶାବଳ ଚାପା ଦେଇ ତ ଆଉ କେଉଁଠି ପେଟ୍ରୋଲ୍ ନିଆଁରେ ଜଳେଇ ଦିଆଯାଇ ତାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଛି । ଏହା ହତ୍ୟା ହେଉ ବା ଆତ୍ମହତ୍ୟା କିନ୍ତୁ ବଳି ପଡୁଛି ନିରୀହା ନବବଧୂ । ଆଉ ବରପକ୍ଷକୁ ସହିବାକୁ ପଡୁଛି ଆଜୀବନ ଜେଲ୍ ର କାଳକୋଠରୀର ଯନ୍ତ୍ରଣା ।

ପ୍ରତ୍ୟେକ ପରିବାରରେ କନ୍ୟା ସନ୍ତାନଟେ ପାଦ ଦେଉଦେଉ ନୂଆ ସମସ୍ୟାଟେ ଯୋଡି ହୋଇ ଯାଉଛି । ତା ପାଇଁ ଯୌତୁକ ଯୋଗାଡ କରିବାରେ ଘରଲୋକେ ପ୍ରଥମରୁ ହିଁ ଲାଗି ପଡୁଛନ୍ତି । କନ୍ୟା ବିବାହଯୋଗ୍ୟା ହେବା ମାତ୍ରେ ଏ ଯୌତୁକ ଦାନବ କନ୍ୟାପିତାଙ୍କୁ ନାଲିଆଖି ଦେଖାଇ ଡରେଇବା ଆରମ୍ଭ କରିଦେଉଛି । ବିଚରା ଅସହାୟ କନ୍ୟାପିତା ପରିସ୍ଥିତିରେ ପଡି ବାଧ୍ୟ ହେଉଛନ୍ତି ଏ ଦାନବକୁ କୋଳାଗ୍ରତ କରିବା ପାଇଁ । ଆଉ ତାଙ୍କ ଦୁର୍ବଳତାର ସୁଯୋଗ ନେଇ ଯୌତୁକ ଦାନବ ରକ୍ତଶୋଷଣ କରିବାରେ ଲାଗିପଡୁଛି । ସାରା ଜୀବନ ସମୟ,ସାମର୍ଥ୍ୟ,କ୍ଷମତା ଓ ପରିଶ୍ରମର ବ୍ୟୟ କରି ସଞ୍ଚିଥିବା ଅର୍ଥରୁ କନ୍ୟାପିତାଙ୍କୁ ଦେବାକୁ ପଡୁଛି ନଗଦ ଟଙ୍କା,ମୂଲ୍ୟବାନ୍ ଗହଣା ଓ ବହୁମୂଲ୍ୟ ଆସବାବପତ୍ର । ତା ସହିତ ପୁଣି ପ୍ରୋସେସନ୍,ସାଜସଜ୍ଜା,ଭୋଜିଭାତ ଓ ଅନ୍ୟାନ୍ୟ ଥାଟବାଟରେ କେତେ ଯେ ଖର୍ଚ୍ଚ କରିବାକୁ ପଡୁଛି ତାହା କଳ୍ପନାତୀତ ।

ଆଉ ଏପଟେ ଯୌତୁକରେ ଆଣିଥିବା ଟଙ୍କାର ନଗ୍ନନୃତ୍ୟ ଆରମ୍ଭ କରି ଦେଉଛନ୍ତି ବରପକ୍ଷ । ମଦ ମାଂସର ଆସର ଜମଉଛନ୍ତି । ବହୁ ଧୁମ୍ ଧାମ୍ ରେ ଭୋଜିଭାତ କରି ବାହାବା ନେଉଛନ୍ତି । କିନ୍ତୁ ବାହାଘର ସରୁସରୁ ବୋଝ ଉପରେ ନଳିତା ବିଡା ପରି କନ୍ୟାପିତାଙ୍କ ମୁଣ୍ଡରେ ଯୌତୁକ ଓ ବାହାଘର ଖର୍ଚ୍ଚ ଉପରେ ଲଦି ହୋଇଯାଉଛି ଋଣଭାର । ଋଣଭାର ଶୁଝିଶୁଝି ତାଙ୍କ ଅବସ୍ଥା ଅତି ଦୟନୀୟ ହୋଇଯାଉଛି ।

ଯୌତୁକ ପ୍ରଥା ଏକ ଘୃଣ୍ୟ ପ୍ରଥା । ଏହା ସମସ୍ତେ ଜାଣନ୍ତି । ପ୍ରତିକ ବିଚାରଶୀଳ ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନ୍ୟାୟବନ୍ତ ଲୋକ ଏହାର ଘୋର ବିରୋଧ କରୁଛନ୍ତି । ଦେଶର ପ୍ରତେିକ କୋଣ ଅନୁକୋଣରୁ ଯୌତୁକ ବିରୋଧି ଧ୍ୱନି ଶୁଣିବାକୁ ମିଳୁଛି । ସମାଜରେ ସୁଧାର ଆଣିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିବିଶେଷ ମାନେ ଟିଭି,ରେଡିଓ ଓ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ଯୌତୁକ ବିରୋଧି ବାର୍ତ୍ତା ଦେଉଛନ୍ତି । ବିଭିନ୍ନ ନାରୀ ସଙ୍ଗଠନ ତରଫରୁ ଯୌତୁକ ବିରୋଧରେ ସ୍ୱର ଉତ୍ତୋଳନ କରାଯାଉଛି । ସରକାର ବି ଯୌତୁକ ବିରୋଧରେ ବିଭିନ୍ନ ଆଇନ୍ ପ୍ରଣୟନ କରିଛନ୍ତି । ଏବେ ଯୌତୁକ ପ୍ରଥାକୁ କେବଳ ଏକ କୁତ୍ସିତ ପ୍ରଥା ନୁହେଁ ବରଂ ଧର୍ତ୍ତବ୍ୟ ଅପରାଧରେ ଗଣା ଯାଉଛି । ତା'ପରେ ବି ଏ ଯୌତୁକ ଦାନବ ଦିନକୁ ଦିନ ତାର ପଞ୍ଝା ମେଲାଇ ଚାଲିଛି ।

କାରଣ ଏ ଦାନବକୁ ବଞ୍ଚି ରହିବା ପାଇଁ ଦାନା ଯୋଗାଉଛନ୍ତି ଉଚ୍ଚଶିକ୍ଷିତ ଯୁବଗୋଷ୍ଠୀ । ସେମାନେ ଯୌତୁକ ପ୍ରଥାକୁ ଅତି ସହଜରେ ଗ୍ରହଣ କରି ନେଉଛନ୍ତି । ଯୌତୁକ ନେଉଥିବା ଯୁବକଟି ନିଜକୁ ଅତି ଶ୍ରେଷ୍ଠ ବୋଲି ଭାବୁଥିବା ବେଳେ ଯୌତୁକ ନେଇ ଶାଶୁଘରେ ପାଦ ଦେଉଥିବା ଝିଅଟି ନିଜକୁ ଧନୀକ ଶ୍ରେଣୀର ଝିଅ ଭାବି ଅହଂକାରରେ ବୁଡି ଯାଉଛି । ସମାଜ ପ୍ରତି ନିଜ କର୍ତ୍ତବ୍ୟ ଭୁଲି ଯାଉଛନ୍ତି ଯୁବଗୋଷ୍ଠୀ । ଏ ଯୌତୁକ ଦାନବକୁ ହତ୍ୟା କରି ସହସ୍ର କୋଷ ଦୂରକୁ ଫିଙ୍ଗି ଦେବାକୁ ହେଲେ ଦରକାର ଯୁବଗୋଷ୍ଠୀ ର ମିଳିତ ପ୍ରୟାସ ।

ବିବାହଯୋଗ୍ୟ ଯୁବକ ମାନେ ଏ ଦିଗରେ ପ୍ରଥମେ ଆଗେଇ ଆସିବା ଦରକାର । ସେମାନେ ନିଜ ପିତାମାତାଙ୍କୁ ବୁଝେଇବା ସହିତ ସ୍ପଷ୍ଟ କହିଦେବା ଦରକାର ଯେ ସେମାନେ ପଶୁତୁଲ୍ୟ ନିଲାମ ହୋଇ ପାରିବେ ନାହିଁ । ଯୌତୁକ ନେଇ ବିବାହ କରିବା ସପକ୍ଷରେ ସେମାନେ ନୁହଁନ୍ତି । ଯଦି ଯୁବକମାନେ ସବୁ ଜାଣି ବି ଯୌତୁକ ପାଇବା ଲୋଭରେ ନୀରବ ରୁହନ୍ତି ତେବେ ଏ ଦାନବ ସହିତ ଲଢିବା ପାଇଁ ଉଚ୍ଚଶିକ୍ଷିତା ଯୁବତୀମାନେ ଆଗେଇ ଆସିବା ଦରକାର । ସାହସ ସଞ୍ଚୟ କରି ସେମାନେ ନିଜ ପିତାମାତାଙ୍କୁ ଜଣାଇ ଦେବା ଉଚିତ ଯେ ସେମାନେ ସଚ୍ଚରିତ୍ର ନିର୍ଲୋଭ ସୁଶିକ୍ଷିତ ଯୁବକକୁ ବିବାହ କରିବାକୁ ପ୍ରସ୍ତୁତ କିନ୍ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୌତୁକଲୋଭୀ ଜହ୍ଲାଦ ମାନଙ୍କ ଘରେ ବିବାହ କରି ନିଜ ମୃତ୍ୟୁ ସଦୃଶ ଦୁ:ଖଦାୟକ ପରିଣାମ ସୃଷ୍ଟି କରିବେ ନାହିଁ । ପ୍ରତ୍ୟେକ ଉଚ୍ଚଶିକ୍ଷିତା ଯୁବତୀ ଏପରି ଜିଦ୍ ରେ ଅଟଳ ରହିଲେ ଯୌତୁକଲୋଭୀ ନରହନ୍ତା ମାନେ ଶେଷରେ ନିଜ ପୁଅ ପାଇଁ ଝିଅ ଖୋଜିବାକୁ ଦ୍ୱାରଦ୍ୱାର ହୋଇ ବୁଲିବେ ।

ଏବେ ସେ ସମୟ ଆସି ଯାଇଛି । ଉଚ୍ଚଶିକ୍ଷିତା ଯୁବତୀମାନେ ଯୌତୁକ ଦାନବ ବିରୁଦ୍ଧରେ ଧର୍ମଯୁଦ୍ଧ ଠିଆ କରି ଦିଅନ୍ତୁ । ପ୍ରତ୍ୟେକ ଯୁବତୀ ନିଜ କଲମ ମୁନରେ ଅନ୍ତତ: ଦୁଇ ଧାଡି ଲେଖି ଏ ସମାଜରେ ଯୌତୁକ ଦାନବ ପ୍ରତି ଘୃଣାଭାବ ଉତ୍ପନ୍ନ କରନ୍ତୁ । ଯୌତୁକ ଦେବାନେବାରେ ସମ୍ପୂର୍ଣ୍ଣ ଅସହଯୋଗ କରନ୍ତୁ । ବୋହୁ ଉପରେ ଅତ୍ୟାଚାର କରିବାରେ ଶାଶୁ ଓ ନଣନ୍ଦ ପ୍ରମୁଖ ଭୂମିକା ନେଇଥା'ନ୍ତି । ଏମାନଙ୍କର ଏହି ମାନସିକ ବିକଳାଙ୍ଗତା,ଶାରୀରିକ ବିକଳାଙ୍ଗତା ଠାରୁ କାହିଁ କେତେ ଗୁଣ ଅଧିକ ମାରାତ୍ମକ ପ୍ରତୀୟମାନ ହୁଏ । ତେଣୁ ଏ ବଧୂହତ୍ୟା ଷଡଯନ୍ତ୍ରକୁ ରୋକିବାରେ ଏମାନଙ୍କ ଭୂମିକା ବହୁ ପ୍ରଭାବଶାଳୀ । ଏମାନେ ଯୌତୁକର ପାପ ଲାଳସାକୁ ମନରୁ କାଢି ଯୋଜନ ଯୋଜନ ଦୂରକୁ ଫିଙ୍ଗି ଦିଅନ୍ତୁ । ଏ ଦାନବର ହତ୍ୟା ଯେତେ ଶୀଘ୍ର କରାଯିବ ସେତେ ଶୀଘ୍ର ଏ ସମାଜର ମଙ୍ଗଳ ହେବ । ଯେ ପର୍ଯ୍ୟନ୍ତ ଏ ଦାନବ ବଞ୍ଚି ରହିଥିବ ସେ ପର୍ଯ୍ୟନ୍ତ ବିବାହକୁ ଦୁଇଟି ମନର ପବିତ୍ର ବନ୍ଧନ କୁହାଯାଇ ପାରିବ ନାହିଁ କିମ୍ବା ବିବାହ ପରବର୍ତ୍ତୀ ଦାମ୍ପତ୍ୟ ଜୀବନରେ କେବେ ବି ସୁଖଶାନ୍ତି ଓ ଅତୁଟ ସ୍ନେହର ପରିକଳ୍ପନା କରାଯାଇ ପାରିବ ନାହିଁ ।

କେନ୍ଦ୍ରାପଡା

୭୭୩୫୯୩୩୭୩୨

Magazine Downloaded from www.aahwaan.com

# ଗାନ୍ଧୀ ଦର୍ଶନ : ଏକ ଦୃଷ୍ଟିପାତ



ଶରତ କୁମାର ଦାସ

ସମଗ୍ର ପୃଥିବୀରେ ବିଶେଷକରି ବିଗତ ଶତାବ୍ଦୀରେ ଜଣେ ମାତ୍ର ମଣିଷ ଥିଲେ ଯାହାଙ୍କୁ ସମଗ୍ର ବିଶ୍ୱ ମହାତ୍ମା ଗାନ୍ଧୀ ନାମରେ ଜାଣେ । ସତ୍ୟ ଓ ଅହିଂସାର ଆଜୀବନ ପୂଜାରୀ ଗାନ୍ଧୀଜୀଙ୍କୁ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ  ମହାମାନବ ବୋଲି କହି ତାଙ୍କୁ ସମ୍ମାନର ସୁମନ ଅଜାଡି ଦିଆଯାଏ ଅବାଧରେ । ସେ ଏ ଭଳି ଜଣେ ବ୍ୟକ୍ତିତ୍ୱ ଯିଏକି ସକଳ ତର୍କ ବିତର୍କ, ବିଚାରଧାରା ଏବଂ  ସର୍ବୋପରି ସକଳ ଶତ୍ରୁତା ଓ ମିତ୍ରତାରୁ ଥିଲେ ବହୁ ଉର୍ଦ୍ଧ୍ୱରେ । ସବୁ ସମାଲୋଚନା ଓ ମତଭେଦର ସୀମା ବାହାରେ ଥିଲେ ସେ । ସେ ହିଁ ଜଣେ ମାତ୍ର ବାପୁଜୀ ଯିଏକି ସମସ୍ତଙ୍କର ପ୍ରିୟ ଓ ଆଦର୍ଶ । ଏପରିକି ତାଙ୍କ ବିଚାରଧାରା ଓ ଆଦର୍ଶକୁ  ବିରୋଧ କରୁଥିବା ଲୋକମାନେ ମଧ୍ୟ କେଉଁଠି ନା କେଉଁଠି ଗାନ୍ଧୀଜୀଙ୍କ ନିକଟରେ ନତମସ୍ତକ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ବୈଚାରିକ ଭାବରେ ଗାନ୍ଧୀଙ୍କୁ ବିରୋଧ କରିଆସୁଥିବା ସଂଗଠନଗୁଡିକ ମଧ୍ୟ ତାଙ୍କ ଆଦର୍ଶ ନିକଟରେ ଶରଣାପନ୍ନ । ଯଥାର୍ଥରେ ଆଲବର୍ଟ ଆଇନଷ୍ଟାଇନଙ୍କ ଉକ୍ତିକୁ ଉଦ୍ଧାର କରି କୁହାଯାଇପାରେ ଯେ, "ଆଗାମୀ ବଂଶଧରମାନେ କ୍ୱଚିତ ବିଶ୍ୱାସ କରିବେ କି ଗାନ୍ଧୀଜୀଙ୍କ ପରି ଜଣେ ରକ୍ତମାଂସଧାରୀ ଏପରି ଏକ ମନୁଷ୍ୟ ଏକଦା ପୃଥିବୀ ପୃଷ୍ଠରେ ବିଚରଣ କରୁଥିଲେ ।"

ମହାତ୍ମା ଗାନ୍ଧୀ କେବଳ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାରଥୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଥିଲେ, ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନଶୀଳତାର ସେ ଥିଲେ ଚିର ଜାଜ୍ୱଲ୍ୟମାନ ପ୍ରତୀକ । ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପଥ ପ୍ରଦର୍ଶନ କରିବା ସହିତ ସେ ଆରମ୍ଭ କରିଥିଲେ ଆଜୀବନ ସଂଗ୍ରାମ । ନାରୀ ସ୍ୱାଧୀନତା ଓ ଜାଗରଣର ସେ ଥିଲେ ଜଣେ ଅମ୍ଲାନ ବାର୍ତ୍ତାବହ । ସ୍ୱଦେଶୀ ମନ୍ତ୍ରର ସେ ଥିଲେ ଶାଶ୍ୱତ ପ୍ରଚାରକ । ସମାଜରୁ ଛୁଆଁ ଅଛୁଆଁ ଭେଦଭାବ ଦୂର କରି ସାମ୍ୟ, ମୁକ୍ତି ଓ ମୈତ୍ରୀର ଦୂରଦର୍ଶୀ ସନ୍ଦେଶ ଦେଇଥିଲେ ସେ । ମାନବବାଦର ଅମୃତ ରାଗିଣୀରେ ସମଗ୍ର ବିଶ୍ୱକୁ ଆହ୍ଲାଦିତ କରିଥିଲେ ମହାତ୍ମା ଗାନ୍ଧୀ ।

ସମୟାନୁବର୍ତ୍ତିତା ଓ ସ୍ୱଚ୍ଛତାର ପକ୍ଷଧର ରୂପେ ସମଗ୍ର ବିଶ୍ୱକୁ ଗାନ୍ଧୀଜୀ ଅଜାଡି ଦେଇଥିଲେ ମୂଲ୍ୟବୋଧଯୁକ୍ତ ଏକ ପୁଷ୍ପିତ ସକାଳର ନବ ଆଲୋକ । ଜାତି, ଧର୍ମ, ବର୍ଣ୍ଣ, ଓ ଭାଷାକୁ ନେଇ ସୃଷ୍ଟି ହୋଇଥିବା ଅସହିଷ୍ଣୁତାର ସେ ଥିଲେ ଜଣେ କଠୋର ସମାଲୋଚକ । ନୈତିକତା ଓ ମୂଲ୍ୟବୋଧ ସମ୍ବଳିତ  ରାଜନୀତିର ସେ ଥିଲେ ଦୃଢ ସମର୍ଥକ । ନୀତିହୀନ ରାଜନୀତିକୁ ସେ ସର୍ବାଗ୍ରେ ଘୃଣା କରୁଥିଲେ । ସେ ରାଜନୀତି ଓ ଆଧ୍ୟାତ୍ମିକତା ମଧ୍ୟରେ ସମନ୍ୱୟ ସ୍ଥାପନ କରିଥିଲେ । ଯଥାର୍ଥରେ କହିଲେ ରାଜନୀତିକୁ ଆଧ୍ୟାତ୍ମିକୀକରଣ କରି ଏହାକୁ ସତ୍ୟ ଓ ନ୍ୟାୟ ମାର୍ଗରେ ପରିଚାଳନା କରିବା ପାଇଁ ଗାନ୍ଧୀଜୀ ଚାହୁଁଥିଲେ ।

ଗାନ୍ଧୀଜୀ ଥିଲେ ସେହି ବ୍ୟକ୍ତି ଯିଏ କି ଲକ୍ଷ୍ୟ ଅପେକ୍ଷା ମାଧ୍ୟମ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ । ତାଙ୍କ ମତରେ ଯଥାର୍ଥ ମାଧ୍ୟମ ହିଁ ଯଥାର୍ଥ ଲକ୍ଷ୍ୟ ଧାର୍ଯ୍ୟ କରେ । ମାଧ୍ୟମ ନୀତିହୀନ ହେଲେ ଲକ୍ଷ୍ୟ ମଧ୍ୟ ନୀତିହୀନ ହୁଏ । ପାପାର୍ଜିତ ଧନରେ ମନ୍ଦିର ପ୍ରତିଷ୍ଠା କଲେ ସେ ମନ୍ଦିରରେ ଦେବତା ରୁହନ୍ତି ନାହିଁ ବୋଲି ସେ କହୁଥିଲେ । କୌଣସି ହିଂସାତ୍ମକ ପନ୍ଥାରେ ସମାଜରୁ ଅନୀତି ବା ଅନ୍ୟାୟ ଦୂର କରାଯାଇ ପାରେ ନାହିଁ । ତେଣୁ ସେ ସମଗ୍ର ବିଶ୍ୱକୁ ଆଦର୍ଶ ଓ ଉତ୍ତମ ଲକ୍ଷ୍ୟ ନିମନ୍ତେ  ଆଦର୍ଶ, ସତ୍ ଓ ଉତ୍ତମ ମାଧ୍ୟମ ଗ୍ରହଣ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କରିବାକୁ ପରାମର୍ଶ ଦେଇଥିଲେ ।

ଗାନ୍ଧୀଜୀ ସମଗ୍ର ମାନବ ଜାତିର ସେବକ ଥିଲେ ଓ ସମଗ୍ର ମାନବ ଜାତି ପ୍ରତି ତାଙ୍କର ଅଗାଧ ସ୍ନେହ ଓ ଶ୍ରଦ୍ଧା ଥିଲା । ଭଗବତ୍ ସତ୍ତାକୁ ଅନୁସରଣ କରିବା ଓ ସମସ୍ତ ପ୍ରତିବନ୍ଧକକୁ ଜୟ କରିବା ତଥା ଏଥିପାଇଁ ପ୍ରେମ ଓ ଅହିଂସା ମାର୍ଗ ଗ୍ରହଣ କରିବାକୁ ସମଗ୍ର ମାନବ ସମାଜକୁ ସେ ପରାମର୍ଶ ଦେଇଥିଲେ । "ଭଗବାନ ହିଁ ସତ୍ୟ" ପରିବର୍ତ୍ତେ "ସତ୍ୟ ହିଁ ଭଗବାନ" ବୋଲି କହୁଥିଲେ । ସତ୍ୟ ଓ ନୈତିକତା ବଳରେ ମଣିଷକୁ ପରିବର୍ତ୍ତନ କରାଯାଇପାରିବ ବୋଲି ସେ କହୁଥିଲେ । ମଣିଷର ଶକ୍ତି ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିଲା । କିଛି ମଣିଷ ଖରାପ ହେଲେ ଯେ ସମସ୍ତ ମାନବ ସମାଜ ଖରାପ ଏଭଳି ଭାବିବା ଆଦୌ ଠିକ୍ ନୁହେଁ ବୋଲି ସେ ମତପୋଷଣ କରିଥିଲେ ।

ଗାନ୍ଧୀଜୀ ଜଣେ ସର୍ବକାଳୀନ ସତ୍ୟାଗ୍ରହୀ ଥିଲେ । ତେଣୁ ସେ ସତ୍ୟାଗ୍ରହ ବା ସତ୍ୟ ପ୍ରତି ଆଗ୍ରହ ରଖିବାକୁ ସମଗ୍ର ମାନବ ସମାଜକୁ ବାର୍ତ୍ତା ପ୍ରେରଣ କରିଥିଲେ । ସାମାଜିକ ସମସ୍ୟାବଳୀର ଯଥାର୍ଥ ସମାଧାନ ପାଇଁ ସଂଗଠିତ ଭାବରେ ସତ୍ୟାଗ୍ରହ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ସତ୍ୟାଗହୀ ଜଣେ ସାଧୁ ଓ ସଂଯମୀ । ଏହା ଦୁର୍ବଳର ଅସ୍ତ୍ର ନୁହେଁ । ବରଂ, ସବଳର ଅସ୍ତ୍ର ବୋଲି ସେ କହୁଥିଲେ । ଦକ୍ଷିଣ ଆଫ୍ରିକାରେ ସେ ସର୍ବ ପ୍ରଥମେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରି ଗୋରା ସରକାରଙ୍କୁ ମୁହଁ ତୋଡ୍ ଜବାବ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ସତ୍ୟାଗ୍ରହର କୌଶଳ ପ୍ରୟୋଗ କରି ସଫଳ ହୋଇଥିଲେ । ସଂକ୍ଷେପରେ କହିଲେ ଗାନ୍ଧୀଜୀ ଜାତୀୟ ଜୀବନକୁ ସତ୍ୟ ଓ ଅହିଂସା ମାର୍ଗରେ ପ୍ରତିଷ୍ଠିତ କରିବାକୁ ଚାହିଁଥିଲେ ।

ଅହିଂସା ତାଙ୍କ ଜୀବନର ଅନନ୍ୟ ବ୍ରତ ଥିଲା । ତାଙ୍କ ମତରେ ବିପ୍ଳବର ଧାରା ଅହିଂସା ମାର୍ଗରେ ପରିଚାଳିତ ହେବା ଉଚିତ । ସେ କଥା, କାର୍ଯ୍ୟରେ ଓ ଚିନ୍ତାରେ ସଂପୂର୍ଣ୍ଣ ହିଂସାର

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବିରୋଧୀ ଥିଲେ । ସତ୍ୟ ଓ ଅହିଂସା ବଳରେ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣି ଏକ ନୂଆ ସମାଜର ସ୍ୱପ୍ନ ଦେଖିଥିଲେ ଗାନ୍ଧୀଜୀ । ଏହି ଅହିଂସାର ପଥ ଅନୁକରଣ କରି ପ୍ରବଳ ପରାକ୍ରମୀ ବ୍ରିଟିଶ ଶାସନକୁ ଭାରତରୁ ହଟାଇ ପାରିଥିଲେ । ସ୍ୱରାଜ ଓ ସ୍ୱଦେଶୀ ମନ୍ତ୍ରକୁ ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ପ୍ରଚାର କରି ସେ ନବ ଉନ୍ମାଦନା ସୃଷ୍ଟି କରିଥିଲେ । ସ୍ୱଦେଶୀ ବାର୍ତ୍ତା ମାଧ୍ୟମରେ ସ୍ୱାବଲମ୍ବନଶୀଳତା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଥିଲେ ସେ । ତାଙ୍କ ରଚିତ ପୁସ୍ତକ "ହିନ୍ଦୁ ସ୍ୱରାଜ୍ୟ"ରେ ସ୍ୱରାଜକୁ ଏକ ଜାତିର ଆତ୍ମା ବୋଲି ପ୍ରକାଶ କରିଥିଲେ ।

ସର୍ବୋଦୟ ଗାନ୍ଧୀ ଦର୍ଶନର ଅନ୍ୟ ଏକ ମୌଳିକ ଉପାଦାନ । ସର୍ବ ଓ ଉଦୟର ମିଶ୍ରଣରେ ସର୍ବୋଦୟ ସୃଷ୍ଟି । ସମସ୍ତଙ୍କ ଉଦୟ ବା ଉତ୍ଥାନ ଏହାର ଲକ୍ଷ୍ୟ । ଗାନ୍ଧୀଜୀ ସର୍ବପ୍ରଥମେ ୧୯୦୪ ମସିହାରେ ସର୍ବୋଦୟ ଶବ୍ଦ ବ୍ୟବହାର କରିଥିଲେ । ସମସ୍ତଙ୍କର ଭଲ ବା ମଙ୍ଗଳ ଏହାର ଲକ୍ଷ୍ୟ ଥିଲା ଗାନ୍ଧୀ ସର୍ବୋଦୟ ମାଧ୍ୟମରେ ସମାଜର ସମସ୍ତଙ୍କର ମଙ୍ଗଳ ଚାହୁଁଥିଲେ । ସର୍ବୋଦୟ ସମଗ୍ର ମାନବ ଜାତିକୁ ନୈତିକ ନ୍ୟାୟ ପ୍ରଦାନ କରିବ ବୋଲି ତାଙ୍କର ଧାରଣା ଥିଲା । ତାଙ୍କର ସର୍ବୋଦୟ ମାନବବାଦ ଓ ସମାଜବାଦର ଏକ ସମିଶ୍ରଣ ଥିଲା ।

ଆଜି ଆମେ ଗଣତନ୍ତ୍ରର ଏକ ସୀମିତ ଅର୍ଥରେ ରହିଯାଇଛୁ । ଯାହାକି ଜନସାଧାରଣ ନିଜ ପସନ୍ଦରେ ସରକାର ବାଛିବେ ଏବଂ ସରକାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ସମ୍ମାନ ଦେଇ କାର୍ଯ୍ୟ କରିବେ । କିନ୍ତୁ ମହାତ୍ମା ଗଣତନ୍ତ୍ରର ଅସଲ ଶକ୍ତି ଉପରେ ଗୁରୁତ୍ୱ ଦେଇଥିଲେ । ସେ ସେହି ମାର୍ଗ ଦେଖାଇଥିଲେ ଯେଉଁଥିରେ ଲୋକମାନେ ଶାସନ ଉପରେ ନିର୍ଭରଶୀଳ ନହୋଇ ସ୍ୱାବଲମ୍ବନଶୀଳ ହୋଇପାରିବେ । ଗାନ୍ଧୀଜୀ ଏପରି ଏକ ସାମାଜିକ ବ୍ୟବସ୍ଥା ସଂପର୍କରେ ମତବ୍ୟକ୍ତ କରିଥିଲେ ଯାହା ସରକାରଙ୍କ ଉପରେ ନିର୍ଭରଶୀଳ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ହୋଇନଥିବ । ଗାନ୍ଧୀ ପରିବର୍ତ୍ତନ କଥା କହିଥିଲେ । ଲୋକମାନଙ୍କ ଅନ୍ତର୍ଶକ୍ତିକୁ ଜାଗ୍ରତ କରି ସେମାନଙ୍କୁ ନିଜ ଭିତରେ ପରିବର୍ତ୍ତନ ଆଣିବାକୁ ସଚେତନ କରାଇଥିଲେ । ସ୍ୱାବଲମ୍ବନ ଶୀଳତାର ମୂଳତତ୍ତ୍ୱକୁ ନେଇ ଆଗକୁ ବଢିବାକୁ ଚାହିଁଥିଲେ ।

ମହାତ୍ମା ଗାନ୍ଧୀ କହୁଥିଲେ ତାଙ୍କ ଜୀବନ ହିଁ ତାଙ୍କର ବାର୍ତ୍ତା । ସେ କେବେ ହେଲେ ନିଜ ଜୀବନ ଦ୍ୱାରା ପ୍ରଭାବ ବିସ୍ତାର କରିବାକୁ ଚାହୁଁ ନଥିଲେ । କିନ୍ତୁ ତାଙ୍କ ଜୀବନ ହିଁ ପ୍ରେରଣାର ଉତ୍ସ ସାଜିଥିଲା । ଆଜି ଆମେ କିଭଳି ଅନ୍ୟକୁ ପ୍ରଭାବିତ କରିବା ନ୍ୟାୟରେ ବଂଚୁଛୁ ,କିନ୍ତୁ ଗାନ୍ଧୀଜୀଙ୍କ ଦର୍ଶନ ଥିଲା, "କିଭଳି ଅନ୍ୟକୁ ପ୍ରେରଣା ଯୋଗାଇବା ।" ଆତ୍ମନିର୍ଭରଶୀଳତା ତାଙ୍କ ଦର୍ଶନର ଏକ ଅନନ୍ୟ ବିଭବ ।

ମଣିଷକୁ ଆତ୍ମନିର୍ଭରଶୀଳ କରିବାପାଇଁ ସେ କୁଟୀରଶିଳ୍ପ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ । ଏହାଦ୍ୱାରା ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତପୋଷଣ କରିଥିଲେ ।

ଗାନ୍ଧୀଜୀ ଭାରତରେ ଜନ୍ମ ହୋଇଥିଲେ ସତ ମାତ୍ର ନିର୍ଦ୍ଦିଷ୍ଟ ସୀମିତ ଭୌଗୋଳିକ ସୀମାରେଖା ତାଙ୍କୁ ବାନ୍ଧି ପାରିନଥିଲା । ସେ ଥିଲେ ସମଗ୍ର ବିଶ୍ୱର ଆତ୍ମା ଓ ମାନବବାଦର ଶ୍ରେଷ୍ଠ ପୃଷ୍ଠପୋଷକ । ଆମେରିକାର ରାଷ୍ଟ୍ରପତି ଜର୍ଜ ମାର୍ଶଲଙ୍କ ମତରେ, "ମାହାତ୍ମା ଗାନ୍ଧୀ ମାନବ ସମାଜର ବିବେକର ପ୍ରତୀକ ଅଟନ୍ତି ।" ଇତିହାସରେ ଏହା ବିରଳ ଯେ ଶାସନ ସହିତ କୌଣସି ସମ୍ପର୍କ ନଥିବା ଜଣେ ବ୍ୟକ୍ତି ସତ୍ୟ ଅହିଂସାର ଶକ୍ତିରେ ଶହ ଶହ ବର୍ଷର ପୁରୁଣା ସାମ୍ରାଜ୍ୟକୁ କେବଳ ଦୋହଲାଇ ଦେଇନଥିଲେ, ବରଂ ଅନେକ ଲୋକଙ୍କ ମଧ୍ୟରେ ଦେଶଭକ୍ତିର ଭାବ ଜାଗ୍ରତ କରିବାରେ ସକ୍ଷମ ହୋଇ ପାରିଥିଲେ । ଯଥାର୍ଥରେ ସେ ଜଣେ ଏଭଳି ବ୍ୟକ୍ତିତ୍ୱ ଥିଲେ ଯେ କ୍ଷମତା ଠାରୁ ବହୁ ଦୂରରେ ଥାଇ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକଙ୍କ ହୃଦୟରେ ଅଛନ୍ତି ଓ ଆସନ୍ତା କାଲି ବି ରହିବେ । ତାଙ୍କୁ ଯେତେ ଆକ୍ଷେପ ଓ ସମାଲୋଚନା

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କଲେ ବି ତାଙ୍କ ଆଦର୍ଶର ନା ମୃତ୍ୟୁ ଅଛି ନା ହୋଇପାରିବ । ତାଙ୍କ ଦର୍ଶନ ଚିର ଦେଦୀପ୍ୟମାନ ।

ଗାନ୍ଧୀବାଦ ସାର୍ବଜନୀନ ଓ ସର୍ବକାଳୀନ । ତାଙ୍କ ଚିନ୍ତାର ଆଧାର ଥିଲା ଭାରତୀୟ ଆଧ୍ୟାତ୍ମିକତା ଓ ଆଦର୍ଶବୋଧ । ତାଙ୍କ ଆଚରଣ ଓ ଉଚ୍ଚାରଣରେ ସମଂଜସ୍ୟ ଥିଲା ବୋଲି ତ ସେ ମହାତ୍ମା । ସତ୍ୟ, ଶାନ୍ତି, ଅହିଂସା, ଦୟା, କ୍ଷମା ପ୍ରଭୃତି ଦିବ୍ୟ ଗୁଣାବଳୀଗୁଡିକୁ ପ୍ରଥମେ ସେ ନିଜ ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରୟୋଗ କରିଥିଲେ । ବିଶ୍ୱାସ ଯୋଗ୍ୟ ନହେଲେ ବି ସତ୍ୟ ଏହି କି ଯେ ବିଶ୍ୱରେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କୁ ଗାନ୍ଧୀଜୀ କେବେ ବି ଭେଟି ନାହାଁନ୍ତି, ତଥାପି ସେମାନେ ମହାତ୍ମା ଗାନ୍ଧୀଙ୍କୁ ନିଜ ନିଜ ଜୀବନରେ ଆଦର୍ଶ ରୂପେ ଗ୍ରହଣ କରିଥିଲେ । ମାର୍ଟିନ ଲୁଥର କିଙ୍ଗ ଜୁନିୟର ହୁଅନ୍ତୁ ବା ନେଲସନ ମଣ୍ଡେଲା ହୁଅନ୍ତୁ ସେମାନଙ୍କ ଚିନ୍ତା ଓ ଚେତନାର ଆଧାର ଥିଲେ ମହାତ୍ମା ଗାନ୍ଧୀ । ବିଶ୍ୱର ଅନେକ ରାଷ୍ଟ୍ର ମଧ୍ୟ ଗାନ୍ଧୀ ଦର୍ଶନ ସାହାଯ୍ୟରେ ଅନେକ ସମସ୍ୟାର ସମାଧାନ କରିପାରୁଛନ୍ତି । ଗାନ୍ଧୀଜୀଙ୍କ ଦୂରଦୃଷ୍ଟି ଭାରତକୁ ଅନେକ ବଡ ବଡ ଆହ୍ୱାନ ସମାଧାନରେ ମାଧ୍ୟମ ହୋଇପାରିଛି ।

ଗାନ୍ଧୀଙ୍କ ସମ୍ପର୍କରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ତାଙ୍କ ଦର୍ଶନକୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମତବାଦ ରୂପେ ଗ୍ରହଣ କରାଯାଇପାରେ ନାହିଁ । ବରଂ ଜୀବନଯାପନ ପାଇଁ ଏହା ହେଉଛି ଏକ ଚିରନ୍ତନ ମାର୍ଗ । ସେ ବି କୌଣସି ମତବାଦର ପ୍ରବର୍ତ୍ତନ କରିନଥିଲେ । ସମସାମୟିକ ସମସ୍ୟା ନିମନ୍ତେ ସେ ଯାହା ତାଙ୍କର ମତବ୍ୟକ୍ତ କରିଥିଲେ । ପୁରାତନ ମୂଲ୍ୟବୋଧକୁ ଏକ ନୂତନ ଯୁଗୋପଯୋଗୀ ଦୃଷ୍ଟିରୁ ବିଚାର କରିବା ଗାନ୍ଧୀଙ୍କର ଲକ୍ଷ୍ୟ ଥିଲା । ସୁତରାଂ ଗାନ୍ଧୀଙ୍କ ଦର୍ଶନ ସମଗ୍ର ବିଶ୍ୱରେ ଆଦୃତ । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ପ୍ରଗତି ନିମନ୍ତେ ଗାନ୍ଧୀଙ୍କ ଦର୍ଶନ ଏକମାତ୍ର ପନ୍ଥା ରୂପେ ଆଜି ସର୍ବଜନ ସ୍ୱୀକୃତ । ସତ୍ୟ, ଶାନ୍ତି, ପ୍ରେମ, ଅହିଂସା, ନୈତିକତା, ମାନବବାଦ, ସ୍ୱାଭିମାନ, ସ୍ୱାବଲମ୍ବନଶୀଳତା ଇତ୍ୟାଦି

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ମହନୀୟ ଗୁଣାବଳୀ ଯେ ହିଂସା, ଧ୍ୱଂସ, ଈର୍ଷା, ପରଶ୍ରୀକାତରତା ଇତ୍ୟାଦି କୁଗୁଣାବଳୀକୁ ଆପଣାଉଥିବା ଆଜିର ଏ ସ୍ୱାର୍ଥପର ବିଶ୍ୱ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗ ଏକ ଉନ୍ନତ ବିଶ୍ୱ ନିର୍ମାଣରେ ଯେ ସହାୟକ ହୋଇପାରିବ । ଯଥାର୍ଥରେ ଓଡିଶାର ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଥରେ କହିଥିଲେ, "ମହାତ୍ମା ଗାନ୍ଧୀ ହେଉଛନ୍ତି ବିଶ୍ୱର ସକଳ ସମସ୍ୟାର ସମାଧାନ ପାଇଁ ଭାରତୀୟ ସୂତ୍ର ।"

ଆଜି ସମଗ୍ର ବିଶ୍ୱରେ ଅନିଶ୍ଚିତତାବାଦ ମୁଣ୍ଡ ଟେକିଛି । ଏହି ପରିପ୍ରେକ୍ଷୀରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବୃଦ୍ଧିପାଇବାରେ ଲାଗିଛି । ଏହାକୁ ଅଧିକ ଉଜ୍ଜୀବିତ କରିବା ପାଇଁ ହେଲେ ଆଗାମୀ ବଂଶଧରମାନଙ୍କୁ ଗାନ୍ଧୀଙ୍କର ମହନୀୟ ଆଦର୍ଶ ବିଷୟରେ ସଚେତନ କରିବାର ଆବଶ୍ୟକତା ରହିଛି । ପୁନଶ୍ଚ ସାଂପ୍ରତିକ ପରିସ୍ଥିତିରେ ଗାନ୍ଧୀଜୀଙ୍କ ବିଚାରଧାରାର ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବା ବାଂଛନୀୟ । ଏହାଦ୍ୱାରା ଆଗାମୀ ପିଢି ସେହି ଯୁଗଶ୍ରେଷ୍ଠ ମହାମାନବଙ୍କ ବିଷୟରେ ଅନେକ ଉପାଦେୟ ତଥ୍ୟ ଜାଣି ପାରିବା ସହିତ ସତ୍ୟ, ଶାନ୍ତି, ଦୟା, ଧର୍ମ, କ୍ଷମା, ନ୍ୟାୟ, ନୈତିକତା, ଏକାତ୍ମବୋଧ ପ୍ରତି ଅଙ୍ଗୀକାରବଦ୍ଧ ହୋଇପାରିବେ । ଫଳରେ ବିଶ୍ୱରୁ ହିଂସା, ମିଥ୍ୟା, ଛଳନା, ଦୁର୍ନୀତି, ଅନ୍ୟାୟ, ଅନୀତି ଇତ୍ୟାଦିର ତାଣ୍ଡବ ନିଶ୍ଚୟ ପ୍ରଶମିତ ହୋଇପାରିବ । ସମଗ୍ର ବିଶ୍ୱ ସତ୍ୟ ଓ ପ୍ରେମର ବଳିଷ୍ଠ ମୂଳଦୁଆ ଉପରେ ଦଣ୍ଡାୟମାନ ହୋଇ ଗାନ୍ଧୀଜୀଙ୍କ କଳ୍ପିତ "ରାମରାଜ୍ୟ" ସ୍ୱପ୍ନକୁ ସାକାର କରିପାରିବ । ଏହା ନିଃସନ୍ଦେହ ।

ଅଧ୍ୟାପକ ଶରତ କୁମାର ଦାସ
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର , ମୋ-୮୨୪୯୯୩୭୦୯୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହାତ୍ମା ଗାନ୍ଧୀ

୧.

ପିଲାମାନେ, ସମଗ୍ର ବିଶ୍ୱରେ ଗୋଟିଏ ବି ଦେଶ ନାହିଁ ଯେଉଁଠାରେ ମହାତ୍ମା ଗାନ୍ଧୀଙ୍କ ନାମ ଜଣାନାହିଁ । ଗାନ୍ଧିଜୀ କାହିଁକି ଏତେ ପ୍ରସିଦ୍ଧ ହେଲେ ଆପଣ ଜାଣନ୍ତି କି ? କାରଣ ସେ ତାଙ୍କର ସମଗ୍ର ଜୀବନକୁ ମାତୃଭୂମିର ସେବା ଏବଂ ମାନବିକତାର ସେବା ପାଇଁ ଉତ୍ସର୍ଗ କରିଥିଲେ । ଆଜି ମୁଁ ଆପଣଙ୍କୁ ସଂକ୍ଷେପରେ କହିବାକୁ ଯାଉଛି, ମହାତ୍ମା ଗାନ୍ଧୀଙ୍କ କାହାଣୀ, ଜାତିର ପିତା ବାପୁଜୀ, ଯେହେତୁ ତାଙ୍କୁ ସ୍ନେହପୂର୍ଣ୍ଣ ଭାବରେ କୁହାଯାଏ । ଆଦ୍ୟ ଦିନରେ ଆମ ଦେଶ ବହୁସଂଖ୍ୟକ ଛୋଟ ଛୋଟ ରାଜପରିବାର ଶାସିତ ରାଜ୍ୟକୁ ନେଇ ଗଠିତ ହୋଇଥିଲା । ଗୁଜୁରାଟର ପୋରବନ୍ଦର ଏପରି ଏକ ରାଜ୍ୟ ଥିଲା । ଗାନ୍ଧିଜୀଙ୍କ ପିତା କରମଚାନ୍ଦ ଗାନ୍ଧୀ, କାବା ନାମରେ ଜଣାଶୁଣା, ସେଠାରେ ଜଣେ ମନ୍ତ୍ରୀ ଥିଲେ । କବା ଗାନ୍ଧୀ ଜଣେ ସଚ୍ଚୋଟ, ସରଳ ବ୍ୟକ୍ତି, ଜଣେ କଠୋର ଅନୁଶାସକ ଏବଂ ଅତ୍ୟନ୍ତ ସରଳ ବ୍ୟକ୍ତି ଥିଲେ । ତାଙ୍କ ପତ୍ନୀ ପିତୁଲିବାଇ ଜଣେ ଅତି ଧାର୍ମିକ ନାରୀ ଥିଲେ । ସେ ସୂର୍ଯ୍ୟଙ୍କୁ ପୂଜା ନକରିବା ପର୍ଯ୍ୟନ୍ତ ତାଙ୍କ ଭୋଜନ କରୁନଥିଲେ । ତେଣୁ ବେଳେବେଳେ ବର୍ଷା ଋତୁରେ, ସେ ଦୁଇ-ତିନି ଦିନ ପର୍ଯ୍ୟନ୍ତ ଭୋକରେ ରହିଥା'ନ୍ତି । ସେ ବହୁତ ସ୍ନେହୀ ବ୍ୟକ୍ତି ଏବଂ



ଦେବେନ୍ଦ୍ର ସାମଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁତ ପରିଶ୍ରମୀ ଥିଲେ । ଏହି ପିତାମାତାମାନଙ୍କ ପାଇଁ ଅକ୍ଟୋବର ୨, ୧୮୬୯ରେ ଏକ ପୁତ୍ର ଜନ୍ମ ହୋଇଥିଲା । ସେ ସେମାନଙ୍କର ସାନପୁଅ ଥିଲେ । ତାଙ୍କୁ ମୋହନଦାସ କୁହାଯାଉଥିଲା । ସେ ଆମର ଗାନ୍ଧିଜୀ ଥିଲେ । ତାଙ୍କ ପିତାଙ୍କ କଠୋର ଅନୁଶାସନ, ତାଙ୍କ ମାତାଙ୍କ ଧାର୍ମିକ ଭାବନା ଗାନ୍ଧିଜୀଙ୍କୁ ବହୁତ ପ୍ରଭାବିତ କରିଥିଲା । ସେ ତାଙ୍କ ପିତାମାତା ଏବଂ ଭାଇମାନଙ୍କ ସହିତ ଗଭୀର ଭାବରେ ଜଡିତ ଥିଲେ । ସତ୍ୟତା, ସଚ୍ଚୋଟତା, ଅଖଣ୍ଡତାର ମୂଲ୍ୟଗୁଡ଼ିକ ଆରମ୍ଭରୁ ତାଙ୍କଠାରେ ଜାଗ୍ରତ ହୋଇଥିଲା । ପିଲାଦିନେ ସେ ବହୁତ ସାହସୀ ନଥିଲେ । ସେ ଅନ୍ଧକାର, ଭୂତ ଏବଂ ଆତ୍ମା, ଏବଂ ସାପ ଓ ବିଛା ଆଦିକୁ ବହୁତ ଭୟ କରୁଥିଲେ । ରାତିରେ ସେ ଭୟରେ କାନ୍ଦୁଥିଲେ । ଚାକରାଣୀ ଯିଏ ତାଙ୍କୁ ଦେଖୁଥିଲା ତାଙ୍କୁ ବାରମ୍ବାର ଗାଳି ଦେଉଥିଲା । ସେ କହିବେ, "ତୁମେ ନିଜ ପାଇଁ ଲଜ୍ଜିତ ହେବା ଉଚିତ୍, ତୁମେ ବଡ ହେବା ପରେ କଣ କରିବ ?" ତା'ପରେ ସେ ତାଙ୍କୁ କହିଥିଲେ ଯେ ପ୍ରତ୍ୟେକ ଥର ସେ ଭୟଭୀତ ହେଲେ ସେ ଭଗବାନ ରାମଙ୍କ ନାମ ନେବା ଉଚିତ୍ । ଗାନ୍ଧିଜୀ ତାଙ୍କ ପରାମର୍ଶ ଗ୍ରହଣ କଲେ ଏବଂ ଧୀରେ ଧୀରେ ସେ ତାଙ୍କର ଭୟକୁ ଦୂର କଲେ । ଖୁବ୍ ଶୀଘ୍ର ତାଙ୍କ ପାଇଁ ସ୍କୁଲ ଯିବାର ସମୟ ଆସିଗଲା । ତାଙ୍କ ପିତା ସେହି ସମୟରେ ରାଜକୋଟରେ ଥିବାରୁ ସେ ସେଠାରେ ଥିବା ବିଦ୍ୟାଳୟରେ ପଢୁଥିଲେ । ଅତ୍ୟଧିକ ଲାଜକୁଳା ହୋଇ ସେ ଅନ୍ୟ ପିଲାମାନଙ୍କ ସହିତ ମିଶି ନଥିଲେ । ଆରମ୍ଭରେ ସେ ତାଙ୍କୁ ଶିକ୍ଷା ଦିଆଯାଇଥିବା କିଛି ବିଷୟ ପସନ୍ଦ କରୁନଥିଲେ, କିନ୍ତୁ ଶିକ୍ଷକମାନଙ୍କ ଉତ୍ସାହରେ ସେ ଅଧ୍ୟୟନ କରିଥିଲେ ଏବଂ ଉପଭୋଗ କରିବାକୁ ଲାଗିଲେ । ସେବେଠାରୁ ସେ ତାଙ୍କ ଅଧ୍ୟୟନକୁ ବହୁତ ଗମ୍ଭୀରତାର ସହ ନେଇଥିଲେ । ମୋହନ ବହୁତ ଲାଜୁଆ ଥିଲେ । ବିଦ୍ୟାଳୟର ଘଣ୍ଟି ବାଜିବା ମାତ୍ରେ ସେ ତାଙ୍କ ପୁସ୍ତକ ସଂଗ୍ରହ କରି ଘରକୁ ଶୀଘ୍ର ଚାଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଥିଲେ । ଅନ୍ୟ ବାଳକମାନେ ରାସ୍ତାରେ ଅଟକି କେତେକ ଖେଳିବାକୁ, ଅନ୍ୟମାନେ ଖାଇବାକୁ, କିନ୍ତୁ ମୋହନ ସବୁବେଳେ ସିଧା ଘରକୁ ଯାଉଥିଲେ । ସେ ଭୟ କରୁଥିଲେ ଯେ ପୁଅମାନେ ତାଙ୍କୁ ଅଟକାଇ ତାଙ୍କୁ ପରିହାସ କରିବେ । ଦିନେ ବିଦ୍ୟାଳୟର ଇନ୍ସପେକ୍ଟର ଶ୍ରୀ ଗିଲ୍ସ ମୋହନଙ୍କ ସ୍କୁଲକୁ ଆସିଥିଲେ । ସେ ଶ୍ରେଣୀକୁ ପାଞ୍ଚଟି ଇଂରାଜୀ ଶବ୍ଦ ପଢିବା ପାଇଁ ବାଳକମାନଙ୍କୁ ସେଗୁଡ଼ିକୁ ଲେଖିବାକୁ କହିଥିଲେ । ମୋହନ ଚାରିଟି ଶବ୍ଦ ସଠିକ୍ ଭାବରେ ଲେଖିଥିଲେ, କିନ୍ତୁ ସେ ପଞ୍ଚମ ଶବ୍ଦ "କେଟଲ୍" ବନାନ କରିପାରିଲେ ନାହିଁ । ମୋହନଙ୍କ ଦ୍ୱିଧା ଦେଖି ଶିକ୍ଷକ ଇନ୍ସପେକ୍ଟରଙ୍କ ପିଠି ପଛରେ ଏକ ସଙ୍କେତ ଦେଇଥିଲେ ଯେ ସେ ପଡ଼ୋଶୀଙ୍କ ସ୍ଲେଟରୁ ଏହି ଶବ୍ଦକୁ କପି କରନ୍ତୁ । କିନ୍ତୁ ମୋହନ ତାଙ୍କ ଚିହ୍ନକୁ ଅଣଦେଖା କରିଥିଲେ । ଅନ୍ୟ ବାଳକମାନେ ସମସ୍ତ ପାଞ୍ଚଟି ଶବ୍ଦ ସଠିକ୍ ଭାବରେ ଲେଖିଥିଲେ; ମୋହନ କେବଳ ଚାରିଟି ଲେଖିଥିଲେ । ଇନ୍ସପେକ୍ଟର ଚାଲିଯିବା ପରେ ଶିକ୍ଷକ ତାଙ୍କୁ ଗାଳି ଦେଇଥିଲେ । ସେ କ୍ରୋଧରେ କହିଲା, ମୁଁ ତୁମ ପଡ଼ୋଶୀଙ୍କଠାରୁ କପି କରିବାକୁ କହିଲି । "ଆପଣ ତାହା ସଠିକ୍ ଭାବରେ କରିପାରିବେ ନାହିଁ କି ?" ସମସ୍ତେ ହସିଲେ । ସେ ସନ୍ଧ୍ୟାରେ ଘରକୁ ଯିବାବେଳେ ମୋହନ ଅସନ୍ତୁଷ୍ଟ ନଥିଲେ । ସେ ଜାଣିଥିଲେ ଯେ ସେ ଠିକ୍ କାର୍ଯ୍ୟ କରିଛନ୍ତି । ତାଙ୍କୁ ଦୁଃଖ ଲାଗିଲା ଯେ ତାଙ୍କ ଶିକ୍ଷକ ତାଙ୍କୁ ଠକିବାକୁ କହିଲେ । ସେହି ଦିନଗୁଡ଼ିକର ପ୍ରଥା ଥିଲା, ଯେତେବେଳେ ସେ ପ୍ରାୟ ୧୩-୧୪ ବର୍ଷ ବୟସରେ, ସେ ବିବାହ କରିଥିଲେ । ତାଙ୍କ ପତ୍ନୀଙ୍କ ନାମ କସ୍ତୁରବା (ଏବଂ ସେ ତାଙ୍କପରି ଥିଲେ) । ଏହି ସମୟରେ ଗାନ୍ଧିଜୀ ଖରାପ ସାଙ୍ଗ ପଡ଼ି ଅନେକ ଖରାପ ଅଭ୍ୟାସ ଉଠାଇଥିଲେ । ଏହି ଖରାପ ଅଭ୍ୟାସ ହେତୁ, ଯାହା ତାଙ୍କ ପିତାମାତାଙ୍କୁ ଅଜ୍ଞାତ ଥିଲା, ସେ ଥରେ ତାଙ୍କ ସୁନା ବ୍ରେସଲେଟର ଏକ ଅଂଶ ବିକ୍ରୟ କରିବାକୁ ବାଧ୍ୟ ହୋଇଥିଲେ । ତଥାପି ସେ ଶୀଘ୍ର ନିଜର ଭୁଲକୁ ଅନୁଭବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେ ଏବଂ ତାଙ୍କର ପାପପୂର୍ଣ୍ଣ ଆଚରଣକୁ ଯଥେଷ୍ଟ ଅନୁତାପ କଲେ । ତାଙ୍କ ପିତାଙ୍କୁ ସାମ୍ନା କରିବାକୁ ସାହସ ନଥିଲା । ତେଣୁ ଏହା ବଦଳରେ ସେ ନିଜ ପିତାଙ୍କୁ ଏକ ଚିଠି ଲେଖି ସେ କରିଥିବା ସମସ୍ତ ପାପପୂର୍ଣ୍ଣ କାର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ । ସେ ଏହି ଚିଠିକୁ ତାଙ୍କ ପିତାଙ୍କୁ ଦେଇଥିଲେ ଏବଂ ତାଙ୍କ ଶଯ୍ୟା ନିକଟରେ ଠିଆ ହୋଇଥିଲେ, ଲଜ୍ଜାରେ ମୁହଁ ତଳକୁଥିଲା । ସେତେବେଳେ କବା ଗାନ୍ଧୀ ଗୁରୁତର ଅସୁସ୍ଥ ଥିଲେ । ସେ ଚିଠି ପଢିବାବେଳେ ନିଜକୁ ଅସନ୍ତୁଷ୍ଟ ଅନୁଭବ କଲେ । ତାଙ୍କ ଗାଲରେ ଲୁହ ଭାରିଗଲା, କିନ୍ତୁ ସେ ପୁଅକୁ ଗୋଟିଏ ବି ଶବ୍ଦ କହିଲେ ନାହିଁ । ଗାନ୍ଧିଜୀଙ୍କ ପାଇଁ ଏହା ଅତ୍ୟଧିକ ଥିଲା । ଠିକ୍ ସେତିକିବେଳେ ସେ ସ୍ଥିର କଲେ ଯେ ସେ ସର୍ବଦା ଏକ ସତ୍ୟବାଦୀ ଏବଂ ସଚ୍ଚୋଟ ଜୀବନଯାପନ କରିବେ ଏବଂ ତାଙ୍କ ଜୀବନସାରା ସେ ତାଙ୍କ ସଂକଳ୍ପରେ ଲାଗି ରହିଲେ ।

୨.

ପିତାଙ୍କ ଅସୁସ୍ଥତା ସମୟରେ ଗାନ୍ଧିଜୀ ତାଙ୍କୁ ବହୁତ ଭକ୍ତି ଓ ଯତ୍ନ ସହକାରେ ସେବା କରୁଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ପିତାଙ୍କୁ ରୋଗରୁ କେବେ ବି ସୁସ୍ଥ ହୋଇପାରିନଥିଲେ । କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ୧୮୮୭ ମସିହାରେ, ପିତାଙ୍କ ମୃତ୍ୟୁର ଦୁଇ ବର୍ଷ ପରେ, ଗାନ୍ଧିଜୀ ତାଙ୍କ ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେତେବେଳେ ତାଙ୍କୁ ୧୮ ବର୍ଷ ହୋଇଥିଲା । ପରିବାରର ସମସ୍ତେ ସ୍ଥିର କଲେ ଯେ ସେ ଇଂଲଣ୍ଡ ଯାଇ ଜଣେ ବାରିଷ୍ଟର ହେବା ଉଚିତ, ଯାହାଫଳରେ ସେ ଫେରିବା ପରେ ସେ ତାଙ୍କ ପିତାଙ୍କ ପରି ଦେୱାନ ହୋଇପାରିବେ । ସେମାନଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ଗାନ୍ଧିଜୀ ୧୮୮୮ ମସିହାରେ ଇଂଲଣ୍ଡ ଅଭିମୁଖେ ଯାତ୍ରା କଲେ । ଇଂଲଣ୍ଡରେ ଜୀବନ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ପୋଷାକ, ଖାଇବା ଅଭ୍ୟାସ, ସବୁକିଛି ତାଙ୍କ ପାଇଁ ନୂଆ ଥିଲା । ସେ କିଛି ସମୟ ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂପୂର୍ଣ୍ଣ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ । ତଥାପି, ସେ ଶୀଘ୍ର ନୂତନ ପରିବେଶରେ ଜଡିତ ହୋଇଗଲେ । ସେ ତାଙ୍କ ମାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଶାକାହାରୀ ଖାଦ୍ୟ ଖାଇବେ ଏବଂ ମଦ୍ୟପାନ କରିବେ ନାହିଁ । ଗାନ୍ଧିଜୀଙ୍କୁ ଖ୍ରୀଷ୍ଟିଆନ ଧର୍ମକୁ ତାଙ୍କର ଧର୍ମ ଭାବରେ ଗ୍ରହଣ କରିବାକୁ ଅନେକ ଚେଷ୍ଟା କରାଯାଇଥିଲା । ଗାନ୍ଧିଜୀ ଦୃଢରେ ରହିଲେ । ତଥାପି, ସେ ବାଇବଲ, ଗୀତା ଏବଂ କୁରାନ ଅଧ୍ୟୟନ କରିଥିଲେ ଏବଂ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ସମସ୍ତ ଧର୍ମରେ ନୀତି ସମାନ ଅଟେ । ତେଣୁ ବ୍ୟକ୍ତି ଜଣକ ହିନ୍ଦୁ, ମୁସଲମାନ କିମ୍ବା ଖ୍ରୀଷ୍ଟିଆନ, ଗାନ୍ଧିଜୀ ଅନୁଭବ କଲେ ଯେପର୍ଯ୍ୟନ୍ତ ସେ ଧର୍ମ ନୀତି ଅନୁସରଣ କରିବେ, ସେ ପରିତ୍ରାଣ ଲାଭ କରିବେ । ତାଙ୍କୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିବା ସମସ୍ତଙ୍କୁ ସେ ଏହା କହିଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଜଣେ ଦୃଢତାପୁର୍ବକ ହିନ୍ଦୁତ । ଗାନ୍ଧିଜୀ ତା'ପରେ ତାଙ୍କ ଅଧ୍ୟୟନରେ ଧ୍ୟାନ ଦେଇଥିଲେ ଏବଂ ସଫଳତାର ସହ ତାଙ୍କ ବାର୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଅଧ୍ୟୟନ ଶେଷ ହେବା ପରେ ସେ ୧୮୯୧ ମସିହାରେ ଭାରତ ଫେରିଥିଲେ । ଉତ୍ସାହର ସହିତ ସେ ତାଙ୍କ ମାଙ୍କୁ ଭେଟିବାକୁ ଏବଂ ତାଙ୍କୁ ଏକ ଖୁସି ଖବର ଦେବାକୁ ଅପେକ୍ଷା କରିଥିଲେ, କିନ୍ତୁ ସେ ଅତ୍ୟନ୍ତ ନିରାଶ ହେବାକୁ ପଡିଲେ । କାରଣ ସେ ଇଂଲଣ୍ଡରେ ଥିବାବେଳେ ତାଙ୍କ ମାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ମୃତ୍ୟୁ ଖବର ତାଙ୍କଠାରୁ ଅଟକାଯାଇଥିଲା କାରଣ ତାଙ୍କ ଭାଇ ଭାବିଥିଲେ ଯେ ସେ ମାନସିକ ସ୍ତରରେ ବିଚଳିତ ହେବେ ଏବଂ ତାଙ୍କର ଅଧ୍ୟୟନ ପ୍ରଭାବିତ ହେବ ।

୩.

ଜଣେ ବାରିଷ୍ଟର ଭାବରେ ଯୋଗ୍ୟତା ହାସଲ କରିବା ପରେ ସେ ରାଜକୋଟରେ ଓକିଲ ଭାବରେ ନିଜର ଅଭ୍ୟାସ ସ୍ଥାପନ କରିଥିଲେ । ସେଠାରେ ସେ ଅଧିକ କାମ ପାଇ ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିବାରୁ ସେ ବମ୍ବେକୁ ଆସିଥିଲେ । ଏପରିକି ବମ୍ବେରେ ସେ କୌଣସି ମାମଲା ପାଇନଥିଲେ । ଶେଷରେ, ସେ ଗୋଟିଏ ମାମଲା ପାଇଲେ । ସେ ଏଥିପାଇଁ ଭଲ ପ୍ରସ୍ତୁତି କରିଥିଲେ ମଧ୍ୟ କୋର୍ଟରେ ସେ ଏହାକୁ ସନ୍ତୋଷଜନକ ଭାବରେ ଉପସ୍ଥାପନ କରିବାରେ ଅସମର୍ଥ ହୋଇଥିଲେ । ନିରାଶ ହୋଇ ସେ ଅନୁଭବ କଲେ ଯେ ସେ କେବେ ବି ଜଣେ ସଫଳ ଓକିଲ ହୋଇପାରିବେ ନାହିଁ । ଠିକ୍ ସେହି ସମୟରେ ଗାନ୍ଧିଜୀଙ୍କ ବଡ ଭାଇ ତାଙ୍କୁ ଏକ ମାମଲା ଆଣିବାରେ ସଫଳ ହୋଇଥିଲେ । ତାଙ୍କୁ ଦକ୍ଷିଣ ଆଫ୍ରିକାର ଜଣେ ଧନୀ ବ୍ୟବସାୟୀ ଶ୍ରୀ ଅବଦୁଲ୍ଲାଙ୍କୁ ପ୍ରତିନିଧିତ୍ୱ କରିବାକୁ କୁହାଯାଇଥିଲା । ବହୁ ବିଚାର ବିମର୍ଶ ପରେ ଗାନ୍ଧିଜୀ ଏହି ମାମଲା ଗ୍ରହଣ କରିବାକୁ ରାଜି ହୋଇଥିଲେ । ସେ ନିଜ ଦେଶ ଛାଡି ୧୮୯୫ ମସିହାରେ ଆଫ୍ରିକା ଅଭିମୁଖେ ଯାତ୍ରା କଲେ । ଯଦିଓ ସେହି ସମୟରେ ଆଫ୍ରିକାରେ ଅନେକ ଭାରତୀୟ ରହିଥିଲେ, ସମସ୍ତ ଶକ୍ତି ବ୍ରିଟିଶ ଲୋକଙ୍କ ହାତରେ ଥିଲା । ସେମାନେ ନିଜକୁ ଶ୍ରେଷ୍ଠ ବୋଲି ବିବେଚନା କଲେ ଏବଂ ଭାରତୀୟ ଏବଂ ଦେଶବାସୀଙ୍କୁ ଅତ୍ୟନ୍ତ ଅପମାନଜନକ ବ୍ୟବହାର କଲେ । ଗାନ୍ଧିଜୀ ଅବଦୁଲ୍ଲାଙ୍କ ମାମଲା ଗ୍ରହଣ କରିଥିଲେ ଏବଂ ଏହାକୁ ବହୁତ ଭଲ ଭାବରେ ପରିଚାଳନା କରିଥିଲେ । ଭାରତୀୟମାନେ ବହୁତ ପ୍ରଭାବିତ ହୋଇଥିଲେ ଏବଂ ଗାନ୍ଧିଜୀ ଆଫ୍ରିକାରେ ରହିବାକୁ ଚାହୁଁଥିଲେ । ତାଙ୍କ କାର୍ଯ୍ୟ ସଂପର୍କରେ ଗାନ୍ଧିଜୀ ଏକ ଭଲ କାରବାର କରିଥିଲେ । ତେବେ ବ୍ରିଟିଶ ଲୋକମାନେ ତାଙ୍କୁ ବହୁତ ଖରାପ ବ୍ୟବହାର କରିଥିଲେ । ସେ ଯେଉଁଆଡେ ଗଲେ ତାଙ୍କୁ ଅପମାନ ଏବଂ ଅଭଦ୍ରତାର ସାମ୍ନା କରିବାକୁ ପଡିଲା । ବେଳେବେଳେ ତାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଥିଲା । ଦିନେ ଯେତେବେଳେ ସେ ଟ୍ରେନର ପ୍ରଥମ ଶ୍ରେଣୀ ବିଭାଗରେ ଡର୍ବାନରୁ ପ୍ରିଟୋରିଆ ଅଭିମୁଖେ ଯାତ୍ରା କରୁଥିଲେ, ସେତେବେଳେ ଜଣେ ବ୍ରିଟିଶ ବ୍ୟକ୍ତି କମ୍ପାର୍ଟମେଣ୍ଟରେ ଚଢିଗଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। ଗାନ୍ଧିଜୀଙ୍କୁ ଦେଖି ବ୍ରିଟିଶ ଲୋକ କ୍ରୋଧିତ ହେଲେ । ସେ ରେଳ ଅଧିକାରୀଙ୍କୁ ଡାକି ଟ୍ରେନରୁ ଓହ୍ଲାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଗାନ୍ଧୀଜୀ ପ୍ରଥମ ଶ୍ରେଣୀ ଟିକେଟ୍ କିଣିଥିବାରୁ ସେ ତାହା କରିବାକୁ ମନା କରିଦେଇଥିଲେ । ତଥାପି ସେମାନେ ତାହା ପ୍ରତି ଧ୍ୟାନ ଦେଲେ ନାହିଁ । ଗାନ୍ଧିଜୀ ମଧ୍ୟ ଛାଡନଥିଲେ । ଶେଷରେ ପୋଲିସକୁ ଡକାଯାଇଥିଲା ।ସେମାନେ ତାଙ୍କୁ କୋଠରୀରୁ ବାହାର କରି ତାଙ୍କ ସାମଗ୍ରୀକୋ ଝରକା ବାହାରେ ଫିଙ୍ଗିଦେଲେ । ଗାନ୍ଧିଜୀଙ୍କୁ ରାତି ସାରା ପ୍ଲାଟଫର୍ମରେ ବିତାଇବାକୁ ପଡିଲା । ଗାନ୍ଧିଜୀଙ୍କୁ ସାମ୍ନା କରିବାକୁ ପଡୁଥିବା ଅନେକ ଅପମାନଜନକ ଅନୁଭୂତି ମଧ୍ୟରୁ ଏହା କେବଳ ଗୋଟିଏ । ଆଫ୍ରିକାରେ କାର୍ଯ୍ୟ ସମାପ୍ତ ହେବା ପରେ ସେ ଭାରତ ଫେରିବାକୁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ସେଠାରେ ଥିବା ଭାରତୀୟଙ୍କ ଅବସ୍ଥା ତାଙ୍କୁ ବହୁତ ବିଚଳିତ କରିଥିଲା । ସେ ରହିବାକୁ ସ୍ଥିର କଲେ, ଏବଂ ସେମାନଙ୍କ ଉପରେ ଲାଗୁ ହୋଇଥିବା ଅନ୍ୟାୟ ଏବଂ ଅମାନୁଷିକ ନିୟମ ସହିତ ଲଢିବା । ସବୁ ଜାଗାରେ ଭେଦଭାବ ଥିଲା ଭାରତୀୟ ଏବଂ ଦେଶବାସୀଙ୍କ ପାଇଁ ଗୋଟିଏ ନିୟମ ଏବଂ ବ୍ରିଟିଶ ଲୋକଙ୍କ ପାଇଁ ଏକ ଭିନ୍ନ ନିୟମ ଥିଲା ।

୪

ଗାନ୍ଧିଜୀ ଏହି ବିଷୟରେ ଯଥେଷ୍ଟ ଚିନ୍ତା କରିଥିଲେ । ସେ ହୃଦୟଙ୍ଗମ କଲେ ଯେ ଅନ୍ୟାୟ ବିରୁଦ୍ଧରେ ଲଢିବେ ଲୋକମାନଙ୍କ ମଧ୍ୟରେ ଏକତା ରହିବା ଅତ୍ୟନ୍ତ ଜରୁରୀ ଅଟେ । ଏହି ଏକତା ଆଣିବା ପାଇଁ ସେ ବହୁତ ଚେଷ୍ଟା କରିଥିଲେ । ସେ ଅନେକ ସଭାର ଆୟୋଜନ କରିଥିଲେ ଏବଂ ଲୋକଙ୍କୁ ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ । ଏହାର ଉତ୍ତରରେ, ଲୋକମାନେ ତାଙ୍କୁ ସେମାନଙ୍କର ନେତା ଭାବରେ ନିଯୁକ୍ତ କରିଥିଲେ ଏବଂ ତାଙ୍କ ଦ୍ୱାରା ମାର୍ଗଦର୍ଶନ କରିବାକୁ ରାଜି ହୋଇଥିଲେ । ଯେହେତୁ ସମସ୍ତ ଶକ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଂରାଜୀ ଲୋକଙ୍କ ହାତରେ ଥିଲା, ଗାନ୍ଧିଜୀ ହୃଦୟଙ୍ଗମ କଲେ ଯେ ସେମାନଙ୍କ ସହ ଲଢିବା ପାଇଁ ସମ୍ପୂର୍ଣ୍ଣ ଭିନ୍ନ ପଦ୍ଧତି ବ୍ୟବହାର କରିବା ଆବଶ୍ୟକ । ସେତେବେଳେ ସେ "ସତ୍ୟଗ୍ରାହ" ର ଧାରଣା ବିଷୟରେ ଚିନ୍ତା କରିଥିଲେ । ସତ୍ୟଗ୍ରାହ ସତ୍ୟ ଉପରେ ଜିଦ୍, ଅନ୍ୟାୟ ବିରୁଦ୍ଧରେ ଏକ ହିଂସାତ୍ମକ ବିରୋଧ । ତାଙ୍କ ଆନ୍ଦୋଳନ ସେମାନଙ୍କ ଉପରେ ଲଗାଯାଇଥିବା ଅନେକ ଅନ୍ୟାୟ ଆଇନ ବିରୁଦ୍ଧରେ ଲଢିବାକୁ ଲକ୍ଷ୍ୟ ରଖିଥିଲା ଏବଂ ଏହା ସଫଳ ହେବା ପାଇଁ ସେ ସମସ୍ତ କଷ୍ଟ ଏବଂ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥିଲେ । ଏହା କୌଣସି ସହଜ କାମ ନଥିଲା । ସେ ବହୁତ ଅପମାନର ସମ୍ମୁଖୀନ ହୋଇଥିଲେ, ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ ହାର ମାନିନଥିଲେ । ଏହି ସମୟରେ ଆଫ୍ରିକାରେ ବ୍ରିଟିଶ ଏବଂ ଡଚ୍ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଏହା ବୋଇର୍ ଯୁଦ୍ଧ ଭାବରେ ଜଣାଶୁଣା । ଗାନ୍ଧିଜୀ ଏବଂ ଅନ୍ୟ ଭାରତୀୟମାନେ ବ୍ରିଟିଶମାନଙ୍କୁ ଯାହା ସାହାଯ୍ୟ କରିଥିଲେ ତାହା ଦେଇଥିଲେ । ବ୍ରିଟିଶମାନେ ଏହି ଯୁଦ୍ଧରେ ଜିତିଥିଲେ ଏବଂ ଗାନ୍ଧିଜୀ ସେମାନଙ୍କୁ ଦେଇଥିବା ସାହାଯ୍ୟକୁ ଧ୍ୟାନରେ ରଖି ସେମାନେ ଭାରତୀୟମାନଙ୍କୁ ଅଧିକ ସୁବିଧା ଦେଇଥିଲେ । ସେମାନଙ୍କ ଉପରେ ଲାଗୁ ହୋଇଥିବା ଅନ୍ୟାୟ ଆଇନକୁ ମଧ୍ୟ ରଦ୍ଦ କରିବାକୁ ସେମାନେ ରାଜି ହୋଇଥିଲେ । ଗାନ୍ଧିଜୀ ବହୁତ ଖୁସି ଅନୁଭବ କଲେ ଯେ ତାଙ୍କର ଆଫ୍ରିକାରେ ରହିବା କିଛି ଉପଯୋଗୀ ଉଦ୍ଦେଶ୍ୟ ପୂରଣ କରିଛି । ତାଙ୍କର କାମ ବର୍ତ୍ତମାନ ଶେଷ ହୋଇଛି ବୋଲି ଭାବି ସେ ନିଜ ମାତୃଭୂମିକୁ ଫେରିବାକୁ ସ୍ଥିର କଲେ । ଲୋକମାନେ ତାଙ୍କୁ ଫେରିଯିବାକୁ ବହୁତ ଗ୍ରହଣ କରିନଥିଲେ । ସେ ବହୁତ ଆଗ୍ରହୀ ଥିଲେ ଯେ ସେ ନିଜେ ଆଫ୍ରିକାରେ ବସବାସ କରିବା ଉଚିତ୍ । ଶେଷରେ ଗାନ୍ଧିଜୀ ସେମାନଙ୍କୁ କହିଥିଲେ ଯେ ସେ ଭାରତ ଯିବେ, କିନ୍ତୁ ଯେତେବେଳେ ବି ତାଙ୍କୁ ଡାକିବେ ଆଫ୍ରିକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସନ୍ତୁ । କେବଳ ସେତେବେଳେ ଲୋକମାନେ ତାଙ୍କୁ ଯିବାକୁ ରାଜି ହୋଇଥିଲେ । ସେମାନେ ତାଙ୍କୁ ଏକ ବିଦାୟ ଦେଲେ ଏବଂ ତାଙ୍କୁ ବହୁ ଦାମୀ ଉପହାର ଦେଇଥିଲେ । ତେବେ ଗାନ୍ଧିଜୀ କିଛି ଗ୍ରହଣ କରିନଥିଲେ । ସେ ସ୍ଥାନୀୟ ସଂଗଠନଗୁଡ଼ିକୁ ସବୁକିଛି ଦାନ କରିଥିଲେ । ଆଫ୍ରିକାରେ ଦୀର୍ଘ ସମୟ ରହିବା ସମୟରେ ଗାନ୍ଧିଜୀ ବେଳେବେଳେ ଭାରତ ଗସ୍ତ କରିଥିଲେ, ଯେଉଁଠାରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ନେତାଙ୍କୁ ଭେଟି ସେମାନଙ୍କ ପରାମର୍ଶ ଲୋଡିଥିଲେ । ଗୋପାଳ କୃଷ୍ଣ ଗୋଖଲେ ଏପରି ଜଣେ ନେତା ଯିଏକି ଗାନ୍ଧିଜୀଙ୍କୁ ଅନେକ ଉପାୟରେ ସାହାଯ୍ୟ କରିଥିଲେ । ଗାନ୍ଧିଜୀ ତାଙ୍କୁ ବହୁତ ପ୍ରଶଂସା କରିଥିଲେ ଏବଂ ତାଙ୍କୁ ତାଙ୍କର ପରାମର୍ଶଦାତା ଭାବରେ ଦେଖୁଥିଲେ । ମୁଖ୍ୟତ ତାଙ୍କ କାରଣରୁ ଗାନ୍ଧିଜୀ ଭାରତୀୟ ରାଜନୀତିର ମୁଖ୍ୟ ସ୍ରୋତରେ ଯୋଗ ଦେଇଥିଲେ ।

୫

ଆଫ୍ରିକାରେ ଏହି ସବୁ ଘଟଣା ଘଟିବା ବେଳକୁ ଏହା ୧୯୧୪ ମସିହା ଥିଲା । ଗାନ୍ଧିଜୀ ସେହି ଦେଶରେ ପ୍ରାୟ ୨୦ ବର୍ଷ ବିତାଇଥିଲେ ସେ ଭାରତକୁ ଫେରିଥିଲେ, କାରଣ ସେ ଭାରତର ସ୍ୱାଧୀନତା ପାଇଁ ଲଢିବାକୁ ମନସ୍ଥ କରିଥିଲେ । ସେ ସ୍ଥିର କଲେ ଯେ ସେ ଗୋଟିଏ ବି ସୁଯୋଗକୁ ହାତଛଡ଼ା କରିବେ ନାହିଁ ଯାହା ତାଙ୍କୁ ଦେଶ ତଥା ଦେଶବାସୀଙ୍କ ସେବା କରିବାରେ ସାହାଯ୍ୟ କରିବ । ଏହିପରି ସେ ସମଗ୍ର ଭାରତ ଭ୍ରମଣ କରି ଗାଁ ଏବଂ ସହରରେ ରହୁଥିବା ଲୋକଙ୍କ ମଧ୍ୟରେ ଏକ ଜାଗରଣ ଆଣିଥିଲେ । ନେପାଳର ସୀମା ନିକଟରେ ଥିବା ଗଙ୍ଗାର ଉତ୍ତରରେ ଚମ୍ପାରାଣିଆ ନାମକ ଏକ ଛୋଟ ସ୍ଥାନ ଥିଲା । ନୀଳ ରଙ୍ଗର ଚାଷ ପାଇଁ ଏହା ଉଲ୍ଲେଖ କରାଯାଇଥିଲା ଦୁର୍ଭାଗ୍ୟବଶତ ।, ଚମ୍ପାରାଣିଆରେ ଥିବା ବ୍ରିଟିଶ ଚାରା ରୋପଣକାରୀମାନେ ସ୍ଥାନୀୟ ଶ୍ରମିକମାନଙ୍କୁ ଅତି ନିଷ୍ଠୁର ବ୍ୟବହାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ । ସବୁଠାରୁ ଖରାପ କଥା ହେଉଛି, ଶ୍ରମିକମାନଙ୍କ କ୍ରନ୍ଦନକୁ ସରକାର ଧ୍ୟାନ ଦେଇନାହାଁନ୍ତି । ଫଳାଫଳ ସହିତ ସେମାନେ ସେମାନଙ୍କର ନିଯୁକ୍ତିଦାତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଘୃଣା କଲେ । ଗାନ୍ଧିଜୀ ଏହା ଶୁଣି ଚମ୍ପାରାଣିଆକୁ ଯାଇ ସେମାନଙ୍କ ପାଇଁ କିଛି କରିବାକୁ ମନସ୍ଥ କରିଥିଲେ । ସେ ସେମାନଙ୍କର ଦୁଃଖ ସହି ପାରିଲେ ନାହିଁ । ଶ୍ରମିକମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ସେ ଏକ ସତ୍ୟଗ୍ରାହ ଆରମ୍ଭ କରିଥିଲେ । ଶେଷରେ ବ୍ରିଟିଶମାନେ ଶ୍ରମିକମାନଙ୍କ ପ୍ରତି ଅମାନୁଷିକ ବ୍ୟବହାର ବନ୍ଦ କରିବାକୁ ବାଧ୍ୟ ହେଲେ । ଏହି ସତ୍ୟଗ୍ରାହ "ଚମ୍ପାରନିଆ ସତ୍ୟଗ୍ରହ" ଭାବରେ ପରିଚିତ ହେଲା । "ଚମ୍ପାରାଣ୍ୟ ସତ୍ୟଗ୍ରାହ" ର ସଫଳତା ପରେ ଗାନ୍ଧିଜୀ ଅନୁଭବ କଲେ ଯେ ସେ ଗୋଟିଏ ସ୍ଥାନରେ ବସିବା ଉଚିତ୍ । ସେ ଗୁଜରାଟର ସାବରମତି ନଦୀ କୂଳରେ ଏକ ସ୍ଥାନ ଚୟନ କରି ସେଠାରେ ତାଙ୍କର ଆଶ୍ରମ ପ୍ରତିଷ୍ଠା କରିଥିଲେ । ସେ ସ୍ଥିର କଲେ ଯେ ଏହା ପରେ ସେ ନିଜର ସମସ୍ତ ସମୟ ମାନବିକତାର ସେବାରେ ଉତ୍ସର୍ଗ କରିବେ ଏବଂ ଦଳିତଙ୍କ ପାଇଁ କାର୍ଯ୍ୟ କରିବେ । ସେ ଯାହା ଅଭ୍ୟାସ କରିଥିଲେ ତାହା ପ୍ରଚାର କରିଥିଲେ । ସାରା ଦେଶରେ ଅତ୍ୟଧିକ ଅତ୍ୟାଚାର କରାଯାଉଥିବା ହରିଜନଙ୍କ କାରଣ ସେ ଉଠାଇ ନେଇଥିଲେ । ସେମାନଙ୍କ ପ୍ରତି ହୋଇଥିବା ଅମାନୁଷିକ ତଥା ଅନ୍ୟାୟ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ସେ ଦୁଇଟି ଖବରକାଗଜ "ହରିଜନ" ଏବଂ "ୟଙ୍ଗ ଇଣ୍ଡିଆ" ଆରମ୍ଭ କରିଥିଲେ ଏବଂ ସେମାନଙ୍କ ମାଧ୍ୟମରେ ସେ ନିଜର ମତ ପ୍ରକାଶ କରିଥିଲେ ଏବଂ ଲୋକଙ୍କ ମଧ୍ୟରେ ସାମାଜିକ ସଚେତନତା ବିସ୍ତାର କରିଥିଲେ ।

୬

ଇତି ମଧ୍ୟରେ, ସମଗ୍ର ଭାରତରେ ବ୍ରିଟିଶ ଶାସନ ବିରୁଦ୍ଧରେ ଆନ୍ଦୋଳନ ଏବଂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ରୋହ ଯେଉଁଠାରେ ବୃଦ୍ଧି ପାଉଛି । ୧୯୨୦ ରେ ଲୋକମାନ ତିଲକଙ୍କର ମୃତ୍ୟୁ ହୋଇଥିଲା ଏବଂ ଗାନ୍ଧିଜୀ ସ୍ୱାଧୀନତା ଆନ୍ଦୋଳନର ନେତା ହୋଇଥିଲେ । ତାଙ୍କ ମାର୍ଗଦର୍ଶନରେ ଲୋକମାନେ ସତ୍ୟଗ୍ରାହକୁ ଯାଇ ଅନ୍ୟାୟ ବିରୁଦ୍ଧରେ ଲଢିଥିଲେ । ତାଙ୍କୁ ଅନେକ ଥର ଗିରଫ କରାଯାଇ କାରାଗାରରେ ରଖାଯାଇଥିଲା, କିନ୍ତୁ ତାହା ତାଙ୍କୁ ଏବଂ ତାଙ୍କ ବିଶ୍ୱସ୍ତ ଅନୁଗାମୀମାନଙ୍କୁ ଅଟକାଇ ନଥିଲା । ସେମାନେ ସ୍ୱାଧୀନତା ପାଇଁ ସଂଗ୍ରାମକୁ ଆହୁରି ଅଧିକ ଉତ୍ସାହର ସହିତ ଜାରି ରଖିଥିଲେ । ତାଙ୍କର ସରଳ ଜୀବନଯାପନ, ଉଚ୍ଚ ଚିନ୍ତାଧାରା ଏବଂ ନିର୍ଭୀକ ମନୋଭାବ ପାଇଁ ଗାନ୍ଧିଜୀଙ୍କୁ ସମ୍ମାନିତ କରାଯାଇଥିଲା । ବ୍ରିଟିଶମାନେ ମଧ୍ୟ ତାଙ୍କୁ ବହୁତ ପ୍ରଭାବିତ କରିଥିଲେ ଏବଂ ତାଙ୍କୁ ଭାରତର ସ୍ୱାଧୀନତା ସମ୍ପର୍କରେ ଆଲୋଚନା ପାଇଁ ଡାକିଥିଲେ । ଯେହେତୁ ସମ୍ପୂର୍ଣ୍ଣ ସ୍ୱାଧୀନତା ନ ମିଳିବା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମ ବନ୍ଦ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି, ବୁଝାମଣା କୌଣସି ଉଦ୍ଦେଶ୍ୟ ପୂରଣ କରି ନାହିଁ । ସତ୍ୟଗ୍ରହ ଏବଂ ମାନବ ଅବାଧ୍ୟତା ଆନ୍ଦୋଳନର ବିଭିନ୍ନ ରୂପ ସେତେବେଳେ ହୋଇଥିଲା । "ସ୍ୱଦେଶୀ ଆନ୍ଦୋଳନ" (ସ୍ଥାନୀୟ ନିର୍ମିତ ସାମଗ୍ରୀ ବ୍ୟବହାର କରିବା) ସେମାନଙ୍କ ମଧ୍ୟରୁ ଅନ୍ୟତମ । ଗାନ୍ଧୀଜୀ ଲୋକମାନଙ୍କୁ ଭାରତୀୟ ସାମଗ୍ରୀ ବ୍ୟବହାର କରିବା ଏବଂ ଖାଦି (ହ୍ୟାଣ୍ଡ ସ୍ପନ୍ କପଡା) ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ ଏବଂ ଉତ୍ସାହିତ କରିଥିଲେ । ସେ ନିଜେ ଖାଦି ପୋଷାକ ପିନ୍ଧିଥିଲେ ଏବଂ ତାଙ୍କ ଚାର୍କା (ସ୍ପିନ୍ ଚକ) ଉପରେ ଘୂର୍ଣ୍ଣନ କରିବାକୁ ବସିଥଲେ । ଲୋକମାନେ ବ୍ରିଟିଶ ନିର୍ମିତ ସାମଗ୍ରୀ କିଣିବା ବନ୍ଦ କରିଦେଲେ । ଏହା ପରିବର୍ତ୍ତେ, ସେମାନେ ଏହି ଦ୍ରବ୍ୟର ଜନ୍ମିତ ଅଗ୍ନି ଜାଳିଲେ । ସରକାର, ପୋଲିସ ଏବଂ ସେନା ସହାୟତାରେ ଏହି ସମସ୍ତ ପ୍ରଦର୍ଶନ ଏବଂ ଆନ୍ଦୋଳନକୁ ବନ୍ଦ କରିବା ପାଇଁ ଯଥାସମ୍ଭବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେଷ୍ଟା କଲେ, କିନ୍ତୁ ଏମାନେ ବିଫଳ ହୋଇଥିଲେ । ଅପରପକ୍ଷେ, ସେମାନେ ଅଧିକ ତୀବ୍ର ହେଲେ । ସରକାର ଲୁଣ ଉପରେ ଟିକସ ଲାଗୁ କରିଥିଲେ ଏବଂ ଗାନ୍ଧିଜୀ "ଲୁଣ ସତ୍ୟଗ୍ରାହ" ଆରମ୍ଭ କରିଥିଲେ । ସେ ଏବଂ ଅନ୍ୟାନ୍ୟ ନେତା କାରାଗାରରେ ଥିଲେ, କିନ୍ତୁ ସ୍ୱାଧୀନତା ସଂଗ୍ରାମ ଅଧିକ ତୀବ୍ରତା ସହିତ ଜାରି ରହିଲା । ଭାରତ ସ୍ୱାଧୀନତା ପାଇଁ ସଂଗ୍ରାମ କରୁଥିବାବେଳେ ୟୁରୋପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା । ବ୍ରିଟିଶମାନେ ସାହାଯ୍ୟ ପାଇଁ ଭାରତ ଆଡକୁ ଚାହିଁଲେ, କିନ୍ତୁ ଗାନ୍ଧିଜୀ ଅଣ-ସହଯୋଗ ଆନ୍ଦୋଳନ ଆରମ୍ଭ କଲେ । ଜବାହରଲାଲ ନେହେରୁ ଏବଂ ଅନ୍ୟାନ୍ୟ ଅନେକ ଭାରତୀୟ ନେତା ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ କାରଣ ଗାନ୍ଧିଜୀଙ୍କ ଉପରେ ସେମାନଙ୍କର ସମସ୍ତଙ୍କର ବିଶ୍ୱାସ ଥିଲା । ବ୍ରିଟିଶ ସରକାର ଭାବିଥିଲେ ଯେ ଏହା ଆଂଶିକ ସ୍ୱାଧୀନତା ଦେଇ ଭାରତୀୟମାନଙ୍କୁ ଖୁସି କରିବ । ସେମାନେ ପୁଣି ଥରେ ଗାନ୍ଧିଜୀଙ୍କ ସହ ଆଲୋଚନା ଆରମ୍ଭ କଲେ, କିନ୍ତୁ ଗାନ୍ଧିଜୀ ସ୍ପଷ୍ଟ କଲେ ଯେ ସେ ଏବଂ ତାଙ୍କ ଲୋକମାନେ ସମ୍ପୂର୍ଣ୍ଣ ସ୍ୱାଧୀନତା (ସ୍ୱାଧୀନତା) ଛଡା ଆଉ କିଛି ଚାହୁଁ ନାହାଁନ୍ତି । ଏହି ଚାହିଦାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତୀୟ ଜାତୀୟ କଂଗ୍ରେସ ୧୯୪୨ ମସିହାରେ ଭାରତ ଛାଡ ସଂକଳ୍ପ ପାରିତ କରିଥିଲା ଯେଉଁଥିରେ ବ୍ରିଟିଶମାନେ ତୁରନ୍ତ ଭାରତ ଛାଡିବାକୁ ଦାବି କରିଥିଲେ । ଏହି ସଂକଳ୍ପରେ କ୍ରୋଧିତ ହୋଇ ବ୍ରିଟିଶମାନେ ପୁନର୍ବାର ତାଙ୍କୁ ଏବଂ ତାଙ୍କ ପତ୍ନୀ କସ୍ତୁରବାଙ୍କୁ କାରାଗାରରେ ରଖିଥିଲେ । କସ୍ତୁରବା ଜେଲରେ ମୃତ୍ୟୁ ବରଣ କରିଥିଲେ । ସେ ତାଙ୍କ ସ୍ୱାଧୀନତା ଆନ୍ଦୋଳନରେ ଏବଂ ଅନ୍ୟ ନେତାମାନଙ୍କରେ ସର୍ବଦା ତାଙ୍କ ପଛରେ ଥିଲେ । ଫଳସ୍ୱରୂପ ଅନେକ ଗୁପ୍ତ ସଂଗଠନ ଗଠନ କରାଯାଇଥିଲା ଏବଂ ସେମାନେ ସରକାରଙ୍କ ନିୟମିତ କାର୍ଯ୍ୟରେ ଅନେକ ବାଧା ସୃଷ୍ଟି କରିଥିଲେ । ଏହି ସମୟରେ ନେତାଜୀ ସୁଭାଷଚନ୍ଦ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଷ ଜାପାନରେ ତାଙ୍କର "ଆଜାଦ ହିନ୍ଦ ଫୌଜ" ଗଠନ କରିଥିଲେ । ବ୍ରିଟିଶ ସେନାରେ ଥିବା ଅନେକ ଭାରତୀୟ ଏହାକୁ ଛାଡି ଭାରତୀୟ ନେତାଜିଙ୍କ ସେନାରେ ଯୋଗ ଦେଇଥିଲେ । ବ୍ରିଟିଶ ସରକାର ହୃଦୟଙ୍ଗମ କଲେ ଯେ ବର୍ତ୍ତମାନ ସେମାନଙ୍କ ପାଇଁ ଭାରତରେ ଶାସନ ଜାରି ରଖିବା ଅସମ୍ଭବ, ସେମାନେ ଗାନ୍ଧିଜୀ ଏବଂ ଅନ୍ୟ ନେତାମାନଙ୍କୁ ଜେଲରୁ ମୁକ୍ତ କରିଛନ୍ତି ଏବଂ ପୁଣି ଥରେ ତାଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି । ଶେଷରେ, ୧୫ ଅଗଷ୍ଟ ୧୯୪୭ ରେ, ଭାରତ ସ୍ୱାଧୀନତା ଲାଭ କଲା ଏବଂ ପ୍ରଥମ ଥର ପାଇଁ ଦିଲ୍ଲୀର ରେଡ ଦୁର୍ଗରେ ଭାରତୀୟ ତ୍ରି ରଙ୍ଗର ଜାତୀୟ ପତାକା ଉଡିଗଲା । ତେବେ ସ୍ୱାଧୀନତା ସଂଗ୍ରାମରେ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡିଲା । ଏକଦା ଏକ ବୃହତ ଏକକ ଭୌଗୋଳିକ ଏକକ ଥିଲା, ଯାହା ବର୍ତ୍ତମାନ ଦୁଇଟି ନୂତନ ରାଷ୍ଟ୍ର - ଭାରତ ଏବଂ ପାକିସ୍ଥାନକୁ ନେଇ ଗଠିତ । ଏହି ସମୟ ମଧ୍ୟରେ ସମଗ୍ର ଦେଶରେ ହିନ୍ଦୁ ମୁସଲମାନ ଦଙ୍ଗା ହୋଇଥିଲା । ଉଭୟ ସମ୍ପ୍ରଦାୟର ଲୋକଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା ଏବଂ ଚାରିଆଡେ ବ୍ୟାପକ ରକ୍ତପାତ ହୋଇଥିଲା । ଗାନ୍ଧିଜୀ ନିଜ ଜୀବନକୁ ବିପଦରେ ପକାଇ ଲୋକଙ୍କ ନିକଟରେ ନିବେଦନ କରିଥିଲେ ଏବଂ ଏହି ଅଜ୍ଞାନ ହତ୍ୟାକୁ ରୋକିବା ପାଇଁ ନିରନ୍ତର ଉଦ୍ୟମ କରିଥିଲେ । ସ୍ୱାଧୀନତା ପରେ ଗାନ୍ଧିଜୀ ଲୋକଙ୍କ ଉନ୍ନତି ଉପରେ ଧ୍ୟାନ ଦେଇଥିଲେ । ସେ ଗାଁରୁ ଗାଁକୁ ଯାଇ ଲୋକଙ୍କୁ ପରାମର୍ଶ ଦେଇଥିଲେ ଯେ ଦେଶର ମଙ୍ଗଳ ପାଇଁ ସମସ୍ତେ ଏକତା ଏବଂ ସହାର୍ଦ୍ଦ୍ୟରେ ଏକାଠି କାମ କରିବା ଆବଶ୍ୟକ । ସମାନ ସୁଯୋଗ ଏବଂ ସମାନ ସ୍ଥିତି ସେ ଚାହୁଁଥିଲେ । ଯଦିଓ ଗାନ୍ଧିଜୀ ଏକତା ପାଇଁ ଏତେ ପରିଶ୍ରମ କରିଥିଲେ ମଧ୍ୟ କିଛି ଲୋକ ଥିଲେ ଯେଉଁମାନେ ଗାନ୍ଧିଜୀ ମୁସଲମାନମାନଙ୍କୁ ପସନ୍ଦ କରୁଥିଲେ ବୋଲି ଭୁଲ ଧାରଣା ଅଧୀନରେ ଥିଲେ ।୩୦ ଜାନୁୟାରୀ ୧୯୪୮ ରେ, ଦିଲ୍ଲୀରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେବେଳେ ଗାନ୍ଧିଜୀ ଏକ ପ୍ରାର୍ଥନା ସଭାରେ ଯୋଗଦେବାକୁ ବାହାରିଥିଲେ, ସେତେବେଳେ ତାଙ୍କୁ ଜଣେ ଆକ୍ରମଣକାରୀ ଗୁଳି କରି ହତ୍ୟା କରିଥିଲେ । ତାଙ୍କର ଶେଷ ଶବ୍ଦଗୁଡ଼ିକ ହେଲା "ହେ ରାମ" । ସମଗ୍ର ବିଶ୍ୱରେ ଲୋକମାନେ ଗାନ୍ଧିଜୀଙ୍କୁ ସମୃଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମହାନ ମହାତ୍ମାଙ୍କ ଜୀବନ ଶେଷ ହୋଇଯାଇଥିଲା ଏହି ଖବର ସମସ୍ତଙ୍କୁ ଚକିତ କରି ଦେଇଥିଲା ! କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ମହାନ ବ୍ୟକ୍ତିଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛି - ଜଣେ ପ୍ରକୃତ ମହାତ୍ମା, ଯିଏ ନିଜର ସମସ୍ତ ଜୀବନକୁ ମାନବିକତାର ସେବାରେ ଉତ୍ସର୍ଗ କରିଥିଲେ ଏବଂ ସତ୍ୟ, ଭାଇଚାରା, ଶାନ୍ତି, ଅହିଂସା, ସମାନତା ଏବଂ ମହତ୍ତ୍ୱ ଶିଖାଇଥିଲେ । ସରଳତା ସବୁଠାରୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଯାହା ଆମେ ତାଙ୍କୁ ଦେଇପାରିବା, ସେ ଆମକୁ ଦେଖାଇଥିବା ପଥ ଅନୁସରଣ କରିବା ।

ଦେବେନ୍ଦ୍ର ସାମଲ ୯୪୩୯୯୦୯୪୭୨,
ନୂତନ ସରକାରୀ କଲୋନୀ ଭୁବନେଶ୍ୱର.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ବୀର... ତୁମପାଇଁ ପଦେ

ଆମକୁ ପ୍ରତିଟି କ୍ଷେତ୍ର ରେ ସୁରକ୍ଷା ଦେଇ ଆମ ପାଇଁ ଲଢୁଛନ୍ତି ସୈନିକ । କୋଟି କୋଟି ପ୍ରଣାମ କଲେ ମଧ୍ୟ କମ୍ ହେବ । ଭାରତ ମାଆକୁ ସୁରକ୍ଷା ଦେଇ ତା ଅସଂଖ୍ୟ ଭାଇ ଭଉଣୀଙ୍କୁ ନିରାପତ୍ତା ଦିଏ ସେ । ଧନ୍ୟ ଧନ୍ୟ ସେ ଧରା ଯେଉଁ ଧରା ରେ ତୁମେ ଜନ୍ମି ତାକୁ ସଫଳ କରିଛ । ନିଜର ନିଃସ୍ୱାର୍ଥପରତା ଯୋଗୁଁ ଦେଶ ବିଦେଶ ଚାରିଆଡ଼େ ଯଶ ହେଉଛି ଆମ ଭାରତ ମାଆର । ତୁମେ ଏଭଳି ଏକ ଅମୃତ ସୃଷ୍ଟି ଯେ ଯାହା କେବେ କଳଙ୍କିତ ହୋଇପାରିବ ନାହିଁ । ସାହସ, ଧୈର୍ଯ୍ୟ, ସେବା, ଯତ୍ନ, ନିର୍ଭୀକତା... କଣ ନାହିଁ ତୁମ ପାଖେ । ଏସବୁ ମାଧ୍ୟମରେ ହେ ବିର ପୁଣ୍ୟାତ୍ମା ତୁମେ ସଦା ସଦା ଚିର ନମସ୍ୟ । କର୍ଣ୍ଣଙ୍କ ପାଖରେ ଦିବ୍ୟ କବଚ ଥିଲା ସୁରକ୍ଷା ପାଇଁ କିନ୍ତୁ ସମଗ୍ର ବିଶ୍ୱବାସୀଙ୍କ କବଚ ତୁମେ ହିଁ ଅଟ ବୀର ସୈନିକ । ଭାରତ ମାତାର ସେବା ଯେପରିକି ତୁମ ଧର୍ମ ଆଉ କର୍ମ । ତୁମ ପାଇଁ ଭାରତବାସୀ ଶାନ୍ତି ନିଦରେ ଶୋଇପାରୁଛନ୍ତି ଆଉ ତୁମେ ଯେପରିକି ଚିର କାଳ ଅନିଦ୍ରା ଧାରଣ କରିଛ ଆମ ପାଇଁ । ଅନୁଜ ଲକ୍ଷ୍ମଣ ଅନିଦ୍ରା ରହି ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କୁ ଜଗିରହୁଥିଲେ ଠିକ୍ ସେହିପରି ତୁମେ ହେ ବିର ସାହସୀ ଆମ ଅସଂଖ୍ୟ ଜନମାନଙ୍କ ପାଇଁ ଯେପରିକି ଚିର ଅନିଦ୍ରାକୁ ଧାରଣ କରିଛ । ତୁମ ତ୍ୟାଗ ବଳିଦାନର ଯେତେ ଗୁଣ ବଖାଣିଲେ କମ୍



ପି ପୁରବୀ ମହାନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବ । ତୁମେ ଏଭଳି ଏକ ଅମୂଲ୍ୟ ରତ୍ନ ଯାହାର କି ମୂଲ୍ୟ ଦେବାର ଯୋଗ୍ୟତା ବା କାହାର ଅଛି । ତୁମ ବିନା ସତେ କି ଏକ ଅନ୍ଧକାର ଆଚ୍ଛାଦିତ ହୋଇଯାଏ ଯାହାକୁ ଅବଦମିତ କରିବା ଅସମ୍ଭବ । ଆମେ ଆଜି ଖବର କାଗଜରେ ପଢୁଛୁ, ଟିଭିରେ ଦେଖୁଛୁ କିଭଳି ଭାବେ ଅସଂଖ୍ୟ ସେନା ଓ ଯବାନ ମାନେ ବୀରଗତି ପ୍ରାପ୍ତ ହେଉଛନ୍ତି, ଏହା ଶୁଣି ଏକ ଅସମ୍ଭବ ଅନ୍ଧକାରରେ ମନ ଭରି ଯାଉଛି । ଏହା ଭାରତ ମାତା ପାଇଁ ଅତ୍ୟନ୍ତ କଷ୍ଟ ଦାୟକ ଯେ ତା ବିର ପୁତ୍ର, ସନ୍ତାନର କ୍ଷତି ହାନୀ ହେଉଛି । କେତେ ବା ସେ ସହିବ । ଯିଏ ତା ତ୍ୟାଗ ବଳରେ ଜଗତକୁ ହସାଉଛି, ଖୁସିର ଲହର ଖେଳାଉଛି ଆଜି ତା ଘରେ ଶୋକର ବାତାବରଣ ସୃଷ୍ଟି ହେଇଛି । କି କୋହଭରା ଦୃଶ୍ୟ ସତେ । ଶତ୍ରୁକୁ ବିନାଶ କରି, ଭାରତ ମାତାକୁ ରକ୍ଷା କରିବା ପଥରେ ସେମାନେ ଅଗ୍ରସର । ପଛକୁ ଫେରିବା ଜାଣିନାହାନ୍ତି ସେମାନେ କାରଣ ସେମାନେ ଅପରାଜୟ, ଦୃଢ଼ ପ୍ରତିଜ୍ଞାବଦ୍ଧ ।

" ହୃଦୟ ସ୍ପନ୍ଦନ କୋଟି ଜନତାର
ତୁମେ ଅମୃତର ଧାରା
ତୁମ ପାଇଁ ସ୍ୱର୍ଗ ସୁଖେ ବାସ ଆମ
ହସେ ଏ ଜଗତ ସାରା । "

ସାରା ଦୁନିଆ ଆଜି ତୁମକୁ ସଲାମ କରୁଛି ତୁମକୁ ପୂଜୁଛି ଆଉ ପୂଜୁଥିବ ମଧ୍ୟ । ଈଶ୍ୱରଙ୍କୁ ଦେଖି ନାହୁଁ ଯେ ଅଦୃଶ୍ୟ ରୂପରେ ଆମର ରକ୍ଷା କରୁଛି କିନ୍ତୁ ତୁମେ ହେ ବୀର ଦୃଶ୍ୟମାନ ଭାବେ ପ୍ରତିକ୍ଷଣ ଆମର ହିତରେ ନିଜ ଜୀବନକୁ ବାଜି ଲଗେଇ ଦେଉଛ । ନିଃସ୍ୱାର୍ଥ ପର ତ୍ୟାଗ ଆଗରେ ମସ୍ତକ ଆଜି ନଇଁ ଯାଉଛି ରେ ଚିରନ୍ତନ ପ୍ରବାହର ଧାରା । ଯେତେ ଝଡ଼ଝଂଝା ପରିସ୍ଥିତି ଆସିଲେ ମଧ୍ୟ ତୁମେ ପଥର ପରି ସ୍ଥିର ଆଉ ଲକ୍ଷ୍ୟ ପଥରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଚ୍ୟୁତହୀନ ଭାବେ ଦଣ୍ଡାୟମାନ । ତୁମେ ତୁମ ଆତ୍ମୀୟଙ୍କୁ ଛାଡି ବିଶ୍ୱବାସୀଙ୍କ ପରିବାରର ସଦସ୍ୟ ସାଜିଛ ତୁମେ । ତୁମ ବକ୍ଷ ଚାରିଆଡ଼େ ବିପଦ ଆଉ ମୃତ୍ୟୁ କିନ୍ତୁ ତୁମେ ରାଷ୍ଟ୍ରର ସେବାରେ ପରମ ଆନନ୍ଦର ଉପଲବ୍ଧି ପଛରେ ଛିଡ଼ା । ରାଷ୍ଟ୍ର ତୁମପାଇଁ ସର୍ବାଗ୍ରେ ଆଉ ମୁଖ୍ୟ । କାରଣ ତୁମେ ରାଷ୍ଟ୍ର ନାୟକ ସାଜି ଯୁଦ୍ଧ କରିବାକୁ ଆଗେଇଛ । ବିଶ୍ୱାସ କର ହେ ବୀର ମୋର ଆମେ ତୁମ ପାଇଁ ସର୍ବଦା ଆପଣାର । ତୁମେ ଚିର ପୂଜନୀୟ ବନ୍ଦନୀୟ ଅଟ । କୋଟି କୋଟି ପ୍ରଣାମ ହେ ବନ୍ଧୁ ଆମର । ଧନ୍ୟ ତୁମର ମାତା ଯେ ଦଶ ମାସ ଦଶ ଦିନ ଗର୍ଭରେ ଧାରଣ କରିଥିଲା ତୁମକୁ ।

ହେ ବୀର ସୈନିକ ....

" ଅନବରତ ସେବା ଯେ କର

ସହି ବର୍ଷା ଖରା ଶୀତ

ତୁମର ଏ ତ୍ୟାଗ ବଳିଦାନ ଯୋଗୁଁ

ହସି ଉଠେ ସାରା ଦେଶ

ରେ ବୀର ହସି ଉଠେ ସାରା ଦେଶ । "

ଠିକଣା - ବଣାଇଁ ଗଡ଼, ସୁନ୍ଦରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମାଜ ଓ ସଚେତନତା

ବେଳେବେଳେ ସଚେତନତା ଏକ ବାର୍ତ୍ତା ଅବା ଦୁଇଟି ଶବ୍ଦ ଭିତରେ ସୀମିତ ରହିଯାଏ.. ଖୁବ କମଲୋକ ଏ କଥାକୁ ଗୁରୁତ୍ୱ ଦିଅନ୍ତି । ଜୀବନ ଓ ସମାଜ ପରସ୍ପର ଜଡିତ ।

ଜୀବନକୁ ନେଇ ସମାଜ, ନା ସମାଜକୁ ନେଇ ଜୀବନ । ସତରେ ଏକ ଅବିରତ ପ୍ରକ୍ରିୟା । ମନୁଷ୍ୟ ବିନା ସମାଜ ନିଷ୍କ୍ରିୟ । ହେଲେ କେତେକ କ୍ଷେତ୍ରରେ ଆଧୁନିକ ମଣିଷ ସଚେତନତା ହରାଏ, ଯେଉଁଥିପାଇଁ ସେ ଆଜିର ସୁନ୍ଦର ସମାଜକୁ ଧ୍ୱଂସଭିମୁଖୀ ଆଡକୁ ଅଗ୍ରସର କରାଏ । ସମାଜକୁ ସୁରକ୍ଷିତ ରଖିବାକୁ ହେଲେ ସଚେତନତା କେବଳ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନୁହେଁ ବରଂ ଶିକ୍ଷା, ସଂସ୍କୃତି, କଳା, ଭାସ୍କର୍ଯ୍ୟ, ସାହିତ୍ୟ, ବିଜ୍ଞାନ, ନୃତ୍ୟ ଓ ବୈଷୟିକ ତଥା ସମସ୍ତ କ୍ଷେତ୍ରରେ ଆବଶ୍ୟକ । ଆଧୁନିକ ସମାଜ ଯେତେ ଉନ୍ନତି ପଥରେ ଅଗ୍ରସର ହେଲେ ବି ଆମର ଗୌରବ ମଣ୍ଡିଥିବା କଳା, ସଂସ୍କୃତି ଯାହା ବିଶ୍ୱ ଦରବାରରେ ପରିଚୟ ପ୍ରତିପାଦନ କରିପାରିଛି, ତାର ସୁରକ୍ଷା କରିବା ଓ ସମ୍ମାନକୁ ବଜାୟ ରଖିବା କ୍ଷେତ୍ରରେ ତତ୍ପର ହେବା ଜରୁରୀ । ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ସହ ବୈଷୟିକ, ମୋବାଇଲ ଓ କମ୍ପ୍ୟୁଟରର ବ୍ୟବହାର, ମନୁଷ୍ୟ ପ୍ରତିମୁହୂର୍ତ୍ତରେ ବିଶ୍ୱର ପ୍ରତି କୋଣକୁ ସ୍ପର୍ଶ କରିପାରୁଛି, ଖୁବ



ପ୍ରିୟଦର୍ଶିନୀ ମହାପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୀଘ୍ର ଆଧୁନିକୀ କରଣ ତାକୁ ଗ୍ରାସ କରିଛି । ଅନ୍ୟ କ୍ଷେତ୍ରକୁ ଯଦି ଆମେ ସୂକ୍ଷ୍ମ ଭାବେ ତର୍ଜମା କରିବା ଆମେ ଆମ ପାଖ ପଡୋଶୀ ସହ ସମ୍ପର୍କରେ ଦୂରତା ଓ ତିକ୍ତତା ରଖିବାରେ ଆନନ୍ଦ ପାଉ । ଆଉ ଦରକାର ପଡିଲେ ସମାଜର ଆମ ଆବଶ୍ୟକ ଥିଲାବେଳେ ନିଜକୁ ଲୁଚାଇବାକୁ ଚେଷ୍ଟା କରୁ । ତେଣୁ ଆମର କେତେକ ବ୍ୟବହାରରେ ସାମୟିକ ପରିବର୍ତ୍ତନ, ସମାଜ ପ୍ରତି ସୁନ୍ଦର ମନୋଭାବ ଓ ସଚେତନତା ଆବଶ୍ୟକ । ସମାଜ ସୁରକ୍ଷା ଓ ଆଗାମୀ ବଂଶଜଙ୍କୁ ଏ ଦିଗରେ ସଚେତନତା ପାଇଁ ଆମର ପରିବର୍ତ୍ତନ ଅନିବାର୍ଯ୍ୟ । କେତେକ ଦିଗକୁ ଗୁରୁତ୍ୱ ନ ଦେଲେ ହୁଏତ ଆମେ ଆମର ଆଗାମୀ ପୀଢ଼ିଙ୍କ ନିକଟରେ ନିଜକୁ ନିର୍ଦ୍ଦୋଷ କରିପାରିବା ନାହିଁ । ନଚେତ ଧୀରେ ଧୀରେ ଏକ କଳୁଷିତ ସମାଜ ଗଢି ବସିବା ଯାହାର ଭୟାବହ କଳନା କରିହେବ ନାହିଁ ।

ପ୍ରିୟଦର୍ଶିନୀ ମହାପାତ୍ର
ଜୟଦେବ ବିହାର
ପୋଲିସ କଲୋନୀ
ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାୟାନଗରୀର ମାୟା

ପ୍ରଥମେ ବମ୍ବେ ପୁଣି ବମ୍ବେରୁ ମୁମ୍ବାଇ ନାମ ବହନ କରୁଥିବା ଆମ ଦେଶ ଭାରତର ବୃହତ୍ତମ ସହର ତଥା ବାଣିଜ୍ୟିକ ରାଜଧାନୀର ଆଉ ଏକ ନାମ ହେଉଛି ମାୟାନଗରୀ । ମାୟାନଗରୀର ଅନେକ ମାୟା ଭିତରେ ଏବେ ଯେଉଁ ମାୟା ତାର କାୟା ବିସ୍ତାର କରିଛି ତା ହେଉଛି ଡ୍ରଗ୍ସ ମାୟା । ଡ୍ରଗ୍ସ କାରବାରର ମୋହ ଭିତରେ ଛନ୍ଦି ହୋଇପଡିଛନ୍ତି ଅନେକ ସେଲିବ୍ରେଟି ଅର୍ଥାତ୍ ବଲିଉଡ ଇଣ୍ଡଷ୍ଟ୍ରିର କେତେକ ନାମୀ ଦାମୀ ଅଭିନେତ୍ରୀଗଣ । କଥାରେ କୁହନ୍ତି ସମସ୍ତେ ମାୟାରେ ବାୟା । ଏଇ ଯେମିତି କିଏ ନିଶା ମାୟାରେ ବାୟା, କିଏ ଟଙ୍କା ମାୟାରେ ବାୟା, ଆଉ କିଏତ ନାରୀ ପ୍ରେମରେ ବାୟା ଇତ୍ୟାଦି । ଏବେ ବିଶ୍ୱ କରୋନା ମାୟାରେ ବାୟା ହୋଇଥିବା ବେଳେ ମୁମ୍ବାଇ ମହାନଗରୀ ନିଶା ଡ୍ରଗ୍ସ ମାୟା ଜାଲରେ ବାୟା ହୋଇପଡିଛି । ମୋହ ମାୟାର ଏଇ ସଂସାରତ ମାୟା ଜାଲ । ଏଠି ମଣିଷ କୋଉ ନା କୋଉ ମାୟାରେ ପଡିଛି । ତଥାପି ମନରେ ବିଭିନ୍ନ ପ୍ରକାର ସ୍ୱପ୍ନ ନେଇ ଆଶା ନେଇ ନିଜ ସ୍ୱପ୍ନକୁ ସାକାର କରିବାକୁ ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରୁ ମଣିଷ ଆସି ପାଦ ଦେଇଥାଏ ଏହି ମାୟାନଗରୀ ମହାନଗରୀ ମୁମ୍ବାଇରେ । ହୁଏତ କାହାର ସ୍ୱପ୍ନ ସାକାର ହୋଇଥାଏ କିଏ ନିଜକୁ ପ୍ରତିଷ୍ଠିତ କରିପାରିଥାଏ ଆଉ କିଏ ଜୀବନ ଯୁଦ୍ଧରେ ହାରିଯାଇ ଏଇ ମାୟାନଗରୀରେ ନିଜ ସତ୍ତା ହରାଇଥାଏ । ମାତ୍ର



ଅଭିମନ୍ୟୁ ବେହେରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଠାରେ ବିଚାର କରିବାର କଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁ ସେଲେବ୍ରିଟିମାନେ ଡ୍ରଗ୍ସ ମାୟାରେ ଛନ୍ଦି ହୋଇଛନ୍ତି ସେମାନେତ ଜଣେ ଜଣେ ପ୍ରତିଷ୍ଠିତ ତଥା ମାୟାନଗରୀ ମୁମ୍ବାଇରେ ନିଜ ସ୍ୱପ୍ନକୁ ସାକାର କରିପାରିଛନ୍ତି । ସ୍ୱପ୍ନର ଶିଖର ଦେଶରେ ପାଦ ଦେଇ ସାରିବା ପରେ ନିଜକୁ ଏତେ ନିମ୍ନଗାମୀ କରିବାକୁ ଚାହୁଛନ୍ତି କାହିଁକି ! ରିଲ୍ ଲାଇଫ୍ରେ ଏତେ ସୁନ୍ଦର ସୁନ୍ଦର ଚରିତ୍ରରେ ଅଭିନୟ କରି କୋଟି କୋଟି ଦର୍ଶକଙ୍କ ମନ କିଣୁଥିବା କଳାକାର ରିୟଲ୍ ଲାଇଫ୍ରେ ଏତେ ତଳକୁ ଖସି ପାରୁଛନ୍ତି କେମିତି ! ସେଲିବ୍ରଟୀ ଜୀବନରେ ଡ୍ରଗ୍ସ କଣ ନିହାତି ଜରୁରୀ । ଭବିଷ୍ୟତରେ ଡ୍ରଗ୍ସ କାରବାରରେ ସମ୍ପୃକ୍ତ ବୋଲି ଯଦି ସେମାନେ ଆଇନ ଆଗରେ ପ୍ରମାଣିତ ହୋଇଯାଆନ୍ତି ସେତେବେଳେ କୋଟି କୋଟି ଦର୍ଶକଙ୍କ ହୃଦୟରେ ଘର କରିଥିବା ସେଇ ପ୍ରିୟ କଳାକାରମାନଙ୍କୁ ଦୁନିଆ କି ଆଖିରେ ଦେଖିବ । ସେମାନଙ୍କ ପ୍ରତି ଭାବନା କେମିତି ରହିବ । ସେ ସବୁ ସମୟ କହିବ ।

ସମୟର ଚକରେ ମାୟାନଗରୀ ମୁମ୍ବାଇ ବର୍ତ୍ତମାନ ଡ୍ରଗ୍ସରେ ଉବୁଟୁବୁ ହୋଇପଡିଛି ଯେମିତି ସୌନ୍ଦର୍ଯ୍ୟମୟୀ ବିଳାସମୟ ମୁମ୍ବାଇ ଆକାଶରେ କଳଙ୍କର କଳାଦାଗ ବାରି ହୋଇପଡିଛି । ମାତ୍ର ଅତ୍ୟାଧୁନିକ ରୁଚି ସମ୍ପନ୍ନ ପରିବେଷର ସମାହାର ଆକାଶ ଛୁଆଁ ଅଟାଳିକା ଗେଟ୍ ଅଫ୍ ଇଣ୍ଡିଆର ପାଦକୁ ସବୁବେଳେ ଧୋଉଥିବା ଆରବ ସାଗର ଆଉ ତାର ଠିକ ସାମ୍ନାରେ ହୋଟେଲ୍ ତାଜମହଲ ର ଦୃଶ୍ୟ ଦେଖିଥିବା ବା ଉପଭୋଗ କରିଥିବା ଲୋକ କେବେବି ଭୁଲିପାରିବନି । ପୁଣି ମହାଲକ୍ଷ୍ମୀଙ୍କ ମନ୍ଦୀର ମୁସଲମାନ ଭାଇମାନଙ୍କର ପବିତ୍ର ହାଜିଆଲି ସର୍ବୋପରି ମା ବମ୍ବା ଦେବୀ ଯାହାଙ୍କ ନାମ ଅନୁସାରେ ମହାନଗରୀର ପ୍ରଥମ ନାମ ଥିଲା ବମ୍ବେ ସେସବୁ କଣ ଭୁଲିହେବ । କିଏ ଭୁଲିପାରିବ ମୁମ୍ବାର କମନ୍ ଫୁଡ ବଡାପାଅ ରାଇସ୍ ପ୍ଲେଟ୍ ଇତ୍ୟାଦିକୁ । ନାରୀମଇନ ପଏଣ୍ଟ ନେଭିନଗର ଜୁହୁ ଚୌପାଟି ନେସନାଲ ପାର୍କ ଭଳି ଏଣ୍ଟରଟେନମେଣ୍ଟର ଖୋରାକ ଯୋଗାଉଥିବା ପେଣ୍ଟସ୍ଥଳୀ ସବୁକୁ କଣ

ଆହ୍ୱାନ ତେଉ଼ିକା

 Magazine Downloaded from www.aahwaan.com

ସହଜରେ ଭୁଲିହେବ । ପୁଣି ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ସାରା ଦୁନିଆରେ ନାଁ କରିଥିବା ଫିଲ୍ମସିଟିକୁ । ଦୁଇ ତାଲା ବସରେ ବସିବାର ମଜାକୁ ସବୁଠାରୁ ମହା ଆଡମ୍ବରରେ ବଡ ବଡ ମୂର୍ତ୍ତିରେ ପୂଜିତ ଗଣପତି ବାବାଙ୍କ ପୂଜାକୁ ନବରାତ୍ର ଦୂର୍ଗା ପୂଜାର ପାର୍ବଣକୁ । ଖାଲି ସେତିକି ନୁହେଁ ମୁମ୍ବାଇରେ ନିଜର ରହିବା ଟିକକ ସୁବିଧା ଥିଲେ ଯେ କୌଣସି କର୍ମ ସଂସ୍ଥାରେ ଯୋଗଦେଇ ମଣିଷ ନିଜକୁ ଉପାର୍ଜନ କ୍ଷମ କରିପାରିବ । ସ୍ପୋକନ ଇଂଲିସ ଓ କମ୍ପ୍ୟୁଟର ଉପରେ ନଲେଜ୍ ଥିଲେ ଯେ କୌଣସି ଅଫିସ୍ ଜବ ପାଇବାକୁ ସକ୍ଷମ ହୋଇପାରିବ । ଜ୍ଞାନ ଆଉ ଗୁଣର ପୂଜାରୀ ମାୟାନଗରୀ ମୁମ୍ବାଇ । କବିତା କି କାହାଣୀ ନୁହେଁ ନିଜର ଅଙ୍ଗେଲିଭା କଥା । ଉଣେଇଶ ଶହ ଏକାନବେ ଓ ବୟାନବେ ଦୁଇ ବର୍ଷର ଛୋଟିଆ ରହଣୀ ଭିତରେ ମୋ ଜୀବନର ଗୋଟିଏ ଛୋଟିଆ ଅନୁଭୂତିକୁ ଏଠାରେ ସେୟାର ନ କରି ରହି ପାରିଲିନି । ଶେଷ ଆଡକୁ ଏତିକି କହିବି ବମ୍ବେର ଦଙ୍ଗା କଥା ଶୁଣିଛି ବମ୍ ବ୍ଲାଷ୍ଟିଙ୍ଗ କଥା ଶୁଣିଛି ପ୍ରବଳ ବର୍ଷାରେ ମୁମ୍ବାଇ ମହାନଗର ବେହାଲ ଟିଭିରେ ଖବର ଦେଖିଛି ହୋଟେଲ ତାଜମହଲରେ ଉଗ୍ରବାଦୀଙ୍କ ନାରକୀୟ ଆକ୍ରମଣ କାହାଣୀ ଶୁଣିଛି ଆଉ ଏବେ ଶୁଣୁଛି ବଲିଉଡର ଡ୍ରଗ୍ସ କାହଣୀ । ମାୟାନଗରୀରେ ଯେତେ ମାୟା ଥାଉ ପଛେ ସବୁ ମାୟାର ଉର୍ଦ୍ଧରେ ଯେଉଁ ଅଦୃଶ୍ୟ ମାୟାଧର ଅଛନ୍ତି ସେ ସମସ୍ତ ମାୟାଜାଲକୁ ଖଣ୍ଡନ କରନ୍ତୁ ଏବଂ ମା ବମ୍ବା ଦେବୀଙ୍କ ଦୟାରୁ ନଗରୀର ଶାନ୍ତି ଫେରିଆସୁ । ଏତିକି କାମନା କରି ରହୁଛି ମୋ ସ୍ମୃତିର ସହର ବମ୍ବେ ଓରଫ ମୁମ୍ବାଇ ପାଇଁ ମହାନଗରୀ ମାୟାନଗରୀର ମାୟା ପାଇଁ ...........

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ

ସ୍ୱାମପାଟଣା,କେନ୍ଦୁଝର

ମୋ - ୯୯୩୮୧୬୭୦୭୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବହୁ ପ୍ରତିଭାର ଅଧିକାରୀ ସୁଧୀର

ସେ ହେଉଛନ୍ତି ଏକାଧାରରେ ଜଣେ ଉତ୍ତମ ଛାତ୍ର, ଏକ ବହୁ ପରିଚିତ କବି, ଚିତ୍ରକର, ଏବଂ ଏକ ସୁନ୍ଦର ଅଭିନେତା । ଏକ ସୁନ୍ଦର ପ୍ରତିଭା । ସେ ସର୍ବଗୁଣସମ୍ପନ୍ନ ପ୍ରତିଭା ସୁଧୀର କୁମାର ବାରିକ । ସେ ନରେଶ ରଞ୍ଜନ ବାରିକ ଏବଂ ଶୈଳବାଳା ବାରିକଙ୍କ ଜ୍ୟେଷ୍ଠ ପୁତ୍ର । ସେ ହେଉଛନ୍ତି ଜଣେ ବହୁ ପ୍ରତିଭାର ଅଧିକାରୀ ଯିଏ ପାଠଶାଠ୍ ସବୁଥିରେ ଏକ ନମ୍ବର ।  ସେ ୨୦୧୦ରେ ରାଜ୍ୟସ୍ତରୀୟ ପୁରସ୍କାର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଓ ରାଜ୍ୟସଭାର ସାଂସଦ ଶ୍ରୀ ବି ସି ପରିଡାଙ୍କ ଠାରୁ ସମ୍ମାନିତ ହୋଇଥିଲେ । ଏବଂ ସବୁଠାରୁ ଗର୍ବର କଥା ସେହି ବର୍ଷ ସେ ଜାତୀୟ ସ୍ତରୀୟ ଗ୍ରୀନ୍ ଅଲିମ୍ପିଆଡ଼ର ପୁରସ୍କାର ନୋବେଲ ପୁରସ୍କାର ବିଜେତା ଶ୍ରୀ ଆର୍ କେ ପାଚୁରିଙ୍କ ଠାରୁ ସମ୍ମାନିତ ହୋଇଥିଲେ । ତାପରେ ସବୁଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସବୁଥିରେ, ଯେମିତି ରଚନା ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ, କବିତା ରଚନା, ଅଭିନୟ ସବୁଥିରେ ସେ ଏକ ନମ୍ବର ଓ ସଭିଙ୍କ ପ୍ରିୟ ଆଉ ଗର୍ବ ଥିଲେ ।



ସେହି ମେଧାବୀ ଛାତ୍ର ରାଜ୍ୟ ଓ ଜାତୀୟ ତରଫରୁ ସଫଳତା ଅର୍ଜନ କରିଥିଲେ । ତାପରେ ପୁଣି ଏକ ଅନୁଷ୍ଠାନରୁ ଗତ ବର୍ଷ ସବୁ ପ୍ରତିଯୋଗିତା ପାଇଁ  ଜିଲ୍ଲା ତରଫରୁ ସଫଳତା ପାଇ ରାଜ୍ୟସ୍ତରୀୟ ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com



ଜିଲ୍ଲାରୁ ଖୋର୍ଦ୍ଧା ଜିଲ୍ଲାର ସେ ଚାମ୍ପିଆନ୍ ହୋଇଥିଲେ ଏବଂ ଅଲ୍ ରାଉଣ୍ଡର୍ ଓ ୟୁଥ୍ ଆଇକନ୍ ପୁରସ୍କାର ପାଇଥିଲେ । ସେଥିରେ ସେ ୭ ଟା ମେଡାଲ୍ ଓ ଟ୍ରଫି ପାଇଥିଲେ ।

ତାପରେ ସେ ପଢା ବ୍ୟତୀତ ତାଙ୍କ ରୁଚିକୁ ମଧ୍ୟ ସାଥିରେ ନେଇ ଆଗକୁ ବଢିଲେ ।

ତାପରେ  ଟିକ୍ ଟକ୍ ରେ ଆସିଲେ ସେଥିରେ ସେ ବହୁତ ଭଲ ପାଇବା ସାଉଁଟିଲେ ।  ବହୁତ ସୁନ୍ଦର ଓ ନିଖୁଣ ଅଭିନୟ ତାଙ୍କର । ଖାଲି ସଟ୍ ଭିଡିଓ ନୁହେଁ, ତା ସହିତ ମଜାଦାର, ଦୁଃଖ, ଶିକ୍ଷଣୀୟ ସବୁ ପ୍ରକାର ଭିଡିଓରେ ବହୁତ ଭଲ ପାଇବା ପାଇଲେ ଏବଂ ଏ କୋରନା ସମୟରେ ବହୁତ ଶିକ୍ଷଣୀୟ ଭିଡିଓ ବନେଇ ସବୁଠି ଏମିତି କି ଓଲିଉଡ୍ ର ସବୁ ଅଭିନେତା ଅଭିନେତ୍ରୀଙ୍କ ପ୍ରିୟ ପାଲଟି ଥିଲେ । ବହୁତ ପ୍ରଶଂସା ସମସ୍ତଙ୍କ ଠାରୁ ଲୁଟି ଥିଲା ।

ଯେମିତିକି କୋରନାକୁ ନ ଡରି ତା ପ୍ରତିକାର ଭିଡିଓ, ସଚେତନତା ଉପରେ ଭିଡିଓ, ଆଉ ପଶୁପକ୍ଷୀଙ୍କୁ ସାହାଯ୍ୟ ଉପରେ ବି ବନେଇ ବହୁତ ପ୍ରଶଂସା ପାଇଥିଲେ । ଏବଂ ଆଉ କୋରାନା ଉପରେ ପ୍ରଚାର ପତ୍ର ଏବଂ ଚିତ୍ରକାରୀ ତାଙ୍କୁ ଆହୁରି ସଫଳତା ଦେଇଥିଲା । ଓଲିଉଡ୍ ଜଗତର ଅର୍ଚ୍ଚିତା, ଏଲିନା, ଭୂମିକା, ନୀହାରିକା, ଶୀତଲ, ଦିବ୍ୟା, ସୁରମୟୀ, ସବ୍ୟସାଚୀ, ମଣ୍ଟୁ  ତାଙ୍କ ଚିତ୍ର ଓ ଭିଡ଼ିଓ ସେୟାର କରି ବହୁ ପ୍ରଶଂସା କରିଥିଲେ । ଏମିତିକି ଇନ୍ଷ୍ଟାଗ୍ରାମରେ ଲାଇଭ୍ ଆସି ତାଙ୍କୁ ବହୁତ ପ୍ରଶଂସା କରିଥିଲେ ।

ଖାଲି ସେତିକି ନୁହେଁ କୋରନାକୁ ଜମାରୁ ଡରନା କବିତା ତାଙ୍କୁ ଆଣି ଦେଇଥିଲା

 Magazine Downloaded from www.aahwaan.com

ଆହୁରି ସଫଳତା । ସବୁ ସାମାଜିକ ଗଣମାଧ୍ୟମ, ଖବରକାଗଜରେ ବି ବାହାରିଥିଲା । ବହୁତ ସୁନ୍ଦର କବି ସେ । ବହୁତ୍ କବିତା ଲେଖି ସବୁଠାରୁ ସଫଳତା ପାଇଛନ୍ତି । ଯେପରି, " ମୋ ମାଆ, ପ୍ରିୟ ପରିବାର, ବାପା, ମୋ ପିଲା ଦିନର ମଜା, ପିମ୍ପୁଡ଼ି, ବର୍ଷା, ମଡର୍ଣ୍ଣ ଯୁଗର ନାରୀ, ଅପରାଜିତା, ମଡର୍ଣ୍ଣ ପୁଅ, ଜ୍ଞାନ ଇତ୍ୟାଦି ।  ଏବେ ତାଙ୍କ ଇଂରେଜୀ କବିତା ଆସିଛି ।  ସବୁଠାରେ ସେ ଚର୍ଚ୍ଚାରେ । ଏବେ ତାଙ୍କ ନୂଆ କବିତା ଛଡା ଆଲବମ୍ ଭିଡିଓ ଏବଂ ସର୍ଟ ଫିଲ୍ମ ଆସୁଛି । ବହୁତ ସ୍ଥାନରେ ତାଙ୍କ ବହୁ ପ୍ରଶଂସକ । ବହୁତ ଉଦ୍ଘାଟନ ଉତ୍ସବ ସବୁଠାରୁ ଅଫର୍ ଆସିଛି । ଆମେ ଦେଖିଛୁ ମଧ୍ୟ । ହୃଦୟରୁ ବି ସେ ବହୁତ ଭଲ ଓ ପରୋପକାରୀ  । ଅମୂଲ୍ୟ ରତ୍ନ ସେ ।

ଆଉ ଆଗକୁ ସେ ଓଲିଉଡ୍ ରେ ଖୁବ୍ ଶୀଘ୍ର ପାଦ ଥାପିବାକୁ ଯାଉଛନ୍ତି । ଏହି ଅଲ୍ ରାଉଣ୍ଡର ହିରୋ ଆଉ ଏକ ସର୍ବଗୁଣସମ୍ପନ୍ନ ପ୍ରତିଭା ଆଗକୁ ଏମିତି ଯାଇ ନାମ ରଖନ୍ତୁ ସବୁଠି ଏବଂ ଜଲ୍ଦି  ଓଲିଉଡ୍ ରେ ପୁଣି ନିଜର ପ୍ରତିଭା ଦେଖାନ୍ତୁ । ଏତିକି ଆମର ଶୁଭକାମନା । । ତାଙ୍କ ଫ୍ୟାନ୍ସ୍ ଙ୍କ ପାଇଁ ଆଗକୁ ଆହୁରି ବହୁତ କିଛି ସେ କରିବାକୁ ଚାହୁଁଛନ୍ତି  ।



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ନଭେମ୍ବର ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ନଭେମ୍ବର ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : November 2020

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣନଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବ ନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**